# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଡିସେମ୍ବର ୨୧/୨୦୧୯ (୨୦ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, December 21 / 2019 ★★

୧୬ଶ ଭାଗ ୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ଝିଲ୍ଲୀଙ୍କୁ ଏକଲବ୍ୟ

ଓଡ଼ିଶାର ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ଝିଲ୍ଲୀ ଦଳବେହେରାଙ୍କୁ ଶୁକ୍ରବାର ସମ୍ମାନଜନକ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଛି।

୧୯

୧୧

## ଫ୍ରାଇଡେ ରିଲିଜ୍‌ରେ 'ଦବଙ୍ଗ-୩'

ରିଲିଜ୍ ହୋଇଛି ସଲ୍‌ମାନ ଖାନ୍‌ଙ୍କ ଫିଲ୍ମ 'ଦବଙ୍ଗ୍-୩'। ରିଲିଜ୍‌ର ପ୍ରଥମ ଦିନରେ ହିଁ ଏହାକୁ ଭରପୂର ରେସ୍‌ପନ୍ସ ମିଳିଛି। ଫିଲ୍ମରେ ସୋନାକ୍ଷୀ ଏବଂ ସାଇଙ୍କ ସହ ରୋମାନ୍ସ କାରୁଛନ୍ତି ସଲ୍‌ମାନ।



## ସିଏଏ ନିଆଁ: ଦୁଇଦିନରେ ଗଲାଣି ୯ ଜୀବନ

ନୂଆଦିଲ୍ଲୀ,୨୦।୧୨: ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ ଉଗ୍ର ରୂପ ନେବାରେ ଲାଗିଛି। ଏହି ଆନ୍ଦୋଳନ ହିଂସାରେ ଦୁଇଦିନରେ ୯ ଜଣଙ୍କ ଜୀବନ ଗଲାଣି। ଗୁରୁବାର କର୍ନାଟକର ମେଙ୍ଗାଲୁରୁରେ ୨ ଓ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଜଣକର ମୃତ୍ୟୁ ଘଟିଥିଲା। ଶୁକ୍ରବାର ଉତ୍ତରପ୍ରଦେଶର ବିଜନୋର, କାନପୁର, ମିରଟ, ଫିରୋଜାବାଦ ଓ ସମ୍ଭାଲଠାରେ ହିଂସାକାଣ୍ଡ ଘଟି ୬ ଜଣ ପ୍ରାଣ ହରାଇଛନ୍ତି। ଏହା ବ୍ୟତୀତ କାନପୁରରେ ବିକ୍ଷୋଭ ବେଳେ ୫ ବିକ୍ଷୋଭକାରୀ ଓ ଜଣେ ପୋଲିସ ଆହତ ହୋଇଛନ୍ତି। (ରିପୋର୍ଟ: ପୃଷ୍ଠା-୧୨)


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା

ଭୁବନେଶ୍ୱର/କଟକ-ଆଖୁଆପଦା-ଭଦ୍ରକ- ସୋର - ବାଲେଶ୍ୱର-ବେତନଟି-ବାରିପଦା ମାର୍ଗରେ ସଂଶୋଧିତ ସୁବ୍ୟବସ୍ଥାକରଣ ସମୟ ସାରଣୀ (Rectified Rationalized Timing)

ଏତଦ୍‌ଦ୍ୱାରା ଭୁବନେଶ୍ୱର/କଟକ-ଆଖୁଆପଦା-ଭଦ୍ରକ- ସୋର - ବାଲେଶ୍ୱର-ବେତନଟି-ବାରିପଦା ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନମାନଙ୍କର ପ୍ରଥମ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟସାରଣୀ (1st Draft Rationalized Timing) ପ୍ରସ୍ତୁତ କରାଯାଇ ଦୈନିକ ଖବର କାଗଜ "ସମାଜ" ଓ "ସମ୍ବାଦ" ତା ୧୨.୦୭.୨୦୧୫ ରିଖରେ ପ୍ରକାଶିତ କରାଯାଇ ଅଭିଯୋଗ ପତ୍ର ଆହ୍ୱାନ କରାଯାଇଥିଲା । ଅଭିଯୋଗ ପତ୍ରଗୁଡିକୁ ତର୍ଜମା କରାଯାଇ ଦ୍ୱିତୀୟ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟ ସାରଣୀ (2nd Draft Rationalized Timing) ପୁନଶ୍ଚ ଦୈନିକ ଖବର କାଗଜ "ସମାଜ", "ସମ୍ବାଦ" ଓ "ଧରିତ୍ରୀ" ତା ୨୦.୦୧.୨୦୧୮ ରିଖରେ ପ୍ରକାଶିତ କରାଯାଇଥିଲା । ଅଭିଯୋଗ ତଥା ଆବେଦନ ଗୁଡିକୁ ବିଚାରକୁ ନିଆଯାଇ ମାନଦଣ୍ଡରେ ପରିବର୍ତ୍ତନ କରାଯାଇ ଚୁଡାନ୍ତ/ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ପ୍ରସ୍ତୁତ କରାଯାଇ ପୁନଃ ଦୈନିକ ଖବରକାଗଜ ସମାଜ, ସମ୍ବାଦ ଓ ଧରିତ୍ରୀରେ ତା ୧୯.୦୭.୨୦୧୮ ରିଖରେ ପ୍ରକାଶିତ କରାଯାଇଥିଲା କିନ୍ତୁ କାର୍ଯ୍ୟକାରୀ କରାଯାଇନଥିଲା । ଇତି ମଧ୍ୟରେ ମାନ ଦଣ୍ଡରେ ପରିବର୍ତ୍ତନ କରାଯାଇ ସଂଶୋଧିତ ସୁବ୍ୟବସ୍ଥାକରଣ ସମୟସାରଣୀ (Rectified Rationalized Timing) କୁ ଶେଷଥର ପାଇଁ ଅଭିଯୋଗ ଦାଖଲ ନିମନ୍ତେ ପ୍ରକାଶ କରାଗଲା । ଯାହାକି STA Website www.orissatransport.nic.in/www.odishatransport.gov.in ଉପଲବ୍ଧ ଅଟେ ।

ବି.ଦ୍ର : ସଂଶୋଧିତ ସୁବ୍ୟବସ୍ଥାକରଣ ସମୟସାରଣୀ (Rationalized Timing) ରେ ଯଦି କୌଣସି ତ୍ରୁଟି ପରିଲିଖିତ ହୁଏ ତେବେ ତ୍ରୁଟି ଥିବା ଯାତ୍ରୀବାହି ଯାନର ମାଲିକମାନେ ୩୧.୧୨.୨୦୧୯ ସୁଦ୍ଧା ଉକ୍ତ କାର୍ଯ୍ୟାଳୟରେ ଅଭିଯୋଗ କରିପାରିବେ । ଅଭିଯୋଗ ପତ୍ର ଗୁଡିକୁ Case to Case ଭିତିରେ ତର୍ଜମା କରି ବିଚାରକୁ ନିଆଯିବ । ଉକ୍ତ ସମୟ ପରେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ





# ■ ଜନମତ ସର୍ଭେ ଭବିଷ୍ୟବାଣୀ

# ଝାଡ଼ଖଣ୍ଡରେ ଝୁଲା ବିଧାନସଭା

| ସର୍ବେକ୍ଷଣ ସଂସ୍ଥା | ଭାଜପା | କଂଗ୍ରେସ+ | ଏଜେଏସ୍‌ୟୁ | ଅନ୍ୟ |
|---|---|---|---|---|
| ଆଇଏଏନ୍‌ଏସ୍-ସି ଭୋଟର-ଏବିପି | ୩୨ | ୩୫ | ୫ | ୯ |
| ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ | ୨୨-୩୨ | ୩୮-୫୦ | ୩-୫ | ୬-୧୧ |
| କସିସ୍ ନ୍ୟୁଜ୍ | ୨୫-୩୦ | ୩୭-୪୯ | ୨-୪ | ୨-୪ |
| ଏନ୍‌ଡିଟିଭି | ୨୯ | ୪୦ | ୧୨ | |



ରଘୁବର ଦାସ



ହେମନ୍ତ ସୋରେନ

**ନୂଆଦିଲ୍ଲୀ/ରାଞ୍ଚି,୨୦।୧୨**

ଝାଡ଼ଖଣ୍ଡରେ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ପୁନଃ କ୍ଷମତାସୀନ ହେବା ଆଶା ଧୂଳିସାତ୍ ହୋଇଛି। କାରଣ ଶୁକ୍ରବାର ଚୂଡ଼ାନ୍ତ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ସନ୍ଧ୍ୟାରେ ଝୁଲା ବିଧାନସଭାର ଭବିଷ୍ୟବାଣୀ କରିଛନ୍ତି ଅଧିକାଂଶ ଜନମତ ସର୍ବେକ୍ଷଣ ସଂସ୍ଥା। ବୁଥ୍ ଫେରନ୍ତା ମତଦାତାଙ୍କଠାରୁ ସଂଗୃହୀତ ତଥ୍ୟାନୁସାରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଲାଭ ନ କଲେ ବି ୩୮ରୁ ଊର୍ଦ୍ଧ୍ୱ ଆସନ ଦଖଲ କରିବ। ଏହି ମେଣ୍ଟ ୪ରୁ ୭ ସ୍ୱାଧୀନ ବିଧାୟକଙ୍କୁ ନେଇ ସରକାର ଗଠନ ଦିଗରେ ଅଗ୍ରସର ହେବ। ଭାଜପା କ୍ଷମତାଚ୍ୟୁତ ହେବା ସହ ଜେଏମ୍‌ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବେ। ଶାସକ ଭାଜପା ୨୨ରୁ ୩୨ ଆସନରେ ସୀମିତ ରହିବ ଏବଂ ଏହାର ପୂର୍ବତନ ସହଯୋଗୀ ତଥା ସୁଦେଶ ମହାତୋଙ୍କ ନେତୃତ୍ୱାଧୀନ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟସ୍ ୟୁନିୟନ୍ (ଏଜେଏସ୍‌ୟୁ)କୁ ୩ରୁ ୫ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ଝାଡ଼ଖଣ୍ଡ ବିକାଶ ମୋର୍ଚ୍ଚା (ଜେଭିଏମ୍) ୨ରୁ ୪ ଆସନରେ ବିଜୟୀ ହୋଇପାରେ। ତେଣୁ ଜେଭିଏମ୍ ଅଧ୍ୟକ୍ଷ ବାବୁଲାଲ ମାର୍ଣ୍ଡି କିଙ୍ଗ୍ ମେକର ଭୂମିକାରେ ଅବତୀର୍ଣ୍ଣ ହେବେ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ ପୂର୍ବାନୁମାନ କରିଛନ୍ତି।

୮୧ ସଦସ୍ୟତା ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାର ୬୫ ଆସନରେ ନଭେମ୍ବର ୩୦ରୁ ଡିସେମ୍ବର ୧୬ ମଧ୍ୟରେ ୪ଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଇଥିଲା। ଅବଶିଷ୍ଟ ୧୬ ଆସନରେ ଶୁକ୍ରବାର ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ହୋଇଛି। ଆଇଏଏନ୍‌ଏସ୍-ସିଭୋଟର-ଏବିପି ଏକ୍‌ଜିଟ୍ ପୋଲ ଅନୁସାରେ ଜେଏମ୍‌ଏମ୍-କଂଗ୍ରେସ-ଆର୍‌ଜେଡି (ଲାଲୁ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ) ମେଣ୍ଟକୁ ସରକାର ଗଠନ ସକାଶେ କୁହୁକ ସଂଖ୍ୟା ୪୧ ହାସଲ ଲାଗି ବେଶି କସରତ କରିବାକୁ ପଡ଼ିବ ନାହିଁ। ଏହି ମେଣ୍ଟକୁ ୩୫ ଆସନ ମିଳିବାକୁ ଥିବାବେଳେ ଭାଜପାକୁ ୩୨, ଏଜେଏସ୍‌ୟୁକୁ ୫ ଓ ଅନ୍ୟଙ୍କୁ ୯ ଆସନରେ ସଫଳତା ମିଳିବ। ତେଣୁ ଭାଜପା ପାଇଁ କ୍ଷମତାକୁ ☞ପୃଷ୍ଠା-୪

### ଭାଜପାକୁ ଶକ୍ତ ଝଟକା




- ■ ଧରାଶାୟୀ ହେବେ ରଘୁବର ସରକାର
- ■ ମୁଖ୍ୟମନ୍ତ୍ରୀ ଆସନରେ ବସିପାରନ୍ତି ହେମନ୍ତ ସୋରେନ
- ■ କିଙ୍ଗ୍ ମେକର ଭୂମିକାରେ ବାବୁଲାଲ ମାର୍ଣ୍ଡି
- ■ ସୋମବାର ଭୋଟ ଗଣତି ପରେ ସ୍ପଷ୍ଟ ହେବ ସ୍ଥିତି

## ବଢ଼ିଛି ଧାନ ସଂଗ୍ରହ

### ଗତ ବର୍ଷ ତୁଳନାରେ ୫୬ ପ୍ରତିଶତ ଅଧିକ

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ଚଳିତଥର ବର୍ଷ ଖରିଫ ଧାନ ସଂଗ୍ରହରେ ବୃଦ୍ଧି ପାଇଛି। ୨୦୧୯ ଡିସେମ୍ବର ୨୦ ତାରିଖ ସୁଦ୍ଧା ରାଜ୍ୟରୁ ମୋଟ ୧୧୪ ଲକ୍ଷ ୫୫ ହଜାର ୪୪୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଗତ ବର୍ଷ ତୁଳନାରେ ୫୬ ପ୍ରତିଶତ ଅଧିକ ରହିଛି। ଗତ ବର୍ଷ ଏହି ସମୟ ସୁଦ୍ଧା ୭୩ ଲକ୍ଷ ୩୬ ହଜାର ୨୭୪ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ଅନ୍‌ଲାଇନ ଚାଷୀ ପଞ୍ଜୀକରଣ, ପି-ପାସ, ଆଗୁଆ ଟୋକନ ବ୍ୟବସ୍ଥା ଏବଂ ଧାନ ସଂଗ୍ରହ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ଯୋଗୁ ଏହା ସମ୍ଭବ ହୋଇ ପାରିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ବିଭାଗ ପକ୍ଷରୁ ଖୋଲାଯାଇଥିବା କଲ୍ ସେଣ୍ଟର ଯୋଗୁ ଚାଷୀମାନେ ସିଧାସଳଖ ମୋବାଇଲରେ କଥାବାର୍ତ୍ତା ହୋଇ ଧାନ ସଂଗ୍ରହ କେନ୍ଦ୍ରର ବ୍ୟବସ୍ଥା, ଆଗୁଆ ଟୋକନ ପ୍ରଦାନ ଇତ୍ୟାଦି ବିଷୟରେ ଜାଣି ପାରୁଛନ୍ତି। ମତାମତ ସଂଗ୍ରହ କରାଯାଇ ଧାନ ସଂଗ୍ରହ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ବରଗଡ ଜିଲାରେ ଶୁକ୍ରବାର ସୁଦ୍ଧା ସର୍ବାଧିକ ୩୮ ଲକ୍ଷ ୧୧ ହଜାର ୮୯୨ କୁଇଣ୍ଟାଲ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଗୁଜରାଟ ସିଣ୍ଡ୍ରୋମ୍



Taste the difference! Vencobb FRESH CHICKEN

20.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 88 | 142 | 152 |
| DKL | 91 | 146 | 156 |
| BDK | 84 | 137 | 147 |
| BLS | 84 | 137 | 147 |
| ANG | 92 | 148 | 158 |
| BHM | 92 | 148 | 158 |

*Conditions Apply

Issued in the Interest of Consumers




# ଟାଇଟଲ ବିଜୟିନୀ ସ୍ୱାଗତିକା



ବଲାଙ୍ଗୀର ସହରର ଆଦିବାସୀ ଝିଅ ସ୍ୱାଗତିକା କୁଅଁର ଜାତୀୟସ୍ତରରେ ଆୟୋଜିତ ମିସ୍ ତିଆରା କୁଇନ୍ ଅଫ୍ ଭାରତ–୨୦୧୯ ପ୍ରତିଯୋଗିତାର ଟାଇଟ୍‌ଲ ବିଜୟିନୀ ହୋଇଛନ୍ତି । ଡିସେମ୍ବର ୩୦ରେ ଛତିଶଗଡ ରାଜଧାନୀ ରାୟପୁରର କାଇଟ୍ କଲେଜଠାରେ ଅନୁଷ୍ଠିତ ଏହି ସୁନ୍ଦରୀ ପ୍ରତିଯୋଗିତାରେ ସ୍ୱାଗତିକାଙ୍କୁ ପୁରସ୍କୃତ କରାଯାଇଛି । ଏମ୍‌ଏସ୍ କ୍ରିଏସନ୍ କମ୍ପାନୀ ତରଫରୁ ସର୍ବଭାରତୀୟସ୍ତରରେ ମିସ୍ ତିଆରା କୁଇନ୍ ଅଫ୍ ଭାରତ ନାଁରେ ସୁନ୍ଦରୀ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଫାଇନାଲ ରାଉଣ୍ଡରେ ସ୍ୱାଗତିକା ବିଜୟୀ ହୋଇ ମିସ୍ ତିଆରା କୁଇନ୍ ଅଫ୍ ଭାରତ ଟାଇଟଲ ଜିତିଛନ୍ତି ।

“ଶେଷ ଫର୍ଦ୍ଦରେ ପହଞ୍ଚିଛି ୨୦୧୯ର କ୍ୟାଲେଣ୍ଡର । ଆଗକୁ ମାଡ଼ି ଚାଲିଛି ସମୟ । ପଛରେ ରହିଯାଇଛି ଅନେକ ଘଟଣା, ଦୁର୍ଘଟଣା, ବାଦବିବାଦ ଓ ପ୍ରତିକ୍ରିୟା । ରାଜନୀତିର ଘୋଡ଼ାଦୌଡରେ ଅନେକ ବିଜୟ, ପରାଜୟକୁ ସାଉଁଟିଛି ଏହି ବର୍ଷ। ସେମିତି କିଛି କଥା, କାହାଣୀ ଓ ଫଟୋକୁ ନେଇ ଆଜିର ସ୍ୱତନ୍ତ୍ର ପୃଷ୍ଠା ‘ସ୍ମୃତିରେ ୨୦୧୯’ ।”



## ମମତାଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗଲ ପୁରସ୍କାର

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସୁନାମୁଦି ଉପସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ଭୋଇଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ ପୁରସ୍କାର ମିଳିଛି । ଉପାନ୍ତ ଅଞ୍ଚଳରେ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଚଳିତବର୍ଷ ଓଡିଶାରୁ ମମତା ଭୋଇ ମନୋନୀତ ହୋଇଥିଲେ । ଡିସେମ୍ବର ୫ରେ ନୂଆଦିଲ୍ଲୀଠାରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆୟୋଜିତ ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମମତାଙ୍କୁ ପ୍ରଶସ୍ତିପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ ।



## ପୁଣି ପୁଞ୍ଜିଲାଲ

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମାଷ୍ଟରମାଇଣ୍ଡ ପୁଞ୍ଜିଲାଲ ମେହେର କୁଆଡ଼େ ପାଟଣାଗଡ଼ ଉପକାରାଗାରରୁ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ। ତାଙ୍କ ସହିତ ଅନ୍ୟ ୬ କଏଦୀ ବି ଥିଲେ । ହେଲେ ସୁରକ୍ଷା କର୍ମୀଙ୍କ ଉପସ୍ଥିତ ବୃଦ୍ଧି ଯୋଗୁ ଏହି ଯୋଜନା ପଣ୍ଡ ହୋଇଥିଲା । ସମସ୍ତଙ୍କୁ ସୁରକ୍ଷା କର୍ମୀମାନେ କାବୁ କରି ଜେଲରେ ଭର୍ତ୍ତି କରିଥିଲେ । ଜେଲରୁ ଫେରାର ଉଦ୍ୟମ ଏବଂ ଅନ୍ତେବାସୀଙ୍କ ଅନଶନ ଘଟଣାର ତଦନ୍ତ ପାଇଁ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ବୁଝାଶୁଝା କରିଥିଲେ ।

## ବଲାଙ୍ଗୀର-ବିଚ୍ଛୁପାଲିକୁ ଟ୍ରେନ ଗଡ଼ିଲା



ଜାନୁୟାରୀ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀରଠାରେ ୧୫୫୦କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଥିଲେ। ଏହି ଅବସରରେ ବଲାଙ୍ଗୀର–ବିଚ୍ଛୁପାଲି ସେକ୍ସନ ରେଳଲାଇନ୍, ବଲାଙ୍ଗୀର– ବିଚ୍ଛୁପାଲି ମଧ୍ୟରେ ନୂତନ ରେଳ ଚଳାଚଳ ଆରମ୍ଭ ହୋଇଥିଲା। କେବଳ ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ା ବହୁମୁଖୀ ଲଜିଷ୍ଟିକ୍ ପାର୍କ, ଝାରସୁଗୁଡ଼ା–ବିଜୟନଗରମ୍ ରେଳଲାଇନ୍ ଏବଂ ସମ୍ବଲପୁର–ଅନୁଗୋଳ ରେଳ ଲାଇନ୍ ବିଦ୍ୟୁତୀକରଣ, ବରପାଲି–ଡୁଙ୍ଗୁରିପାଲି ଏବଂ ବଲାଙ୍ଗୀର–ଦେଓଗାଁ ରେଳପଥର ଦୋହରୀକରଣ ତଥା ଥେରୁବାଲି–ସିଙ୍ଗାପୁରରୋଡ ଷ୍ଟେଶନ ମଧ୍ୟରେ ୫୮୮ନମ୍ବର ବ୍ରିଜ୍‌ର ଲୋକାର୍ପଣ କରିଥିଲେ ।

## ରୀତାଙ୍କ ରେକର୍ଡ

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ଚଳିତ ବର୍ଷ ଏକ ନୂଆ ରେକର୍ଡ ସୃଷ୍ଟି କରିଥିଲା । ଅକ୍ଟୋବର ୨୧ରେ ଅନୁଷ୍ଠିତ ଏହି ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ରୀତା ସାହୁ ୯୭ହଜାର ୯୯୦ ଭୋଟ୍‌ରେ ବିଜୟୀ ହୋଇ ରାଜ୍ୟରେ ରେକର୍ଡ଼ ସୃଷ୍ଟି କରିଥିଲେ। ରୀତାଙ୍କ ସପକ୍ଷରେ ୧ଲକ୍ଷ ୩୫ହଜାର ୯୫୭ ଖଣ୍ଡ ଭୋଟ୍ ଯାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସନତ ଗଡ଼ତିଆଙ୍କୁ ୩୭ହଜାର ୯୬୭ଖଣ୍ଡ ଭୋଟ୍ ମିଳିଥିଲା। ଅନ୍ୟପଟେ କଂଗ୍ରେସକୁ କ୍ରମାଗତ ତୃତୀୟଥର ପାଇଁ ଅମାନତ ହରାଇବାକୁ ପଡ଼ିଥିଲା। କେବଳ ସେତିକି ନୁହେଁ, ରୀତା ଉକ୍ତ ନିର୍ବାଚନ ମଣ୍ଡଳୀରେ ଦଳ ପାଇଁ ହ୍ୟାଟ୍ରିକ ବିଜୟ ଆଣିଥିଲେ ।



## କଂସ ବିବାଦ



ଭୁବନେଶ୍ୱର ପ୍ରଧାନ

ଚଳିତ ବର୍ଷ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆରମ୍ଭ ନ ହେଉଣୁ କଂସ ବିବାଦ ଦେଖାଦେଇଥିଲା। ନଭେମ୍ବର ୨ରେ ଧନୁଯାତ୍ରା ମହୋତ୍ସବ ସମିତିର ବୈଠକ ବସିଥିଲା । ଏଥିରେ କଂସ ଅଭିନେତା ଚୟନ ବଦଳରେ କର୍ମକର୍ତ୍ତା ଚୟନ ପାଇଁ ଉପସ୍ଥିତ ସଭ୍ୟଙ୍କ ସ୍ୱର ଦୃଢ଼ ରହିଥିଲା। ଶେଷରେ ଧନୁଯାତ୍ରା ମହୋତ୍ସବ ସମିତି କଂସ ସମେତ ଅନ୍ୟ କଳାକାର ଚୟନ ପାଇଁ ନିଷ୍ପତ୍ତି ନେଇଥିଲା । ପରମ୍ପରା ଅନୁଯାୟୀ, ଜଣେ କଂସ ଅଭିନେତା ସମିତିର କୌଣସି ନିୟମ ଉଲ୍ଲଂଘନ ନ କଲେ ଅତିକମ୍‌ରେ କ୍ରମାଗତ ୩ଥର ଅଭିନୟ କରି ପାରିବେ । ଏହାସତ୍ତ୍ୱେ ସେଥିରେ ବ୍ୟତିକ୍ରମ ଦେଖାଦେଇଥିଲା। ନଭେମ୍ବର ୧୪ରେ ଅନ୍ୟ ଏକ ବୈଠକରେ ଭୁବନେଶ୍ୱର ପ୍ରଧାନ ପୁଣି ଏଥର କଂସ ଭୂମିକାରେ ଅଭିନୟ କରିବେ ବୋଲି ସମିତି ଘୋଷଣା କରିଥିଲା ।

## ଟୋକନ ତାତି



ଏଥର ଧାନ କିଣାକୁ ନେଇ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ସରକାରଙ୍କ ଟୋକନ ବ୍ୟବସ୍ଥାକୁ ଚାଷୀମାନେ ବିରୋଧ କରିଥିଲେ। ଏଥିପାଇଁ ବିଭିନ୍ନ ସ୍ଥାନରେ ଚାଷୀମାନେ ରାସ୍ତାରୋକୋ କରିବା ସହ ଶହ ଶହ ବସ୍ତା ଧାନ ରାସ୍ତା ଉପରେ ଗଦା କରି ରଖିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ସ୍ଥାନୀୟ କେତେଜଣ ବିଧାୟକଙ୍କ ଘର ଆଗରେ ଚାଷୀମାନେ ଧାନଗାଡ଼ି ରଖି ଏହି ବ୍ୟବସ୍ଥାର ଉଚ୍ଛେଦ ଦାବି କରିଥିଲେ ।

## ହୀରାକୁଦ ନିଷିଦ୍ଧାଞ୍ଚଳରେ ମନ୍ତ୍ରୀଙ୍କ ଝିଅ, ୩ ଅଭିନେତ୍ରୀ

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ନିଷିଦ୍ଧାଞ୍ଚଳରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଝିଅ ଦୀପାଳି ଦାସ, ଓଡ଼ିଆ ଫିଲ୍ମ ଅଭିନେତ୍ରୀ ପ୍ରକୃତି ମିଶ୍ର, ଏଲିନା ସାମନ୍ତରାୟ ଓ ଲୋଭିନା ନାୟକ ଉଠାଇଥିବା ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ସହ ବିବାଦ ସୃଷ୍ଟି କରିଥିଲା । ସମ୍ବଲପୁର ଏସ୍‌ପି କନୱର ବିଶାଲ ସିଂ ଉକ୍ତ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବି ଭୁବନେଶ୍ୱରର ଏକ ଥାନାରେ ଅଭିଯୋଗ ହୋଇଥିଲା ।

## ବର୍ଷ ଆରମ୍ଭରୁ ସିମ୍‌ରନ



ଚଳିତ ବର୍ଷ ଆରମ୍ଭରୁ ଅଭିନେତ୍ରୀ ସିମରନ୍ ମାରିଓଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ଚହଳ ସୃଷ୍ଟି ହୋଇଥିଲା। ସମ୍ବଲପୁର ଜିଲା ବୁର୍ଲା ଥାନା ଅନ୍ତର୍ଗତ ମହାନଦୀ ବ୍ରିଜ୍ ତଳୁ ଜାନୁୟାରୀ ୩ ତାରିଖ ସକାଳ ୯ଟାରେ ସମ୍ବଲପୁରୀ ଆଲବମ୍‌ର ଖ୍ୟାତନାମା ଅଭିନେତ୍ରୀ ସିମରନ୍‌ଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା । ତାଙ୍କୁ ହତ୍ୟାକରି ବ୍ରିଜ ତଳକୁ ଫିଙ୍ଗି ଦିଆଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ‘ସେଲ୍‌ଫି ବେବୋ’, ‘ରିମ୍‌ଝିମ୍ ପାନି’, ‘ଛୁକ୍ ଛୁକ୍ ଛୁକ୍ ଛୁକ୍ ରେଳ ଗାଡି’ ଭଳି ସୁପରହିଟ୍ ଗୀତର ନାୟିକା ସିମରନ୍‌ଙ୍କ ମୃତ୍ୟୁ ଘଟଣାରେ ତାଙ୍କ ତଥାକଥିତ ସ୍ୱାମୀ କୁହାଯାଉଥିବା ଧ୍ରୁବରାଜ ସୁନାଙ୍କୁ ପୋଲିସ ଗିରଫ କରିଥିଲା ।



## ଏନ୍‌ଇଇଟି ଟପ୍ପର ଆଶୁତୋଷ

ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ୨୦୧୯ରେ ବଲାଙ୍ଗୀରର ୟୁବୋଦୟ କଲେଜ ଛାତ୍ର ଆଶୁତୋଷ ପଣ୍ଡା ୭୨୦ରୁ ୬୮୨ ମାର୍କ ରଖି ଓଡିଶା ଟପ୍ପର ହେବା ଚଳିତ ବର୍ଷର ଏକ ବଡ଼ ଖବର ଥିଲା । ସର୍ବଭାରତୀୟସ୍ତରରେ ଆଶୁତୋଷଙ୍କ ର୍ୟାଙ୍କ ୭୩ ରହିଥିଲା । ବଲାଙ୍ଗୀର ସହର ପ୍ୟାଲେସ ପଡିଆ ପାଖ ବାସିନ୍ଦା ରାଜକିଶୋର ପଣ୍ଡା ଓ ସୁଷମା ପାଢ଼ୀଙ୍କ ପୁଅ ଆଶୁତୋଷ ଭୁବନେଶ୍ୱରରେ ଥିବା ୟୁବୋଦୟ ଆଡଭାନ୍ସ କ୍ଲାସେସ୍‌ରେ ଗୋଟିଏ ବର୍ଷ କୋଚିଂ ନେବା ପରେ ଏନ୍‌ଇଇଟି ପରୀକ୍ଷା ଦେଇଥିଲେ ।



## କନିଷ୍ଠ ଯନ୍ତ୍ରୀଙ୍କୁ ଉଠ୍‌ବସ୍

ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ବିଚ୍ ରାସ୍ତାରେ ସର୍ବସମ୍ମୁଖରେ ଉଠବସ୍ କରିବା ଘଟଣାରେ ବିବାଦୀୟ ହୋଇପଡିଥିଲେ ପାଟଣାଗଡ ବିଧାୟକ ସରୋଜ ମେହେର । ଶେଷରେ ତାଙ୍କୁ ପୋଲିସ ଗିରଫ କରି ଜେଲକୁ ପଠାଇଥିଲା। ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ କୋର୍ଟ ବନ୍ଦ ଥିବାରୁ ପୋଲିସ ବିଧାୟକ ମେହେରଙ୍କୁ ଏଡିଜେ ମମିତା ଦାସଙ୍କ ଆବାସିକ ଅଫିସରେ ପ୍ରଡ୍ୟୁସ୍ କରିଥିଲା । କାର୍ଯ୍ୟବନ୍ଦ ଆନ୍ଦୋଳନରେ ଓକିଲମାନେ ଥିବାରୁ ଏଡିଜେଙ୍କ ସମ୍ମୁଖରେ ବିଧାୟକ ମେହେର ନିଜେ ନିଜର ଜାମିନ୍ ଆବେଦନ କରିଥିଲେ । ହେଲେ କୋର୍ଟ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ ।



ଶବକୁ ଯେପରି ଚିତା ଖାଇଯାଏ, ଲୋକଙ୍କୁ
ସେହିପରି ଈର୍ଷା ଖାଇଯାଏ।
- ସେଣ୍ଟ୍ ଜନ୍ କ୍ରିଷୋଷ୍ଟୋମ୍



■ କଣ୍ଟାବାଞ୍ଜି ବିଧାନସଭା ମାମଲା

# ୨ ସପ୍ତାହ ମଧ୍ୟରେ ଜବାବ ଦାଖଲ ନିର୍ଦ୍ଦେଶ

**କଟକ ଅଫିସ, ୨୦।୧୨**

କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଓକିଲ ହାଇକୋର୍ଟରେ ହାଜର ହୋଇଛନ୍ତି। ବିଧାୟକଙ୍କ ପକ୍ଷରୁ ତାଙ୍କ ଓକିଲ ହାଇକୋର୍ଟରେ ପକ୍ଷ ରଖିଥିଲେ। କଣ୍ଟାବାଞ୍ଜି ବିଧାନସଭା ମାମଲାରେ ଭାରତୀୟ ନିର୍ବାଚନ କମିଶନ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ରିଟର୍ନିଂ ଅଫିସରଙ୍କ ପକ୍ଷରୁ କୁହାଯାଇଥିଲା, ସେମାନଙ୍କୁ ମାମଲାରେ ପକ୍ଷଭୁକ୍ତ ନ କରିବା ପାଇଁ। କାରଣ ସେମାନେ ନିର୍ବାଚନ ଲଢୁ ନ ଥିବାରୁ ଉକ୍ତ ମାମଲାରେ ପକ୍ଷଭୁକ୍ତ କରିବାର ଆବଶ୍ୟକତା ନ ଥିବା ସେମାନେ ଦର୍ଶାଇଥିଲେ। ଯେହେତୁ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବିଶେଷକରି ଇଭିଏମ୍ ସେମାନଙ୍କ ଦାୟିତ୍ୱରେ ଥିଲା ତେଣୁ ଉକ୍ତ ମାମଲାରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢିଥିଲେ। କଣ୍ଟାବାଞ୍ଜି ବିଧାନସଭା ଆସନକୁ ନେଇ ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ ଓ ବିଜେଡି ପ୍ରାର୍ଥୀ ଅଜୟ ଦାସଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଛି। ଉଭୟ ମାମଲାର ଏକତ୍ର ଶୁଣାଣି ହାଇକୋର୍ଟରେ ଚାଲିଛି। ଏହି ମାମଲାରେ ଆସନ୍ତା ୨ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ବିଧାୟକ ସାଲୁଜାଙ୍କୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଜାନୁୟାରୀ ୧୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି।

ସୂଚନାଥାଉ କି, ଗତ ସାଧାରଣ ନିର୍ବାଚନରେ କଣ୍ଟାବାଞ୍ଜି ବିଧାନସଭା ଆସନରେ ଭୋଟ୍ ଫଳାଫଳକୁ ନେଇ ଅମେଳ ତଥ୍ୟ ଆସିଥିବାରୁ ଏହି ମାମଲା ରୁଜୁ ହୋଇଛି। ଉକ୍ତ ଆସନରେ ୧ ଲକ୍ଷ ୮୨ ହଜାର ୪୧୧ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। କିନ୍ତୁ ଭୋଟ୍ ଗଣତି ସମୟରେ ଇଭିଏମ୍‌ରୁ ୧ ଲକ୍ଷ ୯୧ ହଜାର ୦୭୭ ଖଣ୍ଡ ଭୋଟ୍ ବାହାରିଥିଲା। ସମୁଦାୟ ମତଦାନ ଓ ଇଭିଏମ୍‌ରୁ ବାହାରିଥିବା ଭୋଟ ମଧ୍ୟରେ ୮୬୬୬ ଭୋଟର ବ୍ୟବଧାନ ଥିଲା। ଏଭଳି ଫଳାଫଳକୁ ନେଇ ପରାଜିତ ପ୍ରାର୍ଥୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେଣୁ ଏହି ଫଳାଫଳକୁ ଅସିଦ୍ଧ ଘୋଷଣା କରିବା ଲାଗି ଆବେଦନକାରୀମାନେ କୋର୍ଟଙ୍କୁ ନିବେଦନ କରିଛନ୍ତି। ବିଧାୟକଙ୍କ ପକ୍ଷରୁ ଏହି ମାମଲାକୁ ବରିଷ୍ଠ ଆଡ୍‌ଭୋକେଟ ବିଦ୍ୟାଧର ମିଶ୍ର ପରିଚାଳନା କରୁଥିବାବେଳେ ତାଙ୍କୁ ତରଣୀକାନ୍ତ ବିଶ୍ୱାଳ, ଭବାନୀ ଶଙ୍କର ପାଣିଗ୍ରାହୀ ଓ ପୁଷ୍ପରାଜ ଭରଦ୍ୱାଜ ସହାୟତା କରୁଛନ୍ତି। ସେହିପରି ଆବେଦନକାରୀ ଲକ୍ଷ୍ମଣ ବାଗଙ୍କ ପକ୍ଷରୁ ଆଡଭୋକେଟ ଅଶ୍ୱିନୀ ଦାସ ମାମଲା ପରିଚାଳନା କରୁଛନ୍ତି।







# ଚଳନ୍ତା ପେଟ୍ରୋଲ ଟ୍ୟାଙ୍କରରେ ନିଆଁ

**ରେଢାଖୋଲ,୨୦।୧୨(ଡି.ଏନ.ଏ.)**

ଚାରମାଳ ଥାନା ହିଣ୍ଡୋଳ ନିକଟ ୫୫ ନଂ. ଜାତୀୟ ରାଜପଥରେ ଶୁକ୍ରବାର ଅପରାହ୍ଣ ୪ଟାରେ ଏକ ଚଳନ୍ତା ପେଟ୍ରୋଲ ଟ୍ୟାଙ୍କରରେ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା। ଟ୍ୟାଙ୍କରରୁ ପ୍ରଥମେ ପ୍ରବଳ ଧୂଆଁ ବାହାରିବା ଦେଖି ଚାଳକ ଓ ହେଲପର ଗାଡିରୁ ଓହ୍ଲାଇପଡିବାରୁ ଅଳ୍ପକେ ରକ୍ଷା ପାଇଛନ୍ତି। ପ୍ରବଳ ଧୂଆଁ ଯୋଗୁ ୫୫ ନଂ. ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ପ୍ରାୟ ଘଣ୍ଟାଏ ଧରି ଅଟକି ରହିଥିଲା। ଖବର ପାଇ ଚାରମାଳ ପୋଲିସ ଓ ରେଢାଖୋଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ ପଦକ୍ଷେପ ନିଆଯାଇଥିବାରୁ ଟ୍ୟାଙ୍କରର କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି। ୪ ହଜାର ଲିଟର ପେଟ୍ରୋଲ ନେଇ ଉକ୍ତ ଟ୍ୟାଙ୍କର (ନଂ.ଓଡି୧୯କ୍ୟୁ-୧୦୧୦) ରେଢାଖୋଲକୁ ଆସୁଥିବା ବେଳେ ୫୫ ନଂ. ଜାତୀୟ ରାଜପଥର ହିଣ୍ଡୋଳ ନିକଟରେ ହଠାତ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା ବୋଲି ଚାଳକ କହିଛନ୍ତି।

# ପ୍ରକାଶ ପାଇଲା ଭାଜପାର ଜିଲା ସଭାପତି ତାଲିକା

- ଏଥର ୪ ବିଧାୟକ, ୨ ପୂର୍ବତନ ବିଧାୟକଙ୍କୁ ଦାୟିତ୍ୱ
- ବଦଳିଲେନି ଯାଜପୁର, ଜଗତ୍‌ସିଂହପୁର ଜିଲା ସଭାପତି
- ଝୁଲିରହିଲା ଭୁବନେଶ୍ୱର, କଳାହାଣ୍ଡି ଜିଲାର ତାଲିକା

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

ରାଜ୍ୟ ଭାଜପା ପକ୍ଷରୁ ଶୁକ୍ରବାର ଦଳର ୩୬ ସାଙ୍ଗଠନିକ ଜିଲା ମଧ୍ୟରୁ ୩୪ଟି ପାଇଁ ସଭାପତିଙ୍କ ନାମ ପ୍ରକାଶ କରାଯାଇଛି। ଗତ ୧୫ ଏବଂ ୧୬ ତାରିଖରେ ଜିଲା ସଭାପତି ଚୟନ ପାଇଁ ଦଳୀୟ ନିର୍ବାଚନ କରାଯାଇଥିଲା। ଏହାର ଫଳାଫଳ ରାଜ୍ୟ ଭାଜପା ପକ୍ଷରୁ ପ୍ରକାଶ କରାଯାଇଥିବା ବେଳେ ୨ଟି ଜିଲା ଯଥା ଭୁବନେଶ୍ୱର ଏବଂ କଳାହାଣ୍ଡି ପାଇଁ ଏ ପର୍ଯ୍ୟନ୍ତ କିଛି ଚୂଡାନ୍ତ ହୋଇନାହିଁ। ରାଜ୍ୟ ନିର୍ବାଚନ ଅଧିକାରୀ ରଞ୍ଜନ ପଟେଲଙ୍କ ଅନୁମୋଦନକ୍ରମେ ସହ ନିର୍ବାଚନ ଅଧିକାରୀ ସୁଦୀପ୍ତ ରାୟ ଏହି ଘୋଷଣା କରିଛନ୍ତି। ଗତଥରର ଦୁଇଜଣ ସଭାପତିଙ୍କୁ ପୁନର୍ବାର ଦାୟିତ୍ୱ ଦିଆଯାଇଥିବାବେଳେ ବାକି ୩୨ଟିରେ ନୂଆ ମୁହଁ ଦେଖିବାକୁ ମିଳିଛି। ଯାଜପୁର ଜିଲା ସଭାପତି ଥିବା ଗୌତମ ରାୟ ଏବଂ ଜଗତ୍‌ସିଂହପୁରର ସତ୍ୟବ୍ରତ ମହାପାତ୍ରଙ୍କ ଉପରେ ପୁଣିଥରେ ଦଳ ଭରସା କରିଛି। ଅନ୍ୟପଟେ ଏଥର ୪ ବିଧାୟକ ଏବଂ ଦୁଇ ପୂର୍ବତନ ବିଧାୟକଙ୍କୁ ଜିଲା ସଭାପତି ଦାୟିତ୍ୱ ମିଳିଛି। ୪ ବିଧାୟକ ହେଲେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ, ମାଲକାନାଗିରି ବିଧାୟକ ଆଦିତ୍ୟ ମାଢ଼ୀ ଏବଂ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ। ସେହିପରି ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଏବଂ ପୂର୍ବତନ ବିଧାୟକ(ବୈଶିଙ୍ଗା) କାନ୍ଦରା ସୋରେନଙ୍କୁ ସଭାପତିଭାବେ ନିଯୁକ୍ତି ଦିଆଯାଇଛି।

ଅନ୍ୟପକ୍ଷରେ ଗୋଷ୍ଠୀ ବିବାଦ ଯୋଗୁ ଭୁବନେଶ୍ୱର ଏବଂ କଳାହାଣ୍ଡି ଜିଲା ପାଇଁ ସଭାପତି ଚୟନ ହୋଇ ପାରି ନ ଥିବା ଚର୍ଚ୍ଚା ହେଉଛି। ସେହିପରି ଦଳ ପକ୍ଷରୁ ୧୮୬ଜଣଙ୍କୁ ରାଜ୍ୟ ପରିଷଦର ସଦସ୍ୟଭାବେ ଚୟନ କରାଯାଇଛି। ଏହି ତାଲିକା ମଧ୍ୟ ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି ଜଣାପଡିଛି। ଜିଲା ସଭାପତିଙ୍କ ତାଲିକା ରବିବାର କେନ୍ଦ୍ରୀୟ ଟିମ୍‌ଙ୍କ ନିକଟକୁ ପଠାଇ ଦିଆଯିବ, ଏହାପରେ ରାଜ୍ୟ ସଭାପତି ଚୟନ ଲାଗି ଦିନ ସ୍ଥିର କରାଯିବ ବୋଲି ସୁଦୀପ୍ତ ରାୟ କହିଛନ୍ତି।

| ସାଙ୍ଗଠନିକ ଜିଲା | ନାମ |
|---|---|
| ୧-ଅନୁଗୋଳ | ଦିଲେଶ୍ୱର ପ୍ରଧାନ |
| ୨-ଢେଙ୍କାନାଳ | ନରେଶ ମହାପାତ୍ର |
| ୩-କଟକ ନଗର | ଲଲାଟେନ୍ଦୁ ବହୁ |
| ୪-କଟକ ସଦର | ପ୍ରକାଶ ଚନ୍ଦ୍ର ବେହେରା |
| ୫-କେନ୍ଦ୍ରାପଡ଼ା | କିଶୋର ପଣ୍ଡା |
| ୬-ଭଦ୍ରକ | ହେମନ୍ତ ପାଢୀ |
| ୭-ବାଲେଶ୍ୱର | ଉମାକାନ୍ତ ମହାପାତ୍ର |
| ୮-କେନ୍ଦୁଝର | ଅଂଶୁମାନ ସବୁଜ ମହନ୍ତ ବର୍ମା |
| ୯-ସୁନ୍ଦରଗଡ଼ | ଭବାନୀ ଶଙ୍କର ଭୋଇ |
| ୧୦-ସୁନ୍ଦରଗଡ଼-ବଣାଇ | ଅନିଲ ବାର୍ଲା |
| ୧୧-ସୁନ୍ଦରଗଡ଼-ପାନପୋଷ | ଲତିକା ପଟ୍ଟନାୟକ |
| ୧୨-ଝାରସୁଗୁଡା | ମଙ୍ଗଳ ସାହୁ |
| ୧୩-ଦେବଗଡ଼ | ମୀନକେତନ ପ୍ରଧାନ |
| ୧୪-ସମ୍ବଲପୁର | ଗିରିଶ ପଟେଲ |
| ୧୫-ବରଗଡ଼ | ଅଶ୍ୱିନୀ ଷଡ଼ଙ୍ଗୀ |
| ୧୬-ବୌଦ୍ଧ | ବିପ୍ରଚରଣ ମହାନ୍ତି |
| ୧୭-ସୁବର୍ଣ୍ଣପୁର | ପ୍ରମୋଦ ମହାପାତ୍ର |
| ୧୮-ବଲାଙ୍ଗୀର | ଶିବାଜୀ ମହାନ୍ତି |
| ୧୯-ନୂଆପଡ଼ା | ସୁବ୍ରତ ଠାକୁର |
| ୨୦-କନ୍ଧମାଳ | ଜଗନ୍ନାଥ ସାହୁ |
| ୨୧-ନବରଙ୍ଗପୁର | ଜଗଦୀଶ ବିଶୋଇ |
| ୨୨-କୋରାପୁଟ | ସୁମନ୍ତ ପ୍ରଧାନ |
| ୨୩-ରାୟଗଡା | ଶିବ ପଟ୍ଟନାୟକ |
| ୨୪-ଗଜପତି | କେ. ନାରାୟଣ ରାଓ |
| ୨୫-ଗଞ୍ଜାମ | ବିଭୂତି ଜେନା |
| ୨୬-ଘୁମୁସର | ଗୋକୁଳାନନ୍ଦ ମଲ୍ଲିକ |
| ୨୭-ନୟାଗଡ଼ | ଲାଲା ମନୋଜ ରାୟ |
| ୨୮-ଖୋର୍ଦ୍ଧା | ରଶ୍ମିରଞ୍ଜନ ମହାପାତ୍ର |
| ୨୯-ପୁରୀ | ଆଶ୍ରିତ ପଟ୍ଟନାୟକ |
| ୩୦-ରାଇରଙ୍ଗପୁର | ନବଚରଣ ମାଝୀ |
| ୩୧-ବାରିପଦା | କାନ୍ଦରା ସୋରେନ |
| ୩୨-ଜଗତ୍‌ସିଂହପୁର | ସତ୍ୟବ୍ରତ ମହାପାତ୍ର |
| ୩୩-ଯାଜପୁର | ଗୌତମ ରାୟ |
| ୩୪-ମାଲକାନଗିରି | ଆଦିତ୍ୟ ମାଢ଼ୀ |





# ବିଭାଗୀୟ ସ୍ଥାୟୀ କମିଟି-୫ର ଏକାଦଶ ବୈଠକ

**ଭୁବନେଶ୍ୱର, ୨୦।୧୨ (ବ୍ୟୁରୋ)**

ବିଧାନସଭା ବିଭାଗୀୟ ସ୍ଥାୟୀ କମିଟି-୫ର ଏକାଦଶ ବୈଠକ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କମିଟିର ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାକୁ ଗତ ନଭେମ୍ବର ୬ରୁ ୮ ମଧ୍ୟରେ ହୋଇଥିବା ଗସ୍ତ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ନେଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ କମିଟିର ସଦସ୍ୟ ଥିବା ବିଧାୟିକା ବିଧାୟକଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




# ୫ ପର୍ଯ୍ୟାୟରେ ହେବ ବିଜେଡି ସାଂଗଠନିକ ନିର୍ବାଚନ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ବିଜୁ ଜନତା ଦଳ(ବିଜେଡି)ର ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ୫ଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ନିର୍ବାଚନ ଚଳିତ ମାସ ୨୭ରୁ ଆରମ୍ଭ ହୋଇ ଆସନ୍ତା ଫେବୃୟାରୀ ୨୬ ଯାଏ ଚାଲିବ। ଦଳୀୟ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପାଦନ କରିବା ପାଇଁ କିଛି ସପ୍ତାହ ତଳେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତାପ କେଶରୀ ଦେବଙ୍କୁ ଦଳୀୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରିଥିଲେ। ସେହିପରି ପ୍ରତାପ ଦେବ ୩୩ ସାଂଗଠନିକ ଜିଲା ପାଇଁ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦେଇସାରିଛନ୍ତି। ଏଥିସହିତ ଦଳ ପକ୍ଷରୁ ବିଭିନ୍ନ ବ୍ଲକ ଏବଂ ନଗରାଞ୍ଚଳ ପାଇଁ ସହାୟକ ନିର୍ବାଚନ ଅଧିକାରୀମାନଙ୍କୁ ନିଯୁକ୍ତ କରିଛନ୍ତି। ଦଳୀୟ ସାଂଗଠନିକ ନିର୍ବାଚନ ସମ୍ପର୍କରେ ଶୁକ୍ରବାର ଖବରଦାତା ସମ୍ମିଳନୀ କରି ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ବିଧାୟକ ତଥା ଦଳୀୟ ନିର୍ବାଚନ ଅଧିକାରୀ ପ୍ରତାପ ଦେବ ଏ ସମ୍ପର୍କିତ ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସଂଗଠକ ବିଜୟ ନାୟକ ନିର୍ବାଚନ ସମ୍ପର୍କିତ ବିଭିନ୍ନ ଦିଗ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅବଗତ କରିଥିଲେ। ପ୍ରତାପ ଦେବ କହିଥିଲେ ଯେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୭ ଡିସେମ୍ବରରୁ ୧୩ ଜାନୁୟାରୀ ମଧ୍ୟରେ ସାଂଗଠନିକ ନିର୍ବାଚନ ହେବ। ଏହି ପର୍ଯ୍ୟାୟରେ ଗ୍ରାମ ପଞ୍ଚାୟତ ସଭାପତି ସହ କମିଟି ସଭ୍ୟ ଏବଂ ନଗରାଞ୍ଚଳ ୱାର୍ଡ ସଭାପତି ଏବଂ କମିଟି ସଭ୍ୟ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୧୪ ଜାନୁୟାରୀରୁ ୨୯ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ବ୍ଲକ ସଭାପତି, ବ୍ଲକ କମିଟି ସଦସ୍ୟ,ଏନ୍ଏସି ସଭାପତି, ଏନ୍ଏସି କମିଟି ସଦସ୍ୟ, ପୌରପରିଷଦ ସଭାପତି ସହ ପରିଷଦ କମିଟି ସଦସ୍ୟ ଏବଂ ମହାନଗର କମିଟି ସଭାପତି ଓ ସଦସ୍ୟ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ତୃତୀୟ ପର୍ଯ୍ୟାୟରେ ଜାନୁୟାରୀ ୩୦ରୁ ଫେବୃୟାରୀ ୧୫ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ପ୍ରତାପ ଦେବ କହିଛନ୍ତି। ୩ୟ ପର୍ଯ୍ୟାୟରେ ଜିଲା ସଭାପତି ଏବଂ ଜିଲା କମିଟି ସଦସ୍ୟ ନିର୍ବାଚନ ହେବ। ସେହିଭଳି ୪ର୍ଥ ପର୍ଯ୍ୟାୟ ନିର୍ବାଚନ ୧୬ ଫେବୃୟାରୀରୁ ୧୮ ମଧ୍ୟରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ପରିଷଦ ସଦସ୍ୟ ପାଇଁ ନିର୍ବାଚନ କରାଯିବ। ଏହା ପରେ ୫ମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ୨୩ ଫେବୃୟାରୀରୁ ୨୬ ମଧ୍ୟରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ରାଜ୍ୟ ସଭାପତି ଏବଂ ରାଜ୍ୟ କାର୍ଯ୍ୟକାରୀ କମିଟି ପାଇଁ ସଭ୍ୟ ନିର୍ବାଚନ ହେବ ବୋଲି ପ୍ରତାପ ଦେବ ସୂଚନା ଦେଇଛନ୍ତି।




# ଶ୍ରଦ୍ଧାଳୁଙ୍କ ପାଇଁ ୧ ହଜାର କୋଠରି ବିଶିଷ୍ଟ ଭକ୍ତ ନିବାସ

**ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ**

- ଆଦର୍ଶ ଗୁରୁକୁଳ ନିର୍ମାଣ ଲାଗି ୧୫ ଏକର ଜମି ଚିହ୍ନଟ
- ଶୃଙ୍ଖଳା ପାଇଁ ଲାଗିବ ମହାପ୍ରସାଦ ଦର ତାଲିକା



ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକ।

**ପୁରୀ ଅଫିସ, ୨୦।୧୨**

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପରିଚାଳନା କମିଟି ବୈଠକ ବସିଥିଲା। ଏଥିରେ ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟ ଯେଉଁ ୨୩ଟି ଆଦେଶ ଦେଇଥିଲେ ତାହା ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇଥିଲା। ଆସନ୍ତା ୮ ତାରିଖରେ ସୁପ୍ରିମ୍‌କୋର୍ଟଙ୍କୁ ଏ ସଂକ୍ରାନ୍ତରେ ରିପୋର୍ଟ ଦିଆଯିବାକୁ ଥିବାରୁ ବୈଠକ ପ୍ରାୟ ସାଢେ ୩ ଘଣ୍ଟା ଧରିଚାଲିଥିଲା। ଏଥିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ଶ୍ରୀମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ କରାଯିବା ସହ ରହଣି ପାଇଁ ମାଟିତୋଟା ମୌଜାରେ ୧ ଏକର ଲେଖାଏ ୬ଟି ପ୍ଲଟରେ ହଜାରେ କୋଠରି ବିଶିଷ୍ଟ ଭକ୍ତ ନିବାସ ତିଆରି କରାଯିବ। ଏହାର ଲେ ଆଉଟ୍ ପ୍ଲାନ କରାଯାଇଛି। ମହାପ୍ରଭୁଙ୍କୁ ଦାନ ଆକାରରେ କୌଣସି ଚାରିଟେବୁଲ ଟ୍ରଷ୍ଟ, ଫାଉଣ୍ଡେଶନ ଅବା ବଡ଼ କମ୍ପାନୀ ସିଏସ୍ଆର ଫଣ୍ଡରେ ଏହି ଭକ୍ତ ନିବାସ ତିଆରି କରିବା ଲାଗି ଆମନ୍ତ୍ରଣ କରାଯିବ। ଏଥିପାଇଁ ଜାନୁୟାରୀ ମାସରେ ବିଜ୍ଞାପନ ବାହାରିବ ଏବଂ ମନ୍ଦିର ପ୍ରଶାସନ ଏହାର ପରିଚାଳନା ଦାୟିତ୍ୱ ନେବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର।

ବୈଠକ ପରେ ମୁଖ୍ୟ ପ୍ରଶାସକ କହିଥିଲେ, ମୁଖ୍ୟତଃ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ସେବାୟତ ଘରର ପିଲାଙ୍କ ଶିକ୍ଷା ପାଇଁ ଆଦର୍ଶ ଗୁରୁକୁଳ ନିର୍ମାଣ ନିମନ୍ତେ ପୂର୍ବରୁ ଓଡ଼ିଶାର ଏକ ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ପାଖରେ ଥିବା ୫ କାଟି ଏବଂ ଏହାର ସୁଧ ଅର୍ଥ ଦେବା ପାଇଁ କହିଛନ୍ତି। ଏଥିଲାଗି ମାଟିତୋଟା ମୌଜାରେ ୧୫ ଏକର ଜମି ଚିହ୍ନଟ ହୋଇଛି। ସୁପ୍ରିମ୍‌କୋର୍ଟ ଯେଉଁ ଅର୍ଥ ଦେବେ ବୋଲି କହିଛନ୍ତି ତାହା କିପରି ଶୀଘ୍ର ଆସିବ ସେଥିଲାଗି ରେଜିଷ୍ଟ୍ରାରଙ୍କୁ ଅନୁରୋଧ କରାଯିବ। ସୌନ୍ଦର୍ଯ୍ୟକରଣ ପାଇଁ ଜଣେ ଭଲ ସ୍ଥପତିଙ୍କୁ ୨୬ ତାରିଖ ମଧ୍ୟରେ ନିଯୁକ୍ତି ଦିଆଯିବ। ଜାନୁୟାରୀ ଶେଷ ସୁଦ୍ଧା ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ସିଂହଦ୍ୱାର ପ୍ରଭୃତି ସ୍ଥାନରେ ସୌନ୍ଦର୍ଯ୍ୟକରଣ ନେଇ ପ୍ଲାନ ପ୍ରସ୍ତୁତ କରି ଦେବା ପରେ ଏହାକୁ ସୁପ୍ରିମ୍‌କୋର୍ଟରେ ଦାଖଲ କରାଯିବ। ଶ୍ରୀମନ୍ଦିରର ଯେଉଁସବୁ ସ୍ଥାନରେ ମରାମତି ଏବଂ ଅନ୍ୟାନ୍ୟ କାମର ଆବଶ୍ୟକତା ରହିଛି ତାର ତାଲିକା ପ୍ରସ୍ତୁତ କରାଯାଇଛି। ସ୍ଥପତି ଦେଖିବା ପରେ ଜାନୁୟାରୀ ୩୦ ସୁଦ୍ଧା ଏହା ଏଏସ୍ଆଇକୁ ପ୍ରଦାନ କରାଯିବ। ଏହି ପ୍ଲାନ ଅନୁଯାୟୀ କାମ କରିବାକୁ ଏଏସ୍ଆଇକୁ ନିର୍ଦ୍ଦେଶ ଦେବା ଲାଗି ସୁପ୍ରିମ୍‌କୋର୍ଟଙ୍କୁ ଅନୁରୋଧ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଭକ୍ତଙ୍କ ସୁବିଧା ଏବଂ ଆନନ୍ଦ ବଜାରରେ ଶୃଙ୍ଖଳା ପାଇଁ ମହାପ୍ରସାଦ ଦର ତାଲିକା ଲଗାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାପାତ୍ର, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।

## ରୀତିନୀତି ଲାଗି ନିଆଯିବ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ

ଶ୍ରୀମନ୍ଦିର ନୀତିକାନ୍ତି ଶୃଙ୍ଖଳିତ କରିବା ଲାଗି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜାଙ୍କ ପରାମର୍ଶ ନେବା ପାଇଁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ନିଷ୍ପତ୍ତି ହୋଇଛି। ଶଙ୍କରାଚାର୍ଯ୍ୟଙ୍କ ପାଖକୁ ସମସ୍ତେ ଯିବୁ। ଶ୍ରୀମନ୍ଦିର ପରିଚାଳନା, ରୀତିନୀତି, ସେବାପୂଜା ସଂକ୍ରାନ୍ତରେ ଜଗଦ୍‌ଗୁରୁଙ୍କ ମତାମତ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

## ଶ୍ରୀମନ୍ଦିର ନାଁରେ ରହିବ ସୁରକ୍ଷା ଜୋନ ଅଧିଗ୍ରହଣ ଜମି

ସେହିପରି ସୁରକ୍ଷା ଜୋନ ମଧ୍ୟରେ ଯେଉଁ ଘରୋଇ ଜମି ଅଧିଗ୍ରହଣ କରାଯାଉଛି ତାହା ବର୍ତ୍ତମାନ ରାଜସ୍ୱ ବିଭାଗ ଖାତାକୁ ଯାଉଛି। କିନ୍ତୁ ଏହି ପ୍ରକଳ୍ପ ଶେଷ ହେବା ପରେ ଭବିଷ୍ୟତରେ ଏହା ଶ୍ରୀମନ୍ଦିର ନାଁରେ କରିବା ଲାଗି ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଖୁସୀ
ପରିବାରବର୍ଗ


ତରୁଲତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଝାଡ଼ଖଣ୍ଡରେ ଝୁଲା ...

ଫେରିବା କଷ୍ଟକର ହେବ। ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ ଅନୁସାରେ ଭାଜପା ୩୪% ଭୋଟ ପାଇବାକୁ ଥିବାବେଳେ କଂଗ୍ରେସ-ଜେଏମ୍ଏମ୍ ୩୭%, ଏଜେଏସ୍‌ୟୁ ୯%, ଜେଭିଏମ୍ ୬% ଓ ଅନ୍ୟ ୧୪% ଭୋଟ ପାଇବେ। ଏହି ଭୋଟ ହାର ଅନୁସାରେ ଭାଜପା ୨୨ରୁ ୩୨ ଆସନ ଦଖଲ କରିବ। କଂଗ୍ରେସ-ଜେଏମ୍ଏମ୍ ମେଣ୍ଟ ୩୮-୫୦, ଏଜେଏସ୍‌ୟୁ ୩-୫ ଏବଂ ଅନ୍ୟମାନେ ୬ରୁ ୧୧ ଆସନରେ ବିଜୟୀ ହେବେ। ସେହିପରି କସିସ୍ ନ୍ୟୁଜ୍‌ର ଆକଳନ ହେଉଛି ଭାଜପା ୨୫ରୁ ୩୦ ଆସନ ଦଖଲ କରିବ। ବିରୋଧୀ ମେଣ୍ଟକୁ ୩୭ରୁ ୪୯ ଆସନରେ ସଫଳତା ମିଳିବ। ଏଜେଏସ୍‌ୟୁ ଏବଂ ଅନ୍ୟ ୨ରୁ ୪ ଲେଖାଏ ଆସନରେ ସନ୍ତୁଷ୍ଟ ହେବେ। ଏନ୍‌ଡିଟିଭିର ଆକଳନ ଅନୁସାରେ ଜେଏମ୍ଏମ୍ ନେତୃତ୍ୱାଧୀନ ମେଣ୍ଟକୁ ୪୦ ଆସନରେ ସଫଳତା ମିଳିପାରେ। ଭାଜପାକୁ ୨୯ ଏବଂ ଅନ୍ୟ ଦଳ ତଥା ସ୍ୱାଧୀନ ପ୍ରାର୍ଥୀ ୧୨ ଆସନରେ ବିଜୟୀ ହେବେ। ତେବେ ଏହି ଏକ୍‌ଜିଟ୍ ପୋଲଗୁଡ଼ିକର ଭବିଷ୍ୟବାଣୀ କେତେ ସତ ତାହା ଆସନ୍ତା ସୋମବାର ଭୋଟ ଗଣତି ପରେ ସ୍ପଷ୍ଟ ହେବ। ସୂଚନାଯୋଗ୍ୟ, ୨୦୧୪ ବିଧାନସଭା ନିର୍ବାଚନରେ ଭାଜପାକୁ ୩୭ ଆସନରେ ସଫଳତା ମିଳିଥିଲା। ଏଜେଏସ୍‌ୟୁର ୫ ବିଧାୟକଙ୍କ ସମର୍ଥନରେ ଡିସେମ୍ବର ୨୮ରେ ରଘୁବର ଦାସ ଝାଡ଼ଖଣ୍ଡର ଦଶମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଜେଏମ୍ଏମ୍ ୧୯ ଓ କଂଗ୍ରେସ ୬ ଆସନରେ ବିଜୟୀ ହୋଇଥିଲେ। ୨୦୧୫ ଫେବୃୟାରୀ ୧୧ରେ ଜେଭିଏମ୍ (ପ୍ରଜାତାନ୍ତ୍ରିକ)ର ସମସ୍ତ ୬ ବିଧାୟକ ଭାଜପାରେ ସାମିଲ ହେବା ପରେ ରଘୁବର ଦାସ ସରକାରଙ୍କ ଶକ୍ତି ବୃଦ୍ଧି ହୋଇଥିଲା। ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଆସନ ବୁଝାମଣାକୁ ନେଇ ଭାଗବଣ୍ଟା ନ ଛିଡିବାରୁ ଏଜେଏସ୍‌ୟୁ ଅଲଗା ଲଢ଼ିଥିଲା।

### ବଢ଼ିଛି ଧାନ...

ଧାନ ସଂଗ୍ରହ ହୋଇଥିବା ବେଳେ ବଲାଙ୍ଗୀରରେ ୮ ଲକ୍ଷ ୯୯ ହଜାର ୬୩୪ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ସେହିପରି ଝାରସୁଗୁଡାରେ ୧ ଲକ୍ଷ ୬ ହଜାର ୭୬୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ କଳାହାଣ୍ଡି ଜିଲାରେ ୧୬ ଲକ୍ଷ ୩୨ ହଜାର ୯୯୯ କୁଇଣ୍ଟାଲ, ମାଲକାନଗିରି ଜିଲାରେ ୪ ଲକ୍ଷ ୮୯ ହଜାର ୪୦ କୁଇଣ୍ଟାଲ, ନୂଆପଡାରେ ୩ ଲକ୍ଷ ୯୯ ହଜାର ୪୩୯ କୁଇଣ୍ଟାଲ, ରାୟଗଡାରେ ୧ ଲକ୍ଷ ୮୯ ହଜାର ୪୦ କୁଇଣ୍ଟାଲ, ସମ୍ବଲପୁରରେ ୧୨ ଲକ୍ଷ ୨ ହଜାର ୩୨୭ କୁଇଣ୍ଟାଲ, ସୁବର୍ଣ୍ଣପୁରରେ ୧୧ ଲକ୍ଷ ୮ ହଜାର ୪୪୦ କୁଇଣ୍ଟାଲ ଏବଂ ସୁନ୍ଦରଗଡରେ ୨ ଲକ୍ଷ ୧୬ ହଜାର ୩୦୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଗତ ବର୍ଷ ଡିସେମ୍ବର ୨୦ ତାରିଖ ସୁଦ୍ଧା ସୁନ୍ଦରଗଡରେ ୯୫ ପ୍ରତିଶତ, ସୁବର୍ଣ୍ଣପୁର ୭୦ ପ୍ରତିଶତ, ସମ୍ବଲପୁର ୨୦ ପ୍ରତିଶତ, ରାୟଗଡା ୧୧ ପ୍ରତିଶତ, ମାଲକାନଗିରିରେ ୫୪ ପ୍ରତିଶତ ଅଧିକ ଧାନ ସଂଗ୍ରହ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

■ସ୍କୁଲରେ ଚିକେନ୍, ଭାତ ଖାଇବା ଫଟୋ ଭାଇରାଲ

# ପ୍ରଧାନ ଶିକ୍ଷକ ନିଲମ୍ବିତ: ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନୋଟିସ୍


ଚିକେନ୍ ଭାତ ଖାଉଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

**ବଲାଙ୍ଗୀର ଅଫିସ, ୨୦।୧୨**

ସ୍କୁଲ ପରିସରରେ ଶିକ୍ଷକମାନେ ଚିକେନ୍, ଭାତ ସହ ବିଭିନ୍ନ ବ୍ୟଞ୍ଜନ ଖାଇବା ବେଳର ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ କରିବା ପରେ ହରଣଘଣାରେ ପଡିଛନ୍ତି ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକମାନେ। ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ୍ ଠେଲକୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଏହି ଘଟଣା ଘଟିଛି । ବିଇଓଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଏବିଇଓ ଘଟଣାର ତଦନ୍ତ କରିଛନ୍ତି। ଘଟଣାର ସତ୍ୟାସତ୍ୟ ଜଣାପଡିବା ପରେ ସ୍କୁଲର ପ୍ରଧାନଶିକ୍ଷକ ସୁବଳ ରାଉତଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଅନ୍ୟ ସହକାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବିଇଓ ନେପାଳ ଚନ୍ଦ୍ର ବାଗ ସୂଚନା ଦେଇଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଅଜିତ କୁମାର ମଲ୍ଲିକ


ପୁନମ ମୁଦୁଲି


ଶୋହନା ଶହେର


ବିକ୍ରମ ବିଶ୍ୱାଳ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ, ଏପରିକି ଆପଣ ସକାଳୁ ସକାଳୁ କୌଣସି ଶୁଭଖବର ପାଇ ଖୁସି ହେବେ । ଶନିକ୍ଷେତ୍ରସ୍ଥ ଶୁକ୍ର ଯୋଗୁ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବା ବଦଳରେ ଆକସ୍ମିକ ସମସ୍ୟା ହେତୁ ହଠାତ୍ ଅଟକି ରହିଯାଇପାରେ। ଶିଳ୍ପ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ ଓ ଲାଭବାନ୍ ହେବେ ।

**ବୃଷ** ଆଜି ଯେମିତି ଚାହୁଁଛନ୍ତି ଠିକ୍ ସେମିତି ହିଁ ପାଇବେ, ଅବଶ୍ୟ କିଛିଏ ଝିନ୍‌ଝଟ୍ ମଧ୍ୟରେ। ପିଲାମାନଙ୍କ ଉନ୍ନତ କାର୍ଯ୍ୟକଳାପ ପାଇଁ ଗୌରବାନ୍ୱିତ ହୋଇପାରନ୍ତି। କର୍ମକ୍ଷେତ୍ର, ସଭାସମିତିରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ। ଆତ୍ମୀୟତା ଦେଖାଉଥିବା ଲୋକମାନେ ପରୋକ୍ଷଭାବେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ** ରାଶିରେ ରାହୁ ଓ ଚତୁର୍ଥ ଚନ୍ଦ୍ର ହେତୁ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅସ୍ଥିରତା ଦେଖାଦେଇପାରେ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର କାମରେ ବ୍ୟସ୍ତ ରହିବା କାରଣରୁ ମନ ଠିକ୍ ରହିବ ନାହିଁ। କୌଣସି ବ୍ୟକ୍ତି ଦ୍ୱାରା ବାଧବାଧକତାରେ ଯାତ୍ରାରୁ ଦୂରେଇ ରହିବା ଭଲ। ଅଫିସ୍ କାମରେ ଆଲୋଚନା ସରଗରମ ମଧ୍ୟରେ ଅସମାପ୍ତ ରହିବ।

**କର୍କଟ** କେନ୍ଦ୍ରସ୍ଥ ମଙ୍ଗଳଙ୍କ ସୁପ୍ରଭାବରେ କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଜଟିଳ ପରିସ୍ଥିତିକୁ ସୁଧାରିନେଇ ପାରିବେ। ଟଙ୍କାପଇସା ନେବା ଆଣିବା କ୍ଷେତ୍ରରେ ସତର୍କ ରୁହନ୍ତୁ, ନଚେତ୍ ପରେ ଅନୁତାପ କରିବାକୁ ପଡ଼ିପାରେ । ପାରିବାରିକ କ୍ଷେତ୍ର, ଯାନବାହନ ଚଳାଚଳ, ଦୋକାନବାଡ଼ି ପ୍ରଭୃତିରେ କିଛିଟା ସମସ୍ୟା ଦେଖାଦେବ ।

**ସିଂହ** ଏକାଧିକ ଗ୍ରହଙ୍କ ସହ ରବି ଥିବା ହେତୁ ସ୍ୱାସ୍ଥ୍ୟ ପ୍ରାୟତଃ ନିୟନ୍ତ୍ରଣାଧୀନ ରହି ନ ପାରେ। ପରିସ୍ଥିତିବଶତଃ ଅତ୍ୟଧିକ ଲୋଭ ଏବଂ ସନ୍ଦେହ, ପାରିପାର୍ଶ୍ୱିକ ପରିସ୍ଥିତିକୁ କେତେକାଂଶରେ ଅସ୍ୱାଭାବିକ କରିପାରେ। ପରିବହନ, ବ୍ୟବସାୟ ଓ ପ୍ରଶାସନିକ ସ୍ତରରେ ଆଶା ଅନୁଯାୟୀ ଫଳ ପାଇବେ।

**କନ୍ୟା** ଭାଗ୍ୟ ସ୍ଥାନକୁ ବୁଧ ଦେଖୁଥିବାରୁ ଆଜିର ସବୁ କାମଗୁଡ଼ିକ ବନ୍ଧୁମାନଙ୍କ ସାହାଯ୍ୟରେ ସମ୍ପନ୍ନ ହେବ। ଯଥାସାଧ୍ୟ ଋଣ ପରିଶୋଧ କରିବେ, ଶତ୍ରୁତାର ଅବସାନ ଘଟିବ, ରୋଗପୀଡ଼ା ଉପଶମ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ବହୁଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ।

**ତୁଳା** ଆଜି ଶୁକ୍ରଙ୍କ ପ୍ରଭାବରୁ ଶାରୀରିକ ଓ ମାନସିକ ସ୍ଥିତି ବହୁତ ଭଲ ରହିବ। ସନ୍ତାନଙ୍କ ଉନ୍ନତି, ଶିକ୍ଷା, ଆନୁଷ୍ଠାନିକ ଆଲୋଚନା ପ୍ରଭୃତିରେ ସଫଳତା ପାଇବା ସାଙ୍ଗକୁ ବୁଦ୍ଧିଜୀବୀମାନଙ୍କ ସୁନଜରରେ ଆସିବେ। ଆନୁଷ୍ଠାନିକ କାମ, ରାଜନୈତିକ ସଙ୍ଗଠନ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ପ୍ରଶାସନ, ଗବେଷଣା, କୃଷି, ବାଣିଜ୍ୟରେ ଚେଷ୍ଟା ସଫଳ ହେବ।

**ବିଛା** କର୍ମସ୍ଥାନରେ ଭାଗ୍ୟାଧିପ ଅବସ୍ଥାନକରି ଅଭିଳାଷ ପୂରଣ କରିବାରେ ତତ୍ପରତା ପ୍ରକାଶ କରିବେ। ଶିଳ୍ପ, ବାଣିଜ୍ୟରେ ମାଲ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ, କିନ୍ତୁ ସମୟାନ୍ତରେ ସମାଧାନ ମଧ୍ୟ ହୋଇଯିବ। ପାରିବାରିକ ଜୀବନ ଉତ୍ତମ ବୁଝାମଣାଜନିତ ସୁଖସନ୍ତୋଷ ପାଇପାରିବେ।

**ଧନୁ** ରାଶିରେ ଚତୁର୍ଗ୍ରହ ଯୋଗ ହେତୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ହାସଲ କରିପାରିବେ। ଯାହା ଭାବୁଛନ୍ତି ଶୀଘ୍ର କରିବା ଭଲ ହେବ ନଚେତ୍ ପରକ୍ଷଣରେ ପରିସ୍ଥିତି ବଦଳିଯାଇପାରେ । ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ରାଜନୀତି, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଉଚ୍ଚମାନର ଫଳ ପାଇବେ।

**ମକର** ରାଶିରେ ଶୁକ୍ର ରହିଥିବାରୁ ଭୋଗବିଳାସ ପ୍ରତି ଆକର୍ଷିତ ହେବେ। ବୁଦ୍ଧି ଖଟାଇ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହୋଇପାରନ୍ତି। ଆଜି ବ୍ୟବସାୟୀମାନେ ଭଲ ବ୍ୟବସାୟ ହେବା କାରଣରୁ ଖୁସି ରହିବେ। ହିତୈଷୀମାନଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** ବୁଧ ପ୍ରଭାବରେ କର୍ମକ୍ଷେତ୍ରର ବିଦ୍ୟମାନ ସ୍ଥିତି କେତେକାଂଶରେ ସମାଧାନ ଦିଗକୁ ଗତି କରିବ। ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପାରେ। ଧର୍ମାନୁଷ୍ଠାନ ଦିଗ ସକାଶେ ଖିଆପିଆ ଛାଡ଼ି ବୁଲିବେ । ପରିସ୍ଥିତିକୁ ଆଖି ଆଗରେ ରଖି ଉପସ୍ଥିତ ବୁଦ୍ଧି ପ୍ରୟୋଗ କରିପାରିଲେ କାର୍ଯ୍ୟ ସାଧନ କରିପାରିବେ ।

**ମୀନ** ଆଜିର ଗ୍ରହ ସ୍ଥିତିରୁ ଆପଣଙ୍କ ମନ ଭୁଲାଣିଆ କଥାରେ ଶତ୍ରୁ ମଧ୍ୟ ମିତ୍ର ପାଲଟିଯିବେ। କିନ୍ତୁ ଭାବପ୍ରବଣତାବଶତଃ ନିଜର ଅସାବଧାନତା କିମ୍ବା ସତର୍କତା ଅଭାବରୁ ଧନହାନି ଘଟିପାରେ । ପରିବହନ, ଗୃହ ନିର୍ମାଣ, ସଭାସମିତିରେ କ୍ରମଶଃ ସ୍ଥିରତା ଫେରି ଆସିବ। କୌଣସି ନୀଚଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

ଆଜି ପୌଷ କୃଷ୍ଣ ଦଶମୀ ଶନିବାର, ଡିସେମ୍ବର ୨୧ ତାରିଖ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ୯।୨୯ମି. ପରେ ତୁଳା ଚନ୍ଦ୍ର, ପୂର୍ବାହ୍ନେ ବୃଷ ରାଶିର ଘାତଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୪୭ମି. ଗତେ ଘ୯।୫୭ମି. ମଧ୍ୟେ ଅମୃତବେଳା। ଦିବା ଘ୭।୪୦ମି. ଗତେ, ଘ୯।୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୯।୦୨ମି. ଗତେ ଘ୧୦।୨୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**SALE**

Duplex for sale in Patia, Ragunathpur, Bhubaneswar.Contact: 7735412646. D-68632

**Gharabari boundary plot Infocity-2 near 200ft. road side. Direct owner-8144391451.** D-68453

3BHK at Damana Chhak near Club town. Price- 85/90 lakh. Contact: 8249083968, 7978414100. D-15592

ଭୁବନେଶ୍ୱର ଫୁଲନଖରା ତ୍ରିନାଥବଜାର ନିକଟରେ ଘରବାରି, **Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘରକଲା ଭଳି **developed** ପ୍ଲଟ୍ କିଣନ୍ତୁ। **(Limited plots).** ଯୋଗାଯୋଗ– **7381029351, 9937111658.** D-68455

SC House ready to move 23,50,000/- finishing Hanspala-8093465134, 9668194157. D-68633

**Ready to move 2/3 BHK flat in landmark PH-2, Sundarpada, Big Society, clubhouse, park available. Contact: 9938569014, 9861433014.** D-15661

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15714

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15790

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15713

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68927

4/5BHK Duplex with Gated Community at Balianta (Land- 1400 & Construction- 2200 @ 60,00,000 / 2600 @ 70,00,000). Land at Trisulia- 1200/-, Aiims-1650/-, Rudrapur-1750/-, Raghunathpur-2200/-, Pitapalli- 1.5cr, Banguary- 3.5cr, Raghunathpur-7cr. Mplanets: 9938219397 / 9861022055. D-15826

**Bhubaneswar Infocity-2** ଆଗରେ **sqft.560/-immediate possession then registration. 9658383304, 9348232008.** D-68456

**1500 sqft. gharabari plots on Sundarapada-Jatani road with developed 40ft mainroad & 30' internal road main entrance gate with security room & electricity. 9Km from airport Bhubaneswar 2km. before Xavier University for sale: 9937162220.** D-15831

Demarkated gharabari plot sale near Sundarpada 550 per sqft., close to 100 feet road. 8328995545. D-68734



Construct your building as per your terms and condition. Contact: 9937064680. D-27284

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15827

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Independent house 1300sqft. Pragati Enclave, Chandrasekharpur for Office/ Residence. 09437165036. D-15823



India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784



Rejuvenate and ayurvedic full body massage by smart therapist. 9114402304. D-68904

Newly open full body massage by ladies, gents therapist. 8018656899 D-60858

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Monalisa Massage Club: All types body massage with hiprofile smart lady rooms service available-9708545108. D-15810

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68730

Ayurvedic full body massage by ladies, gents therapist. 7008773793 D-60859

Take full body therapy. Just call 7852986810. D-68528

Full body herbal massage with refreshment expert therapist. 7381239385, 06 742540855. D-68929

Experience full body massage with us (expert). Call: 7377048581, 06742597822. D-68930

Ayurvedic full body massage ladies and gents. Contact: 9861064981. D-68732

Herbal full body massage by smart / expert therapist. Contact: 8338067247. D-68931

Experience winter therapeutic Abhyanga massage feeling refreshing energetic: Appointment-9668374480. D-68932

Refresh your mind and soul with best therapy at Orchid Salon/Spa. 9937287222. D-68729

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Ayurvedic full body massage ladies/ gents smart experts therapist: 8480939300. D-68726

Ayurvedic full body massage ladies & gents smart therapist, 9668814589. D-68733



**Caterer/ gharka khana/ Tiffin system north indian Lunch & Dinner weekly three days Nonveg with home delivery @ 3500/- per month. Bhubaneswar, for details Contact: 9668732935.** D-67267


## AFFIDAVIT

By an affidavit sworn before the Executive Magistrate, Jharsuguda, I, Kuldeep Sharma, R/o- Radhe Vihar Gali, Dist. Jharsuguda declare that the name of my Son was wrongly mentioned as Prakhar Sharma in his School documents. The true and correct name of my Son is Daksh Sharma, student of Class-VIII, DAV Public School, Jharsuguda. Henceforth he is known as Daksh Sharma for all purposes. D-37386

ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ



## ଆଜି କ'ଣ କେଉଁଠି

**ସମ୍ବଲପୁର**

- ବରିଷ୍ଠ କ୍ରୀଡ଼ା ସଂଘ ଦ୍ୱାରା ଆୟୋଜିତ ଏମଇ ସ୍କୁଲସ୍ତରୀୟ କ୍ରୀଡ଼ା ଉତ୍ସବ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ। ସକାଳ ୮ଟା।
- କ୍ୟୁରିଅସ୍ କବ୍ସ ପ୍ରିସ୍କୁଲର ବାର୍ଷିକ ଉତ୍ସବ, ତପସ୍ୱିନୀ ପ୍ରେକ୍ଷାଳୟ। ସନ୍ଧ୍ୟା ୫ଟା।
- ଚତୁର୍ଦ୍ଦଶ ପଶ୍ଚିମ ପାଲା ସମ୍ମିଳନୀ, ସମଲେଶ୍ୱରୀ ମଣ୍ଡପ, ସନ୍ଧ୍ୟା ୫ଟା।
- ବ୍ରାଇଟ ଫ୍ୟୁଚର୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ, ନକ୍ସାପାଲି ସ୍କୁଲ ପରିସର, ପୂର୍ବାହ୍ନ ସାଢ଼େ ୧୦ଟା ।

**ଦେବଗଡ଼**

- ତ୍ରିଂଶତମ ବାର୍ଷିକୋତ୍ସବ। ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ସନ୍ଧ୍ୟା ୫ଟା।
- ବାଳ ସଂସଦ, ଟାଉନ୍‌ହଲ୍, ଦେବଗଡ଼। ପୂର୍ବାହ୍ନ ସାଢ଼େ ୧୦ଟା।
- ଦେବଗଡ଼ ଡିଭାଇନ ପବ୍ଲିକ ସ୍କୁଲ୍‌ର ବାର୍ଷିକୋତ୍ସବ, ସ୍କୁଲ ପରିସର। ଅପରାହ୍ନ ୧ଟା।

**ଅତାବିରା**

- ନବନିର୍ମିତ ରାମ, ଲକ୍ଷ୍ମଣ, ସୀତା, ହନୁମାନ ବିଗ୍ରହ ପ୍ରତିଷ୍ଠା ସମାରୋହର ତୃତୀୟ ଦିବସ, କୁଲିତାଟୁକୁରା। ପୂର୍ବାହ୍ନ ୧୦ଟା।

**ଲୋଇସିଂହା**

- ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର। ପୂର୍ବାହ୍ନ ୧୧ଟା।

**ବିଜେପୁର**

- କୀଟନାଶକ ସିଞ୍ଚନ ସଚେତନତା ଶିବିର, ପହଣ୍ଡି। ପୂର୍ବାହ୍ନ ୧୦ଟା।

**ନୂଆପଡ଼ା**

- ଓଏଭି ଝଗ୍ରାହୀର ୪ର୍ଥ ବାର୍ଷିକ ଉତ୍ସବ। ଅପରାହ୍ନ ୧ଟା, ଝଗ୍ରାହୀ ସ୍କୁଲ ପରିସର।

**ସୁବର୍ଣ୍ଣପୁର**

- ଜିଲା ସମନ୍ୱୟ ଓ ପର୍ଯ୍ୟାଲୋଚନ (ଦିଶା) ବୈଠକ, ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷ, ସକାଳ ସାଢେ ୧୦ଟା।
- ଜିଲା ପରିଷଦ ବୈଠକ, ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷ, ଅପରାହ୍ନ ୩ଟା ।

## ■ଏଟିଏମ୍ ଗ୍ରାହକ ଠକେଇ ର୍‍ୟାକେଟ୍‌ର ପର୍ଦ୍ଦାଫାଶ

# ୪ ଆନ୍ତଃ ରାଜ୍ୟ ଲୁଟେରା ଗିରଫ




ସମ୍ବଲପୁର ଜିଲା ପୋଲିସ ଦ୍ୱାରା ଗିରଫ ୪ ଆନ୍ତଃ ରାଜ୍ୟ ଲୁଟେରା (ବାମ) । ଜବତ କରିଥିବା ସାମଗ୍ରୀ ।

ସମ୍ବଲପୁର,୨୦।୧୨(ବ୍ୟୁରୋ)

ସମ୍ବଲପୁର ଜିଲାର ବିଭିନ୍ନ ବ୍ୟାଙ୍କ ଏଟିଏମ୍ କାଉଣ୍ଟର ଭିତରେ ଓ ଆଖପାଖରେ ରହି ଗ୍ରାହକମାନଙ୍କୁ ଠକେଇ କରୁଥିବା ଏକ ର୍‍ୟାକେଟ୍‌ର ପର୍ଦ୍ଦାଫାଶ ହୋଇଛି । ଏହି ଘଟଣାରେ ପୋଲିସ ବିହାରର ୩ ଓ ସମ୍ବଲପୁର ଜିଲାର ଜଣେ ଆନ୍ତଃ ରାଜ୍ୟ ଲୁଟେରାଙ୍କୁ ଗିରଫ କରିଛି । ସେମାନେ ହେଲେ ବିହାର ନନ୍ଦପୁରର ରାଜେଶ ପ୍ରସାଦ ସିଂ ( ୩୭), ଗୟା ଜିଲାର ସ୍ୱରୂଭ କୁମାର ( ୨୭), ଶଶୀ ଭୂଷଣ କୁମାର (୨୦) ଓ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ସିଂହପାଲି ଗ୍ରାମର ସ୍ୱାଧୀନ ବହିଦାର । ଅଭିଯୁକ୍ତ ମାନଙ୍କ ପାଖରୁ ପୋଲିସ ୧ ଲକ୍ଷ ୪୬ ହଜାର ୯ଶହ ଟଙ୍କା, ଲ୍ୟାପ୍‌ଟପ୍, ଏଟିଏମରେ ବ୍ୟବହାର ହେଉଥିବା ସ୍ଲଟ ମେଶିନ, କ୍ଲୋନିଂ ମେଶିନ, ୨ ଏଟିଏମ ରିଡର ମେଶିନ,ବିଭିନ୍ନ ବ୍ୟାଙ୍କର ୩୬ ଏଟିଏମ କାର୍ଡ, ଏଟିଏମ କାର୍ଡ ନମ୍ବର ଓ ପିନ ନମ୍ବର ଲେଖାଥିବା ଏକ ଡାଏରି ଓ ଖାତା , ଡାଟା କେବୁଲ, ଲ୍ୟାପଟପ ଚାର୍ଜର ଓ ବ୍ୟବହୃତ ୨ ଟି କାର ଜବତ କରାଯାଇଛି । ଏହି ଘଟଣାରେ ସଂପୃକ୍ତ ଅନ୍ୟ ୨ ଲୁଟେରା ଫେରାର ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ଅଫିସ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି କନୱର ବିଶାଳ ସିଂ କହିଛନ୍ତି ।

ଏସ୍‌ପି ସିଂଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଏଟିଏମ କାଉଣ୍ଟର ଭିତରେ ଓ ବାହାରେ ରହୁଥିଲେ । ଏଟିଏମ୍‌ରୁ ଟଙ୍କା ଉଠାଣ ଜାଣି ନ ଥିବା ଗ୍ରାହକମାନଙ୍କୁ ସେମାନେ ସହଯୋଗ କରିବାକୁ କହି ଟାର୍ଗେଟ କରୁଥିଲେ। ଏଟିଏମ୍ କାଉଣ୍ଟରରେ ସ୍କେନିଂ ମେଶିନ, କ୍ଲୋନିଂ ମେଶିନ ବ୍ୟବହାର କରି ସହଜରେ ଗ୍ରାହକଙ୍କ ପିନ୍ ଓ କାର୍ଡ ନମ୍ବର ଜାଣି ପାରୁଥିଲେ । ସେହି ତଥ୍ୟ ନେଇ ନକଲି ଏଟିଏମ୍ କାର୍ଡ ତିଆରି କରୁଥିଲେ । ଫଳରେ ଗ୍ରାହକଙ୍କ ପାଖରେ ଗୋଟିଏ କାର୍ଡ ଥିବା ବେଳେ ଅଭିଯୁକ୍ତମାନଙ୍କ ପାଖରେ ଆଉ ଗୋଟିଏ କାର୍ଡ ରହୁଥିଲା । ଗ୍ରାହକଙ୍କ ଆକାଉଣ୍ଟରେ ଟଙ୍କାର ପରିମାଣ ଦେଖି ସେମାନେ ଉଠାଇ ନେଉଥିଲେ। କିଛିଦିନ ତଳେ କ୍ଷେତରାଜପୁର ଥାନାରେ ଏପରି ଏକ ଠକେଇ ଘଟଣା ସଂକ୍ରାନ୍ତରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା(ନଂ. ୩୨୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା ।

> ■୨ ଫେରାର, ଲକ୍ଷାଧିକ ଟଙ୍କା ସମେତ ୩୬ ଏଟିଏମ୍ କାର୍ଡ ଜବତ
>
> ■ଏଟିଏମରେ ଖଞ୍ଜୁଥିଲେ ସ୍କେନିଂ,କ୍ଲୋନିଂ ମେଶିନ
>
> ■ଟଙ୍କା ଉଠାଣ ଜାଣି ନ ଥିବା ଗ୍ରାହକଙ୍କୁ କରୁଥିଲେ ଟାର୍ଗେଟ

ଏହି ଠକେଇ ଘଟଣାକୁ ପୋଲିସ ଗୁରୁତର ସହ ନେଇଛି । ଏଥର ଲୋକମାନଙ୍କୁ ସଚେତନ କରାଯିବ । କୌଣସି ଅଚିହ୍ନା ବ୍ୟକ୍ତିଙ୍କୁ ଟଙ୍କା ଉଠାଣ ପାଇଁ ଏଟିଏମ୍ କାର୍ଡ ବ୍ୟବହାର କରିବାକୁ ଦିଅନ୍ତୁ ନାହିଁ । ପିନ ନମ୍ବର ବ୍ୟବହାର ସମୟରେ କାହାକୁ ପାଖରେ ରଖନ୍ତୁ ନାହିଁ । ଏଭଳି ଠକାମିର ରୋକିବା ପାଇଁ ସଚେତନତା ଜରୁରୀ ବୋଲି ଏସ୍‌ପି କହିଛନ୍ତି। ଏଥିଲାଗି ବ୍ୟାଙ୍କ ଅଧିକାରୀମାନଙ୍କୁ ନେଇ ଏକ ଜରୁରୀ ବୈଠକ କରାଯିବ। ସେମାନଙ୍କୁ ସଚେତନ କରିବା ସହ ପ୍ରତ୍ୟେକ ଏଟିଏମ୍ କାଉଣ୍ଟରରେ ସୁରକ୍ଷା କର୍ମୀ ନିୟୋଜିତ କରିବାକୁ କୁହାଯିବ । ସାଇବର ଥାନା ପକ୍ଷରୁ ମଧ୍ୟ ଲିଫ୍‌ଲେଟ ବଣ୍ଟନ କରି ଜନସଚେତନ ସୃଷ୍ଟି କରାଯିବ ବୋଲି ସେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି, କ୍ଷେତରାଜପୁର ଥାନା ଅଧିକାରୀ ମମତା ନାଏକ, ଏସଆଇ ବିଭୂତି ଭୂଷଣ ଦଳେଇ ପ୍ରମୁଖ ଉପସ୍ଥିତ ରହିଥିଲେ ।

**ସ୍ମିତାରାଣୀ ମୃତ୍ୟୁ ପ୍ରସଙ୍ଗରେ ଭାଜପାର ଟାର୍ଗେଟ**

# ଘରୋଇ କମ୍ପାନୀର ଜମି ସମସ୍ୟା ହତ୍ୟାର କାରଣ: ଭାଜପା

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଯାଜପୁର ଜିଲାର ହରିଦାଶପୁର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁକୁ ନେଇ ବିରୋଧୀ ବାରମ୍ବାର ଶାସକ ଦଳକୁ ଟାର୍ଗେଟ କରିବାରେ ଲାଗିଛନ୍ତି। ସ୍ମିତାରାଣୀ ମୃତ୍ୟୁ ଘଟଣାରେ ଏକ ଘରୋଇ କମ୍ପାନୀର ହାତ ରହିଛି । ଉକ୍ତ କମ୍ପାନୀ ହାତେଇଥିବା ବେଆଇନ ଜବରଦଖଲ ଜମିକୁ ଆଇନ ସମ୍ମତ କରିବା ପାଇଁ ପିଇଓ ସ୍ମିତାରାଣୀଙ୍କ ଉପରେ ଚାପ ପ୍ରୟୋଗ କରାଯାଉଥିଲା। ସ୍ମିତାରାଣୀ ଏଥିରେ ରାଜି ନ ହେବାରୁ ରଙ୍ଗଶାଳାରେ ତାଙ୍କୁ ବଳାତ୍କାର କରି ହତ୍ୟା କରାଯାଇଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ, ଏହି ବେଆଇନ ଜବରଦଖଲ ଜମି ପାଇଁ କିଏ ସହଯୋଗ କରିଥିଲା ବୋଲି ଦଳ ପକ୍ଷରୁ ପ୍ରଶ୍ନ କରାଯାଇଥିଲା। କିନ୍ତୁ ଏହାର ଉତ୍ତର ନ ଦେଇ ଉକ୍ତ କମ୍ପାନୀର ଭୁଲ୍‌କୁ ଘଷି ଘୋଡାଇବାକୁ ଯାଇ ବିଜେଡି ବିରୋଧୀଙ୍କୁ ବ୍ୟକ୍ତିଗତ ଆକ୍ଷେପ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଏହି ଘଟଣାକୁ ସରକାର ଚାପିଦେବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ କେଉଁ ଢଙ୍ଗରେ ନିଆଯାଉଛି ତାହା ରାଜ୍ୟବାସୀ ବେଶ୍ ଭଲରେ ବୁଝିପାରୁଛନ୍ତି। ଏହି ଘଟଣାରେ ମହିଳା ବିଜେଡି ମୁଖପାତ୍ର ବିରୋଧୀ ଦଳ ନେତ୍ରୀଙ୍କୁ ଯେପରି ଅପମାନିତ କରିଛନ୍ତି ସେଥିଲାଗି ତୁରନ୍ତ କ୍ଷମା ମାଗନ୍ତୁ। ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ବିଜେଡି ପ୍ରକୃତରେ ଯଦି ଚାହୁଁଛି ତେବେ ତୁରନ୍ତ ଏହାର ତଦନ୍ତଭାର ସିବିଆଇକୁ ସରକାର ପ୍ରଦାନ କରନ୍ତୁ ବୋଲି ସାହୁ ଦାବି କରିଛନ୍ତି ।

## ■ମହାପ୍ରଭୁ ୧୪ ଘଣ୍ଟା ଭୋକ ଉପାସରେ ରହିବା ଘଟଣା

# ୩ଜଣଙ୍କୁ ନୋଟିସ୍, ଜାନୁୟାରୀ ୪ରୁ ଶୁଣାଣି

ପୁରୀ ଅଫିସ, ୨୧।୧୨

ଗତବର୍ଷ ଡିସେମ୍ବର ୨୮ ତାରିଖରେ ଶ୍ରୀମନ୍ଦିରରେ ଘଟିଥିଲା ଚରମ ବିଭ୍ରାଟ। ମହାପ୍ରଭୁ ୧୪ ଘଣ୍ଟା ଭୋକ ଉପାସରେ ରହିଥିଲେ। ତେବେ ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି। ଶୁକ୍ରବାର ପରିଚାଳନା କମିଟି ବୈଠକ ପରେ ମୁଖ୍ୟ ପ୍ରଶାସକ କହିଥିଲେ, ଗତବର୍ଷ ଗୋଟିଏ ଦିନ ଦ୍ୱାରଫିଟା ନୀତିରେ ବିଳମ୍ବ ହୋଇଥିଲା। ଏଥିପାଇଁ କେଉଁମାନେ ଦାୟୀ, କଣ ପଦକ୍ଷେପ ନିଆଯାଇଛି ସେ ବିଷୟରେ ଜଣାଇବା ଲାଗି ମୁଖ୍ୟ ପ୍ରଶାସକଙ୍କୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଏହାର ତଦନ୍ତ ଆରମ୍ଭ ହୋଇଛି। ୨ଜଣ ଉତ୍ତର ରଖିଥିବା ବେଳେ ଆଉ ୩ ଜଣଙ୍କୁ ଆସନ୍ତା ୩୦ ତାରିଖ ଭିତରେ ଉତ୍ତର ଦେବା ପାଇଁ କୁହାଯାଇଛି। ଜାନୁୟାରୀ ୪ରୁ ଏହାର ଶୁଣାଣି ଆରମ୍ଭ ହେବ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଏବଂ ଶ୍ରୀମନ୍ଦିର ଆଇନରେ ଯାହା ପ୍ରାବଧାନ ରହିଛି ତାହାକୁ ଦୃଷ୍ଟିରେ ରଖି ଯିଏ ଦୋଷୀ ପ୍ରମାଣିତ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଗତବର୍ଷ ଡିସେମ୍ବର ୨୭ ତାରିଖ ରାତି ପ୍ରାୟ ୮ଟାରେ ୩ ବଙ୍ଗୀୟ ଭକ୍ତ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଯାଉଥିଲେ। ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ ଦେଇ ଯିବା ବେଳେ ସେଠାରେ କାର୍ଯ୍ୟରତ ଆଇଆର୍‌ବି ପୋଲିସ ସେମାନଙ୍କୁ ଅଟକାଇଥିଲେ। ବିଦେଶୀ ବୋଲି କହି ସେମାନଙ୍କ ପରିଚୟପତ୍ର ମାଗିଥିଲେ। ହେଲେ ସେମାନେ ବିଦେଶୀ ନୁହନ୍ତି, ତାଙ୍କ ଘର ପଶ୍ଚିମବଙ୍ଗ ବୋଲି କହିଥିଲେ। କିନ୍ତୁ ପୋଲିସ କର୍ମଚାରୀ ଶୁଣି ନ ଥିଲେ। ପରିଚୟପତ୍ର ନ ଦେଖାଇଲେ ଛାଡିବେ ନାହିଁ ବୋଲି କହିବା ସହ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହି ସମୟରେ ଭିତରଚ୍ଛ ମହାପାତ୍ର ପହଞ୍ଚି ସେମାନେ କଲିକତାରୁ ଆସିଛନ୍ତି ବୋଲି କହିଥିଲେ। ଏହା ସତ୍ତ୍ୱେ ପୋଲିସ ତାଙ୍କୁ ଛାଡି ନ ଥିଲା। ଏହାକୁ ନେଇ ଭିତରଚ୍ଛ ଏବଂ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପୋଲିସ କର୍ମଚାରୀ ତାଙ୍କୁ ମାଡ଼ ମାରିଥିଲେ ବୋଲି ଭିତରଚ୍ଛ ଥାନାରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ପୋଲିସ କର୍ମଚାରୀ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ୨୮ ତାରିଖ ସକାଳୁ ଶ୍ରୀମନ୍ଦିରରେ ଦିନ ତମାମ୍ ଜୟ୍ ବିଜୟ୍ ଦ୍ୱାର ଫିଟି ନ ଥିଲା। ଠାକୁର ଦାନ୍ତ ଘଷି ନ ଥିଲେ କି ଗାଧୋଇ ନ ଥିଲେ। ବାହାରିପାରି ନ ଥିଲା ପହିଲି ଭୋଗ। ବନ୍ଦ ରହିଥିଲା ମହାପ୍ରସାଦ। ଭୋକ ଉପାସରେ ରତ୍ନସିଂହାସନରେ ମହାପ୍ରଭୁ ବସି ରହିଥିବା ବେଳେ ଦର୍ଶନ ନ ପାଇ ସିଂହଦ୍ୱାରରେ ଲୁହ ଗଡାଇଥିଲେ ଭକ୍ତ। ଶେଷରେ ଶ୍ରୀମନ୍ଦିର ପ୍ରଶାସନ ସେବାୟତଙ୍କ ଲିଖିତ ଦାବି ଗ୍ରହଣ କରିବା ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ପହିଲି ଭୋଗ ଯୋଗୁ ଭୋର ୩ଟା ଦ୍ୱାର ଫିଟାଯିବାକୁ ନୀତି ନିର୍ଘଣ୍ଟ କରାଯାଇଥିଲା। କିନ୍ତୁ ୧୪ ଘଣ୍ଟା ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୫ଟାରେ ଦ୍ୱାର ଫିଟିଥିଲା।

## ପାରଦ ୧୦ ଡିଗ୍ରୀ ତଳକୁ ଖସିଲା

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ): ରାଜ୍ୟରେ ଶୀତ ବୃଦ୍ଧି ପାଇଛି । ଗତ ଦୁଇଦିନ ହେବ ସହରଠାରୁ ଆରମ୍ଭ କରି ଗାଁ ଗଣ୍ଡାରେ ଶୀତ ବିରାଜମାନ କରିଛି। ପାରଦ ୪ରୁ ୫ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଛି। ଶୁକ୍ରବାର ରାଜ୍ୟର ୫ଟି ସହରରେ ପାରଦ ୧୦ ଡିଗ୍ରୀ ସେଲସିୟସ ତଳକୁ ହ୍ରାସ ପାଇଛି। ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୫.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁର ୯.୮, ଫୁଲବାଣୀ ୯, ଅନୁଗୋଳ ୯, ବାଲେଶ୍ୱର ୯.୬ ଏବଂ ଝାରସୁଗୁଡାର ପାରଦ ୯.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲସିୟସ ହ୍ରାସ ପାଇଛି। ତେବେ ଏହି ଶୀତ ବେଶି ଦିନ ତିଷ୍ଠି ରହିପାରିବ ନାହିଁ। କାରଣ ଉତ୍ତର ଦିଗରୁ ଏ ପର୍ଯ୍ୟନ୍ତ ଥଣ୍ଡା ବାୟୁ ପ୍ରବାହିତ ହୋଇ ନାହିଁ । ଆସନ୍ତା ୨୩ ତାରିଖ ବେଳକୁ ଆଭ୍ୟନ୍ତରୀଣ ଓଡିଶାରେ ବର୍ଷା ମଧ୍ୟ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚାନ୍ଦବାଲିରେ ସର୍ବନିମ୍ନ ତାପମାତ୍ରା ୧୨.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ କଟକ ୧୨, ପାରାଦୀପ ୧୫, ଭୁବନେଶ୍ୱର ୧୩.୬, ଗୋପାଳପୁର ୧୭.୨, ପୁରୀ ୧୪.୪, କେନ୍ଦୁଝର ୧୦, ସମ୍ବଲପୁର ୧୦.୫, ହୀରାକୁଦ ୧୩.୬, ଭବାନୀପାଟଣା ୧୩, ବଲାଙ୍ଗୀର ୧୪,କୋରାପୁଟ ୧୨, ଟିଟିଲାଗଡ ୧୦.୧ ଏବଂ ମାଲକାନଗିରି ଜିଲାରେ ସର୍ବନିମ୍ନ ୧୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ■ତଳାବିରା କୋଇଲା ଖଣି ଚିନ୍ତା

# ବଳି ପଡ଼ିବ ୧ ଲକ୍ଷ ୩୨ ହଜାର ଗଛ

ଶୁଭାଶିଷ ପାଢ଼ୀ
ସମ୍ବଲପୁର,୨୦।୧୨(ବ୍ୟୁରୋ)

ତଳାବିରା କୋଇଲା ଖଣି ପାଇଁ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲାରେ ୧ ଲକ୍ଷ ୩୨ ହଜାର ୯୭୦ ମୂଲ୍ୟବାନ ଗଛ କଟା ହେବ। ସ୍ଥାନୀୟ ଅଧିବାସୀଙ୍କ ବିରୋଧ ଓ କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ ଯୋଗୁ ପ୍ରାୟ ୨ ବର୍ଷ ହେବ ଗଛ କଟା ବନ୍ଦ ଥିଲା । ହେଲେ ଗତ ୬ ତାରିଖରୁ ପୋଲିସ ଉପସ୍ଥିତିରେ ଗଛ କଟା ଆରମ୍ଭ ହୋଇଛି। ଗତ ୧୮ ଦିନରେ ପ୍ରାୟ ୪୦ ହଜାର ଗଛ କଟା ସରିଲାଣି । ଶାଳ, ଆମ୍ୱ, ପଣସ, ଶାଗୁଆନ, ଜାମୁ, ଲିମ୍ୱ, ମହୁଲ ଭଳି ମୂଲ୍ୟବାନ ଗଛ ଏବେ ଭୂଇଁରେ ଲୋଟୁଛି । ଏ ସଂକ୍ରାନ୍ତରେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ବିସ୍ଥାପିତ, ବନ ସୁରକ୍ଷା ସମିତି ସହ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଅଭିଯୋଗ କରିଛନ୍ତି।

ବିସ୍ଥାପିତ ଖିଣ୍ଡା ପଞ୍ଚାୟତର ହେମନ୍ତ ରାଉତ କହିଛନ୍ତି, ଗଛ କଟାକୁ ଆମେ ବିରୋଧ କରିବାରୁ ୨ ବର୍ଷ ଧରି ବନ ନିଗମ ଓ କମ୍ପାନୀ କର୍ତ୍ତୃପକ୍ଷ ଗଛ କାଟି ପାରୁ ନ ଥିଲେ । ଏବେ ବଳ ପୂର୍ବକ କଟାଯାଉଛି । ଗଛ କାଟିବା ଯୋଗୁ ଏହା ଉପରେ ନିର୍ଭର କରୁଥିବା ସମ୍ବଲପୁର ଜିଲାର ଖିଣ୍ଡା ପଞ୍ଚାୟତ, ଝାରସୁଗୁଡା ଜିଲାର ମଳଦା ଓ ପତ୍ରାପାଲିର ୩ ପଞ୍ଚାୟତର ୨୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ପ୍ରଭାବିତ ହେଉଛନ୍ତି । ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ସାଢେ ୪ ହଜାର ଲୋକଙ୍କୁ ରୋଜଗାର ହରାଇବାକୁ ପଡିଛି। କମ୍ପାନୀ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ମାତ୍ର ୪୨୭ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଓ ଠିକା କମ୍ପାନୀରେ ୧୦ ହଜାର ଲୋକଙ୍କୁ ନିଯୁକ୍ତି ଦେବାକୁ ଘୋଷଣା କରିଛି। ହେଲେ ଅନ୍ୟ ବିସ୍ଥାପିତ ପରିବାର ବେରୋଜଗାର ହୋଇଯିବେ। ଅନ୍ୟପଟେ ଜିଲା ପ୍ରଶାସନ, କମ୍ପାନୀ ଅଧିକାରୀ ଖିଣ୍ଡା ପଞ୍ଚାୟତର ମାତ୍ର ୬୦ ଜଣଙ୍କୁ ତ୍ରିପାକ୍ଷିକ ଆଲୋଚନାକୁ ଡାକି ସମସ୍ୟା ସମାଧାନ ହେଲା ବୋଲି ଘୋଷଣା କରିଛନ୍ତି। ଏଥିରେ ରାଜନୈତିକ ହସ୍ତକ୍ଷେପ କରାଯାଇଥିଲା। କମ୍ପାନୀ ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ବିସ୍ଥାପିତମାନଙ୍କୁ ଚାପ ଓ ଧମକ ଚମକ ଦିଆଯାଉଛି। ସଭାସମିତି କିମ୍ୱା ବୈଠକ କଲେ ଅସାମାଜିକ ଯୁବକମାନଙ୍କୁ ପ୍ରବର୍ତ୍ତାଇ ଭଣ୍ଡୁର କରାଯାଉଛି । ଉଭୟ ଜିଲାରେ ବନ ବିଭାଗର ଗଛ କଟା ରିପୋର୍ଟରେ ତ୍ରୁଟି ରହୁଛି। ବାସ୍ତବରେ ଏହାର ୨ ଗୁଣା ଗଛ କଟାଯିବ ବୋଲି ଶୁଣିବାକୁ ମିଳିଛି।



ସମ୍ବଲପୁର ତଳାବିରା କୋଇଲା ଖଣି ପାଇଁ ଜଙ୍ଗଲରେ କଟାଯାଇଥିବା ଗଛ।

ସମ୍ବଲପୁର ଓ ଝାରସୁଗୁଡ଼ା ଜିଲା ବନ ବିଭାଗର ସହଯୋଗରେ ଜଙ୍ଗଲ ସୃଷ୍ଟି ଲାଗି ପ୍ରାୟ ୭୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଗାଁ ଗାଁରେ ବନ ସୁରକ୍ଷା ସମିତି ଗଠନ କରି ଗଛର ଯତ୍ନ ନେବା ସହ ସୁରକ୍ଷା ଦାୟିତ୍ୱ ଦିଆଯାଇଥିଲା । ଅଞ୍ଚଳବାସୀଙ୍କ ପରିଶ୍ରମ ଯୋଗୁ ଆଜି ଘଞ୍ଚ ଜଙ୍ଗଲରେ ପରିଣତ ହୋଇଛି । ହେଲେ ଏବେ ତାହା ସଫା ହୋଇଯିବ । ରାଜସ୍ୱ ଓ କମ୍ପାନୀ ପ୍ରୀତି ପାଇଁ ମୂଲ୍ୟବାନ ଗଛଗୁଡିକ କଟାଯାଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସେହିପରି ପରିବେଶବିତ୍‌ମାନେ ମଧ୍ୟ ଗଛ କଟାକୁ ନିନ୍ଦା କରିଛନ୍ତି । କୋଇଲା ଉତ୍ତୋଳନ ପାଇଁ ଲକ୍ଷାଧିକ ଗଛ କାଟିଦେବା ନିୟମ ବିରୋଧୀ ବୋଲି ସେମାନେ ମତ ଦେଇଛନ୍ତି। ଜଙ୍ଗଲ ଅଧିକାର ଆଇନକୁ ଏଠାରେ ପାଳନ କରାଯାଉ ନାହିଁ। ଗ୍ରାମ ସଭାରେ ଗଛ କଟାକୁ ବିରୋଧ ସତ୍ତ୍ୱେ ସରକାର କମ୍ପାନୀକୁ ଅନୁକମ୍ପା ଦେଖାଇଛନ୍ତି । କମ୍ପାନୀର ଲାଭ ପାଇଁ ସରକାର ଲୋକଙ୍କ ଜୀବନଜୀବିକା ଛଡାଇ ନେଇଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଏନଏଲସି କମ୍ପାନୀ ଅଧିକାରୀ ସୁରେଶ ସୁମନ କହିଛନ୍ତି, ଗଛ କାଟିବା ପାଇଁ ସରକାର ନିୟମ ଅନୁସାରେ ସମସ୍ତ ପ୍ରକ୍ରିୟା ଅବଲମ୍ୱନ କରାଯାଇଛି । ଏଥିପାଇଁ କମ୍ପାନୀ ପକ୍ଷରୁ କ୍ଷତିପୂରଣ ରାଶି ମଧ୍ୟ ଜମା କରାଯାଇଛି । ଡିଏଫ୍‌ଓଙ୍କ ଅନୁମତି କ୍ରମେ ବନ ନିଗମ ପକ୍ଷରୁ ଗଛ କଟାଯାଉଛି । କୌଣସି ବ୍ୟତିକ୍ରମ ଘଟିନାହିଁ । ଏହାସହ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ମାନଙ୍କୁ ମଧ୍ୟ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି । ଏ ସମ୍ପର୍କରେ ଜିଲାପାଳ ଶୁଭମ ସକସେନାଙ୍କୁ ପଚାରିବାରୁ କହିଥିଲେ ଯେ, ପ୍ରଶାସନ ପକ୍ଷରୁ ନିୟମ ଅନୁସାରେ ସମସ୍ତ କାର୍ଯ୍ୟ କରାଯାଇଛି । ବିସ୍ଥାପିତମାନଙ୍କୁ ମଧ୍ୟ ଥଇଥାନ ଓ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।

> ■ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଗଛକଟା ଜାରି
>
> ■୧୭ଦିନ ମଧ୍ୟରେ ୪୦ହଜାର ଗଛ କଟା ସରିଛି
>
> ■ଗ୍ରାମସଭାରୁ ମିଳିନି ଅନୁମତି
>
> ■ପୋଲିସ ଉପସ୍ଥିତିରେ ଛାରଖାର ହେଉଛି ସବୁଜିମା
>
> ■ହାତ ବାନ୍ଧି ବସିଛି ପ୍ରଶାସନ

ଏ ସମ୍ପର୍କରେ ସମ୍ବଲପୁର ଡିଏଫ୍‌ଓ ସଞ୍ଜିତ କୁମାରଙ୍କୁ ପଚାରିବାରୁ କମ୍ପାନୀକୁ ଗଛ କଟା ଅନୁମତି ଦେବା ପୂର୍ବରୁ ସରକାରଙ୍କ ସମସ୍ତ ନିୟମ ପାଳନ କରାଯାଇଛି । କମ୍ପାନୀ ସହିତ ଚୁକ୍ତି କରାଯାଇଛି । ନିୟମ ଅନୁସାରେ କାମ୍ପା ଯୋଜନାରେ ଗଛ କଟାଯିବା ପାଇଁ କମ୍ପାନୀ କ୍ଷତିପୂରଣ ଟଙ୍କା ଜମା କରି ସାରିଛି। ଫଳରେ ଗଛ କଟା ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ତଳାବିରା –୧ ଓ ତଳାବିରା–୨ କୋଇଲା ଖଣିରୁ କୋଇଲା ଉତ୍ତୋଳନ କରିବା ପାଇଁ ନେଗଭେଲି ଲିଗନାଇଟ ଲିମିଟେଡ କମ୍ପାନୀ ଅନୁମତି ପାଇଛି । ଲୋକଙ୍କ ବିରୋଧ ଯୋଗୁ ୨୦୧୮ରେ ଆଦାନୀ କମ୍ପାନୀକୁ ସବ୍‌କଣ୍ଟ୍ରାକ୍ଟର ଭାବେ ଚୁକ୍ତି କରିଛି । ତଳାବିରା–୧ ଓ ତଳାବିରା–୨ ପାଇଁ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲାରେ ସଂରକ୍ଷିତ ଜଙ୍ଗଲ, ଡିଷ୍ଟ୍ରିକ୍ଟ ଲେବଲ କମିଟି, ରାଜସ୍ୱ ବିଭାଗର ମୋଟ ୧୯୧୪. ୦୬୩ ହେକ୍ଟର ଜମିରେ କୋଇଲା ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଛି । ସେଥିମଧ୍ୟରୁ ଝାରସୁଗୁଡ଼ା ଜିଲାର ୮୪୫. ୫୬୧ ହେକ୍ଟର ଜଙ୍ଗଲ ଜମି ଓ ସମ୍ବଲପୁର ବନଖଣ୍ଡର ୧୯୨.୬୨୬ ହେକ୍ଟର ଜଙ୍ଗଲ ଜମି ରହିଛି । ସେହିପରି ଝାରସୁଗୁଡ଼ା ଜିଲାର ୩୮୫.୩୭୯ ହେକ୍ଟର ରାଜସ୍ୱ ଜମି ଓ ୪୬୦.୧୮୨ ହେକ୍ଟର ଜମି ରହିଛି । କମ୍ପାନୀ ୧୭ ହଜାର କୋଟି ଟଙ୍କା ବିନିଯୋଗ କରି ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରୁଛି। ଏଥିରୁ ୩୨୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦିତ ହେବ।

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସଞ୍ଜୟ



ବିବେକାନନ୍ଦ



ବିଶ୍ୱଜିତ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI
ଶନିବାର, ୨୧ ଡିସେମ୍ବର, ୨୦୧୯

ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ- ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ- ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ- ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ।
-ଶ୍ରୀମା



# ଗୁଜରାଟ ସିଣ୍ଡ୍ରୋମ୍



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ରରେ ଯେତେବେଳେ ଅଧିକ ବିଶ୍ୱସ୍ତ ଅଧିକାରୀଙ୍କ ଆବଶ୍ୟକତା ପଡୁଛି ସେତେବେଳେ ମୋଦି ସରକାର ଗୁଜରାଟ ଆଡକୁ ମୁହାଁଉଛନ୍ତି। ତାଙ୍କ ସମୟରେ ରାଜଧାନୀ ଦିଲ୍ଲୀରେ ଗୁଜରାଟୀ ବାବୁମାନଙ୍କର ବିଷମାନୁପାତିକ ଉପସ୍ଥିତି ରହିଆସିଛି। ମୋଦି ବହୁଦିନ ଧରି ଗୁଜରାଟର ମୁଖ୍ୟମନ୍ତ୍ରୀ ରହିବା ପରେ ଯେତେବେଳେ ଦେଶର ପ୍ରଧାନମନ୍ତ୍ରୀ ହେଲେ ସେତେବେଳେ ତାଙ୍କ ପ୍ରିୟ ଓ ଅନୁଗତ ବାବୁମାନେ ଧୀରେ ଧୀରେ ତାଙ୍କୁ ଅନୁସରଣ କରି ଦିଲ୍ଲୀ ଚାଲିଆସିଲେ। ଏପରିକି ଏହି ଧାରା ମୋଦିଙ୍କ ଦ୍ୱିତୀୟ ପାଳିରେ ବି ଲାଗିରହିଛି। ପ୍ରାପ୍ତ ସୂତ୍ରରୁ ଜଣାପଡ଼େ, ଗୁଜରାଟ କ୍ୟାଡର ଭାରତୀୟ ବନସେବା ଅଧିକାରୀ (ଆଇଏଫ୍ଓଏସ୍) ନିରଞ୍ଜନ କୁମାର ସିଂଙ୍କୁ ତୈଳ ଉଦ୍ୟୋଗ ବିକାଶ ବୋର୍ଡର ସଚିବ ଭାବେ ଯୁଗ୍ମସଚିବ ପାହ୍ୟାରେ ଦୁଇବର୍ଷ ପାଇଁ ନିଯୁକ୍ତି ଦିଆଯାଇଛି। ସେ ଦିବାକରନାଥ ମିଶ୍ରଙ୍କ ସ୍ଥାନରେ ଏହି ନିଯୁକ୍ତି ପାଇଛନ୍ତି। ନାଥ ଏହି ବର୍ଷ ବାଣିଜ୍ୟ ବିଭାଗର ଯୁଗ୍ମସଚିବ ଭାବେ ବଦଳି ହେବା ପରେ ପଦଟି ଖାଲି ପଡ଼ିଥିଲା। ୧୯୮୭ ବ୍ୟାଚ୍‌ର ଅଧିକାରୀ ସିଂ ଖଣି ମନ୍ତ୍ରଣାଳୟରେ ଯୁଗ୍ମସଚିବ ରହିବା ସହ କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ପଦରେ ଦାୟିତ୍ୱ ନିର୍ବାହ କରିଛନ୍ତି। ତୈଳ ଉଦ୍ୟୋଗ ବିକାଶ ଅଧିନିୟମ, ୧୯୭୪ ଅନୁଯାୟୀ ୧୯୭୫ ଜାନୁୟାରୀ ୧୩ରେ ତୈଳ ଉଦ୍ୟୋଗ ବିକାଶ ବୋର୍ଡ ଗଠନ କରାଯାଇଥିଲା। ଉଦ୍ୟୋଗର ବିକାଶ ଲାଗି ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇ ଦେବା ଏହି ବୋର୍ଡ ଗଠନର ଲକ୍ଷ୍ୟ। ଏହା ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ପ୍ରଶାସନିକ ନିୟନ୍ତ୍ରଣରେ ରହି କାର୍ଯ୍ୟ କରୁଛି।

### ଡିଓପିଟି ଛାଟ

ମୋଦି ସରକାର ଧୀରେ ଧୀରେ ପ୍ରଶାସନରେ ଥିବା ଅଳିଆ ସଫା କରିବାରେ ଲାଗିଛନ୍ତି। ଅପାରଗ ତଥା ଦୁର୍ନୀତି ଅଭିଯୁକ୍ତ ଅଧିକାରୀମାନଙ୍କୁ ବିଦାକରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଏହି କିଛିମାସ ଭିତରେ ଅନେକ ଟିକସ ବାବୁ ଏପରି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛନ୍ତି। ଗତ ସେପ୍ଟେମ୍ବର ମାସରେ ଦୁର୍ନୀତି ଓ ଅନ୍ୟ ଅଭିଯୋଗ ଥିବା ୧୫ ଜଣ ବରିଷ୍ଠ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଚଳିତବର୍ଷ ଜୁନ୍‌ମାସ ସୁଦ୍ଧା ସରକାର କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡର ୧୨ ଜଣ ଅଧିକାରୀଙ୍କ ସମେତ ୪୯ ଜଣ ଉଚ୍ଚପାହ୍ୟାର ଟିକସ ବାବୁଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଏବେ ମୋଦି ସରକାର ଏହି ଧାରାକୁ ବ୍ୟାପକ କରୁଛନ୍ତି। ସମ୍ପ୍ରତି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଅପାରଗ ତଥା ଦୁର୍ନୀତିଗ୍ରସ୍ତ ବାବୁମାନଙ୍କୁ ବିଦାକରିବା ଲାଗି ସେମାନଙ୍କ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଥ୍ୟ ପଠାଇବା ନିମନ୍ତେ ୪୦ରୁ ଊର୍ଦ୍ଧ୍ୱ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଡିଓପିଟି ୬ ମାସ ପୂର୍ବରୁ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗକୁ ଅନୁରୂପ ଚିଠି ଦେଇଥିଲା। କିନ୍ତୁ ମନ୍ତ୍ରଣାଳୟଗୁଡିକ ଡିଓପିଟି ଚାହୁଁଥିବା ତଥ୍ୟ ଦେବାରେ ସବୁବେଳେ ଅବହେଳା କରିଆସିଛନ୍ତି। ତେବେ ଡିଓପିଟିର ଏବକାର ନିର୍ଦ୍ଦେଶରେ ସ୍ପଷ୍ଟ କରିଦିଆଯାଇଛି ଯେ, ତଥ୍ୟ ଦେବାରେ ବିଳମ୍ବ କଲେ ତାକୁ କ୍ଷମା ଦିଆଯାଇପାରିବ ନାହିଁ। ଡିଓପିଟିର ଛାଟ ଏବେ କାମ କରିବ ତ ? ବର୍ତ୍ତମାନର ମନୋଭାବକୁ ଦେଖିଲେ ଜଣାପଡୁଛି ଯେ, ଦୁର୍ନୀତି ବିରୋଧରେ ସରକାର କୋହଳ ନୀତି ଅବଲମ୍ବନ କରିବାର କୌଣସି ସମ୍ଭାବନା ନାହିଁ।

### ବାବୁଙ୍କ ନିଯୁକ୍ତିରେ ଅନିଶ୍ଚିତତା

ତେଲଙ୍ଗାନାରେ ଅନେକ ମାସ ଧରି ୨୦୧୬ ଓ ୨୦୧୭ ବ୍ୟାଚ୍‌ର ଅନ୍ୟୁନ ୧୮ ଜଣ ଆଇଏଏସ୍ ଅଧିକାରୀ ଉପଜିଲାପାଳ ଭାବେ ନିଯୁକ୍ତି ପାଇବା ଲାଗି ଅପେକ୍ଷାରେ ରହିଛନ୍ତି। ରାଜ୍ୟ ସରକାର ସେମାନଙ୍କ ନିଯୁକ୍ତି ଘୋଷଣା କରିବାରେ କାହିଁକି ବିଳମ୍ବ କରୁଛନ୍ତି ସେ ସମ୍ପର୍କରେ କିଛି ସ୍ପଷ୍ଟୀକରଣ ଦେଇପାରୁ ନାହାନ୍ତି। ଏପରିକି ତେଲଙ୍ଗାନା ଆଇଏଏସ୍ ଅଧିକାରୀ ସଂଘ ସରକାରଙ୍କଠାରୁ କୌଣସି ପ୍ରତିକ୍ରିୟା ପାଇବାରେ ବିଫଳ ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ୮ ଜଣ ଆଇଏଏସ୍ ଅଧିକାରୀ ଗତବର୍ଷ ଅକ୍ଟୋବର ସୁଦ୍ଧା ତାଙ୍କ ତାଲିମ ଶେଷ କରି ସାଧାରଣ ପ୍ରଶାସନ ବିଭାଗ (ଜିଏଡି)କୁ ନିଯୁକ୍ତି ଲାଗି ଜଣାଇଥିଲେ। ସରକାର ସେମାନଙ୍କୁ ୮ଟି ଜିଲାରେ ସ୍ୱତନ୍ତ୍ର ଅଧିକାରୀ ଭାବେ ନିଯୁକ୍ତି ଦେଇଥିବା ବେଳେ ସେମାନେ ସେହି ପଦରେ ହିଁ କାର୍ଯ୍ୟ କରୁଛନ୍ତି। ୨୦୧୭ ବ୍ୟାଚ୍‌ର ୧୦ ଜଣ ଆଇଏଏସ୍ ଅଧିକାରୀ ବି ସମାନ ଦଶା ଭୋଗୁଛନ୍ତି। ଏହି ସମୟରେ ଅନ୍ୟ ରାଜ୍ୟରେ ଥିବା ସେମାନଙ୍କ ବ୍ୟାଚ୍‌ମେଟ୍‌ମାନେ ଉପଜିଲାପାଳ ହୋଇସାରିଥିବା ବେଳେ ଏହି ୧୮ ଜଣ ବାବୁ ସମାନ ପଦ ଲାଗି ଆଦେଶ ପାଇବା ଅପେକ୍ଷାରେ ରହିଛନ୍ତି। ଏହି ବିଳମ୍ବର କାରଣ କ'ଣ ଏବଂ ଏବକାର ସ୍ଥିତି କେତେଦିନ ବଳବତ୍ତର ରହିବ ତାହା କେହି ଜାଣିନାହାନ୍ତି।

Email: dilipcherian@gmail.com

# ଉଚ୍ଚଶିକ୍ଷାରେ ସଂସ୍କାର



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଚଳିତବର୍ଷ ଉଚ୍ଚଶିକ୍ଷାରେ ସଂସ୍କାର ଆଣିବା ପାଇଁ ଓଡ଼ିଶା ସରକାର ଅନେକ ଦୃଢ଼ ପଦକ୍ଷେପ ନେଇଛନ୍ତି। ଅଭିଭାବକଙ୍କଠାରୁ ଆରମ୍ଭକରି ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଖୁସି ଯେ, ଅଧ୍ୟାପକମାନଙ୍କୁ ସାତଘଣ୍ଟା କଲେଜରେ ଉପସ୍ଥିତ ରହିବା ପାଇଁ କଠୋର ନିର୍ଦ୍ଦେଶନାମା ଜାରି କରିବା ସହ ବାୟୋମେଟ୍ରିକ୍‌ର ପ୍ରଚଳନ ମଧ୍ୟ କରାଯାଇଛି। ବହୁ ପୂର୍ବରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନିୟମ କରିଥିଲେ ଯେ, ଅଧ୍ୟାପକମାନଙ୍କୁ ୟୁଜିସି ହାରରେ ଦରମା ଦିଆଯାଉ ଓ ସେମାନେ କଲେଜରେ ପାଞ୍ଚଘଣ୍ଟା ରହିବାକୁ ବାଧ୍ୟ। ଏହାର ଉଦ୍ଦେଶ୍ୟ ଥିଲା ଅଧ୍ୟାପକମାନେ ଶିକ୍ଷାଦାନ କରିବା ବ୍ୟତୀତ ଗବେଷଣା କରିବେ। ଆଲୋଚନାଚକ୍ରରେ ଯୋଗଦେବେ। ପାଠାଗାରରେ ବସି ଅଧ୍ୟୟନ କରିବେ ଓ ଅନ୍ୟୂନ ଚାରୋଟି ରିଫ୍ରେସର କୋର୍ସ କରି ଶିକ୍ଷଣ ପ୍ରଣାଳୀର ଗୁଣାତ୍ମକମାନ ବଢ଼ାଇବେ। ବେଶ୍ କିଛି ବର୍ଷ ଧରି ଏହିସବୁ ନୀତିନିୟମ ଠିକ୍ କାର୍ଯ୍ୟକାରୀ ହେଉଥିଲା। ଗତ ସତୁରି ଦଶକରେ ଏହି ଲେଖକ ଛାତ୍ର ଥିବାବେଳେ ଅନୁଭବ କରିଛି, ପ୍ରାୟ ସମସ୍ତ ଅଧ୍ୟାପକ ପାଞ୍ଚଘଣ୍ଟା ବା ତଦୂର୍ଦ୍ଧ୍ୱ ସମୟ କଲେଜରେ ଉପସ୍ଥିତ ରହୁଥିଲେ। ଅଧ୍ୟାପକମାନେ କର୍ତ୍ତବ୍ୟନିଷ୍ଠ ଓ ସମର୍ପିତ ଥିଲେ। ଶ୍ରେଣୀଗୃହକୁ ଆସିବା ପୂର୍ବରୁ ଯଥେଷ୍ଟ ପ୍ରସ୍ତୁତ ହେଉଥିଲେ। ସେତେବେଳେ ଆଜିକାଲି ଭଳି ଗାଇଡ୍ ବହି ପ୍ରଚଳନ ନ ଥିଲା। ମୂଳ ବହି ଅଧ୍ୟୟନ ଓ ଅଧ୍ୟାପକମାନଙ୍କ ଶ୍ରେଣୀଗୃହ ଅଧ୍ୟାପନା ହିଁ ଆମକୁ ସଫଳତା ଦେଉଥିଲା। ଆମେ ସକାଳ ନଅଟାରୁ ପାଞ୍ଚଟା ପର୍ଯ୍ୟନ୍ତ କଲେଜରେ କ୍ଲାସ୍ କରୁଥିଲୁ ଓ ଅପରାହ୍ଣରେ ଟ୍ୟୁଟୋରିଆଲ କ୍ଲାସ୍ ହେଉଥିଲା, ଯେଉଁଠି ଆମେ ଆମର ସନ୍ଦେହ ମୋଚନ କରୁଥିଲୁ।

ଆଜି ଦୃଶ୍ୟପଟ ବଦଳିଯାଇଛି। ଓଡ଼ିଶା ସରକାର ୟୁଜିସି ବେତନ ହାର ଉଚ୍ଛେଦ କରିଛନ୍ତି। ଘରୋଇ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବର୍ଗର ଅଧ୍ୟାପକ ଅଛନ୍ତି- ୟୁଜିସି ବର୍ଗ, ରାଜ୍ୟ ବେତନ ହାର ବର୍ଗ, ବ୍ଲକ୍‌ଗ୍ରାଣ୍ଟ ବର୍ଗ ଓ ସମ୍ପୂର୍ଣ୍ଣ ପରିଚାଳନା ସମିତି ନିୟନ୍ତ୍ରିତ ବର୍ଗ। ବେତନ ହାର ଦେଢ଼ଲକ୍ଷଠୁ ୮/୧୦ ହଜାର ପର୍ଯ୍ୟନ୍ତ ରହିଛି। ଯେଉଁମାନେ ଦେଢ଼ଲକ୍ଷ ଟଙ୍କା ମାସକୁ ପାଆନ୍ତି ସେମାନଙ୍କ କାମ ଯାହା ୧୦ ହଜାର ବେତନ ପାଉଥିବା ଅଧ୍ୟାପକମାନଙ୍କ କାମ ବି ତାହା। ସାତଘଣ୍ଟିଆ ଉପସ୍ଥାନ ନିୟମ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ଏଣୁ ଅଳ୍ପ ଦରମାରେ ଚାକିରି କରୁଥିବା ଅଧ୍ୟାପକମାନେ ଅସନ୍ତୁଷ୍ଟ ହେବା ସ୍ୱାଭାବିକ। ଅବଶ୍ୟ ଏହି ନିୟମ କାର୍ଯ୍ୟକାରୀ କରିବା ପଛରେ ସରକାରଙ୍କ ଅନୁଭବ ହେଉଛି ଯେ ଅଧ୍ୟାପକମାନେ ପ୍ରାୟତଃ ୫ଘଣ୍ଟା ସମୟ ମଧ୍ୟ କଲେଜରେ ରହୁନାହାନ୍ତି। ଦୁଇ ତିନୋଟି କ୍ଲାସ୍ କରି ସେମାନେ ଚାଲିଯାଉଛନ୍ତି। ଅନ୍ୟପକ୍ଷରେ ଅନେକ ଛାତ୍ରୀଛାତ୍ର ଅଳ୍ପ କ୍ଲାସ୍‌ରେ ଉପସ୍ଥିତ ରହି ବା ଆଦୌ ଉପସ୍ଥିତ ନ ରହି ପରୀକ୍ଷା ବେଳକୁ ଆବିର୍ଭୂତ ହେଉଥିଲେ। ପ୍ରାୟ ୧ଟା ବେଳକୁ କଲେଜ ପରିସର ଜନଶୂନ୍ୟ ହେଉଥିଲା। ସାତଘଣ୍ଟିଆ ଉପସ୍ଥିତି ନିୟମ ଓ ବାୟୋମେଟ୍ରିକ ପ୍ରଚଳନ ଏହି ସମସ୍ୟାର ସମାଧାନ କରିପାରିବ ବୋଲି ସରକାର ଭାବୁଛନ୍ତି। ମାତ୍ର ଅଧିକାଂଶ କଲେଜରେ ସମୃଦ୍ଧ ପାଠାଗାର ନାହିଁ କି ପଠନ କକ୍ଷ ବି ନାହିଁ। ଛୋଟ କଲେଜଗୁଡ଼ିକରେ ପ୍ରାୟ ଦିନକୁ ଦୁଇ ବା ତିନୋଟି କ୍ଲାସ୍ କରିସାରିବା ପରେ ବାକି ସମୟ ସେମାନେ କେଉଁଠି ପଢ଼ିବେ ଓ କ'ଣ ପଢ଼ିବେ। ଏହାର ଅର୍ଥ ନୁହେଁ ଯେ ସେମାନଙ୍କ ସାତଘଣ୍ଟିଆ ରହଣିକୁ ସମର୍ଥନ କରାଯାଉ ନାହିଁ। କଲେଜଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ ହେଲେ ଏହି ରହଣି ଫଳପ୍ରଦ ହେବ। ପୁନଶ୍ଚ ଅଧିକାଂଶ କଲେଜରେ ସ୍ଥାୟୀ ଅଧ୍ୟାପକ ପଦବୀ ବହୁସଂଖ୍ୟାରେ ଖାଲି। ଅତିଥି ଅଧ୍ୟାପକମାନଙ୍କୁ ନେଇ କାମ ଚଳେଇ ନିଆଯାଉଛି। ଅତିଥି ଅଧ୍ୟାପକମାନଙ୍କ ପାଇଁ ସାତଘଣ୍ଟିଆ ରହଣି ପ୍ରଯୁଜ୍ୟ ନୁହେଁ। ପୁନଶ୍ଚ ଯେହେତୁ ସେମାନେ କାମଚଳା ଅଧ୍ୟାପକ, ସେମାନଙ୍କଠାରୁ ସମର୍ପଣ ଭାବ ବା ଅନୁଷ୍ଠାନ ପ୍ରତି ଅନୁରକ୍ତି ଆଶା କରାଯାଇପାରିବ ନାହିଁ।

ଆହୁରି ଏକ ବଡ଼ ବିଡ଼ମ୍ବନାର କଥା। କିଛିବର୍ଷ ହେବ ସମଗ୍ର ଓଡ଼ିଶାର ସ୍ୱୟଂଶାସିତ କଲେଜ ପାଇଁ ସିଲାବସ୍ ତିଆରି କରାଗଲା। ମାତ୍ର ଅଧିକାଂଶ ବହି ବଜାରରେ ଉପଲବ୍ଧ ହେଉନାହିଁ। ଅଧ୍ୟାପକମାନେ ନେଟ୍‌ରୁ ଅଳ୍ପକିଛି ଉପାଦାନ ସଂଗ୍ରହକରି ଅଧ୍ୟାପନା କରୁଛନ୍ତି। ମୂଳ ବହି କୌଣସି ଛାତ୍ରୀଛାତ୍ର ପାଉନାହାନ୍ତି। ନେଟ୍‌ରୁ ସଂଗୃହୀତ ଉପାଦାନ ଆଦୌ ଯଥେଷ୍ଟ ନୁହେଁ। ଏପରି ସ୍ଥଳେ ଶିକ୍ଷାର ଗୁଣାତ୍ମକ ମାନ ବଢ଼ିବ କିପରି ? ଯେଉଁମାନେ ସିଲାବସ୍ ସ୍ଥିର କରିଛନ୍ତି ସେମାନେ ନିଶ୍ଚିତ କରିବା କଥା ଯେ ବହିଗୁଡ଼ିକ ବଜାରରେ ଉପଲବ୍ଧ। ମାତ୍ର ତାହା ହେଉନାହିଁ। ସମ୍ପ୍ରତି ଲକ୍ଷ୍ୟ କରାଯାଉଛି, ଆଜିକାଲି ଛାତ୍ରୀଛାତ୍ରଙ୍କର ପୂର୍ବଭଳି ପଠନ ସ୍ପୃହା ହ୍ରାସ ପାଇଛ। ଅଧିକାଂଶ କଲେଜରେ ସେମାନଙ୍କ ଉପସ୍ଥିତି କମିଯାଉଛି। ସେମାନେ କ୍ଲାସ୍‌କୁ ନ ଆସିଲେ ଅଧ୍ୟାପକ ଅଧ୍ୟାପିକା କାହାକୁ ପାଠ ପଢ଼ାଇବେ ? ସରକାର ନିର୍ଦ୍ଦେଶ ଦେଇଛନ୍ତି ସେମାନଙ୍କର ଉପସ୍ଥିତି ୭୫ ପ୍ରତିଶତରୁ କମିଗଲେ ସେମାନେ ପରୀକ୍ଷାରେ ବସିପାରିବେ ନାହିଁ। ଏହି ନିୟମ ପୂର୍ବରୁ ମଧ୍ୟ ଥିଲା। ମାତ୍ର ଏହା ଆଦୌ କାର୍ଯ୍ୟକାରୀ ହେଉ ନ ଥିଲା। ଅତୀତରେ ଯେଉଁ କଲେଜଗୁଡ଼ିକ ଏହି ନିୟମକୁ କଡ଼ାକଡ଼ି ଭାବରେ ପ୍ରୟୋଗ କରୁଥିଲେ ସେଠାରେ ଛାତ୍ର ଆନ୍ଦୋଳନ ହେଉଥିଲା। ପରିଶେଷରେ ସାଲିସ୍ କରାଯାଉଥିଲା। ସେମାନଙ୍କୁ ଅତିରିକ୍ତ କ୍ଲାସ୍ କରିବାକୁ କୁହାଯାଉଥିଲା। ୭୫ପ୍ରତିଶତରୁ କମ୍ ଉପସ୍ଥାନ ଯୋଗୁ ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷା ଦେବାର ସୁଯୋଗ ଦିଆ ନ ଗଲେ ଅଧ୍ୟକ୍ଷଙ୍କ ଉପରେ ପ୍ରଚଣ୍ଡ ଚାପ ପଡୁଥିଲା। ତାହା କେବଳ ଅନୁଭବୀ ହିଁ ଜାଣିପାରିବେ। ଏହି ପରିସ୍ଥିତିରେ ଛାତ୍ରୀଛାତ୍ରମାନେ କ୍ଲାସ୍ କରିବାକୁ ନ ଆସିଲେ ମଧ୍ୟ ଅଧ୍ୟାପକ ଅଧ୍ୟାପିକାମାନେ ଆନ୍ଦୋଳନାତ୍ମକ ପରିସ୍ଥିତିକୁ ଏଡ଼େଇଦେବା ପାଇଁ ସମସ୍ତଙ୍କୁ ୭୫ପ୍ରତିଶତ ଉପସ୍ଥାନ ଦେବାର ସମ୍ଭାବନାକୁ ଏଡ଼େଇ ଦିଆଯାଇ ନ ପାରେ। ଉଚ୍ଚଶିକ୍ଷା କ୍ଷେତ୍ରରେ ପରିଲକ୍ଷିତ ହେଉଥିବା ସ୍ଥାଣୁତା ପାଇଁ ଅଭିଭାବକ ମଧ୍ୟ କମ୍ ଦାୟୀ ନୁହନ୍ତି। ସେମାନଙ୍କ ପୁଅଝିଅମାନେ କଲେଜକୁ କ୍ଲାସ୍ କରିବାକୁ ଆସୁଛନ୍ତି ନା ନାହିଁ ସେ ବିଷୟରେ ଅଧିକାଂଶ ଅଭିଭାବକ ତଦାରଖ କରନ୍ତି ନାହିଁ। ଅଧ୍ୟକ୍ଷ ଅଭିଭାବକ-ଶିକ୍ଷକ ସଭା ଆହ୍ୱାନ କଲେ ଶତକଡ଼ା ୯୦ ଭାଗ ଅଭିଭାବକ ଆସନ୍ତି ନାହିଁ। ଛାତ୍ରୀଛାତ୍ରମାନେ ପରୀକ୍ଷାରେ ଅସତ୍ ଉପାୟ ଅବଲମ୍ବନ କଲେ ଅନେକ ଅଭିଭାବକ ତାକୁ ବିରୋଧ କରନ୍ତି ନାହିଁ। ଅନେକ କଲେଜରେ ସେମାନେ ପରୀକ୍ଷା କେନ୍ଦ୍ରରେ ସେମାନଙ୍କ ପୁଅଝିଅଙ୍କୁ ଅସତ୍ ଉପାୟରେ ସାହାଯ୍ୟ କରିବାର ବ୍ୟବସ୍ଥା ମଧ୍ୟ କରିଥାନ୍ତି। ଏହିପରି କ୍ଷେତ୍ରରେ ଉଚ୍ଚଶିକ୍ଷାର ମାନ ବଢ଼ାଇବା ଦିବାସ୍ୱପ୍ନ ଭଳି ମନେହୁଏ। ଉଚ୍ଚଶିକ୍ଷାରେ ଗୁଣାତ୍ମକ ମାନ ବଢ଼ାଇବା ସମ୍ଭବ ହେବ ଯେଉଁଦିନ ଛାତ୍ର, ଶିକ୍ଷକ ଓ ଅଭିଭାବକ ସମ୍ମିଳିତ ଭାବରେ ଆନ୍ତରିକତା ପ୍ରଦର୍ଶନ ପୂର୍ବକ ଉଦ୍ୟମ କରିବେ। ଶିକ୍ଷକମାନଙ୍କ ଉପରେ କଡ଼ା ନିୟମ ଜାରିକରି ଶିକ୍ଷାରେ ସଂସ୍କାର ସମ୍ଭବ ନୁହେଁ। ସେପରି କ୍ଷେତ୍ରରେ ସେମାନେ କେବଳ ବାଧ୍ୟବାଧକତାରେ ଶିକ୍ଷାଦାନ କରିବେ। ସେମାନେ କିଭଳି ସ୍ୱତଃପ୍ରବୃତ୍ତ ଭାବରେ ଶିକ୍ଷାଦାନ କରିବା ପାଇଁ ଆଗ୍ରହୀ ହେବେ, ସେଭଳି ଏକ ପରିବେଶ ସୃଷ୍ଟି କରିବାକୁ ହେବ। ଏହା ସମ୍ଭବ ହେବ ଯଦି ସରକାର ଓ ସମାଜ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବେ ଓ ସମ୍ମାନ ପ୍ରଦର୍ଶନ କରିବେ। କାରଣ ସେମାନେ ହିଁ ଗଢୁଛନ୍ତି ଆଜିର ମନ୍ତ୍ରୀ, ପ୍ରଶାସକ, ଡାକ୍ତର, ଇଞ୍ଜିନିୟର, ବିଚାରପତି ଇତ୍ୟାଦିଙ୍କୁ। ସେମାନେ ହିଁ ପ୍ରକୃତରେ ଦେଶର ନାଗରିକମାନଙ୍କୁ ନିର୍ମାଣ କରୁଛନ୍ତି। ଆମ୍ଭେମାନେ ଉଚ୍ଚାସନରେ ଅଧିଷ୍ଠିତ ହୋଇଛୁ ଏବଂ ସେଥିରେ ସେମାନଙ୍କର ଅବଦାନ ରହିଛି, ଏକଥାକୁ ଅସ୍ୱୀକାର କରିହେବ ନାହିଁ।

ମାତ୍ର ଏକଥା ମଧ୍ୟ ସତ୍ୟ ଯେ, ଅନେକ ଅଧ୍ୟାପକ ଯେଉଁମାନେ ଉଚ୍ଚ ଦରମା ପାଉଛନ୍ତି ସେମାନେ ମଧ୍ୟ କର୍ତ୍ତବ୍ୟନିଷ୍ଠ ନୁହନ୍ତି। କଲେଜରେ ଛାତ୍ରୀଛାତ୍ରମାନଙ୍କୁ ଠିକ୍ ନ୍ୟାୟ ଦେଉନାନ୍ତି। ଅଥଚ ଘରୋଇ ଟ୍ୟୁଶନରେ ସମୟ ଦେଉଛନ୍ତି। ଆଶା କରାଯାଏ, ସରକାର ଅଧ୍ୟାପକମାନଙ୍କ ମଧ୍ୟରେ ଦରମାଗତ ଭେଦଭାବ ଦୂରକଲେ ଓ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସେମାନଙ୍କୁ ମଧ୍ୟ ସମସ୍ତ ସୁବିଧା ଦେଲେ ସେମାନେ କର୍ତ୍ତବ୍ୟନିଷ୍ଠ ହେବେ। ଅଧ୍ୟାପନାକୁ ବୃତ୍ତି ଭାବରେ ଗ୍ରହଣ ନ କରି ବ୍ରତ ଭାବରେ ଗ୍ରହଣ କରିବେ। ତାକୁ ଜୀବିକା ଭାବରେ ଗ୍ରହଣ ନ କରି ଜୀବନ ଭାବରେ ଗ୍ରହଣ କରିବେ। ଏହି ପ୍ରସଙ୍ଗରେ ସତ୍ୟବାଦୀ ବନବିଦ୍ୟାଳୟରେ ଅଧ୍ୟାପନା କରୁଥିବା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ବିଷୟରେ ମନେପକାଇ ଦିଆଯାଇପାରେ। ସେ ଯେଉଁଦିନ ସେଠି ଶିକ୍ଷକ ଭାବରେ ଯୋଗଦେଲେ ଏକ ସ୍ୱାଗତସଭା ଆୟୋଜିତ ହୋଇଥିଲା। ସେହିଦିନର ଅନୁଭବ ବର୍ଣ୍ଣନାକରି ସେ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକରେ ଲେଖିଛନ୍ତି, "ସେଦିନ ଆଉ ଥରେ ମୋତେ ବ୍ରତ ହେବା ପରି ଲାଗିଲା। ମୋ ଆଖିରୁ ଅବିରତ ଲୁହ ବହିଯାଉଥାଏ। ମାତ୍ର ମୁଁ ପାଟି ଫିଟାଇ କିଛି କହିପାରିଲି ନାହିଁ। କେବଳ ଯେଉଁ ଗୁରୁଦାୟିତ୍ୱ ମୁଣ୍ଡାଇବାକୁ ଯାଉଥିଲି ତାହା ଭାରରେ ମୁଣ୍ଡ ଭାରି ହୋଇଯାଉଥାଏ। ଏହା ଥିଲା ସେଦିନ ଜଣେ ଶିକ୍ଷକର ଦାୟିତ୍ୱବୋଧ। ଯେଉଁଦିନ ଅଧ୍ୟାପକ ଅଧ୍ୟାପିକାମାନେ ଏହି ମନ୍ତ୍ରରେ ଅଭିମନ୍ତ୍ରିତ ହେବେ ସେହିଦିନ ଉଚ୍ଚଶିକ୍ଷାରେ ସଂସ୍କାର ଆସିବ। ସେଥିପାଇଁ ଆବଶ୍ୟକ ଏକ ସୁସ୍ଥ ବାତାବରଣ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ-୯୪୩୭୩୨୯୨୬୩

# କୃଷି ଶିକ୍ଷାର ଗୁରୁତ୍ୱ



ଡ. ହୃଷୀକେଶ ପାତ୍ର

(ଓୟୁଏଟିର ୩୮ତମ ସମାବର୍ତ୍ତନ ଉତ୍ସବ ଉପଲକ୍ଷେ)

କୃଷି ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ ଆଭିମୁଖ୍ୟ ନେଇ ୧୯୬୨ ମସିହାରେ ଭୁବନେଶ୍ୱରଠାରେ ପ୍ରତିଷ୍ଠା କରାଯାଇଛି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ। ମାତ୍ର ଦୁଇଟି ମହାବିଦ୍ୟାଳୟକୁ ନେଇ ଆରମ୍ଭ କରାଯାଇଥିବା ଏହି ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ଏକ ମହାଦ୍ରୁମରେ ପରିଣତ ହୋଇଛି। ବିଭିନ୍ନ ମହାବିଦ୍ୟାଳୟ ସମେତ କୃଷି ଗବେଷଣା କେନ୍ଦ୍ର ଓ କୃଷିବିଜ୍ଞାନ କେନ୍ଦ୍ର ଯୋଗୁ ରାଜ୍ୟର ସମସ୍ତ ଜିଲାରେ ଏହାର ଉପସ୍ଥିତି ଉପଲବ୍ଧ ହେଉଛି। ସମ୍ପ୍ରତି ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୧୦ ଗୋଟି ମହାବିଦ୍ୟାଳୟ, ଗୋଟିଏ ସ୍ନାତକୋତ୍ତର ଅଧ୍ୟୟନ କେନ୍ଦ୍ର ଏବଂ ୧୦ଟି ଆଗ୍ରୋପଲିଟେକ୍‌ନିକ୍ କେନ୍ଦ୍ର ମାଧ୍ୟମରେ କୃଷି, ଉଦ୍ୟାନ କୃଷି, ପଶୁପାଳନ, କୃଷି ଯାନ୍ତ୍ରିକ, ଗୃହ ବିଜ୍ଞାନ, ମତ୍ସ୍ୟ ବିଜ୍ଞାନ, ବନ ବିଜ୍ଞାନ, ମୌଳିକ ବିଜ୍ଞାନ, ବାୟୋଇନ୍‌ଫରର୍ମେଟିକ୍ସ୍, କମ୍ପ୍ୟୁଟର ସାଇନ୍‌ସ, ଏଗ୍ରିବିଜ୍‌ନେସ୍ ମ୍ୟାନେଜମେଣ୍ଟ ଆଦି ବିଷୟରେ ଶିକ୍ଷା ପ୍ରଦାନ କରାଯାଉଛି।

ଏହି ବିଶ୍ୱବିଦ୍ୟାଳୟ ଅନେକ ସଫଳତା ହାସଲ କରିଛି। ଶିକ୍ଷା କ୍ଷେତ୍ରରେ ମାନବୃଦ୍ଧି ନିମନ୍ତେ ବିଶ୍ୱବିଦ୍ୟାଳୟ ତରଫରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତୀୟ କୃଷି ଗବେଷଣା ପରିଷଦର ପଞ୍ଚମ ଡିନ୍ କମିଟିର ସୁପାରିସ ଏବଂ ପ୍ରାଣୀ ଚିକିତ୍ସା ଶିକ୍ଷାର ସର୍ବନିମ୍ନ ମାନ ନିୟମାବଳୀ ଅନୁଯାୟୀ ପାଠ୍ୟଖସଡ଼ାରେ ପରିବର୍ତ୍ତନ କରାଯାଇଛି। କଠିନ ଅଧ୍ୟବସାୟ ଏବଂ ନିଷ୍ଠାପର ଉଦ୍ୟମ ଯୋଗୁ ଏହି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅନେକ ସଫଳତା ଆଣିପାରିଛନ୍ତି। ବିଗତ କେତେବର୍ଷ ହେବ ସେମାନେ ଭାରତୀୟ କୃଷି ଗବେଷଣା ପରିଷଦ ଦ୍ୱାରା ପରିଚାଳିତ ସର୍ବଭାରତୀୟ ଜୁନିୟର ରିସର୍ଚ୍ଚ ଫେଲୋଶିପ୍ ପରୀକ୍ଷାରେ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି।

ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ରାଜ୍ୟ, ଦେଶ ତଥା ବିଦେଶରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଅଳଙ୍କୃତ କରି ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଏହାଛଡା କେତେଜଣ ନିଜସ୍ୱ ଉଦ୍ୟମରେ ଉଦ୍ୟୋଗ ପ୍ରତିଷ୍ଠା କରି ନିଜର ଆୟ ବୃଦ୍ଧି କରିବା ସହିତ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛନ୍ତି।

ବିଶ୍ୱବିଦ୍ୟାଳୟର ଶିକ୍ଷାଦାନ ପ୍ରଣାଳୀରେ ବ୍ୟାପକ ପରିବର୍ତ୍ତନ କରାଯାଇ ଏହାକୁ ଯୁଗୋପଯୋଗୀ କରାଯାଇଛି। ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବିକାଶ ନିମନ୍ତେ ପ୍ରୟୋଗାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଶ୍ରେଣୀଗୃହରେ ଜ୍ଞାନପ୍ରଦାନ ସହିତ କୃଷି କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ନିମନ୍ତେ ଚେଷ୍ଟା କରାଯାଉଛି। ଛାତ୍ର ପ୍ରସ୍ତୁତି କାର୍ଯ୍ୟକ୍ରମ କ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟ ସମଗ୍ର ଦେଶରେ ପ୍ରମୁଖ ସ୍ଥାନ ଅଧିକାର କରିଛି। କୃଷିବିଜ୍ଞାନ ଓ ଉଦ୍ୟାନ ବିଜ୍ଞାନ ମହାବିଦ୍ୟାଳୟର ଶେଷବର୍ଷ ଛାତ୍ରୀଛାତ୍ରମାନେ ଗ୍ରାମାଞ୍ଚଳକୁ ଯାଇ କୃଷକମାନଙ୍କ ସମସ୍ୟା ବିଷୟରେ ଅବଗତ ହେବା ନିମନ୍ତେ ସୁଯୋଗ ସୃଷ୍ଟି ହୋଇଛି। ଏଥିସହିତ କୃଷିଭିତ୍ତିକ ଶିଳ୍ପ ସଂସ୍ଥା ସହିତ ସମ୍ପୃକ୍ତ ହୋଇ ସେମାନେ ପ୍ରତ୍ୟକ୍ଷ ଜ୍ଞାନ ଲାଭ କରିପାରୁଛନ୍ତି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ସୃଷ୍ଟି କରିବା ପାଇଁ ଅନୁଭୂତିରୁ ଶିକ୍ଷା କାର୍ଯ୍ୟକ୍ରମକୁ ସୁଦୃଢ଼ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନେ ବ୍ୟବସାୟିକ ମଡେଲ ଅନୁକରଣ କରି ବିଭିନ୍ନ କୃଷିଜାତ ସାମଗ୍ରୀ ଉତ୍ପାଦନ କରୁଛନ୍ତି। ଛତୁଚାଷ, ଚାରାଗଛ ଉତ୍ପାଦନ, ପନିପରିବା ଉତ୍ପାଦନ, ବିହନ ଉତ୍ପାଦନ, ପଶୁପାଳନ, ମାଛ ଯାଆଁଳ ପ୍ରସ୍ତୁତି ଆଦି କ୍ଷେତ୍ରରେ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିବା ଯୋଗୁ ସେମାନଙ୍କ ମନରେ ଉଦ୍ୟୋଗୀ ଭାବ ଜାଗ୍ରତ ହେଉଛି।

ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରିବା ନିମନ୍ତେ ବିଭିନ୍ନ ଅନ୍ତର୍ଜାତୀୟ ଗବେଷଣା ପ୍ରତିଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧନ କରାଯାଇଛି। ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ବିଶ୍ୱବିଦ୍ୟାଳୟରେ ଏକ କେନ୍ଦ୍ରୀୟ ପାଠାଗାର ରହିଛି। ଏହା ମଧ୍ୟରେ ସାଧାରଣ ପୁସ୍ତକ ଓ ପତ୍ରପତ୍ରିକା ସମେତ ବିଭିନ୍ନ ଡିଜିଟାଲ ପତ୍ରପତ୍ରିକା ଓ ପୁସ୍ତକ ମିଳୁଛି। ଶିକ୍ଷା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବେଶ୍ ସଫଳତା ହାସଲ କରିପାରିଛନ୍ତି।

ବିଶ୍ୱବିଦ୍ୟାଳୟରେ ଶିକ୍ଷାର ମାନବୃଦ୍ଧି ନିମନ୍ତେ କେତେକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ସେସବୁ ମଧ୍ୟରେ ସମସ୍ତ ମହାବିଦ୍ୟାଳୟରେ ଏକ ପ୍ରକାର ଶିକ୍ଷା କ୍ୟାଲେଣ୍ଡର ପ୍ରଚଳନ, ନିୟମିତ ଭାବେ ପରୀକ୍ଷା ଫଳ ପ୍ରକାଶ, ଅନ୍‌ଲାଇନ୍‌ରେ ନାମଲେଖା ଆଦି ଅନ୍ତର୍ଭୁକ୍ତ। ଆଗାମୀ ଦିନରେ ଛାତ୍ର ଓ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଏବଂ ପରିଚାଳନାଗତ ମାନବୃଦ୍ଧି ନିମନ୍ତେ ଜାତୀୟ କୃଷି ଉଚ୍ଚଶିକ୍ଷା କାର୍ଯ୍ୟକ୍ରମ ସହାୟତାରେ ଅଭିନବ ପଦକ୍ଷେପ ଗ୍ରହଣ କରିବା ପାଇଁ ଯୋଜନା କରାଯାଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଚଳିତବର୍ଷ କେତେଜଣ ଛାତ୍ରୀଛାତ୍ର ଫିଲିପାଇନ୍‌ସସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନକୁ ଯାଇ ଉଚ୍ଚତର ଜ୍ଞାନ ହାସଲ କରିଛନ୍ତି। ଆଗାମୀ ଦିନରେ କୃଷି ଓ ଆନୁଷଙ୍ଗିକ ବିଷୟରେ ନୂତନ ବିଭାଗ ଖୋଲାଯାଇ ଶିକ୍ଷା ପରିସରକୁ ବ୍ୟାପକ କରିବା ପାଇଁ ଉଦ୍ୟମ ହେଉଛି। ଛାତ୍ରୀଛାତ୍ରଙ୍କ ପ୍ରୟୋଗାତ୍ମକ ଜ୍ଞାନର ବିକାଶ ନିମନ୍ତେ ପରୀକ୍ଷାଗାର, ଗବେଷଣା ଫାର୍ମ, ପ୍ରାଣୀଧନ ଫାର୍ମ ଆଦିର ମାନ ଉନ୍ନତ କରାଯିବା ପାଇଁ ଯୋଜନା ରହିଛି। ଶିକ୍ଷା ଓ ଗବେଷଣାର ମାନବୃଦ୍ଧି ନିମନ୍ତେ କମ୍ପ୍ୟୁଟର ବିଜ୍ଞାନ, ଜୈବ ପ୍ରଯୁକ୍ତିବିଦ୍ୟା, ପ୍ରାକୃତିକ ସମ୍ପଦ ପରିଚାଳନା, ପରିବେଶ ବିଜ୍ଞାନ, ଜଳବାୟୁ ବିଜ୍ଞାନ ଓ ଜୈବବିବିଧତା ଆଦିର ପ୍ରୟୋଗ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏହାଦ୍ୱାରା ରାଜ୍ୟର କୃଷିକ୍ଷେତ୍ର ବିଶେଷ ଭାବେ ଉପକୃତ ହୋଇପାରିବ ବୋଲି ଆଶା କରାଯାଏ।

ନିର୍ଦ୍ଦେଶକ,ଯୋଜନା,ତଦାରଖଓମୂଲ୍ୟାୟନ,ଓୟୁଏଟି,ଭୁବନେଶ୍ୱର

## ଏଇ ଭାରତରେ

ଦେଶରେ ବିଭିନ୍ନ ସଂଗଠନ ତଥା ସାମାଜିକ କର୍ମୀମାନଙ୍କ ଦ୍ୱାରା ବୃକ୍ଷରୋପଣ ଓ ତା'ର ରକ୍ଷଣାବେକ୍ଷଣ ଲାଗି ବିଭିନ୍ନ ଅଭିଯାନ କରାଯାଉଥିବାବେଳେ ଉତ୍ତରପ୍ରଦେଶର ଜଣେ ବ୍ୟକ୍ତି ଏଥିଲାଗି ଏକ ନିଆରା ଉପାୟ ଅପଣାଇଛନ୍ତି। ଗୋଣ୍ଡା ଜିଲାନିବାସୀ ପ୍ରୟାଗଦତ୍ତ ମିଶ୍ର ଜଙ୍ଗଲ ସୁରକ୍ଷା ଲାଗି ସିଧାସଳଖ ଭଗବାନଙ୍କ ସାହାଯ୍ୟ ନେଉଛନ୍ତି। ଗଛ ଗଣ୍ଡିରେ ଭଗବାନଙ୍କ ଛବି ଖୋଦେଇ କରି ସେ ଗଛକଟା ବନ୍ଦ କରିବା ସହ ଏକାକୀ ଏବେ ସୁଦ୍ଧା ଏକ ହଜାରରୁ ଊର୍ଦ୍ଧ୍ୱ ଗଛ ରକ୍ଷା କରିପାରିଛନ୍ତି। ୱାଜିରଗଞ୍ଜ ବ୍ଲକ୍‌ର ନଗୱା ପଞ୍ଚାୟତର ମୁଖ୍ୟ ପ୍ରୟାଗଦତ୍ତ କୁହନ୍ତି, ପ୍ରଥମ ଥର ସେ ପଞ୍ଚାୟତର ମୁଖ୍ୟ ରହିଥିବାବେଳେ ନଗୱା ଗାଁରେ ଅନେକ ଗଛ ଲଗାଯାଇଥିଲା। କିନ୍ତୁ ତାହାକୁ ଗ୍ରାମବାସୀ କାଟିନେଇଥିଲେ। ପରେ ପୁଣି ସେ ଗଛ ଲଗାଇଥିଲେ। ତେବେ ଗଛକଟା ରୋକିବା ଲାଗି ଗଛ ଗଣ୍ଡିରେ ଗଦା, ତ୍ରିଶୂଳ ଓ ହନୁମାନଙ୍କ ଛବି ଖୋଦେଇ କରି ସେଥିରେ ସିନ୍ଦୂର ରଙ୍ଗ ଲଗାଉଛନ୍ତି। ଦେବଦେବୀଙ୍କୁ ଗଛର ରକ୍ଷକ କରିପାରିଛନ୍ତି। ଗ୍ରାମବାସୀ ଏବେ ଗଛ କାଟିବା ବଦଳରେ ତାହାକୁ ପୂଜା କରୁଛନ୍ତି। ମିଶ୍ର ଯୁଆଡେ ଯାଆନ୍ତି ସାଥିରେ ଚିତ୍ର ଆଙ୍କିବା ଲାଗି ଆବଶ୍ୟକ ଉପକରଣ, ରଙ୍ଗ ଓ ବ୍ରଶ୍ ରଖିଥାନ୍ତି। ଏଥିପାଇଁ ସେ ଗୋଟିଏ ଗଛରେ ଖର୍ଚ୍ଚ କରୁଛନ୍ତି ୨୦୦ ଟଙ୍କା। ତାଙ୍କ ପକେଟରୁ ଏହା ଖର୍ଚ୍ଚ କରୁଛନ୍ତି। ତାଙ୍କର ଏହି ପ୍ରୟାସ ସଫଳ ହୋଇଛି। ଏବେ ପଞ୍ଚାୟତର ଜନସଂଖ୍ୟା ୮ ହଜାର ରହିଥିବାବେଳେ ଗଛସଂଖ୍ୟା ରହିଛି ୧୦ହଜାର। ଏହି ଉପାୟକୁ ଆଖପାଖ ପଞ୍ଚାୟତର ଗ୍ରାମବାସୀ ଆପଣାଇବାରେ ଲାଗିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଡିସେମ୍ବର ୧୯୯୪

- ଫୁଲନଦେବୀଙ୍କ ଜୀବନୀ ଉପରେ ଆଧାରିତ ବଣ୍ଡିଟ କୁଇନ୍ ଚଳଚ୍ଚିତ୍ରର ମୁକ୍ତିଲାଭ ଉପରେ ଦିଲ୍ଲୀ ହାଇକୋର୍ଟ ପକ୍ଷରୁ ନିଷେଧାଜ୍ଞା ଜାରି କରାଯାଇଛି।
- ତାଳଚେର ଥର୍ମାଲ ପାୱାର ଷ୍ଟେଶନର ଅଧିଗ୍ରହଣ ଓ ହସ୍ତାନ୍ତର ବିଧେୟକ-୧୯୯୪ ବିଧାନସଭାରେ ଗୃହୀତ।
- ଏକାଧିକ କୋଟି ଟଙ୍କା ପ୍ରତିଭୂତି ହେରଫେର ଘଟଣାର ତଦନ୍ତ ରିପୋର୍ଟ ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ସଂଶୋଧିତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପାର୍ଲାମେଣ୍ଟର ଉଭୟ ଗୃହରେ ଉପସ୍ଥାପିତ।

## ଚିରନ୍ତନୀ

ସ୍ୱଦେଶ ବିଦେଶ ସୀମାରେଖା ନାହିଁ ମାନେ
ଚାଲିଛି ଚମକି କି ଭୀଷଣ ଅଭିଯାନେ !
ସବୁ ଜାତି ରୂପ ସବୁ ନରନାରୀ ଏକ
ସବୁ ଭାଷାଭାଷୀ ଗାଉଛି କେବଳ
ମଣିଷ ଜାତିର ଟେକ। (ଅଗଣିତ ଆଗୁଆନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 5 | | | 3 | | | | | | | 7 | E | 4 |
| | | | | | E | | | | B | | C | | | 6 |
| 0 | | 2 | 7 | | | C | | | | | | | B | 3 |
| | | | D | 0 | | 1 | | 2 | | E | | | 9 | |
| | 3 | | A | | | | | 5 | | 1 | 0 | | | |
| 3 | B | | 2 | | | D | | A | | C | | | 1 | |
| | | 6 | 5 | | | | 3 | | | D | 1 | | | B |
| | 2 | | | 9 | | 6 | | | | | 4 | 5 | | |
| | | A | 6 | 4 | | | B | | 7 | | | | 0 | 2 |
| | | | 3 | D | | | | 8 | 0 | 9 | | | | |
| | | | | 1 | | | | | 8 | | A | 4 | | |
| | 6 | 9 | | | | 4 | | 7 | | | B | | | |
| | 7 | | | A | | | 2 | | | | | | 5 | |
| | A | 1 | | | | | | 0 | | 2 | | E | | 7 |
| B | 8 | | 4 | 3 | | | | | | | | A | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 7 | E | 2 | 4 | B | D | 0 | C | 6 | 1 | 3 | 9 | A | 8 |
| 4 | 6 | 9 | D | 3 | 0 | E | 1 | 8 | B | A | 7 | C | 2 | 5 |
| 3 | C | 0 | E | 1 | 8 | 4 | 5 | A | D | 2 | 9 | 7 | B | 6 |
| 1 | 2 | B | A | 7 | C | 3 | 9 | 6 | E | 5 | 8 | 0 | D | 4 |
| D | A | 8 | 5 | 9 | 6 | 2 | B | 7 | C | 4 | 0 | E | 3 | 1 |
| B | 4 | A | 1 | 8 | E | 9 | D | 3 | 5 | 7 | 2 | 6 | 0 | C |
| E | 3 | 2 | C | 0 | 4 | B | A | 5 | 1 | 9 | 6 | D | 8 | 7 |
| 9 | 5 | C | 7 | 6 | 3 | 8 | 2 | E | 4 | 0 | D | B | 1 | A |
| 8 | 0 | 7 | 9 | D | A | 1 | 6 | 4 | 3 | C | B | 2 | 5 | E |
| 6 | D | 1 | B | 2 | 5 | C | 7 | 0 | A | 8 | E | 4 | 9 | 3 |
| A | 9 | D | 4 | C | 7 | 5 | 3 | B | 2 | 6 | 1 | 8 | E | 0 |
| 2 | B | 6 | 8 | 5 | D | 0 | C | 1 | 7 | E | A | 3 | 4 | 9 |
| 7 | 1 | 3 | 0 | E | 2 | A | 4 | 9 | 8 | B | C | 5 | 6 | D |
| C | 8 | 5 | 3 | A | 9 | 6 | E | 2 | 0 | D | 4 | 1 | 7 | B |
| 0 | E | 4 | 6 | B | 1 | 7 | 8 | D | 9 | 3 | 5 | A | C | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବୋଝ ଉପରେ ନଳିତା ବିଡ଼ା

ମହାଶୟ,

ଦେଶରେ ଏବେ ଆର୍ଥିକ ମାନ୍ଦାବସ୍ଥା ଚାଲିଛି। ସାଧାରଣ ଲୋକେ ବ୍ୟବହାର କରୁଥିବା ୫ ଟଙ୍କିଆ ବିସ୍କୁଟ୍ ପ୍ୟାକେଟରୁ ଆରମ୍ଭକରି ଦାମୀ କାର ପର୍ଯ୍ୟନ୍ତ ବିକ୍ରିବଟା ମାନ୍ଦା ହେବାରୁ ଶ୍ରମିକ ଛଟେଇ ହେଲେଣି। ଏହାର ସାମୟିକ ନିରାକରଣ ପାଇଁ ସରକାର ପ୍ୟାକେଜ୍ ଘୋଷଣା କରି ତାଳିପକା କାମ କରିଛନ୍ତି। ଏଣେ ଖାଉଟି ବଜାରରେ ପିଆଜ, ଆଳୁଠାରୁ ଆରମ୍ଭ କରି ତେଲଲୁଣ ସବୁର ଦାମ୍ ଏକପ୍ରକାର ବଢ଼ିବାରେ ଲାଗିଛି। ଏ ସଙ୍କଟ ସମୟରେ କେନ୍ଦ୍ର ସରକାର ତାଙ୍କ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫% ବୃଦ୍ଧି କରିଛନ୍ତି। ଫଳରେ ୨୭ ହଜାର କୋଟି ଆର୍ଥିକ ବୋଝ ପଡ଼ିବ। ଏହାପରେ ରାଜ୍ୟ ସରକାରୀ କର୍ମଚାରୀ ମହଙ୍ଗା ଭତ୍ତା ଦାବି କରିବେ। ଫଳରେ ଦେଶ ୧୩୦ କୋଟି ଜନସଂଖ୍ୟାରୁ ପ୍ରାୟ ୧୦୦ କୋଟି ଲୋକ ସରକାରୀ ମହଙ୍ଗା ଭତ୍ତାରୁ ବଞ୍ଚିତ ହୋଇ ଅଭାବ ଅନଟନରେ ବଞ୍ଚିବାକୁ ବାଧ୍ୟ ହେବେ। ଦେଶରେ ଦିନକୁଦିନ ଧନୀ-ଦରିଦ୍ର ମଧ୍ୟରେ ବୈଷମ୍ୟ ବଢ଼ିବାରୁ ବେକାରି, ମାଫିଆଜମ୍ ଏବଂ ମାଓବାଦ ବଢୁଛି। କିନ୍ତୁ ସରକାରଙ୍କର ଚିନ୍ତା ନାହିଁ।

ରାମଚନ୍ଦ୍ର ପାଲ୍‌ଟାସିଂହ, କୁମାରବସ୍ତା, ଖୋର୍ଦ୍ଧା

### ବଜ୍ରପାତରୁ ସୁରକ୍ଷା

ଓଡ଼ିଶାକୁ ବଜ୍ରପାତର ରାଜଧାନୀ ବୋଲି କୁହାଯାଉଛି। ଏଠାରେ ପ୍ରତିବର୍ଷ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ବଢିବାରେ ଲାଗିଛି। ଚଳିତବର୍ଷ ପ୍ରଥମ ୪ ମାସରେ ଓଡିଶାରେ ୯ ଲକ୍ଷରୁ ଅଧିକ ଥର ବଜ୍ରପାତ ହୋଇ ୧୨୯ ଜଣ ମରିଛନ୍ତି। ୨୦୧୫-୧୬ ବର୍ଷରେ ୩୯୯ ଜଣ ମରିଥିବା ବେଳେ ୨୦୧୭-୧୮ରେ ୪୬୦ ଜଣ ମୃତ୍ୟୁମୁଖରେ ପଡିଥିଲେ। ତାଳଗଛ ବଜ୍ରପାତ ନିରୋଧୀ ହୋଇଥିବାରୁ ଆମ ରାଜ୍ୟର ବିଲ ହୁଡା, ନଦୀ, ନାଳବନ୍ଧ ଓ ରାସ୍ତାକଡରେ ବ୍ୟାପକ ଭାବେ ତାଳଗଛ ଲଗାଯିବା ଉଚିତ। ଏହାଦ୍ୱାରା କୃଷକ, କୃଷିଶ୍ରମିକ ଓ ସାଧାରଣ ପଥଚାରୀ ବଜ୍ରପାତରୁ ସୁରକ୍ଷା ପାଇବେ। ତାଳଗଛ ବାତ୍ୟା ନିରୋଧୀ ହୋଇଥିବାରୁ ବାତ୍ୟା ସମୟରେ ଏହାର କ୍ଷତି ହେବ ନାହିଁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଚୋରା କାଠ ସହ ପିକ୍‌ଅପ୍ ଭ୍ୟାନ ଜବତ

**କିର୍ମିରା,୨୦।୧୨(ଡି.ଏନ୍.ଏ.):** ଝାରସୁଗୁଡା ଜିଲା ବାଗଡିହି ବନ ବିଭାଗ ଅନ୍ତର୍ଗତ କାଦୋବାହାଲ ଜଙ୍ଗଲରୁ ଗୁରୁବାର ରାତିରେ ଏକ ପିକଅପ୍ ଭ୍ୟାନ ଯୋଗେ ଶାଳ କାଠ ଚୋରି ଉଦ୍ୟମ ହେଉଥିବା ବେଳେ ବାଗଡିହି ବନ ବିଭାଗ ହାତରେ ଧରାପଡିଛି। ଗୁରୁବାର ରାତିରେ ବାଗଡିହି ବନ କର୍ମଚାରୀ କାଦୋବାହାଲ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ସେତିକିବେଳେ ଏକ ପିକଅପ୍ ଭ୍ୟାନ (ନଂ.ଓଆର୍ ୦୫ ଡବ୍ଲୁ- ୮୩୭୯) ଯୋଗେ କାଠ ଚୋରା ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ଏନେଇ ବନ କର୍ମଚାରୀ ପିଛା କରିଥିଲେ। ହେଲେ ଦୁର୍ବୃତ୍ତମାନେ ଗାଡି ଛାଡି ଫେରାର ହୋଇଯାଇଥିଲେ। ପରେ ବନ କର୍ମଚାରୀ କାଠ ବୋଝେଇ ଭ୍ୟାନକୁ ଜମତ କରିଥିଲେ। ଭ୍ୟାନରେ ୬୫ ସିଏଫଟି ଶାଳକାଠ ଥିବା ବେଳେ ଏହାର ବଜାର ମୂଲ୍ୟ ୧.୧୦ ଲକ୍ଷ ହେବ ବୋଲି ଫରେଷ୍ଟର ଆଲୋକ କୁମାର ନାଏକ ସୂଚନା ଦେଇଛନ୍ତି। ଚଢ଼ାଉରେ ଫରେଷ୍ଟରଙ୍କ ସମେତ ଗାର୍ଡ ପ୍ରଦୀପ ବେସନ, ଯୁଧିଷ୍ଠିର ସାହୁ, ବନ କର୍ମଚାରୀ ସନ୍ତୋଷ କିଷାନ, ଅଭିମନ୍ୟୁ ବୁଦୁଲା, କୁଳମଣି ପରୁଆ ସାମିଲ ଥିଲେ । ଶନିବାର ଗାଡି ଯାଞ୍ଚ କରିବା ପରେ ମାଲିକଙ୍କ ନାମରେ ମାମଲା ରୁଜୁ କରାଯିବ ବୋଲି ଫରେଷ୍ଟର ନାଏକ କହିଛନ୍ତି।

■ ଗୁରୁତର ଭାବେ ହ୍ରାସପାଉଛି ଭୂତଳ ଜଳସ୍ତର

# ସଙ୍କଟ ଟାଳିବ ବର୍ଷାଜଳ ସଂରକ୍ଷଣ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

■ ୪୯ ବ୍ଲକ, ୨୭ ସହରାଞ୍ଚଳରେ କାର୍ଯ୍ୟକାରୀ ହେବ ଯୋଜନା
■ ଖର୍ଚ୍ଚ ହେବ ୨୪୭ କୋଟି
■ ଗ୍ରାମାଞ୍ଚଳରେ ସରକାରୀ କୋଠା, ସହରାଞ୍ଚଳରେ ସରକାରୀ ଓ ଘରୋଇ କୋଠାରେ ହେବ ଏହି ବ୍ୟବସ୍ଥା

ରାଜ୍ୟରେ ଭୂତଳ ଜଳ ସ୍ତର ଗୁରୁତର ଭାବେ ହ୍ରାସ ପାଇବାରେ ଲାଗିଛି। ୨୦୫୦ ବେଳକୁ ରାଜ୍ୟରେ ଜଳ ସଙ୍କଟ ସଙ୍ଗିନ ହେବ ବୋଲି ଆକଳନ କରାଯାଇଛି। ଜଳସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୫ଟି ବ୍ଲକରେ ଭୂତଳ ଜଳସ୍ତର ଭୟଙ୍କର ଭାବେ ହ୍ରାସ ପାଉଥିବାବେଳେ ୪୪ଟି ବ୍ଲକରେ ପରିସ୍ଥିତି ସଙ୍ଗିନ ହେଲାଣି। କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳରେ ମଧ୍ୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଲାଣି। ବର୍ଷା ହ୍ରାସ ପାଇବା ସହ ଭୂତଳ ଜଳ ଉପରେ ଚାପ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଭୂତଳ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ ଆସନ୍ତା ବର୍ଷରୁ ସରକାର ରାଜ୍ୟରେ ଛାତ ଉପର ବର୍ଷା ଜଳ ସଂରକ୍ଷଣ(ରୁଫ୍ ଟପ୍ ୱାଟର ହାର୍ଭେଷ୍ଟିଂ) ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ପ୍ରଥମ ପର୍ଯ୍ୟାୟରେ ୪୯ ବ୍ଲକ ଏବଂ ୨୭ ସହରାଞ୍ଚଳରେ ବର୍ଷାଜଳ ସଂରକ୍ଷଣ ଯୋଜନା କାର୍ଯ୍ୟକାରୀ ହେବ। ସେହି ବ୍ଲକଗୁଡିକ ହେଲା ବାହାନଗା, ବାଲିଆପାଳ, କୋରେଇ, ଗରଦପୁର, ବୋଲଗଡ଼, ନୟାଗଡ଼ ସଦର, ଢେଙ୍କାନାଳ ସଦର, ତିଗିରିଆ, ଓଡ଼ାପଡା, କଟକ ସଦର, ନାଉଗାଁ, କୁଜଙ୍ଗ, ଜଗତ୍‌ସିଂହପୁର, ରସୁଲପୁର, ବିଞ୍ଝାରପୁର, ଦଶରଥପୁର, କାକଟପୁର, ବାଲିପାଟଣା, ଭୁବନେଶ୍ୱର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଆଳି, ରେମୁଣା, ନୀଳଗିରି, ଭୋଗରାଇ, ଜଳେଶ୍ୱର, ସୋର, କନ୍ଧମାଳ, ଗଞ୍ଜାମ, ହିଞ୍ଜିଳିକାଟୁ, ଆସ୍କା, ଯୋଡା, ଧାମନଗର, ଭଦ୍ରକ, ଭଣ୍ଡାରିପୋଖରୀ, ତାଳଚେର, କଣିହାଁ, ତରଭା, ସୋନପୁର, ବିଶ୍ରା, ଭଟଲି, ଝାରବନ୍ଧ, ବରଗଡ଼, ସୋହେଲା, ଲୋଇସିଂହା, ରାସଗୋବିନ୍ଦପୁର, ବଡସାହି, ବେତନଟି ଏବଂ ଯାଜପୁର। ସେହିପରି ୨୭ ସହରାଞ୍ଚଳ ହେଲା ଅନୁଗୋଳ, ତାଳଚେର, ବରଗଡ଼, ପଦ୍ମପୁର, ବରପାଲି, ଟିଟିଲାଗଡ, କଟକ, ଆସ୍କା, ଦିଗପହଣ୍ଡି, ହିଞ୍ଜିଳିକାଟୁ, ବ୍ରହ୍ମପୁର, ଝାରସୁଗୁଡା, ଯୋଡା, ଖୋର୍ଦ୍ଧା, ଭୁବନେଶ୍ୱର, ବାରିପଦା, ନବରଙ୍ଗପୁର, ନୟାଗଡ଼, ପୁରୀ, ସମ୍ବଲପୁର, ଢେଙ୍କାନାଳ, ତରଭା, ସୋନପୁର, ରାଉରକେଲା, ବଲାଙ୍ଗୀର, କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ । ଏହି ଯୋଜନା ପାଇଁ ରାଜ୍ୟ ସରକାର ୨୪୭ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ବ୍ଲକଗୁଡିକରେ ଥିବା ସମସ୍ତ ସରକାରୀ କୋଠା ଛାତ ଉପର ବର୍ଷାଜଳ ସଂରକ୍ଷଣ କରାଯିବ। ସହରାଞ୍ଚଳଗୁଡିକରେ ଉଭୟ ସରକାରୀ ଓ ବେସରକାରୀ ଗୃହଗୁଡିକୁ ଏଥିରେ ସାମିଲ କରାଯିବ। ଛାତ ଉପର ଜଳ ସଂରକ୍ଷଣ ଯୋଜନାରେ ଘରୋଇ ଲୋକମାନଙ୍କୁ ୫୦ ପ୍ରତିଶତ ରିହାତି ପ୍ରଦାନ କରାଯିବ। ଏହି ଯୋଜନା ଦ୍ୱାରା ଅଯଥାରେ ବର୍ଷା ଜଳ ବୋହି ନ ଯାଇ ଭୂଗର୍ଭକୁ ସିଧା ଯାଇ ପାରିବ। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳର ଭୂତଳ ଜଳସ୍ତର ବୃଦ୍ଧି ଘଟିବ। ପ୍ରଥମ ପର୍ଯ୍ୟାୟରେ ଉପରୋକ୍ତ ଅଞ୍ଚଳଗୁଡିକୁ ସାମିଲ କରାଯାଇଛି। ଆଗାମୀ ଦିନରେ ସମଗ୍ର ରାଜ୍ୟରେ ଏହି ବ୍ୟବସ୍ଥା କରାଯିବ ବୋଲି ଭୂଗର୍ଭ ଜଳ ନିର୍ଦ୍ଦେଶାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ରାଜ୍ୟରେ ମୁଣ୍ଡପିଛା ଜଳ ପରିମାଣ ମଧ୍ୟ ହ୍ରାସ ପାଇବାରେ ଲାଗିଛି। ୧୯୯୧ରେ ବାର୍ଷିକ ମୁଣ୍ଡପିଛା ୩୮୦୨.୮୪ ଘନ ମିଲିଟର ଜଳ ଉପଲବ୍ଧ ହେଉଥିବା ବେଳେ ୨୦୦୧ରେ ୩୫୦୯.୧୭, ୨୦୧୧ରେ ୨୮୬୮.୩୫ ଏବଂ ୨୦୧୯ରେ ଏହା ୨୫୬୮.୦୯ ଘନ ମିଲିଟରକୁ ଖସି ଆସିଛି। ୨୦୩୦ ବେଳକୁ ପରିସ୍ଥିତି ଆହୁରି ସଙ୍ଗିନ ହେବ। ସେତେବେଳକୁ ରାଜ୍ୟରେ ମୁଣ୍ଡପିଛା ଜଳ ୨୩୨୯.୮୮ ଘନ ମିଲିଟରକୁ ଖସିଯିବା ନେଇ ଆକଳନ କରାଯାଇଛି। ରାଜ୍ୟର ପ୍ରମୁଖ ଜଳଉସ ମହାନଦୀ ସମେତ ୧୧ଟି ବୃହତ୍ ନଦୀରେ ବାର୍ଷିକ ୯୫,୫୪୦ ନିୟୁତ କ୍ୟୁବିକ ମିଟର ଜଳ ପ୍ରବାହିତ ହେଉଥିବା ବେଳେ ସେଥିରୁ ୪୪,୪୫୦.୩୫ ନିୟୁତ କ୍ୟୁବିକ୍ ମିଟର ଜଳ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର ହେଉଛି। ଅର୍ଦ୍ଧାଧିକ ଅର୍ଥାତ୍ ୫୧୦୮୯.୬୫ ନିୟୁତ କ୍ୟୁବିକ୍ ମିଟର ଜଳ ସମୁଦ୍ରକୁ ଚାଲିଯାଉଛି। ୨୦୫୦ ବେଳକୁ ଉଭୟ ଭୂପୃଷ୍ଠ ଓ ଭୂଗର୍ଭସ୍ଥ ଜଳ ୧୪୧ ବିଲିୟନ କ୍ୟୁବିକ ମିଟର(ବିସିଏମ୍)ରୁ ୧୨୯ ବିସିଏମ୍‌କୁ ଖସିଯିବା ନେଇ ଅନୁମାନ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା କୋଉ ମାରଗରେ ଗଲା
ଦୂବ ଗଛକୁ ଚଡ଼କ ମାଇଲା
ଦାରୁ ଗଛ ପୋଡ଼ି ମଲା ।**

ଦୂବ ଗଛକୁ ଚଡ଼କ ମାରିଲେ ଦୂବ ଗଛ ନ ପୋଡ଼ି ଦାରୁ ଗଛ ପୋଡ଼ିଯିବା ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ । ବେଳେ ବେଳେ କିଛି ବ୍ୟକ୍ତି ରହସ୍ୟ କରି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ଆଚମ୍ବିତ ହୋଇଯାଇଥାଏ । କଥାକୁ ଚଞ୍ଚକତା କରି କହିବା ଦ୍ୱାରା ମୂଳକଥାର ଟେର୍ କେହି ପାଇପାରି ନ ଥାନ୍ତି। ଚାତୁରୀ ମାରି କଥା କହି ଲୋକଙ୍କୁ ଅଯଥା ଭ୍ରମିତ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଙ୍କୁମ ଗଛର ଡାଳ
ମୋତେ ନ ବୋଲ ବୁଢ଼ୀ ବୋଲି
ବାତରୁ ପାଚିଲା ବାଳ ।**

ସାଧାରଣତଃ ମହିଳାମାନେ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ କରିବା ଲାଗି କୁଣ୍ଠାବୋଧ କରିଥାନ୍ତି। ଏପରି ସ୍ଥିତିରେ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ନିଜ ବୟସକୁ ଲୁଚାଇ ରଖିବା ନେଇ ମିଛ ବାହାନା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ





କ୍ୟାରିୟର କାଉନ୍‌ସେଲିଂ ସଭାରେ ଉପସ୍ଥିତ ଅଧିକାରୀମାନେ ।

# ସରକାରୀ ମଡେଲ ଡିଗ୍ରୀ କଲେଜରେ କ୍ୟାରିୟର ସଚେତନତା ସଭା

**ଦେବଗଡ଼,୨୦।୧୨(ଡ଼ି.ଏନ୍.ଏ.)**

ସ୍ଥାନୀୟ ସରକାରୀ ମଡ଼େଲ ଡ଼ିଗ୍ରୀ କଲେଜରେ କ୍ୟାରିୟର ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. ବିଜୟ କୁମାର ମହାରଣା ଏହାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନେ ନିଜ ନିଜର ଭବିଷ୍ୟତ ନିର୍ମାଣ ପାଇଁ ଅଧିକରୁ ଅଧିକ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାନିକ, ସମ୍ବଲପୁରର କେଦାର ନାଥ ମଲ୍ଲିକ ଓ ଜ୍ୟୋତି ରଂଜନ ପରିଡ଼ା ଯୋଗ ଦେଇ ସ୍ନାତକ ଡ଼ିଗ୍ରୀ ଲାଭପରେ ଛାତ୍ରୀଛାତ୍ରମାନେ କିପରି ବ୍ୟାଙ୍କ,ରେଲୱେ କ୍ଷେତ୍ରରେ ନିଯୁକ୍ତି ପାଇବା ପାଇଁ ସଫଳତା ପାଇପାରିବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର କ୍ୟାରିୟର କାଉନ୍‌ସେଲିଂ ଦାୟିତ୍ୱରେ ଥିବା ଅଧ୍ୟାପକ ଦିଲ୍ଲୀପ କୁମାର ବେହେରା,ବରିଷ୍ଠ ଅଧ୍ୟାପକ ଡ଼. ହେମନ୍ତ କୁମାର ଦାଶଙ୍କ ସମେତ ଅନ୍ୟ ସହଯୋଗୀ ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

■ ଜିଲାସ୍ତରୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ ଉଦ୍‌ଘାଟିତ

# ଶିଶୁ ଅଧିକାର ସୁରକ୍ଷା ଉପରେ ଆଧାରିତ ୧୦୦ ଚଳଚ୍ଚିତ୍ର ପ୍ରଦର୍ଶିତ

**ଦେବଗଡ଼,୨୦।୧୨(ଡ଼ି.ଏନ୍.ଏ.)**

ସ୍ଥାନୀୟ ଟାଉନ ହଲଠାରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତଥା ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ଶିଶୁ ଅଧିକାର ସମ୍ପର୍କିତ ଚଳଚ୍ଚିତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶିଶୁମାନଙ୍କୁ ଆଇନଗତ ଓ ସାମ୍ବିଧାନିକ ଅଧିକାର ବିଷୟରେ ସଚେତନ କରିଥିଲେ । ସମ୍ମାନୀତ ଅତିଥିଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଭିନ୍‌ସେଣ୍ଟ ପୁନମକାନ୍ତ ଏକ୍କା, ଜିଲା ମଙ୍ଗଳ ଅଧିକାରୀ ବନମାଳୀ ଭୂୟାଁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧିର କୁମାର ନଇ, ଶିଶୁ ମଙ୍ଗଳ ସିମିତି ଅଧକ୍ଷ ଅତୁଲ୍ୟ କୁମାର ପୂଜାରୀ ଓ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ମିଶ୍ର,ଜିଲା ସଂସ୍କୃତି ପରିଷଦ ସଂଯୋଜକ ଦିଲୀପ କୁମାର ଗୁରୁ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ଯୋଗଦେଇ ଶିଶୁ ଅଧିକାର ସୁରକ୍ଷା ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ଓ ଅଧିନିୟମ ସମ୍ପର୍କରେ ଶିଶୁମାନଙ୍କୁ ଅବଗତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ଅଧିକାର ସୁରକ୍ଷା ଉପରେ ଆଧାରିତ ୧୦୦ଟି ଚଳଚ୍ଚିତ୍ର ପ୍ରଦର୍ଶିତ କରଯାଇଥିଲା । ସେଥିମଧ୍ୟରୁ ନୀଳମାଧବ ପଣ୍ଡାଙ୍କ ନିର୍ଦ୍ଦେଶିତ ଜାତୀୟ ପୁରସ୍କାର ପ୍ରାପ୍ତ ''ଆଇ ଆମ୍ କାଲାମ୍''ର ସ୍ୱତନ୍ତ୍ର ପ୍ରଦର୍ଶନ କରାଯାଇଥିଲା । ସେହିପରି ସୁରକ୍ଷା ଅଧିକାରୀ ବିଜୟ ସ୍ୱାଇଁ, ବିଭାଗୀୟ କର୍ମକର୍ତ୍ତା ରଜନୀକାନ୍ତ ମହାନ୍ତି, ପ୍ରମୋଦ ପୂଜାରୀ, ରମାକାନ୍ତ ପ୍ରଧାନ,ସନ୍ତୋଷ ପ୍ରଧାନ ଓ ଶିଶୁ ଗୃହର ନିର୍ଦ୍ଦେଶକ ଚନ୍ଦ୍ର ଶେଖର ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ପ୍ରଦର୍ଶିତ ହୋଇଥିବା ଏକ ଶିଶୁ ଚଳଚ୍ଚିତ୍ରର ଏକ ଦୃଶ୍ୟ ।





କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଉଛି ।

# ଜାତୀୟ ତମାଖୁ ବର୍ଜନ କାର୍ଯ୍ୟକ୍ରମ

**ଦେବଗଡ଼,୨୦।୧୨(ଡ଼ି.ଏନ୍.ଏ.)**

ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଜାତୀୟ ତମାଖୁ ବର୍ଜନ ସଚେତନତା ଓ ନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ କନ୍ଦର୍ପ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ଼.ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗ ଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ତମାଖୁ ବ୍ୟବହାରରେ ଅପକାରିତା ବିଷୟରେ ଉଦ୍‌ବୋଧନ ଦେଇଥିଲେ । ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଆଦ୍ୟାଶା ପ୍ରିୟଦର୍ଶିନୀ ମୁଦୁଲି ପ୍ରଥମ, ପୂଜାରାଣୀ ଗଡ଼ନାୟକ ଦ୍ୱିତୀୟ ଏବଂ ଶକ୍ତିବାନ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ସ୍କୁଲ ପରିଚାଳନା କମିଟିର ସମ୍ପାଦକ ରମଣୀରଞ୍ଜନ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ । ତିମିର ନାଶିନୀ ନନ୍ଦ ପୁରସ୍କାର ପ୍ରଦାନ କରିଥିଲେ ।ଜ ବିଦ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

# ହାତୀ ଉପଦ୍ରବ: ବଗିଚା ନଷ୍ଟ

**କିର୍ମିରା,୨୦।୧୨(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ଅର୍ଡା ପଞ୍ଚାୟତ କାହାଲିପଡା ଗ୍ରାମରେ ଗୁରୁବାର ଏକ ହାତୀପଲ ପଶି ଚାଷୀ ସୁରେଶ ନାୟକ ଏବଂ କପିଳ ନାୟକଙ୍କ ବଗିଚା ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ହାତୀପଲ ସୁରେଶ ନାୟକଙ୍କ ୪୦ଟି କଦଳୀ ଗଛ, ଏକ ପିଜୁଳି ଗଛ ଏବଂ କୋବି ଚାଷ ନଷ୍ଟ କରିଥିବା ବେଳେ କପିଳ ନାୟକଙ୍କ ମଧ୍ୟ କଦଳୀ ଏବଂ ପନିପରିବା ଚାଷ ନଷ୍ଟ ହୋଇଛି। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡାଇବାପରେ ସ୍ଥାନୀୟ ଜଙ୍ଗଲକୁ ଚାଲିଯାଇଥିବା ଜଣାପଡିଛି ।





ଜିଲା ଯୁବ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ ।

# ଜିଲା ଯୁବ ସମ୍ମିଳନୀ

**ଦେବଗଡ଼,୨୦।୧୨(ଡ଼ି.ଏନ୍.ଏ.)**

ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ନେହେରୁ ଯୁବ କେନ୍ଦ୍ର ଦେବଗଡ଼ ସଂଯୋଜକ ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଜିଲା ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲାପାଳ ଧରମ ହାଂସଦା ଓ ସମ୍ମାନୀତ ଅତିଥିଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧିର କୁମାର ନଇ,ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ନାଏକ, ଏବଂ ଅଧ୍ୟାପକ ସୁକାନ୍ତ କୁମାର ସାହୁ ଅତିଥି ଭାବେ ଯୋଗ ଦେଇ ସୁସ୍ଥ ସମାଜ ଗଠନରେ ଯୁବକମାନଙ୍କର ଭୂମିକା, ସାମାଜିକ କାର୍ଯ୍ୟକ୍ରମରେ ଯୁବକ ଯୁବତୀମାନଙ୍କ ସହଭାଗିତା,ସ୍ୱେଚ୍ଛାକୃତଭାବେ ସମାଜର ବିକାଶରେ ସାମିଲ ହେବାପାଇଁ ବକ୍ତବ୍ୟ ରଖିଥିଲେ । ସେହିପରି ଚଳିତବର୍ଷ ରକ୍ତଦାନ ଶିବିର ଆୟୋଜନ କରିଥିବା ଯୁବ ଅନୁଷ୍ଠାନ ଜ୍ୟୋତିୟୁଥ୍ କ୍ଲବ,ସାମନ୍ତରାପାଲି,ନେତାଜୀ କ୍ଲବ ସୁଗୁଡ଼ା,ରାଧାକୃଷ୍ଣ କ୍ଲବ ଝରାକଣ୍ଡଳ,ନେତାଜୀ ଯୁବକ ସଂଘ,ସେଣ୍ଠା ଓ ଜୟ ବଜରଙ୍ଗବାଲି ଯୁବକ ସଂଘ ଗୋହିରା ଛକକୁ ପ୍ରଶଂସା ପତ୍ର ପ୍ରଦାନ କରି ସମ୍ମାନୀତ କରାଯାଇଥିଲା ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
ପ୍ରଧାନମନ୍ତ୍ରୀ ଯୋଜନା ଦ୍ୱାରା All India ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Sadhana - 8878040214
Priyanka - 7649016745
Manisha - 9753016278
Manasi - 8827505029
Sweta - 8963979286
Nidhi - 8878026907
Vasundhara Mall, West Boring Canal Rd, Rajapur, Patna, Bihar 800001

BUSINESS BUSINESS

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No. 7838639856 8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ASTROLOGY ASTROLOGY

FINANCE FINANCE

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free ଆଜି ହିଁ ସଂପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261 09433670482

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now 9453480851

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକକୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900 9899587663

NEW YEAR DHAMAKA
ହର୍ କଦମ ଆପକେ ସାଥ୍
ବଂଧନ ଋଣ 1993ରୁ ଆପଣଙ୍କର ସେବାରେ (NBFC Registered) କମ୍ପାନୀ ଦ୍ୱାରା ଏଜୁକେଶନ୍ , ସମ୍ପତି, ପେ-ସ୍ଲିପ୍ ଗ୍ରୁପ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। (ଖର୍ଚ୍ଚ ଲୋନ ପାସ୍ ହେଲା ପରେ) 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
9520405151 9520334141

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

INDIAN TELICOM TOWER
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ 4G ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/ +୨୦ ବର୍ଷର ଏଗ୍ରୀମେଣ୍ଟ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7752975969

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଷ କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397 9953959390

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485 8117802682
Salt Lake City, Kolkata-700091, Panditagaon, Khalikote, Ganjam


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

रजिस्ट्री सं. डी.एल.-33004/99

REGD. NO. D. L.-33004/99

# भारत का राजपत्र
# The Gazette of India

असाधारण

**EXTRAORDINARY**

भाग-II खण्ड 3-उप-खण्ड (ii)

**PART II-Section 3-Sub-Section (ii)**

प्राधिकार से प्रकाशित

**PUBLISHED BY AUTHORITY**

सं. 3773] नई दिल्ली, बुधवार, नवम्बर 20, 2019/कार्तिक 29, 1941

No. 3773] NEW DELHI, WEDNESDAY, NOVEMBER 20, 2019/KARTIKA 29, 1941

## MINISTRY OF ROAD TRANSPORT AND HIGHWAYS
## NOTIFICATION

New Delhi, the 20th November, 2019

**S.O. 4199(E).—** Whereas by the notification of the Government of India in the Ministry of Road Transport and Highways, published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intension to acquire the land specified in the Schedule annexed to the said notification for building (widening/four-laning, etc.), maintenance, management and operation of NH-49 on the stretch of land from Km 427.350 to Km 468.000 (OFFICE OF THE TAHASILDAR, BARKOTE) in the district of Deogarh in the state of ODISHA.

And whereas the substance of the Gazette notification S.O. No. 1848 (E) dated 24.05.2019 has been published in "Prameya" and "Pragatibadi" both dated 21.07.2019; under sub-section (3) of section 3A of the said Act;

And whereas objections have been received and the same have been considered and disallowed by the competent Authority;

And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

### SCHEDULE

**Brief description of the land to be acquired, with or without structure, falling within the NH-49 in the stretch of land under the jurisdiction of OFFICE OF THE TAHASILDAR, BARKOTE, in the district of Deogarh in the state of ODISHA.**

**State: ODISHA** **District: Deogarh**

| Sr. No. | Survey Number | Type of Land | Nature of Land | Area in Hectare | Name of the Land Owner/ Interested Person Part Survey No. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **Taluk: Barkot** | | | | | |
| **Village: Anlapasi** | | | | | |
| 1 | 44 | Government | Kata | 0.0242817 | Rakshita |
| **Village: Anntapichhula** | | | | | |
| 2 | 260 | Private | Bahalpani II | 0.1011736 | Debananda Sahu S/O Padma Lochan Sahu Vill.-Kandhal |
| **Village: Bahadapasi** | | | | | |
| 3 | 10 | Government | Mal Sadharan | 0.0080939 | Abadajogya Anabai |
| 4 | 11 | Government | Mal Sadharan | 0.0364225 | Abadajogya Anabai |
| 5 | 11/130 | Private | Mal Sadharan | 0.0161878 | Debendranath PatraS/O- Lambodar Patra Vill.- Puruna jalada P.S. Raghunathpali Dist.- Sundargarh Tribeni Naik S/O- Kulamani Naik Vill.- Danra |
| 6 | 118/134 | Private | Goda I | 0.0161878 | Nepal Chandra Majhi S/O-Ghasiram Majhi |
| 7 | 119/128 | Private | Goda I | 0.0161878 | Kuber Chandra Pradhan S/O-Ghanashyam Pradhan Vill.- Bahadapasi |
| 8 | 119/138 | Private | Goda I | 0.0080939 | Nepal Chandra Majhi S/O-Ghasiram Majhi Vill.- Bahadapasi |
| 9 | 13 | Government | Rasta | 0.0202347 | Sarbasadharana |
| 10 | 15 | Government | Rasta | 0.0161878 | Sarbasadharana |
| 11 | 16 | Government | Gochar | 0.1375961 | Rakshita |
| 12 | 16/106 | Government | Gochar | 0.0485633 | Rakshita |
| 13 | 33/131 | Private | Gharabari | 0.0080939 | Santosh Patra, Dipu Patra, S/O-Dharanidhar Patra, Basanti Patra W/O-Dharanidhar Patra Vill.- Bahadapasi |
| 14 | 34 | Private | Mal Sadharan | 0.0040469 | Biranchi Pradhan S/O- Chintamani Pradhan |
| 15 | 45/86 | Private | Bahal Sadharan | 0.0364225 | Dalimba Patra, Subhadra Patra D/O-Suna Pana, Jujesti Pradhan, Gadalu Pradhan, Pakala Pradhan S/D/O-Bulthu Pradhan, Biranchi Pradhan, Ranga Pradhan, Pata Naik, Mini Patra S/D/O-Chinta Pana, Jugal Pradhan, Sukanti Pradhan S/D/O-Kumuda Pradhan, Laxmi Pradhan W/O- Kumuda Pradhan, Prabina Patra S/O- Hansi Patra, Amruti Patra W/O-Hansi Patra, Bidyadhar Patra, Khageswar Patra, Sukru Pradhan, Padmini Naik Kumari Naik, Rebati Patra S/D/O- Purna Pana |
| 16 | 45/87 | Private | Bahal Sadharan | 0.0121408 | Dalimba Patra, Subhadra Patra D/O- Suna Pana, Jujesti Pradhan, Gadalu Pradhan, Pakala Pradhan S/D/O-Bulthu Pradhan, Biranchi Pradhan, Ranga Pradhan, Pata Naik, Mini Patra S/D/O- Chinta Pana, Jugal Pradhan, Sukanti Pradhan S/D/O-Kumuda Pradhan, Laxmi Pradhan W/O- Kumuda Pradhan, Prabina Patra S/O- Hansi Patra, Amruti Patra W/O-Hansi Patra, Bidyadhar Patra, Khageswar Patra, Sukru Pradhan, Padmini Naik, Kumari Naik, Rebati Patra S/D/O- Purna Pana |
| 17 | 47 | Private | Mal Sadharan | 0.0242817 | Biranchi Pradhan S/O- Chintamani Pradhan Vill.- Bahadapasi |
| 18 | 7 | Private | Mal Sadharan | 0.0323756 | Biranchi Pradhan S/O- Chintamani Pradhan Vill.- Bahadapasi |
| 19 | 75 | Government | Patit | 0.1821125 | Abadajogya Anabai |
| 20 | 75/118 | Private | Goda I | 0.0202347 | Chaitanya Majhi, Manadakini Pradhan, Mina Pradhan S/D/O- Ramesh Chandra Majhi, Kamini Majhi W/O- Ramesh Chandra Majhi Vill.- Bahadapasi |
| 21 | 75/119 | Private | Goda I | 0.0161878 | Chaitanya Majhi, Manadakini Pradhan, Mina Pradhan S/D/O- Ramesh Chandra Majhi, Kamini Majhi W/O- Ramesh Chandra Majhi Vill.- Bahadapasi |
| 22 | 8 | Private | Mal Sadharan | 0.0323756 | Dileswar Mahanta, Hemalata Mahanta,Mamata Mahanta,Puspanjali Mahanta S/D/O-Fakira Mahanta, Chanchala Mahanta W/O-Fakir Mahanta, Padmalaya Devi, Jashamati Mahanta,Shanti Mahanta S/D/O- Rengutu Mahanta, Duti Mahanta W/O- Rengutu Mahanta Vill.- Hinjilita |
| 23 | 8/151 | Private | Gharabari | 0.0404694 | Manamohini Pradhan W/O-Raj Kishore Pradhan, Samit Kumar Pradhan S/O-Raj Kishore Pradhan |
| **Village: Balam** | | | | | |
| 24 | 3453/4318 | Private | Berna Sadharan | 0.0161878 | Askara Dehury W/O- Sanu Dehury Vill. Balam |
| 25 | 3453/4385 | Private | Berna Sadharan | 0.0040469 | Tilottama Majhi W/O- Lalit Mohan Majhi, Lalit Mohan Majhi S/O- Ram Ballav Majhi Vill.- Tendra |
| 26 | 585 | Government | Unnata Jojana Jogya | 0.0404694 | Rakshita |
| 27 | 635 | Government | Mal Sadharan | 0.072845 | Abadajogya Anabadi |
| 28 | 685/3449 | Private | Berna Sadharan | 0.0080939 | Madhu Sudan Behera, Sankarsan Behera S/O- Dasa Kumbhar Vill. Balam |
| 29 | 698/3453 | Private | Berna Sadharan | 0.0080939 | Santosh Dip,Panchanan Dip S/O- Aruna Dip, Vill.- Balam |
| 30 | 699/3454 | Government | Mal Sadharan | 0.0121408 | Abadajoya Anabadi |
| **Village: Balita** | | | | | |
| 31 | 1079/1232 | Private | Gharabari | 0.0040469 | Sarojini Biswal W/O- Rasananda Biswal Vill.- Balita |
| 32 | 1079/1246 | Private | Gharabari | 0.0040469 | Naba Kishore Pani S/O- Biswanath Pani, Harihar Pani S/O- Dayanidhi Pani Vill.- Balita |
| 33 | 1079/1311 | Private | Goda I | 0.0040469 | Anita Pradhan W/O- Iswar Pradhan Vill.- Balita |
| 34 | 1079/1354 | Private | Gharabari | 0.0080939 | Dola Govinda Guru S/O- Makunda Guru |
| 35 | 1079/1377 | Private | Gharabari | 0.0040469 | Romanchal Dehury S/O- Guru Charan Dehury Vill.- Balita |
| 36 | 1085/1204 | Private | Goda I | 0.0040469 | Dhaneswar Mahanta S/O- Hiradhar Mahanta, Ratan Mahanta, Tikeswari Mahanta, Sabita Mahanta, Rita Mahanta S/D/O- Ranjit Mahanta, Kshira Mahanta W/O- Ranjit Mahanta Vill.- Balita |
| 37 | 1087/1191 | Private | Goda I | 0.0080939 | Purna Chandra Mahapatra, Bimbadhar Mahapatra, Gananath Mahapatra, Parbati Mahapatra S/D/O- Gadadhar Mahapatra Vill.- Nua Barkote |
| 38 | 1087/1256 | Private | Goda I | 0.0080939 | Dhaneswar Mahanta S/O- Hiradhar Mahanta Vill.- Balita |
| 39 | 1087/1267 | Private | Goda I | 0.0323756 | Mardaraj Pradhan, Maheswar Pradhan S/O- Dhananjaya Pradhan Vill.- Balita |
| 40 | 1087/1351 | Private | Gharabari | 0.0404694 | Madan Mohan Pradhan S/O- Hrudaynath Pradhan Vill. Balita |
| 41 | 1088/1129 | Private | Gharabari | 0.0040469 | Purusottam Barik S/O- Shyam Sundar Barik Vill.- Balita |
| 42 | 1088/1258 | Private | Gharabari | 0.0040469 | Pramod Kumar Jena S/O- Biswanath Jena Vill.- Balita |
| 43 | 177 | Government | Tal | 0.0242817 | Rakshita |
| 44 | 190 | Private | Bahal Sadharan | 0.0080939 | Hare Krushna Jit S/O- Bisikeshan Jit Vill.- Balita |
| 45 | 191/1079 | Private | Goda I | 0.0040469 | Dola Govinda Guru S/O- Makunda Guru |
| 46 | 196 | Government | Basti Jogya | 0.0040469 | Rakshita |
| 47 | 196/1062 | Government | Basti Jogya | 0.0566572 | Rakshita |
| 48 | 196/1063 | Government | Basti Jogya | 0.0040469 | Rakshita |
| 49 | 204 | Government | Unnata Jojana Jogya | 0.2266289 | Rakshita |
| 50 | 206 | Private | Mal Sadharan | 0.0080939 | Nanda Munda, Dura Munda,Peta Peti Munda, Kunta Munda S/D/O- Rengutu Munda, Samari Munda, Kabari Munda, Benga Munda, Tula Munda D/O-Mangulu Munda, Tirtha Munda, Tanka Munda, Munu Munda, Muna Munda S/D/O- Bata Munda, Guru Munda, Agadhu Munda, Mani Munda Vill.- Balita |
| 51 | 221 | Government | Rasta | 0.0080939 | Sarbasadharana |
| 52 | 227 | Government | Rasta | 0.0040469 | Sarbasadharana |
| 53 | 250/1088 | Private | Gharabari | 0.0040469 | Saraswati Penthei W/O- Chandra Penthei |
| 54 | 250/1121 | Private | Gharabari | 0.0080939 | Maheswar Pradhan S/O- Dhananjaya Pradhan Vill.- Balita |
| 55 | 255 | Government | Mal Sadharan | 0.0040469 | Abadajogya Anabadi |
| 56 | 345 | Government | Gochar | 0.0445164 | Rakshita |
| 57 | 345/1086 | Private | Gharabari | 0.0161878 | Dola Govinda Guru S/O- Makunda Guru |
| 58 | 345/1118 | Private | Goda I | 0.0121408 | Abhisekh Mishra, Abhinab Mishra, Abhilash Mishra S/O- Bhubaneswar Mishra, Vill.-Ward No. 4, Deogarh |
| 59 | 345/1120 | Private | Goda I | 0.0080939 | Maheswar Pradhan S/O- Dhananjaya Pradhan Vill.- Balita |
| 60 | 345/1124 | Private | Goda I | 0.0040469 | Gopabandhu Pradhan S/O- Sambhu Charan Pradhan Vill.- Sirapali |
| 61 | 355 | Government | Sadak | 0.0121408 | Rakshita |
| 62 | 357 | Government | Jala Magna | 0.0404694 | Rengali Nadi Bandha Yojana |
| 63 | 357/976 | Government | Berna Sadharan | 0.0040469 | Abadajogya Anabadi |
| 64 | 418 | Government | Jala Magna | 0.0323756 | Rengali Nadi Bandha Yojana |
| 65 | 421 | Government | Jala Magna | 0.0242817 | Rengali Nadi Bandha Yojana |
| 66 | 422 | Government | Jala Magna | 0.0080939 | Rengali Nadi Bandha Yojana |
| 67 | 424 | Government | Mal Sadharan | 0.0080939 | Abadajogya Anabadi |
| 68 | 431 | Government | Mal Sadharan | 0.0040469 | Abadajogya Anabadi |
| 69 | 432 | Government | Jala Magna | 0.0121408 | Rengali Nadi Bandha Yojana |
| 70 | 433 | Government | Jala Magna | 0.0364225 | Rengali Nadi Bandha Yojana |
| 71 | 437 | Government | Jala Magna | 0.0080939 | Rengali Nadi Bandha Yojana |
| 72 | 469/989 | Private | Mal Sadharan | 0.0080939 | Harihar Sahu S/O- Gundicha Sahu Vill.-Dhauragoth P.S. Reamal, Kherada Sahu D/O- Baidhar Sahu Vill.- Bahadapasi, Kishore Chandra Biswal, Shantilata Biswal, Premlata Biswal S/D/O- Dibakar Biswal, Vill.- Mahuldiha P.S.-Mahulpada Dist.- Sundargarh |
| 73 | 469/990 | Government | Jala Magna | 0.0121408 | Rengali Nadi Bandha Yojana |
| 74 | 69/923 | Government | Goda II | 0.0040469 | Abadajogya Anabadi |
| 75 | 69/924 | Government | Goda II | 0.0121408 | Abadajogya Anabadi |
| 76 | 69/925 | Government | Goda II | 0.0080939 | Abadajogya Anabadi |
| 77 | 775 | Government | Nadi | 1.2140834 | Abada Ajogya Anabadi |
| 78 | 822 | Government | Jala Magna | 0.0404694 | Rengali Nadi Bandha Yojana |
| 79 | 824/905 | Government | Jala Magna | 0.0404694 | Rengali Nadi Bandha Yojana |
| 80 | 827 | Government | Jala Magna | 0.0526103 | Rengali Nadi Bandha Yojana |
| 81 | 828 | Government | Jala Magna | 0.0121408 | Rengali Nadi Bandha Yojana |
| 82 | 990/1268 | Private | Berna Sadharan | 0.0121408 | Maheswar Pradhan S/O- Dhananjaya Pradhan Vill.-Balita |
| **Village: Bamparada** | | | | | |
| 83 | 1581 | Government | Gochar | 0.0080939 | Rakshita |
| 84 | 1581/2292 | Government | Gochar | 0.0080939 | Rakshita |
| 85 | 1581/2293 | Government | Gochar | 0.0040469 | Rakshita |
| 86 | 1581/2294 | Government | Gochar | 0.0080939 | Rakshita |
| 87 | 1583/2291 | Government | Rasta | 0.0080939 | Sarbasadharana |
| 88 | 1687 | Government | Gochar | 0.0526103 | Rakshita |
| **Village: Barkote** | | | | | |
| 89 | 441/1038 | Government | Goda II | 0.0080939 | Abadajogya Anabadi |
| 90 | 441/1039 | Government | Goda II | 0.0930797 | Abadajogya Anabadi |
| **Village: Bhaktabadakudar** | | | | | |
| 91 | 623 | Government | Rasta | 0.0040469 | Sarbasadharana |
| 92 | 624 | Private | Goda II | 0.0526103 | Ramakanta Sahu, Bijay Sahu,Babulal Sahu, Braja Sahu,Mina Sahu, Puspalata Sahu S/d/O-Dhruba Sahu, Madhusudan Sahu, Subasini Sahu, Shantilata Sahu, Sailabala Sahu, Basanti Sahu,Binapani Sahu S/D/O- Rasa Sahu, Radha Sahu W/O- Rasa Sahu, Prafulla Sahu, Prasanta Sahu, Bhimsen Sahu,Sakuntala Sahu, Kumari Sahu,Manjulata Sahu, Sukanti Sahu, Rangalata Sahu, Pramila Sahu S/D/O- Rajan Sahu, Mahadei Sahu, W/o Rajan Sahu, Caste- Chasa Vill.-Bhaktabadkudar |
| 93 | 624/1259 | Government | Goda II | 0.0323756 | Abada Jogya Anabadi |
| **Village: Bideibarkudar** | | | | | |
| 94 | 105 | Government | Mal Sadharan | 0.0121408 | Abadajogya Anabadi |
| 95 | 106 | Government | Mal Sadharan | 0.1295022 | Abadajogya Anabadi |
| 96 | 107 | Private | Mal Sadharan | 0.0161878 | Baneswar Kisan, Gurubari Kisan S/D/O- Nata Kisan, Niranjan Kisan Rambha Kisan, Chanchala Kisan, Kulei Kisan, S/D/O- Banamali Kisan,Kandri Kisan W/O- Banamali Kisan,Jatra Kisan, Madan Kisan,Pati Kisan, Ramesh Kisan, Sabita Kisan S/D/O- Baidhar Kisan, Bichha Kisan W/O- Baidhar Kisan, Khageswar Kisan, Basanti Kisan S/D/O- Abani Kisan Caste- Kisan Vill.- Nijagan |
| 97 | 108 | Government | Mal Sadharan | 0.0890328 | Abadajogya Anabadi |
| 98 | 108/908 | Private | Mal Sadharan | 0.0485633 | Baneswar Kisan, Gurubari Kisan S/D/O- Nata Kisan, Niranjan Kisan Rambha Kisan, Chanchala Kisan, Kulei Kisan, S/D/O- Banamali Kisan, Kandri Kisan W/O- Banamali Kisan, Jatra Kisan, Madan Kisan, Pati Kisan, Ramesh Kisan, Sabita Kisan S/D/O- Baidhar Kisan, Bichha Kisan W/O- Baidhar Kisan, Khageswar Kisan, Basanti Kisan S/D/O- Abani Kisan Caste- Kisan Vill.- Nijagan |
| 99 | 123 | Government | Unnata jojana jogya | 0.0161878 | Rakshita |
| 100 | 211 | Government | Goda II | 0.0040469 | Abadajogya Anabadi |
| 101 | 212 | Government | Mal Sadharan | 0.0040469 | Abadajogya Anabadi |
| 102 | 219 | Private | Mal Sadharan | 0.0202347 | Bhairab Ch. Naik, Dibya Sankar Naik, Champa Naik, Kuntala Naik, Indira Naik S/D/O- Kshirod Pana, Punya Naik W/O- Kshirod Pana, Ghanashyam Naik,Trilochan Naik, Damanipriya Naik,S/D/O- Giridhari Naik, Jayanti Naik,W/O- Giridhari Naik, Caste- Pana, Vill.- Nijagan |
| 103 | 219/759 | Government | Mal Sadharan | 0.0768919 | Abadajogya Anabadi |
| 104 | 221/760 | Government | Mal Sadharan | 0.0040469 | Abadajogya Anabadi |
| 105 | 222 | Private | Mal Sadharan | 0.0080939 | Gunanidhi Kisan, Khira Kisan, Bira Kisan S/O- Rathi Kisan, Gutika Kisan W/O-Rathi Kisan Caste- Kisan, Vill- Nijagan |
| 106 | 222/761 | Government | Mal Sadharan | 0.0080939 | Abadajogya Anabadi |
| 107 | 223 | Private | Mal Sadharan | 0.0080939 | Dulabha Kisan, Rabi Kisan, Tila Kisan S/D/O- Saiba Kisan Caste- Kisan Vill.- Gayalmara |
| 108 | 223/762 | Government | Mal Sadharan | 0.0080939 | Abadajogya Anabadi |
| 109 | 224 | Government | Mal Sadharan | 0.1861594 | Abadajogya Anabadi |
| 110 | 225 | Government | Goda II | 0.0323756 | Abadajogya Anabadi |
| 111 | 226 | Government | Mal Sadharan | 0.0121408 | Abadajogya Anabadi |
| 112 | 227 | Private | Mal Sadharan | 0.0445164 | Daitari Luhura, Tikeswar Luhura, Dhanu Luhura, Kaibalya Luhura, Bamana Luhura, Biranchi Luhura, Bendi Luhura S/D/O-Bhakta Luhura, Jhra Luhura, Suna Luhura, Golapa Dei, Usha Luhura, Sukla Luhura S/D/O- Routray Luhura, Subasini Luhura W/O- Routray Luhura, Sada Luhura, Mahargi Penthei S/D/O-Kalia Luhura, Chahat Luhura W/O- Kalia Luhura, Pratima Luhura, Indumati Luhura, Golapa Luhura, Patra Luhura S/D/O- Gundicha Luhura, Ajit Luhura, Kandhei Luhura, Dudhei Luhura S/D/O- Srikar Luhura, Sudra Penthei, Benda Penthei S/D/O- Bideshi Penthei Caste- Kamar |
| 113 | 227/1008 | Private | Mal Sadharan | 0.0080939 | Dipak Ku. Behera S/O- Sudhir Ku. Behera Vill.- Markandapur |
| 114 | 227/912 | Government | Mal Sadharan | 0.0687981 | Abadajogya Anabadi |
| 115 | 227/913 | Government | Mal Sadharan | 0.0647511 | Abadajogya Anabadi |
| 116 | 228 | Private | Mal Sadharan | 0.3480372 | Bularu Mahakud S/O- Kastu Mahakud, Manoja Mahakud, Ambika Mahakud S/d/O- Anirudha Mahakud,Samari Mahakud w/O- Anirudha Mahakud |
| 117 | 228/763 | Government | Mal Sadharan | 0.0121408 | Abadajogya Anabadi |
| 118 | 228/764 | Government | Mal Sadharan | 0.0242817 | Abadajogya Anabadi |
| 119 | 238 | Private | Mal Sadharan | 0.0809389 | Baikuntha Kisan, Dalimba Kisan, Nabati Kisan, Bimala Kisan S/D/O- Bhagaban Kisan, Rambha Kisan W/O Bhagaban Kisan, Kolha Kisan, Bhagirathi Kisan, Nahian Kisan S/O- Kastu Kisan, Debadhi Kisan, Tikeswar Kisan S/O- Dukhu Kisan, Bhakta Kisan, Sabitri Kisan S/D/O- Singa Kisan, Chanchala Kisan W/O-Singa Kisan, Debaki Kisan, Bira Kisan, Kshira Kisan, Baisnab Kisan,Radha Kisan S/D/O- Bisa Kisan, Aruni Kisan W/O- Kumuda KisanDuryodhan Kisan, Himadri Kisan S/O- Kumuda Kisan |
| 120 | 239 | Private | Mal Sadharan | 0.0404694 | Baikuntha Kisan, Dalimba Kisan, Nabati Kisan, Bimala Kisan, S/D/O- Bhagaban Kisan,Rambha Kisan W/O Bhagaban Kisan, Kolha Kisan, Bhagirathi Kisan, Nahian Kisan S/O- Kastu Kisan, Debadhi Kisan, Tikeswar Kisan S/O- Dukhu Kisan, Bhakta Kisan, Sabitri Kisan S/D/O- Singa Kisan, Chanchala Kisan W/O-Singa Kisan, Debaki Kisan, Bira Kisan, Kshira Kisan, Baisnab Kisan, Radha Kisan S/D/O- Bisa Kisan, Aruni Kisan W/O- Kumuda Kisan, Duryodhan Kisan, Himadri Kisan S/O- Kumuda Kisan |
| 121 | 240 | Private | Mal Sadharan | 0.0080939 | Iswar Chandra Kisan, Jai Kisan S/D/O- Gobinda Kisan, Tunu Kisan, Lambodar Kisan, Parsu Kisan, Dhaneswar Kisan, Prema Kisan, Dulei Kisan S/D/O- Raghu Kisan |
| 122 | 241 | Private | Mal Sadharan | 0.0202347 | Kulhuni Kisan D/O- Chuli Kisan,Arjun Kisan, Basudeb Kisan,Kamali Kisan, Kumari Kisan S/D/O- Chulia Kisan Caste- Kisan |
| 123 | 242 | Private | Mal Sadharan | 0.0526103 | Baneswar Kisan, Gurubari Kisan S/D/O- Nata Kisan, Niranjan Kisan Rambha Kisan, Chanchala Kisan, Kulei Kisan S/D/O- Banamali Kisan, Kandri Kisan W/O-Banamali Kisan, Jatra Kisan, Madan Kisan, Pati Kisan, Ramesh Kisan, Sabita Kisan S/D/O- Baidhar Kisan, Bichha Kisan W/O- Baidhar Kisan, Khageswar Kisan, Basanti Kisan S/D/O- Abani Kisan Caste- Kisan Vill.- Nijagan |
| 124 | 242/765 | Government | Mal Sadharan | 0.0202347 | Abadajogya Anabadi |
| 125 | 243 | Private | Mal Sadharan | 0.0566572 | Nidhi Kisan, Panu Kisan, Buduni Kisan, Padma Kisan S/D/O- Braja Kisan Caste-Kisan Vill.- Nijagan |
| 126 | 243/766 | Private | Mal Sadharan | 0.0242817 | Munu Kisan,Somanath Kisan,Aintha Kisan, Damani Kisan, Jema Kisan S/D/O-Siri Kisan Caste- Kisan Vill.- Nijagan |
| 127 | 244 | Private | Mal Sadharan | 0.0485633 | Bhuban Pana S/O- Anama Pana Vill,- Nijagan |
| 128 | 244/918 | Private | Mal Sadharan | 0.0404694 | Sarat Naik, Ganeswar Naik, Bandhuram Naik, Sushila Naik, Hema Naik S/D/O-Jogi Pana, Santosh Naik, Rita Naik, Jaya Prakash Naik, Mita Naik S/D/O-Tikeswar Naik, Kshirodri Naik W/O- Tikeswar Naik Caste- Pana |
| 129 | 245 | Private | Mal Sadharan | 0.0323756 | Taranisen Kisan, Prakash Kisan, Santosini, Manjubala Kisan S/d/O-Hadibandhu Kisan, Padma Lochan Kisan, Lalita Kisan, Kansala Kisan S/D/O-Kusha Kisan, Basanti Kisan D/O- Iswar Kisan |
| 130 | 246 | Private | Mal Sadharan | 0.0242817 | Guru Charan Kisan,Thuru Kisan, Biranchi Kisan, Khairi Kisan, Kamali Kisan, Sukumari Kisan, S/D/O- Purna Ch. Kisan, Ugresan Kisan, Ranjan Kisan,Tapoi Kisan S/D/O- Nrusingha Kisan, Basa Kisan W/O- - Nrusingha Kisan |
| 131 | 250 | Private | Mal Sadharan | 0.0040469 | Baikuntha Kisan, Dalimba Kisan, Nabati Kisan, Bimala Kisan S/D/O- Bhagaban Kisan, Rambha Kisan W/O Bhagaban Kisan, Kolha Kisan, Bhagirathi Kisan, Nahian Kisan S/O- Kastu Kisan, Debadhi Kisan, Tikeswar Kisan S/O- Dukhu Kisan, Bhakta Kisan, Sabitri Kisan S/D/O- Singa Kisan, Chanchala Kisan W/O-Singa Kisan, Debaki Kisan, Bira Kisan, Kshira Kisan, Baisnab Kisan, Radha Kisan S/D/O- Bisa Kisan, Aruni Kisan W/O- Kumuda Kisan, Duryodhan Kisan, Himadri Kisan S/O- Kumuda Kisan |
| 132 | 251 | Private | Mal Sadharan | 0.0607042 | Baneswar Kisan, Gurubari Kisan S/D/O- Nata Kisan, Niranjan Kisan Rambha Kisan, Chanchala Kisan, Kulei Kisan S/D/O- Banamali Kisan, Kandri Kisan W/O-Banamali Kisan, Jatra Kisan, Madan Kisan, Pati Kisan, Ramesh Kisan, Sabita Kisan S/D/O- Baidhar Kisan, Bichha Kisan W/O- Baidhar Kisan, Khageswar Kisan, Basanti Kisan S/D/O- Abani Kisan Caste- Kisan Vill.- Nijagan |
| 133 | 253 | Government | Mal Sadharan | 0.0080939 | Abadajogya Anabadi |
| 134 | 254 | Government | Mal Sadharan | 0.0485633 | Abadajogya Anabadi |
| 135 | 255 | Government | Mal Sadharan | 0.3278025 | Abadajogya Anabadi |
| 136 | 256 | Government | Mal Sadharan | 0.0040469 | Abadajogya Anabadi |
| 137 | 257 | Government | Basti jogya | 0.0404694 | Rakshita |
| 138 | 302 | Private | Mal Sadharan | 0.0202347 | Ghasiram Pana, Kulamani Pana S/O- Keshaba Pana,Dukhi Bewa W/O-Keshaba Pana Caste- Pana |
| 139 | 302/778 | Government | Mal Sadharan | 0.0364225 | Abadajogya Anabadi |
| 140 | 59 | Government | Patita | 0.0809389 | Abadajogya Anabadi |
| 141 | 59/1013 | Private | Goda II | 0.0607042 | Santosh Ku. Pradhan, Susanta Ku. Pradhan, Pramodini Pradhan, Mandakini Pradhan, Sarojini Pradhan S/D/O- Harihar Pradhan Vill.- Raitabahal |
| 142 | 60 | Government | Mal Sadharan | 0.0121408 | Abadajogya Anabadi |
| 143 | 60/1016 | Private | Mal Sadharan | 0.0809389 | Santosh Ku. Pradhan S/O- Harihar Pradhan Vill.- Raitabahal |
| 144 | 61 | Government | Mal Sadharan | 0.0445164 | Abadajogya Anabadi |
| 145 | 61/1017 | Private | Mal Sadharan | 0.0283286 | Santosh Ku. Pradhan S/O- Harihar Pradhan Vill.- Raitabahal |
| 146 | 80 | Government | Mal Sadharan | 0.1618778 | Abadajogya Anabadi |
| 147 | 81 | Government | Mal Sadharan | 0.509915 | Abadajogya Anabadi |
| **Village: Chandan Khunti** | | | | | |
| 148 | 272/530 | Private | Goda II | 0.1537839 | Kalpana Sahu,Gagan Sahu, Goutam Sahu S/O Rama Sahu, Mandadori Sahu W/O- Rama Sahu, Dolamani Sahu, Netramani Sahu, Jali Sahu, Lili Nayak, Jhili Sahu S/D/O- Laxman Sahu, Birendra Pradhan, Tapaswini Sahu S/D/O- Ananda Pradhan, Indu Sahu, Lata Sahu D/O- Jhagudu Sahu |
| 149 | 381/701 | Private | Gharabari | 0.0080939 | Sanu Pradhan S/O- Kandarpa Pradhan, Sabitri Pradhan W/O- Sanu Pradhan |
| 150 | 381/702 | Private | Gharabari | 0.0161878 | Sashi Bhusan Nayak S/O- Daivar Nayak, Susama Manjari Nayak W/O- Sashi Bhusan Nayak |
| **Village: Ghurudukhaman** | | | | | |
| 151 | 399/836 | Government | Gochar | 0.0121408 | Rakshita |
| **Village: Golabandha** | | | | | |
| 152 | 1637/2085 | Government | Gochar | 0.0485633 | Rakshita |
| **Village: Goppur** | | | | | |
| 153 | 304/419 | Government | Mal Sadharan | 0.0526103 | Abadajogya Anabadi |
| **Village: Gunduripasi** | | | | | |
| 154 | 265/333 | Private | Mal Sadharan | 0.0242817 | Rabindra Behera S/O- Dwari Behera Vill.- Ananta Pichhula |
| 155 | 267/336 | Private | Mal Sadharan | 0.0040469 | Gatikrushna Harijan, Suresh Harijan S/O- Hadi Harijan Vill.- Basupali |
| 156 | 274 | Government | Sarba Sadharan Jogya | 0.0202347 | Rakshita |
| 157 | 274/374 | Private | Bahal Sadharan | 0.0161878 | Debabala Sahu W/O- Debananda Sahu Vill.- Kandhal |

*Continued on P2*

*Continued from P1*

| Sr. No. | Survey Number | Type of Land | Nature of Land | Area in Hectare | Name of the Land Owner/ Interested Person Part Survey No. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 158 | 274/376 | Private | Goda I | 0.0323756 | Hari Behera S/O-Kaincha Behera Vill.- Ananta Pichhula |
| 159 | 275/375 | Government | Chattaan | 0.0080939 | Abada Ajogya Anabadi |
| **Village: Kala** | | | | | |
| 160 | 188 | Private | Mal Pani II | 0.0364225 | Kumuda Sahu, Rushi Sahu, Chintamani Sahu S/O- Shyam Sundar Sahu, Safed Ku. Sahu, Indira Pradhan, Nandini Sahu S/D/O- Narottam Sahu, Pramila Sahu W/O- Narottam Sahu, Rakesh Kumar Sahu, Mukesh Sahu S/O- Prahallad Sahu, Lili Sahu W/O- Prahallad Sahu, Damayanti Sahu, Lachhama Sahu,Bhanumati Sahu D/O- Duryodhan Sahu |
| 161 | 2328 | Private | Berna Pani II | 0.0242817 | Subal Behera, Sudam Behera, Sukumari Behera, Sanju Behera, Gouri Behera, Jyoti Manjari Behera, Panchali Behera S/D/O- Himadri Behera, Madan Behera, Manjulata Behera, Mandakini Behera, Prativa Behera S/D/O- Lalita Behera Vill.- Kalla, Jagabandhu Behera, Sulochana, Behera, Shanti Behera @ Singh, Gomati Behera, Basanti Behera S/D/O- Ainthu Behera Vill.- Balisuan, P.S.- Pallahara Dist.- Angul |
| 162 | 2337 | Private | Berna Pani II | 0.0161878 | Niranjan Dalbehera S/O- Kati Dalbehera |
| 163 | 2338 | Private | Berna Pani II | 0.0080939 | Ajit Kumar Dalbehera, Sujit Kumar Dalbehera, Sanjit Ku. Dalbehera, Anjali Sahu, Anita Sahu, Shanti Sahu, Rasmita Sahu, Mamata Pradhan S/D/O- Kandarpa Dalbehera Jayee Dalbehera W/O- Kandarpa Dalbehera |
| 164 | 2340 | Private | Berna Pani II | 0.0161878 | Subal Behera, Sudam Behera, Sukumari Behera, Sanju Behera, Gouri Pal, Jyoti Manjari Behera, Panchali Behera S/D/O- Himadri Behera, Madan Behera, Manjulata Behera, Mandakini Behera, Pratibha Behera S/D/O- Lalita Behera Vill.- Kalla, Jagabandhu Behera, Sulochana Behera, Shanti Behera @ Singh, Gomati Behera, Basanti Behera S/D/O- Ainthu Behera Vill.- Balisuan P.S.- Pallahara Dist.- Angul |
| 165 | 2344 | Private | Bahal Pani II | 0.0202347 | Sankarsan Dwibedy, Rudra Prasad Dwibedy S/O- Trilochan Dwibedy, Vill.- Kalla, Indira Pati W/O- Tara Sankar Pati Vill.- Udala Dist.- Mayurbhanj |
| 166 | 2354 | Private | Bahal Pani II | 0.0080939 | Sankarsan Dwibedy, Rudra Prasad Dwibedy S/O- Trilochan Dwibedy, Vill.- Kalla, Indira Pati W/O- Tara Sankar Pati Vill.- Udala Dist.- Mayurbhanj |
| 167 | 2745/4204 | Private | Bahal Pani II | 0.0202347 | Pratprudra Pradhan, Jay Prakash Pradhan, Pradip Ku. Pradhan, Jashoda Sahu S/D/O- Pranababdhu Pradhan , Rajipta Biswal, Nirlipat Sahu, Sasmita Biswal S/D/O- Purna Ch. Biswal, Bhagaban Pradhan, Chahata Biswal, Panchali Pradhan, Jyoti Manjari Pradhan S/D/O- Kali Ch. Pradhan, Hemant Ku. Sahu, Basant Ku. Sahu, Bijay Ku. Sahu, Indira Pradhan, Girija Pradhan S/D/O- Satyabadi Sahu, Susant Ku. Pradhan, Soumendra Pradhan, Sujata Pradhan, Sasmita Pradhan S/D/O- Abanikanta Pradhan, Sulochana Pradhan W/O- Abanikanta Pradhan |
| 168 | 2751 | Private | Bahal Pani II | 0.0161878 | Pabitra Mohan Dhal S/O- Kapileswar Dhal Vill.- Bhatsingh |
| 169 | 2752 | Government | Rasta | 0.0040469 | Sarbasadharana |
| 170 | 2757 | Private | Bahal Pani II | 0.0161878 | Mangulu Dalbehera S/O- Gadadhar Dalbehera |
| 171 | 2758 | Private | Bahal Pani II | 0.0040469 | Pratap Behera, Nirakara Behera, Binati Sahu, Bhargabi Sahu S/D/O- Budhu Behera, Sripati Behera, Paluni Behera, Sulochana Behera S/D/O- Krushna Chandra Behera, Biren Behera,Priyambada Sahu S/D/O- Kshedi Sahu |
| 172 | 2759 | Government | Bahal Pani II | 0.0161878 | Abadyajogya Anabadi |
| 173 | 2760 | Private | Bahal Pani II | 0.0323756 | Madan Mohan Dalbehera, Pira Pradhan S/D/O- Satyabadi Dalbehera, Kumari Dalbehera W/O- Rasananda Dalbehera, Hrudaynath Dalbehera, Naba Dalbehera, Kusha Dalbehera, Rama Dalbehera, Madhab Dalbehera, Rina Samal, S/D/O- Balaram Dalbehera, Binod Dalbehera, Tuni Behera, Jhunu Behera, Anu Behera S/D/O- Hrusikesh Behera, Prafulla Kumar Pradhan S/O- Kshyamanidhi Pradhan, Bisnu Sahu, Pratap Sahu S/O- Bakuli Sahu, Pakala Pradhan D/O- Dukhu Dalbehera |
| 174 | 2762 | Private | Gharabari | 0.0485633 | Pusplata Pradhan W/O- Suresh Chandra Pradhan |
| 175 | 2770 | Government | Bajar | 0.0323756 | Rakshita |
| 176 | 3987 | Government | Rasta | 0.0242817 | Sarbasadharana |
| 177 | 3994 | Government | Ghara | 0.072845 | Rakshita |
| 178 | 3995 | Government | Bagayat II | 0.1537839 | Rakshita |
| 179 | 3996 | Government | Patit | 0.0242817 | Abadyajogya Anabadi |
| 180 | 3996/4320 | Private | Gharabari | 0.0161878 | Shiba Prasad Rohidas S/O- Sambaru Rohidas, Golapa Rohidas W/O- Sambaru Rohidas |
| 181 | 3996/4324 | Private | Gharabari | 0.0161878 | Bala Naik, Mina Patra S/D/O- Naik Patra, Ruduna Patra W/O- Naik Patra |
| 182 | 3996/4325 | Private | Gharabari | 0.0121408 | Kunja Naik S/O- Thuru Naik |
| 183 | 3996/4332 | Private | Gharabari | 0.0121408 | Hemalata Pradhan W/O- Khageswar Pradhan |
| 184 | 3997/4243 | Private | Ghara Diha | 0.0040469 | Pitabas Sahu S/O- Mangulu Sahu |
| 185 | 558 | Private | Bahal Pani II | 0.0121408 | Gopabandhu Dalbehera S/O- Hadi Dalbehera |
| 186 | 856 | Private | Berna Pani II | 0.1295022 | Prafulla Ku. Sahu, Prasant Ku. Sahu,Bilasini Sahu, Subasini Sahu S/D/O- Dwari Sahu |
| 187 | 856/4068 | Private | Mal Pani II | 0.0364225 | Charan Ku. Sahu, Arun Ku. Sahu, Tarun Sahu, Barun Sahu, Biraja Sahu S/D/O- Bhagaban Sahu |
| 188 | 857 | Private | Mal Pani II | 0.0040469 | Siba Behera, Susant Behera, Prasant Behera, Gomati Behera, Sumati Behera S/D/O- Bideshi Behera, Bhanu Behera W/O- Bideshi Behera, Sashi Behera, Pabitra Behera, Kuna Behera S/O- Hadu Behera, Asha Behera W/O- Hadu Behera, Bhagabati Behera D/O- Bakuli Behera, Charan Ku. Sahu, Arun Ku. Sahu, Tarun Sahu, Barun Sahu Biraja Sahu S/D/O- Bhagaban Sahu Vill. – Kalla. |
| 189 | 859 | Private | Mal Pani II | 0.0040469 | Charan Ku. Sahu, Arun Ku. Sahu, Tarun Sahu, Barun Sahu, Biraja Sahu S/D/O- Bhagaban Sahu |
| 190 | 862 | Private | Bahal Pani II | 0.0080939 | Kshirod Bihari Dalbehera, Fakir Mohan Dalbehera,Jitendriya Dalbehera, Kalyani Biswal,Kanaka Sahu S/D/O- Kumuda Dalbehera, Laxmi Dalbehera W/O- Kumuda Dalbehera |
| 191 | 863 | Private | Mal Pani II | 0.0080939 | Bhabagrahi Behera, Madan Mohan Behera, Manju Pradhan, Basanti Sahu, Duti Behera S/D/O- Rabi Behera |
| **Village: Kandhal** | | | | | |
| 192 | 1394 | Government | Patit | 0.0080939 | Abadajogya Anabadi |
| 193 | 1395 | Private | Gharabari | 0.0040469 | Bijay Kumar Agarwal S/O- Om Prakash Agarwal |
| 194 | 1395/4116 | Private | Gharabari | 0.0040469 | Prafulla Pradhan, Kshirod Bihari Pradhan, Jaya Krushna Pradhan, Bedabyasa Pradhan, Urbashi Pradhan, Priyambada Pradhan, Nalini Pradhan, Panchali Pradhan, Laxmi Bilash Pradhan, Shantilata Pradhan S/D/O- Madhusudan Pradhan, Bisnu Priya Pradhan W/O- Madhu Sudan Pradhan, Ramakrushna Pradhan, Jagannath Pradhan, Purnima Pradhan, Namita Pradhan, Nalita Pradhan S/D/O- Bubaneswar Pradhan |
| 195 | 1395/4343 | Private | Goda I | 0.0040469 | Prafulla Pradhan, Kshirod Bihari Pradhan, Jaya Krushna Pradhan, Bedabyasa Pradhan, Urbashi Pradhan, Priyambada Pradhan, Nalini Pradhan, Panchali Pradhan, Laxmi Bilash Pradhan, Shantilata Pradhan S/D/O- Madhusudan Pradhan, Bisnu Priya Pradhan W/O- Madhu Sudan Pradhan, Ramakrushna Pradhan, Jagannath Pradhan, Purnima Pradhan, Namita Pradhan, Nalita Pradhan S/D/O- Bubaneswar Pradhan |
| 196 | 1452/3939 | Private | Gharabari | 0.0040469 | Hema Sagar Nayak S/O- Niranjan Nayak Caste- Mali Vill.- Lahandabuda Dist.- Jharsuguda, Anirudha Nayak S/O- Naba Kishore Nayak Caste- Chasa Vill.- Chandankhunti |
| 197 | 1453 | Private | Mal Sadharan | 0.0040469 | Sujata Sahu W/O- Debananda Sahu |
| 198 | 1453/4118 | Government | Mal Sadharan | 0.0080939 | Abadajogya Anabadi |
| 199 | 1453/4777 | Private | Mal Sadharan | 0.0040469 | Sujata Sahu W/O- Debananda Sahu |
| 200 | 1453/4784 | Private | Gharabari | 0.0121408 | Dileswar Sahu S/O- Hemanta Ch. Sahu Caste- Gudia |
| 201 | 1494/3863 | Private | Mal Sadharan | 0.0040469 | Soudamini Debi W/o Kishore Chandra Deb, Ajay Kumar Deb, Minor through Soudamini Debi (mother), Jyoti Krishna Deb, Ashoka Deb, Anil Deb, Kapilendra Deb S/O- Nikunja Ch. Deb, Kamaleswari Deb W/O- Nikunja Ch. Deb, Dillip Deb, Narayan Deb S/O- Bijay Ch. Deb, Bhargab Chandra Deb S/O- Ramesh Ch. Deb, Caste- Kshyatriya Vill.- Deogarh |
| 202 | 1496 | Private | Mal Sadharan | 0.0202347 | Soudamini Debi W/o Kishore Chandra Deb, Ajay Kumar Deb, Minor through Soudamini Debi (mother), Jyoti Krishna Deb, Ashoka Deb, Anil Deb, Kapilendra Deb S/O- Nikunja Ch. Deb, Kamaleswari Deb W/O- Nikunja Ch. Deb, Dillip Deb, Narayan Deb S/O- Bijay Ch. Deb, Bhargab Chandra Deb S/O- Ramesh Ch. Deb, Caste- Kshyatriya Vill.- Deogarh |
| 203 | 1496/4580 | Private | Gharabari | 0.0121408 | Sanjay Kumar Sahu S/O- Kanhu Sahu |
| 204 | 1496/4627 | Private | Mal Sadharan | 0.0080939 | Iswar Chandra Pradhan S/O- Maguni Pradhan |
| 205 | 1497 | Private | Mal Sadharan | 0.0040469 | Daitari Behera, Maheswar Behera S/O- Braja Behera, Gouri Behera W/O- Braja Behera |
| 206 | 1509/4891 | Private | Gharabari | 0.0202347 | Ajoshi Samal, Rakesh Samal, Mamina Samal S/D/O- Prahallad Samal, Bisnupriya Samal W/O- Pramod Samal, Prativa Sahu S/D/O- Giridhar Samal |
| 207 | 1518 | Private | Mal Sadharan | 0.0161878 | Daitari Behera, Maheswar Behera S/O- Braja Behera, Gouri Behera W/O- Braja Behera |
| 208 | 1519 | Private | Mal Sadharan | 0.0040469 | Jalandhar Behera S/O- Srini Behera |
| 209 | 1519/4409 | Private | Gharabari | 0.0080939 | Jhasaketan Pradhan S/O- Khageswar Pradhan Vill.- Dandasingha |
| 210 | 1521 | Private | Mal Sadharan | 0.0040469 | Bhagirathi Pani S/O- Baisnab Pani Caste- Brahmin |
| 211 | 1521/4808 | Private | Mal Sadharan | 0.0242817 | Chitaranjan Pradhan S/O- Kshyamanidhi Pradhan |
| 212 | 1521/4810 | Private | Mal Sadharan | 0.0202347 | Sanjay Kumar Sahu S/O- Kanhu Sahu |
| 213 | 1523 | Private | Mal Sadharan | 0.0768919 | Mana Behera S/O- Darsania Behera, Tarani Pradhan, Debananda Pradhan S/O- Harihar Pradhan, Laxmidhar Pradhan, Tikeswar Pradhan, Ramesh Pradhan, S/O- Murali Pradhan, Mina Ketan Pradhan, Hemanta Behera, Soubhagya Behera, Ranga Behera, Debaki Behera S/D/O- Purusottam Behera, Jamuna Behera W/O- Purusottam Behera |
| 214 | 1525 | Private | Mal Sadharan | 0.0242817 | Duryodhan Sahu, Milu Charan Sahu, Nrusingha Sahu, Jira Sahu, Pati Garnayak, Nadia Swain S/d/O- Cheranaga Sahu, Poulasti Nayak, Ananta Nayak, Uttam Pradhan, Anjali Behera S/D/O- Baidhar Nayak Caste- Chasa |
| 215 | 1525/3995 | Private | Mal Sadharan | 0.0040469 | Narayan Sahu S/o- Ananda Sahu |
| 216 | 1526 | Private | Mal Sadharan | 0.0080939 | Bhubaneswar Sahu, Nidra Sahu S/D/O- Natha Sahu |
| 217 | 1537/4459 | Private | Mal Sadharan | 0.0080939 | Bhabanikanta Nanda S/O- Jadumani Nanda Caste- Brahmin , Vill.- Rajamunda, Deogarh |
| 218 | 1842 | Private | Gharabari | 0.0121408 | Prafulla Pradhan, Kshirod Bihari Pradhan, Jaya Krushna Pradhan, Bedabyasa Pradhan, Urbashi Pradhan, Priyambada Pradhan, Nalini Pradhan, Panchali Pradhan, Laxmi Bilash Pradhan, Shantilata Pradhan S/D/O- Madhusudan Pradhan, Bisnu Priya Pradhan W/O- Madhu Sudan Pradhan, Ramakrushna Pradhan, Jagannath Pradhan, Purnima Pradhan, Namita Pradhan, Nalita Pradhan S/D/O- Bubaneswar Pradhan |
| 219 | 1844 | Private | Goda I | 0.0121408 | Prafulla Pradhan, Kshirod Bihari Pradhan, Jaya Krushna Pradhan, Bedabyasa Pradhan, Urbashi Pradhan, Priyambada Pradhan, Nalini Pradhan, Panchali Pradhan, Laxmi Bilash Pradhan, Shantilata Pradhan S/D/O- Madhusudan Pradhan, Bisnu Priya Pradhan W/O- Madhu Sudan Pradhan, Ramakrushna Pradhan, Jagannath Pradhan, Purnima Pradhan, Namita Pradhan, Nalita Pradhan S/D/O- Bubaneswar Pradhan |
| 220 | 1844/4321 | Private | Gharabari | 0.0040469 | Kirankanta Kuanr S/O- Nishakanta Kuanr |
| 221 | 1853 | Government | Rasta | 0.0040469 | Sarbasadharana |
| 222 | 1863 | Private | Gharabari | 0.0242817 | Binod Bihari Agarwal, Rajesh Agarwal, Govindram Agarwal, Sriram Agarwal, Shila Modi, Anita Goel S/D/O- Raghubir Agarwal Caste- Baisya |
| 223 | 1863/3870 | Private | Gharabari | 0.0040469 | Lalit Mohan Sahu, Dileswar Sahu, Jemamani Sahu, Priyambada Sahu, Parbati Sahu S/D/O- Nanda Kishore Sahu, Caste- Gudia |
| 224 | 1863/3871 | Private | Gharabari | 0.0040469 | Lalit Mohan Sahu, Dileswar Sahu, Jemamani Sahu, Priyambada Sahu, Parbati Sahu S/D/O- Nanda Kishore Sahu, Caste- Gudia |
| 225 | 1864 | Private | Gharabari | 0.0890328 | Mukteswar Sahu, Sujit Kumar Sahu, Rasmita Samal S/D/O- Sansar Sahu, Padmabati Sahu W/O- Sansar Sahu |
| 226 | 1865 | Private | Gharabari | 0.0040469 | Mukteswar Sahu, Sujit Kumar Sahu, Rasmita Samal S/D/O- Sansar Sahu, Padmabati Sahu W/O- Sansar Sahu, Bipin Sahu, Suresh Sahu, Laxindra Sahu, Rajani Sahu, Hira Sahu, Sumati Sahu S/D/O- Ram Chandra Sahu |
| 227 | 1878 | Government | Bagayat II | 0.0202347 | Rakshita |
| 228 | 1880 | Private | Gharabari | 0.0161878 | Manabhangi Sethi D/O- Pada Sethi, Krushna Chandra Sethi, Binod Sethi, Labanya Behera, Akshila Sethi, Darpani Sethi W/O- Akshila Sethi, Daitari Sethi, Kalyan Kumar Sethi, Fulana Sethi S/D/O- Chandramani Sethi, Saraswati Sethi W/O- Chandramani Sethi, Gitanjali Sethi D/O- Markanda Sethi, Bishakha Sethi W/O- Markanda Sethi, Usha Behera, Sailabala Behera D/O- Abhi Sethi, Rama Chandra Sethi S/O- Mahedra Sethi Caste-Dhoba |
| 229 | 1891 | Government | Gochar | 0.0161878 | Rakshita |
| 230 | 1896 | Private | Gharabari | 0.0040469 | Gangadhar Sahu S/O- Ananda Sahu Caste- Chasa |
| 231 | 1897 | Private | Gharabari | 0.0080939 | Gangadhar Sahu S/O- Ananda Sahu Caste- Chasa |
| 232 | 1898 | Private | Gharabari | 0.0202347 | Gangadhar Sahu S/O- Ananda Sahu Caste- Chasa |
| 233 | 1899 | Private | Gharabari | 0.0121408 | Soudamini Debi W/o Kishore Chandra Deb, Ajay Kumar Deb, Minor through Soudamini Debi (mother), Jyoti Krishna Deb, Ashoka Deb, Anil Deb, Kapilendra Deb S/O- Nikunja Ch. Deb, Kamaleswari Deb W/O- Nikunja Ch. Deb, Dillip Deb, Narayan Deb S/O- Bijay Ch. Deb, Bhargab Chandra Deb S/O- Ramesh Ch. Deb, Caste- Kshyatriya Vill.- Deogarh |
| 234 | 1900 | Private | Gharabari | 0.0161878 | Tirthbasi Sahu, Poulati Sahu, Binapani Sahu, Kumari Sahu S/D/O- Laxman Sahu, Jayanta Pradhan, Panchali Pradhan, Lilibala Pradhan S/D/O- Ghanashyam Pradhan |
| 235 | 1901 | Private | Gharabari | 0.0040469 | Tirthbasi Sahu, Poulasti Sahu S/O- Laxman Sahu |
| 236 | 1902 | Private | Gharabari | 0.0040469 | Gangamani Sahu W/O- Giridhari Sahu |
| 237 | 1905 | Private | Gharabari | 0.0040469 | Dhobeidhar Sahu S/O- Kulamani Sah |
| 238 | 1909 | Private | Gharabari | 0.0040469 | Debananda Sahu S/O- Padma Lochan Sahu |
| 239 | 2166 | Government | Rasta | 0.0040469 | Sarbasadharana |
| 240 | 2477 | Government | Gochar | 0.0040469 | Rakshita |
| 241 | 2641 | Government | Rasta | 0.0040469 | Sarbasadharana |
| 242 | 2815/3891 | Private | Berna Pani II | 0.0040469 | Lokanath Behera, Poulasti Behera, Udhhaba Behera, Tikeswar Behera, Hemalata Dehury S/D/O- Rabi Behera, Koushalya Behera W/O- Rabi Behera |
| 243 | 2868 | Government | Gochar | 0.0080939 | Rakshita |
| 244 | 2870 | Private | Bahal Pani II | 0.0121408 | Bhagirathi Pani S/O- Baisnab Pani Caste- Brahmin |
| 245 | 2872 | Private | Goda II | 0.0080939 | Bhimsen Behera S/O-Sirini Behera |
| 246 | 2872/4422 | Private | Goda II | 0.0040469 | Jashobanta Behera S/O- Srini Behera |
| 247 | 2978/4160 | Private | Bahal Pani II | 0.0080939 | Santosh Sahu, Kumudini Sahu, Sandhya Sahu, Puspanjali Sahu, Sasmita Sahu S/D/O- Nilamani Sahu, Bilasa Sahu W/O- Nilamani Sahu, Sailabala Pradhan, Sumitra Behera D/O- Krushna Sahu, Caste- Chasa |
| 248 | 2978/4161 | Private | Bahal Pani II | 0.0040469 | Kansari Sahu S/O- Danardan Sahu Caste- Chasa |
| 249 | 2981 | Private | Berna Pani II | 0.0040469 | Gangamani Sahu W/O- Giridhari Sahu |
| 250 | 2982 | Private | Berna Pani II | 0.0040469 | Dhobei Biswal S/O- Bairagi Biswal |
| 251 | 2983 | Private | Berna Pani II | 0.0080939 | Chendal Sahu S/O- Labha Sahu,Tanu Chandra Sahu, Lalita Sahu, Benudhar Sahu,Lambodar Sahu,Maruan Sahu S/D/O- Hadi Sahu, Badal sahu,Barsa Sahu S/D/O- Krushna Chandra Sahu, Sujata Sahu W/O- Krushna Chandra Sahu, Ripan Sahu,Anita Sahu S/D/O- Narahari Sahu, Gomati Sahu W/O- Narahari Sahu, Ramakanta Sahu, Rebati Sahu S/D/O- Samaru Sahu, Chanchala Sahu D/O- Gopal Sahu |
| 252 | 2986 | Private | Berna Pani II | 0.0040469 | Darpani Sethi W/O- Akshila Sethi, Krushna Chandra Sethi, Binodbihari Sethi, Labanya Sethi S/D/O- Akshila Sethi, Saraswati Sethi W/O- Chandramani Sethi, Daitari Sethi, Kalayana Kumar Sethi, Fulana Sethi S/D/O- Chandramani Sethi, Bishakha Sethi W/O- Markanda Sethi, Gitanjali Sethi D/O- Markanda Sethi |
| 253 | 2986/3978 | Private | Berna Pani II | 0.0080939 | Rama Sethi S/O- Mahendra Sethi |
| 254 | 3017 | Government | Pathar chattan | 0.0040469 | Abada ajogya Anabadi |
| 255 | 3018 | Private | Bahal Pani II | 0.0202347 | Banshidhar Samal, Kishore Chandra Samal, Poulasti Samal, Sulochana Dehury, Asha Sahu S/D/O-Dhania Samal, Duryodhan Dehury, Tilottama Dalbehera, Bharati Nayak S/D/O- Murali Dehury |
| 256 | 3019 | Private | Bahal Pani II | 0.0242817 | Keshab Sahu, Basant Sahu, Gitanjali Sahu S/D/O- Laxman Sahu, Kshira Sahu W/O- Laxman Sahu |
| 257 | 3035/4236 | Private | Bahal Sadharan | 0.0040469 | Himadri Behera, Hrudananda Behera, Kamal Lochan Behera, Gobind Chandra Behera, Lalita Behera, Uma Behera, Jashoda Sethi S/D/O- Biswa Keshan Behera, Kanchan Behera W/O- Biswa Keshan Behera |
| 258 | 3036 | Private | Bahal Sadharan | 0.0080939 | Kamal Lochan Samal, Dambarudhar Samal, Baneswar Samal, Soudamini Samal, Nalini Pradhan S/D/O- Dibakar Samal, Rabi Pradhan, Rita Samal minor D/O- Pitabas Samal, Pankajini Samal W/O- Pitabas Samal, Prasanta Sahu, Sasmita Dhal, Sobhagini Pradhan S/D/O- Bhubaneswar Sahu, Dileswar Behera, Kalyani Pradhan, Koushalya Sahu S/D/O- Chhanda Behera |
| 259 | 4773/4838 | Private | Gharabari | 0.0121408 | Lalita Sahu W/O- Sridhar Sahu |
| **Village: Markandpur** | | | | | |
| 260 | 1 | Government | Kenal | 0.0040469 | Gramya Abhijantrika Sanstha |
| 261 | 12 | Private | Gharabari | 0.0080939 | Lochan Behera S/O- Bisnu Behera Caste- Pana |
| 262 | 12/115 | Private | Gharabari | 0.0040469 | Gobardhan Naik S/O- Chandra Naik Caste- Pana |
| 263 | 13 | Private | Mal Sadharan | 0.0404694 | Dileswar Naik, Pratima Naik, Annapurna Naik, Para Naik S/D/O- Dhobei Pana, Caste- Pana, Vill.- Kalla |
| 264 | 13/117 | Private | Gharabari | 0.0040469 | Lochan Behera S/O- Bisnu Behera Caste- Pana |
| 265 | 13/118 | Private | Gharabari | 0.0080939 | Gobardhan Naik S/O- Chandra Naik Caste- Pana |
| 266 | 13/119 | Private | Gharabari | 0.0080939 | Prasanna Kumar Pradhan S/O- Lambodar Pradhan Caste- Chasa |
| 267 | 13/156 | Private | Gharabari | 0.0161878 | Shantilata Behera W/O- Panchanan Behera Caste- Sial Vill.- Kalla |
| 268 | 17 | Private | Mal Sadharan | 0.0080939 | Dileswar Naik, Pratima Naik, Annapurna Naik, Para Naik S/D/O- Dhobei Pana, Caste- Pana, Vill.- Kalla |
| 269 | 17/120 | Private | Mal Sadharan | 0.0080939 | Purna Chandra Dalbehera S/O- Nalinikanta Dalbehera Caste- Chasa |
| 270 | 18 | Private | Mal Sadharan | 0.0283286 | Sushanta Kumar Pradhan, Soumendra Pradhan, Caste- Chasa Vill.- Kalla |
| 271 | 18/121 | Private | Mal Sadharan | 0.0121408 | Sushanta Kumar Pradhan, Soumendra Pradhan Caste- Chasa Vill.- Kalla |
| 272 | 18/123 | Government | Mal Sadharan | 0.0121408 | Abadajogya Anabadi |
| 273 | 18/178 | Private | Gharabari | 0.0121408 | Sanjay Kumar Garnayak S/O- Kumarmani Garnayak Caste- Chasa Vill.- Saida |
| 274 | 2 | Government | Kenal | 0.0040469 | Gramya Abhijantrika Sanstha |
| 275 | 21 | Government | Unnata Jojana Jogya | 0.0080939 | Rakshita |
| 276 | 3 | Government | Kenal | 0.0080939 | Gramya Abhijantrika Sanstha |
| 277 | 35/125 | Private | Mal Sadharan | 0.0121408 | Trilochan Dehury, Dileswari Dehury, Arakshita Dehury S/O- Rabindra Dehury, Golap Dehury W/O- Rabindra Dehury Caste- Khadia |
| 278 | 35/155 | Private | Gharabari | 0.0080939 | Purna Chandra Dalbehera S/O- Nalinikanta Dalbehera Caste- Chasa |
| 279 | 35/162 | Private | Mal Sadharan | 0.0040469 | Shantilata Behera W/O- Panchanan Behera Caste- Sial Vill.- Kalla |
| 280 | 39 | Private | Mal Sadharan | 0.0080939 | Trilochan Behera, Nana Behera, Susanta Behera, Netrananda Behera, Madan Behera, Chhabila Behera, Dhaneswari Behera, Muna Behera, Ujjal Behera S/D/O- Alekh Behera, Kunkuma Behera W/O- Alekh Behera, Keshab Behera, Santhu Behera, Bilasa Behera S/D/O- Murali Behera, Sunei Behera W/O- Murali Behera Vill.- Kalla |
| 281 | 39/127 | Private | Gharabari | 0.0202347 | Nabin Chandra Pradhan S/O- Narayan Chandra Pradhan Caste- Chasa Vill.- Kalla |
| 282 | 49 | Private | Mal Sadharan | 0.0080939 | Aswini Kumar Dwibedy, Ashit Kumar Dwibedy, Amit Kumar Dwibedy, Bhargabi Kar, Basanti Sharma, Amita Panda S/D/O- Kartika Dwibedy, Malati Dwibedy W/O- Kartika Dwibedy, Purna Chandra Dwibedy, Santosh Kumar Dwibedy,Jadumani Dwibedy, Minakshi Patri, Reenakshi Dwibedy S/D/O- Guru Charan Dwibedy, Hemalata Dwibedy W/O- Guru Charan Dwibedy Caste- Brahmin Vill.- Kalla |
| 283 | 49/174 | Private | Gharabari | 0.0040469 | Aswini Kumar Dwibedy, Ashit Kumar Dwibedy, Amit Kumar Dwibedy, Bhargabi Kar, Basanti Sharma, Amita Panda S/D/O- Kartika Dwibedy, Malati Dwibedy W/O- Kartika Dwibedy, Purna Chandra Dwibedy, Santosh Kumar Dwibedy, Jadumani Dwibedy, Minakshi Patri, Reenakshi Dwibedy S/D/O- Guru Charan Dwibedy, Hemalata Dwibedy W/O- Guru Charan Dwibedy, Caste- Brahmin, Vill.- Kalla |
| 284 | 49/179 | Private | Gharabari | 0.0040469 | Panchanan Sahu S/O- Sarthak Sahu Caste- Chasa Vill.- Kalla |
| 285 | 50 | Government | Adi | 0.0040469 | Gramya Abhijantrika Sanstha |
| 286 | 51 | Government | Adi | 0.0040469 | Gramya Abhijantrika Sanstha |
| 287 | 52 | Government | Adi | 0.0040469 | Gramya Abhijantrika Sanstha |
| 288 | 54/180 | Private | Gharabari | 0.0040469 | Panchanan Sahu S/O- Sarthak Sahu Caste- Chasa Vill.- Kalla |
| 289 | 55 | Government | Adi | 0.0040469 | Gramya Abhijantrika Sanstha |
| 290 | 6 | Government | Nayan Jori | 0.0161878 | Gramya Abhijantrika Sanstha |
| 291 | 8 | Private | Mal Sadharan | 0.0040469 | Rajendra Prasad Jindal S/O- Sitaram Jindal, Caste- Baisya, Vill- Kalla |
| 292 | 9 | Private | Mal Sadharan | 0.0404694 | Rajendra Prasad Jindal S/O- Sitaram Jindal Caste- Baisya Vill- Kalla |
| **Village: Panchamahala** | | | | | |
| 293 | 11/254 | Government | Mal Sadharan | 0.0040469 | Abadajogya Anabadi |
| 294 | 163/286 | Government | Mal Sadharan | 0.1011736 | Abadajogya Anabadi |
| 295 | 202/313 | Private | Goda II | 0.0242817 | Sachidananda Pradhan, Satyananda Pradhan, Bijayananda Pradhan, Bhubananda Pradhan S/O- Netrananda Pradhan Caste- Chasa, Vill.- Basupali |
| 296 | 205/316 | Government | Unnata Jogana Jogya | 0.1618778 | Rakshita |
| 297 | 205/317 | Government | Unnat Jojoana jogya | 0.0040469 | Rakshita |
| 298 | 343/703 | Private | Gharabari | 0.2023472 | Bhubaneswar Sahu S/O- Sukadeb Sahu Caste- Chasa |
| **Village: Saida** | | | | | |
| 299 | 2947 | Government | Unnata Jojana Jogya | 0.0121408 | Rakshita |
| **Village: Thianal** | | | | | |
| 300 | 1003 | Private | Berna Sadharan | 0.0242817 | Sarat Naik, Sabitri Naik, Kunda Naik,Hrudananda Naik S/D/O- Bhajana Naik, Kalia Naik, Mina Naik, Kumari Naik S/D/O- Basanta Naik, Caste- Pana |
| 301 | 1004 | Private | Berna Sadharan | 0.0242817 | Lokanath Sahu, Ramakanta Sahu, Prsanta Sahu, Gitanjali Sahu S/D/O- Harihar Sahu, Poulasti Sahu, Sanju Sahu, Pada Sahu S/D/O- Banamali Sahu, Akshyay Sahu, Soudamini Sahu, Mina sahu S/D/O- Swapneswar Sahu, Meghi Sahu W/O- Swapneswar Sahu, Litin Sahu, Puja Sahu D/O- Pratap Sahu, Indramani Sahu, Bhagaban Sahu, Dalimba Sahu, Labangalata Sahu, Baidehi Sahu S/D/O- Siri Sahu, Kamala Sahu, Premamanjari Sahu |
| 302 | 1005 | Private | Berna Sadharan | 0.0161878 | Panchu Sahu, Suresh Sahu, Duryodhan Sahu, Dulei Sahu, Chemini Sahu S/D/O- Thaka Sahu, Ghasiani Sahu W/O- Thaka Sahu |
| 303 | 259 | Private | Mal Sadharan | 0.0040469 | Giridhari Sahu, Golap Sahu S/D/O- Sukadeb Sahu, Bilei Sahu W/O- Sukadeb Sahu, Jhasaketan Sahu, Birabhadra Sahu, Nirupama Sahu, Anupama Pradhan, Gita Sahu S/D/O- Lalmohan Sahu Caste- Chasa |
| 304 | 261 | Private | Mal Sadharan | 0.0040469 | Lingaraj Nayak, Ajit Nayak, Diptimayee Nayak S/D/O- Khageswar Nayak, Juli Nayak W/O- Khageswar Nayak, Kisani Sahu, Golapa Biswal, Laxmi Pradhan, Bishakha Sahu S/D/O- Dhulia Nayak Caste- Chasa |
| 305 | 262 | Private | Mal Sadharan | 0.0080939 | Lingaraj Nayak, Ajit Nayak, Diptimayee Nayak S/D/O- Khageswar Nayak, Juli Nayak W/O- Khageswar Nayak, Kisani Sahu, Golapa Biswal, Laxmi Pradhan, Bishakha Sahu S/D/O- Dhulia Nayak Caste- Chasa |
| 306 | 266 | Private | Berna Sadharan | 0.0080939 | Nityananda Sahu, Lingaraj Sahu, Gadadhar Sahu, Ajay Kumar Sahu, Jambubati Sahu, Kshirodri Sahu S/D/O Satyabadi Sahu, Bilei Sahu W/O- Satyabadi Sahu, Tutu Nayak, Jauel Nayak S/O Kesaba Nayak, Sunil Kumar Pradhan, Sandhyarani Sahu, Sashi Dehury S/D/O- Budhadeb Pradhan Caste- Chasa |
| 307 | 920 | Government | Gharabari | 0.0121408 | Abadajogya Anabadi |
| 308 | 922 | Government | Gharabari | 0.0080939 | Sarbasadharana |
| 309 | 993 | Government | Gharabari | 0.0809389 | Abadajogya Anabadi |
| | | | **TOTAL** | **9.78146150000002** | |

**[F. No. NHAI/11013/Odisha/NH-6/LA/Notification/(3a)/3A3/3D3]**

**RAJESH GUPTA, Dy. Secy**



ସିଏଏ ଓ ଏନ୍ଆର୍‌ସିକୁ ନେଇ ଦେଶବ୍ୟାପୀ ହିଂସା ଲାଗି ରହିଥିଲେ ହେଁ ଏହାଦ୍ୱାରା ସମସ୍ୟାର ସମାଧାନ ଅସମ୍ଭବ। ଦେଶର ବିକାଶ ଓ ସୁରକ୍ଷା କ୍ଷେତ୍ରରେ ଭାରତୀୟ ନାଗରିକମାନେ ଏଭଳି ଏକତା ପ୍ରଦର୍ଶନ କରିବା ଉଚିତ।

-ରଜନୀକାନ୍ତ,ବଲିଉଡ୍ ଅଭିନେତା

# ଡିସିପି ଗାଇଲେ ଜାତୀୟ ସଙ୍ଗୀତ



**ବାଙ୍ଗାଲୁରୁ:** ନାଗରିକତ୍ୱ ସଂଶୋଧନ ଆଇନ ବିରୋଧରେ ସମଗ୍ର ଦେଶରେ ନିଆଁ ଜଳୁଥିବାବେଳେ ହିଂସା ଥମିବାର ନାମ ଧରୁନି। ଏହି ନିଆଁ କର୍ଣାଟକକୁ ମଧ୍ୟ ବ୍ୟାପଛି। ବାଙ୍ଗାଲୁରୁ ଟାଉନ୍ ହଲ୍‌ଠାରେ ବିକ୍ଷୋଭକାରୀ ମିଳିତ ବିରୋଧ ପ୍ରଦର୍ଶନ କରୁଥିବାବେଳେ ପୋଲିସ ସେମାନଙ୍କୁ ସ୍ଥାନ ଖାଲି କରିବାକୁ ବାରମ୍ବାର କହିଥିଲା। ହେଲେ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ବିକ୍ଷୋଭକାରୀଙ୍କୁ ଶାନ୍ତ କରିବାକୁ ଯାଇ ବାଙ୍ଗାଲୁରୁ(ସେଣ୍ଟ୍ରାଲ୍) ଡିସିପି ଚେତନ୍ ସିଂ ରାଠୋର୍ ଏକ ଅଭିନବ ଉପାୟ ଚିନ୍ତା କରିଥିଲେ। ବିକ୍ଷୋଭ ସ୍ଥଳରେ ସେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ତାଙ୍କର ଏହି ଉପାୟ କାମ କରିଥିଲା। ଆନ୍ଦୋଳନକାରୀମାନେ ଶେଷରେ ଆଶ୍ଚର୍ଯ୍ୟଜନକ ଭାବେ ଶାନ୍ତ ହୋଇଥିଲେ। ଏପରି କି ସେମାନେ ଡିସିପିଙ୍କ ସହ ମିଶି ସେଠାରେ ଶାନ୍ତିପୂର୍ଣ୍ଣଭାବେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଉକ୍ତ ଦୃଶ୍ୟର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଆହୁରି ମଧ୍ୟ ରାଠୋର୍ ସେମାନଙ୍କୁ ବୁଝାଇଥିଲେ ଯେ, ଶାନ୍ତି ବଜାୟ ରଖନ୍ତୁ, ଅସାମାଜିକ ବ୍ୟକ୍ତିମାନେ ବିରୋଧର ସୁଯୋଗ ନେଇପାରନ୍ତି। ଡିସିପିଙ୍କ ଏଭଳି ପଦକ୍ଷେପକୁ ଅନେକେ ପ୍ରଶଂସା କରିଛନ୍ତି।

## ଶାନ୍ତ ହେଲେ ବିକ୍ଷୋଭକାରୀ

# ବର୍ଷକୁ ୭୫ ଦିନ ନଷ୍ଟ କରୁଛନ୍ତି ଭାରତୀୟ

## ବଢୁଛି ସ୍ମାର୍ଟଫୋନ୍ ବ୍ୟବହାର



**ନୂଆଦିଲ୍ଲୀ:** ଦିନକୁ ଘଣ୍ଟା ଘଣ୍ଟା କାଳ ମୋବାଇଲ୍ ଫୋନ୍ ବ୍ୟବହାର ଶରୀରକୁ କ୍ଷତି ପହଞ୍ଚାଉଛି। ଯଦି ଏପରି ଅଭ୍ୟାସ ଜାରି ରୁହେ ତା'ହେଲେ ଆଗାମୀ ଦିନରେ ଏହା ମଣିଷର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ବିଶେଷ କ୍ଷତି ପହଞ୍ଚାଇବ। ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ପ୍ରତ୍ୟେକ ଭାରତୀୟ ବର୍ଷକ ମଧ୍ୟରେ ୧୮୦୦ ଘଣ୍ଟା ଅର୍ଥାତ୍ ୭୫ ଦିନ ମୋବାଇଲ୍ ବ୍ୟବହାର କରୁଛନ୍ତି। ଚାଇନିଜ୍ ସ୍ମାର୍ଟଫୋନ୍ ଭିଭି ଏବଂ ସାଇବର ମିଡିଆ ରିସର୍ଚ୍ଚ (ସିଏମ୍ଆର୍)ର ଜଏଣ୍ଟ ସର୍ଭେରୁ ଏହି ତଥ୍ୟ ହାସଲ କରାଯାଇଛି। ମୋବାଇଲ୍ ବ୍ୟବହାର କରିବା ଏଭଳି ଖରାପ ଅଭ୍ୟାସ ହୋଇଯାଇଛି, ଯାହାଫଳରେ ଏବେ ମୋବାଇଲ୍ ବିନା ରହିବା ଅସମ୍ଭବ ଭଳି ଲାଗୁଛି ବୋଲି ସର୍ଭେରେ ସାମିଲ ହୋଇଥିବା ଲୋକେ ମତ ଦେଇଛନ୍ତି। ସର୍ଭେରୁ ଜଣାପଡ଼ିଛି ଯେ ସ୍ମାର୍ଟଫୋନ୍ ବ୍ୟବହାର ବଢ଼ିଛି। ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିବା ଅନ୍ୟ ଡିଭାଇସ୍ ମଧ୍ୟରୁ ସ୍ମାର୍ଟଫୋନ୍ ସବୁଠୁ ବେଶି ଲୋକପ୍ରିୟତା ହାସଲ କରିଛି ବୋଲି ସିଏମ୍ଆର୍ ଗ୍ରୁପର ଇଣ୍ଟେଲିଜେନ୍ସ ଇଣ୍ଡଷ୍ଟ୍ରି ହେଡ୍ ପ୍ରଭୁରାମ କହିଛନ୍ତି। ସର୍ଭେ ବେଳେ ୩ ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି କହିଛନ୍ତି, ଫୋନ୍ ବ୍ୟବହାର ନ କରି ପରିବାର ସଦସ୍ୟ କିମ୍ବା ବନ୍ଧୁଙ୍କ ସହ ୫ମିନିଟ୍ ମଧ୍ୟ କଥା ହେବା ସମ୍ଭବ ହୋଇପାରୁନି। ସେହିପରି ସୁଖୀ ଜୀବନ ପାଇଁ ମୋବାଇଲ ବ୍ୟବହାର ଅପେକ୍ଷାକୃତ କମ୍ କରିବା ଦରକାର ବୋଲି ୫ରୁ ୩ଜଣ ମାନିଛନ୍ତି। ଦେଶର ପ୍ରମୁଖ ୮ଟି ସହରରେ ଏହି ସର୍ଭେ କରାଯାଇଥିଲା। ଏଥିସହ ଅନ୍‌ଲାଇନ୍ ପ୍ଲାଟଫର୍ମରେ ଲୋକଙ୍କ ମତାମତ ନିଆଯାଇଥିଲା। ସର୍ଭେରେ ପ୍ରାୟ ୨ହଜାର ଲୋକ ସାମିଲ ହୋଇଥିଲେ।

# ୧୦୦ ସହପାଠୀଙ୍କ ଫି ଭରିଲେ ୫ ବର୍ଷର ବାଳିକା

**ସାନଫ୍ରାନ୍‌ସିସ୍କୋ:** କୁହାଯାଏ ଛୋଟପିଲାଙ୍କ ମଧ୍ୟରେ ହିଁ ଭଗବାନ ବାସ କରନ୍ତି। ସେମାନେ ନିଷ୍ପାପ। ତାଙ୍କ ମନରେ କାହା ପ୍ରତି ହିଂସା ଅବା ଦ୍ୱେଷ ଭାବ ନ ଥାଏ। ସେମାନେ ଅନ୍ୟର ଦୁଃଖରେ ଦୁଃଖୀ ହୋଇଥାନ୍ତି। ଏପରି ଏକ ଘଟଣା ଆମେରିକାର କାଲିଫର୍ନିଆରେ ଘଟିଛି। ୫ ବର୍ଷ ବୟସ୍କା ବାଳିକା କ୍ୟାଥଲିନ୍ ହାର୍ଡି ରାସ୍ତାକଡ଼ ଷ୍ଟଲ୍‌ରେ କୁକିଜ୍ ବିକ୍ରି କରି ସ୍କୁଲରେ ମଧ୍ୟାହ୍ନ ଭୋଜନ ଫି ଦେଇପାରୁ ନ ଥିବା ଶହେ ଜଣ ସହପାଠୀଙ୍କ ଫି ପ୍ରଦାନ କରିଛନ୍ତି। ସେ ୧୨୩ ଜଣ ସହପାଠୀଙ୍କ ମଧ୍ୟାହ୍ନ ଭୋଜନ ଫି ଦେବାକୁ ଚେଷ୍ଟା କରୁଥିଲେ। ତେବେ ଶହେ ଜଣଙ୍କର ଫି ସଂଗ୍ରହ କରି ପାରିଛନ୍ତି। କୁକିଜ୍ ବିକ୍ରି କରି ସେ ୮୦ ଡଲାର ସଂଗ୍ରହ କରିଛନ୍ତି। ସହପାଠୀମାନଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେମାନଙ୍କ ଅଭିଭାବକ ମଧ୍ୟାହ୍ନ ଭୋଜନ ଫି ଦାଖଲ କରିପାରି ନ ଥିବା କୁହାଯାଉଛି। ଏନେଇ କ୍ୟାଥଲିନ୍ ତାଙ୍କ ମା'ଙ୍କର ସହାୟତା ଲୋଡ଼ିଥିଲେ।




# ଫ୍ରାଇଡେ ରିଲିଜ୍‌ରେ 'ଦବଙ୍ଗ-୩'

**ମୁମ୍ବାଇ:** ଫ୍ରାଇଡେ-ବକ୍ସରେ ରିଲିଜ୍ ହୋଇଯାଇଛି ସଲ୍‌ମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଦବଙ୍ଗ୍-୩'। 'ଦବଙ୍ଗ'ର ଏହି ସିକ୍ୱେଲ୍‌ରେ ସଲ୍‌ମାନଙ୍କ ବ୍ୟତୀତ ସୋନାକ୍ଷୀ ସିହ୍ନା, ଅରବାଜ୍ ଖାନ୍, କିଚ୍ଚା ସୁଦୀପ, ମହେଶ ମାଞ୍ଜରେକର୍, ସାଇ ମାଞ୍ଜରେକର୍, ପ୍ରଭୁଦେବା, ନୱାବ୍ ଶାହ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

ସାଧାରଣତଃ ସଲ୍‌ମାନଙ୍କ ଫିଲ୍ମକୁ ତାଙ୍କ ଫ୍ୟାନ୍‌ମାନେ କୌଣସି ଉତ୍ସବ ଭଳି ଅପେକ୍ଷା କରିଥାନ୍ତି। ପୁଣି 'ଦବଙ୍ଗ' କଥା ଟିକେ ନିଆରା। ସଲ୍‌ମାନଙ୍କୁ ତାଙ୍କ ଫ୍ୟାନ୍‌ମାନେ ଦବଙ୍ଗ ଖାନ୍ ବୋଲି ମଧ୍ୟ ଡାକିଥାନ୍ତି। ସିନେ ସମୀକ୍ଷକଙ୍କଠାରୁ 'ଦବଙ୍ଗ୍-୩' କେତେ ପ୍ରଶଂସା ସାଉଁଟୁଛି ତାହା ଭିନ୍ନ ବିଷୟ। ହେଲେ ଫ୍ୟାନ୍‌ମାନେ ସବୁଥର ଭଳି ଏଥର ମଧ୍ୟ ଫିଲ୍ମ ରିଲିଜ୍ ହେବା ପରେ ନିଜର ଉତ୍ସାହ ଏବଂ ସଲ୍‌ମାନଙ୍କ ପ୍ରତି ଥିବା ଭଲପାଇବା ପ୍ରଦର୍ଶନ କରୁଛନ୍ତି, ଯାହାର ଝଲକ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି।

ରିଲିଜ୍‌ର ପ୍ରଥମ ଦିନରେ ହିଁ 'ଦବଙ୍ଗ୍-୩'କୁ ଭରପୂର ରେସ୍‌ପନ୍ସ ମିଳିଛି। 'ଦବଙ୍ଗ' ଏବଂ 'ଦବଙ୍ଗ୍-୨' ସୁପରହିଟ୍ ରହିଥିବାବେଳେ 'ଦବଙ୍ଗ୍-୩' ମଧ୍ୟ ସୁପରହିଟ୍ ରହିବ ବୋଲି ଆଶା କରାଯାଉଛି। ତୃତୀୟ ସିକ୍ୱେଲ୍‌ରେ ଚୁଲ୍‌ବୁଲ୍ ପାଣ୍ଡେଙ୍କ ଜୀବନ ସହ ଜଡ଼ିତ ଅନେକ ପୁରୁଣା କାହାଣୀ ଏବଂ ଅକୁହା ଘଟଣାବଳୀ ଦେଖିବାକୁ ମିଳିବ, ଯାହା ପୂର୍ବ ଦୁଇଟି ଫିଲ୍ମରେ ସସ୍‌ପେନ୍ସ ହୋଇ ରହିଥିଲା। 'ଦବଙ୍ଗ୍-୩' ଦେଖିଲେ ଦର୍ଶକ ଜାଣିପାରିବେ ଚୁଲ୍‌ବୁଲ୍ ପାଣ୍ଡେ କାହିଁକି ଚୁଲ୍‌ବୁଲ୍ ପାଣ୍ଡେ ହୋଇଛନ୍ତି। ସେହିପରି ଫିଲ୍ମରେ ଦୁଇଟି ହିରୋଇନ୍ ସୋନାକ୍ଷୀ ଏବଂ ସାଇଙ୍କ ସହ ରୋମାନ୍ସ କରିବେ ସଲ୍‌ମାନ। ସାଇ ମାଞ୍ଜରେକର୍ ହେଉଛନ୍ତି ମହେଶ ମାଞ୍ଜରେକର୍‌ଙ୍କ ସୁକନ୍ୟା। ସେ 'ଦବଙ୍ଗ୍-୩'ରୁ ବଲିଉଡ୍‌ରେ ନିଜର ଡେବ୍ୟୁ କରୁଛନ୍ତି। ଚୁଲ୍‌ବୁଲ୍ ପାଣ୍ଡେଙ୍କ ପୂର୍ବ ଜୀବନର ପ୍ରେମିକା ହୋଇଛନ୍ତି ସାଇ। ଏବେ ସାଇ କିପରି ପାଣ୍ଡେ ଜୀଙ୍କ ଜୀବନରୁ ଆଉଟ୍ ହେଲେ ଆଉ ସୋନାକ୍ଷୀ କିପରି ହେଲେ ଇନ୍, ସେ କଥା ଆପଣ ଫିଲ୍ମ ଦେଖିଲେ ହିଁ ଜାଣିପାରିବେ। ଏହାସହ ସଲ୍‌ମାନଙ୍କ ଯୋଡ଼ି କାହା ସହ ଅଧିକ ଜମୁଛି, ତାହା ମଧ୍ୟ ଜାଣିପାରିବେ। ଅନ୍ୟପଟେ ଫିଲ୍ମରେ ଆକ୍ସନ ମଧ୍ୟ ଭରପୂର ରହିଛି। ଫିଲ୍ମରେ ଭିଲେନ୍ ଅବତାରରେ ସାଉଥ୍ ସୁପରଷ୍ଟାର କିଚ୍ଚା ସୁଦୀପଙ୍କୁ ଦେଖିବାକୁ ମିଳିବ। ସଲ୍‌ମାନ-ସୁଦୀପଙ୍କ ସାର୍ଟ-ଲେସ୍ ଫାଇଟ୍ ଫିଲ୍ମର ଅନ୍ୟତମ ଆକର୍ଷଣ।



ସଲ୍‌ମାନ ଖାନ୍
ସୋନାକ୍ଷୀ ସିହ୍ନା

# ପ୍ରସ୍ତର ଯୁଗ ରହସ୍ୟ ଖୋଲିଲା 'ଚୁଇଂଗମ୍'

**କୋପେନହେଗେନ:** ଡେନ୍‌ମାର୍କର ସିଲ୍‌ଥୋଲମ୍‌ରେ ଉତ୍ଖନନ ସମୟରେ ୫୭୦୦ ବର୍ଷର ପୁରୁଣା ଏକ ଚୁଇଂଗମ୍ ମିଳିଛି। ବିଶେଷଜ୍ଞମାନେ ଏହା ଉପରେ ଅଧିକ ଗବେଷଣା କରି ପ୍ରସ୍ତର ଯୁଗ ମହିଳାଙ୍କ ଡିଏନ୍ଏ ଖୋଜି ବାହାର କରିବାରେ ସଫଳ ହୋଇଛନ୍ତି। ପୂର୍ବରୁ ମଣିଷର ଦେହାବଶେଷ, ଜୀବାଶ୍ମରୁ ପୁରାତନ ଯୁଗର ମଣିଷ, ସେମାନଙ୍କ ଜୀବନଶୈଳୀ ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳୁଥିଲା। ହେଲେ ଚୁଇଂଗମରୁ ପ୍ରାଚୀନ ମଣିଷଙ୍କ ବିଷୟରେ ତଥ୍ୟ ହାସଲ କରିବା ପ୍ରଥମ ଘଟଣା ବୋଲି କୁହାଯାଉଛି।



ଏ କ୍ଷେତ୍ରରେ ଗବେଷଣା କରୁଥିବା ବିଶେଷଜ୍ଞମାନେ କହିଛନ୍ତି, ଉକ୍ତ ଚୁଇଂଗମ ଚୋବାଇଥିବା ବ୍ୟକ୍ତି ଜଣକ ଜଣେ ନୀଳନୟନା ମହିଳା। ତାଙ୍କ କେଶ ଏବଂ ଚମଡ଼ାର ରଙ୍ଗ କଳା ଥିଲା। ସମ୍ପୃକ୍ତ ମହିଳାଙ୍କ ନାମ ଲେଲା ରଖାଯାଇଛି। ଲେଲା ରହୁଥିବା ସ୍ଥାନରେ ଥିବା ଜନବସତିର ଲୋକମାନେ ପେଟପାଟଣା ପାଇଁ ମାଛ ଧରିବା, ଶିକାର କରିବା କାର୍ଯ୍ୟ କରୁଥିଲେ। ସେହିପରି ଉକ୍ତ ସ୍ଥାନରୁ ଭୋଜପତ୍ର ଗଛର ନମୁନା ସଂଗ୍ରହ କରାଯାଇଛି। ଏଥିରୁ ତତ୍କାଳୀନ ସମୟର ମଣିଷଙ୍କ ଭୋଜନ, ମୁହଁରେ ଥିବା କୀଟାଣୁ ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ପରୀକ୍ଷଣରୁ ସେ ସମୟର କୀଟାଣୁ କିପରି ବଢୁଥିଲେ, ସମୟ ସହିତ ସେମାନଙ୍କ କିପରି କ୍ରମବିକାଶ ହୋଇଥିଲା ସେ ନେଇ ଅନେକ ତଥ୍ୟ ମିଳିପାରିବ ବୋଲି ବିଶେଷଜ୍ଞ ଦଳ ଆଶାବ୍ୟକ୍ତ କରିଛନ୍ତି।

# ଓସ୍କାର ଦୌଡ଼ରେ 'ଜୋସେଫ୍'

**ଭୁବନେଶ୍ୱର:** ଏକାଡେମୀ ଅଫ୍ ମୋଶନ ପିକ୍‌ଚର୍ ଆର୍ଟସ ଆଣ୍ଡ ସାଇନ୍ସେସ୍ ଦ୍ୱାରା ନିକଟରେ ବିଶ୍ୱର ସର୍ବବୃହତ୍ ଚଳଚ୍ଚିତ୍ର ପୁରସ୍କାର 'ଓସ୍କାର' ୨୦୧୯ରେ ସାମିଲ ହୋଇଥିବା ଚଳଚ୍ଚିତ୍ରର ତାଲିକା ପ୍ରକାଶ ପାଇଥିବା ବେଳେ ଏଥିରେ ସାମିଲ ହୋଇଛି ଓଡ଼ିଆ ଫିଲ୍ମ ନିର୍ମାତାଙ୍କ ଚଳଚ୍ଚିତ୍ର 'ଜୋସେଫ୍ (ବର୍ନ ଇନ୍ ଗ୍ରେସ୍)'। ଓସ୍କାର ପାଇଁ ଯୋଗ୍ୟ ବିବେଚିତ ୩୪୪ଟି ଫିଚର୍ ଫିଲ୍ମ ମଧ୍ୟରେ ଏହା ସ୍ଥାନ ପାଇଛି। ଅଶୋକ ମହାପାତ୍ରଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ର ନିର୍ଦ୍ଦେଶନା ଦେଇଛନ୍ତି ଓଡ଼ିଶା ଜନ୍ମିତ ଫିଲ୍ମମେକର ସୁଶାନ୍ତ ମିଶ୍ର। ଫିଲ୍ମର ବିଭିନ୍ନ ଭୂମିକାରେ ଭିକ୍ଟର ବାନାର୍ଜୀ, ଅନାମିକା ଗୋସ୍ୱାମୀ, ଦୀପିକା ଏଲିଜାବେଥ୍ ଲାକ୍ରା, ହେମା ନୋରିୟାଲ୍, ସୁବ୍ରତ ଦତ୍ତ, ଦେବାଶିଷ ସାହୁ, ଗୌତମ ଚାଟାର୍ଜୀ, ଦୀପେଶ ବିଷ୍ଟ ପ୍ରମୁଖ ଅଭିନୟ କରିଛନ୍ତି। ଉମାକାନ୍ତ ମହାପାତ୍ରଙ୍କ ଲିଖିତ କ୍ଷୁଦ୍ରଗଳ୍ପ 'ଜୋସେଫ୍' ଉପରେ ଏହି ଫିଲ୍ମ ପ୍ରସ୍ତୁତ ହୋଇଛି, ଯାହା ୧୯୬୦ରୁ ୧୯୮୦ ମଧ୍ୟରେ ହିମାଳୟ ପାଦଦେଶର ଏକ କାହାଣୀ ଉପରେ ଆଧାରିତ। 'ଜୋସେଫ୍-ବର୍ନ ଇନ୍ ଗ୍ରେସ୍' ସୁଶାନ୍ତଙ୍କ ଦ୍ୱାରା ନିର୍ଦ୍ଦେଶିତ ୪ର୍ଥ ଫିଚର ଫିଲ୍ମ ହୋଇଥିବା ବେଳେ ପୂର୍ବରୁ ସେ ୧୯୯୩ରେ 'ଇନ୍ଦ୍ରଧନୁର୍ ଛାଇ', ୨୦୦୦ରେ ଓଡ଼ିଆ ଫିଲ୍ମ 'ବିଶ୍ୱପ୍ରକାଶ' ଏବଂ ଉଭୟ ହିନ୍ଦୀ ଓ ଓଡ଼ିଆ ଭାଷାରେ ଚଳଚ୍ଚିତ୍ର 'ଧରିନି'କୁ ନିର୍ଦ୍ଦେଶନା ଦେଇଥିଲେ।




# '୨୫ ଦିନରେ ଶୁଟିଂ ସରିଥିଲା'

ସାମୁଦ୍ରିକ ଜାହାଜର କ୍ୟାପଟେନ୍ ଓ ଭାରତ ସରକାରଙ୍କ ବାଣିଜ୍ୟ ବିଭାଗର ଡେପୁଟି ଆଡ୍‌ଭାଇଜର ସହ ଇଣ୍ଟରନ୍ୟାଶନାଲ ମାରିଟାଇମ୍ ଅର୍ଗାନାଇଜେଶନ୍(ଆଇଏମ୍ଓ)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଅବସର ନେଇଛନ୍ତି ଅଶୋକ ମହାପାତ୍ର। ଚଳଚ୍ଚିତ୍ର ପ୍ରତି ଅହେତୁକ ଦୁର୍ବଳତା ଥିବାରୁ ମହାପାତ୍ର ଅବସର ପରେ ନିଜକୁ ଚଳଚ୍ଚିତ୍ର ପ୍ରଯୋଜନା କ୍ଷେତ୍ରରେ ସାମିଲ କରିଛନ୍ତି। କେବଳ ପ୍ରଯୋଜନା ନୁହେଁ, ଚଳଚ୍ଚିତ୍ର କାହାଣୀ ଲେଖନାରେ ମଧ୍ୟ ମନୋନିବେଶ କରିଛନ୍ତି। ସ୍ୱର୍ଗତ ପିତା ଉମାକାନ୍ତ ମହାପାତ୍ର ଲେଖିଯାଇଥିବା କିଛି ପୁସ୍ତକକୁ ନେଇ ଏବେ ଚଳଚ୍ଚିତ୍ର ନିର୍ମାଣ କରୁଥିବାବେଳେ ତାଙ୍କର ପ୍ରଥମ ଚଳଚ୍ଚିତ୍ର 'ଜୋସେଫ୍ (ବର୍ନ ଇନ୍ ଗ୍ରେସ୍)' ବିଶ୍ୱର ସର୍ବବୃହତ୍ତ ଚଳଚ୍ଚିତ୍ର ପୁରସ୍କାର 'ଓସ୍କାର' ଦୌଡ଼ରେ ସାମିଲ ହୋଇଛି। ଏହି ଅବସରରେ ଧରିତ୍ରୀ ପକ୍ଷରୁ ଅଶୋକଙ୍କ ସହ ସ୍ୱତନ୍ତ୍ର ଆଳାପ।

**'ଜୋସେଫ୍' ଚଳଚ୍ଚିତ୍ରର ବିଷୟବସ୍ତୁ ଓ ସ୍ୱତନ୍ତ୍ରତା କ'ଣ?**

– ଚଳଚ୍ଚିତ୍ରର ବିଷୟବସ୍ତୁ ଏକ ଅନାଥ ଶିଶୁ ଜୋସେଫ୍ ଏବଂ ମିଶନାରୀ ଡକ୍ଟର ଫାଦର ଓ'ହାରାଙ୍କ ଉପରେ ଆଧାରିତ। ଜୋସେଫ୍ କିଭଳି ଫାଦର ଓ'ହାରା ଏବଂ କେୟାରଟେକର ମୌଲାରାମଙ୍କ ଦ୍ୱାରା ବଡ଼ ହେଉଛି ଓ ପରବର୍ତ୍ତୀ ସମୟରେ ଏକ ଖରାପ ବାଟକୁ ଚାଲିଯାଉଛି, ତାହାକୁ ନେଇ ଫିଲ୍ମର କାହାଣୀ ଗତିଶୀଳ। ହେଲେ ଶେଷରେ ସେ ନିଜ ଭୁଲ ବୁଝିପାରି ଭଲବାଟକୁ ଫେରିଆସୁଛି। ତାହାକୁ ଏକ ଭିନ୍ନଶୈଳୀରେ ଫିଲ୍ମରେ ଦର୍ଶାଯାଇଛି।

**ଭାବିଥିଲେ କି ପ୍ରଥମ ଚଳଚ୍ଚିତ୍ର ଓସ୍କାର ପୁରସ୍କାର ଦୌଡ଼ରେ ସାମିଲ ହେବ?**

– ସବୁ ନିର୍ଦ୍ଦେଶକ ଓ ପ୍ରଯୋଜକ ଚାହାଁନ୍ତି ତାଙ୍କ ଚଳଚ୍ଚିତ୍ର ଓସ୍କାର ଦୌଡ଼ରେ ସାମିଲ ହେଉ। ହେଲେ ସମସ୍ତଙ୍କୁ ସେହି ସୁଯୋଗ ମିଳେନି। ସତ କଥା କହିବାକୁ ଗଲେ, ମୁଁ ଆଶା କରିଥିଲି ଏହା ପୁରସ୍କୃତ ହେବ। ହେଲେ ଓସ୍କାର ଦୌଡ଼ରେ ରହିବ ବୋଲି କେବେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି।

**ଚଳଚ୍ଚିତ୍ରର ବିଷୟବସ୍ତୁ କେଉଁଠାରୁ ଆଣିଥିଲେ ?**

– ଚଳଚ୍ଚିତ୍ରର ବିଷୟବସ୍ତୁ ମୋ ବାପା ଉମାକାନ୍ତ ମହାପାତ୍ରଙ୍କ ଦ୍ୱାରା ଲେଖାଯାଇଛି। ଏହି ଚଳଚ୍ଚିତ୍ରଟି ମୁଁ ତାଙ୍କ ପାଇଁ ତିଆରି କରିଛି। ଏହା ମୋ ବାପାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ। ସେ ଚାକିରିରୁ ଅବସର ନେବା ପରେ ଲେଖିବା ଆରମ୍ଭ କରିଥିଲେ। ତାଙ୍କର ଅନେକ ଲେଖା ମଧ୍ୟରୁ ଏହା ଅନ୍ୟତମ।

**ଚଳଚ୍ଚିତ୍ରର ବଜେଟ କେତେ ଥିଲା ଓ ନିର୍ମାଣରେ କିଛି ସମସ୍ୟା ହୋଇଥିଲା କି?**

– ଅନ୍ୟ ଚଳଚ୍ଚିତ୍ରଗୁଡ଼ିକୁ ଦେଖିବାକୁ ଗଲେ ଜୋସେଫ୍‌ର ବଜେଟ ବହୁତ୍ କମ୍। ବଜେଟ୍ କଥା କହି କିଛି ଲାଭ ନାହିଁ। ଏହାବ୍ୟତୀତ ଚଳଚ୍ଚିତ୍ରର କାଷ୍ଟିଂ ଗ୍ରୁପ୍ ବି ଏତେ ବଡ଼ ନ ଥିଲା। ତେଣୁ ବଜେଟ୍‌କୁ ନେଇ କିଛି ସମସ୍ୟା ହେଲାନାହିଁ। ହେଲେ ଉତ୍ତରାଖଣ୍ଡର ହିମାଳୟ ପାହାଡ଼ ଉପରେ ଶୁଟିଂ କରିବା ସମୟରେ ସେଠାକୁ ଖାଇବା, ରହିବା ଓ ଉପକରଣ ନେଇଯିବାରେ ବହୁ ସମସ୍ୟା ହୋଇଥିଲା।

**ହିମାଳୟ ପାହାଡ଼ ଓ ରାଣିଖେତ୍‌ରେ ଚଳଚ୍ଚିତ୍ରର ଅଧିକାଂଶ ଭାଗ ଶୁଟ୍ ହୋଇଛି। ଶୁଟିଂ ସମୟରେ ସବୁଠୁ ବଡ଼ ଚ୍ୟାଲେଞ୍ଜ କ'ଣ ଥିଲା?**

– ଶୁଟିଂ ସମୟରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ଥିଲା କାମ କରୁଥିବା ସମସ୍ତ କର୍ମଚାରୀଙ୍କ ଧ୍ୟାନ ରଖିବା। କିଛି ବି ଭୁଲ ହୋଇଯାଉଥିଲା ଯଦି ସେସବୁକୁ ପୁଣି ଠିକ୍ କରିବାକୁ ବହୁତ୍ ସମୟ ଲାଗୁଥିଲା। ଶୁଟିଂସ୍ଥଳରୁ ବଜାର ୨ ଘଣ୍ଟାର ବାଟଥିଲା। ସେଥିପାଇଁ ଆମକୁ ସବୁ ଭାବିଚିନ୍ତି କରିବାକୁ ପଡୁଥିଲା। ସବୁଠୁ ବଡ଼ କଥାହେଲା ସମସ୍ତ କଳାକାର ଓ କର୍ମଚାରୀମାନେ ଏସବୁ ଦିଗ ପ୍ରତି ବିଶେଷ ଭାବେ ଧ୍ୟାନ ଦେଇଥିଲେ।



ଧରିତ୍ରୀ ଆଳାପ

ଅଶୋକ ମହାପାତ୍ର

**ଓଡ଼ିଶା ଛାଡ଼ି ବାହାରେ ଶୁଟିଂ କରିବାର କିଛି ସ୍ୱତନ୍ତ୍ର କାରଣ ଥିଲା କି?**

– ଓଡ଼ିଶାରେ ସମସ୍ତ ସୁବିଧା ଉପଲବ୍ଧ ହୋଇପାରି ନ ଥାନ୍ତା। ଚଳଚ୍ଚିତ୍ରଟି ନିର୍ମାଣ ହେବାକୁ ବର୍ଷେ ଲାଗୁଛି। କିନ୍ତୁ ଦେଖିବାକୁ ଗଲେ ଆମେ ମାତ୍ର ୨୫ଦିନରେ ଶୁଟିଂ କରିଛୁ। ତେଣୁ ଶୁଟିଂ ପାଇଁ ସ୍ଥାନ ଓ ତା' ସହ ସମସ୍ତ ସୁବିଧା ଓଡ଼ିଶା ବାହାରେ ଉପଲବ୍ଧ ଥିଲା। ଯେଉଁଥିପାଇଁ ଅନିଚ୍ଛାସତ୍ତ୍ୱେ ମଧ୍ୟ ରାଜ୍ୟ ବାହାରେ ଶୁଟିଂ କରିଥିଲୁ।

**ଚଳଚ୍ଚିତ୍ର ନିର୍ମାଣ ହେବାଠାରୁ ପରଦାକୁ ଆସିବା ଯାଏ ଆପଣଙ୍କ ଅନୁଭୂତି କେମିତି ଥିଲା?**

– ଅନୁଭୂତି ସବୁ ଭଲ ହିଁ ରହିଛି। ଚାକିରିରୁ ଅବସର ନେବା ପରେ ବାପାଙ୍କ ଲିଖିତ ପୁସ୍ତକକୁ ଜୀବଦାନ ଦେବା ପାଇଁ ମୁଁ ଚଳଚ୍ଚିତ୍ର ନିର୍ମାଣ କଥା ଭାବିଥିଲି। ଆଉ ସବୁସ୍ତରରେ ମତେ ଭଲ ଅନୁଭୂତି ମିଳିଛି। ଚଳଚ୍ଚିତ୍ରର କଳାକାରଙ୍କ ସହିତ ମୁଁ ସବୁବେଳେ ଯୋଡ଼ି ହୋଇ ରହୁଥିଲି। ଏହା ମୋ ପାଇଁ ଏକ ନୂଆ ଅନୁଭୂତି ଥିଲା।

**ଜାତୀୟସ୍ତରରେ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ଚିହ୍ନଟ ହୋଇପାରୁନି। ସେନେଇ କ'ଣ କହିବେ?**

– ଜାତୀୟସ୍ତରରେ ଆଗେଇପାରୁନି ବୋଲି କହିବିନି। ବରଂ ମୁଁ କହିବି ଯେ, ଯିଏ ବି ଚଳଚ୍ଚିତ୍ର ନିର୍ମାଣ କରିବା କଥା ଭାବୁଛନ୍ତି, ଗୋଟିଏ ଭଲ ବିଷୟବସ୍ତୁ ଓ ଭଲ ଲକ୍ଷ୍ୟ ନେଇ ଚଳଚ୍ଚିତ୍ର ନିର୍ମାଣ କରନ୍ତୁ। ଚଳଚ୍ଚିତ୍ରଟି ନିଶ୍ଚୟ ଆପଣଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେବ ଓ ପରିଚୟ ପାଇବ।

**ଆଗକୁ କ'ଣ ଯୋଜନା ଅଛି?**

–ଏହା ପରେ ସେଭଳି କିଛି ଯୋଜନା ନାହିଁ। ତଥାପି କିଛି ନୂଆ ବିଷୟବସ୍ତୁକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବା କଥା ମନରେ ଅଛି। ଦେଖାଯାଉ କ'ଣ ହେଉଛି।

ସାକ୍ଷାତ୍‌କାର: ସ୍ଥିତପ୍ରଜ୍ଞ ମିଶ୍ର



ସିଏଏ ସମ୍ପର୍କରେ ଜାତିସଂଘ ତତ୍ତ୍ୱାବଧାନରେ ଗଣଭୋଟ ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦାବିକରି ୧୩୦ କୋଟି ଭାରତୀୟଙ୍କୁ ଅପମାନିତ କରିଛନ୍ତି, ସେ କ୍ଷମା ମାଗିବା ଦରକାର।

-ପ୍ରକାଶ ଜାଭଡେକର,କେନ୍ଦ୍ରମନ୍ତ୍ରୀ

## ବ୍ୟାପୁଛି ସିଏଏ ବିରୋଧୀ ଆନ୍ଦୋଳନ ନିଆଁ

# ୟୁପିରେ ହିଂସା: ୬ ମୃତ

ଲକ୍ଷ୍ନୌ/କାନପୁର,୨୦।୧୨

ଉତ୍ତରପ୍ରଦେଶରେ ଶୁକ୍ରବାର ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ବିରୋଧରେ ଆନ୍ଦୋଳନ ବିଭିନ୍ନ ସ୍ଥାନରେ ହିଂସାର ରୂପ ନେଇଛି। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ପୋଲିସ ସ୍ପଷ୍ଟ କରିଛି। ଏହାକୁ ମିଶାଇ ଉତ୍ତରପ୍ରଦେଶରେ ବିକ୍ଷୋଭଜନିତ ମୃତ୍ୟୁସଂଖ୍ୟା ୭ରେ ପହଞ୍ଚିଛି। ତେବେ ପୋଲିସ ଗୋଟିଏ ହେଲେ ଗୁଳି ଚଳାଇ ନ ଥିବା ୟୁପି ପୋଲିସ ମହାନିର୍ଦ୍ଦେଶକ ଓ.ପି. ସିଂ କହିଛନ୍ତି। ଯଦି ଫାୟାରିଂ ହୋଇଥାଏ ତେବେ ବିକ୍ଷୋଭକାରୀ କରିଥିବେ ବୋଲି ଅନ୍ୟ ଜଣେ ପୋଲିସ ଅଧିକାରୀ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ ବିଜ୍‌ନୋରରେ ୨ ଜଣ, ସମ୍ଭାଲ, ଫିରୋଜାବାଦ, ମିରଟ ଓ କାନପୁରରେ ଜଣେ ଲେଖାଏ ବିକ୍ଷୋଭକାରୀ ପ୍ରାଣ ହରାଇଛନ୍ତି। ଶୁକ୍ରବାର ନମାଜ ପାଠ ପରେ ଉତ୍ତରପ୍ରଦେଶର ୧୩ଟି ଜିଲାରେ ସିଏଏ ବିରୋଧରେ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୧୪୪ ଧାରାକୁ ଉଲ୍ଲଂଘନ କରି ବିକ୍ଷୋଭକାରୀ ରାଜରାସ୍ତାକୁ ଓହ୍ଲାଇବା ସହ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟାଇଥିଲେ। କାନପୁରରେ ଗୁଳିମାଡ଼ରେ ୧୨ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଛି। ବିଭିନ୍ନ ସ୍ଥାନରେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଗୁଳିମାଡ଼ରେ ଆହତ ଆସିଫ (୨୦)ଙ୍କର ମୃତ୍ୟୁ ଘଟିଥିବାବେଳେ ଗୁରୁତର ଆହତ ସଲିମ ମିରଟର ଆନନ୍ଦ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୯ ଜଣଙ୍କୁ କାନପୁରର ଲାଲା ଲଜପତ୍ ରାୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ପେଟରେ, ଜଣକ ଛାତିରେ ଓ ଅନ୍ୟମାନଙ୍କ ଗୋଡ଼ରେ ଗୁଳି ବାଜିଥିବା ଡାକ୍ତର ସଞ୍ଜୟ କାଲା କହିଛନ୍ତି। ତେବେ ପୋଲିସ ଗୁଳି ଚଳାଇ ନ ଥିବା କାନପୁର ଜୋନ୍ ଏଡିଜି ପ୍ରେମ୍ ପ୍ରକାଶ କହିଛନ୍ତି। ୟୁପିର ଗୋରଖପୁର, ଦେଓବନ୍ଦ, ମୁଜାଫରନଗର, ହାପୁର, ଶାମ୍‌ଲି, ପ୍ରୟାଗରାଜ୍, ବୁଲନ୍ଦସହର, ମିରଟ, ଫିରୋଜାବାଦ, ବାରାଣସୀ, ଫାରୁକାବାଦ, ବିଜ୍‌ନୋର, ଭାଦୋଇ ଏବଂ ହମିରପୁରରେ ହିଂସାକାଣ୍ଡ ଘଟିଛି। ବିଭିନ୍ନ ଜିଲାରେ ଉତ୍ତେଜନା ଲାଗି ରହିଥିବାରୁ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ପର୍ଯ୍ୟାପ୍ତ ପୋଲିସ ମୁତୟନ କରାଯାଇଛି। କାନପୁରର ବାବୁପୁରୱାରେ ଶୁକ୍ରବାର ନମାଜପାଠ ପରେ ହଜାର ହଜାର ଲୋକ ୧୪୪ ଧାରାକୁ ଉଲ୍ଲଂଘନ କରି ଆନ୍ଦୋଳନରେ ସାମିଲ ହୋଇଥିଲେ। ହଲିମ ମୁସ୍‌ଲିମ କଲେଜରୁ ଫୁଲବାଗ ପର୍ଯ୍ୟନ୍ତ ସେମାନେ ପ୍ରତିବାଦ ଶୋଭାଯାତ୍ରାରେ ବାହାରିଥିବାବେଳେ ଶୋ'ରୁମ୍ ଓ ଗାଡ଼ି ଭଙ୍ଗାରୁଜା କରିବା ସହ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଉତ୍ୟକ୍ତ ବିକ୍ଷୋଭକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲେ।

ଫିରୋଜାବାଦରେ ମଧ୍ୟ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଉତ୍ୟକ୍ତ ଜନତା ପୋଲିସ ଉପରକୁ ଢେଲାମାଡ଼ କରିବା ସହ କେତେକ ଗାଡ଼ି ପୋଡ଼ିଦେଇଥିଲେ। ଶାମ୍‌ଲିର ଆଜାଦ ଚୌକଠାରେ ବିକ୍ଷୋଭକାରୀଙ୍କୁ ଘଉଡାଇବାକୁ ପୋଲିସ ମୃଦୁ ଲାଠିଚାଳନା କରିଥିଲା। ହାପୁର ଏବଂ ମୁଜାଫରନଗରରେ ମଧ୍ୟ ଅନୁରୂପ ସ୍ଥିତି ଦେଖାଦେଇଥିଲା।

ଗୋରଖପୁରରେ ଟେକାମାଡ଼ କରୁଥିବା ବିକ୍ଷୋଭକାରୀଙ୍କୁ ପୋଲିସ ଲାଠିମାଡ଼ କରିଥିଲା। ଦେଓବନ୍ଦରେ ୨୫୦୦ ବିକ୍ଷୋଭକାରୀ ସରଫତା ବଜାରରୁ ଖାନ୍‌କା ପୋଲିସ ଆଉଟପୋଷ୍ଟ ଆଡ଼କୁ ସିଏଏ ବିରୋଧୀ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରିଥିଲେ। ବାରାଣସୀରେ ସିଏଏ ବିରୋଧୀ ବିକ୍ଷୋଭ ଶାନ୍ତିପୂର୍ଣ୍ଣ ଥିଲା। ଆନ୍ଦୋଳନକାରୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପୋଲିସ ଅଧିକାରୀଙ୍କୁ ଦେଇଥିଲେ।

ଦିଲ୍ଲୀର ଦରିଆଗଞ୍ଜ ଅଞ୍ଚଳରେ ବିକ୍ଷୋଭକାରୀ ଏକ କାର୍ ଜାଳିଦେଇଥିବାବେଳେ ଦିଲ୍ଲୀର ଇଣ୍ଡିଆ ଗେଟ୍ ନିକଟରେ ସୁରକ୍ଷା କର୍ମୀଙ୍କୁ ଢେଲାମାଡ଼ କରିଥିଲେ। ବିକ୍ଷୋଭକାରୀଙ୍କୁ ତଡ଼ିବା ପାଇଁ ପୋଲିସ ପାଣିମାଡ଼ କରିବା ସହ ଲାଠିଚାଳନା କରିଥିଲା। ଏହାବ୍ୟତୀତ ମହାରାଷ୍ଟ୍ର, କର୍ନାଟକ-କେରଳ ସୀମାନ୍ତ ଅଞ୍ଚଳରେ ଆନ୍ଦୋଳନ ହିଂସାତ୍ମକ ହୋଇଥିଲା। ଉତ୍ତରପ୍ରଦେଶ, ଦିଲ୍ଲୀ ସମେତ ବିଭିନ୍ନ ଅଞ୍ଚଳରେ କର୍ତ୍ତୃପକ୍ଷ ମୋବାଇଲ, ଇଣ୍ଟରନେଟ ଏବଂ ଏସ୍ଏମ୍ଏସ୍ ସେବା ବନ୍ଦ କରିଦେଇଛନ୍ତି। ଭୀମ ଆର୍ମୀ ପକ୍ଷରୁ ଉତ୍ତର ଦିଲ୍ଲୀର ଜାମା ମସ୍‌ଜିଦଠାରୁ ଯନ୍ତରମନ୍ତର ପର୍ଯ୍ୟନ୍ତ ରାଲି ବାହାରିଥିବାବେଳେ ପୋଲିସ ଏହାକୁ ଅନୁମତି ଦେଇ ନ ଥିଲା। ତେବେ ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଗିରଫ ହେବା ପୂର୍ବରୁ ଖସିଯାଇଥିଲେ। ଆନ୍ଦୋଳନ ଯୋଗୁ ଦିଲ୍ଲୀର ୧୭ଟି ମେଟ୍ରୋ ଷ୍ଟେଶନକୁ ବନ୍ଦ କରିଦିଆଯାଇଛି। କେତେକ ସଂଗଠନ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପୋଲିସକୁ ଗୋଲାପ ଫୁଲ ଦେଇଥିଲେ।

ମହାରାଷ୍ଟ୍ରରେ ସିଏଏ ଏବଂ ଏନ୍ଆର୍‌ସି ବିରୋଧୀ ବିକ୍ଷୋଭ ବେଳେ ଉତ୍ୟକ୍ତ ଲୋକେ ଏମ୍ଏସ୍ଆରଟିସିର ୧୨ଟି ବସ୍ ଏବଂ ଏକ ଦମକଳ ଗାଡ଼ିକୁ ଭଙ୍ଗାରୁଜା କରିଛନ୍ତି। ବିଡ୍ ଅଞ୍ଚଳରେ ଉତ୍ୟକ୍ତ ବିକ୍ଷୋଭକାରୀଙ୍କୁ ଘଉଡାଇବାକୁ ପୋଲିସ ଲାଠିଚାଳନା କରିଥିଲା। ବିଡ୍ ଓ ନାନ୍ଦେଡ୍‌ରେ ବସ୍ ଡିପୋ ଉପରକୁ ବିକ୍ଷୋଭକାରୀମାନେ ଟେକାମାଡ଼ କରିଥିଲେ। ଉତ୍ତେଜନାପ୍ରବଣ ଅଞ୍ଚଳଗୁଡ଼ିକରେ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି। ଗୁରୁବାର ହିଂସାତ୍ମକ ବିକ୍ଷୋଭ ବେଳେ ପୋଲିସ ଗୁଳିରେ ମାଙ୍ଗାଲୋରରେ ୨ ଓ ଲକ୍ଷ୍ନୌରେ ଜଣକର ମୃତ୍ୟୁ ଘଟିଥିଲା।



ଉତ୍ତରପ୍ରଦେଶ ଗୋରଖପୁରରେ ପୋଲିସ ବିକ୍ଷୋଭକାରୀ ପରସ୍ପରକୁ ଟେକାମାଡ଼ କରୁଛନ୍ତି।

- ମହାରାଷ୍ଟ୍ରରେ ୧୩ ସରକାରୀ ଗାଡ଼ି ଭାଙ୍ଗିଲେ
- ବିଭିନ୍ନ ସ୍ଥାନରେ ପୋଲିସ-ବିକ୍ଷୋଭକାରୀ ସଂଘର୍ଷ
- ଅଟକ ପୂର୍ବରୁ ଖସିଗଲେ ଭୀମ ଆର୍ମି ମୁଖ୍ୟ

## ସ୍ୱର ଚପାଇବାକୁ ବଳପ୍ରୟୋଗ: ସୋନିଆ



ନୂଆଦିଲ୍ଲୀ,୨୦।୧୨

ସିଏଏକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ଲୋକଙ୍କ ସ୍ୱରକୁ ଚାପିଦେବା ପାଇଁ ସରକାର ନିଷ୍ଠୁରତାର ସହ ବଳପ୍ରୟୋଗ କରୁଥିବା କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଅଭିଯୋଗ କରିଛନ୍ତି। ଭିନ୍ନମତକୁ ସରକାର ଉପେକ୍ଷା କରିବା ସହ ଏହାକୁ ଚାପିଦେବା ପାଇଁ ବଳପ୍ରୟୋଗ କରିବା ଗଣତନ୍ତ୍ରରେ ଗ୍ରହଣୀୟ ନୁହେଁ ବୋଲି ସୋନିଆ ଏକ ଟେଲିଭିଜନ ବାର୍ତ୍ତାରେ କହିଛନ୍ତି। ଛାତ୍ରୀଛାତ୍ର, ଯୁବଗୋଷ୍ଠୀ ଓ ନାଗରିକଙ୍କ ଉପରେ ସରକାରଙ୍କ ଏଭଳି ନିଷ୍ଠୁର ଦମନ ଲୀଳାକୁ କଂଗ୍ରେସ ନିନ୍ଦାକରିବା ସହ ଚିନ୍ତାବ୍ୟକ୍ତ କରିଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାରଙ୍କ ଭୁଲ ନୀତି ନିଷ୍ପତ୍ତି ବିରୋଧରେ ସ୍ୱର ଉତ୍ତୋଳନ କରିବା ଅଧିକାର ପ୍ରତ୍ୟେକ ନାଗରିକର ରହିଛି। ସେମାନଙ୍କ ଅଭିଯୋଗକୁ ଶୁଣିବା ସହ ଚିନ୍ତା ଦୂରକରିବା ସରକାରଙ୍କ ଦାୟିତ୍ୱ ବୋଲି ସୋନିଆ କହିଛନ୍ତି।

ବିବାଦୀୟ ନାଗରିକତ୍ୱ ଆଇନକୁ ରଦ୍ଦ କରାଯିବା ସହ ବିକ୍ଷୋଭକାରୀଙ୍କ ସହ ଆଲୋଚନା ପାଇଁ ବରିଷ୍ଠ କଂଗ୍ରେସ ନେତା ଆନନ୍ଦ ଶର୍ମା ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ଲୋକଙ୍କ ଅଧିକାରକୁ ସରକାର ସମ୍ମାନ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି।

## ବିହାରରେ ଲାଗୁ ହେବନି ଏନ୍ଆର୍‌ସି: ନୀତୀଶ

ପାଟନା,୨୦।୧୨(ପି.ଟି.)

ବିହାରରେ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି) ଲାଗୁ ହେବନି ବୋଲି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସ୍ପଷ୍ଟ କରିଛନ୍ତି। ଦେଶବ୍ୟାପୀ ଏନ୍ଆର୍‌ସି କାର୍ଯ୍ୟକାରିତାକୁ ନେଇ ଖବରଦାତାମାନେ ନୀତୀଶଙ୍କ ମତାମତ ଚାହିଁବାରୁ ସେ କହିଥିଲେ, କ'ଣ ପାଇଁ ଏନ୍ଆର୍‌ସି। ଏହା ଆଦୌ ଲାଗୁ ହେବ ନାହିଁ ବୋଲି ଜେଡିୟୁ ଅଧ୍ୟକ୍ଷ କହିଛନ୍ତି। ଭାଜପାର ଅନ୍ୟତମ ସହଯୋଗୀ ଅକାଳୀ ଦଳ ମଧ୍ୟ ଏନ୍ଆର୍‌ସି ଏବଂ ସଂଶୋଧିତ ନାଗରିକତ୍ୱ ଆଇନକୁ ନେଇ ପୂର୍ବରୁ ଭିନ୍ନ ମତ ପ୍ରକାଶ କରିଥିଲା। ଆଇନରେ ମୁସଲମାନଙ୍କୁ ସାମିଲ କରିବା ଲାଗି ଅକାଳୀ ଦଳ ପ୍ରସ୍ତାବ ଦେଇଥିଲା। ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ରାଜ୍ୟରେ ଏନ୍ଆର୍‌ସି ଲାଗୁ କରିବେ ନାହିଁ ବୋଲି କହିଥିଲେ।

## ଆଫଗାନିସ୍ତାନରେ ଭୂକମ୍ପ, ଉତ୍ତର ଭାରତରେ ଝଟକା

ନୂଆଦିଲ୍ଲୀ,୨୦।୧୨(ପି.ଟି.): ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ ସମେତ ଉତ୍ତର ଭାରତରେ ଶୁକ୍ରବାର ସନ୍ଧ୍ୟାରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ଆଫଗାନିସ୍ତାନ ରାଜଧାନୀ କାବୁଲଠାରୁ ୨୪୬ କିଲୋମିଟର ଉତ୍ତରରେ ଅବସ୍ଥିତ ହିନ୍ଦୁକୁଶ ପର୍ବତମାଳା ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ଜଣାପଡିଛି। ରିକ୍ଟର ସ୍କେଲ୍‌ରେ ଭୂକମ୍ପ ତୀବ୍ରତା ୬.୩ ଥିଲା ବୋଲି ଭାରତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଭୂକମ୍ପ ଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡିନାହିଁ। ସନ୍ଧ୍ୟା ୫ଟା ୧୩ରେ ଜମ୍ମୁ-କଶ୍ମୀରଠାରୁ ଆରମ୍ଭ କରି ଉତ୍ତରପ୍ରଦେଶ ଓ ପଞ୍ଜାବରେ ପାଖାପାଖି ୧ ମିନିଟ ପର୍ଯ୍ୟନ୍ତ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା।

## ଜନ୍‌ସନଙ୍କ ବ୍ରେକ୍‌ଜିଟ ଚୁକ୍ତିକୁ ନୂଆ ପାର୍ଲାମେଣ୍ଟର ସମର୍ଥନ

ଲଣ୍ଡନ,୨୦।୧୨(ଏଏଫ୍‌ପି): ବ୍ରିଟେନର ନୂଆ ପାର୍ଲାମେଣ୍ଟ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନଙ୍କ ବ୍ରେକ୍‌ଜିଟ ଚୁକ୍ତିକୁ ଶୁକ୍ରବାର ସମର୍ଥନ ଜଣାଇଛି। ଗତ ସପ୍ତାହରେ ଜନ୍‌ସନଙ୍କ କଞ୍ଜରଭେଟିଭ୍ ପାର୍ଟି ସାଧାରଣ ନିର୍ବାଚନରେ ବିଜୟୀ ହୋଇଥିଲା। ବ୍ରେକ୍‌ଜିଟ ଅଚଳାବସ୍ଥା ଦୂର ପାଇଁ ହାଉସ୍ ଅଫ୍ କମନ୍ସରେ ଅଣାଯାଇଥିବା ବିଲ୍ ସପକ୍ଷରେ ୩୫୮ ଜଣ ଭୋଟ ଦେଇଥିବାବେଳେ ବିରୋଧରେ ୨୩୪ ଭୋଟ ଯାଇଥିଲା। ଫଳରେ ଜାନୁୟାରୀ ୩୧ ସୁଦ୍ଧା ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନ ବାହାରିଆସିବା ପ୍ରକ୍ରିୟାକୁ ଆଗେଇ ନେବା ଲାଗି ଜନ୍‌ସନଙ୍କୁ ନୂଆ ପାର୍ଲାମେଣ୍ଟର ସମର୍ଥନ ମିଳିଯାଇଛି।

### ଇତିହାସର ଆଇନାରେ

### ଡିସେମ୍ବର ୨୧ର ପ୍ରମୁଖ ଘଟଣା

୧୯୯୨ ଡିସେମ୍ବର ୨୧ରେ ପର୍ତ୍ତୁଗାଲର ଫଗୋ ବିମାନବନ୍ଦରରେ ଡଚ୍ ଡିସି-୧୦ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ୯୫ ଯାତ୍ରୀ ପ୍ରାଣ ହରାଇଥିଲେ।

୨୦୦୪ ଡିସେମ୍ବର ୨୧ରେ ଇରାକର ମୋସୁଲରେ ଭୟଙ୍କର ଆତ୍ମଘାତୀ ବିସ୍ଫୋରଣ କରାଯାଇଥିଲା। ଆମେରିକା ସେନାକୁ ଲକ୍ଷ୍ୟ କରି ଏଭଳି ବିସ୍ଫୋରଣ କରାଯାଇଥିଲା। ଏଥିରେ ୨୨ଜଣଙ୍କ ମୃତ୍ୟୁ ହୋଇଥିଲା।

## ୨୦୦୮ ଜୟପୁର ବିସ୍ଫୋରଣ ମାମଲା

# ୪ ଆତଙ୍କବାଦୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

ଜୟପୁର, ୨୦।୧୨(ପି.ଟି.)



ରାଜସ୍ଥାନର ଜୟପୁର ସହରରେ ୨୦୦୮ ମେ ୧୩ରେ ହୋଇଥିବା ସିରିଜ୍ ବୋମା ବିସ୍ଫୋରଣ ମାମଲାରେ ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ଶୁକ୍ରବାର ୪ ଦୋଷୀସାବ୍ୟସ୍ତ ହୋଇଥିବା ଆତଙ୍କବାଦୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ମିଳିଛି। ଏହି ଆତଙ୍କବାଦୀ ବିସ୍ଫୋରଣରେ ୭୧ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ୧୮୫ ଜଣ ଆହତ ହୋଇଥିଲେ। ୮ଟି ଭୟଙ୍କର ବିସ୍ଫୋରଣ ସହରକୁ ସ୍ତବ୍ଧ କରିପକାଇଥିଲା। ଗତ ବୁଧବାର ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର ଶର୍ମା ମାମଲାର ଶୁଣାଣି କରି ୪ ଅଭିଯୁକ୍ତ ମହମ୍ମଦ ସୈଫ୍, ଶାହ୍‌ବର ରହମାନ, ସର୍‌ୱାର ଆଜ୍‌ମି ଓ ମହମ୍ମଦ ସଲ୍‌ମାନଙ୍କୁ ଆଇପିସିର ବିଭିନ୍ନ ଦଫାରେ ଦୋଷୀ ସାବ୍ୟସ୍ତ କରିଥିଲେ। ଅନ୍ୟତମ ଅଭିଯୁକ୍ତ ଶାହବାଜ୍‌ଙ୍କୁ ପ୍ରମାଣ ଅଭାବରୁ ଖଲାସ୍ କରିଥିଲେ। ଦଣ୍ଡବିଧାନ ଲାଗି କୋର୍ଟ ଶୁକ୍ରବାରକୁ ଦିନ ଧାର୍ଯ୍ୟ କରିଥିବାବେଳେ ୪ ଦୋଷୀ ଆତଙ୍କବାଦୀଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି।

## ନୌସେନାର ୭ ଅଧିକାରୀ ଗିରଫ

ନୂଆଦିଲ୍ଲୀ,୨୦।୧୨

**ପାକିସ୍ତାନ ପାଇଁ କରୁଥିଲେ ଗୁପ୍ତଚର କାମ**

ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ଭାରତୀୟ ନୌସେନାର ୭ ଅଧିକାରୀ ଗିରଫ ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ଗୋଇନ୍ଦା ବିଭାଗ, ନୌସେନା ଓ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ପକ୍ଷରୁ ହୋଇଥିବା ମିଳିତ ଅଭିଯାନ 'ଅପରେଶନ ଡଲଫିନ୍ସ ନୋଜ୍'ରେ ଏହି ରାକେଟର ପର୍ଦ୍ଦାଫାଶ ହୋଇଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ଆଉ କେତେଜଣ ସନ୍ଦିଗ୍ଧଙ୍କୁ ଏହି ମାମଲାରେ ପଚରାଉଚରା କରାଯାଉଛି ବୋଲି ଆନ୍ଧ୍ର ପୋଲିସ ମହାନିର୍ଦ୍ଦେଶକ ଡି. ଗୌତମ ସାୱଙ୍ଗ ଶୁକ୍ରବାର କହିଛନ୍ତି।



ସିଏଏ ପ୍ରତ୍ୟାହାର ଦାବିରେ ଉତ୍ତରପ୍ରଦେଶର ମୁଜାଫର୍‌ନଗରରେ ବିକ୍ଷୋଭକାରୀମାନେ ଗାଡ଼ି ପୋଡ଼ାଜଳା କରୁଛନ୍ତି।

## ଝାଡ଼ଖଣ୍ଡରେ ୭୧% ମତଦାନ

ରାଞ୍ଚି,୨୦।୧୨(ପି.ଟି.)

ଝାଡ଼ଖଣ୍ଡ ବିଧାନସଭାର ପଞ୍ଚମ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ନିର୍ବାଚନ ଶୁକ୍ରବାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୬ ଆସନରେ ଶାନ୍ତିପୂର୍ଣ୍ଣ ଭାବେ ପ୍ରାୟ ୭୧% ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନାନୁସାରେ ସକାଳ ୭ଟାରେ ଭୋଟଗ୍ରହଣ ଆରମ୍ଭ ହୋଇଥିଲା। ଅପରାହ୍ଣ ୫ଟା ସୁଦ୍ଧା ୪୦.୦୫ ଲକ୍ଷ ମତଦାତାଙ୍କ ମଧ୍ୟରୁ ୭୦.୮୩% ମତଦାନ କରିଛନ୍ତି। ମାଓବାଦୀ ପ୍ରଭାବିତ ଆସନଗୁଡ଼ିକରେ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଥିଲା। ୨୯ ମହିଳାଙ୍କ ସମେତ ୨୩୭ ପ୍ରାର୍ଥୀ ମଇଦାନରେ ଥିଲେ। ଭାଜପା ପ୍ରାର୍ଥୀ ତଥା ରାଜ୍ୟର କୃଷିମନ୍ତ୍ରୀ ରଣଧୀର ସିଂ ସରଥ ଆସନରୁ ନିର୍ବାଚନ ଲଢ଼ିଥିବାବେଳେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଲୁଇସ୍ ମାର୍ଣ୍ଡି ଡୁମୁକା ଆସନରେ ଜେଏମ୍ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ସୋରେନଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିଲେ। ଲୁଇସ୍ ୨୦୧୪ରେ ଏହି ଆସନରେ ହେମନ୍ତଙ୍କୁ ହରାଇଥିଲେ। ହେମନ୍ତ ଏହି ଆସନ ବ୍ୟତୀତ ବାରହାଇତ୍ ନିର୍ବାଚନମଣ୍ଡଳୀରେ ମଧ୍ୟ ଭାଗ୍ୟପରୀକ୍ଷା କରିଛନ୍ତି। ତାଙ୍କର ଶାଳୀ ସୀତା ସୋରେନ ଜମା ଆସନରେ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହେଶପୁରରୁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଷ୍ଟିଫେନ୍ ମାର୍ଣ୍ଡି (ଜେଏମ୍ଏମ୍) ଏବଂ ଶିକାରୀପଡ଼ାରୁ ଜେଡିୟୁର ରାଜ୍ୟ ସଭାପତି ତଥା ପୂର୍ବତନ ଏମ୍‌ପି ସଲଖାନ୍ ମୁର୍ମୁ ନିର୍ବାଚନ ଲଢ଼ିଛନ୍ତି।

ରାଜ୍ୟ ବିଧାନସଭାର ୮୧ ଆସନ ମଧ୍ୟରୁ ୬୫ରେ ନଭେମ୍ବର ୩୦ରୁ ଡିସେମ୍ବର ୧୬ ମଧ୍ୟରେ ୪ଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଇଥିଲା। ୫,୩୮୯ ପୋଲିଂ ଷ୍ଟେଶନ ମଧ୍ୟରୁ ମାଓବାଦୀ ପ୍ରଭାବିତ ୩୧୬ଟି ମତଦାନ କେନ୍ଦ୍ରକୁ ବିପଦପୂର୍ଣ୍ଣ ଓ ୨୦୮ଟିକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଥଲା। ନିର୍ବାଚନ କମିଶନ ୮,୯୮୭ ବାଲଟ୍ ୟୁନିଟ , ୬,୭୩୮ କଣ୍ଟ୍ରୋଲ ୟୁନିଟ ଓ ୭,୦୦୬ ଭିଭିପିଏଟି ମେଶିନର ବ୍ୟବସ୍ଥା କରିଥିଲେ। ଆସନ୍ତା ୨୩ରେ ଭୋଟ ଗଣତି କରାଯିବ।

## ଉନ୍ନାଓ ବଳାତ୍କାର, ହତ୍ୟା ମାମଲା

# ସେନ୍‌ଗାରଙ୍କୁ ଆଜୀବନ ଜେଲ

ନୂଆଦିଲ୍ଲୀ, ୨୦।୧୨

ବହୁଚର୍ଚ୍ଚିତ ୨୦୧୭ ଉନ୍ନାଓ ନାବାଳିକା ବଳାତ୍କାର, ହତ୍ୟା ମାମଲାରେ ଦିଲ୍ଲୀର ଏକ କୋର୍ଟ ଶୁକ୍ରବାର ଭାଜପାରୁ ବହିଷ୍କୃତ ବିଧାୟକ କୁଳଦୀପ ସିଂ ସେନ୍‌ଗାରଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ସେନ୍‌ଗାରଙ୍କ ଉପରେ ୨୫ ଲକ୍ଷ ଟଙ୍କାର ଜରିମାନା ଲଗାଯାଇଛି। ଏହି ଅର୍ଥ କ୍ଷୟକ୍ଷତି ଭରଣା ଲାଗି ପୀଡ଼ିତାଙ୍କ ପରିବାରକୁ ପ୍ରଦାନ କରାଯିବ। ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦେବା ଲାଗି କୋର୍ଟ ପକ୍ଷରୁ ସିବିଆଇକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶଥାଉ କି, କୋର୍ଟ ସୋମବାର ଏହି ମାମଲାରେ ସେନ୍‌ଗାରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ୨୦ରେ ଦିଆଯିବ ବୋଲି କହିଥିଲେ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମାମଲା ଉତ୍ତରପ୍ରଦେଶରୁ ଦିଲ୍ଲୀକୁ ସ୍ଥାନାନ୍ତର ହେବା ପରେ ଜିଲା ଜଜ୍ ଧର୍ମେଶ୍ ଶର୍ମା ଗତ ଅଗଷ୍ଟ ୫ରୁ ମାମଲାର ଦୈନନ୍ଦିନ ଶୁଣାଣି ଆରମ୍ଭ କରିଥିଲେ। ଉତ୍ତରପ୍ରଦେଶର ବାଙ୍ଗରମଓ ଆସନରୁ ୪ ଥର ବିଧାୟକ ହୋଇଥିବା ସେନ୍‌ଗାରଙ୍କ ବିରୋଧରେ ଆଇପିସିର ଦଫା ୩୭୬ ସହ ପୋକ୍ସୋ ଆଇନ ଲାଗିଥିଲା। ତାଙ୍କ ବିରୋଧରେ ଥିବା ୫ ମାମଲାରୁ ଗୋଟିଏ ମାମଲାରେ ତାଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ମିଳିଥିବା ଜଣାପଡ଼ିଛି। ପୀଡ଼ିତାଙ୍କ ବାପାଙ୍କୁ ମାଡ଼ମାରି ଆର୍ମ୍ସ ଆକ୍ଟରେ ଫସାଇବା, ହାଜତରେ ତାଙ୍କର ମୃତ୍ୟୁହେବା ଆଦି ମାମଲାକୁ ଦେଇ ସେନ୍‌ଗାର ଓ ତାଙ୍କ ଭାଇ ଅତୁଲଙ୍କ ସହ ୬ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଛି। ଏସବୁର ଯୁଗ୍ମ ଶୁଣାଣି କରାଯିବ ବୋଲି ଜଣାପଡ଼ିଛି। ପୀଡ଼ିତା ତାଙ୍କ ବୟାନରେ ଅନ୍ୟ ୩ ଅଭିଯୁକ୍ତ ନରେଶ୍ ତିୱାରୀ, ବ୍ରିଜେଶ୍ ଯାଦବ ଓ ଶୁଭମ୍ ସିଂଙ୍କ ନାମକୁ ସାମିଲ କରି ଅପହରଣ ପରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ଆଣିଥିଲେ। କୋର୍ଟ ପକ୍ଷରୁ ଏନେଇ ଚାର୍ଜଶିଟ ଦାଖଲ ହୋଇଛି। ସେହିଭଳି ଗତ ଜୁନ୍ ୨୮ରେ ପୀଡ଼ିତାଙ୍କୁ ମାରିବା ଲାଗି ତାଙ୍କ କାର୍ ଉପରେ ଟ୍ରକ ଧକ୍କା କରାଯାଇଥିଲା। ଏଥିରେ ପୀଡ଼ିତାଙ୍କ ୨ ମାଉସୀ ପ୍ରାଣ ହରାଇଥିବାବେଳେ ପୀଡ଼ିତା ଗୁରୁତର ହୋଇଥିଲେ। ଏହି ଘଟଣାରେ ପୀଡ଼ିତା ପରିବାର ପକ୍ଷରୁ ଅଭିଯୋଗକୁ ଆଧାର କରି ସେନ୍‌ଗାର ଓ ତାଙ୍କ ୯ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ଖୁବ୍‌ଶୀଘ୍ର ଏସବୁର ଶୁଣାଣି ହେବ ବୋଲି ଜଣାପଡ଼ିଛି।



**୨୫ ଲକ୍ଷ ଜରିମାନା**



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର

## ସଂକ୍ଷେପରେ

### ଉଲୁଣ୍ଡା ଯୁବ ମହାସଂଘର ସଫେଇ କାର୍ଯ୍ୟକ୍ରମ

**ଉଲୁଣ୍ଡା ୨୦।୧୨ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଯୁବ ମହାସଙ୍ଘ ତରଫରୁ ଶୁକ୍ରବାର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ସଫେଇ କରାଯାଇଛି। ଅନୁଷ୍ଠାନର ସଭାପତି ପ୍ରମୋଦ କୁମାର ପଧାନଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଉଦ୍‌ଘାଟନୀ ଦିନରେ ମୀନାବଜାର ପଡିଆ ଏବଂ ରାସ୍ତାପାର୍ଶ୍ୱ ସଫା କରାଯାଇଥିଲା। ଏଥିରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଅଂଶ ଗ୍ରହଣ କରିଥିଲେ।

### ୫ ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର କୋର୍ଟ ଚାଲାଣ

**ଖପ୍ରାଖୋଲ,୨୦।୧୨(ଡି.ଏନ.ଏ.):** ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା ଛକଠାରେ ଖପ୍ରାଖୋଲ ପୋଲିସ ପାଟ୍ରୋଲଇଂ ବେଳେ ୫ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏମାନଙ୍କୁ ଚାଲାଣ କରୁଥିବା ଅଭିଯୋଗରେ ଦାଦନ ସର୍ଦ୍ଦାର ପାଟଣାଗଡ ଥାନା ଅଁଏଲାପାଲି ଗାଁର ସୁଧୀର ରାବଣ(୨୫)ଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ତେବେ ଉଦ୍ଧାର ୫ ଜଣ ଶ୍ରମିକଙ୍କ ମଧ୍ୟରୁ ୨ ଜଣ ମହିଳା ଏବଂ ୩ ଜଣ ପୁରୁଷ ଅଛନ୍ତି। ସେମାନେ ବରଗଡ ଜିଲା ବୁଡେନ ଥାନା ବତୀପଥର ଗାଁରେ। ଏ ନେଇ ଖପ୍ରାଖୋଲ ପୋଲିସ ଏକ ମାମଲା (ନଂ. ୨୫୫/୧୯)ରୁଜୁ କରିଛି।

### ୯ ଦାଦନ ଶ୍ରମିକ ଉଦ୍ଧାର

**ବଙ୍ଗୋମୁଣ୍ଡା,୨୦।୧୨ (ଡି.ଏନ.ଏ.):** ବଙ୍ଗୋମୁଣ୍ଡା ବ୍ଲକ୍ ସିନ୍ଧେକେଲା ପୋଲିସ କଳାହାଣ୍ଡି ଜିଲା କେଗାଁ ଥାନା ଅଧୀନ ନୂଆଗାଁର ୯ ଜଣ ଦାଦନଙ୍କୁ ଉଦ୍ଧାର କରିଛି। କଣ୍ଟାବାଞ୍ଜି ଯାଉଥିବା ଏକ ଯାତ୍ରୀବାହୀ ବସ୍‌ରେ ଏହି ଦାଦନ ଶ୍ରମିକମାନେ ଚାଲାଣ ହେଉଥିବା ଖବର ପାଇ ପୋଲିସ ସିନ୍ଧେକେଲାଠାରେ ବସରୁ ସେମାନଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ଶ୍ରମିକମାନେ ହେଲେ ତୁଲମନି ବାଗ, (୬୦), ରେବତି ଦୋରା (୨୨), ପଙ୍କଜ କଟା (୫୦), କେଶବ ବାଗ (୨୫), ପଦ୍ମା ଦୋରା (୪୫), କୌଶଲ୍ୟା ବାଗ(୫୦), ପାର୍ବତି ଦୋରା(୪୦), ମିଥିଳା ଦୋରା (୪୦), ଟିକେଶ୍ୱରି ଦୋରା(୨୦)। ସମସ୍ତଙ୍କୁ ପୋଲିସ ସେମାନଙ୍କ ଘରକୁ ଛାଡି ଦେଇଥିବା ବେଳେ ଦାଦନ ସର୍ଦ୍ଦାରଙ୍କ ଟେର୍ ପାଇପାରିନାହିଁ। ଏ ନେଇ ପୋଲିସ ୧୪୪/୧୯ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଅନନ୍ତ ପ୍ରଧାନ କହିଛନ୍ତି।

### ସାଲେଡିହିରେ ଗୋଚାଷୀଙ୍କୁ ତାଲିମ

**ଟିଟିଲାଗଡ଼, ୨୦।୧୨ (ଡି.ଏନ.ଏ):** ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସାଲେଡିହି ଗ୍ରାମରେ ଗୋଚାଷୀଙ୍କୁ ତାଲିମ ଦିଆଯାଇଛି। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ହରିଶ ଚନ୍ଦ୍ର ମାଥୁରଙ୍କ ତତ୍ତ୍ୱାବଧାନରେ ବିବେକ ସିଂ, ଶୁଭେନ୍ଦୁ କାଲସାଏ, ଶ୍ରୀରାମ ଡାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଯୋଗ ଦେଇଥିବା ଚାଷୀଙ୍କୁ ବିଭିନ୍ନ ରୋଗର ଔଷଧ, କୃମିନାଶକ, ଭିଟାମିନ, ଘାସ ମଞ୍ଜି ବିତରଣ କରାଯାଇଥିଲା।

ଯୋଗାଣ ବିଭାଗର ଚଢ଼ାଉ

# ୨ ଧାନ ବୋଝେଇ ଟ୍ରକ୍ ଜବତ

**ସୋନପୁର,୨୦।୧୨(ନି.ପ୍ର.)**

ସୁବର୍ଣ୍ଣପୁରକୁ ବାହାର ଜିଲାର ଧାନ ଆସୁଛି । କିଛି ମିଲର୍ସ ବୌଦ୍ଧ, ନୟାଗଡ ଓ ଭଦ୍ରକ ଜିଲାରୁ ଆସୁଥିବା ଧାନକୁ ଅଣ୍ଡର ରେଟ୍‌ରେ କିଣି ଗଚ୍ଛିତ ରଖୁଛନ୍ତି। ବ୍ୟବସାୟୀମାନେ ମଧ ଏହି ଧାନ କିଣି ମଣ୍ଡିକୁ ଆଣୁଛନ୍ତି। ଏଭଳି ଅଭିଯୋଗ ଆସିବା ପରେ ଜିଲା ଯୋଗାଣ ବିଭାଗ ତତ୍ପର ହୋଇ ଉଠିଛି।

**ସୁବର୍ଣ୍ଣପୁରକୁ ଆସୁଛି ବାହାର ଜିଲାର ଧାନ**

ଶୁକ୍ରବାର ସକାଳେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରାଙ୍କ ନେତୃତ୍ୱରେ ଟିମ୍ ବ୍ଲକ ଛକ ଓ ସିଆଲଜୁରିଠାରେ ଚଢାଉ କରି ୨ଟି ଧାନ ବୋଝେଇ ଟ୍ରକ୍‌କୁ ଜବତ କରିଛନ୍ତି। ବ୍ଲକ ଛକରେ ଜବତ ହୋଇଥିବା ୧୦ ଚକିଆ ଟ୍ରକ୍ (ନଂ ଓଡି୨୫ଜି-୨୪୯୧)ରେ ୪୨୨ ବସ୍ତା ଧାନ ଥିଲା। ଓଜନ ପରେ ମୋଟ ଧାନର ଓଜନ ୨୯୯ କୁଇଣ୍ଟାଲ ୯୪ କିଲୋ ବୋଲି ଜଣାପଡିଛି। ଏହି ଧାନ ନୟାଗଡରୁ ଆସୁଥିଲା। ଟ୍ରକ୍ ଡ୍ରାଇଭର ନୟାଗଡ ଜିଲା ପୁରୁଷୋତ୍ତମପୁରର ରସାନନ୍ଦ ସାହୁଙ୍କଠାରୁ ଯୋଗାଣ ବିଭାଗ ଧାନ ଓ ଟ୍ରକ୍ ଜବତ କରି ବାଙ୍କବିଜାସ୍ଥିତ ଗୋପାଳ ରାଇସ୍ ମିଲ୍‌ରେ ଜିମା ଦେଇଛି। ଏହି ଧାନ ବରଗଡର ଏକ ରାଇସ୍ ମିଲ୍‌କୁ ଯାଉଥିଲା ବୋଲି ଡ୍ରାଇଭର ସୂଚନା ଦେଇଛନ୍ତି। ସେହିପରି ସିଆଲଜୁରିଠାରେ ଜବତ ହୋଇଥିବା ୧୪ ଚକିଆ ଟ୍ରକ୍ (ନଂ ଓଆର୦୫ଏସି-୧୯୦୯)ରେ ୪୨୪ ବସ୍ତା ଧାନ ଥିଲା। ଓଜନ ପରେ ମୋଟ ଧାନର ଓଜନ ୨୯୯ କୁଇଣ୍ଟାଲ ୯୪ କିଲୋ ବୋଲି ଜଣାପଡିଛି । ଏହି ଧାନ କଟକ ଜିଲା ବଡମ୍ବା ଅଞ୍ଚଳରୁ ଆସୁଥିଲା । ଧାନ ବଲାଙ୍ଗୀର ଜିଲାର ରାଇସ ମିଲ୍‌କୁ ଯାଉଥିବା ଡ୍ରାଇଭର ସୂଚନା ଦେଇଛନ୍ତି। ଟ୍ରକ୍ ଡ୍ରାଇଭର ନୟାଗଡର ମନୋରଞ୍ଜନ ରାଉତଙ୍କ ଠାରୁ ଯୋଗାଣ ବିଭାଗ ଧାନ ଓ ଟ୍ରକ୍‌କୁ ଜବତ କରି ସିଆଲଜୁରିସ୍ଥିତ ଲଳିତା ରାଇସ ମିଲ୍‌ରେ ଜିମା ଦେଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଧାରା ୭ ଅନୁଯାୟୀ ଯୋଗାଣ ବିଭାଗ ମାମଲା ରୁଜୁ କରିଛି। ଏହି ଚଢାଉରେ ସହକାରୀ ଯୋଗାଣ ଅଧିକାରୀ ସୁବୋଧ ହୋତା, ତ୍ରିନାଥ ଭୋଇ, ଯୋଗାଣ ନିରୀକ୍ଷକ ଦିବ୍ୟସିଂ ବଡମାଳୀ, ଲକ୍ଷ୍ମୀଧର ମାଝି, ରାଜକିଶୋର ନାୟକ ଓ ଚନ୍ଦ୍ରଧ୍ୱଜ ଭୋଇ ପ୍ରମୁଖ ସାମିଲ ଥିଲେ।



ଜବତ ଧାନ ବୋଝେଇ ଟ୍ରକ୍।

# ଅସହାୟଙ୍କୁ ଟ୍ରାଇସାଇକେଲ ପ୍ରଦାନ

**ସମ୍ବଲପୁର, ୨୦।୧୨ (ବ୍ୟୁରୋ)**

ଅସହାୟ ସନ୍ୟାସୀ ସା (୫୬)ଙ୍କୁ ସ୍ୱଇଚ୍ଛା ପକ୍ଷରୁ ଶୁକ୍ରବାର ରାତିରେ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ଏଥିସହ କମ୍ବଳ, ମଶାରୀ ଓ ସମ୍ବଲପୁର ପୋଷାକ ମଧ ଦିଆଯାଇଛି । ସନ୍ୟାସୀଙ୍କ କେହି ସମ୍ପର୍କୀୟ ନ ଥିବାରୁ ସେ ଟାଉନ ଥାନ ସମ୍ମୁଖ ଏକ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି । ଖବରଦାତା ରାଧେଶ୍ୟାମ ବର୍ମା, ଅମନଦୀପ ସାଲୁଜା, ଅଭିନାଷ ତ୍ରିୱାରୀ, ରାହୁଲ ଗର୍ଗେ, ସୁବ୍ରତ ନାଥ, ତନ୍ମୟ ମେହେର, ଘନଶ୍ୟାମ ସାହୁ, ବିକାଶ ତ୍ରିପାଠୀ, ମହମ୍ମଦ ମୁସ୍ତାଫା, ଦନି ପଟେଲ, ଦିନରଞ୍ଜନ ଲକି, ଦିଲୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



ସମ୍ବଲପୁର ସରକାରୀ ବସଷ୍ଟାଣ୍ଡଠାରେ ଅସହାୟ ସନ୍ୟାସୀ ସାଙ୍କୁ ଟ୍ରାଇସାଇକେଲ ସହ ସାମଗ୍ରୀ ପ୍ରଦାନ କରାଯାଉଛି ।

## କଳା, ସଂସ୍କୃତି, ପରମ୍ପରାର ପ୍ରତୀକ 'ଝୋଟିଚିତା'



ଝୋଟିଶିଳ୍ପୀଙ୍କ ସହ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ।

**ବାଲେଶ୍ୱର ଅଫିସ,୨୦।୧୨**

ବାଲେଶ୍ୱର ବାମପଦାସ୍ଥିତ ନୋସି ବିଜ୍‌ନେସ ପାର୍କରେ ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ତରଫରୁ ଗୁରୁବାର ଦିବାରାତ୍ର ଜାତୀୟସ୍ତରୀୟ ଝୋଟି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ରାଜ୍ୟରୁ ୧୬୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ପ୍ରତିଯୋଗୀମାନଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ଝୋଟିଚିତାକୁ ବୁଲି ଦେଖିବା ସହ ଝୋଟି ଚିତା ଉତ୍କଳର କଳା, ସଂସ୍କୃତି ଓ ପରମ୍ପରାର ପ୍ରତୀକ ବୋଲି କହିଥିଲେ। ପ୍ରତିଷ୍ଠାନ ଅଧ୍ୟକ୍ଷା ସମାଜସେବୀ ସୁବାସିନୀ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନ୩ଟାରୁ୪ଟା ପର୍ଯ୍ୟନ୍ତ ୧ଘଣ୍ଟା ଧରି ଦୁଇଟି ବିଭାଗରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ବିଭାଗରେ ୧୫ବର୍ଷରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଏବଂ ଦ୍ୱିତୀୟ ବିଭାଗରେ ବିଗତ ବର୍ଷରେ ବିଜେତା ଝୋଟିଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ। ୪ଟାରେ ଝୋଟିଶିଳ୍ପୀ ମିଳନ ଓ ଆଲୋଚନା, ୫ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ସନ୍ଧ୍ୟା ୬ଟାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶିଳ୍ପପତି ତଥା କବି ଅଞ୍ଜଳି ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଆବାହକ ଶିଳ୍ପୀ କେଶୁ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ମଧୁମିତା ଦାସ ଯୋଗଦେଇ ଉତ୍କଳୀୟ ଝୋଟିର ସ୍ଥାନ ସ୍ୱତନ୍ତ୍ର। ଏହାକୁ ଉଜ୍ଜୀବିତ ରଖିବା ସହ ଏହାର ବିକାଶ ପାଇଁ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ସମ୍ପାଦିକା ଅର୍ଚ୍ଚନା ନନ୍ଦୀ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନା କରିଥିଲେ। ଉପସଭାପତି ଗିରିଜା ମିଶ୍ରଙ୍କ ପ୍ରସ୍ତାବକ୍ରମେ ଓଡ଼ିଆ ଅକ୍ଷର ବା ବର୍ଣ୍ଣମାଳାକୁ ଅଧିକ ମହତ୍ତ୍ୱ ପ୍ରଦାନ କରି ଝୋଟିର ଅସ୍ମିତାକୁ ବଢ଼ାଇବା ପାଇଁ ଓଡ଼ିଶାରେ ପ୍ରଥମଥର ଓଡ଼ିଆ ଅକ୍ଷରଝୋଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଭବାନୀପାଟଣାର ବିଶିଷ୍ଟ ଝୋଟିଶିଳ୍ପୀ ଓ ଲେଖିକା ଦେବହୂତି କରଙ୍କୁ ଚଳିତବର୍ଷ ସୁଶୀଳା ଦାସ ଝୋଟିରାଣୀ ମହାସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ରାଜେଶ୍ୱରୀ ଦେଙ୍କୁ ଅଖିଳ ଚନ୍ଦ୍ର ବେହେରା ସ୍ମୃତିରେ ଝୋଟିଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଥମ ବିଭାଗରେ ୨୦ଜଣଙ୍କୁ ଓ ଦ୍ୱିତୀୟ ବିଭାଗରେ କେବଳ ଜଣଙ୍କୁ ପୁରସ୍କୃତ କରାଯାଇଛି। ବିଚାରକ ଭାବେ ସୋରର ରାଜବଲ୍ଲଭ ସାହୁ, ଭଦ୍ରକର ସୁଶାନ୍ତ ନାୟକ, ଭୁବନେଶ୍ୱରର ମଞ୍ଜୁଲତା ମିଶ୍ର, ଭୁବନେଶ୍ୱରର ଚିନ୍ତାମଣି ବିଶ୍ୱାଳ ଓ ମୟୂରଭଞ୍ଜର ସରିତା ସିଂ ଯୋଗଦେଇଥିଲେ।

## ୩୦ରୁ ମୁଣ୍ଡପଲା ଛକରେ ସଂସ୍କାର ଯଜ୍ଞ, କୃଷି ପ୍ରଦର୍ଶନୀ ମେଳା

**ଦେଓଗାଁ,୨୦।୧୨(ଡି.ଏନ.ଏ.)**

ଦେଓଗାଁ ବ୍ଲକ କୁଲତାପଡା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡପଲଶଛକଠାରେ ଡିସେମ୍ବର ୩୦ରୁ ଜାନୁୟାରୀ ୩ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ୨ୟ ସଂସ୍କାର ଯଜ୍ଞ ଓ କୃଷି ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହେବ। ସ୍ଥାନୀୟ ଅଞ୍ଚଳ ବିକାଶ କମିଟିର ଆୟୋଜନରେ ଅନୁଷ୍ଠିତ ହେବାକୁ ଥିବା ଏହି ସଂସ୍କାରଯଜ୍ଞ ଅବସରରେ କୃଷି ପ୍ରଦର୍ଶନୀ ମେଳା, ସଂକୀର୍ତ୍ତନ୍ୟ ପ୍ରଦର୍ଶନୀ ପ୍ରତିଯୋଗିତା, ପଲ୍ଲିମେଳା ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ୩୦ ତାରିଖରେ ତୁଷୁରା ଗାୟତ୍ରୀ ପରିବାର ସହେଯାଗରେ ସମାଜ ସଂସ୍କାର ଯଜ୍ଞ ଆରମ୍ଭ ହେବ। ୩୧ ତାରିଖରେ ସଂକୀର୍ତ୍ତନ୍ୟ ପରିବେଷଣ ପ୍ରତିଯୋଗିତା, କୃଷି ପରଦର୍ଶନୀମେଳା ଉଦ୍‌ଘାଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୧ ତାରିଖରେ ପୂଜ୍ୟ ସୁରେନ୍ଦ୍ର ବାବାଙ୍କ ଆଗମନ ପରେ ନିରାଶ୍ରୟ ବୃଦ୍ଧ ମାତାପିତା, ଦୁଃଖି ରଙ୍କିଙ୍କ ସେବା ଓ ବସ୍ତ୍ରଦାନ କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୨ତାରିଖରେ ଅଞ୍ଚଳର କୁନିକୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ମିଳନ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୩ତାରିଖ ଅନ୍ତିମ ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ପରିଚାଳନାରେ ଅଞ୍ଚଳ ବିକାଶ କମିଟିର ସଭାପତି ଟଙ୍କଧର ଗଡତ୍ୟା, ସମ୍ପାଦକ ଟଙ୍କଧର ରଣା, ଉପ-ସଭାପତି ସାଧୁ ମାହାକୁର, ସହ-ସମ୍ପାଦକ ଶେଷଦେବ କୁମ୍ଭାର, କୋଷାଧକ୍ଷ ଗୋବର୍ଦ୍ଧନ ରଣା ତଥା କମିଟି ସଦସ୍ୟବୃନ୍ଦ ରହିଛନ୍ତି।

ଉଲୁଣ୍ଡା ଧନୁଯାତ୍ରାର ସପ୍ତମ ରଜନୀ

# ଷଡ଼ମଲ୍ଲ ନିଧନରେ କଂସ ମର୍ମାହତ



କୃଷ୍ଣ ବଳରାମଙ୍କ ଦ୍ୱାରା ଷଡମଲ୍ଲଙ୍କ ନିଧନ ହୋଇଛି।

**ଉଲୁଣ୍ଡା,୨୦।୧୨(ଡି.ଏନ.ଏ.)**

**କୃଷ୍ଣ, ବଳରାମଙ୍କ ପ୍ରେମରେ ବିଭୋର ଗୋପପୁର**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଧନୁଯାତ୍ରାର ଶୁକ୍ରବାର ସନ୍ଧ୍ୟା ବେଶ୍ ଆକର୍ଷଣୀୟ ହୋଇଥିଲା। ପାତ୍ରମନ୍ତ୍ରୀଙ୍କ ସହ ପ୍ରବଳପ୍ରତାପି ବୀର କଂସ ମହାରାଜ ନଗରଭ୍ରମଣ କରିବା ସହ ବିଭିନ୍ନ ଦୋଷରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ ରାଜଦରବାରରେ ଦଣ୍ଡିତ କରିଛନ୍ତି। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଆଜିର ନାଟ୍ୟାଭିନୟରେ କୃଷ୍ଣଙ୍କୁ ବଧ ପାଇଁ ଷଡମଲ୍ଲଙ୍କୁ ଗୋପପୁରେ ପଠାଇ ମହାରାଜ କଂସ ରାଜ ନର୍ତ୍ତକୀଙ୍କ ନୃତ୍ୟରେ ମସ୍‌ଗୁଲ୍ ହୋଇପଡିଥିଲେ। ମାତ୍ର କୃଷ୍ଣଙ୍କ ପରିବର୍ତ୍ତେ ଷଡମଲ୍ଲଙ୍କ ନିଧନ ହୋଇଥିବା ଖବର ଗୁପ୍ତଚର ନିକଟରୁ ପାଇ ଆସନ୍ନ ମୃତ୍ୟୁରେ ଭୟଭୀତ ଥିବା କଂସ ମର୍ମାହତ ହୋଇପଡିଥିଲେ। ସେହିପରି ଗୋପପୁରରେ ଗୋପାଙ୍ଗାନାଙ୍କ ଦହି ବିକା ସହ କୃଷ୍ଣ ଓ ବଳରାମଙ୍କ ଗୋପଲୀଳା ନାଟ୍ୟାଭିନୟ ବେଶ ଆଦୃତ ହୋଇଥିଲା। ଶ୍ରୀକୃଷ୍ଣ ମଣ୍ଡପରେ କ୍ଷେମାଲୋଏ ଗ୍ରାମର ଜସ୍ମିନ ଆଚାର୍ଯ୍ୟ ସଙ୍ଗୀତମୟ ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ।

## ଲୋଇସିଂହା ଉତ୍ସବ ପ୍ରସ୍ତୁତି ବୈଠକ

**ଲୋଇସିଂହା, ୨୦।୧୨(ଡି.ଏନ.ଏ.)**

ଆସନ୍ତା ପୁଷପୂର୍ଣ୍ଣିମା ଅବସରରେ ହେବାକୁ ଥିବା ଲୋଇସିଂହା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ବୈଠକରେ ତ୍ର୍ୟୟମ୍ବକେଶ୍ୱର ସିଂରାଏଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ଗତବର୍ଷର ଆୟବ୍ୟୟ ନେଇ ସମୀକ୍ଷା କରାଯାଇଥିଲା। ଚଳିତ ବର୍ଷ ଉତ୍ସବ ପାଇଁ କମିଟି ଗଠିତ ହୋଇଯାଇଛି। ତ୍ର୍ୟୟମ୍ବକେଶ୍ୱର ସିଂରାଏ ସଭାପତି, କାର୍ଯ୍ୟକାରୀ ସଭାପତି ଭୂତନାଥ ନାଏକ, ଉପସଭାପତି ନବକିଶୋର ନାଏକ ଓ ସରୋଜ ସାହୁ, ସମ୍ପାଦକ ରବିନ ପୁଟେଲ, ସଧାରଣ ସମ୍ପାଦକ ରଞ୍ଜିତ ରାଏ, ସୁଶାନ୍ତ ପାତ୍ର, ସରୋଜ ଭୂୟାଁ ଓ ଅଭିଳାଷ ହୋତା, କୋଷାଧକ୍ଷ ଭାବେ ପ୍ରଶାନ୍ତ ସାହୁ ଓ ପ୍ରିତମ ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି।

# ରାସ୍ତା କଡ଼କୁ ଖସିଲା ପିଆଜ ବୋଝେଇ ଟ୍ରକ୍

## ସନ୍ଦେହରେ ପୋଲିସର ଭୂମିକା

**ବିନିକା,୨୦।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା-ସୋନପୁର ମଧ୍ୟବର୍ତ୍ତି ସେଲେଡି-ତୁଲୁଣ୍ଡିପାଲି ମଝିରେ ଥିବା ଡବନିନାଳଠାରେ ଶୁକ୍ରବାର ଅପରାହ୍ନରେ ଏକ ପିଆଜ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଖସି ପଡିଥିଲା। ସ୍ଥାନୀୟ ପୋଲିସ ଖବର ପାଇବା ପରେ ପହଞ୍ଚି ଥିଲା। ପ୍ରଥମେ ଟ୍ରକରୁ ପିଆଜ ଖାଲି କରାଯାଇଥିଲା। ଏହାପରେ ଟ୍ରକ୍‌କୁ ରାସ୍ତା ଉପରକୁ ଅଣା ଯାଇଥିଲା। ଶେଷରେ ପିଆଜ ଭର୍ତ୍ତି କରି ଟ୍ରକ୍‌ଟି ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରି ଯାଇଥିଲା। ହେଲେ ଏଥିରେ ପୋଲିସର ଭୂମିକା ସନ୍ଦେହ ସୃଷ୍ଟି କରିଛି। ଗାଡି ଦୁର୍ଘଟଣାଗ୍ରସ୍ତ ହେବା ପରେ ତାହାକୁ ଜବତ କରି ପୋଲିସ ଥାନାକୁ ନେବା କଥା। ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ପ୍ରଥମେ ଗାଡି ଓ ଚାଳକଙ୍କ ସମସ୍ତ କାଗଜପତ୍ର ଠିକ୍ ଅଛି କି ନାହିଁ ତାହା ଯାଞ୍ଚ କରିବା କଥା। ହେଲେ ପୋଲିସ ଏ ସବୁ ଦିଗକୁ ଆଡ ଆଖି କରି ଦେଇଥିବା ଜଣାପଡୁଛି। ଅବଶ୍ୟ ଏହା ପଛରେ ନିଶ୍ଚୟ ପୋଲିସର ପକେଟ ଓଜନିଆ ହୋଇଥିବ ସ୍ପଷ୍ଟ ହେଉଛି। ଅନ୍ୟପକ୍ଷେ ଏହି ପିଆଜ କେଉଁଠାରୁ କେଉଁଠାକୁ ଯାଉଥିଲା, ଟ୍ରକ୍‌ରେ କେତେ ପରିମାଣର ପିଆଜ ଥିଲା ସେ ସବୁ ଉପରେ ବାରମ୍ବାର ପଚାରିବା ସତ୍ତ୍ୱେ ମଧ ପୋଲିସ କିଛି କହି ନ ଥିଲା। ସନ୍ଦେହ ସୃଷ୍ଟି ହେଉଛି ଯେ, ପୋଲିସ କ'ଣ ପାଇଁ ସୂଚନା ଦେବାକୁ ନାରାଜ ହେଉଛି। ଏଣୁ ପୋଲିସର ସ୍ୱଚ୍ଛତା ପ୍ରତି ମଧ ପ୍ରଶ୍ନ ଉଠିଛି। ବର୍ତ୍ତମାନ ରାଜ୍ୟରେ ପିଆଜ ଦର ଶହେ ଟଙ୍କା ଉପରେ ରହିଛି। ଏଣୁ ଏହା ଚୋରା ଚାଲାଣ କରା ଯାଉ ନ ଥିଲା ତ ତାହା ମଧ ସନ୍ଦେହ ଆଣିଛି। ତେବେ ଘଟଣା ସମ୍ପର୍କରେ ବିନିକା ଥାନା ଅଧିକାରୀ କୁଶ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କିଛି ଜାଣି ନାହାନ୍ତି। ମହାଦେବପାଲି ଫାଣ୍ଡି ଅଧିକାରୀ ବସନ୍ତ ରଥ କେବଳ ଏକ ପିଆଜ ବୋଝେଇ ଟ୍ରକ୍ ରାସ୍ତା କଡ଼ରେ ଫସି ଯାଇଥିବା ବିଷୟରେ ସୂଚନା ଦେଇଥିଲେ ବୋଲି କହିଛନ୍ତି। ହେଲେ ମହାଦେବପାଲି ଫାଣ୍ଡି ଅଧିକାରୀଙ୍କ ସହ ଫୋନ୍ ଦ୍ୱାରା ବାରମ୍ବାର ଯୋଗାଯୋଗ କରିବା ସତ୍ତ୍ୱେ ସେ ଫୋନ୍ ରିସିଭ୍ କରି ନ ଥିଲେ। ଅନ୍ୟପକ୍ଷେ ଏସ୍‌ଡିପିଓ ମିହିର ପଣ୍ଡାଙ୍କୁ ପଚାରିବାରୁ ବିନିକା ଥାନା ଆଇଆଇସି ହିଁ ସୂଚନା ଦେବେ ବୋଲି କହିଥିଲେ।



ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଖସି ପଡିଥିବା ପିଆଜ ବୋଝେଇ ଟ୍ରକ୍।

ସୁବର୍ଣ୍ଣପୁର ଜିଲା ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟିତ

# ନିୟମିତ ଅଭ୍ୟାସ କରି କୃତିତ୍ୱ ହାସଲ ପାଇଁ କ୍ରୀଡାବିତ୍‌ଙ୍କୁ ପରାମର୍ଶ

**ସୋନପୁର,୨୦।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ପଡିଆରେ ୨୪ ତମ ବାର୍ଷିକ ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଜିଲାପାଳ ମୋନିଷା ବାନାର୍ଜୀ ପତାକା ଉତ୍ତୋଳନ କରି ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ନିୟମିତ ଅଭ୍ୟାସ କରି କୃତିତ୍ୱ ହାସଲ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । କଟକସ୍ଥିତ ଶାରୀରିକ ଶିକ୍ଷା ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ଆଥଲେଟିକ ଆସୋସିଏସନର ଉପସଭାପତି ଚିତ୍ତରଞ୍ଜନ ତରାସିଆ ସଭାରେ ସଂଯୋଜନା କରିଥିଲେ । ସାଧାରଣ ସମ୍ପାଦକ ପୀୟୁଷ କୁମାର ପଣ୍ଡା ବିବରଣୀ ପାଠ କରିଥିଲେ । କ୍ରୀଡା ସଂଘ ପୁନର୍ଗଠିତ ହେବା ପରେ ଦୀର୍ଘ ବର୍ଷ ପରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଜିଲାର ୬ଟି ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କ୍ଲବ ଗୁଡିକରୁ ମୋଟ ୩୪୨ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ଦିନରେ ୧୪ ବର୍ଷ, ୧୫ ବର୍ଷ, ୧୮ ବର୍ଷ ଓ ୨୦ ବର୍ଷ ମହିଳା ଏବଂ ପୁରୁଷ ବର୍ଗରେ ମୋଟ ୭୨ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା । ଶନିବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ । କୃତି ପ୍ରତିଯୋଗୀମାନେ ଆସନ୍ତା ୨୮, ୨୯ ଓ ୩୦ ତାରିଖରେ କଟକ ବାରବାଟି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଆଥ୍‌ଲେଟିକ୍ ମିଟ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ। ଏହି ପ୍ରତିଯୋଗିତାକୁ କଲିମ ମହମ୍ମଦ, ଆଦିତ୍ୟ କିଶୋର ଦାନୀ, ରଘୁନାଥ ଥନାପତି ଓ କ୍ରୀଡା ଶିକ୍ଷକମାନେ ପରିଚାଳନା କରିଥିଲେ । କ୍ରୀଡାବିତ୍ ଗୋରେଖନାଥ ସାହୁ, ଲକ୍ଷ୍ମୀନାରାୟଣ ମେହେର, ଭଲିବଲ ସମ୍ପାଦକ ପୁରୁଷୋତ୍ତମ ସମ୍ପାଦକ, ନନ୍ଦ କିଶୋର ତ୍ରିପାଠୀ, କ୍ରୀଡା ସଂଘର କାର୍ଯ୍ୟକାରୀ କମିଟି ସଭ୍ୟ କଇରୁ ସ୍ୱାଇଁ, ଗୌରିଶ୍ୟାମ ପଣ୍ଡା, ସତ୍ୟନାରାୟଣ ରାଓ, କମଳାକାନ୍ତ ସାହୁ, ଭକ୍ତି ରଞ୍ଜନ ଦଳେଇ ଓ କୋଷାଧକ୍ଷ ସୁବାସ ବିଶ୍ୱାଳ ପ୍ରମୁଖ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ।



ସୁବର୍ଣ୍ଣପୁର ଜିଲା ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ସମୟେ ସମୟେ ଯେଉଁ ଶକ୍ତି ବ୍ୟୟ ହୁଏ ତାହା ମହାଦୁଃଖଦାୟକ।
- ଆଇନଷ୍ଟାଇନ୍

# ବେଆଇନ କରତକଳ ଉଚ୍ଛେଦ କଲା ବନ ବିଭାଗ





ସମ୍ବଲପୁର ବଙ୍ଗାଳି ପଡାରେ ଥିବା ବେଆଇନ କରତକଳରୁ ଜବତ ହୋଇଥିବା ମୂଲ୍ୟବାନ କାଠ ।

- ୮ ଲକ୍ଷ ଟଙ୍କା ମୂଲ୍ୟର ଶାଗୁଆନ ଗଣ୍ଡି, ପଟା ଜବତ
- ଚଢ଼ାଉ ସୂଚନା ଲିକ୍ ହୋଇଥିବା ଚର୍ଚ୍ଚା

**ସମ୍ବଲପୁର,୨୦।୧୨(ବ୍ୟୁରୋ)**

ସମ୍ବଲପୁର ବନ ବିଭାଗ ପକ୍ଷରୁ ସ୍ଥାନୀୟ ବଙ୍ଗାଳିପଡାରେ ଥିବା ଏକ ବେଆଇନ କରତକଳ ଉପରେ ଚଢାଉ କରାଯାଇ ଶୁକ୍ରବାର ଭାଙ୍ଗି ଦିଆଯାଇଛି। କରତକଳରେ ଥିବା ଶାଗୁଆନ, ଶିଶୁ ଗଣ୍ଡି ସହ ପଟାକୁ ବନ ବିଭାଗ ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ୮ ଲକ୍ଷ ୫୦ ହଜାର ଟଙ୍କା ହେବ । ଏହା ସହ ବ୍ୟବହୃତ ମୋଟର ଓ ଅନ୍ୟାନ୍ୟ ଯନ୍ତ୍ରାଂଶର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ସୂଚନା ଦେଇଛି । ଏହି ଘଟଣାରେ କରତ କଳ ମାଲିକଙ୍କୁ ଗିରଫ କରାଯାଇନାହିଁ । ସରକାରୀ ଜମିରେ କରତକଳ ଥିବାରୁ ମାଲିକଙ୍କ ଠିକଣା ଜଣାପଡିନାହିଁ । ହେଲେ ଉକ୍ତ ଜମିରେ ବିଦ୍ୟୁତ ବିଭାଗ କିଭଳି ସଂଯୋଗ ଦେଇଥିଲା ସେନେଇ ରିପୋର୍ଟ ମଗାଯାଇଛି । କାହା ନାମରେ ବିଦ୍ୟୁତ୍ ସଂଯୋଗ ରହିଛି ସେନେଇ ତଦନ୍ତ ଜାରି ରହିବ ବୋଲି ସମ୍ବଲପୁର ଡିଏଫ୍‌ଓ ଡ. ସଞ୍ଜିତ କୁମାର କହିଛନ୍ତି

ଅନ୍ୟପଟେ ଚଢାଉ ପୂର୍ବରୁ କେହି କରତ କଳ ମାଲିକଙ୍କୁ ସୂଚନା ଦେଇଥିବାରୁ ସେ ବିଦ୍ୟୁତ୍‌ଚାଳିତ ମୋଟର ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଖୋଲି ଦେଇଥିଲେ ଓ ମୂଲ୍ୟବାନ ଶାଗୁଆନ କାଠ ଅନ୍ୟତ୍ର ଲୁଚାଇ ରଖିଥିଲେ । ହେଲେ ବନ ବିଭାଗ କର୍ମଚାରୀମାନେ ବିଭିନ୍ନ ସ୍ଥାନ ତନଖି କରିବା ପରେ ସବୁ ମିଳିଥିଲା। ଏହି କରତକଳ ଜଣେ ପୁରୁଣା କାଠ ମାଫିଆଙ୍କର ହୋଇଥିବାରୁ ବନ ବିଭାଗର କୌଣସି କର୍ମଚାରୀ ତାଙ୍କୁ ଆଗୁଆ ସୂଚନା ଦେଇଥିବା ଏଠାରେ ଚର୍ଚ୍ଚା ହେଉଛି । ଅନ୍ୟପକ୍ଷେ ଏତେ ପରିମାଣ କାଠଗଣ୍ଡି କେଉଁଠୁ ଆସିଲା ଓ କେମିତି ସହର ଭିତରକୁ ପ୍ରବେଶ କଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କେତେଜଣ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଏଥିରେ ସଂପୃକ୍ତି ଥିବା ଅଭିଯୋଗ ହେଉଛି ।

ସୂଚନାଯୋଗ୍ୟ, ଶୁକ୍ରବାର ସକାଳେ ଡିଏଫ୍‌ଓ ସଞ୍ଜିତ କୁମାରଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ ଓ ଭିଜିଲାନ୍ସ ବିଭାଗର ମୋଟ ୪୦ରୁ ଉର୍ଦ୍ଧ୍ୱ ଅଧିକାରୀ, କର୍ମଚାରୀ ସେହି କରତକଳରେ ଚଢ଼ାଉ କରିଥିଲେ। ଏସିଏଫ୍ ଲଳିତ ମୋହନ ପାତ୍ର, ଏସିଏଫ୍ ମଦନ ଲାଲ ଶର୍ମା, ଏସିଏଫ୍ ତେଜରାଜ ନାଏକ, ସଦର ରେଞ୍ଜର ଗୌରୀ ଦାସ, ଧମା ରେଞ୍ଜର ଆଲୋକ ଷଡଙ୍ଗୀ, ପଡିଆବାହାଲ ରେଞ୍ଜର ସୁରେଶ ମିର୍ଦ୍ଧା, ଟାଉନ ରେଞ୍ଜର ପ୍ରଭାକର ବେହେରା ପ୍ରମୁଖ ଏହି ଚଢ଼ାଉ ବେଳେ ଉପସ୍ଥିତ ଥିଲେ ।

## ଗିରିଶ ପଟେଲ ଭାଜପା ଜିଲା ସଭାପତି



ଗିରିଶ ପଟେଲ

**ସମ୍ବଲପୁର, ୨୦।୧୨ (ବ୍ୟୁରୋ)**

ଭାଜପା ଜିଲା ସଭାପତି ଭାବେ ପୁରୁଖା ନେତା ଗିରିଶ ପଟେଲ ନିର୍ବାଚିତ ହୋଇଛନ୍ତି । ସେ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଅଧ୍ୟକ୍ଷ ଓ ପୌର ପରିଷଦର ନଗରପାଳ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ନେତୃତ୍ୱରେ ଦଳ ଆହୁରି ଶକ୍ତିଶାଳୀ, ସୁଦୃଢ଼ ସଙ୍ଗଠିତ, ଚଳଚଞ୍ଚଳ ଓ ବିଭିନ୍ନ କାର୍ଯ୍ୟରେ ସଫଳତା ହାସଲ କରିବ ବୋଲି ନେତା ଓ କର୍ମୀମାନେ ଆଶା ବାନ୍ଧିଛନ୍ତି । ଶୁକ୍ରବାର ଏ ନେଇ ପ୍ରେସ ବିବୃତୀରେ ଭାଜପା କ୍ଷେତ୍ରୀୟ ପ୍ରବକ୍ତା ତଥା ଗଣମାଧ୍ୟମ ସଂଯୋଜକ ମାନସରଞ୍ଜନ ବକ୍ସି ଏହି ସୂଚନା ଦେଇଛନ୍ତି ।

## ଆଜି କ'ଣ କେଉଁଠି

### ଗାନ୍ଧୀ କାହିଁକି ମହାତ୍ମା ପୁସ୍ତକ ଉନ୍ମୋଚିତ

ସମ୍ବଲପୁର, ୨୦।୧୨ (ବ୍ୟୁରୋ): ସେତୁ ପକ୍ଷରୁ ଗାନ୍ଧୀ କାହିଁକି ପୁସ୍ତକ ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାରଠାରେ ଉନ୍ମୋଚିତ ହୋଇଯାଇଛି । ପ୍ରଫେସର କେଦାରନାଥ ବେହେରାଙ୍କ ସଭାପତିତ୍ୱ ଉତ୍ସବ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ପ୍ରଫେସର ସୁଦର୍ଶନ ପୂଜାରୀ ସମ୍ମାନିତ ଅତିଥି ଥିଲେ। ପୁସ୍ତକର ଲେଖକ ରାମାନୁଜ ପଣ୍ଡା ସୂଚନା ପ୍ରଦାନ ଓ ଡ. ସନ୍ତୋଷ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ହୃଶୀକେଷ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶିକ୍ଷାବିତ୍‌ଙ୍କ ବିୟୋଗରେ ଶୋକ

ସମ୍ବଲପୁର, ୨୦।୧୨ (ବ୍ୟୁରୋ) ଶିକ୍ଷାବିତ ତନୁଚନ୍ଦ୍ର ପ୍ରଧାନଙ୍କ ବିୟୋଗରେ ସମ୍ବଲପୁର କୁଳୁଥକାନୀ ନାଗରିକ କମିଟି ଶୋକ ପ୍ରକାଶ କରିଛି। ବଦ୍ରିନାରାୟଣ ନାଥ ଶର୍ମାଙ୍କ ଅଧକ୍ଷତାରେ ଶୋକସଭା ହୋଇଥିଲା। ଧରଣୀଧର ପ୍ରଧାନ, ଅରବିନ୍ଦ ନାୟକ, ରୁଦ୍ରଦେବ ପ୍ରଧାନ, ଅନୀଲ କୁମାର ତ୍ରିପାଠୀ, କାଶିନାଥ ପ୍ରଧାନ, ଉଦିତ ଚନ୍ଦ୍ର ପାଙ୍ଗଯୋଶୀ, ସୁରେନ୍ଦ୍ର ମୋହନ ପୁରୋହିତ, ହରିଶଙ୍କର ନାୟକ, ପୂର୍ଣ୍ଣଚନ୍ଦ୍ର ପୁରୋହିତ, କିଶୋର କୁମାର ମିଶ୍ର, ଅରୁପ କୁମାର ସିଂଦେଓ, ନଳୀନକାନ୍ତ ନାଥ ପ୍ରମୁଖ ଯୋଗଦେଇ ତନୁଚନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ । ସୂଚନାଯୋଗ୍ୟ ଯେ, ଦୀର୍ଘ ଦିନ ହେବ ଅସୁସ୍ଥତା ଯୋଗୁ ତନୁଚନ୍ଦ୍ର ଗତ ୧୮ ତାରିଖ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିଲା । ମୃତ ଶର୍ଯ୍ୟା ନିକଟରେ ପୁତ୍ରବୋଧୂ ଓ କନ୍ୟା ଉପସ୍ଥିତ ରହିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ ସମ୍ପନ୍ନ ହୋଇଛି । ଉଚ୍ଚ ମାଧମିକ ସ୍କୁଲର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ। ଏହାପରେ ସେ ସମ୍ବଲପୁର ଶିକ୍ଷା ଜିଲାର ଶିକ୍ଷା ନିରୀକ୍ଷକ ଭାବେ କାର୍ଯ୍ୟ କରି ଗତ ୫ବର୍ଷ ହେବ ଚାକିରୀରୁ ଅବସର ନେଇଥିଲେ ।

### ଜିଲା ଆଇନସେବା ପ୍ରାଧିକରଣ

**ମଧସ୍ଥତା କେନ୍ଦ୍ରରେ ମକଦ୍ଦମା ସମାଧାନ**

ସମ୍ବଲପୁର, ୨୦।୧୨ (ବ୍ୟୁରୋ): ଜିଲା ଆଇନ ସେବା ପ୍ରାଧିକରଣ ମଧସ୍ଥତା କେନ୍ଦ୍ରରେ ୩ଟି ମକୋଦ୍ଦମାର ଆପୋଷ ବୁଝାମଣା ଭିତ୍ତିରେ ଶୁକ୍ରବାର ସମାଧାନ ହୋଇଛି । ଆଇନଜୀବୀ ବିଜିତେନ୍ଦ୍ର ପ୍ରଧାନ, ରାଧେକୃଷ୍ଣ ସାହୁଙ୍କ ମଧସ୍ଥତାରେ ମାମଲା ଫଇସଲା ହୋଇଥିଲା । ପ୍ରାଧିକରଣ ସଚିବ ଲିଲି ସେନାପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ନୋଟିସ ମାଧମରେ ଡକାଯାଇ ସ୍ୱାମୀ ଓ ସ୍ତ୍ରୀ ମଧରେ ଦୀର୍ଘ ଦିନରୁ ଥିବା ମନୋମାଳିନ ଆପୋଷ ବୁଝାମଣା ମାଧମରେ ଫଇସଲା ହୋଇଥିଲା ।

### ଜବରଦଖଲ ସରକାରୀ ଜମି ଉଚ୍ଛେଦ ଦାବି

ସମ୍ବଲପୁର,୨୦।୧୨ (ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କଯ୍ୟାକୁଦ ପଞ୍ଚାୟତରେ ଏକ ସରକାରୀ ଜମିରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ହେଉଥିଲା। ଜଣେ ଅଯୋଗ୍ୟ ହିତଧିକାରୀଙ୍କୁ ଘର ପ୍ରଦାନ କରାଯାଇଥିଲା। ଏ ନେଇ ଅଭିଯୋଗ ହେବା ପରେ ବିଡିଓ ସରୋଜ ବିଶ୍ୱାଳ କାମ ବନ୍ଦ କରି ଦେଇଥିଲେ । ଏବେ ଉକ୍ତ ସରକାରୀ ଜମିକୁ ତହସିଲ ବିଭାଗ ପକ୍ଷରୁ ଜବରଦଖଳ ଉଚ୍ଛେଦ କରିବାକୁ ଦାବି ହେଉଛି। ଯୁଯୁମୁରା ଅଞ୍ଚଳବାସୀ ଯୁଯୁମୁରା ଅତିରିକ୍ତ ତହସିଲଦାର ରୀନା ନାଏକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ କ୍ରମେ ସରକାରୀ ଜମିରେ ମୂଲ୍ୟବାନ ଗଛ କାଟି ଘର ନିର୍ମାଣ କରାଯାଉଥିଲା। ଏବେ ପୁଣି ଘର କାମ ଆରମ୍ଭ ହୋଇଛି। ଜିଲାପାଳଙ୍କ ଜନ ଶୁଣାଣିରେ ଅଭିଯୋଗ ହୋଇଥିଲା । ଜିଲପାଳ ଶୁଭମ ସକସେନା ମଧ ଘରକୁ ଉଚ୍ଛେଦ କରାଯାଉ ଓ ପୁଣି ଥରେ ବୃକ୍ଷ ରୋପଣ କରାଯାଉ ବୋଲି ନିର୍ଦ୍ଦେଶ ଦେଇଥିଲେ। ୨ ମାସ ବିତି ଯାଇଥିଲେ ମଧ ତହସିଲ ପକ୍ଷରୁ ଉଚ୍ଛେଦ ପକ୍ରିୟା ଆରମ୍ଭ କରାଯାଉ ନାହିଁ । ଉକ୍ତ ଜମି ଚିହ୍ନଟ କରି ଉଚ୍ଛେଦ କରାଯାଉ ବୋଲି ସୁନିଲ ହର, କୃପାସିନ୍ଧୁ ମିର୍ଦ୍ଧା, ପ୍ରମୋଦ କୁମାର ବିଶ୍ୱାଳ, ହୃଦାନନ୍ଦ ପ୍ରଧାନ,ସତ୍ୟ ସାହୁ, ଶେଖର ଛୁରିଆ, ଧରଣୀ ନାଗ, ନୃସିଂହ ଦେହୁରୀ, ଜ୍ଞାନେନ୍ଦ୍ର ପ୍ରଧାନ, ବସନ୍ତ ମିର୍ଦ୍ଧା, ଅଶୋକ ପ୍ରଧାନ, ଟଙ୍କଧର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି ।

■ହିଣ୍ଡାଲକୋ ଶ୍ରମିକ ସଙ୍ଗଠନ ନିର୍ବାଚନ

# ଏଚଏମଏସ ବିଜୟୀ

**ସମ୍ବଲପୁର, ୨୦।୧୨ (ବ୍ୟୁରୋ)**

ହିଣ୍ଡାଲକୋ ଶିଳ୍ପ ସଂସ୍ଥା ବ୍ଲୁଫକ୍ସ ଶ୍ରମିକ ସଙ୍ଗଠନ ନିର୍ବାଚନରେ ଏଚଏମଏସ ସମର୍ଥୀତ ହୀରାକୁଦ ଏଫଆରପି ୱାକର୍ସ ଏମ୍ପ୍ଲୋଇଜ୍ ୟୁନିୟନ ବିଜୟୀ ହୋଇଛି। ସକାଳ ୮ଟାରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇଥିଲା। ୫ଟାରେ ଫଳାଫଳ ଘୋଷଣା କରାଯାଇଥିଲା । ବିଜୟୀ ଏଚଏମଏସ ୭୮ ପ୍ରତିଶତ ଭୋଟ ପାଇଥିବା ବେଳେ ପରାଜୟ ବରଣ କରିଥିବା ସଂଘ ବିଏମଏସ ୨୨ ପ୍ରତିଶତ ଭୋଟ ପାଇଥିଲା । ଏହାଦ୍ୱାରା ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ଶ୍ରମିକ ସଙ୍ଗଠନ ପ୍ରତ୍ୟେକ କାର୍ଯ୍ୟ ଏଚଏମଏସ ଦ୍ୱାରା ସମ୍ପାଦିତ ହେବ । ଏଚଏମଏସ ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତି, ଉପସଭାପତି ଗୋକୁଳ ମେହେର, ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ଦିଗାମ୍ବର ମହାନ୍ତି, ଆବାହକ ସଞ୍ଜିତ ମହାନ୍ତି, ନିଲମ ହୋତା ପ୍ରମୁଖ ବିଜୟୀ ସଙ୍ଗଠନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଙ୍ଗଠନ ବଳରାମ ଦାଶ, ସଞ୍ଜୀବ ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ, ରୂପେଶ ନାୟକ, ଶିବ ବେହେରା, ଶେଖ ଚାନ୍ଦ, ଆନନ୍ଦ ଧରୁଆ, ଦୁଯୋଧନ ମହାନ୍ତି, ପୂର୍ଣ୍ଣ ବିଶୋଇ, ତୁଷାର ନାଥ, ଲକ୍ଷ୍ମୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ରୋଟାରୀର ଅନ୍ତର୍ଜାତୀୟ ପ୍ରତିଭା ଶିବିର ରୈଳା

**ସମ୍ବଲପୁର, ୨୦।୧୨ (ବ୍ୟୁରୋ)**




ଶୁକ୍ରବାର ସମ୍ବଲପୁର ରୋଟାରୀ କ୍ଲବ ଗ୍ରେଟର୍ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ରୋଟାରୀ କ୍ଲବ ଅଫ ସମ୍ବଲପୁର ଗ୍ରେଟର ପକ୍ଷରୁ ୨୭ ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ପ୍ରଶିକ୍ଷଣ ଶିବିର ରୈଳାର ହେବ। ଏଥିରେ ସହରର ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ରମାନେ ଯୋଗଦେବେ। ଏହାକୁ ଦୃଷ୍ଟିରେ ରଖି ଶାସନସ୍ଥିତ ବୈଦିକ ଇଣ୍ଟର ନ୍ୟାଶନାଲ ସ୍କୁଲଠାରେ ପ୍ରସ୍ତୁତି କରାଯାଉଛି। ଶୁକ୍ରବାର ଭିଏସଏସ ମାର୍ଗସ୍ଥିତ ହରଜିତ ରେସିଡେନ୍ସି ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ଶିବିରର ଆୟୋଜକ ରୋଟାରୀ କ୍ଲବ ସମ୍ବଲପୁର ଗ୍ରେଟର ସଭାପତି ମହମ୍ମଦ ପରଭେଜ ଅଲ୍ଲୀ ଖାନ ଏହା କହିଛନ୍ତି । ସେ ଆହୁରି କହିଥିଲେ ଯେ, ୧୪ ରୁ ୧୮ ବର୍ଷ ପର୍ଯ୍ୟନ୍ତ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ପ୍ରତିଭା ନିର୍ମାଣ ଲାଗି ଅନ୍ତର୍ଜାତୀୟ ପ୍ରଶିକ୍ଷଣ ଶିବର ପରିକଳ୍ପନା କରାଯାଇଛି। ଏଥିରେ ରୋଟାରୀ କ୍ଲବର ୩୨୬୧ ଡିଷ୍ଟ୍ରିକ୍ଟ ଅନ୍ତର୍ଗତ ଓଡିଶା, ଛତିଶଗଡ, ମଧ୍ୟପ୍ରଦେଶ ସମେତ ଆମେରିକା, ବ୍ରାଜିଲ, ଆର୍ଜେଣ୍ଟିନା ଦେଶରୁ ଛାତ୍ରୀଛାତ୍ରମାନେ ଭାଗ ନେବେ। ୨୭ ତାରିଖ ଅପରାହ୍ନରେ ପ୍ରଶିକ୍ଷଣ ଶିବରର ଉଦ୍‌ଘାଟନୀ ଉତ୍ସବ ହେବ। ଏଥିରେ ଲୋକ ସଭା ଏମ୍‌ପି ତଥା କିଟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି, ଆଜତକ ଚ୍ୟାନେଲ (ତେଜ)ର ଏକଜ୍ୟୁକିଟିଭ ଡାଇରେକ୍ଟର ସଞ୍ଜୟ ସିହ୍ନା ବିଶିଷ୍ଟ ଅତିଥି, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେବେ । ୨୮ରେ ଡେବ୍ରିଗଡ ଶିବିରାର୍ଥୀମାନେ ପରିଦର୍ଶନ କରିବେ। ରିଙ୍କୁ ସାହୁ ଓ ପ୍ରମୋଦ ମହାପାତ୍ରଙ୍କ ସଂଯୋଜନାରେ ସମ୍ବଲପୁରୀ ଫେସନ ଶୋ ହେବ । ଖବରଦାତା ସମ୍ମିଳନୀରେ କ୍ଲବ ସମ୍ପାଦକ ବିଲାଲ ମଲ୍ଲିକ, ରୈଳାର ଡିଷ୍ଟ୍ରିକ୍ଟ ଉପଦେଷ୍ଟା ହରଜିତ ସିଂହ ହୁରା, ଡିଷ୍ଟ୍ରିକ୍ଟ ଚେୟାରମେନ ଆନନ୍ଦ ଅଗ୍ରୱାଲ, ସଂଯୋଜକ ରାଜକିଶୋର ଦାଶ, ରୈଳା ସମ୍ପାଦକ ଆନନ୍ଦ କୁମାର ମିଶ୍ର, ଭୋଲା ମହତମ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ ।

# ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସଫେଇ କାର୍ଯ୍ୟକ୍ରମ



ସମ୍ବଲପୁର ଗୋଲବଜାର ଛକସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସଫେଇ କରାଯାଉଛି ।

**ସମ୍ବଲପୁର, ୨୦।୧୨ (ବ୍ୟୁରୋ)**

ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସଫେଇ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମଞ୍ଚ କର୍ମକର୍ତ୍ତା ଓ ସଭ୍ୟମାନେ ସମ୍ବଲପୁର ସହରର ବିଭିନ୍ନ ଛକ, ପାର୍କ, ଶିକ୍ଷାନୁଷ୍ଠାନଗୁଡିକରେ ଥିବା ମହାତ୍ମା ଗାନ୍ଧୀ, ଶହୀଦ ଭଗତ ସିଂ, ସ୍ୱାଧୀନତା ସଂଗ୍ରାମୀ ବୀରସୁରେନ୍ଦ୍ର ସାଏ, ବୀର୍ସା ମୁଣ୍ଡା, ସ୍ୱଭାବ କବି ଗଙ୍ଗାଧର ମେହେର, ଚନ୍ଦ୍ରଶେଖର ବେହେରା, ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ଡା. ଜନାର୍ଦ୍ଦନ ପୂଜାରୀ, ଭାଗୀରଥି ପଟ୍ଟନାୟକ, ଜମ୍ବୁବତୀ ପଟ୍ଟନାୟକ, ରାଜଗୁରୁ, ଶୁକଦେବଙ୍କ ପ୍ରତିମୂର୍ତ୍ତି ସଫେଇ କରିଥିଲେ। ଯୁବ ସଂଯୋଜକ ଦେବାଶିଷ ବେହେରା, ଆବାହକ ଭବାନୀ ଭୋଇ, ଆଭାଷ ପଣ୍ଡା, ରାଜେଶ ସ୍ୱାଇଁ, ଅଭିଷେକ ମହାରଣା, ବାବୁଲୁ ବହିଦାର, ନିଶିକାନ୍ତ ବିଶ୍ୱାଳ, ଶଙ୍କର ମେହେର, ଆଦିତ୍ୟ ମହାନ୍ତି, ରାହୁଲ ଗୁପ୍ତା, ଲମ୍ବୋଦର ବଡ଼େଇ ପ୍ରମୁଖ ସାମିଲ ଥିଲେ ।

# ଭାଗୀରଥି ପଟ୍ଟନାୟକ ସ୍ମାରକୀ ବକ୍ତୃତାମାଳା

**ସମ୍ବଲପୁର, ୨୦।୧୨ (ବ୍ୟୁରୋ)**




ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷରେ ପ୍ରଫେସର ଶଙ୍କର ପ୍ରସାଦ ପତି ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ପଟ୍ଟନାୟକ ସ୍ମାରକୀ ବକ୍ତୃତାମାଳା ଶୁକ୍ରବାର ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସାମାଜିକ ବିଭାଗ ପ୍ରଫେସର ତତ୍ତ୍ୱମସୀ ପାଲଟା ସିଂ ବକ୍ତା ଭାବେ ଯୋଗଦେଇ ବାର୍ଦ୍ଧକ୍ୟ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ବିଶ୍ୱରେ ବାର୍ଦ୍ଧକ୍ୟ ଏକ ସମସ୍ୟା ଭାବେ ଦେଖାଦେଇଛି । ମୁଖ୍ୟତଃ ପୂର୍ବେ ଭାରତୀୟ ପରମ୍ପରାରେ ଯୌଥ ପରିବାର ଭାଙ୍ଗି ଯାଇଛି । ବୃଦ୍ଧ ମା'ବାପାଙ୍କୁ ଛାଡି ସନ୍ତାନମାନେ ଦୂରଦୂରାନ୍ତରେ ଚାକିରି କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ବୃଦ୍ଧାବୃଦ୍ଧମାନଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଆବଶ୍ୟକତା ରହିଛି । ଯଦ୍ୱାରା ସେମାନେ ସୁବିଧାରେ ସ୍ୱାସ୍ଥ୍ୟ ସମେତ ବିଭିନ୍ନ ସୁବିଧା ପାଇପାରିବେ । ସଭ୍ୟ ସଚିବ ରଘୁନାଥ ମିଶ୍ର ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲେ । ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ଷମତା ଏକ୍ସପ୍ରେସର ଦ୍ୱିତୀୟ ଦିବସ

### ବୁଢାପାଳ ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର

ଦେବଗଡ, ୨୦।୧୨ (ଡି.ଏନ.ଏ.)

ଜିଲାରେ କ୍ଷମତା ଏକ୍ସପ୍ରେସ ପରିକ୍ରମାରେ ଦ୍ୱିତୀୟ ଦିବସରେ ଶୁକ୍ରବାର ରିଆମାଳ ବ୍ଲକ ଅନ୍ତର୍ଗତ ବୁଢାପାଳ ଗ୍ରାମପଞ୍ଚାୟତଠାରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ୨୧୧ଜଣ ହିତାଧିକାରୀ ନିଜ ନିଜର ନାମ ପଞ୍ଜିକରଣ କରାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ପଞ୍ଜିକୃତ ହିତାଧିକାରୀମାନଙ୍କ ମଧ୍ୟରୁ ୭୫ଜଣ ଭିନ୍ନକ୍ଷମ, ୭୨ଜଣ ବରିଷ୍ଠ ନାଗରିକ ଏବଂ ୬୪ଜଣ ଅନ୍ୟାନ୍ୟ ଶ୍ରେଣୀର ହିତାଧିକାରୀ ଥିଲେ । ଡ. ଦେବରାଜ ପାଣିଗ୍ରାହୀ, ଶଙ୍କର ସ୍ୱାଇଁ, କମଳାକାନ୍ତ ବାରିକ, ଅବିନାଶ ସାହୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନଇ ଓ ସଂସ୍କାର ପ୍ରକଳ୍ପ ସଂଯୋଜକ ସେଖ୍ ସେଖାୱତ ଅଲିଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଆୟୋଜିତ ଶିବିରକୁ ସଫଳ କରିବାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଜିଲା ଏବଂ ବ୍ଲକସ୍ତରୀୟ କର୍ମକର୍ତ୍ତାମାନେ ସହାୟତା କରିଥିଲେ ।

■୪ ମାସ ହେଲା ଦରମା ମିଳିନି

# ପଥପ୍ରାନ୍ତ ସୁବିଧା କେନ୍ଦ୍ର କର୍ମଚାରୀଙ୍କ ଧାରଣା

**ସମ୍ବଲପୁର,୨୦।୧୨ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ଯାତ୍ରୀଙ୍କ ପାଇଁ ରାଜ୍ୟ ସରକାର ପୂର୍ତ୍ତ ବିଭାଗ ପକ୍ଷରୁ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଖୋଲା ଯାଇଛି। ଏହାର ପରିଚାଳନା ପାଇଁ ଟେଣ୍ଡର ପ୍ରକ୍ରିୟାରେ ଏକ ଠିକା ସଂସ୍ଥା ସମଗ୍ର ଓଡିଶାରେ ଦାୟିତ୍ୱ ନେଇଛି। ହେଲେ ଏଥିରେ କାମ କରୁଥିବା କର୍ମଚାରୀ ଓ ସୁରକ୍ଷା କର୍ମୀଙ୍କୁ ୪ ମାସ ହେଲା ଦରମା ମିଳି ନ ଥିବା ଅଭିଯୋଗ ହେଉଛି । ଏ ନେଇ ଅସନ୍ତୋଷ ହୋଇ ଚାରମାଲରେ ଥିବା କର୍ମଚାରୀମାନେ ଶୁକ୍ରବାର ପଥପ୍ରାନ୍ତ ସେବା କେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲେ । ସେମାନେ ଅଭିଯୋଗ କରିଥିଲେ ଯେ, ଦରମା ନ ମିଳିବାରୁ ଏବେ ପରିବାର ଚଲାଇବା କଷ୍ଟକର ହୋଇ ପଡିଛି । ଏଠି କାମ କରୁଥିବାରୁ ଅନ୍ୟ ସ୍ଥାନକୁ କାମ କରିବାକୁ ଯାଉ ହେଉନାହିଁ । ଠିକା କମ୍ପାନୀକୁ ଏ ନେଇ ଅଭିଯୋଗ କଲେ ବିଲ ହୋଇ ନାହିଁ । ହାତରୁ ୨ ମାସ ଦରମା ଦେଇଛି । ବିଲ ପାଇଁ ଚେଷ୍ଟା କରୁଛି ଶୀଘ୍ର ଦରମା ଦିଆଯିବ ବୋଲି କହୁଛନ୍ତି। ହେଲେ ଅନ୍ୟ ଲୋକଙ୍କୁ ସେବା ଓ ସୁରକ୍ଷା ଯୋଗାଇବା କାମ କରୁଛୁ । ହେଲେ ଆମର ପରିବାରଙ୍କ ଦୁଃଖ କିଏ ବୁଝିବ ବୋଲି ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହି ଯନ୍ତ୍ରୀ ବିଜୟ କୁମାର ମହାନ୍ତି କହିଛନ୍ତ ଯେ, ଠିକା କମ୍ପାନୀ ଦ୍ୱାରା ପରିଚାଳିତ ହେଉଛି। ବିଭାଗ ପକ୍ଷରୁ ପ୍ରତ୍ୟକ ମାସରେ ଠିକା କମ୍ପାନୀକୁ ଟଙ୍କା ଦିଆଯାଉଛି । ହେଲେ କର୍ମଚାରୀଙ୍କୁ ଦରମା ନ ଦେବା ଉପରେ ଅଭିଯୋଗ ଆସି ନ ଥିଲା । କେମିତି ଦରମା ପାଇବେ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ସୂଚନା ଯୋଗ୍ୟଯେ, ୨୦୧୮ରେ ଚାରମାଲ ସମେତ ଧମା ଓ ରେଙ୍ଗାଲିରେ ଏକ ପଥପ୍ରାନ୍ତ ସେବା କେନ୍ଦ୍ର ଉଦଘାଟନ ହୋଇଥିଲା । ଚାରମାଲରେ ବର୍ତ୍ତମାନ ସୁରକ୍ଷା ଓ ଠିକାକର୍ମଚାରୀ ମୋଟ ୧୨ ଜଣ କର୍ମଚାରୀ କାମ କରୁଛନ୍ତି। ଅନ୍ୟ କେନ୍ଦ୍ରରେ ମଧ ସେହିଭଳି କର୍ମଚାରୀ କାମ କରୁଛନ୍ତି । ସେମାନଙ୍କ ଦରମା ଟଙ୍କା ମିଳି ନ ଥିବା ଅଭିଯୋଗ ହୋଇଛି।



ଚାରମାଲ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ କର୍ମଚାରୀମାନେ ଧାରଣା ଦେଇଛନ୍ତି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ସଙ୍କଟାପନ୍ନ ଅବସ୍ଥାରେ ୪୮ କିଡ୍‌ନୀ ରୋଗୀ

**କଟକ ଅଫିସ,୨୦।୧୨**

କଟକ ଏସ୍‌ସିବି ମେଡିକାଲରେ ୪୮ ଜଣ କିଡ୍‌ନୀ ରୋଗୀଙ୍କ ଡାୟାଲିସିସ କରାଯାଉଛି। ମାତ୍ର ଡାୟାଲିସିସ୍ ପାଇଁ ଆବଶ୍ୟକ ଫ୍ଲୁଇଡ୍ ଏବେ ଏସ୍‌ସିବି ମେଡିକାଲରେ ମାଗଣାରେ ମିଳୁନି। ଅନ୍ୟପକ୍ଷରେ ସରକାରଙ୍କ ସହିତ ସହବନ୍ଧିତ ହୋଇଥିବା ଔଷଧ ଦୋକାନ ଡାୟାଲିସିସ୍ ଫ୍ଲୁଇଡ୍ ଦେବାକୁ ରୋକ୍‌ଠୋକ୍ ମନା କରିଦେଉଛି। କାରଣ ସରକାରଙ୍କ ଉପରେ ଦୋକାନଗୁଡ଼ିକର ପ୍ରାୟ ୩୦ କୋଟି ଟଙ୍କା ବାକି ପଡ଼ିଛି। ସରକାର ଟଙ୍କା ଦେଉନାହାନ୍ତି, ଆମେ କେଉଁଠୁ ଆଣି ତୁମକୁ ଦେବୁ ବୋଲି ଦୋକାନ ମାଲିକମାନେ ରୋଗୀଙ୍କୁ ଉତ୍ତର ଦେଉଛନ୍ତି। ୬ ମାସ ହେବ ଏଭଳି ଅବସ୍ଥା ଲାଗି ରହିଛି। ଫ୍ଲୁଇଡ୍‌ର ଦାମ ୨୦ରୁ ୨୫ହଜାର ଟଙ୍କା। ପ୍ରତି ମାସରେ ଏତେ ଟଙ୍କା ଯୋଗାଡ଼ କରି ଫ୍ଲୁଇଡ୍ କିଣିବା ସମ୍ଭବ ହେଉନି ବୋଲି ରୋଗୀଙ୍କ ସମ୍ପର୍କୀୟମାନେ କହିଛନ୍ତି। ଗୁରୁବାର ସନ୍ଧ୍ୟାରେ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ ଚାମ୍ବର ଆଗରେ ଭୁବନେଶ୍ୱରରୁ ଆସିଥିବା ଦୀପକ ମହାପାତ୍ର, ଜଗତ୍‌ସିଂହପୁରରୁ ଆସିଥିବା ଶୁଭସ୍ମିତା ନାୟକ, ବାଲୁଗାଁ ଅଞ୍ଚଳରୁ ଆସିଥିବା ମଞ୍ଜୁଲତା ଜେନା, ବରଗଡ଼ରୁ ଆସିଥିବା ରାହୁଲ ଦାସ ଓ କେନ୍ଦ୍ରାପଡ଼ାରୁ ଆସିଥିବା ରାଜୀବ ଗିରିଙ୍କ ଭଳି ରୋଗୀ ଓ ରୋଗୀ ସମ୍ପର୍କୀୟମାନେ ଏହିଭଳି କଥା କହୁଥାନ୍ତି। ରୋଗୀମାନଙ୍କ ଦସ୍ତଖତ ସମ୍ବଳିତ ଏକ ଦରଖାସ୍ତ ଏମାନେ ଅଧୀକ୍ଷକଙ୍କୁ ଦେଇଥିଲେ। ଏମାନଙ୍କୁ ମିଶାଇ ୪୮ ଜଣ ରୋଗୀ ମେଡିକାଲର ନେଫ୍ରୋଲୋଜି ବିଭାଗରେ ଦୟନୀୟ ଅବସ୍ଥାରେ ପଡ଼ିଛନ୍ତି।

୮ ବର୍ଷର ପୁଅକୁ ନେଇ ଆସିଥିବା ବାଲୁଗାଁ ଅଞ୍ଚଳର ମଞ୍ଜୁଲତା ଜେନା କୁହନ୍ତି, ଦିନକୁ ୩ ଥର ଡାୟାଲିସିସ୍ କରିବାକୁ ପଡୁଛି। ଏବେ ଡାୟାଲିସିସ୍ ଫ୍ଲୁଇଡ୍ ମିଳୁ ନ ଥିବାରୁ ହାତରୁ କିଣି ଥରେ କରିବା ବି ମୋ ପକ୍ଷରେ ସମ୍ଭବ ହେଉନାହିଁ। ପୁଅର ଗୋଡ଼, ହାତ ଫୁଲି ଗଲାଣି। ଭଗବାନ ହିଁ ମୋତେ ଭରସା। ସମାନ କଥା କହିଥିଲେ

**ଏସ୍‌ସିବି ମେଡିକାଲ**

■ ଡାୟାଲିସିସ୍ ପାଇଁ ମିଳୁନି ଫ୍ଲୁଇଡ୍



ଜଗତ୍‌ସିଂହପୁର ଅଞ୍ଚଳରୁ ୫୮ ବର୍ଷର ବାପାଙ୍କୁ ନେଇ ଆସିଥିବା ଶୁଭସ୍ମିତା ନାୟକ। ୬ ମାସ ହେବ ସହବନ୍ଧିତ ଔଷଧ ଦୋକାନ ତାଙ୍କୁ ଫ୍ଲୁଇଡ୍ ନ ଦେଇ ଫେରାଇ ଦେଉଛି। ବାପାଙ୍କ ଅବସ୍ଥା ସଙ୍କଟାପନ୍ନ ହେଲାଣି। ତଥାପି କେହି ଶୁଣୁନାହାନ୍ତି। ବରଗଡ଼ରୁ ଆସିଥିବା ରାହୁଲ ଦାସ କୁହନ୍ତି, ସରକାରଙ୍କ ମାଗଣା ଚିକିତ୍ସାର ବିକଳ ରୂପ ଏବେ ଆମେ ହିଁ ଭୋଗୁଛୁ।

ସୂଚନାଥାଉ କି, ଏହି ରୋଗୀମାନେ ପ୍ରତି ମାସରେ ଥରେ ମେଡିକାଲକୁ ଆସିଥାଆନ୍ତି। ୧ ମାସ ପାଇଁ ଫ୍ଲୁଇଡ୍ ଧରି ଘରକୁ ଯାଇଥାନ୍ତି। ଘରେ ଏମାନେ ଉକ୍ତ ଫ୍ଲୁଇଡ୍ ସାହାଯ୍ୟରେ ଡାୟାଲିସିସ୍ କରିଥାନ୍ତି। ଏହାକୁ ପେରିଟୋନିଆଲ ଡାୟାଲିସିସ୍ କୁହାଯାଏ। ମାତ୍ର ଏବେ ଫ୍ଲୁଇଡ ମିଳୁ ନ ଥିବାରୁ କିଏ ୬ ମାସ ହେବ ତ କିଏ ୪ ମାସ ହେବ ଏଭଳି ସଙ୍କଟାପନ୍ନ ସ୍ଥିତିରେ ପଡ଼ିଛନ୍ତି। ନେଫ୍ରୋଲୋଜି ବିଭାଗର ଜଣେ ଡାକ୍ତରଙ୍କ କହିବା ଅନୁଯାୟୀ, ଏହି ରୋଗୀମାନଙ୍କ ଅବସ୍ଥା ବାସ୍ତବରେ ଖରାପ ଆଡକୁ ଗଲାଣି। ତୁରନ୍ତ ସେମାନଙ୍କୁ ଫ୍ଲୁଇଡ୍ ଯୋଗାଇ ଦିଆ ନ ଗଲେ ଅବସ୍ଥା ସଙ୍କଟାପନ୍ନ ହେବା ଆଶଙ୍କା ପ୍ରକାଶ ପାଇଛି। ଡାକ୍ତର ଏ କଥା କହୁଥିବା ବେଳେ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଏଭଳି ସ୍ଥିତି ଲାଗି ରହିଛି। ଏହି ୬ ମାସ ମଧ୍ୟରେ କେତେଜଣ ରୋଗୀ ଫ୍ଲୁଇଡ୍ ନ ପାଇ ମୃତ୍ୟୁବରଣ କରିଛନ୍ତି, ତା'ର କୌଣସି ଠିକ୍ ହିସାବ ମେଡିକାଲ ପକ୍ଷରୁ ଦିଆଯାଉନାହିଁ। କିନ୍ତୁ ନେଫ୍ରୋଲୋଜି ବିଭାଗରେ ପ୍ରତି ସପ୍ତାହରେ ୩ରୁ ୪ ଜଣ ରୋଗୀଙ୍କ ମୃତ୍ୟୁ ଘଟୁଥିବାବେଳେ ପ୍ରତି ମାସରେ ୧୦ରୁ ୧୨ ଜଣ ରୋଗୀ ଆଖି ବୁଜୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପେରିଟୋନିଆଲ ଡାୟାଲିସିସ୍ ରୋଗୀ ବୋଲି ଜଣାପଡ଼ିଛି। ଗୋଟିଏ ପଟେ ରାଜ୍ୟରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏସ୍‌ସିବି ନେଫ୍ରୋଲୋଜି ଆଉଟଡୋରକୁ ପ୍ରତି ସପ୍ତାହରେ ୮୦ ଜଣ ରୋଗୀ ଆସୁଥିବାବେଳେ ଦିନକୁ ୧୫ରୁ ୨୦ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଦୈନିକ ଏହି ବିଭାଗରେ ୭୦ରୁ ୮୦ ଜଣ ରୋଗୀଙ୍କ ଡାୟାଲିସିସ୍ କରାଯାଉଥିବା ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଚିତ୍ତରଞ୍ଜନ କର କହିଛନ୍ତି। ଡାକ୍ତର କରଙ୍କ କହିବା ଅନୁଯାୟୀ, ଫ୍ଲୁଇଡ୍‌ଜନିତ ଅସୁବିଧା ଉପୁଜିଛି। କିନ୍ତୁ ଫ୍ଲୁଇଡ୍ ଯୋଗୁ କୌଣସି ରୋଗୀଙ୍କ ମୃତ୍ୟୁ ଘଟିନାହିଁ। ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସରୋଜ କୁମାର ସାହୁ କୁହନ୍ତି, ଫ୍ଲୁଇଡ ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଉଛି। ଖୁବ୍‌ଶୀଘ୍ର ଏହି ରୋଗୀମାନେ ଫ୍ଲୁଇଡ ପାଇଯିବେ।

# ସିଏଏକୁ ଛାତ୍ର କଂଗ୍ରେସର ବିରୋଧ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ):** ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ଶୁକ୍ରବାର ଭୁବନେଶ୍ୱରରେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ଭବନରୁ ଏହି ମଶାଲ ଶୋଭାଯାତ୍ରା ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ନିକଟରେ ପହଞ୍ଚିଥିଲା। ସେଠାରେ ଶତାଧିକ ଛାତ୍ର କଂଗ୍ରେସ କର୍ମୀ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ପ୍ରୀତମ ଦାସ, ନିରଞ୍ଜନ ଦାସ, ସୌମ୍ୟରଞ୍ଜନ ଜେନା ପ୍ରମୁଖ ଶତାଧିକ ଛାତ୍ର କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ।




ଛାତ୍ର କଂଗ୍ରେସ କର୍ମୀମାନେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

# ସିଏଏ ସମର୍ଥନରେ ଶୋଭାଯାତ୍ରା

**ଭୁବନେଶ୍ୱର, ୨୦।୧୨ (ବ୍ୟୁରୋ):** ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ଦେଶ ସାରା ଆନ୍ଦୋଳନର ନିଆଁ ଜଳୁଥିବାବେଳେ ଏହାକୁ କେତେକ ସଙ୍ଗଠନ ସମର୍ଥନ ଜଣାଇଛନ୍ତି। ଏହି ଆଇନକୁ ସମର୍ଥନ କରି ଶୁକ୍ରବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ବିଶାଳ ବାଇକ୍ ରାଲି କରାଯାଇଛି। ଏହି ରାଲିରେ ବିଭିନ୍ନ କଲେଜର ୩ଶହରୁ ଊର୍ଦ୍ଧ୍ୱ ଛାତ୍ର ସାମିଲ ହୋଇଥିଲେ। ସେମାନେ ବିରାଟ ତ୍ରିରଙ୍ଗା ଧରି ବିଭିନ୍ନ ସ୍ଲୋଗାନ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ବାଇକ ରାଲିରେ ବାହାରି ମାଷ୍ଟରକ୍ୟାଣ୍ଟିନରେ ପହଞ୍ଚିଥିଲେ। ଏନ୍ଆର୍‌ସିକୁ ଓଡ଼ିଶାରେ ଲାଗୁ କରାଯିବାକୁ ଛାତ୍ରମାନେ ଦାବି କରିଥିଲେ। ଏବିଭିପିର ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ଆନ୍ଦୋଳନରେ ରାଜ୍ୟ ସହସମ୍ପାଦକ ରତନ ଦିଗଲ, ରାଜ୍ୟ ସହସମ୍ପାଦିକା ଭୁବନେଶ୍ୱର ସମ୍ପାଦକ ସମ୍ବିତ ରାଉତ ଏବଂ ଅନ୍ୟମାନେ ଯୋଗଦେଇଥିଲେ। ସେହିପରି ସାମାଜିକ କର୍ମୀ ଓ ଯୁବବର୍ଗ ସିଏଏକୁ ସମର୍ଥନ କରି ରାମ ମନ୍ଦିରରୁ ମାଷ୍ଟର କ୍ୟାଣ୍ଟିନ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଆସିଥିଲେ। ସାମାଜିକ କର୍ମୀମାନେ କହିଛନ୍ତି, ସିଏଏ ଦେଶର ନାଗରିକଙ୍କ ଅଧିକାରକୁ ଛଡ଼ାଇ ନେବନାହିଁ। ଓଡ଼ିଶାରେ ଏନ୍ଆର୍‌ସି ଲାଗୁ ପାଇଁ ସେମାନେ ଦାବି କରିଛନ୍ତି।

**୭ମ ରାଜ୍ୟ ଟେଲି ପୁରସ୍କାର ଉତ୍ସବ**

# ଶ୍ରେଷ୍ଠ ଟେଲି ଚଳଚ୍ଚିତ୍ର 'ପେନ୍‌ସନ' ଓ 'ପାଇକ ବିଦ୍ରୋହ'



**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶୁକ୍ରବାର ଉତ୍କଳ ମଣ୍ଡପରେ ୭ମ ରାଜ୍ୟ ଟେଲି ପୁରସ୍କାର ଉତ୍ସବ-୨୦୧୮ ଅନୁଷ୍ଠିତ ହୋଇଯାଇଛି। 'ପେନ୍‌ସନ' ଓ 'ପାଇକ ବିଦ୍ରୋହ'କୁ 'ଶ୍ରେଷ୍ଠ ଟେଲି ଚଳଚ୍ଚିତ୍ର'ଭାବେ ପୁରସ୍କୃତ କରାଯାଇଛି। 'ପେନ୍‌ସନ' ପାଇଁ ପ୍ରଯୋଜକ ମାଥ୍ୟୁଜେନି ଜୋସେଫ୍ ଓ ଶିଲାକ୍ରିଷ୍ଣା ଶୁକ୍ଳା ଏବଂ 'ପାଇକ ବିଦ୍ରୋହ'ର ନିର୍ଦ୍ଦେଶକ ଅନୁଜ ତ୍ୟାଗୀ ଓ ନିଶ୍ଚୟ ରାଉତ ସମ୍ମାନିତ ହୋଇଛନ୍ତି। ସେହିପରି ପ୍ରଦ୍ୟୁମ୍ନ କୁମାର ଲେଙ୍କାଙ୍କ 'ରହିଛି ରହିବି ତୋରି ପାଇଁ'କୁ 'ଶ୍ରେଷ୍ଠ ଟେଲି ଧାରାବାହିକ' ଓ ଏହି ଧାରାବାହିକର ହରିଶ୍ ମହାନ୍ତିଙ୍କୁ 'ଶ୍ରେଷ୍ଠ ନିର୍ଦ୍ଦେଶକ' ଭାବେ ସମ୍ମାନିତ କରାଯାଇଛି। 'ପେନ୍‌ସନ' ପାଇଁ ଜୟନ୍ତ ସାନ୍ତ୍ରାଙ୍କୁ 'ଶ୍ରେଷ୍ଠ ଅଭିନେତା' ଏବଂ 'ରହିଛି ରହିବି ତୋରି ପାଇଁ'ର ସୋଫିଆ ସିକନ୍ଦର ଆଲାମ ଓ 'କମଲି'ର ସୋନାଲି ନାୟକଙ୍କୁ 'ଶ୍ରେଷ୍ଠ ଅଭିନେତ୍ରୀ' ସମ୍ମାନ ପ୍ରଦାନ କରାଯାଇଛି। ଟେଲି ଧାରାବାହିକ 'କମଲି'ର ମହମ୍ମଦ ବବଲୁଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ-ଅଭିନେତା', 'ରହିଛି ରହିବି ତୋରି ପାଇଁ'ର ପ୍ରିୟଙ୍କା ମହାପାତ୍ରଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ-ଅଭିନେତ୍ରୀ', 'ରୁପା ଜହ୍ନ'ର ଗୋପାଳ ଶର୍ମାଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ-ଖଳନାୟକ' ଓ 'ତୋ ପାଇଁ ମୁଁ'ର ନିର୍ଝରିଣୀ ମିଶ୍ରଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ-ଖଳନାୟିକା', କିଶୋର ରଥଙ୍କୁ 'ଶ୍ରେଷ୍ଠ କମେଡିଆନ୍', ସାଇସ୍ୱରୂପ ମିଶ୍ରଙ୍କୁ 'ଶ୍ରେଷ୍ଠ ଶିଶୁ କଳାକାର', 'ପେନ୍‌ସନ'ର ବିଶାଳ ପଟ୍ଟନାୟକଙ୍କୁ 'ଶ୍ରେଷ୍ଠ କାହାଣୀ', 'ରୁପା ଜହ୍ନ' ପାଇଁ ପ୍ରସନ୍ନ କରଙ୍କୁ 'ଶ୍ରେଷ୍ଠ ସଂଳାପ ଲେଖକ', ଆତ୍ମାନନ୍ଦ ନାୟକଙ୍କୁ 'ଶ୍ରେଷ୍ଠ ସ୍କ୍ରିନ୍ ପ୍ଲେ', 'ପାଇକ ବିଦ୍ରୋହ' ପାଇଁ ଆର୍ଚିତ୍ ଡି ରସ୍ତୋଗୀଙ୍କୁ 'ଶ୍ରେଷ୍ଠ ସମ୍ପାଦନା' ପୁରସ୍କାର ପ୍ରଦାନ କରାଯାଇଛି। ପ୍ରତାପ ରାଉତଙ୍କୁ 'ପାଇକ ବିଦ୍ରୋହ' ପାଇଁ 'ଶ୍ରେଷ୍ଠ ଫଟୋଗ୍ରାଫର୍', ସରୋଜ ପଟ୍ଟନାୟକଙ୍କୁ 'ଶ୍ରେଷ୍ଠ ସାଉଣ୍ଡ୍ ରେକର୍ଡିଷ୍ଟ'ଭାବେ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଟେଲି ଧାରାବାହିକ 'ପାଇକ ବିଦ୍ରୋହ' ପାଇଁ ଅକ୍ଷୟ କୁମାର ପରିଜାଙ୍କୁ 'ସ୍ୱତନ୍ତ୍ର ଜୁରି ଆୱାର୍ଡ', ଓଡ଼ିଶାର ଆଦିବାସୀ ଭାଷାରେ ନିର୍ମିତ 'କମଲି'ର ଚିନ୍ତାମଣି ବେହେରାଙ୍କୁ 'ଶ୍ରେଷ୍ଠ ଟେଲି ଫିଲ୍ମ' ଏବଂ 'ଗାନ୍ଧୀ ଆସୁଛନ୍ତି' ପାଇଁ ସୁନୀଲ କୁମାର ଦାସ 'ଶ୍ରେଷ୍ଠ ଶିକ୍ଷା ଭିତ୍ତିକ ଶିଶୁ ଟେଲି ଫିଲ୍ମ' ପୁରସ୍କାର ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଯୁଗ୍ମ ନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ, ଓଡ଼ିଶା ସଙ୍ଗୀତ ଏକାଡେମୀ ସଚିବ ବିଜୟ କୁମାର ଜେନା, ଡା. ଶୈଳେଶ୍ୱର ନନ୍ଦ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟ ଟେଲି ପୁରସ୍କାର ଜୁରି ଅଧ୍ୟକ୍ଷ ଡା. ଶୈଳେଶ୍ୱର ନନ୍ଦ, ସଦସ୍ୟ ଗବେଷକ ମନ୍ମଥ ଶତପଥୀ, ନୃତ୍ୟବିଦୂଷୀ ଡ. ସ୍ନେହପ୍ରଭା ସାମନ୍ତରାୟ, କଣ୍ଠଶିଳ୍ପୀ ଗୀତା ଦାସ, ସୁବାସ ଦାସ ଓ ସିନେ ସାମ୍ବାଦିକ ଅଶୋକ ପାଳିତ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

**ଜିଲ୍ଲା ଚିଠି**



**ଯାଜପୁର**

# ଅନିଶ୍ଚିତତାରେ ୧୫୦୦ ଚାଷୀ

ଗତ ୨୮ତାରିଖରୁ ଯାଜପୁର ଜିଲାରେ ଖରିଫ ଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ଜିଲାର ବିଭିନ୍ନ ସ୍ଥାନରେ ଅମଳ ପୂର୍ଣ୍ଣମାତ୍ରାରେ ହୋଇ ନ ଥିବାରୁ ଧାନକିଣା ସେତେଟା ଅଗ୍ରଗତି ହୋଇନାହିଁ। ଚଳିତବର୍ଷ ଧାନ ବିକ୍ରିରେ ଚାଷୀ ଯେପରି କୌଣସି ପ୍ରକାର ଅସୁବିଧାର ଯେପରି ସମ୍ମୁଖୀନ ନ ହେବେ ସେଥିପାଇଁ ଯାଜପୁର ଜିଲା ପ୍ରଶାସନିକସ୍ତରରେ ସମସ୍ତ ପ୍ରଚେଷ୍ଟା କରାଯିବ ବୋଲି ପୂର୍ବରୁ କୁହାଯାଉଥିଲା। ହେଲେ କେତେକ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ଏବେସୁଦ୍ଧା ୧୫୦୦ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିପାରି ନ ଥିବା ଜଣାପଡ଼ିଛି। ଚାଷୀମାନେ ସେମାନଙ୍କ କଷ୍ଟୋପାର୍ଜିତ ଧାନ କେଉଁଠି ବିକ୍ରି କରିବେ ସେନେଇ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ଚଳିତବର୍ଷ ଜିଲାର ୧,୧୧,୦୬୧ ହେକ୍ଟର ଜମିରେ ଧାନଚାଷ କରାଯାଇ ମୋଟ ୨,୭୪,୧୮୬ ମେଟ୍ରିକ ଟନ୍(ଏମ୍‌ଟି) ଧାନ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ସେଥିରୁ ୮୦,୧୪୭.୦୫୮ ମେଟ୍ରିକ ଟନ୍ ଧାନ ସଂଗ୍ରହର ଲକ୍ଷ୍ୟ ରହିଥିବାବେଳେ ୫୪,୫୦୦ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ କରାଯିବ। ଏଥିରେ ୧୨୨ରୁ ୧୨୧ପ୍ୟାକ୍ସ ଅଂଶଗ୍ରହଣ କରୁଛନ୍ତି। ଚଳିତ ବର୍ଷ ୩୨,୪୭୪ ଜଣ ଚାଷୀ ଧାନ ବିକ୍ରି କରିବାକୁ ଅନ୍‌ଲାଇନରେ ପଞ୍ଜିକୃତ କରିଛନ୍ତି। ହେଲେ ୧୪ଟି ପ୍ୟାକ୍ସର ପ୍ରାୟ ୧୫୦୦ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଏଥିରେ ଯାଜପୁର ବ୍ଲକ ବେରୁଦା ଏବଂ ଦଶରଥପୁର ବ୍ଲକ ତଳିହା, ଅପରପଡ଼ା ଓ ପାଲଟପୁର ପ୍ୟାକ୍ସର ଅଧିକାଂଶ ଚାଷୀ ରହିଛନ୍ତି। ଧାନ ଅମଳ କରିବା ପରେ ପଞ୍ଜୀକରଣରୁ ବଞ୍ଚିତ ଚାଷୀମାନେ ପ୍ୟାକ୍ସରେ ଆଉ ଧାନ ବିକ୍ରି କରିପାରିବେ ନାହିଁ। ଫଳରେ ସରକାରଙ୍କ ଧାର୍ଯ୍ୟ ଦର ପାଇବାରୁ ସେମାନେ ବଞ୍ଚିତ ହେବା ନିଶ୍ଚିତ ହୋଇଛି। ପଞ୍ଜୀକରଣ ଦାୟିତ୍ୱରେ ଥିବା ସମ୍ପୃକ୍ତ ପ୍ୟାକ୍ସର ସମ୍ପାଦକଙ୍କ ଅବହେଳା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ପଞ୍ଜୀକରଣରୁ ବାଦ୍ ପଡିଥିବା ଚାଷୀମାନେ ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ ହେଉଥିଲେ ହେଁ କିଛି ସୁଫଳ ମିଳୁନାହିଁ। ଅନ୍ୟପକ୍ଷେ ସମ୍ପୃକ୍ତ ପ୍ୟାକ୍ସ ସମ୍ପାଦକମାନେ ନେଟ୍ ସାଇଡ ସମସ୍ୟା, ସର୍ଭର ଡାଉନ ଆଦି ଯୋଗୁ ନିର୍ଦ୍ଧାରିତ ସମୟରେ ଚାଷୀ ପଞ୍ଜୀକରଣ ସମ୍ପନ୍ନ ହୋଇପାରି ନ ଥିବା ଦର୍ଶାଉଛନ୍ତି। ଏଭଳି ସ୍ଥିତିରେ ପଞ୍ଜୀକରଣରୁ ବାଦ୍ ପଡିଥିବା ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବାନେଇ ଆଶଙ୍କା ଦେଖା ଦେଇଛି। ମୁହଁରେ ଚାଷୀଙ୍କ କଥା କହି ସରକାର ଯୋଗାଣ ବିଭାଗ, ମିଲ୍ ମାଲିକ ଓ ବ୍ୟବସାୟୀଙ୍କ ହିତରେ କାର୍ଯ୍ୟ କରୁଥିବା ମନେହେଉଛି। ଏହି କାରଣରୁ ହତୋତ୍ସାହିତ ହୋଇ ଶେଷରେ ଜୀବନଜୀବିକା ପାଇଁ ଚାଷୀ ନିଜ ଭିଟାମାଟି ଛାଡ଼ିବାକୁ ବାଧ୍ୟ ହେଉଛନ୍ତି।

– ହର୍ଷବର୍ଦ୍ଧନ ବେହେରା

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

INTERNATIONAL POTATO CENTRE (CIP)
307 on 3rd floor at Utkal Signature, N.H Pahal, BHUBANESWAR
POSITION ANNOUNCEMENT
INTERNATIONAL POTATO CENTRE (CIP) is The International Potato Center (CIP) is seeking a dynamic and responsible Administrative Assistant II to provide overall admin support to our staff based in Odisha.
Applications: Applicants should apply online through our CIP's Job Opportunities website (http://cipotato.org/open-vacancies/), including a letter of motivation, a full C.V. professional qualifications and work experience. Screening of applications will begin on December 26, 2019. Walk-in-interview on 28th December 2019 at 307, on 3rd Floor, Utkal Signature, N.H Pahal, Bhubaneswar time 10:00am. to 2:00pm. and will continue until the post is filled. All applications will be acknowledged; only short-listed candidates will be contacted.

OFFICE OF THE PRINCIPAL
INSTITUTE OF MANAGEMENT & INFORMATION TECHNOLOGY
(A Constituent College of BPUT, Odisha)
BOSE CAMPUS, PO - SCB MEDICAL COLLEGE CAMPUS, CUTTACK - 753007
No. 1795, Date. 20.12.2019
WALK IN INTERVIEW
The Walk-in-Interview for engagement of Faculties on contractual basis for MBA Programme of the Institute will be held on 30.12.2019 at 10.00 AM. The details regarding reporting date and time, qualification, monthly remuneration and documents to be submitted during Interview is available in the college website : www.imit.ac.in.
The authority reserves the right to cancel the above Walk-in-Interview without assigning any reason thereof.
N.B. : No TA/DA will be paid to the candidates for attending the interview.
PRINCIPAL
IMIT, Cuttack

ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସଂଶାଧନ ପ୍ରବନ୍ଧନ ବିଭାଗ
ପଣ୍ଡିତ ଜୱାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର-751001, ଓଡ଼ିଶା
ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ବିଶିଷ୍ଟ ଠିକା ଚିକିତ୍ସା ପରାମର୍ଶଦାତାଙ୍କ ନିଯୋଜନ
ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଭୁବନେଶ୍ୱର ସ୍ଥିତ ଔଷଧାଳୟ ଗୁଡିକ ପାଇଁ ଭାରତୀୟ ମେଡିକାଲ କାଉନସିଲ ଦ୍ୱାରା ମାନ୍ୟତା ପ୍ରାପ୍ତ ଯେ କୌଣସି ବିଶ୍ୱବିଦ୍ୟାଳୟର ଦୁଇ ବର୍ଷର ଅଭିଜ୍ଞତା ଥିବା ମେଡିକାଲ ସ୍ନାତକ ମାନଙ୍କର ଓ ବି ସି (1)ଏବଂ ଅସଂରକ୍ଷିତ (2) ବର୍ଗ ର ତିନୋଟି ଅଂଶକାଳିକ ଠିକା ଚିକିତ୍ସା ପରାମର୍ଶଦାତା ପଦ ପାଇଁ ପ୍ୟାନେଲ ପ୍ରସ୍ତୁତ କରିବାକୁ ଆବେଦନ ପତ୍ର ଆହ୍ୱାନ କରୁଛି । ଏଥିନିମନ୍ତେ ଆବଶ୍ୟକୀୟ ଆବେଦନ ପତ୍ର, ସର୍ତ୍ତ ଓ ନିୟମାବଳୀର ବିଶଦ ବିବରଣୀ ବ୍ୟାଙ୍କର ୱେବସାଇଟ (www.rbi.org.in) ରେ ଉପଲବ୍ଧ ଅଛି । ବ୍ୟାଙ୍କର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟ ରେ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ଜାନୁଆରୀ 10, 2020।
ବି.ଦ୍ର : ଉପରୋକ୍ତ ବିଜ୍ଞାପନ ସମ୍ବନ୍ଧିତ ଯେ କୌଣସି ସଂଶୋଧିତ ସୂଚନା କେବଳ ବ୍ୟାଙ୍କର ୱେବସାଇଟ ରେ ପ୍ରକାଶିତ ହେବ।
କ୍ଷେତ୍ରୀୟ ନିର୍ଦ୍ଦେଶକଙ୍କ ଆଦେଶାନୁସାରେ

COLOR CLASSIFIED DISPLAY
on Every Tuesday and Friday

OFFICIALLY STAFF IMMEDIATELY REQUIRES
For BBSR, Cuttack, Puri, Berhampur.
Qualification: 10th above.
Salary upto 25,000/-
M: 9938699963

URGENTLY REQUIRED
OMM SHANTI +2 Science College, Pipili, Puri requires Residential Lecturers in Sanskrit, Botany and Mathematics.
Date of Interview: 24.12.19(Tuesday)
Contact:
8249297563, 9778888868

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

ମହିଳା ରୋଷେୟା ଆବଶ୍ୟକ
ଘରୋଇ କାମ କରିବା ପାଇଁ ମହିଳା ରୋଷେୟା ଆବଶ୍ୟକ। ଯୋଗାଯୋଗ କରନ୍ତୁ:
Ph : 8763531752, 0674-7107783, 9937089530.

REQUIRED
Required Sales Consultant, Electrician, Accounts Executive, Driver, Peon, used car Sales Manager, Dentor, Technician & Parts Manager for a 4 wheeler dealership call : 9968334410, Mail id: edp.bhubaneswar@renault-india.com, siddharth9909@gmail.com

TRAVELLER
ଚଳାଇବା ପାଇଁ ଅଭିଜ୍ଞ ଡ୍ରାଇଭର ଆବଶ୍ୟକ। ଆକର୍ଷଣୀୟ ଦରମା ସହିତ ଭୁବନେଶ୍ୱରରେ ରହିବା ପାଇଁ ସୁବିଧା ଯୋଗାଇ ଦିଆଯିବ।
ଯୋଗାଯୋଗ: 9338813262
8249873769

ହେଵି ଲାଇସେନ୍ସ/ଅଭିଜ୍ଞତା ଥିବା ଅଶୋକ ଲେଲାଣ୍ଡ ୪ ଚକା/୬ ଚକା, ପିକ୍ଅପ୍/ଟ୍ରକ୍ ପାଇଁ ଡ୍ରାଇଭର-୩ ଜଣ, ଦରମା ୧୦/୧୮ ହଜାର, ଷ୍ଟୋର କିପର +2/ଗ୍ରାଜୁଏଟ୍ ସହ କମ୍ପ୍ୟୁଟର ଅଭିଜ୍ଞତା ଦରମା ୭/୧୦ ହଜାର, କମ୍ପାନୀ ଶ୍ରମିକ ୨ଜଣ ଶୀଘ୍ର ଆବଶ୍ୟକ। ରହିବା ସୁବିଧା ଅଛି।
ଯୋଗାଯୋଗ - 9040150146

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍, ହେଲ୍‌ପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଦର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

WALK-IN-INTERVIEW
BANABASI SEVA SAMITI, BALLIGUDA, DIST.- KANDHAMAL
Regd. No. 7695/594 of 1973-74, Dt.14.03.74
CHILDLINE-Kandhamal, the colab of Banabasi Seva Samiti (BSS), Balliguda at Kendupadar, Housing Board Colony, Phulbani needs for recruitment to below mentioned post on purely contractual & consolidated remuneration basis. Interested eligible candidates may attend Walk-in-Interview on dtd.29.12.2019 (Sunday) at 10.30AM along with their C.V. & Identity proof (See details web: banabasi.org) interview at Banabasi Seva Samiti Campus, Balliguda, Dist.- Kandhamal.
1. CENTRE COORDINATOR: (1) MSW with 1-2 yrs. experience and fluency in Odiya & English language skills-written & verbal & Computer knowledge: Hon. Rs.14,000/- P.M at present.
Contact No. 06846-243637, 8480257832
Sd./- Secretary

RSETI Rural Self Employment Training Institutes
Powering Rural Entrepreneurship
ୟୁକୋ ଗ୍ରାମ୍ୟ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ, ଅନୁଗୁଳ
ସା: ଜଗଦେବ ରୋଡ୍, ରାଜା ଛକ ନିକଟ, ବସ୍ ଷ୍ଟାଣ୍ଡ, ଅନୁଗୁଳ-୭୫୯୧୨୨,
ଫୋନ୍ ନଂ.: ୦୬୭୬୪-୨୩୪୧୨୫, ଇ-ମେଲ୍ ଆଇଡି: rseti.angul@ucobank.co.in
ନିଯୁକ୍ତି
ଏହି ଅନୁଷ୍ଠାନରେ ୧ ବର୍ଷ ପାଇଁ ଚୁକ୍ତି ଭିତ୍ତିକ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ସଫଳଭାବେ ଚୁକ୍ତି ଅବଧି ସମାପ୍ତି ପରେ ଏହା ନବୀକରଣ କରାଯାଇପାରେ।
ଅଫିସ ସହାୟକ - ୧ ପଦବୀ
ବୟସ : ତା.୩୧.୧୨.୨୦୧୯ରିଖ ସୁଦ୍ଧା ୨୨ ରୁ ୪୦ ବର୍ଷ
ଶିକ୍ଷାଗତ ଏବଂ ଅନ୍ୟାନ୍ୟ ଯୋଗ୍ୟତା:
। ପ୍ରାର୍ଥୀ ସ୍ନାତକ ଯଥା- ବିଏସ୍‌ଡବ୍ଲୁ / ବି.ଏ. / ବି.କମ୍ ସହିତ କମ୍ପ୍ୟୁଟର ଜ୍ଞାନ । ବେସିକ ଆକାଉଣ୍ଟିଙ୍ଗ ଜ୍ଞାନ ପ୍ରସନ୍ଦ ଯୋଗ୍ୟତା । ସ୍ଥାନୀୟ କଥିତ ଏବଂ ଲିଖିତ ଭାଷାରେ ପ୍ରବୀଣ ଥିବା ଆବଶ୍ୟକ । ପ୍ରାର୍ଥୀଙ୍କର ହିନ୍ଦୀ / ଓଡ଼ିଆ / ଇଂରାଜୀରେ ଦକ୍ଷତାକୁ ଅତିରିକ୍ତ ଯୋଗ୍ୟତା ଭାବେ ବିବେଚନା କରାଯିବ । ଏମ୍‌ଏସ୍ ଅଫିସ (ୱାର୍ଡ ଏବଂ ଏକ୍ସେଲ୍) ଟାଲି ଏବଂ ଇଣ୍ଟରନେଟ୍‌ରେ ଦକ୍ଷତା ଆବଶ୍ୟକ । ସ୍ଥାନୀୟ ଭାଷା (ଓଡ଼ିଆ)ରେ ଟାଇପିଂ ଦକ୍ଷତା ନିଶ୍ଚିତ ଆବଶ୍ୟକ । ଇଂରାଜୀରେ ଟାଇପିଂ ଦକ୍ଷତା ଅତିରିକ୍ତ ଯୋଗ୍ୟତା ଅଟେ।
ପ୍ରାର୍ଥୀଙ୍କର ଦରମା: ମାସିକ (ଟ. ୧୨,୦୦୦/-) ବାର ହଜାର ଟଙ୍କା
ଆବେଦନର ପ୍ରଣାଳୀ: ପ୍ରାର୍ଥୀମାନେ ଉପରୋକ୍ତ ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ସାଦା ବୟୋଡାଟା ଫର୍ମାଟରେ ଆବେଦନ କରିବା ସହିତ ସ୍ୱ-ହସ୍ତଖତ ଥିବା ସମସ୍ତ ଶିକ୍ଷାଗତ ଯୋଗ୍ୟତାର ଫଟୋ କପି ଉପରୋକ୍ତ ଠିକଣାରେ ପ୍ରେରଣ କରିପାରିବେ। ଉପରୋକ୍ତ ଠିକଣାରେ ଦରଖାସ୍ତ ପ୍ରାପ୍ତିର ଅନ୍ତିମ ତାରିଖ: ୩୧.୧୨.୨୦୧୯
ଚୟନ ପ୍ରକ୍ରିୟା: ଲିଖିତ ପରୀକ୍ଷା ଏବଂ ବ୍ୟକ୍ତିଗତ ସାକ୍ଷାତକାର ମାଧ୍ୟମରେ ଚୟନ କରାଯିବ।
ବି.ଦ୍ର.: ନୋଟିଫିକେସନ୍ ପ୍ରକ୍ରିୟାକୁ ଯେକୌଣସି ସମୟରେ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କର ରହିଛି।
ନିର୍ଦ୍ଦେଶକ

Wanted
Area Sales Manager
Attention all
ASM / RSM / NSM / ZSM
Are you in FMCG Ind. with 3 to 4 Years Experience in Channel Sales, who wants to become a Sales Partner and desires to
Earn unlimited ?
Company Profile:
The Company Hari Krishna Group has a turnover of 10,000 Crores and is expanding rapidly in terms of volume and share. The Company has very strong brands KISNA Diamond Jewellery in category of real diamonds. The company has its presence all over India. The company is looking Male / Female Sales Partner.
Kindly send your CV
Email: aarti@kisna.com
022-67160000 / 91369 67251
Aarti- Ext: 2729
Location: Entire Orissa

**ନୋଟିସ୍**

ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.12 (9) | 41,681.54 (7.62) | 12,271.80 (12.10) | 38,894.00 (₹109) | 45,786.00 (₹338) |

“ବିପିସିଏଲ୍ ବିଡ୍‌ରେ ଭାଗ ନେବା ଲାଗି ବେଦାନ୍ତ ବିଭିନ୍ନ ପ୍ରସଙ୍ଗକୁ ନିଶ୍ଚିତ ପକ୍ଷେ ବିଚାର କରିବା।

– ଅନିଲ ଅଗ୍ରୱାଲ, ଅଧ୍ୟକ୍ଷ, ବେଦାନ୍ତ ରିସୋର୍ସେସ



“ଭାରତ ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ନିଶ୍ଚିତ କରିବାର ଆବଶ୍ୟକତା ରହିଛି।

– ଗୀତା ଗୋପିନାଥ, ମୁଖ୍ୟ ଅର୍ଥନୀତିଜ୍ଞ, ଆଇଏମ୍ଏଫ୍



## ସଂକ୍ଷେପରେ

### ଆତ୍ମ ସନ୍ଦେହ ସ୍ଥିତିରେ ନ ରହୁ ଶିଳ୍ପଜଗତ: ସୀତାରାମନ୍

**ନୂଆଦିଲ୍ଲୀ,୨୦-୧୨:** ଦେଶର ଶିଳ୍ପ ଜଗତ ଆତ୍ମ ସନ୍ଦେହ ସ୍ଥିତିରେ ନ ରହି ଏହାଠାରୁ ବାହାରକୁ ଆସିବାର ଆବଶ୍ୟକତା ରହିଛି ବୋଲି ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର କହିଛନ୍ତି। ଶିଳ୍ପ ଜଗତ ନକାରାତ୍ମକ ମନୋଭାବଠାରୁ ବାହାରକୁ ଆସିବା ଉଚିତ। ସରକାର ଶିଳ୍ପର ପ୍ରତି ପ୍ରଶ୍ନର ଉତ୍ତର ରଖିବେ। ଅର୍ଥ ବ୍ୟବସ୍ଥାରେ ସୁଧାର ଆସୁଥିବାର ଏବେ ଆଭାସ ଆସୁଛି। ବିଦେଶୀ ନିବେଶ ବଢିଥିବା ବେଳେ ଏବେ ବିଦେଶୀ ମୁଦ୍ରା ଭଣ୍ଡାର ରେକର୍ଡ ସ୍ତର ଛୁଇଁଛି ବୋଲି ସେ ମତ ରଖିଛନ୍ତି। ସରକାର ବଜେଟ ପରେ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଯୋଗୁ ଏବେ ଅର୍ଥ ବ୍ୟବସ୍ଥାରେ ସୁଧାର ଆସିବା ଦେଖାଯାଇଛି। ଶିଳ୍ପ ଜଗତର ବିକାଶକୁ ସରକାର ପ୍ରାଥମିକତା ସହ ନେଉଛନ୍ତି ବୋଲି ଆସୋଚାମର ଏକ କାର୍ଯ୍ୟକ୍ରମରେ ସୀତାରାମନ ଏହା କହିଛନ୍ତି। ଗତ କିଛି ବର୍ଷରେ ସରକାର ଯେଉଁ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି ତା’ର ଫଳ ମିଳିଛି। ଭାରତ ବିଶ୍ୱ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଛି। ଶିଳ୍ପ କ୍ଷେତ୍ର ମଧ୍ୟ ଏହି ପରିବର୍ତ୍ତନର ଅଂଶୀଦାର ହେବା ଆବଶ୍ୟକ। ମନ ମଧ୍ୟରୁ ସମସ୍ତ ସଂଶୟକୁ ଦୂର କରି ବିକାଶ ଧାରାରେ ସାମିଲ ହେବାକୁ ସେ ଆହ୍ୱାନ ଜଣାଇଛନ୍ତି। ସରକାର ଶିଳ୍ପଗୁଡିକୁ ବନ୍ଦ କରିବାକୁ ଚାହୁଁନାହାନ୍ତି। ଆଇନ ଏବଂ ପ୍ରଶାସନିକ କ୍ଷେତ୍ରରେ ପରିବର୍ତ୍ତନ ଦ୍ୱାରା ସରକାର ଶିଳ୍ପଗୁଡିକୁ ସହାୟତା କରିବାକୁ ଗୁରୁତ୍ୱ ଦେଉଥିବା ସୀତାରାମନ୍ କହିଛନ୍ତି।

### ଜିଡିପି ଅଭିବୃଦ୍ଧି ୪.୬%କୁ ହ୍ରାସ କଲା ଫିଚ୍

**ନୂଆଦିଲ୍ଲୀ,୨୦-୧୨:** ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଭାରତର ଜିଡ଼ିପି ଅଭିବୃଦ୍ଧି ପୂର୍ବାନୁମାନକୁ ଫିଚ୍ ରେଟିଂସ ୪.୬%କୁ ହ୍ରାସ କରିଛି। ବାଣିଜ୍ୟିକ ସ୍ଥିତିରେ ଅବନତି ଏବଂ ଖାଉଟିଙ୍କ ଆତ୍ମବିଶ୍ୱାସ ଖସିବା ଯୋଗୁ ଫିଚ୍ ପୂର୍ବାନୁମାନକୁ ଖସାଇଥିବା ଜଣାପଡିଛି। ଏହା ଭାରତର ଡିଫଲ୍ଟ ରେଟିଂକୁ ସ୍ଥିର ବା ବିବିବି ରଖିଛି। ୨୦୨୧ ଆର୍ଥିକ ବର୍ଷରେ ଭାରତର ବିକାଶ ହାର ୫.୬% ଏବଂ ଏହାର ପରବର୍ତ୍ତୀ ଆର୍ଥିକ ବର୍ଷରେ ବିକାଶ ହାର ୬.୫%କୁ ଖସିବ ବୋଲି ଏହା ପୂର୍ବାନୁମାନରେ କହିଛି। ଭାରତ ସରକାର ଗ୍ରହଣ କରୁଥିବା ମୁଦ୍ରା ଏବଂ ବିତ୍ତୀୟ ନୀତି ସହ ଢାଞ୍ଚାଗତ ପଦକ୍ଷେପ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଏହା ଆଶାବାଦୀ ରହିଛି। ଘରୋଇ ବଜାରରେ ବିଭିନ୍ନ ଚ୍ୟାଲେଞ୍ଜ ଯୋଗୁ ଅନୁମାନକୁ ହ୍ରାସ କରାଯାଇଛି ବୋଲି ଏହି ଏଜେନ୍ସି କହିଛି। ଏହି ସମୟ ମଧ୍ୟରେ ଏନ୍‌ବିଏଫ୍‌ସି କ୍ଷେତ୍ରରେ ଋଣ ପ୍ରଦାନରେ ସମସ୍ୟା, ବାଣିଜ୍ୟ ଏବଂ ଖାଉଟି ଆତ୍ମବିଶ୍ୱାସ ଖସିବା ଯୋଗୁ ବଜାର ପ୍ରଭାବିତ ରହିଛି। ଏହା ସତ୍ତ୍ୱେ ଭାରତର ରେଟିଂକୁ ଦୃଢ ମଧ୍ୟମକାଳୀନ ଅଭିବୃଦ୍ଧିକୁ ଧ୍ୟାନରେ ରଖି ଟ୍ରିପଲ ବି ରଖାଯାଇଛି ବୋଲି ଫିଚ୍ ପକ୍ଷରୁ କୁହାଯାଇଛି।

### ୫.୨୩ ଲକ୍ଷ କୋଟି ଟଙ୍କାର ସ୍ପେକ୍ଟ୍ରମ ନିଲାମ ଯୋଜନାକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୦-୧୨:** ୫.୨୩ ଲକ୍ଷ କୋଟି ଟଙ୍କାର ସ୍ପେକ୍ଟ୍ରମ ନିଲାମ ଯୋଜନାକୁ ଡିଜିଟାଲ କମ୍ୟୁନିକେଶନ କମିଶନଙ୍କ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏଥି ଲାଗି ନିଲାମ ପ୍ରକ୍ରିୟା ମାର୍ଚ୍ଚ, ଏପ୍ରିଲରେ ହେବ ବୋଲି ସୂଚନା ରହିଛି। ରେଡିଓ ୱେଭ ଲାଗି ନିଷ୍ପତ୍ତି ନିଆଯାଇଥିବା ରିଜର୍ଭ ମୂଲ୍ୟରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି। ସ୍ପେକ୍ଟ୍ରମ ନିଲାମ ଲାଗି ବିଡ୍ ପ୍ରକ୍ରିୟା ଜାନୁୟାରୀ ୧୩ରୁ ଆରମ୍ଭ କରାଯିବ ବୋଲି ଟେଲିକମ ବିଭାଗ ସଚିବ ଅଂଶୁ ପ୍ରକାଶ କହିଛନ୍ତି। ନିଲାମ ଲାଗି ମୋଟ ୮,୩୦୦ ମେଗାହର୍ଜ ସ୍ପେକ୍ଟ୍ରମ ରହିଛି। ଏହାର ମୂଲ୍ୟ ମୋଟ ୫.୨୩ ଲକ୍ଷ କୋଟି ଟଙ୍କା ହେବ।

■ ଶିଳ୍ପ ଜଗତକୁ ମୋଦିଙ୍କ ଆଶ୍ୱାସନା

# ମାନ୍ଦାବସ୍ଥାରୁ ବାହାରିବା ଲାଗି ଭାରତ ସକ୍ଷମ



**ନୂଆଦିଲ୍ଲୀ,୨୦-୧୨**

ବର୍ତ୍ତମାନର ମାନ୍ଦାବସ୍ଥାରୁ ବାହାରିବା ଲାଗି ଭାରତ ନିକଟରେ କ୍ଷମତା ରହିଛି। ଘରୋଇ ବଜାର ଦ୍ରୁତ ଅଭିବୃଦ୍ଧି ଧାରାକୁ ଫେରିବା ଲାଗି ସକ୍ଷମ ହେବ। କର୍ପୋରେଟ ସଂସ୍ଥାଗୁଡିକ ଦେଶର ବିକାଶ ଧାରାକୁ ଆଗେଇ ନେବା ଲାଗି ନିବେଶ ଲାଗି ଦୃଢ ନିଷ୍ପତ୍ତି ନିଅନ୍ତୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କହିଛନ୍ତି। ଶିଳ୍ପ ସଂଘ ଆସୋଚାମର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦି କର୍ପୋରେଟଗୁଡିକ ଲାଗି ସରକାର ଗ୍ରହଣ କରିଥିବା ବିଭିନ୍ନ

- ■ ଦୃଢ ନିବେଶ ନିଷ୍ପତ୍ତି ନେଇ ଆହ୍ୱାନ
- ■ ଅର୍ଥନୀତିରେ ଉତ୍ଥାନ ପତନ ରହିଥାଏ
- ■ ୫ ଟ୍ରିଲିୟନ ଡଲାର ଅର୍ଥନୀତି ହାସଲର କ୍ଷମତା ରହିଛି
- ■ ଗ୍ରାମାଞ୍ଚଳରେ ୨୫ ଲକ୍ଷ କୋଟିର ନିବେଶ ପ୍ରତିଶ୍ରୁତି

ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭିତ୍ତିଭୂମିରେ ୧୦୦ ଲକ୍ଷ କୋଟି ଏବଂ ଗ୍ରାମାଞ୍ଚଳରେ ୨୫ ଲକ୍ଷ କୋଟି ଟଙ୍କାର ନିବେଶ ଦ୍ୱାରା ଭାରତ ଏହାର ଅର୍ଥନୀତିକୁ ୨ଗୁଣ କରିବାକୁ ସକ୍ଷମ ହେବ। ଏହାଦ୍ୱାରା ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତି ହୋଇ ପାରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ସେ ପୁଣି କହିଛନ୍ତି ଯେ, ବର୍ତ୍ତମାନର ମାନ୍ଦାବସ୍ଥାକୁ ନେଇ ଅନେକ ଆଲୋଚନା ହେଉଛି। ଏହାକୁ ନେଇ ଆସୁଥିବା ବିଭିନ୍ନ ମନ୍ତବ୍ୟକୁ ମଧ୍ୟ ଚ୍ୟାଲେଞ୍ଜ କରୁନାହୁଁ। ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନାର ସକାରାତ୍ମକ ଦିଗ ବିଚାରକୁ ନେଇ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି ବୋଲି ସେ ମତ ରଖିଛନ୍ତି। ସେ ସୂଚନା ଦେଇଛନ୍ତି ଯେ, କଂଗ୍ରେସର ଉପା ସରକାରଙ୍କ ସମୟରେ ଜିଡିପି ଅଭିବୃଦ୍ଧି ୩.୫% ଖସିଥିଲା। ଏହି ସମୟରେ ମୁଦ୍ରାସ୍ଫୀତି ୯.୪% ରହିଥିଲା। କୋର ମୁଦ୍ରାସ୍ଫୀତି ୭.୩% ଥିବା ବେଳେ ପାଇକାରୀ ମୁଦ୍ରାସ୍ଫୀତି ୫.୨%, ବିତ୍ତୀୟ ନିଅଣ୍ଟ ୫.୬% ରହିଥିଲା।

ବର୍ତ୍ତମାନ ଜିଡିପି ଲଗାତର ଭାବେ ୬ ତ୍ରୈମାସ ଧରି ଖସିବା ସହ ୬ ବର୍ଷର ସର୍ବନିମ୍ନ ସ୍ତର ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ୪.୫%କୁ ଖସିଛି। ଚାହିଦା ହ୍ରାସ ଏବଂ ମାନୁଫାକ୍‌ଚରିଂ ହ୍ରାସ ହେବା ଯୋଗୁ ଏଭଳି ହୋଇଛି। ହେଲେ ଅର୍ଥ ବ୍ୟବସ୍ଥାରେ ଉତ୍ଥାନ ଏବଂ ପତନ ଦେଖାଯାଇଥାଏ। ମାତ୍ର ଏସବୁ ପରିସ୍ଥିତିରୁ ବାହାରିବାକୁ ଭାରତ ସକ୍ଷମ ହେବ ବୋଲି ସେ ଦୃଢତା ସହ କହିଛନ୍ତି। ଭାରତ ବିଶ୍ୱ ବ୍ୟାଙ୍କର ଇଜ୍ ଅଫ ଡୁଇଂ ବିଜନେସ ର୍ୟାକିଙ୍ଗ୍‌ରେ ୧୯୦ ଦେଶ ମଧ୍ୟରୁ ୧୪୨ ଦେଶ ମଧ୍ୟରେ ରହିଥିଲା। ୩ ବର୍ଷ ମଧ୍ୟରେ ୬୩ ତମ ସ୍ଥାନକୁ ଉଠିବାକୁ ଏହା ସକ୍ଷମ ହୋଇଛି। ଏହି ତାଲିକାରେ ନିରନ୍ତର ଉନ୍ନତି କରୁଥିବା ୧୦ ଦେଶ ମଧ୍ୟରେ ଭାରତ ରହିଛି।

ସେ କହିଛନ୍ତି କର୍ପୋରେଟଗୁଡିକ ହେଉଛନ୍ତି ୧୩୦ କୋଟି ଭାରତୀୟଙ୍କ ଏଜେଣ୍ଟ। କମ୍ପାନୀ ଆଇନରେ ବିଭିନ୍ନ ପରିବର୍ତ୍ତନ କରି ଏହାକୁ ଆହୁରି ଉନ୍ନତ କରିବା ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି। ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡରେ ବିଭିନ୍ନ ସଂଶୋଧନ କରାଯିବା ସହ ଏହାକୁ ସୁଗମ କରାଯାଇଥିବା ମୋଦି ମତ ରଖିଛନ୍ତି। ସରକାରଙ୍କ ଏଭଳି ବିଭିନ୍ନ ନିଷ୍ପତ୍ତି କର୍ପୋରେଟ ଏବଂ ସେମାନଙ୍କ ପୁଞ୍ଜିକୁ ସୁରକ୍ଷା ପ୍ରଦାନ କରିବାରେ ସହାୟତା କରିବ। ସିଷ୍ଟମରେ ରହିଥିବା ଅସୁବିଧାର ଦୂରୀକରଣ ଲାଗି ବ୍ୟାଙ୍କିଙ୍ଗ ଶିଳ୍ପ ଏବଂ କର୍ପୋରେଟକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଧାରରେ କର୍ପୋରେଟ ନିବେଶ ନେଇ ଦୃଢ ନିଷ୍ପତ୍ତି ନିଅନ୍ତୁ। ଏହା ବାଦ କମ୍ପାନୀ ପଞ୍ଜୀକରଣ ଲାଗି କର୍ପୋରେଟଗୁଡିକ ଲାଗି ଏବେ ସମୟ କମ୍ କରାଯାଇଛି। ଭିତ୍ତିଭୂମି ଉନ୍ନତ ହେବା ଯୋଗୁ ବନ୍ଦର ଏବଂ ବିମାନ ବନ୍ଦରରେ ଟର୍ନ ଆରାଉଣ୍ଡ ସମୟ କମିଛି। ଜିଏସ୍‌ଟିରେ ରହିଥିବା ଚ୍ୟାଲେଞ୍ଜକୁ ନେଇ ଭୟଭୀତ ନ ଥିବା ମୋଦି କହିଛନ୍ତି। ଏହାବାଦ୍ ଭାରତ ଗତ ୫ ବର୍ଷରେ ସର୍ବୋଚ୍ଚ ଏଫ୍‌ଡିଆଇ ଲାଭ କରିଥିବା ବେଳେ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଛି। ଏହି ସମୟରେ ଭାରତ ଷ୍ଟାର୍ଟ ଅପ୍ ଇକୋସିଷ୍ଟମରେ ତୃତୀୟ ବୃହତ୍ ଦେଶ ହୋଇ ପାରିଛି ବୋଲି ମୋଦି କହିଛନ୍ତି।

### ପ୍ରଧାନମନ୍ତ୍ରୀ ବାସ୍ତବତାକୁ ଅଗ୍ରାହ୍ୟ କରୁଛନ୍ତି: କଂଗ୍ରେସ

**ନୂଆଦିଲ୍ଲୀ,୨୦-୧୨**

ଶିଳ୍ପ ଜଗତ ସାମ୍ନାରେ ପ୍ରଧାନମନ୍ତ୍ରୀ ଯେଉଁ ସବୁ କଥା ରଖିଛନ୍ତି ଯେଉଁ ସ୍ୱପ୍ନ ଦେଖାଇଛନ୍ତି ତାହା ବାସ୍ତବ ନୁହେଁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ସରକାର ଦେଶର ଅର୍ଥନୀତିକୁ ଠିକ୍ ଭାବେ ବିଚାର କରି ନ ଥିବା କଂଗ୍ରେସର ବରିଷ୍ଠ ମୁଖପାତ୍ର ଆନନ୍ଦ ଶର୍ମା କହିଛନ୍ତି। ଅର୍ଥବ୍ୟବସ୍ଥା ଏବେ ଖରାପ ସ୍ଥିତି ଦେଇ ଗତି କରୁଥିବା ବେଳେ ସରକାର ଯଦି ଏହାକୁ ସୁଧାରିବାକୁ କୌଣସି ପଦକ୍ଷେପ ନ ନିଅନ୍ତି ଆସନ୍ତା ବର୍ଷ ସ୍ଥିତି ଆହୁରି ବିଗିଡିଯିବ ବୋଲି ସେ କହିଛନ୍ତି। ବାସ୍ତବତା ଠାରୁ ଦୂରେଇ ଯାଇ ପ୍ରଧାନମନ୍ତ୍ରୀ ଯେଉଁ ମିଛ ପ୍ରତିଶ୍ରୁତି ଦେଉଛନ୍ତି ଏବଂ ମିଛ ସ୍ୱପ୍ନ ଦେଖାଉଛନ୍ତି ତାହା ବନ୍ଦ କରନ୍ତୁ। ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ଲାଗି ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି କେମିତି ହାସଲ ହେବ ବୋଲି ଶର୍ମା ପ୍ରଶ୍ନ ଉଠାଇଛନ୍ତି।

## ଜେଏସ୍‌ପିଏଲ୍ ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ସମ୍ମାନ ପ୍ରଦାନ



**ନୂଆଦିଲ୍ଲୀ,୨୦-୧୨**

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) ଫାଉଣ୍ଡେସନ ପକ୍ଷରୁ ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି ଏଭଳି ପୁରସ୍କାର ଜେଏସ୍‌ପିଏଲ୍ ପକ୍ଷରୁ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଅତିଥି ଭାବେ ଯୋଗଦେଇ ୨୭ ଜଣଙ୍କୁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରିଛନ୍ତି। ୧୦ ବିଭାଗରେ ୨୦ ବ୍ୟକ୍ତି ବିଶେଷ ଏବଂ ସଂସ୍ଥାଙ୍କୁ ଏହି ପୁରସ୍କାର ବାବଦ ୧ ଲକ୍ଷ ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଛି। ୫ ଜଣ ବ୍ୟକ୍ତି ଏବଂ ଗୋଟିଏ ସଂସ୍ଥାଙ୍କୁ ସ୍ୱୟଂସିଦ୍ଧ ବିଶେଷ ସମ୍ମାନ ମଧ୍ୟ ଦିଆଯାଇଛି। ଓଡିଶାରୁ ବ୍ୟକ୍ତି ବିଶେଷ ଏହି ପୁରସ୍କାର ଲାଭ କରିଛନ୍ତି। ଗ୍ରାମ ବିକାଶ କ୍ଷେତ୍ରରେ କେନ୍ଦୁଝରର ସ୍ୱାସ୍ଥ୍ୟ ସେବା ସଙ୍ଗଠନର ଗଙ୍ଗାଧର ରାଉତ, କଳାହାଣ୍ଡିର ସ୍ୱାସ୍ଥ୍ୟ ସ୍ୱରାଜ ସୋସାଇଟି ଏବଂ ଇନୋଭେସନ ପାଇଁ ସୁମନ କାର୍ଜି ମିଶ୍ରଙ୍କୁ ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ସମ୍ମାନ ପ୍ରଦାନ କରାଯାଇଛି। ସେହିଭଳି ଜୀବନ ବ୍ୟାପି ସାଧନା ଲାଗି ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ଜୀବନ ସମ୍ମାନ ଦିଆଯାଇଛି। ସମାଜରେ ପରିବର୍ତ୍ତନ ଏବଂ ଉନ୍ନତି ଆଣିବାରେ ଏହି ବ୍ୟକ୍ତି ବିଶେଷଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି। ଏଥିରେ ଜିନ୍ଦଲ ଗ୍ରୁପ ଅଧ୍ୟକ୍ଷା ସାବିତ୍ରୀ ଜିନ୍ଦଲ, ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଅଧ୍ୟକ୍ଷା ସାଲୁ ଜିନ୍ଦଲ,ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର ଏବଂ ଓସୱାଲ ଗ୍ରୁପ ଅଧ୍ୟକ୍ଷା ଅରୁଣ ଓସୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଅଧ୍ୟକ୍ଷ ପଦରୁ ଓହରିବେ ଆନନ୍ଦ ମହିନ୍ଦ୍ରା

**ମୁମ୍ବାଇ,୨୦-୧୨**

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଗ୍ରୁପର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପଦବୀରୁ ଆନନ୍ଦ ମହିନ୍ଦ୍ରା ଏପ୍ରିଲ ପହିଲାରୁ ଓହରିବେ ବୋଲି ଗ୍ରୁପ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଗ୍ରୁପର ବୋର୍ଡରେ ସେ ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ଅବସ୍ଥାପିତ ହେବେ। ସେବିର ନିୟମାବଳୀ ଅନୁସାରେ ଏଭଳି ପଦକ୍ଷେପ ନିଆଯାଇଛି। ଏପ୍ରିଲ ପରଠାରୁ କମ୍ପାନୀର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ପଦବୀରେ ପୱନ ଗୋଏଙ୍କା କାର୍ଯ୍ୟ କରିବେ। ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ମହିନ୍ଦ୍ରା ବୋର୍ଡକୁ ଦିଗ୍‌ଦର୍ଶନ ଦେବେ। କୌଶଳ ଯୋଜନା, ବିପଦ ପରିଚାଳନା ଏବଂ ବିହିର୍ବ୍ୟାପାର ଭଳି କ୍ଷେତ୍ରଗୁଡିକରେ ସେ ଏମ୍‌ଡିଙ୍କୁ ମେଣ୍ଟରିଂ କରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।


GOVERNMENT OF ODISHA, “e”-PROCUREMENT NOTICE No. B-462
WORKS DEPARTMENT
Bid Identification No. CE-DPI & R-19/2019-20 E-mail : ceroads.bbsr@gmail.com

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE form eligible contractors for Road works as mentioned below :
2. Nature of work : Road works
3. No. of work : 10 Nos.
4. Tender Paper cost : Rs.10,000.00
5. Class of Contractor : Special Class /Super Class as noted against each work
6. Available of bid document in the website : From 10.00 A.M. of 27.12.2019 to 5.00 PM of 17.01.2020
7. Date of opening of Bid : Dt.18.01.2020 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

34117/11/0054/1920 Chief Engineer (DPI & Roads), Odisha

THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

NOTICE INVITING TENDER No. CAD-724
FOR DESIGN, LAYOUT AND PRINTING OF
OMC ANNUAL REPORT 2018-19

Sealed Tenders/Bids are invited from reputed Printing Press/Agencies for printing of OMC Annual Report 2018-19.

The detailed tender schedule, terms & conditions, cost of tender paper, EMD/SD, etc. shall be available in our website i.e. www.omcltd.in. Interested reputed Printing Press/Agencies are requested to download the tender schedule from the website. There will be no manual sale of Tender Paper.

The Tender document shall be available for download from **21.12.2019.The last date for receipt of the Bid/Tender is 06.01.2020 up to 3.00 PM which shall be opened on 06.01.2020 at 3.30 PM.**

OMC reserves the right to accept/reject all or any part of the Tender without assigning any reason thereof and without incurring any liability thereon.

30005/11/0109/1920 General Manager (Finance)

INVITATION FOR BIDS (IFB) No. O-663
NATIONAL COMPETITIVE BIDDING THROUGH E-PROCUREMENT
IDENTIFICATION NO: RWS&S DIVN., PURI – 38 OF 2019-20
☎ (06752) 251276 Fax - (06752) 251276 E-mail – eerwss_puri@nic.in

The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl.No. | Nature of work: | External Eletrification |
|---|---|---|
| 1. | No. of works: | 03(THREE) |
| 2. | Estimated Cost: | Rs 5.04 lakhs to 10.64 lakhs(app.) |
| 3. | Time for completion: | 2 (TWO) Months |
| 4. | Cost of bidding document: | Rs. 4000/- & 6000/- |
| 5. | Class of Contractors eligible: | HT license holder |
| 6. | Availability of bids on-line: | From 17 hour of 21.12.2019 to 17.00 hours of 31.12.2019 |
| 7. | Last date and time for seeking clarification: | 17.00 hours of 27.12.2019 |
| 8. | Date & time of opening of technical bids: | On dt 01.01.2020 at 11.30 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | To be decided. |

Further details can be seen from the website https://www.tendersorissa.gov.in.

25017/11/0020/1920 Sd/-Executive Engineer, RWS&S Division, Puri

BHUBANESWAR MUNICIPAL CORPORATION
RFP No: 36218 Dt.20.12.2019
NOTICE INVITING REQUEST FOR PROPOSAL (RFP)

Sealed Proposal are invited for **“Selection of an Agency for deployment of Security personnel for Comprehensive Security Services at Bhubaneswar Municipal Corporation”** in conformity with the Terms & Conditions of the Detailed RFP in single bid system (Part-I: General & Technical Proposal and Part-II: Financial Proposal) from intending bidders fulfilling the terms of eligibility laid down in the RFP document. Please refer to Website www.bmc.gov.in for complete details and downloading the Document. The RFP document shall be available from **20.12.2019** with last date of submission being **15.01.2020 till 4:00 pm.**

For any queries please contact bmcpmu@bmc.gov.in

By Order,
Dy. Commissioner (Establishment)
Bhubaneswar Municipal Corporation
Progress Through Partnership for a Better Bhubaneswar

ODISHA STATE CIVIL SUPPLIES CORPORATION LTD.
(A Govt. of Odisha Undertaking)
PLOT NO.C/2, NAYAPALLI, BHUBANESWAR-12
NOTICE INVITING TENDER
No. 19161 Dated : 20.12.2019

OSCSC Ltd., Bhubaneswar invites sealed tenders from valid approved parties registered with FCI including State Government Departments and Agencies having feed stock manufacturing plants for sale of damaged rice (unfit for human consumption) to the tune of 55.194 MT lying at RRC-cum-DSC, Jatni of Khordha district on “AS IS WHERE IS BASIS”. Tender forms (non-transferable) embodying the terms and conditions and other details can be available from OSCSC Ltd., Bhubaneswar on payment of Rs.590/- (Rupees Five hundred Ninety only) towards cost of tender papers (Rs.500.00 + 18% GST) in shape of Demand Draft / Pay Order drawn in favour of Managing Director, OSCSC Ltd., Bhubaneswar payable at Bhubaneswar on all working days during office hours from **dt.21.12.19** to **dt.07.01.20**.

The tender form with terms and other details can also be downloaded from OSCSC website (www.oscsc.in), F.S & C.W Department website (www.foododisha.in). In case it is downloaded from web, the tenderer has to deposit Rs.590/- in shape of Demand Draft / Pay Order in favour of Managing Director, OSCSC Ltd., Bhubaneswar payable at Bhubaneswar on any Nationalized Bank alongwith tender documents.

**The sealed tenders will be received in the office of OSCSC Ltd., C/2, Nayapalli, Bhubaneswar-12 upto 2.00 P.M. on dt.07.01.20 and will be opened on dt.07.01.20 at 3.30 P.M.**

Tenders received without required documents shall not be considered and liable to be rejected at the initial stage itself. OSCSC reserves the right to accept or reject any or all tenders without assigning any reason whatsoever.

Managing Director

ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ
AIRPORTS AUTHORITY OF INDIA
ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି
ଟେଣ୍ଡର ଆଇଡି : 2019_AAI_38146_1

ଅଧ୍ୟକ୍ଷ, ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ତରଫରୁ ସହାୟକ ମହାପ୍ରବନ୍ଧକ(E-C) ଦ୍ୱାରା 06 ମାସ ଅବଧି ମଧ୍ୟରେ ଶେଷ ହେଉଥିବା ସହିତ ଟ.1,45,79,993.00 (ଏକ କୋଟି ପଇଁତାଳିଶି ଲକ୍ଷ ଅଣାଅଶୀ ହଜାର ନଅ ଶହ ତେୟାନବେ ଟଙ୍କା ମାତ୍ର) (GST ବ୍ୟତୀତ) ର ଆକଳିତ ମୂଲ୍ୟରେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ଠାରେ ASMGCS ନିମନ୍ତେ ସିଭିଲ୍ କାର୍ଯ୍ୟ। ଏସ୍‌ଏଚ୍ : ଏସ୍‌ଏମ୍‌ଆର ଟାୱାର ଏବଂ ଆଶ୍ରୟ ପ୍ରକୋଷ୍ଠର ବ୍ୟବସ୍ଥା ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ସିପିଡବ୍ଲ୍ୟୁଡି/ଏମ୍‌ଇଏସ୍/ପି ଆଣ୍ଡ ଟି/ରେଳବାଇ/ରାଜ୍ୟ ପିଡବ୍ଲ୍ୟୁଡ଼ି/ପିଏସ୍‌ୟୁ/ନଗର ପାଳିକା ଏବଂ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତାର ଉନ୍ନୟନ ପ୍ରାଧିକାରୀ/ସ୍ୱତନ୍ତ୍ର ଏଜେନ୍ସିଗୁଡ଼ିକର ଉପଯୁକ୍ତ ଶ୍ରେଣୀର ଯୋଗ୍ୟ ଠିକାଦାରମାନଙ୍କ ଠାରୁ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ଇ-ଟେଣ୍ଡରିଙ୍ଗ୍ ପୋର୍ଟାଲ ମାଧ୍ୟମରେ ଆଇଟମ୍ ଦର ଟେଣ୍ଡରଗୁଡ଼ିକ ଆହ୍ୱାନ କରୁଛି। ବିଡ୍ ନଥିପତ୍ର ଦାଖଲ କରାଯିବାର ଅନ୍ତିମ ତାରିଖ ଓ ସମୟ ତା.31.12.2019ରିଖ 1800ଘଟିକା ପର୍ଯ୍ୟନ୍ତ ଅଟେ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ସିପିପି ଇ-କ୍ରୟ ପୋର୍ଟାଲ ସନ୍ଦର୍ଭ https://etenders.gov.in/eprocure/app କିମ୍ବା www.aai.aero କୁ ଲଗ୍ ଅନ୍ କରନ୍ତୁ।

ପରବର୍ତ୍ତୀ ସ୍ପଷ୍ଟୀକରଣ/ଶୁଦ୍ଧିପତ୍ର (ଯଦି ଥାଏ) ଇ-କ୍ରୟ ପୋର୍ଟାଲ ମାଧ୍ୟମରେ https://etenders.gov.in/eprocure/appରେ ଅଧିସୂଚୀତ କରାଯିବ।

ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା
ସା: କୁଳିଆ, ପୋ: ସୁନାଖଣ୍ଡି, ଜିଲ୍ଲା: କଟକ, ଫୋନ୍:(୦୬୭୧) ୨୩୫୨୯୩୩
ବିଜ୍ଞପ୍ତି ସଂଖ୍ୟା.୧୦ ତାରିଖ:୧୯।୧୨।୨୦୧୯

**ଖରିଫ ୨୦୧୯-୨୦ ବର୍ଷ ପାଇଁ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା, ଜି: କଟକ ପରିସୀମା ମଧ୍ୟରେ ବସବାସ କରୁଥିବା ଚାଷୀମାନଙ୍କ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା ।**

ଏତଦ୍ୱାରା କଟକ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କଟକ ସଦର ଉପଖଣ୍ଡର ପ୍ରାଥମିକ କୃଷି/ସେବା ସମବାୟ ସମିତିମାନଙ୍କରେ ନାମ ପଞ୍ଜୀକରଣ କରିଥିବା ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ସୂଚିତ କରାଯାଉଅଛି କି ଯେ ଚଳିତ ୨୦୧୯-୨୦ ଖରିଫ ବର୍ଷ ନିମନ୍ତେ ତା୨୨।୧୨।୨୦୧୯ରିଖଠାରୁ କଟକ ସଦର ଉପଖଣ୍ଡର ୮୭ଗୋଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ୯୭ଟି କ୍ରୟ କେନ୍ଦ୍ରମାନଙ୍କରେ ଜିଲ୍ଲା ଯୋଗାଣ ନିଗମ ଦ୍ୱାରା ଧାନକ୍ରୟ କରିବାପାଇଁ ବ୍ୟବସ୍ଥା କରାଯାଇଅଛି। ଚାଷୀଭାଇ ଓ ଭଉଣୀମାନେ ସେମାନଙ୍କର ବଳକା ଧାନକୁ ଶୁଖାଇ ସଫାସୁତୁରା କରି ଧାନ କ୍ରୟ କେନ୍ଦ୍ରକୁ ଆଣିବେ। ଧାନ ଖାଦ୍ୟ ଉପଯୋଗୀ ଶୁଖିଲା ପରିଷ୍କାର, ସମରଙ୍ଗୀ, ସମଆକାର, ଏକ କିସମ (ଏଫ.ଏ.କ୍ୟୁ)ମାନର ହୋଇଥିବା ଆବଶ୍ୟକ। ଧାନ ବିକ୍ରୟ ପାଇଁ କିଷାନ କ୍ରେଡିଟ କାର୍ଡ (K.C.C), ଭୋଟର ପରିଚୟପତ୍ର (EPIC) ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ (BKKY) (ଯାହା ପଞ୍ଜୀକରଣ କରାଯାଇଥିବ) ମଧ୍ୟରୁ ଯେକୌଣସି ଗୋଟିଏ ଦର୍ଶାଇ ଧାନ ବିକ୍ରୟ କରିପାରିବେ। ଚାଷୀଭାଇ ଓ ଭଉଣୀମାନେ ସିଧାସଳଖ ଖୋଲାଯାଇଥିବା ଧାନ କ୍ରୟ କେନ୍ଦ୍ରମାନଙ୍କରେ ନିଜର ବିକ୍ରିଯୋଗ୍ୟ ବଳକା ଧାନକୁ ବିକ୍ରି କରି ନିର୍ଦ୍ଧାରିତ ସରକାରୀ ଦର ପାଇବା ପାଇଁ ହକ୍‌ଦାର ହୁଅନ୍ତୁ।

**ଧାନର ସହାୟକ ମୂଲ୍ୟ ନିମ୍ନରେ ପ୍ରଦାନ କରାଗଲା।**
**ଚଳିତ ଖରିଫ ୨୦୧୯-୨୦ ବର୍ଷ ପାଇଁ ଏଫ.ଏ.କ୍ୟୁ ଧାନର ସହାୟକ ମୂଲ୍ୟ**

| ଧାନର କିସମ | କୁଇଣ୍ଟାଲ ପିଚ୍ଛା ଦର |
|---|---|
| ସାଧାରଣ କିସମ ଏଫ.ଏ.କ୍ୟୁ | ଟ.୧୮୧୫.୦୦ |
| ଗ୍ରେଡ୍ ‘ଏ’ କିସମ | ଟ.୧୮୩୫.୦୦ |

**ସାଧାରଣ ଏଫ.ଏ.କ୍ୟୁ ଧାନର ମାନ**

| କ୍ର. ସଂ. | ଧାନରେ ଗ୍ରହଣୀୟ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (ଶତକଡା) |
|---|---|---|
| ୧. | (କ) ବାଲି, ମାଟି, ଗୋଡି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| | (ଖ) କାଠି, କୁଟା, ଧୂଷ, ଅଗାଡି, ପୋଲ ଆଦି ଜୈବିକ ପଦାର୍ଥ | ୧.୦% |
| ୨. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକରା ଇତ୍ୟାଦି (*ଖରାପ, ପାଣିଫୁଲା ଓ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର) | ୫.୦% |
| ୩. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଧାନ ଇତ୍ୟାଦି | ୩.୦% |
| ୪. | ସରୁଧାନରେ ମିଶିଥିବା ମୋଟା ଧାନ କେବଳ ଗ୍ରେଡ୍ ‘ଏ’ ଧାନ ନିମନ୍ତେ ପ୍ରଯୁଜ୍ୟ | ୬.୦% |
| ୫. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

ଉପ ଜିଲ୍ଲାପାଳ, ସଦର, କଟକ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା

## ସଂକ୍ଷେପରେ

### ୧୮ ବର୍ଷରୁ କମ୍ ଓଡ଼ିଶା ଏଫ୍‌ସିର ବିଜୟ

ନୂଆଦିଲ୍ଲୀ,୨୦।୧୨(ସ୍ପୋର୍ଟ୍ସ ବ୍ୟୁରୋ)- ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମର ୨ ନମ୍ବର ଟ୍ରେନିଂ ପିଚ୍‌ରେ ଖେଳାଯାଇଥିବା ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ହିରୋ ଏଲିଟ୍ ଲିଗ୍‌ରେ ଓଡ଼ିଶା ଏଫ୍‌ସିର ୧୮ ବର୍ଷରୁ କମ୍ ଦଳ ପ୍ରଥମ ବିଜୟ ହାସଲ କରିଛି। ଓଡ଼ିଶା ୨-୦ ଗୋଲରେ ଗୁରୁବାର ୟୁଥ୍ ଫୁଟବଲ କ୍ଲବକୁ ହରାଇ ୨୦୧୯-୨୦ ସିଜନର ପ୍ରଥମ ବିଜୟ ହାସଲ କରିଛି। ମ୍ୟାଚ୍ ଆରମ୍ଭରୁ ଓଡ଼ିଶା ପ୍ରଭାବ ବିସ୍ତାର କରି ଖେଳିଥିଲା। ନବମ ମିନିଟ୍‌ରେ ରିଷଭ ଡୋବ୍ରିୟାଲ ଗୋଲ ଦେଇଥିଲେ ଓ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଓଡ଼ିଶା ୧-୦ ଗୋଲରେ ଅଗ୍ରଣୀ ହୋଇଥିଲା। ପାର୍ଶ୍ୱ ପରିବର୍ତ୍ତନ ପରେ ଓଡ଼ିଶା ମଧ୍ୟ ତା'ର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଥିଲା। ୬୮ତମ ମିନିଟ୍‌ରେ ଅକ୍ଷୁନା ତ୍ୟାଗୀ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କାରାଇଥିଲେ। ଅନ୍ୟପଟେ ୟୁଥ୍ କ୍ଲବ ତରଫରୁ କୌଣସି ଗୋଲ ସମ୍ଭବ ହୋଇ ନ ଥିଲା। ଫଳରେ ଓଡ଼ିଶା ବିଜୟୀ ହୋଇଥିଲା। ତେବେ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପଞ୍ଜାବ ଏଫ୍‌ସି ବିପକ୍ଷରେ ୨-୨ ଗୋଲରେ ମ୍ୟାଚ୍ ଅମୀମାଂସିତ ରଖିଥିଲା। ଆସନ୍ତା ୨୬ ତାରିଖରେ ଓଡ଼ିଶା ତା'ର ତୃତୀୟ ତଥା ପରବର୍ତ୍ତୀ ମ୍ୟାଚ୍‌ରେ ମାକ୍ସିମସ ପ୍ରାଇମ୍ ସ୍ପୋର୍ଟ୍ସକୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

### ବିଶ୍ୱରେ ଡୋପିଂ ଘଟଣା ବଢ଼ିଛି: ୱାଡା ରିପୋର୍ଟ

ପ୍ୟାରିସ,୨୦।୧୨- ପୂରା ବିଶ୍ୱରେ ଡୋପ ଘଟଣାରେ ବୃଦ୍ଧି ଘଟିଛି ବୋଲି ବିଶ୍ୱ ଆଣ୍ଟି ଡୋପିଂ ସଂସ୍ଥା (ୱାଡା)ର ନୂଆ ରିପୋର୍ଟରୁ ଜଣାପଡ଼ିଛି। ପୂର୍ବ ଅପେକ୍ଷା ଡୋପିଂ ନିୟମ ଭାଙ୍ଗିବା(ଏଡିଆରଭି)ରେ ୧୩.୧ ପ୍ରତିଶତ ବୃଦ୍ଧି ହୋଇଛି। ୨୦୧୭ରେ ଏହା ୧,୮୦୪ ଥିଲା। ଆଉ ୨୦୧୬ରେ ୧,୫୯୫ ରେକର୍ଡ କରାଯାଇଥିଲା। କିନ୍ତୁ ୨୦୧୫ରେ ଏହା ୧,୯୨୯ ଥିଲା। ଡୋପ ନିୟମ ଭଙ୍ଗ କରିଥିବା ଦେଶ ମାନଙ୍କ ତାଲିକାରେ ୧୭୧ ମାମଲା ସହ ଇଟାଲି ଶୀର୍ଷରେ ରହିଛି। ଏହା ପଛକୁ ଫ୍ରାନ୍ସ (୧୨୮) ଓ ଆମେରିକା (୧୦୩) ରହିଛନ୍ତି। ନିକଟରେ ୱାଡା ପକ୍ଷରୁ ଦୁଇ ଅଲିମ୍ପିକ୍ସ ଓ ୪ ବର୍ଷ ପାଇଁ ଅନ୍ତର୍ଜାତୀୟ ସ୍ପୋର୍ଟିଂ ଇଭେଣ୍ଟରୁ ବାସନ୍ଦ ହୋଇଥିବା ରୁଷିଆ ଏହି ତାଲିକାରେ ୫ମ ସ୍ଥାନରେ ରହିଛି। ଦେଶର ୮୨ ଆଥ୍‌ଲେଟ ଡୋପ ନିୟମ ଭଙ୍ଗ କରିଛନ୍ତି।

### ଦ୍ରାବିଡଙ୍କ ସହ କଥା ହେବେ ଗାଙ୍ଗୁଲି

କୋଲକାତା,୨୦।୧୨(ପି.ଟି.)- ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଭାରତୀୟ ପେସର ଯଶପ୍ରୀତ ବୁମରାଙ୍କ ଫିଟନେସ ଟେଷ୍ଟ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ଠାରେ କରାଯିବା ବୋଲି କହିଛନ୍ତି। ଭାରତୀୟ ପେସରଙ୍କ ପାଇଁ ରାହୁଲ ଦ୍ରାବିଡ୍‌ଙ୍କ ନେତୃତ୍ୱାଧୀନ ଦଳ ଫିଟ୍‌ନେସ ଟେଷ୍ଟ ଆୟୋଜନ କରିବାକୁ ମନା କରିଥିଲେ। ଏ ସମ୍ପର୍କରେ ମୁଁ ଅବଗତ ନାହିଁ। କିନ୍ତୁ ଏନ୍‌ସିଏ ଭାରତୀୟ ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ। ସଭିଙ୍କ ଏନ୍‌ସିଏ ନିୟମ ପାଳନ କରିବାକୁ ପଡ଼ିବ ବୋଲି ଗାଙ୍ଗୁଲି କହିଛନ୍ତି। ବୁମରାଙ୍କୁ ମନା କରିବାର କାରଣ ମୁଁ ଖୋଜି ବାହାର କରିବି। ଅନ୍ତର୍ଜାତୀୟ ଖେଳାଳିଙ୍କୁ ଏନ୍‌ସିଏକୁ ପ୍ରାଥମିକତା ଦେବାକୁ ପଡ଼ିବ।

> "ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାଫ୍‌ମାନେ ଯଶପ୍ରୀତ୍ ବୁମ୍‌ରାଙ୍କ ଫିଟ୍‌ନେସର ଅଗ୍ରଗତି ଉପରେ ନଜର ରଖିଛନ୍ତି।
> -ମାହେଲା ଜୟବର୍ଦ୍ଧନେ, ମୁମ୍ବାଇ ଇଣ୍ଡିଆନ୍ସ ମୁଖ୍ୟ କୋଚ୍



> "ଦୀର୍ଘଦିନ ହେଲା କାନ୍ଧରେ ସମସ୍ୟା ଥିଲେ ମଧ୍ୟ ମୋ ନିକଟରେ ପ୍ରଫେସନାଲ ଟେନିସ୍‌କୁ ଫେରିବାର ସାମର୍ଥ୍ୟ ରହିଛି।
> -ମାରିଆ ଶାରାପୋଭା, ରୁଷୀୟ ଟେନିସ ଖେଳାଳି





ବାରବାଟୀ ଷ୍ଟାଡିୟମ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୋଲିସ ଡିଜି ଅଭୟ, ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଓ ବରିଷ୍ଠ ଅଧିକାରୀମାନେ ଆଲୋଚନାରତ।



ମ୍ୟାଚ୍ ଅମ୍ପାୟର ଓ ମ୍ୟାଚ୍ କମିଶନର ଗ୍ରାଉଣ୍ଡ ଏବଂ ପିଚ୍‌କୁ ତଦାରଖ କରୁଛନ୍ତି।




ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ସେଲ୍‌ଫି ଜୋନ୍।



ସନ୍ଧାନୀ କୁକୁର ଦ୍ୱାରା ଯାଞ୍ଚ କରାଯାଉଛି।



ବାରବାଟୀ ପିଚ୍‌ର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। (ଫଟୋ: ରାଜକିଶୋର ମହାନ୍ତି)

# ପଡ଼ିଆ ପ୍ରସ୍ତୁତ: ଆଜି ଅଭ୍ୟାସ

**ବାରବାଟୀ ଦିନିକିଆ ଆଉ ୧ ଦିନ**

କଟକ ଅଫିସ,୨୦।୧୨

ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଭେନ୍ୟୁ ବାରବାଟୀ ଷ୍ଟାଡିୟମ ପ୍ରସ୍ତୁତ। ରବିବାର ଏଠାରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ଦିନିକିଆ କ୍ରିକେଟ ସିରିଜର ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍ ଖେଳାଯିବ। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପଦାଧିକାରୀ, କର୍ମଚାରୀଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ମ୍ୟାଚ୍ ଆୟୋଜନ ନେଇ ସମ୍ପୂର୍ଣ୍ଣ ଭାବେ ବ୍ୟସ୍ତ। ଶନିବାର ଉଭୟ ଦଳ ଏଠାକୁ ଅଭ୍ୟାସ ନିମନ୍ତେ ଆସିବେ। ପୂର୍ବାହ୍ନରେ ପହଞ୍ଚିବ ବିରାଟ ବାହିନୀ। ସକାଳ ୧୦ଟାରୁ ଭାରତୀୟ ଦଳ ଅଭ୍ୟାସ କରିବାକୁ ଥିବାବେଳେ ଅପରାହ୍ନ ୨ଟାରେ ୱେଷ୍ଟଇଣ୍ଡିଜ ଦଳର ଅଭ୍ୟାସ ସମୟ ଧାର୍ଯ୍ୟ କରାଯାଇଛି। ତେବେ ଉଭୟ ଦଳର ଅଭ୍ୟାସ ଦେଖିବାକୁ ଷ୍ଟାଡିୟମର ବିଭିନ୍ନ ଗ୍ୟାଲେରୀରେ ଦର୍ଶକଙ୍କ ଭିଡ଼ ଜମିବ ବୋଲି ଆଶା କରାଯାଉଛି।

**ଲର୍ଡ୍ସ ଲୁକ୍‌ରେ ୱାଚ୍‌ଟାୱାର**

ସାମୁଦ୍ରିକ ଝଡ଼ ଫନୀରେ ଷ୍ଟାଡିୟମର ୱାଚ୍‌ଟାୱାର ଅଳ୍ପବହୁତ କ୍ଷତିଗ୍ରସ୍ତ ହୋଇଥିଲା। ମ୍ୟାଚ୍ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ଟାୱାରକୁ ମରାମତି କରାଯାଇଛି। ଶନିବାର ଏହାକୁ ଉଦ୍‌ଘାଟନ କରାଯିବ। ତେବେ ବିଶ୍ୱର ଚର୍ଚ୍ଚିତ କ୍ରିକେଟ ଷ୍ଟାଡିୟମ ଲର୍ଡ୍ସ ପ୍ୟାଭିଲିୟନର ଛାପ ଏହି ଟାୱାରରେ ଦେଖିବାକୁ ମିଳୁଛି। ବାରବାଟୀର ୱାଚଟାୱାରକୁ ଲକ୍ଷ୍ୟ କଲେ ଏହା ଲର୍ଡ୍ସର ପ୍ୟାଭିଲିୟନ ଭଳି ମନେ ହେବ।

**ମଦୁଆଙ୍କୁ ମନା**

ମଦ୍ୟପାନ କରି ଷ୍ଟାଡିୟମ ଭିତରକୁ କେହି ପ୍ରବେଶ କରିପାରିବେ ନାହିଁ। ପୂର୍ବରୁ ଏଠାରେ ହୋଇଥିବା ଅନ୍ତର୍ଜାତୀୟ ମ୍ୟାଚ୍ ସମୟରେ ଅନେକ ଗ୍ୟାଲେରୀରେ ମଦ୍ୟପଙ୍କ ଉତ୍ପାତ ଦେଖିବାକୁ ମିଳୁଥିଲା। ହେଲେ ଚଳିତବର୍ଷ ପ୍ରତ୍ୟେକ ଗ୍ୟାଲେରୀର ପ୍ରବେଶ ପଥରେ ପୋଲିସ ବ୍ରେଥ ଆନାଲାଇଜର ବ୍ୟବହାର କରି ମଦୁଆଙ୍କୁ ଧରିବ ବୋଲି ଜଣାପଡ଼ିଛି।

**ଜଗିବେ ୮୦ପ୍ଲାଟୁନ ପୋଲିସ**

ଶୁକ୍ରବାର ପୋଲିସ ପ୍ରଶାସନ ପକ୍ଷରୁ ଷ୍ଟାଡିୟମରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଲିସର ଅନେକ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମ୍ୟାଚ୍ ସମୟରେ ଲାଗୁ ହେବାକୁ ଥିବା କଟକଣା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିସିସିଆଇ ବକ୍ସ ନିକଟରେ ଯାଞ୍ଚକୁ କଡ଼ାକଡ଼ି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଠାରେ ସହରର ପ୍ରଭାବଶାଳୀ ବ୍ୟକ୍ତିବିଶେଷ ବିନା ପାସ୍‌ରେ ପ୍ରବେଶ କରୁଥିବାର ଅଭିଯୋଗ ମଧ୍ୟ ହୋଇଛି। ଅନ୍ୟପକ୍ଷରେ ମୋଟ୍ ୮୦ ପ୍ଲାଟୁନ ପୋଲିସ ଫୋର୍ସ ମ୍ୟାଚ୍ ପରିଚାଳନା ଦାୟିତ୍ୱରେ ରହିବ। କୌଣସି ପୋଲିସ ଅଧିକାରୀ କିମ୍ବା କର୍ମଚାରୀ ମ୍ୟାଚ୍ ସମୟରେ ମୋବାଇଲ ଫୋନ ବ୍ୟବହାର କରି ପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ପୋଲିସ ଡିଜି ଅଭୟ ଶୁକ୍ରବାର ପୂର୍ବାହ୍ନରେ ଷ୍ଟାଡିୟମ ପରିଦର୍ଶନ କରିଥିଲେ।

**'ଆଇ ଲଭ୍ କ୍ରିକେଟ'**

କ୍ରିକେଟପ୍ରେମୀଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଥମଥର ନିମନ୍ତେ ଏନ ନିଆରା ପଦକ୍ଷେପ ଗ୍ରହଣ କରିଛି ଓସିଏ। ଷ୍ଟାଡିୟମ ପରିସର ବାହାରେ ଓ ବାଉଣ୍ଡାରୀ ନିକଟରେ ଦୁଇଟି ସେଲଫି ଜୋନ ତିଆରି ହୋଇଛି। ଯେଉଁଥିରେ ଲେଖା ଯାଇଛି 'ଆଇ ଲଭ କ୍ରିକେଟ'। ଏହି ସ୍ଥାନରେ ସେଲଫି ଫଟୋ ନେବା ପାଇଁ କ୍ରିକେଟପ୍ରେମୀଙ୍କ ଅହେତୁକ ଭିଡ଼ ଦେଖିବାକୁ ମିଳୁଛି।



ଶୁକ୍ରବାର ହୋଟେଲରେ ସାଥୀ ଖେଳାଳିଙ୍କ ସହ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲିଙ୍କ ସେଲ୍‌ଫି।

**ଗ୍ୟାଲେରି ନଂ-୭ରେ ବାଲୁକାକଳା**

ଫନୀରେ କ୍ଷତିଗ୍ରସ୍ତ ହୋଇ ଅସୁରକ୍ଷିତ ହୋଇ ପଡ଼ିଥିବା ଗ୍ୟାଲେରି ନଂ-୭ରେ ବାଲୁକାକଳା ଦେଖିବାକୁ ମିଳିବ। ଏହି ମ୍ୟାଚ୍‌କୁ ଆଧାର କରି ବାଲୁକାକଳାରେ ରୂପ ଦିଆଯିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ଠାରୁ ଗ୍ୟାଲେରି ନଂ-୭ରେ ବାଲୁକାକଳା ଆରମ୍ଭ ହେବ।

### କଟକରେ ରେକର୍ଡ ଭାଙ୍ଗିପାରନ୍ତି ରୋହିତ

ଭୁବନେଶ୍ୱର,୨୦।୧୨- କଟକର ବାରବାଟୀ ଷ୍ଟାଡିୟମରେ ରବିବାର ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ୩ୟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତୀୟ ଦଳର ଉପଅଧିନାୟକ ରୋହିତ ଶର୍ମା ଏକ ବିଶେଷ ରେକର୍ଡର ଅଧିକାରୀ ହୋଇପାରନ୍ତି। ଗୋଟିଏ ବର୍ଷରେ ୩ ଫର୍ମାଟକୁ ମିଶାଇ ସର୍ବାଧିକ ଅନ୍ତର୍ଜାତୀୟ ରନ୍ କରିଥିବା ଓପନିଂ ବ୍ୟାଟ୍ସମ୍ୟାନଙ୍କ ରେକର୍ଡ ହାତେଇବା ପାଇଁ ରୋହିତଙ୍କୁ ଆଉ ୯ ରନ୍ ଦରକାର। ଏହି ରେକର୍ଡ ଏବେ ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ସନତ ଜୟସୁରିୟାଙ୍କ ନାମରେ ରହିଛି। ୨୦୧୯ରେ ରୋହିତ ଏପର୍ଯ୍ୟନ୍ତ ୨,୩୭୯ ରନ୍ କରିଛନ୍ତି। ତାଙ୍କ ଆଗରେ ଥିବା ଜୟସୁରିୟା ୧୯୯୭ରେ ଦିନିକିଆ ଓ ଟେଷ୍ଟରେ ମୋଟ ୨,୩୮୭ ରନ୍ କରିଥିଲେ।

# ଓଡ଼ିଶାର କ୍ରମାଗତ ଇନିଂସ ବିଜୟ

**ରଣଜୀ ଟ୍ରଫି**

କଟକ ଅଫିସ,୨୦।୧୨

ଚଳିତ ରଣଜୀ ସିଜନରେ ଓଡ଼ିଶାର ଅଭିଯାନ ଉତ୍ସାହଜନକ ରହିଛି। ପ୍ରଥମ ଦୁଇଟି ମ୍ୟାଚରେ ଦଳକୁ ଇନିଂସ ବିଜୟ ମିଳି ସାରିଲାଣି। ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା–ସର୍ଭିସେସ୍ ବିପକ୍ଷ ରଣଜୀ ମ୍ୟାଚ୍ ଶୁକ୍ରବାର ଶେଷ ହୋଇଥିବା ବେଳେ ଏଥିରେ ଓଡ଼ିଶା ଇନିଂସ ଓ ୩୧ରନରେ ଜିତିଥିଲା। ୧୯୫ରନର ଇନିଂସ ଖେଳିଥିବା ଦେବାଶିଷ ସାମନ୍ତରାୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ପୂର୍ବରୁ ଟୁର୍ନାମେଣ୍ଟରେ ପ୍ରଥମ ମ୍ୟାଚ୍‌ରେ ମଧ୍ୟ ଓଡ଼ିଶା ଛତିଶଗଡ଼ ବିପକ୍ଷରେ ଇନିଂସ ବିଜୟ ହାସଲ କରିଥିଲା।

ସର୍ଭିସେସ୍‌ର ପ୍ରଥମ ଇନିଂସ ୨୭୧ରନରେ ସୀମିତ ରହିବା ପରେ ଓଡ଼ିଶା ସମସ୍ତ ଉଇକେଟ ହରାଇ ୫୪୦ରନ କରିଥିଲା। ଗୁରୁବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ସର୍ଭିସେସ୍ ୩ଉଇକେଟ ହରାଇ ୮୬ରନ କରିଥିଲା। ସର୍ଭିସେସ୍ ୧୮୩ରନ ପଛରେ ଥିବା ବେଳେ ବିଜୟ ନିମନ୍ତେ ଓଡ଼ିଶାକୁ ୭ଉଇକେଟ ଆବଶ୍ୟକ ଥିଲା। ଅଧିନାୟକ ରଜତ ପଲିୱାଲ ୬ରନରେ ଓ ରାହୁଲ ସିଂ ୧୪ରନରେ ଅପରାଜିତ ଥିଲେ। ଦଳୀୟ ସ୍କୋର ୯୪ହୋଇଥିବା ବେଳେ ରାହୁଲଙ୍କୁ ୧୬ରନରେ ଦେବାଶିଷଙ୍କ ହାତରେ କ୍ୟାଚ୍ ଆଉଟ କରାଇଥିଲେ ରାଜେଶ। ପରେ ରକ୍ଷଣାତ୍ମକ ଶୈଳୀରେ ବ୍ୟାଟିଂ କରୁଥିବା ଅଧିନାୟକ ରଜତ ୨୨ରନରେ ଦେବବ୍ରତ ପ୍ରଧାନଙ୍କ ଶିକାର ପାଲଟିଥିଲେ। ବିକାଶ ହଥୱାଲା(୭୧ରନ) ଓ ଅରୁଣ ବମଲ(୪୦ରନ) ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ବିକାଶଙ୍କୁ ଅଭିଶେକ ରାଉତ ଓ ଅରୁଣଙ୍କୁ ଶାନ୍ତନୁ ମିଶ୍ର ଆଉଟ କରି ଓଡ଼ିଶା ଶିବିରରେ ବିଜୟ ଆଶା ସଞ୍ଚାର କରିଥିଲେ। ଦେବେନ୍ଦ୍ର ଲୋଚନ ୬ରନରେ, ଦିୱେଶ ପଠାନିଆ ୫ରନରେ, ସାଦବ ନଜାର ୫ରନରେ ଆଉଟ ହୋଇଛନ୍ତି। ସର୍ଭିସେସ ଦ୍ୱିତୀୟ ଇନିଂସରେ ୨୩୮ରନରେ ଅଲଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ଓ ଅଭିଶେକ ରାଉତ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିବା ବେଳେ ଦେବବ୍ରତ ପ୍ରଧାନ ୨ଟି ଓ ଶାନ୍ତନୁ ମିଶ୍ର ଗୋଟିଏ ଉଇକେଟ ପାଇଛନ୍ତି।



ସର୍ଭିସେସ୍ ବିପକ୍ଷରେ ଇନିଂସ ବିଜୟ ହାସଲ କରିଥିବା ଓଡ଼ିଶା ରଣଜୀ ଟ୍ରଫି ଦଳ।

# କାତାର ଇଣ୍ଟରନ୍ୟାଶନାଲରେ ଚାନୁଙ୍କୁ ସ୍ୱର୍ଣ୍ଣ

ଦୋହା, ୨୦।୧୨(ପି.ଟି.)

ପୂର୍ବତନ ବିଶ୍ୱ ଚାମ୍ପିୟନ ଭାରୋତ୍ତୋଳକ ସାଇଖୋମ୍ ମୀରାବାଇ ଚାନୁ ଏଠାରେ ଚାଲିଥିବା ୬ଷ୍ଠ କାତାର ଇଣ୍ଟରନ୍ୟାଶନାଲ କପ୍ ମହିଳା ୪୯ କେଜି ଶ୍ରେଣୀରେ ସ୍ୱର୍ଣ୍ଣ ହାସଲ କରିଛନ୍ତି। ଅଲିମ୍ପିକ ଯୋଗ୍ୟତା ହାସଲ ଇଭେଣ୍ଟରେ ୨୫ ବର୍ଷୀୟା ଚାନୁ ୧୯୪ କେଜି ଉତ୍ତୋଳନ କରି ଏହି ପଦକ ପାଇଛନ୍ତି। ଏଠାରେ ବିଜୟ ଦ୍ୱାରା ୨୦୨୦ ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଫାଇନାଲ ର୍‍ୟାଙ୍କିଂରେ ଚାନୁ ଭଲ ସ୍ଥାନରେ ରହିବେ। ଶୁକ୍ରବାର ଚାନୁଙ୍କ ପ୍ରଦର୍ଶନ ଚଳିତ ବର୍ଷ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନଠାରୁ ନ୍ୟୂନ ଥିଲା। ଏହି ବର୍ଷ ଥାଇଲାଣ୍ଡରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଚାନୁ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ୨୦୧ କେଜି ଉଠାଇ ଦେଇଥିଲେ। ଫ୍ରାନ୍ସର ଦୁଇ ଭାରୋତ୍ତୋଳକ ଅନାଇସ୍ ମିଚେଲ (୧୭୨କେଜି) ଏବଂ ମାନନ ଲୋରେଞ୍ଜ (୧୬୫କେଜି)ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଆଶାତୀତ ୨୦୦କେଜି ଅଙ୍କ ଅତିକ୍ରମ କରିଥିଲେ। ସମସ୍ତ ତିନୋଟି ବିଭାଗରେ ସେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସ୍ନାଚ୍‌ରେ ସେ ୮୭ କେଜି ଉତ୍ତୋଳନ କରିବା ପରେ କ୍ଲିନ ଆଣ୍ଡ ଜର୍କରେ ୧୧୪ କେଜି ଏବଂ ମୋଟ ୨୦୧ କେଜି ଉଠାଇଥିଲେ। ଚାଇନାର ଜିଆଙ୍ଗ ହୁଇହୁଆ (୨୧୨କେଜି) ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆମେରିକାର ଆନାହିମ୍‌ଠାରେ ୨୦୧୭ ସଂସ୍କରଣରେ ଚାନୁ ୪୮ କେଜି ଶ୍ରେଣୀରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ତାଙ୍କ ଓଭର ଅଲ୍ ପ୍ରଚେଷ୍ଟା ୧୯୪ କେଜି ଥିଲା। ପିଠି ନିମ୍ନଭାଗ ଇଞ୍ଜୁରିରୁ ମୁକ୍ତି ପାଇବା ପରେ ଚାନୁ ଫେବୃୟାରୀରେ ଆକ୍ସନକୁ ଫେରିଛନ୍ତି। ପିଠିରେ ଯନ୍ତ୍ରଣା ଯୋଗୁ ସେ ୨୦୧୮ରେ ବିଶ୍ୱ ଚାମ୍ପିୟନଶିପ୍ ଓ ଏସିଆନ ଗେମ୍ସରେ ଭାଗ ନେଇପାରି ନାହାନ୍ତି। ମଣିପୁରୀ ଭାରୋତ୍ତୋଳିକା ଇଗାଟ୍ କପ୍ ୪୯ କେଜି ବିଭାଗରେ ଏକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୬ଟି ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ ମଧ୍ୟରୁ ଏହା ତାଙ୍କର ପ୍ରଥମ ଥିଲା।



# 'ବିଜୟକୁ ଚିହ୍ନିବା ବ୍ୟକ୍ତି ଆଗକୁ ବଢ଼ିଥାଏ'




ଭୁବନେଶ୍ୱର, ୨୦।୧୨(କ୍ରୀଡ଼ା ପ୍ରତିନିଧି)

''କଠିନ ପରିଶ୍ରମ କରି ଯେଉଁ କାର୍ଯ୍ୟ କରାଯାଏ ତାହାର ଫଳ ଭଗବାନ ଦେଇଥାନ୍ତି। କୌଣସି କଠିନ ପରିସ୍ଥିତି ସାମ୍ନାକୁ ଆସିଲେ ତାହାକୁ ସାହସର ସହିତ ସମ୍ମୁଖୀନ ହେବା ସହ ପରିଶ୍ରମ ଜାରି ରଖିବା ଉଚିତ। ଆମ ସାମ୍ନାରେ ଅନେକ ସମସ୍ୟା ଆସିଥିଲେ ହେଁ ଆମେ କେବେ ହାର ମାନିନାହୁଁ। ପରିଶ୍ରମ କେତେବେଳେ ମଧ୍ୟ ବିଜୟ ରୂପରେ ଆସିପାରେ। ଯଦି ବି ପରାଜୟ ଆସିବ ତେବେ ନିରାଶ ହେବା ଉଚିତ ନୁହେଁ। କାରଣ ଏହା ମୋ ପାଇଁ ଆରମ୍ଭ ବୋଲି ମନରେ ଭାବିବା ଉଚିତ। ପରାଜୟ ରୁ ହିଁ ବିଜୟ ପାଇଁ ଶିକ୍ଷା ମିଳେ ଏବଂ ଯିଏ ବିଜୟକୁ ଚିହ୍ନେ ସିଏ ଆଗକୁ ବଢ଼ିଥାଏ। ତେଣୁ ପରାଜୟରେ କେବେ ବି ମର୍ମାହତ ହେବା କିମ୍ବା ବିଜୟରେ ଅତି ଉଲ୍ଲସିତ ହେବା ଉଚିତ ନୁହେଁ। ଏହି ଶିକ୍ଷା ମୋ ବାପା ମୋତେ ଦେଇଛନ୍ତି'' ବୋଲି ଶୁକ୍ରବାର ଏକଲବ୍ୟ ପୁରସ୍କାର ଉତ୍ସବର ମୁଖ୍ୟ ଅତିଥି ତଥା ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟିନୀ ରେସଲର ବବିତା ଫୋଗତ ପ୍ରକାଶ କରିଛନ୍ତି।

**ବାପାଙ୍କୁ ଆମେ ଶକ୍ତିମାନ କହିଥାଉ**

ସବୁବେଳେ ଦେଶ ଏବଂ ମା' ବାପାଙ୍କ ଆଦର କରିବା ଉଚିତ। ସାଧାରଣତଃ ଝିଅଟିଏ ଯେତେବେଳେ ଜନ୍ମହୁଏ ସେତେବେଳେ ମା ବାପା ତାକୁ ବହୁତ ଆକଟ କରିଥାନ୍ତି। ମାତ୍ର ମୋ ବାପା ମୋତେ ଶିଖାଇଥିଲେ ଯେ, ପ୍ରଥମେ କାହାକୁ କିଛି କହିବୁନି, ମାତ୍ର ପରେ ଛାଡ଼ିବୁନି। ମୋ ବାପାଙ୍କୁ ଆମେ ଶକ୍ତିମାନ କହିଥାଉ। କାରଣ ପ୍ରତି ସମସ୍ୟାର ସମାଧାନ ତାଙ୍କ ପାଖରେ ଥାଏ। ଯେତେବଡ଼ ସମସ୍ୟା ଆସିଲେ ମଧ୍ୟ ସେ ତାହାକୁ ଅତି ସହଜରେ ସମାଧାନ କରି ଦେଇଥାନ୍ତି। ତେଣୁ ସବୁ ଝିଅଙ୍କୁ ଏଭଳି ବାପା ମିଳନ୍ତୁ ବୋଲି ମୁଁ ନିଶ୍ଚିତ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବି। କାରଣ ମୋ ବାପା ଆମକୁ ଯେପରି ସୁଯୋଗ ଦେଇଛନ୍ତି ସେପରି ସବୁଝିଅ ପାଇପାରି ନ ଥିବେ। ନ ହେଲେ ଦେଶରେ ଅନେକ ଗୀତା(ଫୋଗତ), ବବିତା ବାହାରି ପାରନ୍ତେ।

**ଜଗନ୍ନାଥଙ୍କଠାରୁ ଆଶୀର୍ବାଦ ନେବି**

ପୂର୍ବରୁ ଓଡ଼ିଶା ଆଥଲେଟ୍ କହିଲେ ମୁଁ କେବଳ ଦୂତୀ ଚାନ୍ଦଙ୍କ ନାମ ଜାଣିଥିଲି। କାରଣ ଆମେ ସାଥିହୋଇ ପଟିଆଲାରେ ଟ୍ରେନିଂ ନେଉଥିଲୁ। ମୁଁ ପୂର୍ବରୁ ପୁରୀରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶା ଆସିଥିଲି। ଇତି ମଧ୍ୟରେ ୧୨ ବର୍ଷ ବିତି ଯାଇଥିବାବେଳେ ଓଡ଼ିଶାରେ ଅନେକ ପରିବର୍ତ୍ତନ ହୋଇଥିବା ଦେଖୁଛି। ପୁଣିଥରେ ପୁରୀ ଆସି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ ନେବାପାଇଁ ମୋର ଆଶାଥିଲା। ଏଥର କିନ୍ତୁ ମୋ ସ୍ୱାମୀଙ୍କ ସହ ଆସିବାକୁ ଇଚ୍ଛା କରିଥିଲି। ଏକଲବ୍ୟ ପୁରସ୍କାର ପାଇଁ ତାହା ସମ୍ଭବ ହୋଇ ପାରିଛି। ମୁଁ ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିବି। ଓଡ଼ିଶାରେ ଯେପରି ସମ୍ମାନ ମିଳିଛି ତାହା ସବୁଦିନ ପାଇଁ ମୋର ମନେ ରହିବ।

**ସମସ୍ତେ ସ୍ୱାସ୍ଥ୍ୟ ସଚେତନ ହେବା ଉଚିତ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟରେ ସମସ୍ତେ ସାମିଲ ହେବା ଉଚିତ। ସମସ୍ତେ ଅତି କମ୍‌ରେ ଅଧଘଣ୍ଟା ସମୟ ବାହାର କରି ବ୍ୟାୟାମ କରିବା ଉଚିତ। ଏହା ଆମ ଜୀବନର କଥା, ସୁସ୍ଥ ରହିବାର କଥା। ସ୍ୱାସ୍ଥ୍ୟପ୍ରତି ସମସ୍ତେ ସଚେତନ ହେବା ଉଚିତ, ଏହାକୁ କେହି ଅଣଦେଖା କରିବା ଅନୁଚିତ ବୋଲି ବବିତା କହିଛନ୍ତି।

୧୯୮୯ ନଭେମ୍ବର ୨୦ରେ ହରିୟାଣାର ଭିୱାନୀଠାରେ ଜନ୍ମିତ ବବିତା ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୦ ଓ ୨୦୧୮ରେ ସେ ରୌପ୍ୟ ପଦକ ମଧ୍ୟ ପାଇଥିଲେ। ୨୦୧୨ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ ଏହି ଭାରତୀୟ ମହିଳା ରେସଲର। ଖେଳ ଛାଡ଼ିବା ପରେ ବବିତା ରାଜନୀତିରେ କ୍ୟାରିୟର ଆରମ୍ଭ କରିଛନ୍ତି।

**ଷଷ୍ଠ ଜନ୍ମବାର୍ଷିକୀ ଶୁଭେଚ୍ଛା**



(ଖୁସୀ)
ଜ୍ୟୋତ୍ସ୍ନାରାଣୀ ପଣ୍ଡା
ରିଆ, ସିମୁଳିଆ, ବାଲେଶ୍ୱର
ଆଜି ତୋର ପବିତ୍ର ୬ଷ୍ଠ ଜନ୍ମଦିନରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଭବିଷ୍ୟତ ଜୀବନ ସୁଖମୟ ଓ ସମୃଦ୍ଧିମୟ ହେଉ ବୋଲି ପ୍ରାର୍ଥନା କରୁଛୁ।
ଶୁଭେଚ୍ଛା ସହ:
ବାପା-ଅଣାକାର ପଣ୍ଡା, ମା-କଳ୍ପନା ପଣ୍ଡା, ଜେଜେ, ଜେଜେମା, ସାନଜେଜେ, ସାନଜେଜେମା, କକା, ପିଉସା, ପିଉସୀ, ମାମୁ, ମାଉସୀ, ଅଜା, ଆଈ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୫୮୨୯

**ଜନ୍ମଦିନ ଶୁଭେଚ୍ଛା**



ତରୁଲତା ବିଶୋଇ
ଡୁମୁଡୁମା ହାଉସିଂବୋର୍ଡ଼ କଲୋନୀ, ଭୁବନେଶ୍ୱର
ଆଜି ତୁମର ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ତଥା ତୁମ ଚଲାପଥକୁ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ସରୋଜ ଓ ପରିବାରବର୍ଗ।
ଧ-୧୫୮୩୦

# ଝିଲ୍ଲୀଙ୍କୁ ଏକଲବ୍ୟ ପୁରସ୍କାର



ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବରେ ଉପସ୍ଥିତ ଅତିଥି, କର୍ମକର୍ତ୍ତାଙ୍କ ସହ ବିଜେତାମାନେ।

ଭୁବନେଶ୍ୱର, ୨୦।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ଝିଲ୍ଲୀ ଦଲବେହେରା ଶୁକ୍ରବାର ସମ୍ମାନଜନକ ଏକଲବ୍ୟ ପୁରସ୍କାର ଗ୍ରହଣ କରିଛନ୍ତି। ଇଣ୍ଡିଆନ ମେଟାଲ୍ସ ପବ୍ଲିକ ଚାରିଟେବଲ ଟ୍ରଷ୍ଟ(ଇମ୍ପାକ୍ଟ) ପକ୍ଷରୁ ଆୟୋଜିତ ଏହି ପୁରସ୍କାର ଆକାରରେ ତାଙ୍କୁ ମାନପତ୍ର, ଫଳକ ଏବଂ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଭାରତୀୟ ମହିଳା ହକି ଦଳର ଅନ୍ୟତମ ସଦସ୍ୟ ନମିତା ଟପ୍ପୋ ଏବଂ ଭାରତୀୟ ମହିଳା ଫୁଟବଲ ଦଳର ନିର୍ଭରଯୋଗ୍ୟ ଡିଫେଣ୍ଡର ଜବାମଣି ଟୁଡୁଙ୍କୁ ସମ୍ମାନିତ କରାଯାଇଛି। ଉଭୟ ଖେଳାଳିଙ୍କୁ ମାନପତ୍ର ସହ ୫୦,୦୦୦ଟଙ୍କା ଲେଖାଏ ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ଭାରତୀୟ ମହିଳା ରେସ୍‌ଲର ବବିତା ଫୋଗତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅର୍ଜୁନ ପୁରସ୍କାରପ୍ରାପ୍ତ ସାଇକ୍ଲିଷ୍ଟ ମିନତି ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପୁରସ୍କାର କମିଟିର ଆବାହକ ଅଶୋକ ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ଇମ୍ପାକ୍ଟର ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପୁରସ୍କାର ପ୍ରଦାନର ଧାରା ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ଜୁରି ସଦସ୍ୟ ଏସ.ପି. ଠାକୁର ଉପସ୍ଥିତ ଥିଲେ। ଇମ୍ପାର ବରିଷ୍ଠ ଅଧିକାରୀ କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ଗ୍ରହଣ ବେଳେ ନିଜ କୋଚ୍‌ଙ୍କୁ ମଞ୍ଚ ଉପରକୁ ଆଣିବାକୁ ଅନୁରୋଧ କରିଥିଲେ ଝିଲ୍ଲୀ। କୋଚ୍ ପି. ଧର୍ମାରାଓଙ୍କ ଉପସ୍ଥିତିରେ ପୁରସ୍କାର ଗ୍ରହଣ ବେଳେ ସେ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ। ପୁରସ୍କାର ସେମାନଙ୍କୁ ଆଗକୁ ଆହୁରି ଭଲ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିବ ବୋଲି ଖେଳାଳିମାନେ ପ୍ରକାଶ କରିଥିଲେ।

# ଦ୍ୱିତୀୟ ଟେଷ୍ଟ: ଶ୍ରୀଲଙ୍କା ଅଗ୍ରଣୀ

କରାଚୀ, ୨୦।୧୨

ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଶ୍ରୀଲଙ୍କା ପ୍ରଥମ ଇନିଂସରେ ଅଗ୍ରଣୀ ହୋଇଛି। ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୫୯.୩ ଓଭରରେ ୧୯୧ ରନକରି ଅଲଆଉଟ୍ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ୮୫.୫ ଓଭରରେ ୨୭୧ ରନ କରି ଅଲଆଉଟ ହୋଇ ୮୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୪ ଓଭରରେ କୌଣସି ଉଇକେଟ ନ ହରାଇ ୫୭ ରନ ସଂଗ୍ରହ କରି ପ୍ରତ୍ୟାବର୍ତ୍ତନ କରିଛି। ଫଳରେ ପାକିସ୍ତାନ ଏବେ ୧୦ ଉଇକେଟ ହାତରେ ରଖି ୨୩ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ସାନ ମାସୁଦ ୨୧ ଓ ଆବିଦ ଅଲି ୩୨ ରନ କରି ଅପରାଜିତ ରହିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୬୩/୩ରୁ ଖେଳ ଆରମ୍ଭ କରି ଶ୍ରୀଲଙ୍କା ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଆଞ୍ଜେଲୋ ମାଥ୍ୟୁସ୍ ୮ ରନରୁ ଖେଳ ଆରମ୍ଭ କରି ୧୩ ଓ ଲସିଥ ଏମ୍ବୁଲଡେନିଆ ୩ ରନରୁ ଖେଳ ଆରମ୍ଭ କରି ୧୩ ରନ କରି ଆଉଟ ହୋଇଛନ୍ତି। ଏହାପରେ ଧନଞ୍ଜୟ ଡି ସିଲଭା ୩୨, ଉଇକେଟ କିପର ବ୍ୟାଟ୍ସମ୍ୟାନ ନିରୋଶାନ ଡିକ୍‌ୱାଲା ୨୧, ଦୀନେଶ ଚାଣ୍ଡିମଲ ୭୪, ଦିଲରୁୱାନ ପେରେରା ୪୮ ଓ ଲାହିରୁ କୁମାରା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ୧୯ ବର୍ଷୀୟ ଦ୍ରୁତ ବୋଲର ଶାହିନ ଶାହା ଆଫ୍ରିଦି ସର୍ବାଧିକ ୫, ମହମ୍ମଦ ଆବାସ ୪ ଓ ହାରିସ ସୋହେଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ- ୫୯.୩ ଓଭରରେ ୧୯୧।

ଶ୍ରୀଲଙ୍କା ପ୍ରଥମ ଇନିଂସ- ୮୫.୫ ଓଭରରେ ୨୭୧ ଅଲଆଉଟ (ଚାଣ୍ଡିମଲ- ୭୪, ଦିଲରୁୱାନ- ୪୮, ଧନଞ୍ଜୟ- ୩୨, କରୁଣାରତ୍ନେ- ୨୫, ଡିକ୍‌ୱାଲା- ୨୧, ଆଫ୍ରିଦି- ୫/୭୭, ଆବାସ- ୪/୫୫, ସୋହେଲ- ୧/୧୧)।

ପାକିସ୍ତାନ ଦ୍ୱିତୀୟ ଇନିଂସ- ୧୪ ଓଭରରେ ୫୭/୦ (ମାସୁଦ- ୨୧, ଆବିଦ- ୩୨)।

# ଟ୍ୟାଲେଣ୍ଟ ହଣ୍ଟ ପ୍ରୋଗ୍ରାମ: ବୟସ ଜାଲିଆତିରେ ଧରା ପଡିଲେ ୫୧ ଖେଳାଳି

ନୂଆଦିଲ୍ଲୀ, ୨୦।୧୨(ପି.ଟି.)- ପୁଣିଥରେ କ୍ରୀଡ଼ାରେ ବୟସ ଜାଲିଆତିର ବଡ଼ ଘଟଣା ଦେଖିବାକୁ ମିଳିଛି। ତିରୁପତିରେ ଗତମାସରେ ହୋଇଥିବା ଜାତୀୟ ଆନ୍ତଃ ଜିଲା ଜୁନିୟର ମିଟ୍‌ରେ ୫୧ଜଣ ଖେଳାଳି ବୟସ ଅଧିକ ହେବା କାରଣରୁ ଧରା ପଡିଛନ୍ତି। ପୁଣି ଭେରିଫିକେଶନ ଟେଷ୍ଟରୁ ବର୍ତ୍ତିବା ପାଇଁ ୧୬୯ ଜଣ ସ୍ଥାନ ଛାଡି ଚାଲିଯାଇଥିବା ଜଣାପଡିଛି। ଏହି ମିଟ୍‌କୁ ବିଶ୍ୱର ସର୍ବବୃହତ୍ ଟ୍ୟାଲେଣ୍ଟ ହଣ୍ଟ ବା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କୁହାଯାଉଥିଲା।

ଦେଶର ୪୯୪ ଜିଲାରୁ ୧୪ ଓ ୧୬ ବର୍ଷରୁ କମ୍ ବର୍ଗରେ ୪୫୦୦ ବାଳକ ଓ ବାଳିକା ଏହି ଆଥଲେଟିକ୍ ମିଟ୍‌ରେ ଅଂଶଗ୍ରହଣ କରିଥିଲେ। ଏହି ମିଟ୍ ନଭେମ୍ବର ୨୪ରୁ ୨୬ ତାରିଖ ମଧ୍ୟରେ ଆୟୋଜିତ ହୋଇଥିଲା। ବୟସ ନିର୍ଦ୍ଧାରଣ ପାଇଁ ଡେଣ୍ଟାଲ ପରୀକ୍ଷା ଓ ଟାନର ହ୍ୱାଇଟ ହାଉସ ୩ (ଟିଡବ୍ଲ୍ୟୁ ୩)) କାର୍ଯ୍ୟକ୍ରମ ହୋଇଥାଏ। ଏଥିରେ ୫୧ ଜଣ ଖେଳାଳିଙ୍କ ବୟସ ଅଧିକ ଥିବା ଜଣାପଡିଥିଲା। ୧୨୪ ଜଣ ଖେଳାଳି ନାମ ପଞ୍ଜୀକରଣ କରିଥିଲେ ମଧ୍ୟ ଆଥଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) କାଉଣ୍ଟରରେ ମେଡିକାଲ ଟେଷ୍ଟର ସମ୍ମୁଖୀନ ହୋଇ ନ ଥିଲେ। ପୁଣି ୬୫ ଜଣ ଯୁବ ଖେଳାଳି ଟିଡବ୍ଲ୍ୟୁ୩ ଟେଷ୍ଟର ସମ୍ମୁଖୀନ ହୋଇ ନ ଥିଲେ।

ରାଜସ୍ଥାନରୁ ସର୍ବାଧିକ ୧୫ ବୟସାଧିକ୍ୟ ଖେଳାଳିମ ଯୋଗଦେଇଥିଲେ। ସେହିପରି ଉତ୍ତରପ୍ରଦେଶରୁ ୧୦ଜଣ ଖେଳାଳିଙ୍କ ବୟସ ଅଧିକ ବୋଲି ଜଣାପଡିଥିଲା। ଯେଉଁ ରାଜ୍ୟର ଖେଳାଳିମାନେ ଧରାପଡିଛନ୍ତି ସେ ରାଜ୍ୟ ଏଏଫ୍‌ଆଇ ରୋଷର ଶିକାର ହେବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ଏଏଫ୍‌ଆଇ ସମସ୍ତ ୨୪୦ଜଣ ଆଥଲେଟଙ୍କୁ ଡିସ୍‌କ୍ୱାଲିଫାଏ କରିବ। ଉଲ୍ଲେଖଥାଉ କି, କ୍ରୀଡ଼ାରେ ବୟସ ଜାଲିଆତି ନୂଆ ଘଟଣା ନୁହେଁ। ଏହା ବିଗତ କେତେ ଦିନ ଧରି ଚାଲିଆସୁଛି। ଗତ ମାସରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରରେ ଅନୁଷ୍ଠିତ ଜାତୀୟ ଜୁନିୟର ଚାମ୍ପିୟନଶିପ୍‌ରେ ବୟସ ଜାଲିଆତିରେ ୧୦୦ ଜଣ ଖେଳାଳି ଧରାପଡିଥିଲେ। ଆଥଲେଟିକ ସମେତ ସବୁ କ୍ରୀଡ଼ାରେ ବୟସ ଜାଲିଆତିକୁ ରୋକିବା ପାଇଁ ଏଏଫ୍‌ଆଇ ତା'ର ପ୍ରୟାସ ଜାରି ରଖିଛି।

# ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



୰ଲୋକନାଥ ତ୍ରିପାଠୀ
ମହତାବ ରୋଡ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ : ୨୦.୦୧.୧୯୨୪
ତିରୋଧାନ : ୧୩.୧୨.୨୦୧୭
ଆପଣଙ୍କ ଜୀବନାଦର୍ଶ, କର୍ତ୍ତବ୍ୟନିଷ୍ଠା, ସରଳଜୀବନ ଏବଂ ଉଚ୍ଚାଭିଳାଷ ଆମପାଇଁ ସର୍ବଦା ଅନୁକରଣୀୟ। ଆଜିର ପୁଣ୍ୟ ତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ : ପୁତ୍ର - ତ୍ରିନାଥ, ତ୍ରୈଲୋକ୍ୟନାଥ, ପୁତ୍ରବଧୂ - ମଞ୍ଜୁଳା, ସୌଦାମିନି
ଧ-୧୫୮୩୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତା ପ୍ରତିଭାରାଣୀ ଆଚାର୍ଯ୍ୟ
ଆବିର୍ଭାବ: ୦୯।୦୪।୧୯୪୫
ତିରୋଧାନ: ୩୧।୧୨।୨୦୧୮
ସ୍ୱାମୀ- ଶ୍ରୀ ସୁଧାଂଶୁ କୁମାର ଆଚାର୍ଯ୍ୟ
ତକତପୁର, ବାରିପଦା, ୱା.ନଂ.-୨୩
ସମୟ ସ୍ରୋତରେ ବିତିଲା ବରଷେ
ସ୍ମୃତିର ଫଳକ ପରେ
ମାତୃତ୍ୱ ସ୍ୱରୂପ ସ୍ନେହବୋଳା କଥା
ଜାଗିଉଠେ ବାରେ ବାରେ ।।
ଶ୍ରୀଗୁରୁଙ୍କ ପାଦପଦ୍ମେ ଲୀନ ହୋଇ
ରହିଛ ଅମରପୁର
ସେଇଠାରୁ ଶୁଭାଶିଷ ବିତରି ''ମା''
ଆମକୁ ଆଶିଷ କର।।
ଶୋକସନ୍ତପ୍ତ:
ଆଚାର୍ଯ୍ୟ ପରିବାର ଏବଂ ବନ୍ଧୁବର୍ଗ।
ଧ-୧୫୮୨୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଅହଲ୍ୟା ମହାନ୍ତି
ଜୟଦୁର୍ଗାନଗର, ଭୁବନେଶ୍ୱର
ଆବିର୍ଭାବ : ୧୩.୦୩.୧୯୪୩
ତିରୋଧାନ : ୧୧.୧୨.୨୦୧୯
ଏତେ ବଡ଼ ପଣ ଧରିକରି ତୁମେ
ଥିଲ ଆମରି ଭିତରେ
ତୁମ ସ୍ନେହ ଭରା କଥାଟେ ପାଇଁକି
ମନ ତ ଆମରି ଝୁରେ ।
ତୁମରି ହାତର ପରଶ ଦେଇକି
ଆମକୁ ତ ବଡ଼ କଲ
ପୁଣି କିମ୍ପା ଅଭିମାନ କରି ତୁମେ
ସରଗ ରଥରେ ଉଭେଇ ଗଲ ।
ତୁମର କବି-ନରେଶ, ବାବୁ-ଦୀପା, ମମି-ରାଜେନ୍ଦ୍ର, ହାନୁ-ଲିଟି,ବର୍ଣ୍ଣି-ପ୍ରଜ୍ଞା, ମୁନା, ଲିପୁନ, ପୁପୁଲ, ଚଂଶ, ମଧୁ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୫୮୨୮

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ମୁରଲୀଧର ମହାପାତ୍ର
ଫଳପୁର, ଧାମନଗର, ଭଦ୍ରକ
ଆବିର୍ଭାବ: ୦୯।୦୬।୧୯୩୩
ତିରୋଧାନ: ୧୧।୧୨।୨୦୧୯
ଆପଣଙ୍କ ସ୍ନେହ, ତ୍ୟାଗ, ସରଳ ଜୀବନ ଓ ଉଦାରତା ଏବଂ ଧାର୍ମିକ ଆତ୍ମା ଆମପାଇଁ ଥିଲା ପ୍ରେରଣାର ଉତ୍ସ। ଆପଣଙ୍କ ଅନୁପସ୍ଥିତି ଆମମାନଙ୍କ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ପତ୍ନୀ: ସରସ୍ୱତୀ, ପୁତ୍ର: ଶ୍ରୀକାନ୍ତ, କମଳାକାନ୍ତ ଓ ଦିପୁ, ପୁତ୍ରବଧୂ: ସ୍ୱର୍ଣ୍ଣଲତା, ସଞ୍ଜୁ, ସସ୍ମିତା ଓ ଖୁସି, ଝିଅ ଓ ଜ୍ୱାଇଁ: ମାମି, ରୁଦ୍ର, ଲୁଷି, ଟୁଲୁ, ସବିତା-ପ୍ରଶାନ୍ତ, ନାତି ଓ ନାତୁଣୀ- ବାପୁନ, ସିପୁନ, ଲଡୁ (କ୍ରିସ୍), ଝୁମି, ନାତୁଣୀବୋହୂ- ପ୍ରିତି, ଅଣନାତୁଣୀ- ଲଭିୟା ଏବଂ ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୫୮୩୪

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ବଟକୃଷ୍ଣ ଦାସ
ସାଇଁଶୋ (ନକୁଳେଶ୍ୱର ନଗର)
ଆବିର୍ଭାବ: ୨୦।୧୧।୧୯୨୬
ତିରୋଧାନ: ୧୧।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସୁକାନ୍ତ, ବସନ୍ତ, ଶରତ, ଅନନ୍ତ, କ୍ଷୀରୋଦ, ନିରୋଦ, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୪୫୪

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ତରୁଲତା ମହାପାତ୍ର
ସ୍ୱାମୀ: ସ୍ୱର୍ଗତ ନିରଞ୍ଜନ ମହାପାତ୍ର
ନୂଆଗଡ଼, ରେଢୁଆ, ଜଗତ୍‌ସିଂହପୁର
ତିରୋଧାନ: ୧୨।୧୨।୨୦୧୯
(ମାର୍ଗଶିର ମାସ ପୂର୍ଣ୍ଣିମା)
ବୋଉ, ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ହଠାତ୍ ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା ଆମ୍ଭର ପାଥେୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ଟୁନି, ଚୁନି, ସାନ୍ତନୁ, ପ୍ରମୋଦ ଓ ପରିବାରବର୍ଗ।
ଧ-୬୭୧୦୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰ ସଦାନନ୍ଦ ଲେଙ୍କା
(ବାହାନ)
ଘଟକୁରୀ (ଆସିକା) ଗଞ୍ଜାମ
ଆବିର୍ଭାବ : ୦୪-୦୫-୧୯୭୦
ତିରୋଧାନ : ୩୧-୧୨-୨୦୧୮
ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
- ହତଭାଗା ଭାଇ ଅରବିନ୍ଦ ଲେଙ୍କା (ସରପଞ୍ଚ, ଖାରିଆ ଗ୍ରା.ପ.)
ଶୋକସନ୍ତପ୍ତ ପରିବାର ବର୍ଗ
ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ
ଧ-୧୫୮୨୫

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ଜାତୀୟ ସବ୍-ଜୁନିୟର ବ୍ୟାଡମିଣ୍ଟନ**

# କ୍ୱାର୍ଟରରେ ଆୟୁଷ, ସେମିରେ ତାରା

ଭୁବନେଶ୍ୱର, ୨୦।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଇଷ୍ଟକୋଷ୍ଟ ରେଲୱେ ଇନଡୋର ଷ୍ଟାଡିୟମରେ ଚାଲିଥିବା ୩୩ତମ ଜାତୀୟ ସବ- ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଏସିଆ ଜୁନିୟର ୧୫ ବର୍ଷରୁ କମ୍ ବାଳିକା ରନର୍ସଅପ୍ ତାରା ଶାହା ପ୍ରଥମ ଖେଳାଳିଭାବେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଟପ୍ ସିଡ ମାନ୍ୟତା ପାଇଥିବା ପୁଣେର ତାରା ୧୫ ବର୍ଷରୁ କମ୍ ପ୍ରଥମ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ହାରିୟାଣାର ଉନାତି ହୁଡାଙ୍କୁ ୨୧-୧୬, ୨୧-୧୮ରେ ହରାଇ ସେମିକୁ ଉଠିଛନ୍ତି। ସେହିପରି ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଅଷ୍ଟମ ସିଡ ହରିୟାଣାର ଦେବିକା ସିହାଗ ଚତୁର୍ଥ ସିଡ୍ ଖେଳାଳି ରାଧିକା ଶର୍ମାଙ୍କୁ ସିଧାସଳଖ ଗେମ୍‌ରେ ହରାଇ ସେମିରେ ପ୍ରବେଶ କରିଛନ୍ତି।



ଡବଲ୍ସ ମ୍ୟାଚ୍ ଅବସରରେ ଦୁଇ ପ୍ରତିଯୋଗୀ।

ଅପରପକ୍ଷରେ ୧୭ ବର୍ଷରୁ କମ ସିଙ୍ଗଲ୍ସ ଇଭେଣ୍ଟରେ ଟପ୍ ସିଡ ତେଲଙ୍ଗାନାର ପ୍ରଣବ ରାଓ ଗନ୍ଧାମ, ତୃତୀୟ ସିଡ ହରିୟାଣାର ଜୟନ ରାଣା ଓ ଚତୁର୍ଥ ସିଡ ଉତ୍ତରପ୍ରଦେଶର ଆୟୁଷ ରାଜ ଗୁପ୍ତା ସେମାନଙ୍କ ମ୍ୟାଚ୍ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ଦିବସରେ ଡବଲ୍ସ ଓ ମିକ୍ସଡ ଡବଲ୍ସ ମ୍ୟାଚ୍‌ଗୁଡିକ ମଧ୍ୟ ଖେଳାଯାଇଥିଲା ଓ କୋଡୋଟି ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା।

■ ପକ୍ଷାଘାତରେ ପୀଡ଼ିତ ଶୁକଦେବ

# ଜୀବନ୍ ମରନ୍ ସଂଗେ ଯୁଝୁଛନ୍ ଦେବକୀ

ଲୋଇସିଂହା, ୨୦।୧୨ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡ଼ା ଗାଁର ଶୁକଦେବ ପଧାନ(୪୫)। ସେ ବନେ ବଛରକେତେ ହେଲା ପକ୍ଷାଘାତ ରୋଗ୍‌ରେ ପୀଡ଼ିତ ଥିଲାବେଲେ ମାଏକିନା ଦେବକୀ କିଡ୍‌ନୀ ରୋଗ୍‌ରେ ବୁର୍ଲା ବଡ଼ ଡାକ୍‌ତରଖାନାରେ ଜୀବନ୍ ମରନ୍ ସଂଗେ ଯୁଝୁଛନ୍। ଡାକ୍‌ତର ଦେବକୀକଁର ଉଚ ଚିକିଛା ଲାଗି କଟକ ବଡ଼ ଡାକ୍‌ତରଖାନା ନେବାକେ ପରାମଶ ଦେଇଛନ୍। ହେଲେ ଟଁକା ପଏସା ଅଭାବୁ ପରିବାର ଲୋକ ତାହାକୁ କଟକ ନେଇ ନାଇଁପାରବାର। ଗାଁବାସୀକର ଚାଁଦାଭେଦାରେ ଦେବକୀ ଏହେଦେ ବୁର୍ଲା ବଡ଼ ଡାକ୍‌ତରଖାନାରେ ଚିକିଛିତ ହେଉଛନ୍।

ସୂଚନା ଅନ୍‌ସାରେ ଯୋଗୀସର୍ଡ଼ା ଗାଁର ଶୁକଦେବକଁର ପରିବାର କହେଲେ ମାଏକିନା ଦେବକୀ ଆର ଦୁଇ ପୁଓ ରାହୁଲ, ରୋହନକେ ନେଇ ସଁସାର। ଶୁକଦେବ କୁଲିମଜୁରି କରି କୁଟୁମ ପୁଷୁଥିଲେ। ହେଲେ ଆଏଜ୍‌କେ ୫ ବଛର ତଲେ ସେ ପକ୍ଷାଘାତ ରୋଗ୍‌ରେ ପଡ୍‌ଲେ। ବହୁତ ଟଁକା ପଏସା ଖରଚ୍ କଲା ଉତାରୁ ବି କିଛି ଲାଭ ନାଇଁ ହେଲା। ଗୁଟେ ବାଡ଼ି ସାହାଯ୍‌ରେ ସେ ବଡ଼ା କଷ୍‌ଟେ ଚାଲବୁଲ କରୁଛନ୍। ଏନ୍‌ତାଥି ପରିବାରର ବୋଝ୍ ଦେବକୀକଁର ଉପରେ ପଡ଼ିଥିଲା। ସେ କୁଲିମଜୁରି କରି ୪ ପରାନୀ କୁଟୁମ ପୁଷ୍‌ବାର ସଂଗେ ଆପ୍‌ନେ ଶୁକଦେବକଁର ଉଷୋକଷା, ଛୁଆପିଲାକର ପାଠ୍‌ପଢ଼ା ଖରଚ୍ ତୁଲଉଥିଲେ। ହେଲେ ଦୁଖର କଥା ଦୁଇ ହପ୍‌ତା ତଲେ ଦେବକୀକଁର ଦିହିପା ବିଗ୍‌ଡ଼ି ଝାଡ଼ା ହେଇଥିଲା। ପରିବାର ଲୋକ ତାହାକୁ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭରତି କଲେ। ହେଲେ ସେଠାନେ ଅବସ୍‌ତା ନାଇଁ ସୁଧିରଲାରୁ ପରିବାର ଲୋକ୍ ତାହାକୁ ବୁର୍ଲା ନେଲେ। ବୁର୍ଲାରେ ଡାକ୍‌ତର ପରୀକ୍ଷା ନିରୀକ୍ଷା କଲାରୁ ଦେବକୀ କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଥିବାର ଜନାପଡ଼ିଥିଲା। ଏହେଦେ ବୁର୍ଲା ଡାକ୍‌ତର ଉଚ ଚିକିଛା ଲାଗି ଦେବକୀକୁଁ କଟକ ବଡ଼ ଡାକ୍‌ତରଖାନା ନେବାକେ ପରାମଶ ଦେଇଛନ୍। ହେଲେ ଟଁକା ପଏସା ଅଭାବୁ ପରିବାର ଲୋକ ଦେବକୀକୁଁ କଟକ ନେଇ ନାଇଁପାରବାର। ଇ କଥା ଜାନଲାରୁ ଗାଁବାସୀ ୨୨ ହଜାର ଟଁକା ଚାଁଦାଭେଦା କରି ତାକର ଲାଗେଲେସର ହାତେ ବୁର୍ଲା ପଠେଇଛନ୍। ହେଲେ ଇ ଟଁକା ବି ଚିକିଛା ଲାଗି ଅଭାବ ପଡୁଛେ। ଏହେଦେ ଦେବକୀ ଟଁକା ପଏସା ଅଭାବୁ ବୁର୍ଲା ବଡ଼ ଡାକ୍‌ତରଖାନାରେ ଜୀବନ୍ ମରନ୍ ସଂଗେ ଯୁଝୁଛନ୍। ଇ କଥାଟା ପରିବାର ଲୋକ୍ ତାକର ଦୁଇ ନାବାଲକ ପୁଓକୁ ଲୁକେଇକରି ରଖିଛନ୍। ରାଏଜ୍ ସରକାର ଆର ଜିଲା ପରଶାସନ ଇ ଦୁଖି ଗରିବ୍ ପରିବାର ଉପରେ ଦୁରୁଷ୍‌ଟି ଦେଇ ମାହାଲିଆ ଚିକିଛା ସୁବିଧା ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ବିଡିଓ ରାମଚନ୍ଦ୍ର ଖାଡିଆକୁଁ ପଚ୍‌ରାଲାରୁ ସରକାରୀ ଡାକ୍‌ତରଖାନାରେ ଯେହେତୁ ଚିକିଛିତ ହେଉଛନ୍ ସେ ନିହାତି ଭାବେ ସରକାରକଁର ତରଫୁ ମିଲୁଥିବାର ସୁବିଧା ପାଉଥିବେ। ମୁଇଁ ଇ ବାବ୍‌ଦେ ଜିଲାପାଳକଁର ସଂଗେ କଥା ହେଇ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ କିଛି ସାହାଯ୍‌ର ବେବସ୍‌ତା କରମି ବଲି ସେ କହିଥିଲେ।



ପକ୍ଷାଘାତରେ ପୀଡ଼ିତ ଶୁକଦେବ(ବାମ)। ଦେବକୀ ବୁର୍ଲା ବଡ଼ ଡାକ୍‌ତରଖାନାରେ ଚିକିଛିତ ହେଉଛନ୍।




# ଅଙ୍ଗଦାନ କରିବେ ୭୦ କିନ୍ନର

ଭଦ୍ରକ ଅଫିସ, ୨୦।୧୨

ମୃତ୍ୟୁ ପରେ ସେମାନଙ୍କ ଅଙ୍ଗ ସମାଜର ଯେକୌଣସି ବର୍ଗର ଲୋକଙ୍କ ପାଇଁ ଦାନ କରିବେ। ଭଦ୍ରକ ଚରମ୍ପାସ୍ଥିତ ଏକ ହୋଟେଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଅର୍ଦ୍ଧନାରୀଶ୍ୱର କିନ୍ନର ମହାସଂଘର ୭୦ ଜଣ ସଦସ୍ୟ ଏ ନେଇ ଭାରତୀୟ ଶରୀର ଓ ଅଙ୍ଗଦାନ ସମିତି ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରି ଉଦାହରଣ ସୃଷ୍ଟି କରିଛନ୍ତି। ସେମାନଙ୍କର ଏଭଳି ଉଦ୍ୟମକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ନିଜକୁ ମୃତ୍ୟୁ ପରେ ବି ବଞ୍ଚାଇ ରଖିବାର ପ୍ରୟାସ କରି ଅଙ୍ଗଦାନ ଭଳି ପୁଣ୍ୟ କାର୍ଯ୍ୟ ଲାଗି ସେମାନେ ଚୁକ୍ତି କରିଥିବାରୁ ଉପସ୍ଥିତ ଅତିଥିମାନେ ସାଧୁବାଦ ଜଣାଇଥିଲେ। ଏହି ସଂଘର ୭ମ ବାର୍ଷିକ ଉତ୍ସବ ତଥା ଅଙ୍ଗଦାନ ଦିବସରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ମୁଖ୍ୟଅତିଥି ଏବଂ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଭାରତୀୟ ଶରୀର ଓ ଅଙ୍ଗଦାନ ସମିତି ସଭାପତି ଡ. ପ୍ରଭାସ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଓଡ଼ିଶା କିନ୍ନର ସମାଜର ସଭାପତି ମୀରା ପରିଡ଼ା, ଉତ୍ତର ଓଡ଼ିଶା କିନ୍ନର ସଂଘର ସଭାପତି ସୌମ୍ୟଶ୍ରୀ, ଅର୍ଦ୍ଧନାରୀଶ୍ୱର କିନ୍ନର ସଂଘର ସଭାପତି ସୋନାଲି ପ୍ରମୁଖ ଯୋଗଦେଇ ଅଙ୍ଗଦାନର ଉପକାରିତା ବିଷୟରେ କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଲୋକଙ୍କୁ ସମ୍ମାନିତ କରାଯାଇଥିଲା।

**ଚୁକ୍ତିନାମା ସ୍ୱାକ୍ଷରିତ**

# କୋଟିପତି ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

**କୁଚିଣ୍ଡା,୨୦।୧୨(ଡି.ଏନ.ଏ.):** ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ଟିମ୍ ସମ୍ବଲପୁର ଜିଲା କୁଚିଣ୍ଡା ଏନ୍‌ଏସି ସହକାରୀ ଯନ୍ତ୍ରୀ ଉପେନ୍ଦ୍ର ନାୟକଙ୍କ ପୈତୃକ ଘର ସମେତ ୫ଟି ସ୍ଥାନରେ ଏକ ସଙ୍ଗେ ଚଢ଼ାଉ କରିଛି । ଶୁକ୍ରବାର ଭୋର ୫ଟାରୁ ଭିଜିଲାନ୍ସ ଟିମ ଏହି ଚଢ଼ାଉ ଆରମ୍ଭ କରିଥିଲା। ନାୟକଙ୍କ ଶ୍ୱଶୁର ଘର, ଏନଏସି କାର୍ଯ୍ୟାଳୟ, ବ୍ରହ୍ମକୁମାରୀ ବିଲ୍ଡିଂ, କୁଚିଣ୍ଡା ବିଜୟା ପୁସ୍ତକ ଭଣ୍ଡାର ଛକରେ ଥିବା ବିଲ୍ଡିଂ ସହ ୫ଟି ସ୍ଥାନରେ ଏକ ସାଙ୍ଗରେ ଚଢ଼ାଉ କରାଯାଇଥିଲା। ଏହି ଖବର ଲେଖାଯିବା ପର୍ଯ୍ୟନ୍ତ ପ୍ରାୟ ୫ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ପ୍ରସ୍ତୁତି ଚାଲିଛି । ମିଳିଥିବା ସୂଚନା ଅନୁସାରେ ସହକାରୀ ଯନ୍ତ୍ରୀ ନାୟକଙ୍କ ଘୋଷା ଗାଁସ୍ଥିତ ପୈତୃକ ଘରର ମୂଲ୍ୟ ୯୬ ଲକ୍ଷ ୬ ହଜାର ୨୦୮ ଟଙ୍କା, ୫ ଲକ୍ଷ ୫୦ ହଜାର ଟଙ୍କାର ସୁନା ଅଳଙ୍କାର, ୪୭ ହଜାର ୩୨୦ ଟଙ୍କାର ରୁପା ଅଳଙ୍କାର, ଏଲଆଇସି ୧୭ଟି ବଣ୍ଡରୁ ୮୮ ଲକ୍ଷ ୭୫ ହଜାର ୧୦୫ ଟଙ୍କା, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଫିକ୍ସ ଡିପୋଜିଟ ୨ ଲକ୍ଷ ୩୦ ହଜାର, ଏସଡିସିସି ବ୍ୟାଙ୍କରେ ୩ ଲକ୍ଷ ୩୦ ହଜାର ୨୦୫ ଟଙ୍କା, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ୩୦ ଲକ୍ଷ ୩୦ ହଜାର, ପେସନ ପ୍ରୋ ବାଇକ ମୂଲ୍ୟ ୩୮ ହଜାର, ଟ୍ରାକ୍ଟର ମୂଲ୍ୟ ୩ ଲକ୍ଷ ୪୫ ହଜାର ଟଙ୍କା ଆକଳନ କରାଯାଇଛି । ଆହୁରି ୨ଟି ବଡ ବିଲ୍ଡିଂ, ମାର୍କେଟ କମ୍ପ୍ଲେକ୍ସ ସହ ବହୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀର ମୂଲ୍ୟ କେତେ ହେବ ଆକଳନ ଚାଲିଛି। ଏହି ଚଢ଼ାଉରେ ୫ଜଣ ଡିଏସ୍‌ପି ଦିଲୀପ କର, ବୀରେନ୍ଦ୍ର ନାଏକ, ଏମ୍.ମିଞ୍ଜ୍, ପି. କିଷାନ, ଓ କେ. ସାମଲ (ବଲାଙ୍ଗୀର)ଙ୍କ ସହ ଇନ୍ସପେକ୍ଟର ସି. ବିଲୁଙ୍ଗ, ଏଏସ ପୂଜାରୀ, ପିକେ ଆଇନ୍ଦ, ଏ.କେ. ପାଢ଼ୀ, ଏସକେ ସାହୁ, ଏସଏନ ପୋଇ, ପି.ପି. ବାଗେଙ୍କ ସହ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।


ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।




■ ସିଙ୍ଗଝର କ୍ରିକେଟ ଟୁର୍ଣ୍ଣାମେଣ୍ଟ-୨୦୧୯ ନବମ ଦିବସ

# ନବରଙ୍ଗପୁରକୁ ହରାଇ ସମ୍ବଲପୁର ବିଜୟୀ



ଖେଳାଳିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

**ସିନାପାଲି,୨୦।୧୨(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ ସିଙ୍ଗଝର ରାଜିବ ନାଏକ ଖେଳ ପଡିଆରେ ଚାଲିଥିବା ସିଙ୍ଗଝର କ୍ରିକେଟ ଟୁର୍ଣ୍ଣାମେଣ୍ଟ-୨୦୧୯ର ଶୁକ୍ରବାର ନବମ ଦିବସରେ ନବରଙ୍ଗପୁର ଓ ସମ୍ବଲପୁର ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ଏହି ମ୍ୟାଚରେ ସମ୍ବଲପୁର ଦଳ ବିଜୟୀ ଲାଭ କରିଛି । ମ୍ୟାଚରେ ନବରଙ୍ଗପୁର ଦଳ ପ୍ରଥମେ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ୧୩.୪ ଓଭରରେ ସମସ୍ତ ଉଇକେଟ ହରାଇ କେବଳ ୭୯ ରନ ସଂଗ୍ରହ କରିଥିଲା । ସମ୍ବଲପୁର ଦଳର ବୋଲିଂ ଓ ଫିଲ୍ଡିଂ ଆଗରେ ନବରଙ୍ଗପୁର ଦଳ ବିପର୍ଯ୍ୟୟ ଘଟି ପରାଜିତ ହୋଇଥିଲା । ସମ୍ବଲପୁର ଦଳ ମାତ୍ର ୯.୧ ଓଭରରେ ୩ ଉଇକେଟ ହରାଇ ୮୩ ରନ ସଂଗ୍ରହ କରି ବିଜୟୀ ଲାଭ କରିଥିଲା। ମ୍ୟାଚରେ ସମ୍ବଲପୁର ଦଳର ଦୟାରାମ ୪ ଓଭର ବୋଲିଂ କରି ୧ ମେଡେନ ସମେତ ୫ ଉଇକେଟ ନେଇ ୧୬ ରନ ବ୍ୟୟ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚର ଅମ୍ପାୟାର ଭାବେ ପୟୋଜରଞ୍ଜନ କଶ୍ୟବ ଓ ସୌରଭ ଯୋଶୀ ଦାୟିତ୍ୱ ତୁଲାଇଥିଲେ । ବୀଜୟ କୁମାର ସେଠୀ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ମକରଧ୍ୱଜ ବୈଠାରୁ ସ୍କୋରର ଦାୟିତ୍ୱ ସମ୍ଭାଳିଥିଲେ। ଏହି ମ୍ୟାଚରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ରଜାକ ଖାନ୍ ଯାଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସିଙ୍ଗଝର ସରପଞ୍ଚ ରୀନା ବୈଠାରୁ, କଳିଙ୍ଗ ବୈଠାରୁ, ଲୋକେଶ୍ୱର ମାଝି, ମାନସରଞ୍ଜନ କସ୍ୟବ, ଜଇତିରାମ ନାଏକ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସିଙ୍ଗଝର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅଞ୍ଚଳର ଏକ ଅନନ୍ୟ ଟୁର୍ଣ୍ଣାମେଣ୍ଟ। ଏଠାରେ ଖେଳାଳି, କ୍ରୀଡାପ୍ରେମୀ, କ୍ରୀଡାବିତମାନଙ୍କ ମହାମିଳନର ଏକ ବଳିଷ୍ଠ ପଡିଆ। ଏହି ଟୁର୍ଣ୍ଣାମେଣ୍ଟରେ ଖେଳ ଖେଳି ଆଗକୁ ନେବାରେ ଖେଳାଳିମାନଙ୍କୁ ପ୍ରେରଣା ଦାୟୀ ବୋଲି ଅତିଥିମାନେ କହିଥିଲେ ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯଦି ଆମେ ସତ୍ ଜୀବନ ଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମୀକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡ଼ିବ। ତା'ହେଲେ ଆମର ଜୀବନ ଧାରା ସରଳ ହୋଇଯିବ। -ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ପୃଥକ ୨ ବାଇକ୍ ଦୁର୍ଘଟଣା, ୨ ଗୁରୁତର

ରେଢାଖୋଲ,୨୦।୧୨(ଡି.ଏନ.ଏ.)

ଶୁକ୍ରବାର ସନ୍ଧ୍ୟାରେ ପୃଥକ ୨ଟି ବାଇକ ଦୁର୍ଘଟଣାରେ ୨ ଜଣ ଯୁବକ ଗୁରୁତର ହୋଇଥିବା ଜଣାପଡିଛି। ଆହତମାନେ ହେଲେ ରେଢାଖୋଲ ସହର କୁରୁମଟିକିରା ପଡାର ପ୍ରହ୍ଲାଦ ସ୍ୱାଇଁ (୨୭) ଓ ଟାଲ ଗ୍ରାମର ଚିନ୍ତାମଣି ନାଏକ (୨୫) ବୋଲି ଜଣାପଡିଛି। ଉଭୟଙ୍କୁ ରେଢାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲେ ହେଁ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି। ପ୍ରହ୍ଲାଦ ଗୋଗୁଆ ଗ୍ରାମରୁ ରେଢାକୋଲକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସେହିପରି ଚିନ୍ତାମଣି ତାଙ୍କ ଗ୍ରାମ ଟାଲରୁ ରେଢାଖୋଲକୁ ଆସୁଥିବା ବେଳେ ପୁରୁଣାଗଡ ଗ୍ରାମ ନିକଟରେ ସମ୍ମୁଖରୁ ଆସୁଥିବା ଏକ ବାଇକ୍ ଧକ୍କା ଦେବାରୁ ଦୁର୍ଘଟଣାଗ୍ରସ୍ତ ହେଇଥିଲେ।

# ରାମଜୀଲାଲ ହାଇସ୍କୁଲର କ୍ରୀଡ଼ା ପ୍ରତିଯୋଗିତା

ବରଗଡ଼ ଅଫିସ୍,୨୦।୧୨

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁ. ତୁରୁଙ୍ଗାସ୍ଥିତ ରାମଜୀଲାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପର୍ବତାରୋହୀ ଲିପିକା ସେଠ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ସଭାପତି ସୂର୍ଯ୍ୟୋଦୟ ପଣ୍ଡା ଏବଂ ସହକାରୀ ଶିକ୍ଷକ ଅତିଥି ଲିପିକାଙ୍କୁ ମାନପତ୍ର, ଉପଢ୍ୱୌକନ ସହିତ ସମ୍ବର୍ଦ୍ଧିତ କରିଥିଲେ । କ୍ରୀଡ଼ା ଶିକ୍ଷକ ପ୍ରମୋଦ କୁମାର ପ୍ରଧାନଙ୍କ ପରିଚାଳନାରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ସୁବାସ କୁମାର ପଟେଲ, ଯୁଗଳ ଚରଣ ପଣ୍ଡା, ଦୁର୍ଗାପ୍ରସାଦ ସାହୁ, ସଞ୍ଜୀବ କୁମାର ଦାଶ, ପ୍ରିୟଦର୍ଶନୀ ନମିତା ସାହୁ, ହେମନ୍ତ ପଣ୍ଡା ବିଚାରକ ଥିଲେ। ଗଙ୍ଗାଧର ଭୁଏ, ସୁରେନ୍ଦ୍ର କୁମାର ସାହୁ, ଆନନ୍ଦ ଛତର ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ଶଶିକାନ୍ତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକ କ୍ରୀଡ଼ା ଉତ୍ସବକୁ ପର୍ବତାରୋହୀ ଲିପିକା ସେଠ ଉଦଘାଟନ କରୁଛନ୍ତି ।

ରୋଗୀ କଲ୍ୟାଣ ସମିତି ବୈଠକ

# ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୨୦।୧୨

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ସମ୍ମିଳନୀ କକ୍ଷରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧୀନ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଜନନୀ ସୁରକ୍ଷା ଯୋଜନାର ସଫଳ ରୂପାୟନ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଚଳିତ ଆର୍ଥିକବର୍ଷର ଏପ୍ରିଲଠାରୁ ନଭେମ୍ବର ମଧ୍ୟରେ ରୋଗୀ କଲ୍ୟାଣ ସମିତି କାର୍ଯ୍ୟକ୍ରମରେ ୯୭ଲକ୍ଷ ୬୩ହଜାର ୪୬୪ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସ୍ୱାସ୍ଥ୍ୟ ଅଧିକାରୀମାନେ ସୂଚନା ଦେଇଥିଲେ।

ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱାସ୍ଥ୍ୟବିଭାଗ କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ବରପାଲି ଓ ପଦ୍ମପୁରଠାରେ ନିର୍ମାଣ କରାଯାଇଥିବା ଚିକିତ୍ସାଳୟର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। ସେହିପରି ଜିଲାର ମୋଟ୍ ୯୮୯୭ଜଣ ମହିଳାଙ୍କ ପ୍ରସୂତୀ କାର୍ଯ୍ୟ ହୋଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ସେଥିମଧ୍ୟରୁ ୯୬ଜଣ ମହିଳାଙ୍କ ପ୍ରସୂତୀ କାର୍ଯ୍ୟ ଘରୋଇ ଏବଂ ବାକି ୯୮୦୧ ମହିଳାଙ୍କ ବିଭିନ୍ନ ଚିକିତ୍ସାଳୟରେ ହୋଇଥିଲା। ପରେ ଜିଲାପାଳ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ।

ଚଳିତବର୍ଷ ଜିଲାରେ ସମୁଦାୟ ୧୧୭୪ଟି ଗାଁ କଲ୍ୟାଣ ସମିତି କାର୍ଯ୍ୟ କରୁଛି ବୋଲି ବିଭାଗୀୟ ଅଧିକାରୀ ବୈଠକରେ ସୂଚନା ଦେଇଥିଲେ। ଏଥିପାଇଁ ୧କୋଟି ୧୭ଲକ୍ଷ ୭୫ହଜାର ୮୦୦ଟଙ୍କା ଖର୍ଚ୍ଚ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଗତ ନଭେମ୍ବର ଶେଷସୁଦ୍ଧା ୫୫ଲକ୍ଷ ୭୬ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଦିଆଯାଇଥିଲା। ସେହିପରି ୧୮ହଜାର ୭୪୭ଜଣଙ୍କ ମ୍ୟାଲେରିଆ ପରୀକ୍ଷା କରାଯାଇଥିଲା। ସେଥିରୁ ୧୨୩ଜଣଙ୍କ ରକ୍ତ ନମୂନା ପଜିଟିଭ୍ ଥିବା ଜଣାପଡ଼ିଥିଲା। ତେବେ ପାଇକମାଳ ଅଞ୍ଚଳରେ ମ୍ୟାଲେରିଆରେ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ମୋଟ୍ ୨୪କୋଟି ୨୬ଲକ୍ଷ ୨୯ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଥିଲେ।




ଡାକ୍ତରଖାନାରେ ରୋଗୀ କଲ୍ୟାଣ ସମିତି ବୈଠକ ଚାଲିଛି ।

# ରୋଗୀ କଲ୍ୟାଣ ସମିତି ବୈଠକ

ପାଇକମାଲ, ୨୦।୧୨ (ଡି.ଏନ.ଏ)

ପାଇକମାଲ ବ୍ଲକ ଜାମସେଠ ଓ ଝିଁଟିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗଙ୍କ ସଭାପତିତ୍ୱରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏବିଡିଓ ପ୍ରଦୀପ ଭୋଇ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ନାରାୟଣ ପଶାୟତ, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ବିଜୟ ସରାଫ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ତୁଷ କୁମାର ଚନ୍ଦ୍ରକାର, ବିଏଏମ ସୁବ୍ରତ ବିଶ୍ୱାଳ, ବିଡିଏମ ସଞ୍ଜୀବ ମେହେର, ଜାମସେଠ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ପି.କେ ଭଦ୍ର, ପ୍ରଦୀପ ସାହୁ, ଅଞ୍ଜଳି ବାରିକ, ପଞ୍ଚାଲି ସୁନା, ଜାମସେଠ ସରପଞ୍ଚ ରମ୍ଭା ତାଣ୍ଡି, ଶରତ ତାଣ୍ଡି ଉପସ୍ଥିତ ଥିଲେ। ସେହିପରି ଝିଁଟିକି ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ସୌମ୍ୟରଞ୍ଜନ ଦାଶ, ଡା. ରାକେଶ କୁମାର ସାହୁ, ଶତ୍ରୁଘନ ସାହୁ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।

୪ ମାସ ହେଲା ପାଇନାହାନ୍ତି ଦରମା

# ପଥପ୍ରାନ୍ତ ସୁବିଧାକେନ୍ଦ୍ର କର୍ମଚାରୀଙ୍କ ଧାରଣା

ଜୁନାଗଡ, ୨୦।୧୨ (ଡି.ଏନ.ଏ.)

କଳାହାଣ୍ଡିଜିଲା ଜୁନାଗଡ ସହରସ୍ଥିତ ଇନ୍ଦ୍ରାବତୀ କଲୋନୀ ନିକଟସ୍ଥ ୨୬ ନଂ. ଜାତୀୟ ରାଜପଥ କଡରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ର କର୍ମଚାରୀମାନେ ଗତ ୪ ମାସ ହେଲା ଦରମା ପାଇନାହାନ୍ତି। ଫଳରେ ସେମାନେ ଗୁରୁବାରଠାରୁ ଧାରଣାରେ ବସିଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ର ଗତ ୨୦୧୭ରେ ଯାତ୍ରୀମାନଙ୍କ ଆଶ୍ରୟ ନିମନ୍ତେ ନିର୍ମାଣ କରାଯାଇଥିଲା। ସରକାର ପିଏସଆଇପିଏଲ ନାମକ ଏକ କମ୍ପାନୀକୁ ଏହାର ପରିଚାଳନା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କମ୍ପାନୀ ପକ୍ଷରୁ ଏଠାରେ କେତେକ କର୍ମଚାରୀଙ୍କୁ ଦେଖାରଖା କରିବା ପାଇଁ ନିୟୋଜିତ କରାଯାଇଥିଲା। ଗତ ଦିନରେ ସମ୍ପୃକ୍ତ କମ୍ପାନୀ ଦେଖାରଖା କରୁଥିବା ସମସ୍ତ କର୍ମଚାରୀଙ୍କୁ ଠିକ ଭାବରେ ଦରମା ପ୍ରଦାନ କରୁଥିଲେ। କିନ୍ତୁ ଗତ ୪ ମାସ ହେବ କମ୍ପାନୀ ପକ୍ଷରୁ ସମସ୍ତ କର୍ମଚାରୀଙ୍କୁ ଦରମା ପ୍ରଦାନ କରିନାହାନ୍ତି। ଫଳରେ କର୍ମଚାରୀମାନଙ୍କ ପରିବାର ଏବେ ଭୋକ ଉପାସରେ ଦିନ କାଟୁଛନ୍ତି। ଯଦି କର୍ମଚାରୀମାନଙ୍କୁ ଦରମା ପ୍ରଦାନ କରା ନ ଯାଏ ତାହାହେଲେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି କର୍ମଚାରୀ ଚେତାବନୀ ଦେଇଛନ୍ତି।

# ୨୨ରେ କ୍ୟାନସର ଯାଞ୍ଚ, ପରାମର୍ଶ ଶିବିର

ବରଗଡ଼ ଅଫିସ୍,୨୦।୧୨

ବରଗଡ଼ର ସାଇକ୍ରିଷ୍ଣା ପେଲେସ୍‌ରେ ଆସନ୍ତା ୨୨ତାରିଖରେ କ୍ୟାନସର ରୋଗର ଯାଞ୍ଚ ଓ ପରାମର୍ଶ ଶିବିର ଅନୁଷ୍ଠିତ ହେବ । ସ୍ଥାନୀୟ ସାମାଜିକ ଅନୁଷ୍ଠାନ ଫାଇଟ୍ ଅନ୍ ରାଇଟ୍ (ଫର୍)ପକ୍ଷରୁ ହେବାକୁ ଥିବା ଏହି ଶିବିର ସେହିଦିନ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବ । ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଦେବବ୍ରତ ମିଶ୍ର ସୂଚନା ଦେଇ କହିଥିଲେ, କ୍ୟାନସର ଯାଞ୍ଚ ଓ ପରାମର୍ଶ ପାଇଁ ଶିବିରରେ ସ୍ୱନାମଧନ୍ୟ ଡାକ୍ତରମାନେ ଯୋଗଦେବେ । ଶିବିରକୁ ଆସିଥିବା ଲୋକଙ୍କଠାରୁ ବିଭିନ୍ନ ପରୀକ୍ଷା ପାଇଁ ନମୂନା ସଂଗ୍ରହ କରାଯିବ ଏବଂ କ୍ୟାନସର ନିରୂପଣ ହେଲେ ତାର ଚିକିତ୍ସା ବ୍ୟବସ୍ଥା ପାଇଁ ମଧ୍ୟ ଫର୍ ସହଯୋଗ କରିବ ବୋଲି ସେ କହିଥିଲେ । ଏହା ସହିତ ସିଟି ସ୍କାନ, ଅଲଟ୍ରାସାଉଣ୍ଡ, ଏକ୍ସ ରେ ଭଳି ପରୀକ୍ଷା ମଧ୍ୟ ମାଗଣାରେ କରାଯିବ ବୋଲି ସେ ସୂଚନା ଦେଇଥିଲେ । ଖବରଦାତା ସମ୍ମିଳନୀରେ କେଦାର ନାଥ ସାହୁ, ବିକ୍ରମ ଶର୍ମା, ଶେଖ ନଜିମୁଦ୍ଦିନ, ରାକେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପଟପ ବର୍ଣ୍ଟନ




ମୁଖ୍ୟଅତିଥି ଲାପ୍‌ଟପ୍ ବର୍ଣ୍ଟନ କରୁଛନ୍ତି ।

ବୌଦ୍ଧ,୨୦।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲାର ୮୨ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସରକାରଙ୍କ ପକ୍ଷରୁ ଶୁକ୍ରବାର ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଲାପ୍‌ଟପ୍ ବର୍ଣ୍ଟନ କରାଯାଇଛି। ନୋଡାଲ ଅଫିସର ଡ. ମହେନ୍ଦ୍ର ନାଥ ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ବୌଦ୍ଧ କଲେଜ ପରିଚାଳନା କମିଟି ସଭାପତି ଡ. ଶାନ୍ତିରାଣୀ ଦାସ, କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

# ସଂସ୍କୃତ ଶିକ୍ଷକ ସଂଘ ବୈଠକ

ବିଜେପୁର,୨୦।୧୨(ଡି.ଏନ.ଏ)

ବରଗଡ଼ ଜିଲା ବିଜେପୁର ବ୍ଲକର ସମସ୍ତ ହାଇସ୍କୁଲର ସଂସ୍କୃତ ଶିକ୍ଷକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେପୁର ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷକ ରବିଙ୍କର ଗୁରୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସଂସ୍କୃତ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଜିଲାସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମରେ ସମସ୍ତ ବର୍ଗର ବିଦ୍ୟାଳୟର ସଂସ୍କୃତ ଶିକ୍ଷକଙ୍କୁ ସାମିଲ କରିବା, ବ୍ଲକ ତଥା ଜିଲାସ୍ତରରେ ସଂସ୍କୃତ ଦିବସ ପାଳନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ନୂତନ ଭାବେ ଗଠନ କରାଯାଇଥିବ ବିଜେପୁର ବ୍ଲକ ସଂସ୍କୃତ ଶିକ୍ଷକ ସଂଘରେ ରବିଶଙ୍କର ଗୁରୁ, ରମେଶ ଚନ୍ଦ୍ର ପ୍ରଧାନ, କିଶୋର ଚନ୍ଦ୍ର ପ୍ରଧାନ, ଦେବରାଜ ସାହୁ, ସୁବାସ ଚନ୍ଦ୍ର ଭୋଇ ପ୍ରମୁଖ କର୍ମକର୍ତ୍ତା ଭାବେ ମନୋନିତ ହୋଇଥିଲେ । ବୈଠକରେ ବିଜେପୁର ବ୍ଲକର ସମସ୍ତ ସଂସ୍କୃତ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବଜାର, ଖେଳ ପଡିଆରେ ଧାନଗଦା

# ସାପ୍ତାହିକ ବଜାର ପାଇଁ ଜାଗା ନାହିଁ

ପାଇକମାଲ, ୨୦।୧୨ (ଡି.ଏନ.ଏ)

ପାଇକମାଲ ସାପ୍ତାହିକ ବଜାର ଓ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୫୦ ହଜାରରୁ ଊର୍ଦ୍ଧ୍ୱ ଧାନବସ୍ତା ପଡି ରହିଛି। ଫଳରେ ଶନିବାର ସାପ୍ତାହିକ ବଜାର କେଉଁଠି ବସିବ ବୋଲି ବ୍ୟବସାୟୀମାନେ ଚିନ୍ତା ପ୍ରକଟ କରିଛନ୍ତି । ଗତ ସାପ୍ତାହିକ ବଜାର ରାସ୍ତାରେ ବସିଥିବାରୁ ଦୀର୍ଘ ସମୟ ଧରି ରାସ୍ତା ଜାମ ହୋଇଥିଲା । ଆମ୍ବୁଲାନ୍ସ ମଧ୍ୟ ଅଧଘଣ୍ଟା ଫସି ରହିଥିଲା । ଗତ ଦୁଇ ଦିନ ହେଲା ପାଇକମାଲ ମଣ୍ଡିକୁ ଏତେ ପରିମାଣର ଧାନ ଆସିଥିବାରୁ ବଜାର ପ୍ରାଙ୍ଗଣରେ ସ୍ଥାନ ଅଭାବ ଯୋଗୁ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଧାନ ରଖାଯାଇଛି । ସେହିପରି ଦୁଇ ଦିନରେ ୪ ହଜାର ପ୍ୟାକେଟ ଧାନ ଉଠିଥିବା ଜଣାପଡିଛି । ଏବେ ଖୋଲା ଆକାଶ ତଳେ ୫୦ ହଜାରରୁ ଊର୍ଦ୍ଧ୍ୱ ଧାନ ବସ୍ତା ପଡିରହିଛି । ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି ।



ବଜାର ପ୍ରାଙ୍ଗଣରେ ଧାନବସ୍ତା ପଡିରହିଛି ।


ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

ଭୂମିହୀନ କୃଷି ଶ୍ରମିକ, ପାରମ୍ପରିକ ଶିଳ୍ପୀ ଏବଂ ଅଣ-ଅଧିସୂଚିତ, ଯାଯାବର ତଥା ଅର୍ଦ୍ଧ-ଯାଯାବର ଜନଜାତି ବର୍ଗର ୦୮ଟି ଖାଲି ପଡ଼ିଥିବା ସ୍ଲଟ୍‌ଗୁଡ଼ିକୁ ପୂରଣ କରିବା ପାଇଁ ବର୍ଷ ୨୦୧୯-୨୦ ନିମନ୍ତେ ଅନୁସୂଚିତ ଜାତି ଆଦି ଛାତ୍ରଛାତ୍ରୀଙ୍କ ଲାଗି ଜାତୀୟ ଦରିଆପାରି ଛାତ୍ରବୃତ୍ତି ଯୋଜନା ଅଧୀନରେ ଛାତ୍ରବୃତ୍ତି ପ୍ରଦାନ କରାଯିବା ପାଇଁ ଅନ୍‌ଲାଇନ୍ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି । ଛାତ୍ରବୃତ୍ତିଗୁଡ଼ିକର ସଂଖ୍ୟା ହେଉଛି ଭୂମିହୀନ କୃଷି ଶ୍ରମିକ ଓ ପାରମ୍ପରିକ ଶିଳ୍ପୀଙ୍କ ପାଇଁ ୦୨ ଗୋଟି ଏବଂ ଅଣ-ଅଧିସୂଚିତ, ଯାଯାବର ଓ ଅର୍ଦ୍ଧ-ଯାଯାବର ଜନଜାତିଙ୍କ ପାଇଁ ୦୬ ।

ଉକ୍ତ ଛାତ୍ରବୃତ୍ତିରେ ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ, ବିଶୁଦ୍ଧ ଓ ପ୍ରାୟୋଗିକ ବିଜ୍ଞାନ, କୃଷି ବିଜ୍ଞାନ ଓ ଭେଷଜ, ଅନ୍ତର୍ଜାତୀୟ ବାଣିଜ୍ୟ, ହିସାବରକ୍ଷା, ବିତ୍ତ, ମାନବୀୟ ବିଦ୍ୟା, ସାମାଜିକ ବିଜ୍ଞାନ କ୍ଷେତ୍ର ଅଧୀନରେ ଟିଉଶନ ଦେୟ, ନିଶ୍ଚିତ ଭରଣପୋଷଣ ଭତ୍ତା, ଆକସ୍ମିକ ଭତ୍ତା ଇତ୍ୟାଦି ଭରଣା ଅନ୍ତର୍ଭୁକ୍ତ । ବିଦେଶରେ ସମ୍ପୃକ୍ତ ଦେଶର ପ୍ରାଧିକୃତ ନିକାଶ ଦ୍ୱାରା ଅଙ୍ଗୀକୃତ ବିଶ୍ୱବିଦ୍ୟାଳୟ/ଅନୁଷ୍ଠାନରେ ସ୍ନାତକୋତ୍ତର ଓ ପିଏଚ୍.ଡି. ସ୍ତରରେ ଉଚ୍ଚତର ଶିକ୍ଷା ଲାଗି ଛାତ୍ରବୃତ୍ତି ପ୍ରଦାନ କରାଯାଇଥାଏ । ୧ ଏପ୍ରିଲ, ୨୦୧୯ ସୁଦ୍ଧା ପ୍ରାର୍ଥୀଙ୍କ ବୟସ ୩୫ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କର ମୋଟ ପାରିବାରିକ ଆୟ ପୂର୍ବବର୍ତ୍ତୀ ବର୍ଷ ଅର୍ଥାତ୍ ୨୦୧୮-୧୯ରେ ଟ.୬.୦୦ ଲକ୍ଷରୁ କମ୍ ହୋଇଥିବା ଆବଶ୍ୟକ ।

ବିଦେଶରେ ସ୍ନାତକୋତ୍ତର ଡିଗ୍ରୀ କ୍ଷେତ୍ରରେ, ସର୍ବନିମ୍ନ ଆବଶ୍ୟକ ଯୋଗ୍ୟତା ହେଉଛି ସ୍ନାତକ ଡିଗ୍ରୀ ଏବଂ ପିଏଚ୍.ଡି. ପାଇଁ ସର୍ବନିମ୍ନ ଆବଶ୍ୟକ ଯୋଗ୍ୟତା ହେଉଛି ସ୍ନାତକୋତ୍ତର ଡିଗ୍ରୀ । ଛାତ୍ରବୃତ୍ତି ହାସଲ ପାଇଁ ସର୍ବନିମ୍ନ ୫୫% ମାର୍କ ଆବଶ୍ୟକ ।

ବିବରଣୀ ପାଇଁ ଦୟାକରି ଅନ୍‌ଲାଇନ୍ ପୋର୍ଟାଲ୍ http://nosmsje.gov.in/ ଦେଖନ୍ତୁ। ଫର୍ମ ପୂରଣ ପାଇଁ ଆବଶ୍ୟକ ସବିଶେଷ ଦସ୍ତାବିଜ ଏବଂ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ ପୋର୍ଟାଲ୍‌ରେ ଉପଲବ୍ଧ, ଯାହା ୧ ଜାନୁୟାରୀ, ୨୦୨୦ରୁ ୩୧ ଜାନୁୟାରୀ, ୨୦୨୦ ପର୍ଯ୍ୟନ୍ତ ଖୋଲା ରହିବ ।

davp 38101/11/0035/1920



**NOTIFIED AREA COUNCIL, KESINGA**

**No. 2418/ Dt.**

Due to some unavoidable circumstances, the Bid identification No 2395 dt. 18.12.2019 published in the Pragatibadi/ Dharitri, the Odia daily newspaper is hereby cancelled.

**Sd./- Executive Officer**
**N.A.C., Kesinga**



ପୂର୍ବ ତଟ ରେଳପଥ

କେସିଙ୍ଗା-କାଣ୍ଡେଲ ରୋଡ଼ ଷ୍ଟେସନ ମଧ୍ୟରେ ଇଣ୍ଟରଲକ୍ଡ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗ୍‌କୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନିକ ସୂଚନା

ଏହି ପ୍ରହରୀଯୁକ୍ତ ଇଣ୍ଟରଲକ୍ଡ ଲେଭେଲ୍ କ୍ରସିଙ୍ଗ୍ ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ ହୋଇସାରିଥିବା କାରଣରୁ ସଡ଼କ ବ୍ୟବହାରକାରୀମାନଙ୍କ ନିମନ୍ତେ ନିମ୍ନଲିଖିତ 'C' ଶ୍ରେଣୀ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗ୍‌କୁ ସଡ଼କ ଯାତାୟାତ ନିମନ୍ତେ ସ୍ଥାୟୀ ରୂପେ ବନ୍ଦ କରି ଦିଆଯିବ ।

ତେଣୁ ତା.25.12.2019ରିଖ ଠାରୁ ନିମ୍ନ ବର୍ଣ୍ଣିତ ପ୍ରହରୀଯୁକ୍ତ ଇଣ୍ଟରଲକ୍ଡ ଲେଭେଲ୍ କ୍ରସିଙ୍ଗ୍ ଫାଟକକୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ବନ୍ଦ କରି ଦିଆଯିବ ।

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଙ୍ଗ ସଂଖ୍ୟା | LCର ରେଳବାଇ କିଲୋମିଟର |
|---|---|---|---|
| ଟିଟିଲାଗଡ଼-ଥେରୁବାଲି | କେସିଙ୍ଗା-କାଣ୍ଡେଲ ରୋଡ଼ | RV-181 | 223/10 |

ପତ୍ର ସଂଖ୍ୟା : 35/Spl(Rly), ତା.13.03.2019ରିଖ ଦ୍ୱାରା କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, କଳାହାଣ୍ଡି ତାଙ୍କର ଅନୁମତି ପ୍ରଦାନ କରିସାରିଛନ୍ତି ।

ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପଶ୍ଚିମ)/ ସମ୍ବଲପୁର

PR - 598/K/19-20



Pradhan Mantri Awaas Yojana-Gramin

"ସ୍ୱପ୍ନର ଘର ନୁହଁ ଆଉ ବେଶି ଦୂର"

କିଏ ହେବ ହିତାଧିକାରୀ

SECC-2011 ତାଲିକା ଭିତ୍ତିକରି ଅଗ୍ରାଧିକାର ତାଲିକାରେ (Priority List) ସ୍ଥାନ ପାଇଥିବା ପରିବାର ।

ହିତାଧିକାରୀ ହୋଇପାରିବେ କି ନାହିଁ କିପରି ଜାଣିବେ ?

ହିତାଧିକାରୀ ଭାବେ ଚୟନ ହେଲେ କଣ କଣ ପ୍ରମାଣ ପତ୍ର ଦାଖଲ କରିବେ ?

ବ୍ୟାଙ୍କ ଖାତା, ଆଧାର କାର୍ଡ, ଘୋଷଣା ନାମା

ହିତାଧିକାରୀ ଭାବେ ଚୟନ ହେଲେ କଣ ପାଇବେ ?

କାର୍ଯ୍ୟାଦେଶ ପାଇଲେ କଣ କରିବେ ଏବଂ କିଭଳି ପଇସା ଆପଣଙ୍କ ବ୍ୟାଙ୍କ ଖାତା କୁ ଯିବ ?

ଅତିରିକ୍ତ ପ୍ରୋତ୍ସାହନ ରାଶି କିଏ ପାଇବେ ?

କୌଣସି ସରକାରୀ କିମ୍ବା ବ୍ୟକ୍ତି ବିଶେଷ ଯଦି ଲାଞ୍ଚ ମାଗନ୍ତି ତେବେ କାହାକୁ ଅଭିଯୋଗ କରିବେ ।

Rural Housing No. -୧୮୦୦-୩୪୫-୪୪୫୬
MGNREGS No. -୧୮୨୦-୩୪୫-୧୦୭୭
P.R. & D.W DEPT No. -୧୮୦୦-୩୪୫-୬୭୬୮

ବର୍ତ୍ତମାନ ସରକାରଙ୍କ ନିଷ୍ପତ୍ତି

ଯିବା ନାହିଁ ଆଉ ଦାଦନ ଖଟି ଛାଡି ଆମ ଗାଁ ନିଜ ଭିଟାମାଟି

୧୦୦ ଦିନର ରୋଜଗାର ଆମ ଅଧିକାର

ଆପଣଙ୍କ ସହଯୋଗ ଆମର କାମ୍ୟ

ସୌଜନ୍ୟ - ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବଲାଙ୍ଗିର



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ଉଲୁଣ୍ଡା ଯୁବ ମହାସଂଘର ସଫେଇ କାର୍ଯ୍ୟକ୍ରମ

**ଉଲୁଣ୍ଡା ୨୦।୧୨ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଯୁବ ମହାସଙ୍ଘ ତରଫରୁ ଶୁକ୍ରବାର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ସଫେଇ କରାଯାଇଛି। ଅନୁଷ୍ଠାନର ସଭାପତି ପ୍ରମୋଦ କୁମାର ପଧାନଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଉଦ୍‌ଘାଟନୀ ଦିନରେ ମୀନାବଜାର ପଡିଆ ଏବଂ ରାସ୍ତାପାର୍ଶ୍ୱ ସଫା କରାଯାଇଥିଲା। ଏଥିରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଅଂଶ ଗ୍ରହଣ କରିଥିଲେ।

### ୫ ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର କୋର୍ଟ ଚାଲାଣ

**ଖପ୍ରାଖୋଲ,୨୦।୧୨(ଡି.ଏନ.ଏ.):** ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା ଛକଠାରେ ଖପ୍ରାଖୋଲ ପୋଲିସ ପାଟ୍ରୋଲିଂ ବେଳେ ୫ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏମାନଙ୍କୁ ଚାଲାଣ କରୁଥିବା ଅଭିଯୋଗରେ ଦାଦନ ସର୍ଦ୍ଦାର ପାଟଣାଗଡ ଥାନା ଅଁଏଲାପାଲି ଗାଁର ସୁଧୀର ରାବଣ(୨୫)ଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ତେବେ ଉଦ୍ଧାର ୫ ଜଣ ଶ୍ରମିକଙ୍କ ମଧ୍ୟରୁ ୨ ଜଣ ମହିଳା ଏବଂ ୩ ଜଣ ପୁରୁଷ ଅଛନ୍ତି। ସେମାନେ ବରଗଡ ଜିଲା ବୁଡେନ ଥାନା ବତୀପଥର ଗାଁରେ। ଏ ନେଇ ଖପ୍ରାଖୋଲ ପୋଲିସ ଏକ ମାମଲା (ନଂ. ୨୫୫/୧୯)ରୁଜୁ କରିଛି।

### ୯ ଦାଦନ ଶ୍ରମିକ ଉଦ୍ଧାର

**ବଙ୍ଗୋମୁଣ୍ଡା,୨୦।୧୨ (ଡି.ଏନ.ଏ.):** ବଙ୍ଗୋମୁଣ୍ଡା ବ୍ଲକ୍ ସିନ୍ଧେକେଲା ପୋଲିସ କଳାହାଣ୍ଡି ଜିଲା କେଗାଁ ଥାନା ଅଧୀନ ନୂଆଗାଁର ୯ ଜଣ ଦାଦନଙ୍କୁ ଉଦ୍ଧାର କରିଛି। କଣ୍ଟାବାଞ୍ଜି ଯାଉଥିବା ଏକ ଯାତ୍ରୀବାହୀ ବସ୍‌ରେ ଏହି ଦାଦନ ଶ୍ରମିକମାନେ ଚାଲାଣ ହେଉଥିବା ଖବର ପାଇ ପୋଲିସ ସିନ୍ଧେକେଲାଠାରେ ବସରୁ ସେମାନଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ଶ୍ରମିକମାନେ ହେଲେ ଡୁଲମନି ବାଗ, (୬୦), ରେବତି ଦୋରା (୨୨), ପଙ୍କଜ କଟା (୫୦), କେଶବ ବାଗ (୨୫), ପଦ୍ମା ଦୋରା (୪୫), କୌଶଲ୍ୟା ବାଗ(୫୦), ପାର୍ବତି ଦୋରା(୪୦), ମିଥିଳା ଦୋରା (୪୦), ଟିକେଶ୍ୱରି ଦୋରା(୨୦)। ସମସ୍ତଙ୍କୁ ପୋଲିସ ସେମାନଙ୍କ ଘରକୁ ଛାଡି ଦେଇଥିବା ବେଳେ ଦାଦନ ସର୍ଦ୍ଦାରଙ୍କ ଟେର୍ ପାଇପାରିନାହିଁ। ଏ ନେଇ ପୋଲିସ ୧୪୪/୧୯ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଅନନ୍ତ ପ୍ରଧାନ କହିଛନ୍ତି।

### ସାଲେଡିହିରେ ଗୋଚାଷୀଙ୍କୁ ତାଲିମ

**ଟିଟିଲାଗଡ଼, ୨୦।୧୨ (ଡି.ଏନ.ଏ):** ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସାଲେଡିହି ଗ୍ରାମରେ ଗୋଚାଷୀଙ୍କୁ ତାଲିମ ଦିଆଯାଇଛି। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ହରିଶ ଚନ୍ଦ୍ର ମାଥୁରଙ୍କ ତତ୍ତ୍ୱାବଧାନରେ ବିବେକ ସିଂ, ଶୁଭେନ୍ଦୁ କାଲସାଏ, ଶ୍ରୀରାମ ଡାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଯୋଗ ଦେଇଥିବା ଚାଷୀଙ୍କୁ ବିଭିନ୍ନ ରୋଗର ଔଷଧ, କୃମିନାଶକ, ଭିଟାମିନ, ଘାସ ମଞ୍ଜି ବିତରଣ କରାଯାଇଥିଲା।

ଯୋଗାଣ ବିଭାଗର ଚଢ଼ାଉ

# ୨ ଧାନ ବୋଝେଇ ଟ୍ରକ୍ ଜବତ

**ସୋନପୁର,୨୦।୧୨(ନି.ପ୍ର.)**



ଜବତ ଧାନ ବୋଝେଇ ଟ୍ରକ୍।

**ସୁବର୍ଣ୍ଣପୁରକୁ ଆସୁଛି ବାହାର ଜିଲାର ଧାନ**

ସୁବର୍ଣ୍ଣପୁରକୁ ବାହାର ଜିଲାର ଧାନ ଆସୁଛି । କିଛି ମିଲର୍ସ ବୌଦ୍ଧ, ନୟାଗଡ ଓ ଭଦ୍ରକ ଜିଲାରୁ ଆସୁଥିବା ଧାନକୁ ଅଣ୍ଡର ରେଟ୍‌ରେ କିଣି ଗଚ୍ଛିତ ରଖୁଛନ୍ତି। ବ୍ୟବସାୟୀମାନେ ମଧ ଏହି ଧାନ କିଣି ମଣ୍ଡିକୁ ଆଣୁଛନ୍ତି। ଏଭଳି ଅଭିଯୋଗ ଆସିବା ପରେ ଜିଲା ଯୋଗାଣ ବିଭାଗ ତତ୍ପର ହୋଇ ଉଠିଛି। ଶୁକ୍ରବାର ସକାଳେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରାଙ୍କ ନେତୃତ୍ୱରେ ଟିମ୍ ବ୍ଲକ ଛକ ଓ ସିଆଲଜୁରିଠାରେ ଚଢାଉ କରି ୨ଟି ଧାନ ବୋଝେଇ ଟ୍ରକ୍‌କୁ ଜବତ କରିଛନ୍ତି। ବ୍ଲକ ଛକରେ ଜବତ ହୋଇଥିବା ୧୦ ଚକିଆ ଟ୍ରକ୍ (ନଂ ଓଡି୨୫ଜି-୨୪୯୧)ରେ ୪୨୨ ବସ୍ତା ଧାନ ଥିଲା। ଓଜନ ପରେ ମୋଟ ଧାନର ଓଜନ ୨୧୯ କୁଇଣ୍ଟାଲ ୯୪ କିଲୋ ବୋଲି ଜଣାପଡିଛି। ଏହି ଧାନ ନୟାଗଡରୁ ଆସୁଥିଲା। ଟ୍ରକ୍ ଡ୍ରାଇଭର ନୟାଗଡ ଜିଲା ପୁରୁଷୋତ୍ତମପୁରର ରସାନନ୍ଦ ସାହୁଙ୍କଠାରୁ ଯୋଗାଣ ବିଭାଗ ଧାନ ଓ ଟ୍ରକ୍ ଜବତ କରି ବାଙ୍କବିଜାସ୍ଥିତ ଗୋପାଳ ରାଇସ୍ ମିଲ୍‌ରେ ଜିମା ଦେଇଛି। ଏହି ଧାନ ବରଗଡର ଏକ ରାଇସ୍ ମିଲ୍‌କୁ ଯାଉଥିଲା ବୋଲି ଡ୍ରାଇଭର ସୂଚନା ଦେଇଛନ୍ତି। ସେହିପରି ସିଆଲଜୁରିଠାରେ ଜବତ ହୋଇଥିବା ୧୪ ଚକିଆ ଟ୍ରକ୍ (ନଂ ଓଆର୦୫ଏସି-୧୯୦୯)ରେ ୪୨୪ ବସ୍ତା ଧାନ ଥିଲା। ଓଜନ ପରେ ମୋଟ ଧାନର ଓଜନ ୨୧୯ କୁଇଣ୍ଟାଲ ୯୪ କିଲୋ ବୋଲି ଜଣାପଡିଛି । ଏହି ଧାନ କଟକ ଜିଲା ବଡମ୍ବା ଅଞ୍ଚଳରୁ ଆସୁଥିଲା । ଧାନ ବଲାଙ୍ଗୀର ଜିଲାର ରାଇସ ମିଲ୍‌କୁ ଯାଉଥିବା ଡ୍ରାଇଭର ସୂଚନା ଦେଇଛନ୍ତି। ଟ୍ରକ୍ ଡ୍ରାଇଭର ନୟାଗଡର ମନୋରଞ୍ଜନ ରାଉତଙ୍କ ଠାରୁ ଯୋଗାଣ ବିଭାଗ ଧାନ ଓ ଟ୍ରକ୍‌କୁ ଜବତ କରି ସିଆଲଜୁରିସ୍ଥିତ ଲଳିତା ରାଇସ ମିଲ୍‌ରେ ଜିମା ଦେଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଧାରା ୭ ଅନୁଯାୟୀ ଯୋଗାଣ ବିଭାଗ ମାମଲା ରୁଜୁ କରିଛି। ଏହି ଚଢାଉରେ ସହକାରୀ ଯୋଗାଣ ଅଧିକାରୀ ସୁବୋଧ ହୋତା, ତ୍ରିନାଥ ଭୋଇ, ଯୋଗାଣ ନିରୀକ୍ଷକ ଦିବ୍ୟସିଂ ବଡମାଳୀ, ଲକ୍ଷ୍ମୀଧର ମାଝି, ରାଜକିଶୋର ନାୟକ ଓ ଚନ୍ଦ୍ରଧ୍ୱଜ ଭୋଇ ପ୍ରମୁଖ ସାମିଲ ଥିଲେ।



ଉଦେପଦର ଛକ ନିକଟରେ ଏକ ଭୋଜନାଳୟକୁ କଂସ ମହାରାଜ ଉଦ୍‌ଘାଟନ କରୁଛନ୍ତି।

# ଭୋଜନାଳୟ ଉଦ୍‌ଘାଟନ କଲେ ମହାରାଜ କଂସ

**ଉଲୁଣ୍ଡା,୨୦।୧୨(ଡି.ଏନ.ଏ.)**

ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତା ଉଲୁଣ୍ଡା ବ୍ଲକ ଉଦେପଦର ଛକ ନିକଟରେ ଏକ ଭୋଜନାଳୟକୁ ଗୁରୁବାର କଂସ ମହାରାଜ ଉଦ୍‌ଘାଟନ କରିଛନ୍ତି। ପରେ ପାତ୍ରମନ୍ତ୍ରୀଙ୍କ ସହ ଭୋଜନାଳୟରେ ଭୋଜନ କରିବା ସହ ଖାଦ୍ୟର ମାନ ପରୀକ୍ଷା କରିଥିଲେ। ଏହାସହ ମଥୁରାନଗରରେ କୌଣସି ବ୍ୟକ୍ତି ଭୋକ ଉପବାସରେ ରହୁଥିବା ଜାଣିଲେ ମାଗଣାରେ କିଭଳି ଖାଦ୍ୟ ପରିବେଷଣ କରାଯାଇ ପାରିବ ସେଥିପ୍ରତି ଧ୍ୟାନ ଦେବାକୁ ପରିଚାଳକଙ୍କୁ ତାଗିଦ କରିଥିଲେ।

ପ୍ରମୋଦ ମହାପାତ୍ର ଭାଜପା ଜିଲା ସଭାପତି

# ଦଳକୁ ତୃଣମୂଳସ୍ତରରୁ ସୁଦୃଢ଼ କରାଯିବ

**ସୋନପୁର,୨୦।୧୨(ନି.ପ୍ର.)**



ପ୍ରମୋଦ କୁମାର ମହାପାତ୍ର।

ସୁବର୍ଣ୍ଣପୁର ପୌର ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ପ୍ରମୋଦ କୁମାର ମହାପାତ୍ର ଜିଲା ଭାଜପା ସଭାପତି ହୋଇଛନ୍ତି। ଶୁକ୍ରବାର ତାଙ୍କ ନାମ ଘୋଷଣା କରାଯାଇଛି। । ୧୯୯୨ରେ ସିଧାସଳଖ ନିର୍ବାଚନରେ ସେ ସହରବାସୀଙ୍କ ସମର୍ଥନ ପାଇ ପୌର ପରିଷଦ ନିର୍ବାଚନରେ ବିଜୟୀ ହୋଇଥିଲେ। ୧୯୯୫ରେ ସେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ। ଦଳର ଜଣେ ଶୃଙ୍ଖଳିତ ବ୍ୟକ୍ତି ଭାବେ ସେ କାର୍ଯ୍ୟ କରି ଆସୁଛନ୍ତି । ୨୦୧୪ରେ ଦଳ ତାଙ୍କୁ ସୋନପୁର ବିଧାନସଭା ଆସନ ପାଇଁ ଟିକେଟ ଦେଇଥିଲା, ହେଲେ ସେ ପରାଜିତ ହୋଇ ଦ୍ୱିତୀୟ ସ୍ଥାନରେ ରହି ଥିଲେ । ନିର୍ବାଚନ ପରେ ସେ ଦଳୀୟ ସାଙ୍ଗଠନିକ କାର୍ଯ୍ୟକୁ ନିର୍ବାଚନମଣ୍ଡଳୀରେ ତ୍ୱରାନ୍ୱିତ କରିଥିଲେ । ୨୦୧୯ରେ ମଧ ସେ ଦଳୀୟ ଟିକେଟ ଆଶାୟୀ ଥିଲେ । ମାତ୍ର ଦଳ ତାଙ୍କୁ ନିରାଶ କରିଥିଲା । କିନ୍ତୁ ତାଙ୍କର ଅଭିଜ୍ଞତା ଓ ଦଳ ପ୍ରତି ଆନୁଗତ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ନେତୃତ୍ୱ ତାଙ୍କୁ ଜିଲା ସଭାପତି ଭାବେ ମନୋନିତ କରିଛନ୍ତି । ନୂତନ ଦାୟିତ୍ୱ ମିଳିବା ପରେ ଦଳୀୟ ସମର୍ଥକ ଓ ଶୁଭେଚ୍ଛୁ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି। ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ଦଳ ଯେଉଁ ଗୁରୁଦାୟିତ୍ୱ ଦେଇଛି ତାହାକୁ ସେ ନିଷ୍ଠାର ସହ ପାଳନ କରିବେ। ଭାଜପା ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ, ଚାଷୀ ସମସ୍ୟାକୁ ନେଇ ସ୍ୱର ଉତ୍ତୋଳନ କରିବ । ଜିଲାରେ ଦଳକୁ ତୃଣମୂଳସ୍ତରରୁ ସଂଗଠିତ କରିବା ପାଇଁ ଖସଡା ପ୍ରସ୍ତୁତ କରିବେ ବୋଲି ସେ କହିଛନ୍ତି।

## ଶାଗୁଆନ ଗଣ୍ଡି ଚୋରା ଚାଲାଣ, ୪ ଗିରଫ

**ସିନାପାଲି,୨୦।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଫରେଷ୍ଟ ଅଧୀନ ଛତିଶଗଡ ସୀମାନ୍ତ ନଙ୍ଗଲଘାଟ ଅଞ୍ଚଳରୁ ଶାଗୁଆନ ଗଣ୍ଡି ଚୋରା ଚାଲାଣ ବେଳେ ବନବିଭାଗ ଦ୍ୱାରା ୪ ଜଣ ଧରା ପଡିଛନ୍ତି। ସେମାନଙ୍କଠାରୁ ଦୁଇଟି ଶାଗୁଆନ କାଠଗଣ୍ଡି ଜବତ କରାଯାଇଛି। ଗିରଫ ୪ ଜଣ ହେଲେ ବୋଡେନ ଗ୍ରାମର ମୀନକେତନ ଦାସ (୩୫) ଓ ମୋହନ ଦୀପ (୪୨), ସିନାପାଲି ଥାନା ଅନ୍ତର୍ଗତ ଧାଙ୍ଗରୀଟାଲ ଗ୍ରାମର ନୃପରାଜ ମାଝି (୪୫) ଓ ଲିଙ୍ଗରାଜ ମାଝି (୩୦)।

## ୩୦ରୁ ମୁଣ୍ଡପଲା ଛକରେ ସଂସ୍କାର ଯଜ୍ଞ, କୃଷି ପ୍ରଦର୍ଶନୀ ମେଳା

**ଦେଓଗାଁ,୨୦।୧୨(ଡି.ଏନ.ଏ.)**

ଦେଓଗାଁ ବ୍ଲକ କୁଲତାପଡା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡପଲଶଛକଠାରେ ଡିସେମ୍ବର ୩୦ରୁ ଜାନୁୟାରୀ ୩ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ୨ୟ ସଂସ୍କାର ଯଜ୍ଞ ଓ କୃଷି ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହେବ। ସ୍ଥାନୀୟ ଅଞ୍ଚଳ ବିକାଶ କମିଟିର ଆୟୋଜନରେ ଅନୁଷ୍ଠିତ ହେବାକୁ ଥିବା ଏହି ସଂସ୍କାରଯଜ୍ଞ ଅବସରରେ କୃଷି ପ୍ରଦର୍ଶନୀ ମେଳା, ସଂକୀର୍ତ୍ତନ୍ୟ ପ୍ରଦର୍ଶନୀ ପ୍ରତିଯୋଗିତା, ପଲ୍ଲିମେଳା ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ୩୦ ତାରିଖରେ ଡୁଷୁରା ଗାୟତ୍ରୀ ପରିବାର ସହେଯାଗରେ ସମାଜ ସଂସ୍କାର ଯଜ୍ଞ ଆରମ୍ଭ ହେବ। ୩୧ ତାରିଖରେ ସଂକୀର୍ତ୍ତନ୍ୟ ପରିବେଷଣ ପ୍ରତିଯୋଗିତା, କୃଷି ପରଦର୍ଶନୀମେଳା ଉଦ୍‌ଘାଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୧ ତାରିଖରେ ପୂଜ୍ୟ ସୁରେନ୍ଦ୍ର ବାବାଙ୍କ ଆଗମନ ପରେ ନିରାଶ୍ରୟ ବୃଦ୍ଧ ମାତାପିତା, ଦୁଃଖି ରଙ୍କିଙ୍କ ସେବା ଓ ବସ୍ତ୍ରଦାନ କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୨ତାରିଖରେ ଅଞ୍ଚଳର କୁନିକୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ମିଳନ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୩ତାରିଖ ଅନ୍ତିମ ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ପରିଚାଳନାରେ ଅଞ୍ଚଳ ବିକାଶ କମିଟିର ସଭାପତି ଟଙ୍କଧର ଗଡତ୍ୟା, ସମ୍ପାଦକ ଟଙ୍କଧର ରଣା, ଉପ-ସଭାପତି ସାଧୁ ମାହାକୁର, ସହ-ସମ୍ପାଦକ ଶେଷଦେବ କୁମ୍ଭାର, କୋଷାଧକ୍ଷ ଗୋବର୍ଦ୍ଧନ ରଣା ତଥା କମିଟି ସଦସ୍ୟବୃନ୍ଦ ରହିଛନ୍ତି।

ଉଲୁଣ୍ଡା ଧନୁଯାତ୍ରାର ସପ୍ତମ ରଜନୀ

# ଷଡ଼ମଲ୍ଲ ନିଧନରେ କଂସ ମର୍ମାହତ



କୃଷ୍ଣ ବଳରାମଙ୍କ ଦ୍ୱାରା ଷଡମଲ୍ଲଙ୍କ ନିଧନ ହୋଇଛି।

**ଉଲୁଣ୍ଡା,୨୦।୧୨(ଡି.ଏନ.ଏ.)**

**କୃଷ୍ଣ, ବଳରାମଙ୍କ ପ୍ରେମରେ ବିଭୋର ଗୋପପୁର**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଧନୁଯାତ୍ରାର ଶୁକ୍ରବାର ସନ୍ଧ୍ୟା ବେଶ୍ ଆକର୍ଷଣୀୟ ହୋଇଥିଲା। ପାତ୍ରମନ୍ତ୍ରୀଙ୍କ ସହ ପ୍ରବଳପ୍ରତାପି ବୀର କଂସ ମହାରାଜ ନଗରଭ୍ରମଣ କରିବା ସହ ବିଭିନ୍ନ ଦୋଷରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ ରାଜଦରବାରରେ ଦଣ୍ଡିତ କରିଛନ୍ତି। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଆଜିର ନାଟ୍ୟାଭିନୟରେ କୃଷ୍ଣଙ୍କୁ ବଧ ପାଇଁ ଷଡମଲ୍ଲଙ୍କୁ ଗୋପପୁରେ ପଠାଇ ମହାରାଜ କଂସ ରାଜ ନର୍ତ୍ତକୀଙ୍କ ନୃତ୍ୟରେ ମସ୍‌ଗୁଲ୍ ହୋଇପଡିଥିଲେ। ମାତ୍ର କୃଷ୍ଣଙ୍କ ପରିବର୍ତ୍ତେ ଷଡମଲ୍ଲଙ୍କ ନିଧନ ହୋଇଥିବା ଖବର ଗୁପ୍ତଚର ନିକଟରୁ ପାଇ ଆସନ୍ନ ମୃତ୍ୟୁରେ ଭୟଭୀତ ଥିବା କଂସ ମର୍ମାହତ ହୋଇପଡିଥିଲେ। ସେହିପରି ଗୋପପୁରରେ ଗୋପାଙ୍ଗାନାଙ୍କ ଦହି ବିକା ସହ କୃଷ୍ଣ ଓ ବଳରାମଙ୍କ ଗୋପଲୀଳା ନାଟ୍ୟାଭିନୟ ବେଶ ଆଦୃତ ହୋଇଥିଲା। ଶ୍ରୀକୃଷ୍ଣ ମଣ୍ଡପରେ କ୍ଷେମାଲୋଏ ଗ୍ରାମର ଜସ୍ମିନ ଆଚାର୍ଯ୍ୟ ସଙ୍ଗୀତମୟ ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ।

## ଲୋଇସିଂହା ଉତ୍ସବ ପ୍ରସ୍ତୁତି ବୈଠକ

**ଲୋଇସିଂହା, ୨୦।୧୨(ଡି.ଏନ.ଏ.)**

ଆସନ୍ତା ପୁଷପୂର୍ଣ୍ଣିମା ଅବସରରେ ହେବାକୁ ଥିବା ଲୋଇସିଂହା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ବୈଠକରେ ତ୍ରୟମ୍ବକେଶ୍ୱର ସିଂରାଏଙ୍କ ଅଧକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ଗତବର୍ଷର ଆୟବ୍ୟୟ ନେଇ ସମୀକ୍ଷା କରାଯାଇଥିଲା। ଚଳିତ ବର୍ଷ ଉତ୍ସବ ପାଇଁ କମିଟି ଗଠିତ ହୋଇଯାଇଛି। ତ୍ରୟମ୍ବକେଶ୍ୱର ସିଂରାଏ ସଭାପତି, କାର୍ଯ୍ୟକାରୀ ସଭାପତି ଭୂତନାଥ ନାଏକ, ଉପସଭାପତି ନବକିଶୋର ନାଏକ ଓ ସରୋଜ ସାହୁ, ସମ୍ପାଦକ ରବିନ ପୁଟେଲ, ସଧାରଣ ସମ୍ପାଦକ ରଞ୍ଜିତ ରାଏ, ସୁଶାନ୍ତ ପାତ୍ର, ସରୋଜ ଭୂୟାଁ ଓ ଅଭିଳାଷ ହୋତା, କୋଷାଧକ୍ଷ ଭାବେ ପ୍ରଶାନ୍ତ ସାହୁ ଓ ପ୍ରିତମ ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି।

# ରାସ୍ତା କଡ଼କୁ ଖସିଲା ପିଆଜ ବୋଝେଇ ଟ୍ରକ୍

## ସନ୍ଦେହରେ ପୋଲିସର ଭୂମିକା

**ବିନିକା,୨୦।୧୨(ଡି.ଏନ୍.ଏ.)**



ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଖସି ପଡିଥିବା ପିଆଜ ବୋଝେଇ ଟ୍ରକ୍।

ସୁବର୍ଣ୍ଣପୁର ଜିଲା ବିନିକା-ସୋନପୁର ମଧବର୍ତ୍ତି ସେଲେଡି-ଡୁଲୁଣ୍ଡିପାଲି ମଝିରେ ଥିବା ଡବନିନାଳଠାରେ ଶୁକ୍ରବାର ଅପରାହ୍ନରେ ଏକ ପିଆଜ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଖସି ପଡିଥିଲା। ସ୍ଥାନୀୟ ପୋଲିସ ଖବର ପାଇବା ପରେ ପହଞ୍ଚି ଥିଲା। ପ୍ରଥମେ ଟ୍ରକରୁ ପିଆଜ ଖାଲି କରାଯାଇଥିଲା। ଏହାପରେ ଟ୍ରକ୍‌କୁ ରାସ୍ତା ଉପରକୁ ଅଣା ଯାଇଥିଲା। ଶେଷରେ ପିଆଜ ଭର୍ତ୍ତି କରି ଟ୍ରକ୍‌ଟି ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରି ଯାଇଥିଲା। ହେଲେ ଏଥିରେ ପୋଲିସର ଭୂମିକା ସନ୍ଦେହ ସୃଷ୍ଟି କରିଛି। ଗାଡି ଦୁର୍ଘଟଣାଗ୍ରସ୍ତ ହେବା ପରେ ତାହାକୁ ଜବତ କରି ପୋଲିସ ଥାନାକୁ ନେବା କଥା। ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ପ୍ରଥମେ ଗାଡି ଓ ଚାଳକଙ୍କ ସମସ୍ତ କାଗଜପତ୍ର ଠିକ୍ ଅଛି କି ନାହିଁ ତାହା ଯାଞ୍ଚ କରିବା କଥା। ହେଲେ ପୋଲିସ ଏ ସବୁ ଦିଗକୁ ଆଡ ଆଖି କରି ଦେଇଥିବା ଜଣାପଡୁଛି। ଅବଶ୍ୟ ଏହା ପଛରେ ନିଶ୍ଚୟ ପୋଲିସର ପକେଟ ଓଜନିଆ ହୋଇଥିବ ସ୍ପଷ୍ଟ ହେଉଛି। ଅନ୍ୟପକ୍ଷେ ଏହି ପିଆଜ କେଉଁଠାରୁ କେଉଁଠାକୁ ଯାଉଥିଲା, ଟ୍ରକ୍‌ରେ କେତେ ପରିମାଣର ପିଆଜ ଥିଲା ସେ ସବୁ ଉପରେ ବାରମ୍ବାର ପଚାରିବା ସତ୍ତ୍ୱେ ମଧ ପୋଲିସ କିଛି କହି ନ ଥିଲା। ସନ୍ଦେହ ସୃଷ୍ଟି ହେଉଛି ଯେ, ପୋଲିସ କ'ଣ ପାଇଁ ସୂଚନା ଦେବାକୁ ନାରାଜ ହେଉଛି। ଏଣୁ ପୋଲିସର ସ୍ୱଚ୍ଛତା ପ୍ରତି ମଧ ପ୍ରଶ୍ନ ଉଠିଛି। ବର୍ତ୍ତମାନ ରାଜ୍ୟରେ ପିଆଜ ଦର ଶହେ ଟଙ୍କା ଉପରେ ରହିଛି। ଏଣୁ ଏହା ଚୋରା ଚାଲାଣ କରା ଯାଉ ନ ଥିଲା ତ ତାହା ମଧ ସନ୍ଦେହ ଆଣିଛି। ତେବେ ଘଟଣା ସମ୍ପର୍କରେ ବିନିକା ଥାନା ଅଧିକାରୀ କୁଶ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କିଛି ଜାଣି ନାହାନ୍ତି। ମହାଦେବପାଲି ଫାଣ୍ଡି ଅଧିକାରୀ ବସନ୍ତ ରଥ କେବଳ ଏକ ପିଆଜ ବୋଝେଇ ଟ୍ରକ୍ ରାସ୍ତା କଡ଼ରେ ଫସି ଯାଇଥିବା ବିଷୟରେ ସୂଚନା ଦେଇଥିଲେ ବୋଲି କହିଛନ୍ତି। ହେଲେ ମହାଦେବପାଲି ଫାଣ୍ଡି ଅଧିକାରୀଙ୍କ ସହ ଫୋନ୍ ଦ୍ୱାରା ବାରମ୍ବାର ଯୋଗାଯୋଗ କରିବା ସତ୍ତ୍ୱେ ସେ ଫୋନ୍ ରିସିଭ୍ କରି ନ ଥିଲେ। ଅନ୍ୟପକ୍ଷେ ଏସ୍‌ଡିପିଓ ମିହିର ପଣ୍ଡାଙ୍କୁ ପଚାରିବାରୁ ବିନିକା ଥାନା ଆଇଆଇସି ହିଁ ସୂଚନା ଦେବେ ବୋଲି କହିଥିଲେ।

ସୁବର୍ଣ୍ଣପୁର ଜିଲା ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟିତ

# ନିୟମିତ ଅଭ୍ୟାସ କରି କୃତିତ୍ୱ ହାସଲ ପାଇଁ କ୍ରୀଡାବିତ୍‌ଙ୍କୁ ପରାମର୍ଶ

**ସୋନପୁର,୨୦।୧୨(ନି.ପ୍ର.)**



ସୁବର୍ଣ୍ଣପୁର ଜିଲା ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।

ସୁବର୍ଣ୍ଣପୁର ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ପଡିଆରେ ୨୪ ତମ ବାର୍ଷିକ ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଜିଲାପାଳ ମୋନିଷା ବାନାର୍ଜୀ ପତାକା ଉତ୍ତୋଳନ କରି ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ନିୟମିତ ଅଭ୍ୟାସ କରି କୃତିତ୍ୱ ହାସଲ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । କଟକସ୍ଥିତ ଶାରୀରିକ ଶିକ୍ଷା ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ଆଥଲେଟିକ ଆସୋସିଏସନର ଉପସଭାପତି ଚିତ୍ତରଞ୍ଜନ ତରାସିଆ ସଭାରେ ସଂଯୋଜନା କରିଥିଲେ । ସାଧାରଣ ସମ୍ପାଦକ ପୀୟୁଷ କୁମାର ପଣ୍ଡା ବିବରଣୀ ପାଠ କରିଥିଲେ । କ୍ରୀଡା ସଂଘ ପୁନର୍ଗଠିତ ହେବା ପରେ ଦୀର୍ଘ ବର୍ଷ ପରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଜିଲାର ୬ଟି ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କ୍ଲବ ଗୁଡିକରୁ ମୋଟ ୩୪୨ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ଦିନରେ ୧୪ ବର୍ଷ, ୧୫ ବର୍ଷ, ୧୮ ବର୍ଷ ଓ ୨୦ ବର୍ଷ ମହିଳା ଏବଂ ପୁରୁଷ ବର୍ଗରେ ମୋଟ ୭୨ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା । ଶନିବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ । କୃତି ପ୍ରତିଯୋଗୀମାନେ ଆସନ୍ତା ୨୮, ୨୯ ଓ ୩୦ ତାରିଖରେ କଟକ ବାରବାଟି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଆଥ୍‌ଲେଟିକ୍ ମିଟ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ। ଏହି ପ୍ରତିଯୋଗିତାକୁ କଲିମ ମହମ୍ମଦ, ଆଦିତ୍ୟ କିଶୋର ଦାନୀ, ରଘୁନାଥ ଥନାପତି ଓ କ୍ରୀଡା ଶିକ୍ଷକମାନେ ପରିଚାଳନା କରିଥିଲେ । କ୍ରୀଡାବିତ୍ ଗୋରେଖନାଥ ସାହୁ, ଲକ୍ଷ୍ମୀନାରାୟଣ ମେହେର, ଭଲିବଲ ସମ୍ପାଦକ ପୁରୁଷୋତ୍ତମ ସମ୍ପାଦକ, ନନ୍ଦ କିଶୋର ତ୍ରିପାଠୀ, କ୍ରୀଡା ସଂଘର କାର୍ଯ୍ୟକାରୀ କମିଟି ସଭ୍ୟ କଇରୁ ସ୍ୱାଇଁ, ଗୌରିଶ୍ୟାମ ପଣ୍ଡା, ସତ୍ୟନାରାୟଣ ରାଓ, କମଳାକାନ୍ତ ସାହୁ, ଭକ୍ତି ରଞ୍ଜନ ଦଳେଇ ଓ କୋଷାଧକ୍ଷ ସୁବାସ ବିଶ୍ୱାଳ ପ୍ରମୁଖ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ।



ମାୟାରୁ ମମତା ସୃଷ୍ଟି। ମାୟା ବନ୍ଧନୀ ଛିନ୍ନ କରିଥିବା ସାଧୁମାନଙ୍କ ମନ ଭିତରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ପ୍ରତି ମାୟା ବା ମମତା ନ ଥାଏ।
- କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

ପାଇକମାଳ,୨୦।୧୨(ଡି.ଏନ.ଏ)

ପାଇକମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚାରୁ ଚରଣ ମହାନ୍ତିଙ୍କ ଆବାହକତ୍ୱରେ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ସକାଶେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଏପ୍ରିଲ ଶେଷ ସପ୍ତାହରେ ଜୟନ୍ତୀ ପାଳନ ପାଇଁ ସ୍ଥିର କରାଯାଇଥିଲା। ଏହି ଉପଲକ୍ଷେ ଏକ କମିଟି ଗଠିତ ହୋଇଥିଲା । କମିଟିରେ ଅନୀଲ କୁମାର କାଳିଆ ସଭାପତି, ରାଜେନ୍ଦ୍ର ରାଉତ ଓ ଜୟଶ୍ରୀ ସାହୁ ଉପସଭାପତି, ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ସମ୍ପାଦକ, ଆଶୁତୋଷ ସାହୁ ସହ ସମ୍ପାଦକ, ସୁଶୀଲ କୁମାର ଅଗ୍ରୱାଲ କୋଷାଧ୍ୟକ୍ଷ, ବିଶ୍ୱନାଥ ସାହୁ ସହ କୋଷାଧ୍ୟକ୍ଷ, ସାଗର ଫୌଜଦାର ସାଂସ୍କୃତିକ ସମ୍ପାଦକ ଏବଂ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ଓ ବିଜୟ ପ୍ରଧାନ ସ୍ମରଣିକା ସମ୍ପାଦକ ଭାବେ ମନୋନିତ ହୋଇଛନ୍ତି । ସେହିପି ଏକ ଉପଦେଷ୍ଟା କମିଟି ଗଠନ କରାଯାଇଛି । ଶେଷରେ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



### ବିପ୍ର ଚରଣ ମହାନ୍ତି ବୌଦ୍ଧ ଜିଲା ଭାଜପା ସଭାପତି

ବୌଦ୍ଧ,୨୦।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲା ଭାଜପାର ନୂତନ ସଭାପତି ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ବିପ୍ର ଚରଣ ମହାନ୍ତିଙ୍କୁ ମନୋନିତ କରାଯାଇଛି। ରାଜ୍ୟ ଭାଜପା ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ସେ ଚାକିରୀରୁ ଅବସର ଗ୍ରହଣ କରିବା ପରେ ଭାଜପାରେ ଯୋଗ ଦେବା ସହିତ ଗତ କିଛିବର୍ଷ ହେଲା ଦଳ ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଥିଲେ। ବିପ୍ରଚରଣ ଦଳର ମିଡିଆ ପ୍ରଭାରୀ ସହିତ ଜିଲା ସାଧାରଣ ସମ୍ପାଦକ ଓ ମୁଖ୍ୟ ସଦସ୍ୟତା ପ୍ରଭାରୀ ଭାବେ ସଫଳତାର ସହିତ କାର୍ଯ୍ୟ କରିଥିଲେ। ଏହାସହିତ ଗତ ସାଧାରଣ ନିର୍ବାଚନରେ କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ଦଳ ପାଇଁ ସଫଳତାର ସହିତ ଦାୟିତ୍ୱ ନିର୍ବାହ କରିଥିଲେ ।

### ରାସ୍ତା କଡ ଗଛ ପୋଡିଦେଲେ ଦୁର୍ବୃତ୍ତ

ଜାମଟିକ୍ରା, ୨୦।୧୨ (ଡି.ଏନ.ଏ)

ଅତାବିରା ବ୍ଲକ କୁଲୁଣ୍ଡା ପଞ୍ଚାୟତ ବାଞ୍ଜିପାଲି ଗ୍ରାମର ଯୁବଗୋଷ୍ଠୀ ଗତ ଜୁଲାଇ ମାସରେ ବାବେବିରା କେନାଲ ରାସ୍ତା କଡରେ ଦେଢ଼ କିମି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ପ୍ରାୟ ୨ଶହ ବୃକ୍ଷ ରୋପଣ କରିଥିଲେ । ପ୍ରାୟ ସବୁ ଗଛ ବଞ୍ଚିଥିଲା। କିନ୍ତୁ କିଛି ଦିନ ତଳେ କେତେକ ଦୁର୍ବୃତ୍ତ ରାସ୍ତା କଡରେ ଥିବା ସେହି ଗଛରେ ନିଆଁ ଲଗାଇ ଦେଇଥିଲେ। ଫଳରେ ସେ ସବୁତକ ଗଛ ପୋଡି ଯାଇଛି ।

■ ମାଁ ମାହେଶ୍ୱରୀ ସାଂସ୍କୃତିକ ପରିଷଦର ପ୍ରତିଷ୍ଠା ଦିବସ

# ସମର୍ପଣ ମନୋଭାବ ରଖିବାକୁ ଆହ୍ୱାନ





ଅତିଥିମାନେ ମୁଖପତ୍ର ଆମେ ଡୁମାଲକୁ ଉନ୍ମୋଚନ କରୁଛନ୍ତି (ବାମ)। ସମାରୋହରେ ପାଲା ପରିବେଷଣ ।

ବରଗଡ଼ ଅଫିସ୍,୨୦।୧୨

ସମାଜରେ ଦୁଇ ବର୍ଗର ଲୋକେ ଅଛନ୍ତି । ଗୋଟିଏ ଶ୍ରେଣୀ ସ୍ୱାର୍ଥପର ହେଲେ ଅନ୍ୟଟି ନିଃସ୍ୱାର୍ଥପର । ତେବେ ସ୍ୱାର୍ଥତ୍ୟାଗ ସହିତ ସେବାରେ ନିଜକୁ ସମର୍ପିତ କରି କାମ କଲେ ଯାଇ ଉଭୟ ଦେଶ ଓ ଜାତିର ସମୃଦ୍ଧି ଘଟିବ। ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଶୁକ୍ରବାର ମାଁ ମାହେଶ୍ୱରୀ ସାଂସ୍କୃତିକ ପରିଷଦ ଓଡ଼ିଶାର ପ୍ରଥମ ପ୍ରତିଷ୍ଠା ଦିବସ ତଥା ରାଜ୍ୟସ୍ତରୀୟ ପ୍ରଥମ ମାସିକ ପତ୍ରିକା ଆମେ ଡୁମାଲର ଶୁଭ ଉନ୍ମୋଚନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତାବିରା ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଏହା କହିଛନ୍ତି । ସେହିପରି ଏକତାରୁ ହିଁ ବିକାଶ ସମ୍ଭବ। ଫଳରେ ସମସ୍ତେ ଏକାଠି ହୋଇ ଦେଶ ଓ ଜାତିର ସେବାରେ ଲାଗି ପଡ଼ିବାକୁ ସେ ଆହ୍ୱାନ ଦେଇଥିଲେ ।

ପରିଷଦର ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ଏମପି ଡଃ ପ୍ରଭାସ ସିଂ, ଭେଡ଼େନ ବିଡ଼ିଓ ମୁରଲୀଧର ନାଏକ, ରାଜ୍ୟ ଡୁମାଲ ପରିଷଦର ସଭାପତି ସୁଧିର କର୍ଣ୍ଣ, ହେମାବତୀ କର୍ଣ୍ଣ, ସନ୍ତୋଷିନୀ କର୍ଣ୍ଣ, ସୁରେନ୍ଦ୍ର କର୍ମୀ ସମ୍ମାନିତ ଅତିଥି, ଲେଖକ ହାଡ଼ିବନ୍ଧୁ ମହାକୁଡ଼ ଓ ଗୁଣମଣି କର୍ମୀ ବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲେଖକ ହାଡ଼ିବନ୍ଧୁ ମହାଖୁଡ଼, ଖବରଦାତା ପ୍ରେମାନନ୍ଦ ଖମାରୀ, ଶିକ୍ଷା, ସଂସ୍କୃତି ଓ ସଙ୍ଗଠନ କ୍ଷେତ୍ରରେ ସନ୍ତୋଷିନୀ କର୍ଣ୍ଣ, ଗୁଣମଣି କର୍ଣ୍ଣ, ଯୁବ ସଙ୍ଗଠକ ସୁରେନ୍ଦ୍ର କର୍ମୀ, କଳା କ୍ଷେତ୍ରରେ ହୀରା ମହାକୁର, ଭୂମିଦାନ ପାଇଁ ଲକ୍ଷ୍ମଣ ଛନ୍ଦ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ପ୍ରତିବର୍ଷ ଡିସେମ୍ବର ୨୦ତାରିଖକୁ ଜାତୀୟ ଡୁମାଲ ଦିବସ ଭାବେ ପାଳନ ପାଇଁ ସଂକଳ୍ପ ପତ୍ର ଉନ୍ମୋଚିତ ହୋଇଥିଲା। ଆରମ୍ଭରୁ କୁରୁଆଁସ୍ଥିତ ମାଁ ମାହେଶ୍ୱରୀ ମନ୍ଦିରର ସେବାୟତ ଅଶୋକ ମହାକୁର ଓ ସାଥୀମାନେ ଦେବୀ ମାହେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ କବି ରଞ୍ଜିତ ପ୍ରଧାନଙ୍କ ସଂଯୋଜନାରେ ସମ୍ବଲପୁରୀ ବ୍ୟଙ୍ଗ କବିତା ଆସର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । କବି ମୁନିରାମ କୁମ୍ଭାର, ସୋନାଲୀ ପାଢ଼ୀ ବ୍ୟଙ୍ଗ କବିତା ପାଠ କରିଥିବାବେଳେ ଶେଷଦେବ ଦନ୍ତା, ନରୋତ୍ତମ ମହାକୁର, ନରେନ୍ଦ୍ର ବେହେରା ପ୍ରମୁଖ ପାଲା, ସଞ୍ଚାର ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଙ୍ଗଠକ ତଥା ଆମେ ଡୁମାଲ ମୁଖପତ୍ରର ସହ ସମ୍ପାଦକ ହରି ମହାକୁର ସ୍ୱାଗତ ଭାଷଣ ଦେଇଥିଲେ । ଯୁବ ସଙ୍ଗଠକ ଚୈତନ୍ୟ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ ।

### ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ପ୍ରସ୍ତୁତି

ବୌଦ୍ଧ,୨୦।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲା ଗଠନର ୨୬ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଜାନୁୟାରୀ ୨ରୁ ଦୀର୍ଘ ୫ ଦିନ ଧରି ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ, ପୁସ୍ତକ ଓ କୃଷି ମେଳା ଆୟୋଜିତ ହେବ । ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ମହୋତ୍ସବକୁ ସରସ ସୁନ୍ଦର କରିବାକୁ ଚଳିତବର୍ଷ ଡିଜିଟାଲ ମାଧ୍ୟମରେ ଗୁରୁତ୍ୱ ଦିଆଯାଇ ମୁଖ୍ୟମଞ୍ଚ ସହିତ ମହୋତ୍ସବ ପଡିଆରେ ବଡ ବଡ ଏଲଇଡି ବୋର୍ଡ ଦ୍ୱାରା କାର୍ଯ୍ୟକ୍ରମର ପ୍ରସାରଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାବ୍ୟତୀତ ବିଭାଗୀୟ ବିକାଶ ପ୍ରଦର୍ଶନୀ ସହିତ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା ଓ କୃଷି ମେଳାକୁ ମଧ୍ୟ ଆକର୍ଷଣୀୟ କରାଯିବାକୁ ଗୁରୁତ୍ୱ ଦିଆଯାଉଛି। ମହୋତ୍ସବ ପଡିଆରେ ପ୍ରତ୍ୟେକ ଷ୍ଟଲ ପ୍ରତି ଦର୍ଶକମାନଙ୍କ ପାଇଁ ଆକର୍ଷଣ ବୃଦ୍ଧି କରାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତବର୍ଷ ପ୍ରଥମଥର ମହୋତ୍ସବରେ ବିକାଶ, ସାଂସ୍କୃତିକ, ଜ୍ଞାନ, କୃଷି ଓ କ୍ରୀଡାକୁ ଏକ ସଙ୍ଗରେ ଜିଲାବାସୀ ଉପଭୋଗ କରିବାର ସୁଯୋଗ ପାଇବେ । ମହୋତ୍ସବ ସମୟରେ ଜିଲା କ୍ରୀଡା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ବିଜୁ ଯୁବ ବାହିନୀ ସହାୟତାରେ ପଞ୍ଚାୟତସ୍ତରରୁ ଖେଳାଳି ଚିହ୍ନଟ କରାଯାଇ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ । ବ୍ଲକ ଓ ଜିଲାସ୍ତରରେ ଫୁଟବଲ ମ୍ୟାଚ କରାଯାଇ ବିଜେତା ଦଳକୁ ପୁରସ୍କୃତ କରାଯିବାର ବ୍ୟବସ୍ଥା କରାଯାଇଛି। ସେହିପରି ମହୋତ୍ସବରେ ଜିଲାର ସାଂସ୍କୃତିକ ଦଳମାନଙ୍କୁ ମଧ୍ୟ ସେମାନଙ୍କ କଳା ପ୍ରଦର୍ଶନର ସୁଯୋଗ ପ୍ରଦାନ କରାଯିବ। ପ୍ରତିବର୍ଷ ଭଳି ବିଭିନ୍ନ ପ୍ରସଙ୍ଗରେ କର୍ମଶାଳା ଆୟୋଜନ କରାଯିବା ସହିତ ମହାନଦୀ ପାର୍କରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ

ବରଗଡ଼ ଅଫିସ୍,୨୦।୧୨

ବରଗଡ଼ ଟାଉନ ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ଗତ ୧୬ତାରିଖ ରାତ୍ରିରେ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି । ଗତ ୧୮ତାରିଖରେ ମହିଳା ଜଣକ ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ପୋଲିସ ଦଫା ଏକ ମାମଲା (ନଂ.୫୭୯/୧୯) ରୁଜୁ କରିଛି। ଘଟଣା ପରେ ଅଭିଯୁକ୍ତ ଚନ୍ଦନ ବାଗ ଫେରାର ହୋଇ ଯାଇଛନ୍ତି । ତାଙ୍କୁ ଧରିବା ପାଇଁ ତନାଘନା ଚାଲିଛି ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଝାରୀ କହିଛନ୍ତି।

ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇ ସାରିଛି। ଫଳରେ ଘଟଣାଦିନ ରାତ୍ରିରେ ମହିଳା ଜଣକ ଘରେ ଏକାକୀ ଶୋଇଥିଲେ। ଏହି ସମୟରେ ଅଭିଯୁକ୍ତ ଚନ୍ଦନ ପୀଡ଼ିତାଙ୍କ ଘରକୁ ଆସି କବାଟ ବାଡ଼େଇଥିଲେ। କବାଟ ଖୋଲିବା ପରେ ଅଭିଯୁକ୍ତ ପୀଡ଼ିତାଙ୍କୁ ବଳାତ୍କାର କରିଥିଲେ ଏବଂ ସେ ସମ୍ପର୍କରେ ଅନ୍ୟ କାହା ପାଖରେ ମୁହଁ ଖୋଲିଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ ବୋଲି ପୀଡ଼ିତା ପୋଲିସକୁ ଦେଇଥିବା ଏତଲାରେ ଅଭିଯୋଗ କରିଛନ୍ତି ।

■ ରାଜେଶ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ବଲାଙ୍ଗୀର, ରେଙ୍ଗାଲି ସେମିଫାଇନାଲକୁ ଉନ୍ନୀତ

ପଦ୍ମପୁର, ୨୦।୧୨ (ଡି.ଏନ.ଏ)

ପଦ୍ମପୁର ବୋଡାସମ୍ବର ହାଇସ୍କୁଲ ପଡିଆରେ ଚାଲିଥିବା ପଞ୍ଚମ ରାଜେଶ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସର ଉଦଘାଟନୀ ଉତ୍ସବରେ ବୋଡାସମ୍ବର ସ୍ପୋର୍ଟିଂର ଉପଦେଷ୍ଟା ପ୍ରଶାନ୍ତ ମହାନ୍ତି ଓ କୁନାଲ ସିଂ ବରିହା ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଥମ ମ୍ୟାଚରେ ସମ୍ବଲପୁର ଚାରବାଟି ଓ ବଲାଙ୍ଗୀର ନକଟାସର ଏବଂ ଦ୍ୱିତୀୟ ମ୍ୟାଚ ରେଙ୍ଗାଲି ଲିଟିଲଷ୍ଟାର ଓ ଲୋଇସିଂହା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚର ବିଜେତା ବଲାଙ୍ଗୀର ଓ ଦ୍ୱିତୀୟ ମ୍ୟାଚର ବିଜେତା ରେଙ୍ଗାଲି ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଶନିବାର ସେମିଫାଇନାଲ ମ୍ୟାଚ୍ ହେବ। ଦୁଃଶାସନ ବୁଡେକ, ସଚ୍ଚିଦାନନ୍ଦ ବହିଦାର, ନବୀନ ସାହୁ, ଚନ୍ଦ୍ରମଣି ସାହୁ, ନନ୍ଦକିଶୋର ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ସୁଜିତ ରାଜହଂସ, ଝୁଲୁ ବହିଦାର, ଦୀପକ ରାଜହଂସ, ଚିତ୍ତରଞ୍ଜନ ପାଣ୍ଡେ, ସୁଧାଂଶୁ ସେଠ ଓ ପଞ୍ଚାନନ ପାତ୍ର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅଶୋକ କାଲସାଏ, ନରେଶ ବାରିକ, ପ୍ରଦୀପ୍ତ ପଣ୍ଡା, ପ୍ରଦୀପ ପାତ୍ର, ପ୍ରଦୀପ ଜାଲ, ରାଜୁ ଦାନୀ, ରୀତେଶ ସାହୁ, ନରୋତ୍ତମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ୨୪ରେ ଜିଲାପାଳ ଅଫିସ୍ ଘେରିବେ ବରିଷ୍ଠ ନାଗରିକ

ମନମୁଣ୍ଡା, ୨୦।୧୨ (ଡି.ଏନ.ଏ)



ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ ।

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳର ବରିଷ୍ଠ ନାଗରିକମାନେ ୫ଦଫା ଦାବି ନେଇ ଆସନ୍ତା ୨୪ ତାରିଖରେ ଜିଲାପାଳ ଅଫିସ୍ ଘେରାଉ କରିବେ। ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରେମାନନ୍ଦ ମେହେର, ଉପସଭାପତି ଲକ୍ଷ୍ମୀନ୍ଦ୍ର ବଗର୍ତ୍ତି ଏବଂ ସମ୍ପାଦକ ରାମଜୀ ପାତ୍ର ଏ ସମ୍ପର୍କରେ ଏକ ପ୍ରେସ ଇସ୍ତାହାରରେ କହିଛନ୍ତି । ଶୁକ୍ରବାର ଗୋହିପିଟାଠାରେ ସଂଘ ଉପଦେଷ୍ଟା ନିରଞ୍ଜନ କର୍ଣ୍ଣଙ୍କ ଉପସ୍ଥିତିରେ ସଭାପତି ପ୍ରେମାନନ୍ଦ ମେହେରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବରିଷ୍ଠ ନାଗରିକମାନଙ୍କ ଦାବି ନେଇ ଆଲୋଚନା ହୋଇଥିଲା। ମନମୁଣ୍ଡା ଥାନା ଅଞ୍ଚଳର ପ୍ରାୟ ୨୭୩ ଜଣ ବରିଷ୍ଠ ନାଗରିକ ୧ ବର୍ଷ ତଳେ ପରିଚୟ ପତ୍ର ପାଇଁ ସ୍ଥାନୀୟ ଥାନାରେ ଦରଖାସ୍ତ ଦେଇଥିଲେ । ହେଲେ ଏ ନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ କିଛି ଦିନ ତଳେ ସେମାନେ ସ୍ଥାନୀୟ ଥାନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଫଳରେ ମାତ୍ର ୧୫ ରୁ ୨୦ଜଣଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ତେବେ ଅନ୍ୟମାନଙ୍କୁ ପରିଚୟପତ୍ର ଦିଆଯାଇ ନ ଥିବାରୁ ସେମାନେ ସରକାରଙ୍କ ଯୋଜନାରେ ସାମିଲ ହୋଇ ପାରୁନାହାନ୍ତି। ଏହି ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ତୁରନ୍ତ ପରିଚୟପତ୍ର ପ୍ରଦାନ, ତୀର୍ଥଯାତ୍ରା ପାଇଁ ଯୋଜନାରେ ସାମିଲ, ସ୍ୱାସ୍ଥ୍ୟବୀମା ପ୍ରଦାନ, ଯାନବାହନରେ ସ୍ଥାନ ସଂରକ୍ଷଣ କାର୍ଯ୍ୟକ୍ରମରେ ସାମିଲ ଆଦି ୫ଦଫା ଦାବି ନେଇ ଆସନ୍ତା ୨୪ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ଜିଲାପାଳଙ୍କ ଅଫିସ ଘେରାଉ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## କ୍ରିକେଟ: ଫାଇନାଲରେ ଖୁଣ୍ଟବନ୍ଧ, ବଙ୍କାପଡା

ଜହ୍ନାପଙ୍କ, ୨୦।୧୨ (ଡି.ଏନ.ଏ)

ବୌଦ୍ଧ ଜିଲା ଆମ୍ଭଝରି ପଞ୍ଚାୟତ ବଏଲବେଡା ଖେଳ ପଡିଆରେ ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ଧବଳେଶ୍ୱର ବାବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲ ଏସ. ସୋନପୁର ଓ ଖୁଣ୍ଟବନ୍ଧ ଦଳ ମଧ୍ୟରେ ହୋଇଥିଲା । ଖୁଣ୍ଟବନ୍ଧ ଟସ ଜିଣି ୧୫ ଓଭରରେ ୫ ଉଇକେଟ ହରାଇ ୧୨୩ ରନ କରିଥିଲା । ଜବାବରେ ଏସ ସୋନପୁର ୧୨.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୬ ରନ କରିଥିଲା। ଫଳରେ ଖୁଣ୍ଟବନ୍ଧ ୧୭ ରନରେ ଜିତି ଫାଇନାଲକୁ ଉନ୍ନୀତ ହୋଇଛି। ଦ୍ୱିତୀୟ ସେମିଫାଇନାଲ ବଙ୍କାପଡା ଓ ମନୁପାଲି ମଧ୍ୟରେ ହୋଇଥିଲା। ବଙ୍କାପଡା ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ ଉଇକେଟ ହରାଇ ୧୩୪ ରନ କରିଥିଲା। ଜବାବରେ ମନୁପାଲି ୧୦.୪ ଓଭରରେ ସମସ୍ତ ଉଇକେଟ ହରାଇ ୫୩ ରନ କରିଥିଲା । ଫଳରେ ବଙ୍କାପଡା ୮୧ ରନରେ ଜିତି ଫାଇନାଲକୁ ଉନ୍ନୀତ ହୋଇଛି। ଶନିବାର ଖୁଣ୍ଟବନ୍ଧ ଓ ବଙ୍କାପଡା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଆଜିର ଖେଳକୁ ସତରାମ ଜେନା ଓ ଗୋପାଳ ସେଠୁଆ ପରିଚାଳନା କରିଥିଲେ । ବୀରେନ୍ଦ୍ର ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ ।

### ଏବିଇଓଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ବୌଦ୍ଧ,୨୦।୧୨(ସ୍ୱ.ପ୍ର)

ହରଭଙ୍ଗା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିରଞ୍ଚି ନାରାୟଣ ବେହେରାଙ୍କୁ ହରଭଙ୍ଗା ଓ ସଙ୍କୁଲୋଇ କ୍ଲଷ୍ଟର ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ହରଭଙ୍ଗା ଠାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଗାଆନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଦାୟିତ୍ୱ ଗ୍ରହଣ କରିଥିବା ଏବିଇଓ ଦେବରାଜ ପ୍ରଧାନ, ସଙ୍କୁଲୋଇ ସିଆରସିସି ନରେନ୍ଦ୍ର କୁମାର ରଣା ଓ ହରଭଙ୍ଗା ସିଆରସିସି ସନ୍ତୋଷ କୁମାର ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ସତ୍ୟନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ଜିତେନ୍ଦ୍ର କୁମାର ପ୍ରଧାନ, ବେଦବର ପ୍ରଧାନ ଅବସରପ୍ରାପ୍ତ ଏବିଇଓଙ୍କ ଉତ୍ତମ ସେବା ଉପରେ ଆଲୋଚନା କରିଥିଲେ। ଶିକ୍ଷକ ସଞ୍ଜୀବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ତାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାଏଜର ସୁଆରଥ ଲାଗି ପଦଯାତ୍ରା

ଭଟଲି/ଅମ୍ବାଭୋନା, ୨୦।୧୨ (ଡି.ଏନ୍.ଏ.)



ବରଗଡ଼-ଭଟଲି ମୁଖିଆ ରାସ୍ତାରେ ସତ୍ୟବ୍ରତ।

ଆଏଜ୍‌କାଲିର ଜୀବନ୍ ଶଇଲିରେ ଆମେ ଯେଯାହାର କାମେ ବାଇ ରହୁଛୁଁ। ସଖାଲୁ ଉଠ୍‌ଲା ଖଟୁ ରାତିଥି ଖଟ୍‌କେ ଯିବାର ତକ୍ ଆମେ ସଭେ ଛୁଆପିଲାକୁଟୁମ, ବେପାରବନିଜ ଚିନ୍‌ତାରେ ରହୁଛୁଁ। ହେଲେ ଗୁରୁବାର ସଖାଲୁ ବରଗଡ଼-ଭଟଲି ରାସ୍‌ତାରେ ଏନ୍‌ତା ଝନେ ଯୁବକ ସଂଗେ ଭେଟ୍ ହେଇଥିଲା ଯେ, ରାଏଜର ହିତ୍ ଲାଗି ରାଏଜର ୩୧୪ଟା ବ୍ଲକକେ ପଦଯାତ୍‌ରାଥି ବାହାରିଛନ୍। ଇଆଡ଼େ ଶିତୁଆ ସକାଲ, ଲୋକ୍ ଖଟ୍ ନାଇଁ ଛାଡ଼ିଥିଲାବେଲେ ସେ ପହଁଟିଆରୁ ଚାଲବାର ଆରମ୍ କରୁଛନ୍। ସେ ଯୁବକ ଝନକ ହେଉଛନ୍ ଜଗତସିଂହପୁର ଜିଲା ବାଲିକୁଦା ବ୍ଲକ ଅଧୀନ ଭଗବାନସିନ୍ଧୋଳ ଗାଁର ସତ୍ୟବ୍ରତ ଦାଶ(୨୮)। ତାକର କହିବାର ହିସାବେ ସେ ଗଲା ଜୁଲାଇ ମାସର ୧୦ ତାରିଖରୁ ଯାଜପୁର ଜିଲା ବଡ଼ଚଣା ବ୍ଲକରୁ ନିଜର ପଦଯାତ୍‌ରା ଆରମ୍ କରିଛନ୍। ସେ ଆଏଜ୍‌ତକ ୧୬୩ ଦିନ୍‌ରେ ୧୧୬ଟା ବ୍ଲକର ବିଡିଓଙ୍କୁ ଭେଟି ରାଷ୍ଟ୍ରପତିଙ୍କର ଉଦେଶ୍‌ରେ ଓଡ଼ିଶାକେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, ମହାନଦୀ ଜଲ ବିବାଦର ତୁରିତ୍ ସମାଧାନ ଆର ପୋଲାଭରମ ପ୍ରକଳ୍ପକେ ପୂରା ବଁଦ୍ କରବାର ଦାବିରେ ଦାବିପତର ଦେଉଛନ୍। ଇ ହିସାବେ ସତ୍ୟବ୍ରତ ଗୁରୁବାର ଭଟଲି ବିଡିଓ ଧୀରେନ୍ଦ୍ର କୁମାର ସେଠୀଙ୍କୁ ଭେଟି ଦାବିପତର ଦେଇଥିଲେ। ତାକର ଇ ମହତ୍ ଉଦେଶ ଆର ପଦଯାତ୍‌ରାକେ ସମରଥନ କରି ଭଟଲି ସାମ୍ବାଦିକ ସଂଘ, ମାରୱାଡି ଯୁବାମଞ୍ଚ, ଶ୍ୟାମ ବିହାରୀ ମନ୍ଦିର କରମ୍‌କରତା ଆର ଭିନେ ଭିନେ ଅନୁଷ୍‌ଠାନ ତରଫୁ ସମରଧନା ଦିଆଯାଇଥିଲା। ସେନ୍‌ତା ସତ୍ୟବ୍ରତ ଶୁକୁରବାର ବରଗଡ଼ ଜିଲା ଅମ୍ବାଭୋନା ବ୍ଲକରେ ପୁହୁଁଚି ବିଡିଓଙ୍କର ଅନୁପସ୍ଥିତିରେ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଭୋଳାନାଥ ମହାପାତ୍ର ଆର ମୁଖିଆ କିରାଣୀ ସୁଶାନ୍ତ ମିଶ୍ରଙ୍କୁ ରାଷ୍ଟ୍ରପତିଙ୍କର ଉଦେଶ୍‌ରେ ଦାବିପତର ଦେଇଥିଲେ। ଇ ଉଧେ ଅମ୍ବାଭୋନା ସଚେତନ ନାଗରିକ, ବୁଧିଜୀବୀ, ସରପଁଚ୍ ସଂଘ, ଖବରଦାତା ସଂଘ ତରଫୁ ତାହାକୁ ସୁଆଗତ କରି ସମରଧନା ଦିଆଯାଇଥିଲା। ସତ୍ୟବ୍ରତ ଇ ପଦଯାତ୍‌ରାକେ ନିଜର ବ୍ଲକ ବାଲିକୁଦାରେ ଶେଷ କରବେ ବଲି କହିଛନ୍।

■ ଆବାସ ଯୋଜନାରୁ ବଁଚିତ୍ ପରିବାର

## କ୍ଲବ ଘର ପାଲଟିଛେ ଆଶ୍‌ରେ ଥଲ୍

ଗଣ୍ଡତୁରୁମ୍, ୨୦।୧୨ (ଡି.ଏନ୍.ଏ.)



କ୍ଲବ ଘର ଆଘେ ନିଜର ପରିବାର ସଂଗେ ଗଣେଶ।

ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଁଚେତ୍ ଅଧୀନ ମେହେନା ଗାଁର ଗଣେଶ ଉସେରା(୭୦)। ସେ ଝନେ ନିହାତି ଗରିବ୍ ଲୋକ ହେଇଥିଲାବେଲେ ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଏନ୍‌ତାଥି ସେ କୁଟୁମବସିଆ ଇତାର ପିଁଢ଼ା ତାର ଦୁଆର ହେଇ ଜୀବନ୍ ବିତଉଛନ୍।

ସୂଚନା ଅନ୍‌ସାରେ ମେହେନାର ଗାଁର ଗଣେଶ ଉସେରାଙ୍କର ପରିବାର କହେଲେ ମାଏକିନା ଅହଲ୍ୟା ଆର ପୁଓ ରାମନାରାୟଣଙ୍କୁ ନେଇ ସଁସାର। ପରିବାରଟା ନିହାତି ଗରିବ୍, ଜମିବାଡ଼ି ବଲି କିଛି ନାଇଁ। ଗଣେଶ କୁଲିମଜୁରି କରି କୁଟୁମ ପୁଷୁଥିଲେ। ଗଲା ବଛର ବରଷାରେ ତାକର ମାଏଟ୍ କୁରିଆଟା ଭାଂଗି ଗଲାରୁ ପରିବାରଟା ବାସହରା ହେଇଯାଇଛନ୍। ଏନ୍‌ତାଥି ଗଣେଶ ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଥାନୀଅ ସରପଁଚ୍‌ନୁ ବିଡିଓ ତକ୍ ଗୁହାରି କରି ନିରାଶ ହେଇଛନ୍। ଗାଁବାସୀ ତାକର ଗୁଲ୍‌ଗୁଲା ଦେଖି କ୍ଲବ ଘରେ ରହିବାକେ କହିଲେ। ସେ ଦିନ୍‌ଠାନୁ ଗଣେଶ କୁଟୁମବସିଆ ଗାଁର କ୍ଲବ ଘରେ ରହିଆସୁଛନ୍। ଏନ୍‌ତା ଅସ୍‌ବିଧା ସମିଆରେ ଗଣେଶକୁ ବହୁତ୍ ଜର ହେଲା। ଭିନେ ଭିନେ ସରକାରୀ ଡାକ୍‌ତରଖାନାରେ ଚିକିଛା କରେଇ ନିରାଶ ହେଲେ। ଇ ସମିଆରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅଇଁଲାଛାଟକେ କଟକରୁ ଝନେ ଡାକ୍‌ତର ଆସୁଥିବାର ଖବର ପାଇ ସେଠାନେ ଚିକିଛା କରାଲେ। ତାକର ଜର ବି ଭଲ ହେଲା। ହେଲେ ସେଠାନେ ରକତ ପରୀକ୍ଷା ଲାଗି ଡେବ୍‌ରି ହାତେ ଫୁଡ଼ା ଯାଇଥିବାର ସୁଜା ଜାଗାଟା ଏହେଦେ ଘା' ହେଇଯାଇଛେ। ଏନ୍‌ତାଥି ଗଣେଶ କାମ୍‌ବୁତା କରି ନାଇଁପାରବାର। ଇଆଡ଼େ ପରିବାରଟା ଭୂମିହୀନ ହେଇଥିଲାବେଲେ ଗଣେଶ ପାଉଥିବାର ବୁଢ଼ାବୁଢ଼ି ଭତା ଆର ମାସିକ ୧୫ କେ.ଜି. ଚାଉଲ ନ ସାହାଭରସା ହେଇଛେ। ହେଲେ ଅଭାବ ଅନାଟନ ଲାଗି ଉପେ ଶୂଇନ୍ ଗଣେଶ ଭିଖ୍‌ମାଗି ଘରର ତେଲନୁନ ଚଲଉଛନ୍। ଇଆଡ଼େ ବୁଢ଼ା ବଏସେ ପୁଓଟେ ପାଇଛନ୍। ପୁଓର ଭବିଷତ୍ କଥା ଚିନ୍‌ତା କଲେ ତାକର ନିଦ୍ ହଜିଯାଉଛେ। ସରକାର ଗରିବ୍ ଦୁଖିକର ଲାଗି ଅନେକ ଯୋଜନା କାମ୍‌କାରୀ କରୁଛନ୍ ହେଲେ ଆମେ ହକ୍‌ଦାର ହିତାଧିକାରୀ ନୁହେ କାଏଁ ବଲି ସେ ପ୍ରଶ୍ନ କରିଛନ୍। ଜିଲା ଆର ବ୍ଲକ ପରଶାସନ ଇ ଦୁଖି ପରିବାର ଉପରେ ଦୃରୁଷ୍ଟି ଦେଇ ଯେତେ ଜଲଦି ହେବା ଆବାସ ଯୋଜନାରେ ଘର ଆର ମାସିକ ୩୫ କେ.ଜି. ଚାଉଲ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ପାଟଣାଗଡ଼ ବ୍ଲକ୍ ସାଥ୍ ଇ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

ପାଟଣାଗଡ଼,୨୦।୧୨(ଡି.ଏନ.ଏ.): ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କ ପ୍ରକୋଷ୍ଠରେ ଶୁକ୍ରବାର ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ପ୍ରଗତି ଉପରେ ଆଧାରିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ବ୍ଲକ ଏବିଇଓ/ବିଆରସିସି ସୁରେଶ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେଏହି ବୈଠକରେ ବ୍ଲକର ସମସ୍ତ ସିଆରସିସିଙ୍କ ସମେତ ଜିଲା ପ୍ରକଳ୍ପ କାର୍ଯ୍ୟାଳୟରୁ ପ୍ରୋଗ୍ରାମର ଦେବେଶ ମିଶ୍ର, ରାଜ୍ୟ ସାଥ ଇ ସଭ୍ୟ ସୁଧାଂଶୁ ଶେଖର ବାରିକ ଯୋଗ ଦେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ଷେତ୍ରରେ ସିଆରସିସିମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଗୁଡିକ ଉପରେ ଆଲୋଚନା କରାଯାଇ ଭବିଷ୍ୟତରେ କିପରି ସେସବୁ ସମସ୍ୟାର ସମାଧାନ ହୋଇପାରିବ ସେ ଉପରେ ପଦକ୍ଷେପ ନେବା ପାଇଁ ସାଥ ଇ ସଭ୍ୟଙ୍କୁ ଅନୁରୋଧ କରାଯାଇଥିଲା। ଉପସ୍ଥିତ ସିଆରସିସିଙ୍କୁ ବ୍ଲକର ଏମଆଇଏସ ହିମାଂଶୁ ପୂଜାରୀଙ୍କ ସହଯୋଗରେ ବିଭିନ୍ନ ସମସ୍ୟାର ସମାଧାନ କରାଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ସିଆରସିସି ବାଲିକା ପ୍ରାଥମିକ ବିଦ୍ୟାଳୟ ପାଟଣାଗଡ ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାନୁୟାରୀ ୨୭ରୁ ମାନସ ଯଜ୍ଞ

ଲୋଇସିଂହା,୨୦।୧୨(ଡି.ଏନ.ଏ.): ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲ ମାନସ ବିହାରଠାରେ ଜାନୁୟାରୀ ୨୭ରୁ ଫେବୃୟାରୀ ୨ ପର୍ଯ୍ୟନ୍ତ ମାନସ ଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ପରିଚାଳନା କମିଟି ତରଫରୁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭକ୍ତବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଗଜେନ୍ଦ୍ର ଦଣ୍ଡସେନା, ରତ୍ନାକର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବଲାଙ୍ଗୀରରେ ଦିଶା କମିଟି ବୈଠକ

# ଲୋକେ ଯୋଜନାର ସୁଫଳ ପାଇବାକୁ ଗୁରୁତ୍ୱ

ବଲାଙ୍ଗୀର ଅଫିସ, ୨୦।୧୨

ବଲାଙ୍ଗୀର ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଏଥିରେ ଅଧ୍ୟକ୍ଷତା କରିଥିଲେ। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ଟିଟିଲାଗଡ ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ଜିଲାପାଳ ଅରିନ୍ଦମ ଡାକୁଆ, ଡିଆରଡିଏ ପିଡି ଡ ମହେଶ୍ୱର ସ୍ୱାଇଁ, ଜିଲାର ବିଭିନ୍ନ ବ୍ଲକ୍‌ର ଅଧ୍ୟକ୍ଷ, ଅଧ୍ୟକ୍ଷା, ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଜିଲାପାଳ ଡାକୁଆ ସମସ୍ତଙ୍କୁ ସ୍ୱାଗତ କରି ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ବୈଠକର ଅଧ୍ୟକ୍ଷ ତଥା ଏମ୍‌ପି ସିଂଦେଓ ସମସ୍ତ ଅଧିକାରୀ ଓ କର୍ମଚାରୀ କିଭଳି ସମନ୍ୱୟ ରକ୍ଷା କରି ସମସ୍ତ ଯୋଜନାର ସୁଫଳ ଲୋକଙ୍କ ପାଖକୁ ପହଞ୍ଚାଇବେ ସେଦିଗରେ ଯଥେଷ୍ଟ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ୨୦୧୯-୨୦ ବର୍ଷରେ ଜିଲାରେ ଏମଜିଏନ୍‌ଆରଇଜିଏ ଯୋଜନାରେ କାର୍ଯ୍ୟକାରୀ ପ୍ରକଳ୍ପ ଓ ଶ୍ରମ ଦିବସ ସୃଷ୍ଟି ଉପରେ ଆଲୋଚନା କରାଯାଇଥିଲା। ଏହି ଯୋଜନା ଅନୁଦାନର ତ୍ୱରିତ୍ ଉପଯୋଗ ଉପରେ ଆଲୋଚନା ହୋଇଥିଲା। ଏମଜିଏନ୍‌ଆରଇଜିଏ ଯୋଜନାରେ ପାରଦର୍ଶିତା ଅବଲମ୍ବନ ଉପରେ ଏମ୍‌ପି ସିଂଦେଓ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜାତୀୟ ସାମାଜିକ ସହାୟତା ଯୋଜନା ଅନ୍ତର୍ଗତ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନା ଜରିଆରେ ଜିଲାର ହିତାଧିକାରୀ ଉପକୃତ ହେଉଥିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ଆଲୋଚନା ହୋଇଥିଲା। ଆବାସ ଯୋଜନାରେ ହିତାଧିକାରୀମାନେ କିଭଳି ନିର୍ଦ୍ଧାରିତ ସମୟରେ ଘର କରିପାରିବେ ସେନେଇ ଦୃଷ୍ଟି ଦେବାକୁ ଏମ୍‌ପି ସିଂଦେଓ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍, ସ୍ୱଚ୍ଛ ଭାରତ ମିଶନ୍, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ସାଂସଦ ଅନୁଦାନ ପାଣ୍ଠି ଆଦି ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ବିଧାୟକ ନରସିଂହ ମିଶ୍ର ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ଜିଲାର ଦାଦନ ସମସ୍ୟା ରୋକିବା ଦିଗରେ କିଛି ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦେଇଥିଲେ। କଣ୍ଟାବାଞ୍ଜି ଠାରେ ରେଳ ବିଭାଗର ଥିବା ୭୫୦ ଏକର ଜମିକୁ ବ୍ୟବହାର କରି ରେଳ ବିଭାଗ ସମ୍ବନ୍ଧୀୟ ୱାଗନ କାରଖାନା କିମ୍ବା ମରାମତି କାରଖାନା କରାଗଲେ ଜିଲାର ଦାଦନ ଶ୍ରମିକ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ପ୍ରସ୍ତାବ ଦେଇଥିଲେ। ଏଦିଗରେ ରେଳବିଭାଗ ସହ ଆଲୋଚନା କରିବେ ବୋଲି ଅଧ୍ୟକ୍ଷା ସିଂଦେଓ ପ୍ରତିଶ୍ରୁତି ଦେଇଥିଲେ। ଏମଜିଏନ୍‌ଆରଇଜିଏ ଯୋଜନାରେ କାମ କରୁଥିବା ଶ୍ରମିକମାନଙ୍କ ପାଉଣା ଢ଼େର ବିଳମ୍ବ ହେଉଥିବାରୁ ଏହାକୁ ନେଇ ବିଧାୟକ ମିଶ୍ର ଓ ବିଧାୟକ ମହାଲିଙ୍ଗ ଉଦ୍‌ବେଗ ପ୍ରକାଶ କରିଥିଲେ। ଗାଈଗୁହାଳ ନିର୍ମାଣ ଯୋଜନାରେ ଦୁର୍ନୀତି ଗନ୍ଧ ଆସୁଥିବାରୁ ଗୁହାଳ ପ୍ରଦାନ ବେଳେ ଅଧିକାରୀମାନେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା।



ଦିଶା ବୈଠକରେ ମଞ୍ଚାସୀନ ଏମ୍‌ପି, ବିଧାୟକ, ଜିଲାପାଳ ଓ ଅନ୍ୟ ଜନପ୍ରତିନିଧି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା କୋଉ ମାରଗରେ ଗଲା**
**ଦୂବ ଗଛକୁ ଚଡ଼କ ମାଇଲା**
**ଦାରୁ ଗଛ ପୋଡ଼ି ମଲା ।**

ଦୂବ ଗଛକୁ ଚଡ଼କ ମାରିଲେ ଦୂବ ଗଛ ନ ପୋଡ଼ି ଦାରୁ ଗଛ ପୋଡ଼ିଯିବା ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ବେଳେ ବେଳେ କିଛି ବ୍ୟକ୍ତି ରହସ୍ୟ କରି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ଆଚମ୍ବିତ ହୋଇଯାଇଥାଏ। କଥାକୁ ଚଞ୍ଚକତା କରି କହିବା ଦ୍ୱାରା ମୂଳକଥାର ଟେର୍ କେହି ପାଇପାରି ନ ଥାନ୍ତି। ଚାତୁରୀ ମାରି କଥା କହି ଲୋକଙ୍କୁ ଅଯଥା ଭ୍ରମିତ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଙ୍କୁମ ଗଛର ଡାଳ**
**ମୋତେ ନ ବୋଲ ବୁଢ଼ୀ ବୋଲି**
**ବାତରୁ ପାଚିଲା ବାଳ ।**

ସାଧାରଣତଃ ମହିଳାମାନେ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ କରିବା ଲାଗି କୁଣ୍ଠାବୋଧ କରିଥାନ୍ତି। ଏପରି ସ୍ଥିତିରେ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ନିଜ ବୟସକୁ ଲୁଚାଇ ରଖିବା ନେଇ ମିଛ ବାହାନା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ବଲାଙ୍ଗୀରରେ ସିକେ ନାଇଡୁ ଟ୍ରଫି

# ଓଡ଼ିଶା ୩୩୨, ବିହାର ୨୨୪ରେ ଅଲଆଉଟ୍

ବଲାଙ୍ଗୀର ଅଫିସ, ୧୯।୧୨

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଓଡିଶା ଓ ବିହାର ୨୩ ବର୍ଷରୁ କମ୍ କଲୋନେଲ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମୁକାବିଲାର ଦ୍ୱିତୀୟ ଦିବସରେ ଓଡିଶା ଦଳ ୩୩୨ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଓଡିଶା ଦଳ ୬ ଉଇକେଟ ହରାଇ ୨୬୨ ରନ୍ କରିଥିଲା। ଶୁକ୍ରବାର ଆଉ ମାତ୍ର ୭୦ ରନ୍ ଯୋଡିବା ପରେ ଅଲଆଉଟ୍ ହୋଇଯାଇଥିଲା। ବିହାର ଦଳ ପକ୍ଷରୁ ସଫଳ ବୋଲର ଭାବେ ପ୍ରଶାନ୍ତ କୁମାର ସିଂ ଓ ସଚିନ କୁମାର ସିଂ ୩ଟି ଲେଖାଏଁ ଉକେଟ ଅକ୍ତିଆର କରିଥିବାବେଳେ ସାବିର ଖାନ ଓ ଅମରଜିତ ରାୟ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବିହାର ଦଳର ବ୍ୟାଟସ୍‌ମ୍ୟାନ୍ ହର୍ଷରାଜଙ୍କ ଶତକ ସତ୍ତ୍ୱେ ୨୨୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲେ। ଓଡିଶା ଦଳ ପକ୍ଷରୁ ସଫଳ ବୋଲର ଭାବେ ପ୍ରୀତ ସିଂ ଚୌହାନ ୫ଟି, ଅଙ୍କିତ ସାହୁ ୩ଟି ଓ ହରଜିତ ରାଠୋର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। କ୍ରିକେଟ ସମ୍ପାଦକ ଓମ୍‌ପ୍ରକାଶ ଚାନ୍ଦ, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଉପସ୍ଥିତ ଥିଲେ।



ବିହାର ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ୍ ହର୍ଷ ରାଜ।

- ଓଡ଼ିଶା ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ
- ଓଡ଼ିଶା ବୋଲର ପ୍ରୀତ୍‌ସିଂ ଚୌହାନଙ୍କୁ ୫ ଉଇକେଟ
- ଶତକ ହାସଲ କଲେ ବିହାରର ହର୍ଷ ରାଜ୍

ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ମୁରିବାହାଲ ଚାମ୍ପିୟନ

ଲାଠୋର,୨୦।୧୨ ((ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଲାଠୋର ଜୟମାଁ ବସ୍ରେନ ଫୁଟବଲ କ୍ଲବ ପକ୍ଷରୁ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଉଦ୍ୟାନବନ୍ଦକୁ ୩-୨ ରେ ପରାସ୍ତ କରି ମୁରିବାହାଲ ଦଳ ଚାମ୍ପିୟନ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖପ୍ରାଖୋଲ ବିଡିଓ ତରଣି ସୁନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ବିଡେଜି ସଭାପତି ସତ୍ୟନାରାୟଣ ମେହେର, ଅବସରପ୍ରାପ୍ତ ଶିକ୍ଷକ ରଞ୍ଜିତ ଭଇଁଷାଲ, ଖେଳ ଶିକ୍ଷକ ସଦାନନ୍ଦ ବେହେରା, ପ୍ରଧାନ ଆଚାର୍ଯ୍ୟ ଶିବପ୍ରସାଦ ବାରିକ, ଶେଷଦେବ ଭଇଁଷାଲ, ମିଠାଲାଲ ସୁନା ପ୍ରମୁଖ ଯୋଗ ଦେଇଥିଲେ। ସଭାପତି ଭାବେ ଲାଏବାନ ସୁନା ଦାୟିତ୍ୱ ତୁଲାଇଥିଲେ। ଫାଇନାଲ ମ୍ୟାଚରେ ରେଫରି ଭାବେ ଦଳଗୋବିନ୍ଦ ମୁଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ଲାଇନ୍‌ମ୍ୟାନ୍ ଭାବେ ରାଜେନ୍ଦ୍ର ଧରୁଆ ଓ ଉମେଶ ଧରୁଆ ଦାୟିତ୍ୱ ବହନ କରିଥିଲେ। ଗୋଲ ଜଜ୍ ଭାବେ ସୁଧୀର ଷାଣ୍ଡ ଏବଂ ଲକି ନାଗ ଦାୟିତ୍ୱ ତୁଲାଇଥିଲେ। ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ମୁରିବାହାଲ ଦଳର ଚକ୍ରଧର ଭୋଇ ଓ ମ୍ୟାନ୍ ଅଫ ଦି ସିରିଜ ଭାବେ ମଧୁସୁଦନ ଧରୁଆଙ୍କୁ ପୁରସ୍କୃତ କରାଯାଇଥିଲା। ରନର୍ସ ଅପ୍ ଉଦ୍ୟାନବନ୍ଦ ଦଳକୁ ଟ୍ରଫି ସହ ନଗଦ ୭ ହଜାର ଟଙ୍କା ଏବଂ ଚାମ୍ପିୟନ ମୁରିବାହାଲ ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କ୍ଲବର ହରିହର ସେଠ, ନିଳମଣୀ ବେହେରା, ଭରତ ଥପ୍ପା, ନୂତନ ନାଗଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରୁଥିଲେ। ପୂର୍ଣ୍ଣ ଚନ୍ଦ୍ର ଭଇଁଷାଲ ଧାରାବିବରଣୀ ଦେଇଥିଲେ।

# ଇନ୍‌ଟାକ୍ ହେରିଟେଜ ବଲାଙ୍ଗୀର ଚାପ୍ଟରର ଆଲୋଚନାଚକ୍ର





କୁଡାସିଂହାରେ ଇନ୍‌ଟାକ ହେରିଟେଜ ତରଫରୁ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

ଦେଓଗାଁ,୨୦।୧୨(ଡି.ଏନ.ଏ.)

ବଲାଙ୍ଗୀର ଜଲା ସଦରବ୍ଲକ କୁଡାସିଂହା ପର୍ଶୁରାମ ହାଇସ୍କୁଲରେ ଇନ୍‌ଟାକ ହେରିଟେଜ ବଲାଙ୍ଗୀର ଚାପ୍ଟର ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦିଲୀପ କୁମାର ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଚାପ୍ଟରର ସଂଯୋଜକ ଡ. ଶିବ ପ୍ରସାଦ ନନ୍ଦ, ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ବିଭାଗର ମୁଖ୍ୟ ପ୍ରଫେସର ମଧୁସୁଦନ ପତି ଯୋଗଦେଇ ଅଞ୍ଚଳର ସଂସ୍କୃତି, ପ୍ରାଚିନ ପରମ୍ପରା, ଐତିହାସିକ କୀର୍ତ୍ତି ତଥା ବିରଳ କଳାକୃତିର ପ୍ରଚାର ଓ ସଂରକ୍ଷଣ ପାଇଁ ଛାତ୍ରୀଛାତ୍ର ଅଙ୍ଗିକାରବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଭାବେ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ, ପ୍ରଭାସ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଜୟ କୁମାର ଦର୍ଜି, ଅକ୍ଷୟ ମିଶ୍ର, ଖିତେଶ୍ୱର ବିଶ୍ୱାଳ, ହରେକୃଷ୍ଣ ସାହୁ, ରଶ୍ମିରେଖା ଷଡଙ୍ଗୀର, ମାନିନୀ ବଗର୍ତ୍ତି, ଗୋପିନାଥ ସେଠୀ, ତପନ କୁମାର ପଧାନ, ସୁରୁ ସାହୁ, ବାଲାମଣି ସାମଲ, ବିନୋଦ ପାଣିଗ୍ରାହୀ, ସଞ୍ଜୟ ମାଝୀ, ହୃଷିକେଶ ନାଏକ ପ୍ରମୁଖ ସହଯୋଗ କରିଥିବା ବେଳେ ଶିକ୍ଷୟତ୍ରୀ ଗାୟତ୍ରୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ବଲାଙ୍ଗୀର ଉପଖଣ୍ଡସ୍ତରୀୟ ଲୋକଉତ୍ସବରେ ଲୋକକଳା ପ୍ରଦର୍ଶନ କରାଯାଉଛି।

ବଲାଙ୍ଗୀର ଉପଖଣ୍ଡସ୍ତରୀୟ ଲୋକଉତ୍ସବ

# ଲୋକକଳା, ଲୋକନୃତ୍ୟରେ ଦୁଲୁକିଲା ମଞ୍ଚ

ବଲାଙ୍ଗୀର ଅଫିସ,୨୦।୧୨

ବଲାଙ୍ଗୀର ଉପଖଣ୍ଡସ୍ତରୀୟ ଲୋକଉତ୍ସବ ସ୍ଥାନୀୟ ଟାଉନ୍ ହଲଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ବଲାଙ୍ଗୀର ଉପଖଣ୍ଡର ୬ଟି ବ୍ଲକସ୍ତରୀୟ ଲୋକଉତ୍ସବର କଳାକାର ଯୋଗଦେଇ କଳା ପ୍ରଦର୍ଶନ କରିଥିଲେ। ଲୋକଉତ୍ସବ କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳ ସଞ୍ଜୟ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ସତ୍ୟବାଦୀ ନାଏକ, ବାସୁଦେବ ମେହେର, ସହକାରୀ ଜିଲାପାଳ ସନ୍ତୋଷ କୁମାର ଦାଶ, ତହସିଲଦାର ଲଲାଟ ଲୁହା, ଡ ଶ୍ରୀକର ମିଶ୍ର, ଡ. ଘାସିରାମ ମିଶ୍ର, ଜିଲା ପରିଷଦ ସଦସ୍ୟ ସତ୍ୟନାରାୟଣ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କଳାକାର ଡମ୍ବରୁଧର ନାଏକ ଓ ବିମ୍ବାଧର ସିଦ୍ଧାରଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିକେଏସ୍‌ଏସ୍ ଉପସଭାପତି ସୁରେନ୍ଦ୍ର ଗୌଡ, ଗୋପଳ ମନହୀରା, ସୁଦାମ ଚରଣ ବିଶି, ବଲାଙ୍ଗୀର ବ୍ଲକ୍ ଅଧ୍ୟକ୍ଷ ଗୋଲାପ ବାଗ, ଶଙ୍କର ବେହେରା ଓ ବଂଶୀଧର ବେହେରା ଉପସ୍ଥିତ ଥିଲେ। ମଧୁସୂଦନ ନାୟକ ସଂଯୋଜନା କରିଥିଲେ। ଏକକ, ଦଳଗତ ଗୀତ, ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ରଶ୍ମିତା ନାଗ ଓ ସୁଶୋଭିତା ଗୁରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୋପାଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଅଧିବେଶନରେ ଏସ୍‌ପି ସନ୍ଦୀପ ମାଡକର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ବେହେରା, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଶାନ୍ତନୁ ପୁରୋହିତ, ବ୍ୟାସଦେବ ପୁରୋହିତ, ଦିଲୀପ ସିଂଦେଓ, ବ୍ରହ୍ମାନନ୍ଦ ବନ୍‌ଛୋର, ସନ୍ଦୀପ କୁମାର କୁଅଁର, ନବୀନ ପଶାୟତ, ଚନ୍ଦ୍ରଭାନୁ ମୌଲାନା, ବୀରେନ୍ଦ୍ର ଝାଙ୍କର, ଚିତ୍ତରଞ୍ଜନ ମିଶ୍ର, ମୁକେଶ ବହିଦାର, ବିଭୁକଲ୍ୟାଣ ଗଡତ୍ୟା, ପ୍ରଶାନ୍ତ ମହାକୁର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାରୁ ମନୋନୀତ କଳାକାର ଦଳ ଆସନ୍ତା ୩ରୁ କୋଶଳ କଳାମଣ୍ଡଳ ପଡିଆରେ ଆରମ୍ଭ ହେବାକୁ ଥିବା ଜିଲାସ୍ତରୀୟ ଲୋକଉତ୍ସବରେ ଯୋଗ ଦେବେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
ପ୍ରଧାନମନ୍ତ୍ରୀ ଯୋଜନା ଦ୍ୱାରା All India ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Sadhana - 8878040214
Priyanka - 7649016745
Manisha - 9753016278
Manasi - 8827505029
Sweta - 8963979286
Nidhi - 8878026907
Vasundhara Mall, West Boring Canal Rd, Rajapur, Patna, Bihar 800001

BUSINESS

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ASTROLOGY

FINANCE

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

NEW YEAR DHAMAKA
ହର୍ କଦମ ଆପକେ ସାଥ୍
ବଂଧନ ଋଣ 1993ରୁ ଆପଣଙ୍କର ସେବାରେ (NBFC Registered) କମ୍ପାନୀ ଦ୍ୱାରା ଏଜୁକେଶନ୍, ସମ୍ପତି, ପେ-ସ୍ଲିପ୍ ଗ୍ରୁପ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। (ଖର୍ଚ୍ଚ ଲୋନ ପାସ୍ ହେଲା ପରେ) 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
9520405151
9520334141

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

INDIAN TELICOM TOWER
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ 4G ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/ +୨୦ ବର୍ଷର ଏଗ୍ରୀମେଣ୍ଟ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7752975969

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସୈତୁଣୀ, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ୫ ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର କୋର୍ଟ ଚାଲାଣ

**ଖପ୍ରାଖୋଲ,୨୦।୧୨(ଡି.ଏନ.ଏ.):** ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା ଛକଠାରେ ଖପ୍ରାଖୋଲ ପୋଲିସ ପାଟ୍ରୋଲିଂ ବେଳେ ୫ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏମାନଙ୍କୁ ଚାଲାଣ କରୁଥିବା ଅଭିଯୋଗରେ ଦାଦନ ସର୍ଦ୍ଦାର ପାଟଣାଗଡ ଥାନା ଅଏଁଲାପାଲି ଗାଁର ସୁଧୀର ରାବଣ(୨୫)ଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ତେବେ ଉଦ୍ଧାର ୫ ଜଣ ଶ୍ରମିକଙ୍କ ମଧ୍ୟରୁ ୨ ଜଣ ମହିଳା ଏବଂ ୩ ଜଣ ପୁରୁଷ ଅଛନ୍ତି। ସେମାନେ ବରଗଡ ଜିଲା ବୁଡେନ ଥାନା ବଡାପଥର ଗାଁରେ। ଏ ନେଇ ଖପ୍ରାଖୋଲ ପୋଲିସ ଏକ ମାମଲା (ନଂ. ୨୫୫/୧୯)ରୁଜୁ କରିଛି।

### ୯ ଦାଦନ ଶ୍ରମିକ ଉଦ୍ଧାର

**ବଙ୍ଗୋମୁଣ୍ଡା,୨୦।୧୨ (ଡି.ଏନ.ଏ.):** ବଙ୍ଗୋମୁଣ୍ଡା ବ୍ଲକ୍ ସିନ୍ଧେକେଲା ପୋଲିସ କଳାହାଣ୍ଡି ଜିଲା କେଗାଁ ଥାନା ଅଧୀନ ନୂଆଗାଁର ୯ ଜଣ ଦାଦନଙ୍କୁ ଉଦ୍ଧାର କରିଛି। କଣ୍ଟାବାଞ୍ଜି ଯାଉଥିବା ଏକ ଯାତ୍ରୀବାହୀ ବସ୍‌ରେ ଏହି ଦାଦନ ଶ୍ରମିକମାନେ ଚାଲାଣ ହେଉଥିବା ଖବର ପାଇ ପୋଲିସ ସିନ୍ଧେକେଲାଠାରେ ବସରୁ ସେମାନଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ଶ୍ରମିକମାନେ ହେଲେ ଡୁଲମନି ବାଗ, (୬୦), ରେବତି ଦୋରା (୨୨), ପଙ୍କଜ କଟା (୫୦), କେଶବ ବାଗ (୨୫), ପଦ୍ମା ଦୋରା (୪୫), କୌଶଲ୍ୟା ବାଗ(୫୦), ପାର୍ବତି ଦୋରା(୪୦), ମିଥିଳା ଦୋରା (୪୦), ଟିକେଶ୍ୱରି ଦୋରା(୨୦)। ସମସ୍ତଙ୍କୁ ପୋଲିସ ସେମାନଙ୍କ ଘରକୁ ଛାଡି ଦେଇଥିବା ବେଳେ ଦାଦନ ସର୍ଦ୍ଦାରଙ୍କ ଟେର୍ ପାଇପାରିନାହିଁ ଏ ନେଇ ପୋଲିସ ୧୪୪/୧୯ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଅନନ୍ତ ପ୍ରଧାନ କହିଛନ୍ତି।

### ଲୋଇସିଂହା ଉତ୍ସବ ପ୍ରସ୍ତୁତି ବୈଠକ

**ଲୋଇସିଂହା, ୨୦।୧୨(ଡି.ଏନ.ଏ.):** ଆସନ୍ତା ପୁଷପୂର୍ଣ୍ଣିମା ଅବସରରେ ହେବାକୁ ଥିବା ଲୋଇସିଂହା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ବୈଠକରେ ତ୍ର୍ୟମ୍ବକେଶ୍ୱର ସିଂରାଏଙ୍କ ଅଧକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ଗତବର୍ଷର ଆୟବ୍ୟୟ ନେଇ ସମୀକ୍ଷା କରାଯାଇଥିଲା। ଚଳିତ ବର୍ଷ ଉତ୍ସବ ପାଇଁ କମିଟି ଗଠିତ ହୋଇଯାଇଛି। ତ୍ର୍ୟମ୍ବକେଶ୍ୱର ସିଂରାଏ ସଭାପତି, କାର୍ଯ୍ୟକାରୀ ସଭାପତି ଭୂତନାଥ ନାଏକ, ଉପସଭାପତି ନବକିଶୋର ନାଏକ ଓ ସରୋଜ ସାହୁ, ସମ୍ପାଦକ ରବିନ ପୁଟେଲ, ସାଧାରଣ ସମ୍ପାଦକ ରଞ୍ଜିତ ରାଏ, ସୁଶାନ୍ତ ପାତ୍ର, ସରୋଜ ଭୂୟାଁ ଓ ଅଭିଳାଷ ହୋତା, କୋଷାଧକ୍ଷ ଭାବେ ପ୍ରଶାନ୍ତ ସାହୁ ଓ ପ୍ରିତମ ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି।

### ସାଲେଡିହିରେ ଗୋଚାଷୀଙ୍କୁ ତାଲିମ

**ଟିଟିଲାଗଡ଼, ୨୦।୧୨ (ଡି.ଏନ.ଏ):** ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସାଲେଡିହି ଗ୍ରାମରେ ଗୋଚାଷୀଙ୍କୁ ତାଲିମ ଦିଆଯାଇଛି। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ହରିଶ ଚନ୍ଦ୍ର ମାଥୁରଙ୍କ ତତ୍ତ୍ୱାବଧାନରେ ବିବେକ ସିଂ, ଶୁଭେନ୍ଦୁ କାଲସାଏ, ଶ୍ରୀରାମ ଡାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଯୋଗ ଦେଇଥିବା ଚାଷୀଙ୍କୁ ବିଭିନ୍ନ ରୋଗର ଔଷଧ, କୃମିନାଶକ, ଭିଟାମିନ, ଘାସ ମଞ୍ଜି ବିତରଣ କରାଯାଇଥିଲା।




ବଲାଙ୍ଗୀର ସହରରେ ଗତ ଅଗଷ୍ଟ ମାସରେ ସଂଘଟିତ ପ୍ରଳୟଙ୍କରୀ ବନ୍ୟାର ଦୃଶ୍ୟ।

ବଲାଙ୍ଗୀରର ପ୍ରଳୟଙ୍କରୀ ବନ୍ୟା କ୍ଷତିପୂରଣ ପ୍ରସଙ୍ଗ

# ସର୍ବନିମ୍ନ ପ୍ରାପ୍ୟ ମଧ୍ୟ ସରକାର ଦେଲେ ନାହିଁ

**୧୦ ବର୍ଷରେ ରାଜ୍ୟ ପାଇଛି ୬୨୯୩.୭୫ କୋଟି ଟଙ୍କା ସହାୟତା**

**ବଲାଙ୍ଗୀର ଅଫିସ, ୨୦।୧୨**

ବଲାଙ୍ଗୀର ସହର ଓ ଜିଲାର ବିଭିନ୍ନ ସ୍ଥାନରେ ଗତ ଅଗଷ୍ଟ ମାସରେ ଅଭୁତପୂର୍ବ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ପ୍ରଳୟଙ୍କରୀ ବନ୍ୟାରେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଥିଲେ। କୋଟି କୋଟି ଟଙ୍କାର ଧନସମ୍ପତ୍ତି ନଷ୍ଟ ହୋଇଥିଲା। ସହର ଉପକଣ୍ଠ ବିଷ୍ଣୁମୁଣ୍ଡାର ଗୋପାଳ କୁମ୍ଭାର ନାମକ ବ୍ୟକ୍ତି ବନ୍ୟା ଜଳରେ ଭାସିଯିବାରୁ ମୃତ୍ୟୁ ଘଟିଥିଲା। ଏହି ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ଜିଲା ପ୍ରଶାସନ ତରଫରୁ ସରକାରଙ୍କୁ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯାଇଥିଲା। ଏଥିରେ ସମ୍ପୂର୍ଣ୍ଣ, ଅର୍ଦ୍ଧାଧିକ ଓ ଆଂଶିକ କ୍ଷତିଗ୍ରସ୍ତ ପକ୍କା, କଚ୍ଚା ବାସଗୃହ ସମେତ କୁଡିଆ ଓ ଗୁହାଳ କ୍ଷତିଗ୍ରସ୍ତ ସଂଖ୍ୟା ୧୪ ହଜାର ୧୫୧ ଦର୍ଶାଯାଇଛି। ଏହାର ଆର୍ଥିକ କ୍ଷତି ପରିମାଣ ୩୯ କୋଟି ୯୦ ଲକ୍ଷ ୧୪ ହଜାର ୨ ଶହ ଟଙ୍କା ବୋଲି ଆକଳନ କରାଯାଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡିଛି। ବଲାଙ୍ଗୀରର ସାମାଜିକ କର୍ମୀ ହେମନ୍ତ କୁମାର ପଣ୍ଡା ଏ ନେଇ ସୂଚନା ମାଗିବା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଉପରୋକ୍ତ ତଥ୍ୟ ପ୍ରଦାନ କରାଯାଇଛି। ପଣ୍ଡା ସୂଚନା ଦେଇଛନ୍ତି ଯେ, ରାଜ୍ୟ ସରକାର ବନ୍ୟା କ୍ଷତିଗ୍ରସ୍ତଙ୍କ ଗୃହ ନିର୍ମାଣ ବାବଦକୁ ୩୧ କୋଟି ୫୮ ଲକ୍ଷ ୮୩ ହଜାର ୬ ଶହ ଟଙ୍କା ପ୍ରଦାନ କରିଛନ୍ତି। ତେବେ ଜିଲା ପ୍ରଶାସନର ପ୍ରଦତ୍ତ କ୍ଷୟକ୍ଷତି ଆକଳନ ରିପୋର୍ଟ ଅନୁଯାୟୀ ୮ କୋଟି ୩୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷତିପୂରଣ ପ୍ରଭାବିତ ଲୋକଙ୍କୁ ସରକାର ଦେଇନାହାନ୍ତି। ରାଜ୍ୟ ସରକାର ପିନ୍ଧିବା ପାଇଁ ବସ୍ତ୍ର, ଘର କରଣା ଜିନିଷ, ଆସବାବପତ୍ର ପ୍ରଭୃତି ପାଇଁ ଯଥାକ୍ରମେ ୪୯ ଲକ୍ଷ ୨୮ ହଜାର ୪ ଶହ ଟଙ୍କା, ୫୪ ଲକ୍ଷ ୭୬ ହଜାର ଟଙ୍କା, ୬ କୋଟି ୨୦ ଲକ୍ଷ ୬୯ ହଜାର ୯୪୦ ଟଙ୍କା ଏବଂ ୨ କୋଟି ୨ ଲକ୍ଷ ୧୮ ହଜାର ୪୮୫ ଟଙ୍କା ଏହିଭଳି ସମୁଦାୟ ୪୦ କୋଟି ୮୫ ଲକ୍ଷ ୭୬ ହଜାର ୪୨୫ ଟଙ୍କା ରାଜ୍ୟ ବିପର୍ଯ୍ୟୟ ରିଲିଫ ପାଣ୍ଠିରୁ ଜିଲାକୁ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ଏହି ବନ୍ୟାରେ ଜିଲାର ପ୍ରାୟ ୪୭ ହଜାର ୫୩୨ ଜଣ ଚାଷୀଙ୍କ ଫସଲହାନୀ ୩୩ ପ୍ରତିଶତରୁ ଅଧିକ ହୋଇଥିବା ପ୍ରଶାସନ ରିପୋର୍ଟରେ ଦର୍ଶାଇଥିବା ବେଳେ ମାତ୍ର ୬ କୋଟି ୨୦ ଲକ୍ଷ ୬୯ ହଜାର ୯୪୦ ଟଙ୍କା ଫସଲହାନୀ କ୍ଷତିପୂରଣ ଦିଆଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପଣ୍ଡା କହିଛନ୍ତି। ପ୍ରଶାସନର ରିପୋର୍ଟରେ ଜିଲାର କ୍ଷୟକ୍ଷତି ଆକଳନ ପରିମାଣ ବାସ୍ତବତା ଠାରୁ ଢେର କମ୍ ରହିଥିଲେ ମଧ୍ୟ ରିପୋର୍ଟ ଅନୁଯାୟୀ ମଧ୍ୟ ବନ୍ୟା ପ୍ରପୀଡିତଙ୍କୁ ପ୍ରାପ୍ୟ ଦିଆ ନ ଯିବା ଜିଲାବାସୀଙ୍କ ପ୍ରତି ଅନ୍ୟାୟ ବୋଲି ପଣ୍ଡା କହିଛନ୍ତି। ରାଜନୈତିକ ବ୍ୟବସ୍ଥା ଜିଲାବାସୀଙ୍କୁ ନ୍ୟାୟୋଚିତ ପ୍ରାପ୍ୟ ପ୍ରଦାନ କରିବାରେ ବିଫଳ ହୋଇଥିବା ସେ କହିଛନ୍ତି। ପଣ୍ଡା ଆହୁରି ସୂଚନା ଦେଇଛନ୍ତି ଯେ, ଓଡିଶା ଗତ ୧୦ ବର୍ଷରେ ରାଜ୍ୟ ବିପର୍ଯ୍ୟୟ ରିଲିଫ ପାଣ୍ଠି ବାବଦକୁ କେନ୍ଦ୍ର ଓ ରାଜ୍ୟ ଭାଗ ବାବଦକୁ ୬ ହଜାର ୨୯୩ କୋଟି ୭୫ ଲକ୍ଷ ଟଙ୍କା ପାଇଥିବା କେନ୍ଦ୍ର ଗୃହ ବିଭାଗର ବିପର୍ଯ୍ୟୟ ପରିଚାଳନା ଡିଭିଜନ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଏହି ତଥ୍ୟ ଅନୁଯାୟୀ ୨୦୧୦-୧୧ ଆର୍ଥିକ ବର୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏହି ୧୦ ବର୍ଷରେ ଓଡିଶା ଉପରୋକ୍ତ ରାଶି ପାଇଛି। ଚତୁର୍ଦ୍ଦଶ ଅର୍ଥ କମିଶନ ସୁପାରିଶ ଅନୁଯାୟୀ ୨୦୧୫-୧୬ ବର୍ଷରୁ ୨୦୧୯-୨୦ ବର୍ଷ ମଧ୍ୟରେ ୬୧ ହଜାର ୨୨୦ କୋଟି ଟଙ୍କା ଦେଶର ସମସ୍ତ ରାଜ୍ୟର ରାଜ୍ୟ ବିପର୍ଯ୍ୟୟ ପାଣ୍ଠିକୁ ଆବଣ୍ଟନ କରାଯାଇଛି। ଏହା ମଧ୍ୟରୁ ଓଡିଶାର ଭାଗ ୪୧୩୦ କୋଟି ଟଙ୍କା। ରାଜ୍ୟ ତାର ପ୍ରାପ୍ୟ ପାଉଥିବାବେଳେ ବଲାଙ୍ଗୀର ଜିଲାବାସୀଙ୍କୁ ନିଜର ନ୍ୟାୟୋଚିତ ହକ୍‌ରୁ ବଞ୍ଚିତ କରାଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସାମାଜିକ କର୍ମୀ ପଣ୍ଡା ପ୍ରେସ୍‌ବିଜ୍ଞପ୍ତି ମାଧ୍ୟମରେ ପ୍ରଶ୍ନ କରିଛନ୍ତି।

### ୩୦ରୁ ମୁଣ୍ଡପଲା ଛକରେ ସଂସ୍କାରଯଜ୍ଞ, କୃଷି ପ୍ରଦର୍ଶନୀ ମେଳା

**ଦେଓଗାଁ,୨୦।୧୨(ଡି.ଏନ.ଏ.)**

ଦେଓଗାଁ ବ୍ଲକ କୁଲଟାପଡା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡପଲାଶଛକଠାରେ ଡିସେମ୍ବର ୩୦ରୁ ଜାନୁୟାରୀ ୩ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ୨ୟ ସଂସ୍କାର ଯଜ୍ଞ ଓ କୃଷି ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହେବ। ସ୍ଥାନୀୟ ଅଞ୍ଚଳ ବିକାଶ କମିଟିର ଆୟୋଜନରେ ଅନୁଷ୍ଠିତ ହେବାକୁ ଥିବା ଏହି ସଂସ୍କାରଯଜ୍ଞ ଅବସରରେ କୃଷି ପ୍ରଦର୍ଶନୀ ମେଳା, ସଂକୀର୍ତ୍ତନ୍ୟ ପ୍ରଦର୍ଶନୀ ପ୍ରତିଯୋଗିତା, ପଲ୍ଲିମେଳା ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ୩୦ ତାରିଖରେ ଡୁଙ୍ଗୁରା ଗାୟତ୍ରୀ ପରିବାର ସହଯୋଗରେ ସମାଜ ସଂସ୍କାର ଯଜ୍ଞ ଆରମ୍ଭ ହେବ। ୩୧ ତାରିଖରେ ସଂକୀର୍ତ୍ତନ୍ୟ ପରିବେଷଣ ପ୍ରତିଯୋଗିତା, କୃଷି ପରଦର୍ଶନୀମେଳା ଉଦ୍‌ଘାଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୧ ତାରିଖରେ ପୂଜ୍ୟ ସୁରେନ୍ଦ୍ର ବାବାଙ୍କ ଆଗମନ ପରେ ନିରାଶ୍ରୟ ବୃଦ୍ଧ ମାତାପିତା, ଦୁଃଖି ରଙ୍କିଙ୍କ ସେବା ଓ ବସ୍ତ୍ରଦାନ କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୨ତାରିଖରେ ଅଞ୍ଚଳର କୁନିକୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ମିଳନ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୩ତାରିଖ ଅନ୍ତିମ ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ପରିଚାଳନାରେ ଅଞ୍ଚଳ ବିକାଶ କମିଟିର ସଭାପତି ଟଙ୍କଧର ଗଡତ୍ୟା, ସମ୍ପାଦକ ଟଙ୍କଧର ରଣା, ଉପ-ସଭାପତି ସାଧୁ ମାହାକୁର, ସହ-ସମ୍ପାଦକ ଶେଷଦେବ କୁମ୍ଭାର, କୋଷାଧକ୍ଷ ଗୋବର୍ଦ୍ଧନ ରଣା ତଥା କମିଟି ସଦସ୍ୟବୃନ୍ଦ ରହିଛନ୍ତି।

> ଆଜି କ'ଣ କେଉଁଠି ପ୍ରସ୍ତରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଆଲୋଚନାଚକ୍ର, କବିତା ପାଠ

**ଟିଟିଲାଗଡ଼, ୨୦।୧୨ (ଡି.ଏନ.ଏ.)**

ଟିଟିଲାଗଡ ଉପଖଣ୍ଡ ସ୍ତରୀୟ ଲୋକଉତ୍ସବ ତଥା ମା' ଘଣ୍ଟାସୁଣୀ ଲୋକମହୋତ୍ସବ ଅବସରରେ ଉତ୍ସବ କମିଟି ପକ୍ଷରୁ ଲୋକ ସାହିତ୍ୟ ଆଲୋଚନା ଓ କବିତା ଆସର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ସେବକ ଚରଣ ଦାଶଙ୍କ ଅଧକ୍ଷତାରେ ତିଥି ଭାବରେ ଅଶ୍ୱିନୀ ମହାନ୍ତି ଓ ଡ. ଯୁଗଳ କିଶୋର ଷଡଙ୍ଗୀ ଯୋଗ ଦେଇଥିଲେ। ଆଲୋଚକ ଭାବରେ ଚତୁର୍ଭୁଜ ସାଆନ୍ତ, ଡ. ନାରାୟଣ ମିଶ୍ର, ଜ୍ୟୋତିପ୍ରକାଶ ଗଡତିଆ, ମଧୁସୂଦନ ମହାନନ୍ଦ ଯୋଗଦେଇ ଲୋକ ସାହିତ୍ୟ ଓ ଏହାର ଇତିହାସ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କ୍ରମରେ ଟିଟିଲାଗଡ ଉପଖଣ୍ଡ ଅଞ୍ଚଳରେ ଲୋକ ସାହିତ୍ୟ, ସଙ୍ଗୀତ, ନୃତ୍ୟ, ବାଦ୍ୟ, ନାଟକ, ତଥା ଐତିହ୍ୟ ଉପରେ ଆଲୋଚନା ହୋଇଥିଲା। ଦିଲୀପ ପଶାୟତ ଆଲୋଚନା ଚକ୍ରକୁ ପରିଚାଳନା କରିଥିବା ବେଳେ ଭିକାରି ଚରଣ ମିଶ୍ର ସ୍ୱାଗତ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଟିକେଲାଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ଭିକାରି ଚରଣ ମିଶ୍ରଙ୍କ ସଭାପତିତ୍ୱରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବରେ ସୁଶାନ୍ତ ବାଗ, ଟିକେଲାଲ ବେହେରା, ଆଲୋଚକ ଭାବେ ଦିଲୀପ ପଶାୟତ ମଞ୍ଚାସୀନ ଥିଲେ। ଅଧ୍ୟାପିକା ବନ୍ଦନା କର, ଲିଲୁମୋହନ ପଧାନ, କ୍ଷିରସିନ୍ଧୁ ବିଶି, ପୁଲସ୍ତି ବେହେରା ପ୍ରମୁଖ ୬୦ ଜଣ କବିଙ୍କ ଲୋକ କବିତା ଆସରକୁ ମୁଖରିତ କରିଥିଲା।




ଆଲୋଚନାଚକ୍ର ଓ କବିତା ଆସରରେ ଉପସ୍ଥିତ ଅତିଥି।

### ୨୩ରେ ବଙ୍ଗୋମୁଣ୍ଡା ବନ୍ଦ କରିବ ନାଗରିକ ମଞ୍ଚ

**ବଙ୍ଗୋମୁଣ୍ଡା,୨୦।୧୨ (ଡି.ଏନ.ଏ.)**

ଆସନ୍ତା ୨୩ ତାରିଖରେ ବଙ୍ଗୋମୁଣ୍ଡା ବନ୍ଦ କରିବ ନାଗରିକ ମଞ୍ଚ। ତହସିଲ ଅଫିସରେ ମୁଖ୍ୟ କିରାଣି ଶ୍ୟାମସୁନ୍ଦର ବୁଡେକଙ୍କୁ ସଂପାଦକ ଆନନ୍ଦ ଅଗ୍ରୱାଲ, ନରସିଂହ ଥନାପତି, କୃଷ୍ଣଚନ୍ଦ୍ର ରଣା, ଦୀପକ ପାଣିଗ୍ରାହୀ ଏ ସମ୍ପର୍କରେ ଲିଖିତ ଭାବେ ଅବଗତ କରିଛନ୍ତି। ବଙ୍ଗୋମୁଣ୍ଡାକୁ ଏନଏସି କରିବା, ଡାକ୍ତରଖାନାକୁ ସିଏଚ୍‌ସି ମାନ୍ୟତା ଦେବା ଏବଂ ଗୋହିରାପଦର ଗାଁର ମୁକୁନ୍ଦ ସାଗରର ପଙ୍କ ଉଦ୍ଧାର ଲାଗି ୧୫ ଦିନ ତଳେ ତହସିଲ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେଲେ ବଙ୍ଗୋମୁଣ୍ଡା ବନ୍ଦ କରାଯିବାକୁ ଚେତାବନୀ ଦିଆଯାଇଥିଲା। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଣୁ ମଞ୍ଚ ବାଧ ହୋଇ ବନ୍ଦ ପାଳନର ନିଷ୍ପତ୍ତି ନେଇଛି। ଏହି ଦିନ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଗଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ମଞ୍ଚ ସଭାପତି ଅଜିତ ଯୋଷୀ ସୂଚନା ଦେଇଛନ୍ତି।



ସୁଗ୍ରୀ ବରିହାଙ୍କୁ ପିଇଓ ଭତା ଟଁକା ଦେଉଛନ୍।

### ଭତା ପାଏଲେ ଦୁଇ ବୁରୁଧ୍ ବିଭୀଷଣ, ସୁଗ୍ରୀ

**ଧରିତ୍ରୀ ପ୍ରଭାବ**

**ଖପ୍ରାଖୋଲ,୧୯।୧୨ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଦମେଇପାଲି ଗାଁର ୮୦ ବଛରିଆ ଦୁଇ ବୁରୁଧ୍ ବିଭୀଷଣ ରଣା ଆର ସୁଗ୍ରୀ ବରିହାଙ୍କୁ ପରଶାସନ ତରଫୁ ଶୁକୁରବାର ୫ ମାସର ଭତା ବାବଦ୍‌କେ ୨୫ଶହ ଟଁକା ଲେଖେଁ ପଁଚେତ୍ ପିଇଓ ନୀଳାମ୍ବର ମାଝି ଦେଇଛନ୍। ଉଭଏ ବୁରୁଧ୍‌କଁର ଅଭିଯୋଗକେ ନେଇ ଭତା ନାଇଁ ପାଉଥିବାର ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଖପ୍ରାଖୋଲ ବିଡିଓ ତରଣୀ ସୁନାକଁର ନିରଦେଶରେ ପିଇଓ ମାଝି ଦମେଇପାଲି ଗାଁକେ ଯାଇ ଉଭଏ ବୁରୁଧ୍‌କୁଁ ୫ମାସର ଲେଖେଁ ଭତା ଟଁକା ଦେଇଛନ୍। ପୂରବୁ ଉଭଏ ମଧୁବାବୁ ପେନ୍‌ସନ ଯୋଜନାରେ ଭତା ପାଏବାକେ ବଛା ହେଇଥିଲେ ବି ଭତା ନାଇଁ ପାଉଥାଇ।

## ପଞ୍ଚାୟତ ପ୍ରତିନିଧିଙ୍କ ଭୂମିକା ସମ୍ପର୍କିତ ଆଲୋଚନାଚକ୍ର

**ଖପ୍ରାଖୋଲ,୨୦।୧୨(ଡି.ଏନ.ଏ.)**

ସ୍ଥାନୀୟ ପଞ୍ଚାୟତ ସମିତି ସଭା ଗୃହଠାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସହିତ ବିଭିନ୍ନ ସରକାରୀ ଯୋଜନାର ସଫଳ ରୁପାୟନ ପାଇଁ ପଞ୍ଚାୟତ ପ୍ରତିନିଧିଙ୍କ ଭୂମିକା ସମ୍ପର୍କିତ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିକଳ୍ପର ସମ୍ପାଦିକା ଶୁଭଶ୍ରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବିଡିଓ ତରଣୀ ସୁନା, ସମ୍ମାନିତ ଅତିଥି ଭାବେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଗୋବିନ୍ଦ ଚନ୍ଦ୍ର ମେହେର, ସହକାରୀ ନିର୍ବାହି ଯନ୍ତ୍ରୀ ସୌମ୍ୟକିଶୋର ଜଏପୁରିଆ, ଏପିଓ ସୁଧାଂଶୁ ମେହେର ପ୍ରମୁଖ ଯୋଗଦେଇ ଯୋଜନାର ସଫଳ ରୂପାୟନ ପାଇଁ ପଞ୍ଚାୟତ ପ୍ରତିନିଧିମାନଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଦାଦନ ପ୍ରବଣ ଖପ୍ରାଖୋଲ ବ୍ଲକରେ ଦାଦନ ସମସ୍ୟା ରୋକିବାକୁ ମନରେଗା ଯୋଜନାରେ ବିଭିନ୍ନ ବ୍ୟକ୍ତିଗତ ପ୍ରକଳ୍ପ ମାଧ୍ୟମରେ ଜୀବନ ଜିବିକାର ବିକାଶ ପାଇଁ ଆଲୋଚନା ହୋଇଥିଲା । ଆଲୋଚନା ଚକ୍ରରେ ସରପଞ୍ଚ ଉତ୍ତର କୁମାର ଭୋଇ, ପିଇଓ ଲଳିତ କୁମାର ମେହେର, ସାମାଜିକ ସମୀକ୍ଷକ ଅଭୟ ତ୍ରିପାଠୀ, ସମିତି ସଭ୍ୟ ରୋହିତ ମେହେର, ଶୋଭନମୟ ମିଶ୍ର ପ୍ରମୁଖ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ରଂଜିତା ସୁନା, ଲକ୍ଷ୍ମୀ କୁମ୍ଭାର, ନଳିନୀ ମେହେର,ସବିତା ମେହେର, ରାଧିକା ପଧାନ, ପୃଥ୍ୱିରାଜ ରାଉତ, କ୍ଷିରୋଦ୍ର ବରିହା, ରାମାନନ୍ଦ ବେହେରା, ସାବିତ୍ରୀ ପଧାନ ପ୍ରମୁଖ ସରପଞ୍ଚ, ସମିତି ସଭ୍ୟ, ପିଇଓ, ଜିଆରଏସ୍ ଯୋଗ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ସଂଯୋଜକ ସୁରେଶ ବେହେରା ପରିଚାଳନା କରିଥିଲେ।




ଖପ୍ରାଖୋଲ ପଞ୍ଚାୟତ ସମିତି ସଭା ଗୃହଠାରେ ଆୟୋଜିତ ସଭାରେ ଅତିଥିମାନେ।

ମଧ୍ୟାହ୍ନଭୋଜନରେ ଅନିୟମିତତା

## ବିଇଓ ଅଫିସ ସମ୍ମୁଖରେ ଧାରଣା

**ଦେଓଗାଁ,୨୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ପ୍ରାଥମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଛି। ଏଭଳି ଅଭିଯୋଗ ନେଇ ଭିଲେଜର୍ସ ଇଣ୍ଡିଆପାର୍ଟି ତରଫରୁ ଶୁକ୍ରବାର ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସଂଗଠନର କର୍ମକର୍ତ୍ତା ଧାରଣାରେ ବସ ଶେଷରେ ବିଇଓ ଭାଗ୍ୟବତୀ ଦାଶଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆନ୍ଦୋଳନକାରୀଙ୍କ କହିବାନୁସାରେ ବ୍ଲକର ଅନେକ ବିଦ୍ୟାଳୟରେ ଶିକ୍ଷୟତ୍ରୀଶିକ୍ଷକ ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି। ବିଶେଷକରି ମଧ୍ୟାହ୍ନ ଭୋଜନରେ ବ୍ୟାପକ ଅନିୟମିତତା କରୁଥିବା ନଜରକୁ ଆସୁଛି। ସରକାରୀ ମେନୁହିସାବରେ ଛାତ୍ରୀଛାତ୍ରଙ୍କୁ ରନ୍ଧା ଖାଦ୍ୟ ଦିଆଯାଉନାହିଁ। ଆଶ୍ରମ ସ୍କୁଲରେ ବ୍ୟାପକ ବାଟମାରଣ ହେଉଛି। କେତେକ ସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାର୍ଥୀଙ୍କୁ ପାଠ ପଢ଼ାଇବାରେ ଅବହେଳା କରୁଥିବା ଅଭିଭାବକ ଅଭିଯୋଗ କରୁଛନ୍ତି। ଶିକ୍ଷା ବିଭାଗ ଏ ଦିଗରେ କୌଣସୀ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏଭଳି ଅନିୟମିତତା ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି । ଏ ଦିଗରେ ବିଭାଗ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ପାର୍ଟିରେ ଅଧକ୍ଷ ଡ. ବିପିନ କୁଶଲିଆ, ଆଦିବାସୀ ଅଧିକାର ମଞ୍ଚର ସଭାପତି ଦ୍ୱୀଜ ଦଲପତି ପ୍ରମୁଖ ଚେତାବନୀ ଦେଇଛନ୍ତି। ଧାରଣାରେ ନିବେଦିତା କୁମ୍ଭାର, ତ୍ରୀପୁରା ସୁନା, ଅମୂଲ୍ୟ ହରପାଲ, ଗୋମତୀ ସୁନା, ସୁକାନ୍ତି ବେହେରା, ରାଏମତୀ ବାଗ, ରଞ୍ଜନ ବାରିକ, ଟିମନ ନାଗ, ଲବ ମଲ୍ଲିକ, ବିନୋଦ ବିହାରୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଦେଓଗାଁ ବିଇଓ ଅଫିସ ସମ୍ମୁଖରେ ମଧ୍ୟାହ୍ନଭୋଜନରେ ଅନିୟମିତତା ଅଭିଯୋଗରେ ଭିଲେଜର୍ସ ଇଣ୍ଡିଆ ପାର୍ଟି ତରଫରୁ ଧାରଣା ଦିଆଯାଇଛି।



ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଓଲଟି ପଡ଼ିଲା ମକା ବୋଝେଇ ଟ୍ରକ

**ଜୁନାଗଡ,୨୦।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ସହର ତହସିଲ କାର୍ଯ୍ୟାଳୟକୁ ଯାଉଥିବା ମୁଖ୍ୟ ରାସ୍ତାରେ ଶୁକ୍ରବାର ଭାରସମ୍ୟା ହରାଇ ଏକ ବୋଝେଇ ଟ୍ରକ ରାସ୍ତା କଡକୁ ଓଲଟିପଡିଥିଲା। ଏଥିରେ ଅଳ୍ପକେ ଗାଡି ଚାଳକ ବର୍ତ୍ତିଯାଇଥିଲେ। ଏହି ମକା ଟ୍ରକ ନବରଙ୍ଗପୁରରୁ ଜୁନାଗଡ ରେଳ ଷ୍ଟେଶନକୁ ଆସୁଥିଲା।

### ସେକ୍ଟରସ୍ତରୀୟ ଅଙ୍କୁର ଦିବସ ପାଳନ

**କଲମପୁର,୨୦।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କଲମପୁର ବ୍ଲକ ମୀନଗୁର ପଞ୍ଚାୟତ ଅନ୍ତର୍ଗତ କର୍ମେଲ ଡଙ୍ଗରୀଗୁଡା ଖେଳପଡିଆଠାରେ ଶୁକ୍ରବାର ସେକ୍ଟରସ୍ତରୀୟ ଅଙ୍କୁର ଦିବସ ପାଳନ କରାଯାଇଛି। କଲମପୁର ସିଡିପିଓ ନିୟତିବାଲା ସୁରେନଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ମୀନଗୁର ସରପଞ୍ଚ ହରୀପ୍ରିୟା ରଣା, ସମ୍ମାନିତ ଅତିଥି ଶିକ୍ଷକ ଜୟସିଂ ମାଝି, ମୀନଗୁର ସବ୍‌ସେଣ୍ଟର ଏଏନ୍‌ଏମ୍ ରଶ୍ମିତା ଯୋଷୀ, ସୁପରଭାଇଜର ବାସନ୍ତୀ ନାଏକ, ସୂର୍ଯ୍ୟକାନ୍ତି ବେହେରା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ। ବଡକୁଟ୍ରୁ ସେକ୍ଟର ସମସ୍ତ ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହିଥିଲେ। ପ୍ରାକ ବିଦ୍ୟାଳୟର ଶିଶୁମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଧାୟକଙ୍କ ଧାନମଣ୍ଡି ପରିଦର୍ଶନ

# ଖୋଲା ଆକାଶ ତଳେ ପଡ଼ିରହିଛି ଧାନ

**କଟନିକୁ ନେଇ ଚାଷୀଙ୍କ ବିରୋଧ**



ମଣ୍ଡି ପରିଦର୍ଶନ ବେଳେ ବିଧାୟକଙ୍କ ସହ ଉପସ୍ଥିତ ଚାଷୀମାନେ ।

**ଲାଞ୍ଜିଗଡ଼,୨୦।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ, ମଧୁପୁର, କୋମର୍ଦ୍ଧା ଓ ବିଶ୍ୱନାଥପୁରଠାରେ ଧାନମଣ୍ଡି ଖୋଲା ଯାଇଥିବା ବେଳେ ଧାନ କଟନିକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଲାଗିରହିଛି। ହେଲେ ପ୍ରଶାସନ ନିଦାବିଷ୍ଟୁ ସାଜି ରହିଥିବା ବେଳେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଏ ନେଇ ଅନେକ ଅଭିଯୋଗ ପରେ ଶୁକ୍ରବାର ଲାଞ୍ଜିଗଡ ବିଧାୟକ ପ୍ରଦିପ ଦିଶାରୀ ବିଶ୍ୱନାଥପୁର ଧାନ ମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ବିଶ୍ୱନାଥପୁର ମଣ୍ଡିରେ ବର୍ତ୍ତମାନ ପର୍ଯ୍ୟନ୍ତ ୩୬୬ କୁଇଣ୍ଟାଲ ଧାନ କିଣାଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ୩୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ମଣ୍ଡିରେ ପଡିରହିଛି। ସପ୍ତାହକୁ ମାତ୍ର ୪ ଦିନ ଧାନକିଣା ଯାଉଥିବା ବେଳେ କୁଇଣ୍ଟାଲ ପ୍ରତି ୭ କେଜି କଟାଯାଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ମଣ୍ଡି ଖୋଲାଯାଇଥିବା ସ୍ଥାନରେ ଅନେକ ଅବ୍ୟବସ୍ଥା ଦେଖାଦେଇଥିବା ବେଳେ କୌଣସି ଚାଷୀଙ୍କୁ ଘୋଡାଇବା ପାଇଁ ତାରପୋଲିନ ବ୍ୟବସ୍ଥା କରାଯାଇନାହିଁ। ଖୋଲା ଆକାଶ ତଳେ ଶହଶହ କୁଇଣ୍ଟାଲ ଧାନ ପଡିରହିଛି । ଏସବୁ ଅବ୍ୟବସ୍ଥାକୁ ନେଇ ବିଧାୟକ ଦିଶାରୀ ଲ୍ୟାମ୍ପ ଏମ୍‌ଡି ଲିଙ୍ଗରାଜ ରଣାଙ୍କ ସହିତ ଆଲୋଚନା କରିଥିବା ବେଳେ ଦିନ ଦିନ ଧରି ଯୋଗାଣ ବିଭାଗ ଅଧିକାରୀ ବ୍ଲକରେ ଅନୁପସ୍ଥିତ ରହୁଥିବାରୁ ଏସବୁ ଅବ୍ୟବସ୍ଥା ଲାଗି ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

## ଗୋପୀନାଥପୁରରେ ଧାନ ମଣ୍ଡି ଖୋଲିବା ପାଇଁ ଦାବି

**ଲାଞ୍ଜିଗଡ଼,୨୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ଅଞ୍ଚଳରେ ଧାନ ଉତ୍ପାଦନ ବୃଦ୍ଧି ପାଉଥିବା ବେଳେ ଆବଶ୍ୟକ ଅନୁସାରେ ବିକ୍ରୟ ପାଇଁ ଧାନମଣ୍ଡି ନ ଥିବାରୁ ଅଞ୍ଚଳର ସମସ୍ତ ଚାଷୀ ବିଶ୍ୱନାଥପୁର ଧାନମଣ୍ଡି ଉପରେ ଲାଇନ ଲାଗିବାକୁ ପଡୁଛି । ୫ରୁ ୭ଦିନ ମଣ୍ଡିରେ ନ ଶୋଇଲେ ଧାନ ବିକ୍ରୟ ହୋଇପାରୁନାହିଁ । ସେଥିପାଇଁ ଦୀର୍ଘଦିନ ହେଲା ଚମ୍ପାଦେଇପୁର ପଞ୍ଚାୟତବାସୀ ଗୋପୀନାଥପୁରଠାରେ ଏକ ଧାନ ମଣ୍ଡି ସ୍ଥାପନ ଦାବି କରି ଆସୁଛନ୍ତି। ହେଲେ ଚାଷୀଙ୍କ ଗୁହାରୀ କେହି ଶୁଣୁ ନାହାନ୍ତି । ଶେଷରେ ଚମ୍ପାଦେଇପୁର ପଞ୍ଚାୟତ ଚାଷୀ ବିଶ୍ୱନାଥପୁର ଲ୍ୟାମ୍ପ୍ ଆଗରେ ଯାଇ ହୋହାଲ୍ଲା କରିଥିଲେ। ବିଶ୍ୱନାଥପୁର ଲ୍ୟାମ୍ପ୍ ଏମ୍‌ଡି ଲିଙ୍ଗରାଜ ରଣାଙ୍କୁ ମଣ୍ଡି ସ୍ଥାପନ ପାଇଁ ଦାବି କରିଥିବା ବେଳେ ଲାଞ୍ଜିଗଡ ବ୍ଲକ ଗସ୍ତରେ ଆସିଥିବା ବିଧାୟକ ପ୍ରଦିପ ଦିଶାରୀଙ୍କୁ ନିଜର ଅସୁବିଧା ବିଷୟରେ ଚାଷୀମାନେ ଜଣାଇଥିଲେ। ଏକ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରିଥିଲେ। ଶେଷରେ ଲାଞ୍ଜିଗଡ ବିଧାୟକ ଉପଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଫୋନ ଯୋଗେ ଗୋପୀନାଥପୁରରେ ଧାନମଣ୍ଡି ସ୍ଥାପନ ପାଇଁ କହିଥିଲେ । ଶନିବାର ଚାଷୀ ସମିତି ବୈଠକ ବସି ରେଜୁଲେସନ ଲେଖାଯିବ ଓ ଉପଜିଲାପାଳଙ୍କ ନିକଟକୁ ରେଜୁଲେସନ ଗଲାପରେ ମଣ୍ଡି ସ୍ଥାପନ ବ୍ୟବସ୍ଥା କରାଯିବ ବୋଲି ବିଶ୍ୱନାଥପୁର ଲ୍ୟାମ୍ପ ଏମ୍‌ଡି ଲିଙ୍ଗରାଜ ରଣା ପ୍ରକାଶ କରିଛନ୍ତି। ବିଧାୟକଙ୍କୁ ଗୋପୀନାଥପୁରର ଗଉନ୍ତିଆ ପ୍ରହଲ୍ଲାଦ ନାୟକ, ନିଳାଞ୍ଚଳ ପଧାନ, ପୀତାମ୍ବର ନାୟକ, କ୍ଷେତ୍ର ପ୍ରଧାନୀ, ଲକ୍ଷ୍ମୀଧର ସନ୍ତୋଷରାୟ, ସଦାନନ୍ଦ ନାୟକ ପ୍ରମୁଖ ବିଶ୍ୱନାଥପୁର ଲ୍ୟାମ୍ପରେ ଦାବିପତ୍ର ପ୍ରଦାନ କରିଥିଲେ।

## ୫୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ

**ପଲମ,୨୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମୁସ୍କୁଟି ପଞ୍ଚାୟତସ୍ଥିତ ରୁପ୍ରା ମୁସ୍କୁଟି ସରକାରୀ ମିଳିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ୫୧ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଯୋଗଦାନ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ କୁମାର ନାଏକ, ମୁଖ୍ୟବକ୍ତା ଭାବେ ମିଳିତ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ତପନ କୁମାର ଦାଶ ଯୋଗଦେଇ ବିଦ୍ୟାଳୟ ସମସ୍ୟା ଓ ଛାତ୍ରୀଛାତ୍ରଙ୍କ ଉନ୍ନତ ଶିକ୍ଷା ବିଷୟରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ। ବିଭିନ୍ନ ଖେଳରେ ଭାଗ ନେଇ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ତଥା ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ କୁମୁଦ ଚନ୍ଦ୍ର ସେନାପତି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ କୁମାର ନାଏକ ବିଦ୍ୟାଳୟର ଅନେକ ପ୍ରକାର ସମସ୍ୟା ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥିଙ୍କୁ ଜଣାଇ ସଭାସାଙ୍ଗ କରିଥିଲେ।

## ଜେଡିସିସି କ୍ରିକେଟ କପ୍ ଦ୍ୱିତୀୟ ଦିବସ: ଡଙ୍ଗରୀଗୁଡା, ମାଣିକାପଦର ବିଜୟୀ

**ଜୁନାଗଡ, ୨୦।୧୨ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଭୈରବ ପଡିଆଠାରେ ଚାଲିଥିବା ଜୟ ଦୁର୍ଗା କ୍ରିକେଟ କ୍ଲବ କପ୍ ୨୦୧୯-୨୦ର ଶୁକ୍ରବାର ଦ୍ୱିତୀୟ ଦିନରେ ଡଙ୍ଗରିଗୁଡା ଓ ମାଣିକାପଦର ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ଡଙ୍ଗରୀଗୁଡା ଓ ଲବଣିପୁର ମଧ୍ୟରେ ହୋଇଥିଲା। ଟସ ଜିଣି ଡଙ୍ଗରୀଗୁଡା ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୧୨ ଓଭରରେ ୫ ଉଇକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲା। ଜବାବରେ ଲବଣିପୁର ୧୨ ଓଭରରେ ୭ ଉଇକେଟ ହରାଇ ୯୪ ରନ ସଂଗ୍ରହ କରିଥିଲେ। ଡଙ୍ଗରୀଗୁଡା ଦଳର ଧିରେନ୍ଦ୍ର ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ମାଣିକାପଦର ଓ ପୋରାଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୋରାଗାଁ ଟସ ଜିଣି ବୋଲିଂର ନିଷ୍ପତ୍ତି ନେଇଥିଲା। ମାଣିକାପଦର ୧୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୮ ରନ କରିଥିଲା। ଜବାବରେ ପୋରାଗାଁ ସଂଘର୍ଷପୂର୍ଣ୍ଣ ପାଳି ଖେଳି ୧୨ ଓଭରରେ ୯ ଉଇକେଟ ହରାଇ ମାତ୍ର ୯୬ରନ ସଂଗ୍ରହ କରିଥିଲା। ମାଣିକାପଦର ଦଳର ଖଗେଶ୍ୱର ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଅତିଥି ଭାବେ ଗଜାନନ ଛତ୍ରିଆ, ସୁମିତ ସିଂଘାନିଆ, ବିପିନ ବାଗ ଉପସ୍ଥିତ ଥିଲେ। ଖେଳକୁ ଶଙ୍କର ପଟ୍ଟନାୟକ ଓ ମନସୁଦ ଅଲ୍ଲି ଖାଁ ପରିଚାଳନା କରିଥିବା ବେଳେ ଶତିଷ ପ୍ରଧାନ, ଜାବେଦ ଓ ବିପିନ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ଗିରିଧାରୀ ମାଝି କାର୍ଯ୍ୟ ତୁଲାଇଥିଲେ।



ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ନେଉଛନ୍ତି ।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ନେଲେ ଛାତ୍ରୀମାନେ

**ଭବାନୀପାଟଣା,୨୦।୧୨ (ଡି.ଏନ.ଏ.)**

ମହିଳାମାନଙ୍କୁ ସୁରକ୍ଷା ଦେଇ ସେମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ବ୍ରହ୍ମପୁରର ଅନ୍ୟତମ କରାଟେ କୋଚ୍ ଅମ୍ବିକା ପ୍ରସାଦ ଦାଶ ସମ୍ପ୍ରତି ସ୍ୱେଚ୍ଛାକୃତ ଭାବେ ମହିଳାମାନଙ୍କୁ ଆତ୍ମ ସୁରକ୍ଷା ପାଇଁ ଆବଶ୍ୟକ ହେଉଥିବା କୌଶଳ ଶିକ୍ଷା ଦେବାକୁ ଆଗଭର ହୋଇଛନ୍ତି। ଏହି ଲକ୍ଷ୍ୟ ନେଇ ଦାଶ କଳାହାଣ୍ଡି ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କୁ ମାଗଣାରେ ଏହି କୌଶଳ ଶିକ୍ଷା ଦେଉଛନ୍ତି। ଏହି ପରିପେକ୍ଷୀରେ ଦାଶ ଭବାନୀପାଟଣାଠାରେ ଥିବା ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟଠାରେ ପହଞ୍ଚି ସେଠାରେ ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ଯୋଗ ଶିକ୍ଷକ ଚନ୍ଦ୍ର ଶେଖର ସାହୁ ଯୋଗଦେଇଥିବା ବେଳେ ଜୁନାଗଡ କରାଟେ ସ୍କୁଲ ଜିଲା ସଭାପତି ସଞ୍ଜିବ କୁମାର ସାହୁ ଉପସ୍ଥିତ ଥିଲେ। ଶାସ୍ତ୍ରୀଜୀ ବିଜ୍ଞାନ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ନମିତା ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲା ବେଳେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରଶିକ୍ଷକ ଅମ୍ବିକା ପ୍ରସାଦକୁ ସନ୍ଦୀପ ସାହୁ, ଅଭିନାଶ ପଟ୍ଟନାୟକ, ସଂଘମିତ୍ରା ସାହୁ, ଅଞ୍ଜନା ବିଶି, ଜଲି ପରାଭୋଏ ପ୍ରମୁଖ ସହଯୋଗ କରିଥିଲେ।

## ଶୀତ କବିତା ଆସର

**ଭବାନୀପାଟଣା,୨୦।୧୨ (ଡି.ଏନ.ଏ.)**

କଳାହାଣ୍ଡି ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଆନୁକୂଲ୍ୟରେ ମେଦିନୀପୁର ପଞ୍ଚାୟତ ଉଚ୍ଚବିଦୟାଳୟଠାରେ ଏକ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଯାଇଛି। କବି ସୋହନ ଲାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ ମୁଖ୍ୟଅତିଥି ଭାବେ ସହକାରୀ ଜିଲାପାଳ ବାସନ୍ତୀ ସେଠୀ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖିକା ଦେବହୂତି କରଙ୍କ ସମେତ ମେଦିନୀପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସବିତା ଶତପଥୀ, ଶିକ୍ଷାବିତ୍ ଚୂଡାମଣି ନାଏକ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମେଦିନୀପୁରର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନଥିଲେ। କବି ବିଶ୍ୱରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ କବି ସତ୍ୟନାରାୟଣ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ତାଙ୍କର କାବ୍ୟ ଶ୍ରୀ ସତ୍ ପ୍ରସଙ୍ଗକୁ ଅତିଥିମାନେ ଅନାବରଣ କରିଥିଲେ। କବି ସନ୍ତୋଷ କୁମାର ଶତପଥୀ ପୁସ୍ତକର ସମୀକ୍ଷା କରିଥିଲେ। କବୟତ୍ରୀ ବନଶ୍ରୀ ଦାଶ ଓ ସୁମତି ମୁଣ୍ଡଙ୍କ ସଂଯୋଜନାରେ ୩୫ ଜଣ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। କବୟତ୍ରୀ ଦୀପ୍ତି ସିଂହ ମାନପତ୍ର ପାଠ କରିଥିଲେ। ଭାଗୀରଥି ସିଂହ, ନିଶାମଣୀ ଦେଇ, ଗଣପତି ନାଗ, ରାଧେଶ୍ୟାମ ଦାସ ପ୍ରମୁଖ ସହଯୋଗ କରିଥିବା ବେଳେ କବି ଅଶୋକ କୁମାର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ଅନୁଷ୍ଠିତ ବୈଠକରେ ମନ୍ତ୍ରୀ କ୍ୟାପଟେନ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ଜୁନାଗଡ଼

**ଜୁନାଗଡ,୨୦।୧୨(ଡି.ଏନ.ଏ.)**

- ୮, ୯ ଶୀତ ମହୋତ୍ସବ
- ୧୦ରୁ ୧୨ କଳାହାଣ୍ଡି ଉତ୍ସବ ଘୁମୁରା

କଳାହାଣ୍ଡି ଜିଲା ଜୁନାଗଡରେ ଏଥର ରାଜ୍ୟସ୍ତରୀୟ ଶୀତ ମହୋତ୍ସବ ସହ ବ୍ଲକ ଓ ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ହେଉଥିବାରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜୁନାଗଡ ସହର ଦୁଲୁକିବ ବୋଲି ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଅପରାହ୍ନରେ ଜୁନାଗଡ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜୁନାଗଡ ବ୍ଲକ ଅଧ୍ୟକ୍ଷା ନୁର୍ଯ୍ୟ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଶକ୍ତି, ଶିଳ୍ପ, ଏମଏସ୍‌ଏମଇ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ବିଡିଓ ଦୁଲାରାମ ମାରାଣ୍ଡି, ତହସିଲଦାର ଉପେନ୍ଦ୍ର ଲୁହା, ଡବ୍ଲ୍ୟୁଇଓ ସୁମନ୍ତ କୁମାର ମାଝି, ପିଆଇ ବିଘ୍ନେଶ୍ୱର ନାଏକ, ଶୀତ ଉତ୍ସବ କିମିଟି ପ୍ରବୋଧ ରଥ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସର୍ବସମ୍ମତିକ୍ରମେ ଜୁନାଗଡରେ ଶୀତ ମହୋତ୍ସବ ୮,୯ ଓ ୧୦ରୁ ୧୨ ବ୍ଲକ ଓ ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ହେବା ପାଇଁ ଚୁଡାନ୍ତ କରାଯାଇଥିଲା। ବିଏସ୍‌ଏସଓ ତୁଷାର ରଞ୍ଜନ ସାହୁ ଓ ଯନ୍ତ୍ରୀ ସଞ୍ଜୟ କୁମାର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ଅନେକ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା, ସରପଞ୍ଚ ସଂଘ, ସମିତିସଭ୍ୟ, ଶିକ୍ଷକମାନେ ଯୋଗଦେଇଥିଲେ।

## ପୃଥକ ୨ ବାଇକ୍ ଦୁର୍ଘଟଣା ୨ ଗୁରୁତର

**ରେଢ଼ାଖୋଲ,୨୦।୧୨(ଡି.ଏନ.ଏ.)**

ଶୁକ୍ରବାର ସନ୍ଧ୍ୟାରେ ପୃଥକ ୨ଟି ବାଇକ ଦୁର୍ଘଟଣାରେ ୨ ଜଣ ଯୁବକ ଗୁରୁତର ହୋଇଥିବା ଜଣାପଡିଛି। ଆହତମାନେ ହେଲେ ରେଢାଖୋଲ ସହର କୁରୁମଟିକିରା ପଡାର ପ୍ରହଲ୍ଲାଦ ସ୍ୱାଇଁ (୨୭) ଓ ଟାଲ ଗ୍ରାମର ଚିନ୍ତାମଣି ନାଏକ (୨୫) ବୋଲି ଜଣାପଡିଛି। ଉଭୟଙ୍କୁ ରେଢାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲେ ହେଁ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି। ପ୍ରହଲ୍ଲାଦ ଗୋଗୁଆ ଗ୍ରାମରୁ ରେଢାକୋଲକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସେହିପରି ଚିନ୍ତାମଣି ତାଙ୍କ ଗ୍ରାମ ଟାଲରୁ ରେଢାଖୋଲକୁ ଆସୁଥିବା ବେଳେ ପୁରୁଣାଗଡ ଗ୍ରାମ ନିକଟରେ ସମ୍ମୁଖରୁ ଆସୁଥିବା ଏକ ବାଇକ୍ ଧକ୍କା ଦେବାରୁ ଦୁର୍ଘଟଣାଗ୍ରସ୍ତ ହେଇଥିଲେ।

## ୪ ମାସ ହେଲା ପାଇନାହାନ୍ତି ଦରମା

# ପଥପ୍ରାନ୍ତ ସୁବିଧାକେନ୍ଦ୍ର କର୍ମଚାରୀଙ୍କ ଧାରଣା

**ଜୁନାଗଡ, ୨୦।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଇନ୍ଦ୍ରାବତୀ କଲୋନୀ ନିକଟସ୍ଥ ୨୬ ନଂ. ଜାତୀୟ ରାଜପଥ କଡରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ର କର୍ମଚାରୀମାନେ ଗତ ୪ ମାସ ହେଲା ଦରମା ପାଇନାହାନ୍ତି। ଫଳରେ ସେମାନେ ଗୁରୁବାରଠାରୁ ଧାରଣାରେ ବସିଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ର ଗତ ୨୦୧୭ରେ ଯାତ୍ରୀମାନଙ୍କ ଆଶ୍ରୟ ନିମନ୍ତେ ନିର୍ମାଣ କରାଯାଇଥିଲା। ସରକାର ପିଏସଆଇପିଏଲ ନାମକ ଏକ କମ୍ପାନୀକୁ ଏହାର ପରିଚାଳନା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କମ୍ପାନୀ ପକ୍ଷରୁ ଏଠାରେ କେତେକ କର୍ମଚାରୀଙ୍କୁ ଦେଖାରଖା କରିବା ପାଇଁ ନିୟୋଜିତ କରାଯାଇଥିଲା। ଗତ ଦିନରେ ସମ୍ପୃକ୍ତ କମ୍ପାନୀ ଦେଖାରଖା କରୁଥିବା ସମସ୍ତ କର୍ମଚାରୀଙ୍କୁ ଠିକ ଭାବରେ ଦରମା ପ୍ରଦାନ କରୁଥିଲେ। କିନ୍ତୁ ଗତ ୪ ମାସ ହେବ କମ୍ପାନୀ ପକ୍ଷରୁ ସମସ୍ତ କର୍ମଚାରୀଙ୍କୁ ଦରମା ପ୍ରଦାନ କରିନାହାନ୍ତି। ଫଳରେ କର୍ମଚାରୀମାନଙ୍କ ପରିବାର ଏବେ ଭୋକ ଉପାସରେ ଦିନ କାଟୁଛନ୍ତି। ଯଦି କର୍ମଚାରୀମାନଙ୍କୁ ଦରମା ପ୍ରଦାନ କରା ନ ଯାଏ ତାହାହେଲେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି କର୍ମଚାରୀ ଚେତାବନୀ ଦେଇଛନ୍ତି।




କର୍ମଚାରୀମାନେ ଧାରଣାରେ ବସି ରହିଛନ୍ତି ।

## ଘରଖଁଡ଼େ ଲାଗି ଗୁହାରି କରି ନିରାଶ ସୁକାନ୍ତି

# ପଲିଥିନ୍ ତଳେ ୱାର୍ଡ ସଭ୍ୟାଙ୍କର ପରିବାର

**ଲାଞ୍ଜିଗଡ଼,୨୦।୧୨ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କାନକୁଟୁ ପଁଚେତ୍ ଅଧୀନ ପାଇକବୋରି ଗାଁର ମହେନ୍ଦ୍ର ମାର୍ଥା। ଭଲ ଘରଖଁଡ଼େ ଅଭାବୁ କୁଟୁମବସିଆ ଗୁଟେ ଭଂଗା ଦଦ୍‌ରା ମାଟି କୁରିଆରେ ପଲିଥିନ୍ ଢାପି ମୁଡ଼ ଗୁଁଜିଛନ୍। ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ସେ ପରଶାସନିକ ଅଧିକାରୀମାନକୁ ଗୁହାରି କରି ନିରାଶ ହେଇଛନ୍।

ସୂଚନା ଅନ୍‌ସାରେ ପାଇକବୋରି ଗାଁର ମହେନ୍ଦ୍ର ମାର୍ଥାଙ୍କର ପରିବାର କହେଲେ ମାଏକିନା ସୁକାନ୍ତି ଆର ୩ ପୁଓକେ ନେଇ ସଁସାର। ପରିବାରଟା ନିହାତି ଗରିବ୍, ଦୁଖସୁଖ କରି ଚଲୁଛନ୍। ଅଭାବ ଅନାଟନ ଲାଗି ଆଏଜ୍‌ତକ ସେ ଭଲ ଘରଖଁଡ଼େ ନାଇଁ କରିପାରି। ଗୁଟେ ମାଟି କୁରିଆରେ ପଲିଥିନ୍ ଢାପି କୁଟୁମବସିଆ ଖରା, ବରଷା, ଶୀତ କାକରରେ ବଡ଼ା ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଛନ୍। ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ମହେନ୍ଦ୍ର ପଁଚେତ୍‌ରୁ ବ୍ଲକ ଆର ଜିଲାପାଳଙ୍କର ଅଭିଯୋଗ ଶୁନାନୀରେ ଗୁହାରି କରି ନିରାଶ ହେଇଛନ୍। ଉଲ୍‌ଟିଆ ଏସ୍‌ଇସିସି ତାଲିକାରେ ନାଁ ନାଇଁଥିବାର ଲାଗି ଘର ନାଇଁ ମିଲବାର ବଲି ଅଧିକାରୀମାନେ କହୁଛନ୍। ଇଆଡ଼େ ମହେନ୍ଦ୍ରଙ୍କର ମାଏକିନା ସୁକାନ୍ତି ନିଜେ କାନକୁଟୁ ପଁଚେତ୍ ପାଇକବୋରିର ୱାର୍ଡ ସଭ୍ୟା ଅଛନ୍। ତାକର ସୁପାରିଶରେ ଲୋକ୍ ଘର ପାଉଛନ୍। ହେଲେ ସେ ନିଜେ ଘରଖଁଡ଼େର ଲାଗି ପଁଚେତ୍ ନିର୍ବାହୀ ଅଧିକାରୀ ଈଶ୍ୱର ଚନ୍ଦ୍ର ସାହୁ, ସରପଁଚ୍ ସରସ୍ୱତୀ ମାଝିଙ୍କୁ ଅନେକ ଥର ଗୁହାରି କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ଉଭଏ ଆମର ଭଂଗା ଦଦ୍‌ରା କୁରିଆ ଆର ଦୁରଦଶା ଦେଖିଛନ୍। ହେଲେ ଘର ଆଏଜ୍ ହେବା କାଏଲ୍ ହେବା କହି ମୋତେ ଭୁରଡେଇ ଚାଲିଛନ୍ ବଲି ସେ ଅଭିଯୋଗ କରିଛନ୍। ବରଷା ଦିନେ ପରିବାରଟା ବଡ଼ା ଜହଗଁଜ୍ ହେଉଛନ୍। ଆଏଜ୍ ଇତାର ପିଁଢ଼ାରେ ତ କାଏଲ୍ କେନ୍ ସ୍କୁଲ ବାରନ୍ଡାରେ ଆଶ୍ରେ ନେଉଛନ୍। ଇ ଦୁଖି ଗରିବ୍ ପରିବାର ଉପରେ ଜିଲା ପରଶାସନ ଦୁରୁଷ୍ଟି ଦେଇ ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଏବିଡିଓ ବିଭୁତି ଭୁଷଣ ଶତପଥୀଙ୍କୁ ପଚ୍‌ରାଲାରୁ ପରିବାରର ସମକର ଆଧାର କର୍ଡ ଆନି ଅପଲୋଡ କଲା ଉତାରୁ ଏଇସିସି ତାଲିକାରେ ନାଁ ଆଏବା ଆର ଘର ମିଲବା ବଲି ସେ କହିଛନ୍।



ନିଜର ଦଦ୍‌ରା କୁରିଆ ଆଘେ ସୁକାନ୍ତିଙ୍କର ପରିବାର।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ, ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ

## ଓପିଜିସି ପାଉଁଶ ପୋଖରୀ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

# ତ୍ରିପାକ୍ଷିକ ଆଲୋଚନା ବିଫଳ

**ଝାରସୁଗୁଡ଼ା ଅଫିସ୍/ଲଖନପୁର, ୨୦।୧୨(ଡି.ଏନ୍.ଏ.):**
ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ(ଓପିଜିସି) ପ୍ରକଳ୍ପରୁ ନିର୍ଗତ ପାଉଁଶ ଗଚ୍ଛିତ ରଖିବା ପାଇଁ କମ୍ପାନୀ ପକ୍ଷରୁ ଏକ ପାଉଁଶ ପୋଖରୀ ନିର୍ମାଣ ଚାଲିଛି। ଏହି ପାଉଁଶ ପୋଖରୀ ଜନବସତି ନିକଟରେ ନିର୍ମାଣ ଚାଲିଛି । ଏହାର ପ୍ରଭାବ ଆଖପାଖ ଜନବସତି ଉପରେ ପଡୁଛି । ଏଥିରେ ଲୋକେ ପ୍ରଭାବିତ ହେଉଛନ୍ତି। ଏହାକୁ ସ୍ଥାନୀୟ ସଂସରାଟିକ୍ରା ଗ୍ରାମବାସୀ ପ୍ରଥମରୁ ବିରୋଧ କରିଆସୁଛନ୍ତି। ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ କମ୍ପାନୀ ବଳପୂର୍ବକ ନିର୍ମାଣ କାମ ଚଳାଇଛି । କମ୍ପାନୀର ଏଭଳି ପାଉଁଶ ପୋଖରୀ ନିର୍ମାଣକୁ ଗ୍ରାମର ମା' ଅମ୍ବିକା ଏସ୍ଏଚ୍ଜି ଗ୍ରୁପ୍ ବେଆଇନ୍ ଦର୍ଶାଇ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଛି। ଏହା ଉପରେ ଏନ୍‌ଜିଟି ଖଣ୍ଡପୀଠ ଜିଲାପାଳ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଜିଟି କୋର୍ଟରେ ମାମଲା ବିଚାରଧୀନ ରହିଛି। ଏଭଳି ସ୍ଥିତିରେ ଜିଲାପାଳ ହସ୍ତକ୍ଷେପ କରି ଗ୍ରାମବାସୀଙ୍କ ସମସ୍ୟା ସମାଧାନ ଦିଗରେ ଉଦ୍ୟମ ଜାରି ରଖିଛନ୍ତି। ମଙ୍ଗଳବାର ଜିଲାପାଳ ସରୋଜ କୁମାର ସାମଲ ପାଉଁଶ ପୋଖରୀ କ୍ଷେତ୍ର ପରିଦର୍ଶନ କରିବା ସହ ଗ୍ରାମରେ ପହଞ୍ଚି ସମସ୍ୟା ସମ୍ପର୍କରେ ଲୋକଙ୍କୁ ପଚାରି ବୁଝିଥିଲେ। ଏନେଇ ଜିଲାପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କୁ ନେଇ ଏକ ତ୍ରିପାକ୍ଷିକ ବୈଠକ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ଗ୍ରାମବାସୀ ସହମତି ପ୍ରକାଶ କରିଥିଲେ। ଝାରସୁଗୁଡା ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ସାମଲ, ଉପଜିଲାପାଳ ଶିବ ଟପ୍ପୋ, ଅତିରିକ୍ତ ଏସ୍‌ପି ଏନ୍‌ସି ଦଣ୍ଡସେନା, ଓପିଜିସିର ନିର୍ଦ୍ଦେଶକ(ଅପରେଶନ୍) ଆଲୋକ ମୁଖାର୍ଜୀ, ପି.କେ. ପାତ୍ର, ଦିଲୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ବିଧାୟକ କିଶୋର ମହାନ୍ତି, ଜିଲା ପରିଷଦ ସାମଲ ନାଏକ, ରମ୍ଭେଲା ସରପଞ୍ଚ, ରୀତାଞ୍ଜଳୀ ନାୟକ, ତିଲିଆ ସରପଞ୍ଚ ଠଣସୁନ୍ଦର ସାହୁ, କୁମ୍ଭାରବନ୍ଧ ସରପଞ୍ଚ ଅନିତା ବାରିକ, ମା ଅମ୍ବିକା ଏସ୍ଏଚ୍ଜି ଗ୍ରୁପ ସଭାପତି ଲିଲି ସେଠ୍, ସମ୍ପାଦିକା ତୁଳସୀ ସେଠ୍, କୋଷାଧ୍ୟକ୍ଷ ସଞ୍ଜୁଲତା ସେଠ୍, ରଘୁନନ୍ଦନ ପଣ୍ଡା, ସମିର ମିଶ୍ର, ବିଶ୍ୱଜିତ ଷଡଙ୍ଗୀ, ଗୌତମ ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଥିଲା, ଗ୍ରାମର ଜିରୋ ପଏଣ୍ଟରେ କମ୍ପାନୀ ବେଆଇନ୍ ଭାବେ ପାଉଁଶ ପୋଖରୀ ନିର୍ମାଣ କରୁଛି। ଏହାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କିଭଳି ଅନୁମତି ପ୍ରଦାନ କଲା ଏହା ତଦନ୍ତ ସାପେକ୍ଷ। ନିର୍ମାଣଧୀନ ପାଉଁଶ ପୋଖରୀ ଦ୍ୱାରା ଗ୍ରାମ ପ୍ରଭାବିତ ହେଉଛି। ଏଥିରେ ଗ୍ରାମର ରାସ୍ତାଘାଟ, ପାନୀୟଜଳ, ସ୍ୱାସ୍ଥ୍ୟ ଆଦି ମୌଳିକ ସେବା ପ୍ରଭାବିତ ହେଉଛ। ଗ୍ରାମରେ ଅହରହ ଧୂଳୀଧୂଆଁ ପ୍ରବେଶ କରି ମାତ୍ରାଧିକ ପ୍ରଦୂଷିତ ହେଉଛି। ଫଳରେ ଗ୍ରାମରେ ଲୋକେ ବସବାସ କରିବା ଅସମ୍ଭବ ହୋଇପଡିଛି। ଆଗକୁ ପାଉଁଶ ପୋଖରୀ କାର୍ଯ୍ୟକ୍ଷମ ହେଲେ ଗ୍ରାମର ସ୍ଥିତି ଆହୁରି ଅସମ୍ଭାଳ ହେବ। ଏଥିରେ ଲୋକେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ। ଏସବୁର ପ୍ରତିକାର କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ପରେ ଏହାକୁ କମ୍ପାନୀ କର୍ତ୍ତୃପକ୍ଷ ରକ୍ଷା କରିନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଯଦି ସରକାର ଚାହୁଁଛନ୍ତି, ଏଠାରେ ପାଉଁଶ ପୋଖରୀ ନିର୍ମାଣ ହେବ । ତାହାଲେ ସଂସରାଟିକ୍ରା ଗ୍ରାମକୁ ପ୍ରଥମେ ବିସ୍ଥାପିତ କରାଯାଇ ଅନ୍ୟତ୍ର ସ୍ଥାନାନ୍ତରିତ କରି ଥଇଥାନ କରାଯାଉ। ପରେ କମ୍ପାନୀ ପାଉଁଶ ପୋଖରୀ ନିର୍ମାଣ କରିବ ବୋଲି ଗ୍ରାମବାସୀ ଦାବି କରିଥିଲେ । ଏନେଇ ଜିଲାପାଳ ସାମଲ କହିଥିଲେ ଗ୍ରାମବାସୀଙ୍କ ପ୍ରମୁଖ ବିସ୍ଥାପିତ ଦାବିକୁ ନେଇ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ। ଯଦି ସରକାରଙ୍କ ଆର୍ଆଣ୍ଡ୍ଆର୍ ପଲିସ୍ ମଧ୍ୟରେ ଆସିବ ତାହାଲେ ଗ୍ରାମକୁ ବିସ୍ଥାପିତ କରାଯିବ ବୋଲି ଜିଲାପାଳ ସାମଲ କହିଥିଲେ। ଏଥିପାଇଁ ସମୟର ଆବଶ୍ୟକତା ରହିଛି। ଏହି ସମୟ ମଧ୍ୟରେ ବନ୍ଦଥିବା ପାଉଁଶ ପୋଖରୀ ନିର୍ମାଣ କାମ ଆରମ୍ଭ କରାଯିବ ବୋଲି ଜିଲାପାଳ ସାମଲ କହିଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। କହିଥିଲେ ଏନ୍‌ଜିଟିରେ ମାମଲା ବିଚାରଧିନ ରହିଛି । ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ କାମ ବନ୍ଦ ରହିବ। ଯଦି କମ୍ପାନୀ ପୁଣି ବଳପୂର୍ବକ କାମ ଆରମ୍ଭ କରିବ ତାହାଲେ ଏହାକୁ ଗ୍ରାମବାସୀ ବିରୋଧ କରିବେ। ଆବଶ୍ୟକ ପଡିଲେ ଗ୍ରାମବାସୀ ଜେଲ୍ ଯିବା ସହ ଜୀବନ ଦେବା ପାଇଁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏସବୁକୁ ଦେଖିଲେ ତ୍ରୀପାକ୍ଷିକ ଆଲୋଚନା ମୋଟାମୋଟି ଭାବେ ବିଫଳ ହୋଇଛି।



ତ୍ରିପାକ୍ଷିକ ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ, କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା କୋଉ ମାରଗରେ ଗଲା**
**ଦୂବ ଗଛକୁ ଚଡ଼କ ମାଇଲା**
**ଦାରୁ ଗଛ ପୋଡ଼ି ମଲା ।**

ଦୂବ ଗଛକୁ ଚଡ଼କ ମାରିଲେ ଦୂବ ଗଛ ନ ପୋଡ଼ି ଦାରୁ ଗଛ ପୋଡ଼ିଯିବା ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ବେଳେ ବେଳେ କିଛି ବ୍ୟକ୍ତି ରହସ୍ୟ କରି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ଆଚମ୍ବିତ ହୋଇଯାଇଥାଏ। କଥାକୁ ଚଞ୍ଚକତା କରି କହିବା ଦ୍ୱାରା ମୂଳକଥାର ଟେର୍ କେହି ପାଇପାରି ନ ଥାନ୍ତି। ଚାତୁରୀ ମାରି କଥା କହି ଲୋକଙ୍କୁ ଅଯଥା ଭ୍ରମିତ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଙ୍କୁମ ଗଛର ଡାଳ**
**ମୋତେ ନ ବୋଲ ବୁଢ଼ୀ ବୋଲି**
**ବାତରୁ ପାଚିଲା ବାଳ ।**

ସାଧାରଣତଃ ମହିଳାମାନେ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ କରିବା ଲାଗି କୁଣ୍ଠାବୋଧ କରିଥାନ୍ତି। ଏପରି ସ୍ଥିତିରେ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ନିଜ ବୟସକୁ ଲୁଚାଇ ରଖିବା ନେଇ ମିଛ ବାହାନା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



ବନ କର୍ମଚାରୀ ଦ୍ୱାରା ଜବତ ହୋଇଥିବା କାଠ ବୋଝେଇ ପିକଅପ୍ ଭ୍ୟାନ।

## ବନ ବିଭାଗର ଚଢ଼ାଉ

# ଚୋରା କାଠ ସହ ପିକ୍ଅପ୍ ଭ୍ୟାନ ଜବତ

**କିର୍ମିରା, ୨୦।୧୨(ଡି.ଏନ୍.ଏ.):** ଝାରସୁଗୁଡା ଜିଲା ବାଗଡିହି ବନ ବିଭାଗ ଅନ୍ତର୍ଗତ କାଦୋବାହାଲ ଜଙ୍ଗଲରୁ ଗୁରୁବାର ରାତିରେ ଏକ ପିକଅପ୍ ଭ୍ୟାନ ଯୋଗେ ଶାଳ କାଠ ଚୋରି ଉଦ୍ୟମ ହେଉଥିବା ବେଳେ ବାଗଡିହି ବନ ବିଭାଗ ହାତରେ ଧରାପଡିଛି। ଗୁରୁବାର ରାତିରେ ବାଗଡିହି ବନ କର୍ମଚାରୀ କାଦୋବାହାଲ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ସେତିକିବେଳେ ଏକ ପିକଅପ୍ ଭ୍ୟାନ (ନଂ.ଓଆର୍ ୦୫ ଡବ୍ଲୁ- ୮୩୭୯) ଯୋଗେ କାଠ ଚୋରା ଚାଲାଣ ହେଉଥିବା ଜାଣିବାକୁପାଇଥିଲେ। ଏନେଇ ବନ କର୍ମଚାରୀ ପିଛା କରିଥିଲେ। ହେଲେ ଦୁର୍ବୃତ୍ତମାନେ ଗାଡି ଛାଡି ଫେରାର ହୋଇଯାଇଥିଲେ। ପରେ ନବ କର୍ମଚାରୀ କାଠ ବୋଝେଇ ଭ୍ୟାନକୁ ଜମତ କରିଥିଲେ। ଭ୍ୟାନରେ ୬୫ ସିଏଫଟି ଶାଳକାଠ ଥିବା ବେଳେ ଏହାର ବଜାର ମୂଲ୍ୟ ୧.୧୦ ଲକ୍ଷ ହେବ ବୋଲି ଫରେଷ୍ଟର ଆଲୋକ କୁମାର ନାଏକ ସୂଚନା ଦେଇଛନ୍ତି। ଚଢ଼ାଉରେ ଫରେଷ୍ଟରଙ୍କ ସମେତ ଗାର୍ଡ ପ୍ରଦୀପ ବେସନ, ଯୁଧିଷ୍ଠିର ସାହୁ, ବନ କର୍ମଚାରୀ ସନ୍ତୋଷ କିଷାନ, ଅଭିମନ୍ୟୁ ବୁଢୁଲା, କୁଳମଣି ପରୁଆ ସାମିଲ ଥିଲେ । ଶନିବାର ଗାଡି ଯାଞ୍ଚ କରିବା ପରେ ମାଲିକଙ୍କ ନାମରେ ମାମଲା ରୁଜୁ କରାଯିବ ବୋଲି ଫରେଷ୍ଟର ନାଏକ କହିଛନ୍ତି।

## ହାତୀ ଉପଦ୍ରବ: ବଗିଚା ନଷ୍ଟ

**କିର୍ମିରା, ୨୦।୧୨(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ଅର୍ଡା ପଞ୍ଚାୟତ କାହାଲିପଡା ଗ୍ରାମରେ ଗୁରୁବାର ଏକ ହାତୀପଲ ପଶି ଚାଷୀ ସୁରେଶ ନାୟକ ଏବଂ କପିଳ ନାୟକଙ୍କ ବଗିଚା ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ହାତୀପଲ ସୁରେଶ ନାୟକଙ୍କ ୪୦ଟି କଦଳୀ ଗଛ, ଏକ ପିଜୁଳି ଗଛ ଏବଂ କୋବି ଚାଷ ନଷ୍ଟ କରିଥିବା ବେଳେ କପିଳ ନାୟକଙ୍କ ମଧ୍ୟ କଦଳୀ ଏବଂ ପନିପରିବା ଚାଷ ନଷ୍ଟ ହୋଇଛି। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡାଇବାପରେ ସ୍ଥାନୀୟ ଜଙ୍ଗଲକୁ ଚାଲିଯାଇଥିବା ଜଣାପଡିଛି।

# ସହରାଞ୍ଚଳ ଗୃହ ମିଶନ ନିର୍ଦ୍ଦେଶକଙ୍କ ସମୀକ୍ଷା ବୈଠକ

**ବେଲପାହାଡ଼, ୨୦।୧୨(ଡି.ଏନ୍.ଏ.)**
ରାଜ୍ୟ ସହରାଞ୍ଚଳ ଗୃହ ମିଶନ(ଓୟୁଏଚ୍ଏମ୍) ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ସୁରେଶ ଚନ୍ଦ୍ର ଦଳେଇ ଶୁକ୍ରବାର ବେଲପାହାଡ଼ ଗସ୍ତରେ ଆସି ଆବାସ ଯୋଜନାର କାର୍ଯ୍ୟକାରିତା ସମୀକ୍ଷା କରିଛନ୍ତି। ଏପରି କି କେତେକ ହିତାଧିକାରୀଙ୍କ ନବନିର୍ମିତ ବାସଗୃହ ଓ ଆହାର କେନ୍ଦ୍ର ପରିଦର୍ଶନ କରିଛନ୍ତି। ନିର୍ଦ୍ଦେଶକ ଦଳେଇ ସକାଳେ ଝାରସୁଗୁଡ଼ାରୁ ବେଲପାହାଡ଼ରେ ପହଞ୍ଚିବା ପରେ ପୌର ସଭାଗୃହରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ସେ ବୈଠକରେ ଆବାସ ଯୋଜନାକୁ ସୁଚାରୁ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏବଂ ପ୍ରତ୍ୟେକ ହିତାଧିକାରୀଙ୍କୁ ବାସଗୃହ ନିର୍ମାଣରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଉପସ୍ଥିତ ନିର୍ବାହୀ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ, ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ, ପୌରଯନ୍ତ୍ରୀ ସଙ୍ଗୀତା ମାଧୁରୀ ତିର୍କୀ, କନିଷ୍ଠ ଯନ୍ତ୍ରୀ ଆଶିଷ ବରଣ ନାୟକ ଓ ସୁଶାନ୍ତ ପଟେଲଙ୍କ ସମେତ ଆବାସ ଯୋଜନା ଦାୟିତ୍ୱରେ ରହିଥିବା ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ବୈଠକ ପରେ ନିର୍ଦ୍ଦେଶକ ୧୦ ନମ୍ବର ୱାର୍ଡ଼ର ଏକ ବସ୍ତି ଅଞ୍ଚଳକୁ ଯାଇ ଆବାସ ଯୋଜନାରେ ନିର୍ମିତ ହୋଇଥିବା ବାସଗୃହଗୁଡ଼ିକୁ ଦେଖିଥିଲେ। ଅନ୍ୟପକ୍ଷେ ହିତାଧିକାରୀଙ୍କୁ ସାକ୍ଷାତ କରି ବାସଗୃହ ନିର୍ମାଣ ପାଇଁ କେତେ ଅର୍ଥ ମିଳିଛି, ଅର୍ଥ ମିଳିବାରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା କି କିମ୍ବା ପୌରପରିଷଦର କେହି ଅର୍ଥ ଦାବି କରିଥିଲେ କି ଆଦି ପ୍ରଶ୍ନ ପଚାରିଥିଲେ। ପରେ ନିର୍ଦ୍ଦେଶକ ବେଲପାହାଡ଼ ଫାଟକସ୍ଥିତ ଆହାର କେନ୍ଦ୍ରକୁ ଯାଇ ସେଠାରେ ହିତାଧିକାରୀମାନଙ୍କ ପାଇଁ କରାଯାଇଥିବା ବିଭିନ୍ନ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ମିଶନ ନିର୍ଦ୍ଦେଶକ ଦଳେଇଙ୍କୁ ପୌରାଞ୍ଚଳରେ ଚାଲିଥିବା ଆବାସ ଯୋଜନାର କାର୍ଯ୍ୟକାରିତା ଉପରେ ଦୃଷ୍ଟି ଆକର୍ଷଣ କରାଯିବାରୁ ଏଠାରେ ଠିକ ଭାବରେ କାର୍ଯ୍ୟ ଚାଲିଛି। ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପରେ ଆହୁରି ଅଧିକ ଗରିବ ଲୋକଙ୍କୁ ଯୋଜନାରେ ସାମିଲ କରାଯିବ ବୋଲି ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଗତ ୩ ବର୍ଷ ମଧ୍ୟରେ ବେଲପାହାଡ଼ ପୌରାଞ୍ଚଳରେ ଆବାସ ଯୋଜନାରେ ବାସଗୃହ ନିର୍ମାଣ ପାଇଁ ୧୦୦୨ଜଣଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ଏଥିମଧ୍ୟରୁ ୧୫୩ ହିତାଧିକାରୀଙ୍କ ବାସଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୩୦୮ ଜଣଙ୍କ ବାସଗୃହ ନିର୍ମାଣ କାର୍ଯ୍ୟ ସରିବା ଉପରେ ରହିଛି । ବାକି ୫୪୧ ଜଣଙ୍କ ବାସଗୃହ ନିର୍ମାଣ କାର୍ଯ୍ୟ ଚାଲିଛି।



ଓଡ଼ିଶା ସହରାଞ୍ଚଳ ଗୃହ ମିଶନ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଳେଇ ବେଲପାହାଡ଼ର ଏକ ବସ୍ତି ଅଞ୍ଚଳ ପରିଦର୍ଶନ କରି ଜଣେ ଆବାସ ହିତାଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି।



ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀରେ ଏସ୍‌ପି ସୌମ୍ୟା ମିଶ୍ର ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ପବ୍ଲିକ ସ୍କୁଲ ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଯାପିତ

**ସୁନ୍ଦରଗଡ଼, ୨୦।୧୨(ଡି.ଏନ୍.ଏ.)**
ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ବାର୍ଷିକ ବିଜ୍ଞାନ, ଗଣିତ ସାମାଜିକ ବିଜ୍ଞାନ, କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୨ଦିନ ଧରି ଅନୁଷ୍ଠିତ ପ୍ରଦର୍ଶନୀରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଜ୍ଞାନ ବିଭାଗରେ ୧୩୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ଚିତ୍ରକଳା ଓ ହସ୍ତଶିଳ୍ପର ୧୬୨ଟି, ଗଣିତ ବିଭାଗର ୨୫ଟି ଓ ସାମାଜିକ ବିଜ୍ଞାନ ବିଭାଗର ୨ଟି ପ୍ରକଳ୍ପ ସମେତ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଉଦ୍‌ଯାପନୀ ଦିବସରେ ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରକଳ୍ପ, ଚିତ୍ରକଳା ଓ ହସ୍ତଶିଳ୍ପ ବୁଲି ଦେଖିଥିଲେ। ଆୟୋଜିତ ପୁରସ୍କାର ବିତରଣ ସଭାରେ ଏସ୍‌ପି ମିଶ୍ରା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭିନ୍ନଭିନ୍ନ ପ୍ରତିଭା ରହିଛି। ଅନ୍ତର୍ନିତ ପ୍ରତିଭାକୁ ଚିହ୍ନଟ କରି ଏହାର ଉପଯୁକ୍ତ ବିକାଶ ନେଇ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକ ଯତ୍ନବାନ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ପରିଚାଳନ ଟ୍ରଷ୍ଟି ସମ୍ପାଦକ ରାଜ କିଶୋର ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇନଜୀବୀ ନିମାଇଁ ନାଏକ, ତାରାକାନ୍ତ ରକ୍ସା, ବେଣୁମାଧବ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଛାତ୍ରୀ ଶ୍ରୀ ବହିଦାର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ, ଶିକ୍ଷକ ଗୋପାଳ ପୁରୋହିତ ଧନ୍ୟବାଦ ଦେଇଥିଲେ । ଶିକ୍ଷକ ଅଶୋକ ପରଡ଼ା, ଦେବାଶୀଷ ଦାସଙ୍କ ସମେତ ସମସ୍ତ ଶିକ୍ଷକ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
ପ୍ରଧାନମନ୍ତ୍ରୀ ଯୋଜନା ଦ୍ୱାରା All India ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Sadhana - 8878040214
Priyanka - 7649016745
Manisha - 9753016278
Manasi - 8827505029
Sweta - 8963979286
Nidhi - 8878026907
Vasundhara Mall, West Boring Canal Rd, Rajapur, Patna, Bihar 800001

BUSINESS

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ASTROLOGY

FINANCE

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

NEW YEAR DHAMAKA
ହର୍ କଦମ ଆପକେ ସାଥ୍
ବଂଧନ ଋଣ 1993ରୁ ଆପଣଙ୍କର ସେବାରେ (NBFC Registered) କମ୍ପାନୀ ଦ୍ୱାରା ଏଜୁକେସନ୍ , ସମ୍ପତି, ପେ-ସ୍ଲିପ୍ ଗ୍ରୁପ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। (ଖର୍ଚ୍ଚ ଲୋନ ପାସ୍ ହେଲା ପରେ) 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
9520405151
9520334141

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

INDIAN TELICOM TOWER
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ 4G ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/ +୨୦ ବର୍ଷର ଏଗ୍ରୀମେଣ୍ଟ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7752975969

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନି ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ



### କନକତୁରା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ହେମଗିର,୨୦।୧୨(ଡି.ଏନ.ଏ.): କନକତୁରା ସରକାରୀ ଉଚ୍ଚ ବିଦ୍ୟାଳୟର ୬୯ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ କନକତୁରା କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ସ୍କୁଲର ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଉତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବିଧାୟିକା କୁସୁମ ଟେଟେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ସରପଞ୍ଚ କଳାବତୀ ମାଝି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର ଅର୍କ, ଯୋଗେଶ୍ୱର ମହନ୍ତ, ପୂର୍ବତନ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ପଧାନ, ପ୍ରମୋଦ ମିଶ୍ର, ସିଆର୍‌ସିସି ବିଷ୍ଣୁଚରଣ ପଟେଲ, ସୁଜିତ ପଟେଲ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ ମାର୍ଗ ଦର୍ଶନ କରିଥିଲେ। ଏପରି କି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ମିତ୍ରଭାନୁ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ତେଜରାମ ସାହୁ, ରୀତାରାନୀ ନାଏକ, ଯଜ୍ଞସେନୀ ସା, ଦୀପା ପୃଷ୍ଟେଠ, କବିତା ନାଏକ, ଭୁବନେଶ୍ୱରୀ ପଧାନ, କୈଳାଶ ପଟେଲ, ରାମଚନ୍ଦ୍ର ମହାରଣା ପ୍ରମୁଖ ସହଯୋଗ କରିଥିଲେ।

### ତୃତୀୟ ଫଗୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଟେନସା,୨୦।୧୨(ଡି.ଏନ୍.ଏ.): ସୁନ୍ଦରଗଡ ଜିଲା କୋଇଡା ବ୍ଲକ ଡେଙ୍ଗୁଲା ପଞ୍ଚାୟତ ବନ୍ଦଲ ଗ୍ରାମ ଖେଳ ପଡ଼ିଆରେ ତୃତୀୟ ଫଗୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ସନାତନ ସ୍ପୋର୍ଟିଂ କ୍ଲବ ଆୟୋଜିତ ଟୁର୍ନାମେଣ୍ଟରେ ବଣେଇ ଉପଖଣ୍ଡର ୩୨ଟି ଟିମ୍ ଭାଗ ନେଇଥିବା ଜଣାପଡ଼ିଛି। ଏହା ୩ ଦିନ ଚାଲିବ । ଶୁକ୍ରବାର ମ୍ୟାଚରେ ସନାତନ କ୍ଲବ ଓ ଓରାଓରି ଦଳ ମଧ୍ୟରେ ହୋଇଥିଲା। ଏଥିରେ ସନାତନ କ୍ଲବ ବିଜୟ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଚନ୍ଦ୍ରମଣୀ ନାଏକ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଖେଳକୁ ସଭାପତି ବୃନ୍ଦାବନ ନାଏକ, ଉପସଭାପତି ଡମ୍ବୁ ପାତ୍ର, ସମ୍ପାଦକ ଯୋଗେନ୍ଦ୍ର ନାଏକ, ରାଜେଶ ନାଏକଙ୍କ ସମେତ ସନାତନ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନା କରିଥିଲେ।

■ ନୂଆଗାଁ ବ୍ଲକରେ ତହସିଲ କାର୍ଯ୍ୟାଳୟ ଖୋଲିବା ପ୍ରସଙ୍ଗ

# ଅଟକିଛି ଫାଇଲ, ଆଗେଇପାରୁନି କାମ

ନୂଆଗାଁ,୨୦।୧୨ (ଡି.ଏନ.ଏ.)

ଓଡ଼ିଶାର ସମସ୍ତ ବ୍ଲକରେ ହେବ ତହସିଲ କାର୍ଯ୍ୟାଳୟ। ଜନସାଧାରଣଙ୍କୁ ଦୂରଦୂରାନ୍ତକୁ ଦୌଡିବାକୁ ପଡିବ ନାହିଁ। ପାଖରେ ସମସ୍ତ ସୁବିଧା ପାଇବେ ବୋଲି ରାଜ୍ୟ ସରକାର ଏଭଳି ଘୋଷଣା କରିଥିଲେ। ସରକାରଙ୍କ ଘୋଷଣା ମୁତାବକ ସୁନ୍ଦରଗଡ଼ ଜିଲାର ୧୬ଟି ବ୍ଲକରେ ତହସିଲ କାର୍ଯ୍ୟାଳୟ ଖୋଲାଯାଇଛି। ବର୍ତ୍ତମାନ ରାଉରକେଲା ଓ ବୀରମିତ୍ରପୁର ତହସିଲକୁ ମିଶାଇ ଜିଲାରେ ୧୮ଟି ତହସିଲ କାର୍ଯ୍ୟାଳୟ ରହିଛି। ହେଲେ ଆଦିବାସୀ ଅଧ୍ୟୁଷିତ ନୂଆଗାଁ ବ୍ଲକରେ ତହସିଲ କାର୍ଯ୍ୟାଳୟ ହୋଇପାରିନାହିଁ। ଏନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରଛନ୍ତି। ୧୯୮୨ରୁ ନୂଆଗାଁ ବ୍ଲକର ୨୦ଟି ପଞ୍ଚାୟତର ଲୋକେ ବୀରମିତ୍ରପୁର ତହସିଲ କାର୍ଯ୍ୟାଳୟ ଉପରେ ନିର୍ଭର କରିଆସୁଛନ୍ତି। ନୂଆଗାଁ ବ୍ଲକର ୪ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ(ଆରଆଇ ସର୍କଲ) ଓ ବୀରମିତ୍ରପୁର ବ୍ଲକର ୩ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ (ଆରଆଇ ସର୍କଲ)ମୋଟ ୭ଟି ଆରଆଇ ସର୍କଲକୁ ନେଇ ଗଠିତ ହୋଇଛି ବୀରମିତ୍ରପୁର ତହସିଲ କାର୍ଯ୍ୟାଳୟ । ଏହା ସୁନ୍ଦରଗଡ଼ ଜିଲାର ସବୁଠୁ ବ୍ୟସ୍ତବହୁଳ ତହସିଲ ଭାବେ ଜଣାଶୁଣା। ତହସିଲରେ ବର୍ଷର ୧୨ ମାସ ଜମି ରେଜିଷ୍ଟ୍ରିରୁ ଆରମ୍ଭ କରି ଜମି ପଟ୍ଟା, ଜମି ଭାଗ, ବାସିନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ସହ ବିଭିନ୍ନ କାମ ହୋଇଥାଏ। ହେଲେ କାର୍ଯ୍ୟାଳୟରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ଫଳରେ ନୂଆଗାଁ ବ୍ଲକ ଅଞ୍ଚଳର ଜନସାଧାରଣ ତହସିଲ କାର୍ଯ୍ୟାଳୟରେ ବିଭିନ୍ନ କାମ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ହେଲେ ସରକାର ବୀରମିତ୍ରପୁର ତହସିଲର ଆଳ ଦେଖାଇ ନୂଆଗାଁ ବ୍ଲକରେ ତହସିଲ କାର୍ଯ୍ୟାଳୟ ଖୋଲାଯାଉ ନ ଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ନୂଆଗାଁ ବ୍ଲକରେ ୪ଟି ଆରଆଇ ସର୍କଲ ରହିଛି ଯଥା, ନୂଆଗାଁ, ହାତୀବାରି, ଖୁଣ୍ଟଗାଁ ଓ ସୋରଡା। ନୂଆଗାଁ ଆରଆଇ ସର୍କଲ ଅଧୀନରେ ୧୩ଟି ରାଜସ୍ୱ ଗ୍ରାମ ଥିବାବେଳେ ହାତୀବାରି ଅଧୀନରେ ୨୮ଟି, ଖୁଣ୍ଟଗାଁରେ ୩୫ଟି ଓ ସୋରଡାରେ ୩୧ଟି ରାଜସ୍ୱ ଗ୍ରାମ ରହିଛି। ଅର୍ଥାତ ୪ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ମୋଟ ୧୦୭ଟି ରାଜସ୍ୱ ଗ୍ରାମ ଥିବା ବେଳେ ୫୦୦ରୁ ଊର୍ଦ୍ଧ୍ୱ ଛୋଟ ବଡ ଗ୍ରାମ ରହିଛି । ଶତାଧିକ ଜନସାଧାରଣ ସମ୍ପୃକ୍ତ ଆର୍‌ଆଇ ସର୍କଲ ଅଧୀନରେ ରହିଛନ୍ତି। ଏପରି କି ନୂଆଗାଁ ବ୍ଲକର ଶତାଧିକ ଗ୍ରାମ ରହିଛ, ଯାହା ବୀରମିତ୍ରପୁରଠାରୁ ୪୦ରୁ ୫୦ କି.ମି. ଦୂର। ଏପରି ସ୍ଥଳେ ସମ୍ପୃକ୍ତ ଗ୍ରାମର ଜନସାଧାରଣ କିଭଳି ବୀରମିତ୍ରପୁର ତହସିଲ କାର୍ଯ୍ୟାଳୟକୁ ଯାଇ କାମ କରୁଥିବେ ତାହା ସହଜେ ଅନୁମେୟ। ଗୋଟିଏପଟେ ବୀରମିତ୍ରପୁର ତହସିଲରେ କର୍ମଚାରୀ ଅଭାବରୁ କାମଗୁଡିକ ଦୀର୍ଘ ଦିନ ଧରି ପଡିରହୁଛି। ଅନ୍ୟପକ୍ଷେ ବାସିନ୍ଦା କିମ୍ବା ଜାତିଗତ ପ୍ରମାଣପତ୍ର ପାଇବା ପାଇଁ ଲୋକଙ୍କୁ ମାସ ମାସ ଲାଗୁଛି। ଜମିପଟ୍ଟା ପାଇଁ ବର୍ଷ ବିତିଯାଉଛି। ଅନ୍ୟପକ୍ଷେ କେତେକ ଦଲାଲ କର୍ମଚାରୀଙ୍କୁ ହାତ କରି ଲୋକଙ୍କୁ ଲୁଟୁଥିବା ଅଭିଯୋଗ ହେଉଛି। ସରକାରୀ ସ୍ତରରେ ଅନ୍‌ଲାଇନ ବ୍ୟବସ୍ଥାରେ କାମ କରିବାକୁ କୁହାଯାଉଥିଲେ ହେଁ ତହସିଲ ଅଫିସ ନ ଗଲେ ବା ହାତଗୁଞ୍ଜା ନ ଦେଲେ ଫାଇଲ ଖୋଲୁନାହିଁ। ଦୀର୍ଘ ୩୬ ବର୍ଷ ହେଲା ଅଞ୍ଚଳବାସୀ ତହସିଲ କାର୍ଯ୍ୟାଳୟ ଖୋଲିବା ନେଇ ଲଢ଼େଇ କରୁଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା ଏହାର କୌଣସି ସୁଫଳ ପାଇପାରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ସବୁଠାରୁ ଉଦ୍‌ବେଗର ବିଷୟ ହେଲା ଜିଲାର ସବୁ ବ୍ଲକରେ ତହସିଲ କାର୍ଯ୍ୟାଳୟ ହୋଇଥିବା ବେଳେ ନୂଆଗାଁ ବ୍ଲକରେ କାହିଁକି ତହସିଲ କାର୍ଯ୍ୟାଳୟ ହୋଇପାରୁନାହିଁ ଏନେଇ ଜନସାଧାରଣ ପ୍ରଶ୍ନ କରିଛନ୍ତି। କାହା ସ୍ୱାର୍ଥରେ ନୂଆଗାଁ ବ୍ଲକ ବାଦ୍ ପଡିଛି, କେଉଁଠି ଅଟକି ରହିଛି ଫାଇଲ। ଏଭଳି ନାନା ପ୍ରଶ୍ନ ନେଇ ଉତ୍ତର ଖୋଜୁଛନ୍ତି ନୂଆଗାଁ ବ୍ଲକର ଜନସାଧାରଣ। ତୁରନ୍ତ ନୂଆଗାଁ ବ୍ଲକରେ ତହସିଲ କାର୍ଯ୍ୟାଳୟ ଖୋଲ ନ ଗଲେ ସରକାରଙ୍କ ଅବହେଳିତ କାର୍ଯ୍ୟକୁ ବିରୋଧ କରି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ଏମାନେ ଯାହା କୁହନ୍ତି...



"ନୂଆଗାଁ ବ୍ଲକରେ ତହସିଲ କାର୍ଯ୍ୟାଳୟ ଖୋଲିବା ନେଇ ପ୍ରାଥମିକସ୍ତରରେ କାମ ସରିଛି । ଏପରି କି ଜିଲାପାଳ ମଧ ଫାଇଲକୁ ସରକାରଙ୍କ ପାଖକୁ ପଠାଇଛନ୍ତି । ରାଜ୍ୟ ସରକାର ଚାହିଁଲେ ଖୁବ୍‌ଶୀଘ୍ର କାର୍ଯ୍ୟାଳୟ ହୋଇପାରିବ।

**ମଖଲୁ ଏକ୍କା, ଅଧ୍ୟକ୍ଷ, ନୂଆଗାଁ ବ୍ଲକ**



"ନୂଆଗାଁରେ ତହସିଲ କାର୍ଯ୍ୟାଳୟ ଖୋଲିବା ନେଇ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ସାକ୍ଷାତ କରି କହିଛି । ସେ ମଧ ପ୍ରତିଶ୍ରୁତି ଦେଇଛନ୍ତି । ଖୁବ୍‌ଶୀଘ୍ର ନୂଆଗାଁରେ ତହସିଲ କାର୍ଯ୍ୟାଳୟ ହେବ।

**ଏମ୍ମା ଏକ୍କା, ଅଧ୍ୟକ୍ଷା, ସୁନ୍ଦରଗଡ଼ ଜିଲା ପରିଷଦ**



"ନୂଆଗାଁରେ ତହସିଲ କାର୍ଯ୍ୟାଳୟ ଖୋଲିବା ନେଇ ବିଧାନସଭାରେ ପ୍ରଶ୍ନ ଉଠାଇଥିଲି। ଏନେଇ ରାଜ୍ୟ ସରକାରଙ୍କୁ ମଧ ଚିଠି ଲେଖିଛି। ଏପରି କି ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଜଣାଇଛି। ମନ୍ତ୍ରୀ ମଧ ପ୍ରତିଶ୍ରୁତି ଦେଇଛନ୍ତି। ଖୁବ୍‌ଶୀଘ୍ର ନୂଆଗାଁରେ ତହସିଲ କାର୍ଯ୍ୟାଳୟ ହେବ।

**ଶଙ୍କର ଓରାମ, ବିଧାୟକ, ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ**

■ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ

■ ଦୁର୍ଦ୍ଦଶା ଭୋଗୁଛନ୍ତି ୨୦ ପଞ୍ଚାୟତର ଜନସାଧାରଣ

### ବିଷ ପିଇ ଛାତ୍ରୀଙ୍କ ମୃତ୍ୟୁ

ବଡଗାଁ,୨୦।୧୨(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅନ୍ତର୍ଗତ କୁସୁମଡେଗି ନିକଟ ଟେଙ୍ଗରାବାହାଲ ଗ୍ରାମର ଜଣେ ନାବାଳିକା ଛାତ୍ରୀ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଛାତ୍ରୀଙ୍କ ସହ କୁତ୍ରା ଥାନା ଅନ୍ତର୍ଗତ ତୁରମୁର ଗ୍ରାମର ଜଣେ ଯୁବକଙ୍କ ସହିତ ସମ୍ପର୍କ ରହିଥିଲା । ଗୁରୁବାର ସେମାନେ କୁତ୍ରା ବସ୍‌ଷ୍ଟାଣ୍ଡରେ ସାକ୍ଷାତ ହୋଇଥିଲେ। ହେଲେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଛାତ୍ରୀ ଜଣକ ବିଷ ପିଇ ଦେଇଥିଲେ। ସ୍ଥାନୀୟ ଲୋକେ ଛାତ୍ରୀଙ୍କୁ ଉଦ୍ଧାର କରି କୁତ୍ରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ଆର୍‌ଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ଅବସ୍ଥାରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେ ସ୍ଥାନୀୟ ଏକ କଲେଜରେ ପାଠ ପଢୁଥିଲେ। ଏ ନେଇ ବଡ଼ଗାଁ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

### ପୋଖରୀରେ ବୁଡ଼ି ଯୁବକ ମୃତ

ବଡଗାଁ, ୨୦।୧୨ (ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅନ୍ତର୍ଗତ କଣ୍ଟିଆପୁରା ଗ୍ରାମ ପୋଖରୀରେ ବୁଡିଶୁକ୍ରବାର ମଧ୍ୟାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କଣ୍ଟିଆପୁରା ଗ୍ରାମର ରାମ କିଷାନ(୨୨)। ମିଳିଥିବା ସୂଚନା ମୁତାବକ, ରାମ ଗାଧୋଉଥିବା ବେଳେ ପୋଖରୀରେ ବୁଡି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷେ ରାମ ବାତ ରୋଗରେ ଆକ୍ରାନ୍ତ ଥିବା ଜଣାପଡିଛି।



କୋଇଡାରେ ନୂତନ ଭାବେ ଯୋଗଦେଇଥିବା ବିଡିଓ ପଲ୍ଲବୀରାଣୀ ରାଜଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଉଛି।

■ ନୂତନ ବିଡିଓଙ୍କ କୋଇଡାରେ ଯୋଗଦାନ

## ମିଳିମିଶି କାମ କଲେ ସମସ୍ୟା ଦୂର ହୋଇପାରିବ

ଟେନସା,୨୦।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକରେ ନୂତନ ବିଡିଓ ଭାବେ ପଲ୍ଲବୀରାଣୀ ରାଜ ଯୋଗଦେଇଛନ୍ତି। ଏହି ଅବସରରେ ବିଡିଓ ପଲ୍ଲବୀରାଣୀଙ୍କୁ ବ୍ଲକର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିପରି ପଲ୍ଲବୀରାଣୀଙ୍କୁ କୋଇଡା ପ୍ରେସକ୍ଲବ, ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, କୋଇଡା ନାଗରିକ ମଞ୍ଚ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଡିଓ ପଲ୍ଲବୀରାଣୀ ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକରେ ବିଡିଓ ଭାବେ କାର୍ଯ୍ୟରତ ଥିଲେ। କୋଇଡା ବ୍ଲକୁ ଆସି ସେ ଖୁସି ଥିବା କହିଛନ୍ତି। ଏପରି କି କୋଇଡା ଆଦିବାସୀ ଅଞ୍ଚଳ ହୋଇଥିବା ବେଳେ ଏଠାରେ ବିଭିନ୍ନ ସମସ୍ୟା ରହିଛି। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି ଯେ, କିଛି ବର୍ଷ ତଳେ କୋଇଡାରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରି ଆସୁଥିଲି। କୋଇଡାର ସମସ୍ୟା ଉପରେ ଅବଗତ ଅଛି। ସମସ୍ତେ ମିଳିମିଶି କାମ କଲେ ସମସ୍ୟା ଦୂର ହୋଇପାରିବ ବୋଲି ସେ କହିଛନ୍ତି।

### ବୋଲେରୋକୁ ଧକ୍କା ଦେଲା ଟ୍ରକ: ୩ ଆହତ

ଲହୁଣୀପଡ଼ା,୨୦।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ-ବାରସୁଆଁ ରାସ୍ତାର ଗିଙ୍ଗୋ ନିକଟରେ ଏକ ୧୨ ଚକିଆ ଟ୍ରକ ବୋଲେରୋ ଗାଡିକୁ ଧକ୍କା ଦେଇଥିଲା। ଫଳରେ ବୋଲେରୋରେ ଥିବା ୩ଜଣ ଆହତହୋଇ ରାଉରକେଲା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ସେମାନେ ହେଲେ ଅକ୍ଷୟ କୁମାର ମୁଣ୍ଡା (୨୫), ଅଭିନନ୍ଦନ ପାଣିଗ୍ରାହୀ (୩୦) ଓ ଦୋଳଗୋବିନ୍ଦ ସାହୁ (୩୮)। ମିଳିଥିବା ସୂଚନା ମୁତାବକ, କୋଇଡା ଅଞ୍ଚଳରୁ ଏକ ବୋଲେରୋ ଲହୁଣୀପଡ଼ା ଆସୁଥିଲା। ହେଲେ ଗିଙ୍ଗୋ ନିକଟରେ ବିପରିତ ଦିଗରୁ ଆସୁଥିବା ଏକ ଟ୍ରକ୍(ନଂ.ଓଡି ୧୪ ଏମ- ୬୧୨୩) ଭାରସାମ୍ୟ ହରାଇ ବୋଲେରୋ ଗାଡିକୁ ଧକ୍କା ଦେଇଥିଲା। ଫଳରେ ବୋଲେରୋ ଗାଡିରେ ଥିବା ଅକ୍ଷୟ, ଅଭିନନ୍ଦନ ଓ ଦୋଳଗୋବିନ୍ଦ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ଲହୁଣୀପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଓ ବୋଲେରୋକୁ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକ୍ଷମ ହେଲା ଟ୍ରୁନେଟ୍ ମେଶିନ

ଟେନସା,୨୦।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଆଦିବାସୀ ବଣ ପାହାଡ ଘେରା ଅଞ୍ଚଳ ଭାବେ ଜଣାଶୁଣା। ହେଲେ ଅଞ୍ଚଳରେ ଚିକିତ୍ସା କ୍ଷେତ୍ରରେ ଅତ୍ୟାଧୁନିକ ସୁବିଧା ସୁଯୋଗ ନ ଥିବାରୁ ଅଞ୍ଚଳବାସୀ କୌଣସି ରୋଗରେ ଆକ୍ରାନ୍ତ ହେଲେ ରାଉରକେଲା, ଯୋଡା, କଟକ ଆଦି ହସ୍ପିଟାଲକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରି ଖର୍ଚ୍ଚାନ୍ତ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସୁନ୍ଦରଗଡ ଜିଲାରେ ଥିବା ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତ୍ୟାଧୁନିକ ଟ୍ରୁନେଟ୍ ମେଶିନ ସ୍ଥାପିତ କରିଛନ୍ତି । ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସରୋଜ କୁମାର ମିଶ୍ର, ଜିଲା ଯକ୍ଷ୍ମା ଅଧିକାରୀ ଡା. ବୀରକିଶୋର ପଟେଲ ଓ ଜିଲା ଚିକିତ୍ସା ଆୟୋଜକ ଦୀନବନ୍ଧୁ ମହାକୁଡଙ୍କ ପ୍ରଚେଷ୍ଟାରେ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଏହି ଅତ୍ୟାଧୁନିକ ମେଶିନର କାର୍ଯ୍ୟକ୍ଷମ କରାଯାଇଛି । ଏହି ଟ୍ରୁନେଟ୍ ମେଶିନ ଦ୍ୱାରା ଯକ୍ଷ୍ମା ରୋଗ ସହିତ ଅନ୍ୟ ୨୮ଟି ରୋଗର ଚିହ୍ନଟ ହୋଇପାରିବ ବୋଲି କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ସନତ କୁମାର ପଶୁପାଳକ ସୂଚନା ଦେଇଛନ୍ତି। ଏପରି କି ଏହି ମେଶିନ କାର୍ଯ୍ୟକ୍ଷମ ହେବା ଦ୍ୱାରା କୋଇଡା ବ୍ଲକର ଜନସାଧାରଣ ଉପକୃତ ହୋଇପାରିବ ବୋଲି ଡା.ପଶୁପାଳକ କହିଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିବା ସହିତ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଏବଂ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ପଶୁପାଳକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିରେ ବିପିଏମ୍ ସୁକାନ୍ତ କୁମାର ନାଏକ, ହିମାଂଶୁ ଶେଖର ବାରିକ, ଲଳିତ କୁମାର ମହାନ୍ତ, ପାରିମୋହନ ନାଏକ ପ୍ରମୁଖ ଉପସ୍ଥିତ ରହି ଟ୍ରୁନେଟ୍ ମେଶିନର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।



କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟ୍ରୁନେଟ୍ ମେଶିନର କାର୍ଯ୍ୟକ୍ଷମ କରାଯାଉଛି।

■ ରାଜ୍ୟସ୍ତରୀୟ ସିପକ୍‌ଟାକ୍ର ଚାମ୍ପିୟନଶିପ୍

## ଗଞ୍ଜାମ ପୁରୁଷ, ଭଦ୍ରକ ମହିଳା ଚାମ୍ପିୟନ

ସୁନ୍ଦରଗଡ଼,୨୦।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଭବାନୀ ଭବନ ପଡ଼ିଆରେ ୨ଦିନ ଧରି ଚାଲିଥିବା ୨୧ତମ ରାଜ୍ୟସ୍ତରୀୟ ସିପ୍‌କଟାକ୍ର ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବର୍ଗରେ ଗଞ୍ଜାମ ଚାମ୍ପିୟନ ହୋଇଥିବା ବେଳେ କିଟ୍ ଦଳ ରନର୍ସଅପ ହୋଇଛି। ମହିଳା ବର୍ଗରେ ଭଦ୍ରକ ଦଳ ଚାମ୍ପିୟନ ହୋଇଥିବା ବେଳେ କଟକ ରନର୍ସଅପ୍ ହୋଇଛି। ଜିଲା ସିପକଟାକ୍ର ଓ ଆର୍‌କେ ସ୍ପୋର୍ଟ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ପ୍ରଥମ କରି ଆୟୋଜିତ ଏହି ପ୍ରତିଯୋଗିତାରେ ପୁରୁଷ ବର୍ଗରେ ୧୮ଟି ଜିଲା ଓ ମହିଳା ବର୍ଗରେ ୬ଟି ଜିଲାର ଦଳ ଅଂଶଗ୍ରହଣ କରିଥିଲେ। ଜିଲା ସିପକଟାକ୍ର ଆସୋସିଏଶନର ସଭାପତି ଅଜୟ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ବିଧାୟିକା କୁସୁମ ଟେଟେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହଦେବ ଖାଖା, ଗିରୀଶ ସାହୁ, ସୁରେନ୍ଦ୍ର ସ୍ୱର୍ଣ୍ଣବାର, ରାଜ୍ୟ ଉପସଭାପତି ଏମ୍‌ଡି ଗୁଲଫାମ୍, ରାଜ୍ୟ ସମ୍ପାଦକ ମନୋଜ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ବ୍ରଜମୋହନ ସାହୁ, ନୀରଜ ଅଗ୍ରୱାଲ ଯୋଗଦେଇଥିଲେ । ଜନାର୍ଦ୍ଦନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଅସୀମ ପଟେଲ, ବିମଳ ପଟେଲ, ରୂପକ ପ୍ରସାଦ, ସୁଶାନ୍ତ ଷଡଙ୍ଗୀ, ରଥ ଖାଲକୋ, ବିପିନ ବିଶି, ମନୋଜ ପୁରୋହିତ ପ୍ରମୁଖ ଚାମ୍ପିୟନଶିପ୍ ପରିଚାଳନାରେ ସହଯୋଗ କରିଥିଲେ।




ବିଧାୟିକା କୁସୁମ ଟେଟେ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

■ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବି

## କାରଖାନା ସମ୍ମୁଖରେ ମୃତଦେହ ରଖି ବିକ୍ଷୋଭ

ଲହୁଣୀପଡ଼ା,୨୦।୧୨(ଡି.ଏନ.ଏ.)

ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅଧୀନ ଗମଲେଇ ଗ୍ରାମସ୍ଥିତ ମା' ମନୀଷା ସ୍ପଞ୍ଜ କାରଖାନା ମୁଖ୍ୟଫାଟକ ସମ୍ମୁଖରେ ଆନ୍ଦୋଳନକାରୀମାନେ ମୃତଦେହ ରଖି ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କାରଖାନା ପକ୍ଷରୁ ପରିବାରରେ ଜଣକୁ ଚାକିରି ଏବଂ ମୃତଦେହ ଦାହ ଖର୍ଚ୍ଚ ଦେବାନେଇ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମିଳିଥିବା ସୂଚନା ମୁତାବକ, ଲହୁଣୀପଡ଼ା ଥାନା ଅନ୍ତର୍ଗତ ଗମଲେଇସ୍ଥିତ ମା' ମନିସା ସ୍ପଞ୍ଜ କାରଖାନାର କେତେଜଣ କର୍ମଚାରୀ ବଣେଇରେ ରହୁଛନ୍ତି । କର୍ମଚାରୀମାନଙ୍କୁ ନେବା ଆଣିବା ନେଇ କାରଖାନା ପକ୍ଷରୁ ଏକ ଟାଟା ମ୍ୟାଜିକ ନିୟୋଜିତ ହୋଇଥିଲା। ଏଥିରେ ଗାଡି ଚାଳକ ଭାବେ ଗମଲେଇର ନିର୍ମଳ କିଷାନ(୨୬) ନିୟୋଜିତ ହୋଇଥିଲେ। ଗତ ସୋମବାର ରାତ୍ରି ପ୍ରାୟ ୧୦ଟାରେ ନିର୍ମଳ ଟାଟା ମ୍ୟାଜିକରେ କର୍ମଚାରୀଙ୍କୁ ଧରି କାରଖାନକୁ ଆସୁଥିଲେ। ହେଲେ ବଣେଇ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ନରେନ୍ଦ୍ର ନିକଟରେ ଏକ ଲୁହାପଥର ବୋଝେଇ ଟିପ୍ପର(ନଂ.ଓଆର ୧୪କ୍ୟୁ-୯୨୦୩) ଟାଟା ମ୍ୟାଜିକକୁ ଧକ୍କା ଦେଇଥିଲା । ଫଳରେ ଗାଡି ଚାଳକଙ୍କ ସହ ୫ଜଣ କର୍ମଚାରୀ ଆହତ ହୋଇଥିଲେ। ସେମାନଙ୍କୁ ବଣେଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ରାଉରକେଲା ଅଣାଯାଇଥିଲା। ହେଲେ ନିର୍ମଳଙ୍କ ଅବସ୍ଥା ସଂଙ୍କଟାପନ୍ନ ହେବାକୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ଗୁରୁବାର ନିର୍ମଳଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ମୃତଦେହ ଧରି କାରଖାନା ସମ୍ମୁଖରେ ପହଞ୍ଚିଥିଲେ। ପରେ ମୁଖ୍ୟ ଫାଟକ ସମ୍ମୁଖରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ପାଇ ଲହୁଣୀପଡ଼ା ଥାନା ପୋଲିସ ପହଞ୍ଚି ବିକ୍ଷୋଭକାରୀଙ୍କ ସହିତ ଆଲୋଚନା କରିଥିଲା। ବିକ୍ଷୋଭକାରୀ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ମୃତଦେହ ଉଠିବ ନାହିଁ ବୋଲି ଜିଦ୍ ଧରି ବସିଥିଲେ। ପରେ ତ୍ରିପାକ୍ଷିକ ଆଲୋଚନା ପରେ ମୃତଦେହ ଦାହ ପାଇଁ ନଗଦ ୨୦ ହଜାର ଟଙ୍କା ସହ ପରିବାରର ଜଣଙ୍କୁ ଚାକିରି ଏବଂ ପର୍ଯ୍ୟାୟ କ୍ରମେ ୫ ଲକ୍ଷ ଟଙ୍କା କ୍ଷତିପୂରଣ ସମେତ ବୀମା ରାଶି ପାଇବାରେ ସମ୍ପୂର୍ଣ୍ଣ ସହାୟତା କରିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ବିକ୍ଷୋଭକାରୀମାନେ ଆନ୍ଦୋଳନରୁ ଓହରି ଥିଲେ।



ଆନ୍ଦୋଳନକାରୀମାନେ ମା' ମନୀଷା ସ୍ପଞ୍ଜ କାରଖାନା ମୁଖ୍ୟଫାଟକ ସମ୍ମୁଖରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### କୋଇଡ଼ାରେ ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିରୋଧ

**ଟେନ୍‌ସା,୨୦।୧୨(ଡି.ଏନ.ଏ):** ସୁନ୍ଦରଗଡ ଜିଲା କୋଇଡା ବ୍ଲକ ସମୁଖରେ ସିଆଇଟିୟୁ ଓ କୋଇଡା ମୁସଲିମ ସଂଘ ପକ୍ଷରୁ ନାଗରିକ ସଂଶୋଧନ ବିଲ୍‌କୁ ଶୁକ୍ରବାର ବିରୋଧ କରାଯାଇଥିଲା। ଏପରି କି ସଂଘ କର୍ମକର୍ତ୍ତା କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ କର୍ମକର୍ତ୍ତାମାନେ ନାଗରିକ ସଂଶୋଧନ ବିଲକୁ କେନ୍ଦ୍ର ସରକାର ଫେରାଇ ନେବାକୁ ଦାବି କରିଥିଲେ। ଏପରି କି ବିଡିଓ ପଲ୍ଲବୀରାଣୀ ରାଜଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରତିବାଦ ସଭାରେ ସିଆଇଟିୟୁ ବ୍ଲକ ସଭାପତି ପ୍ରଭାତ ପଣ୍ଡା, ଅଶୋକ ସାମଲ, ବାଦଲ ବାରିକ, ସନ୍ତୋଷ ସିଂଙ୍କ ସମେତ କୋଇଡା ମୁସଲିମ ସଂଘର ସଭାପତି ଅବଦୁଲ ବାରି, ଜେବା ଖାନଙ୍କ ସମେତ ଶତାଧିକ ମୁସଲାମ ଭାଇ ଭଉଣୀ ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ

# ଆମ୍ବେଡକର ଛକରେ ଧାରଣା, ବିକ୍ଷୋଭ

**ରାଉରକେଲା ଅଫିସ,୨୦।୧୨**

କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତି ବିରୁଦ୍ଧରେ ଶୁକ୍ରବାର ରାଉରକେଲା ଯୁବ କଂଗ୍ରେସ ପକ୍ଷରୁ ଉଦିତନଗର ଆମ୍ବେଡକର ଛକରେ ଧାରା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଯୁବ କଂଗ୍ରେସ ସଭାପତି ପ୍ରବୋଧ ଦାସଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ସରକାରଙ୍କ ଏଭଳି ଦେଶ ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ଏଥିରେ ଉପସ୍ଥିତ ନେତୃମଣ୍ଡଳୀ କହିଥିଲେ, ଧର୍ମୀୟ ଆଧାରରେ ନାଗରିକତା ଆଇନ ସଂଶୋଧନ କରାଯିବା ଆଦୌ ଉଚିତ ନୁହେଁ। ଭାଜପା ସରକାର ନିଜ ମନ୍ଦ ଉଦ୍ଦେଶ୍ୟ ପୂରଣ ପାଇଁ ଏଭଳି ଆଇନ ଆଣିଛନ୍ତି ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ଦେଶବାସୀଙ୍କୁ ବିଭ୍ରାନ୍ତ କରି ନିଜ ଉଦ୍ଦେଶ୍ୟ ସାଧନ ନିମନ୍ତେ ମୋଦି ସରକାର ଏଭଳି ଜନବିରୋଧୀ ନୀତିକୁ ଦେଶବାସୀଙ୍କ ଉପରେ ଲଦି ଦେବାକୁ ବସିଛନ୍ତି। ଏହାକୁ କଦାଚିତ ବରଦାସ୍ତ କରାଯିବନି ବୋଲି ଚେତାବନୀ ଦିଆଯାଇଥିଲା। ଏହାକୁ ବିରୋଧ କରି ଦେଶର




ଯୁବ କଂଗ୍ରେସ କର୍ମକର୍ତ୍ତା ଧାରଣାରେ ବସିଛନ୍ତି ।

୩୨ଟିରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ଦୋଳନ ଆରମ୍ଭ କରାଯାଇଛି। ଏହା ସତ୍ତ୍ୱେ ମୋଦିଙ୍କ ନିଦ୍ରା ଭଙ୍ଗ ହେଉନାହିଁ। ଦେଶରେ ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟି ହୋଇଛି । ସରକାର ଏହାକୁ ସୁଧାରିବା ପରିବର୍ତ୍ତେ ଦେଶବାସୀଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଏହା କେବେ ଫଳପ୍ରସୂ ହେବ ନାହିଁ ବୋଲି ଏଥିରେ କୁହାଯାଇଥିଲା। ସ୍ୱାଧୀନତା ପରେ ଯେଉଁ ସମ୍ବିଧାନକୁ ଆଧାର କରି ଦେଶ ଶାନ୍ତିଶୃଙ୍ଖଳାରେ ଆଗଉଥିଲା ତାକୁ ମୋଦି ପଣ୍ଡ କରିବାକୁ ବସିଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ନିଜ ଜିଦରୁ ମୋଦି ନ ଓହରିଲେ ତାଙ୍କୁ କଡା ଜବାବ ଦିଆଯିବ ବୋଲି ଯୁବ କଂଗ୍ରେସ ନେତାମାନେ କହିଥିଲେ । କ୍ଷମତା ଜାବୁଡି ଧରିବାକୁ ମୋଦି ସରକାର ଗୋଟିଏ ପରେ ଗୋଟିଏ ଭୁଲ କରି ଚାଲିଛନ୍ତି। ଏହାକୁ ଦେଶବାସୀ ସତର୍କତାର ସହ ପରଖୁଛନ୍ତି। ଯାହାର ଜବାବ କଡା ଭାଷାରେ ଦିଆଯିବ ବୋଲି କଂଗ୍ରେସ ନେତୃମଣ୍ଡଳୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ଯୁବ ନେତା ରୋହିତ ଯୋସେଫ ତିର୍କୀ, ପ୍ରଶାନ୍ତ ସେଠୀ, ପ୍ରସନ୍ନ ବଳିଆରସିଂ, ଶିବୁ ଦୀପ, ସୂର୍ଯ୍ୟକାନ୍ତ ବାରିକ, ବିଶ୍ୱରଞ୍ଜନ ରାଉତ, ବରିଷ୍ଠ ନେତା ବାଦଲ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

### ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟ ବାର୍ଷିକ ଉତ୍ସବ

# ଛାତ୍ର ଜୀବନ ସବୁବେଳେ ଅଭୁଲା

**ରାଉରକେଲା ଅଫିସ,୨୦।୧୨**

ବନ୍ଧମଣ୍ଡାଠାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଏହାର ୩୧ତମ ବାର୍ଷିକୋତ୍ସବ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ରେଳବାଇ ଅଧିକାରୀ ଗୌରବ ଲୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ, ଜୀବନର ଶୈକ୍ଷିକ ଯାତ୍ରା ଏକ ଅଭୁଲା ସ୍ମୃତି । ଏହା ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଓ ଅଭୁଲା ଅତୀତ ବୋଲି ସେ ମତ ପ୍ରକାଶ କରିଥିଲେ । ଏଣୁ ଏହାକୁ ଚିର ସ୍ମରଣୀୟ କରିବାକୁ ହେଲେ ସମସ୍ତଙ୍କ ସହ ସେୟାର କରିବା ଉଚିତ ହେବ । ଏହି ଯାତ୍ରାକୁ ଗୌରବମୟ କରିବାକୁ ହେଲେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସମସ୍ତ ଚେଷ୍ଟା ଅବ୍ୟାହତ ରହିବା ଆବଶ୍ୟକ। ଏ ଦିଗରେ ଛାତ୍ରୀଛାତ୍ର ଯତ୍ନବାନ ହେବାକୁ କୁମାର ପରାମର୍ଶ ପ୍ରଦାନ କରିଥିଲେ। ବିଦ୍ୟାଳୟ ଅଧକ୍ଷ ଅକ୍ଷୟ ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ, କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମଣିଷ କରି ଗଢିବାରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଆଗାମୀ ଦିନରେ ଏହି ଧାରା ଅବ୍ୟାହତ ରହିବ । ଏଥିରେ ସମସ୍ତେ ସହଯୋଗ କରିବାକୁ ସେ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଉପାଧକ୍ଷ ମିଲ୍ୟାନୀ କୁଜୁର ଓ ଡିଏନ ଜାରିକା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

### ବନ୍ଦ ହେଉଛି ବ୍ୟାଙ୍କ ଶାଖା

# କର୍ମଚାରୀ, ଗ୍ରାହକ ହଇରାଣ

**ରାଉରକେଲା ଅଫିସ, ୨୦।୧୨**

ରାଉରକେଲାରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ମନମାନି ଯୋଗୁ ଉଭୟ ଗ୍ରାହକ ଓ କର୍ମଚାରୀ ହନ୍ତସନ୍ତ ହେଉଛନ୍ତି। ନିକଟ ଅତୀତରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଭୁଲ ନିଷ୍ପତ୍ତି ଯୋଗୁ ଏହାର ୫ଟି ଶାଖା ବନ୍ଦ ହୋଇ ସାରିଲାଣି। ଆଗାମୀ ଦିନରେ ଆଉ ୨୪ଟି ଶାଖା ବନ୍ଦ ହେବାକୁ ଯାଉଛି। ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ରାଉରକେଲାର ଏକ ଘରୋଇ ହୋଟେଲରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ପୁଲିନ ମିଶ୍ର ଏଭଳି ଅଭିଯୋଗ କରିଛନ୍ତି ।

ସେ ଆହୁରି ଆଶଙ୍କା କରିଛନ୍ତି, ଡେଲି ମାର୍କେଟ ଶାଖାକୁ ଆସନ୍ତା ୨୭ରୁ ବନ୍ଦ କରିବାକୁ ମସୁଧା କରାଯାଇଛି । ସରକାର ବ୍ୟାଙ୍କ ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଘୋଷଣା କରୁଥିବା ବେଳେ ଏଠାରେ ଗୋଟିଏ ପରେ ଗୋଟିଏ ଶାଖା ବନ୍ଦ ହେବାରେ ଲାଗିଛି। ଏଭଳି ସ୍ଥିତିରେ କର୍ମଚାରୀଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି । କେଉଁ ପରିସ୍ଥିତିରେ ବ୍ୟାଙ୍କ ଶାଖା ବନ୍ଦ କରାଯାଉଛି ସେ ନେଇ ମଧ୍ୟ ସଠିକ ଉତ୍ତର ମିଳୁନି । ଏକଦା ଏହି ବ୍ୟାଙ୍କ ଲାଭାର୍ଜନ କରୁଥିବା ବେଳେ ପରିଚାଳନାଗତ ତ୍ରୁଟି ପାଇଁ ଏହା ଏବେ ବନ୍ଦ ହେବାକୁ ଯାଉଛି। ମିଶ୍ର କହିଥିଲେ, ଏଥିପାଇଁ କର୍ମଚାରୀ ଦାୟୀ ନୁହଁନ୍ତି । ସବୁମତେ କର୍ତ୍ତୃପକ୍ଷଙ୍କୁ ସହଯୋଗ ପାଇଁ ଆମେ ପ୍ରସ୍ତୁତ ଅଛୁ। ଏହା ସତ୍ତ୍ୱେ ବ୍ୟାଙ୍କ କର୍ତ୍ତୃପକ୍ଷ ନିଜ ନିଷ୍ପତ୍ତିରେ ଅଟଳ ରହିବା ଦୁଃଖଦାୟକ ଘଟଣା ବୋଲି ସେ ଅଭିଯୋଗ କରିଥିଲେ । ଗ୍ରାହକ ତଥା ବ୍ୟାଙ୍କ ଶୁଭେଚ୍ଛୁ ଚାହିଁଲେ ଏହି ବ୍ୟାଙ୍କ ପୂର୍ବପରି ତାର ହୃତ ଗୌରବ ଫେରି ପାଇବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଥିଲା। ଏଥିରେ ସଙ୍ଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଂଘ କର୍ମକର୍ତ୍ତା ।

# ସରକାରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ସୁନ୍ଦରଗଡ଼,୨୦।୧୨ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଶୁକ୍ରବାର ମହାବିଦ୍ୟାଳୟର ଅମୃତଲାଲ ନାୟାର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ସଦର ତହସିଲଦାର ଯୋଗେଶ୍ୱର ଭୋଇ ଯୋଗଦେଇ ପାଠପଢା ସହ କ୍ରୀଡ଼ାଭ୍ୟାସ ଦ୍ୱାରା ଶାରୀରିକ ତଥା ମାନସିକ ଶକ୍ତିର ବିକାଶ ଲାଭ କରି ଦେଶର ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ପୁରାତନ ଛାତ୍ର ସଂଘର ସଭାପତି ଡ.ଗୌରୀ ଶଙ୍କର ପଟେଲ, ପ୍ରଫୁଲ୍ଲ ସୁନାନୀ, ଅଜିତ ପ୍ରସାଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଡିସକସ, ସଟପୁଟ, ଜାଭଲିନ୍ ଥ୍ରୋ ଆଦି କ୍ରୀଡ଼ାରେ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ସଂସଦର ଉପସଭାପତି ପ୍ରାଧ୍ୟାପକ ବିଭୂତି ଭୂଷଣ ସାହୁ, ବରିଷ୍ଠ ପ୍ରାଧ୍ୟାପକ ଡ. ରାଧେଶ୍ୟାମ ଓତା, ଡ.ସୁଧୀର କୁମାର ଦାଶ, ଡ.ଜୟଶ୍ରୀ ଶୁକ୍ଳା, ଡ.କୁମୁଦିନୀ ରାଉତରାୟ, ଡ.ଲଳିତ ରଞ୍ଜନ ସାହୁ, ମହାବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପକ ମସିଦାସ ମିଞ୍ଜ, ସୌମ୍ୟ କୁମାର ବିଭାରଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପ୍ରତିଯୋଗିତାକୁ ପରିଚାଳନାରେ ସହଯୋଗ କରିଥିଲେ। ଜିଙ୍କହିନ୍ଦ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିପିନ କୁମାର ବିଶି କ୍ରୀଡ଼ା ପ୍ରତିଯୋଗିତାକୁ ସଞ୍ଚାଳନ କରିଥିଲେ। ପ୍ରତିଯୋଗିତାରେ ଯୁକ୍ତ ୨ସ୍ତରରେ ବାଳିକା ବର୍ଗରେ ସୁସ୍ମିତା ମାଝି, ବାଳକ ବର୍ଗରେ ସରୋଜ କୁମାର ସା, ଯୁକ୍ତ ୩, ବିଇଡି ଓ ସ୍ନାତକୋତ୍ତରସ୍ତରରେ ପୁରୁଷ ବର୍ଗରେ ପ୍ରଶାନ୍ତ ଲାକ୍ରା, ମହିଳା ବର୍ଗରେ ଆରତି ସା ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ।




ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।




ଜିଲା ପରିଷଦ ବୈଠକରେ ମଞ୍ଚାସୀନ ଅତିଥି ।

### ସୁନ୍ଦରଗଡ଼ ଜିଲା ପରିଷଦ ବୈଠକ

# ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ

**ରାଉରକେଲା ଅଫିସ,୨୦।୧୨**

ରାଉରକେଲା ମହାନଗର ନିଗମ ସମ୍ମିଳନୀ କକ୍ଷରେ ସୁନ୍ଦରଗଡ ଜିଲା ପରିଷଦ ବୈଠକ ଅଧ୍ୟକ୍ଷା ଏମ୍ମା ଏକ୍କାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ରାଉରକେଲା ବିଧାୟକ ସାରଦା ନାୟକ, ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ରାଜଗାଙ୍ଗପୁର ବିଧାୟକ ଡ ରାଜନ ଏକ୍କା, ତଳସରା ବିଧାୟକ ଭବାନୀ ଭୋଇ, ସୁନ୍ଦରଗଡ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ, ଜିଲାପାଳ ନିଖିଲ ପବନ କଲ୍ୟାଣ, ସଦର ବିଧାୟକ ପ୍ରତିନିଧି ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଡିଆରଡିଏ ପିଡି ଭୈରବ ସିଂ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲାର ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ଜଳସେଚନ, ପୂର୍ତ୍ତ ବିଭାଗର କାର୍ଯ୍ୟ ଅଗ୍ରଗତି ନେଇ ଆଲୋଚନା କରାଯାଇଥିଲା। ଅଧ୍ୟକ୍ଷା ଏକ୍କା ଜିଲାର ମିଶନ ସ୍କୁଲରେ ଶିକ୍ଷାଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବିତରଣ କରାଯାଉଥିବା ବେଳେ ପୋଷାକ ପ୍ରଦାନ କରାଯାଉନାହିଁ ବୋଲି କହିଥିଲେ। ସମସ୍ତ ସରକାରୀ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ଯୋଗାଇବା ଉପରେ ଗୁରୁତ୍ୱାରୋପ କରାଯାଇ ଥିଲା। ବିଦ୍ୟାଳୟ ବିଲ୍ ବକେୟା ସତ୍ତ୍ୱେ ବିଦ୍ୟୁତ୍ ସରବରାହ କିପରି ଅବ୍ୟାହତ ରହିବ ସେ ନେଇ ଆଲୋଚନା କରଯାଇଥିଲା। ଏହି ଅବସରରେ ରାଉରକେଲା ବିଧାୟକ ସାରଦା ନାୟକ କହିଥିଲେ, ବିଭିନ୍ନ ବେସରକାରୀ ବିଦ୍ୟାଳୟ କର୍ତ୍ତୃପକ୍ଷ ସରକାରଙ୍କ ନୀତି ନିୟମକୁ କିଭଳି ପାଳନ କରୁଛନ୍ତି ସେନେଇ ଏକ କମିଟି ଗଠନ ସହ ଏହାର ତଦାରଖ କରାଯିବା ଉଚିତ। ଏଥିରେ ଜିଲାର ସ୍ୱାସ୍ଥ୍ୟସେବା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ସମାନ ଭାବେ କୃଷି ନୀତିର ଉନ୍ନତି ପାଇଁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଥିଲା। ଏ ନେଇ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଜିଲା ପରିଷଦ ସଭ୍ୟ, ପଚାୟତ ସମିତି ଅଧ୍ୟକ୍ଷା ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ବିଶାଳ ବାଣିଜ୍ୟ ମେଳା ଉଦ୍‌ଘାଟିତ

**ରାଉରକେଲା ଅଫିସ,୨୦।୧୨**

ସେକ୍ଟର-୧୩ ମେଲଣ ପଡିଆରେ ବିଶାଳ ବାଣିଜ୍ୟ ମେଳା ବିଗ୍ ବଜାର ଗୁରୁବାର ଉଦଘାଟିତ ହୋଇଯାଇଛି। ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ହରି ରାଉତରାୟ, ଓକିଲ ସଂଘ ସଭାପତି ରମେଶ ବଳ ପ୍ରମୁଖ ଯୋଗଦେଇ ବ୍ୟବସାୟୀ ଓ ଗ୍ରାହକଙ୍କୁ ଉତ୍ସାହିତ କରିଥିଲେ। ଏହି ବାଣିଜ୍ୟ ମେଳା ଆସନ୍ତା ୨୯ରେ ଶେଷ ହେବ। ଏଥିରେ ମୋଟ ୩ ଶହ ଷ୍ଟଲ ଖୋଲା ଯାଇଛି। ଏଥିରେ ଅନେକ ରାଷ୍ଟ୍ରୀୟ, ଆନ୍ତଃରାଷ୍ଟ୍ରୀୟ ଖ୍ୟାତିସମ୍ପନ୍ନ କମ୍ପାନୀ ଏଥିରେ ଯୋଗ ଦେଇ ନିଜ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି କରୁଛନ୍ତି। ବିଭିନ୍ନ ମସଲା କମ୍ପାନୀ ସହ ଲଗେଜ କ୍ୟାରିୟର, ଇମ୍ପୋର୍ଟେଡ ଫର୍ନିଚର, ମାର୍ବଲ ପ୍ରସ୍ତୁତ ସାମଗ୍ରୀ, କମ୍ପ୍ୟୁଟର, ଲାଇଟିଂ, ଟିଭି, ଫ୍ରିଜ, କୁଏଲାରୀ ଆଦି ଅକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। ଏହି ଅବସରରେ ଅନେକ ଆକର୍ଷଣୀୟ ଅଫର ମଧ୍ୟ ମିଳୁଛି। କେବଳ ଏତିକି ନୁହେଁ ଏଥିରେ ଏକାଧିକ ବାଇକ୍ ଓ କାର୍ କମ୍ପାନୀ ଭାଗ ନେଇଛନ୍ତି। କେତକ କମ୍ପାନୀ ପକ୍ଷରୁ ଏକ୍ସଚେଞ୍ଜ ଅଫର ବ୍ୟବସ୍ଥା ମଧ୍ୟ ରହିଛି। ମେଳାରେ ହ୍ୟାଣ୍ଡଲୁମ କମ୍ପାନୀମାନେ ଯୋଗ ଦେଇ ଆକର୍ଷଣୀୟ ରିହାତି ଘୋଷଣା କରିଛନ୍ତି। ଏହି ମେଳା ସମ୍ପ୍ରତି ସହରବାସୀଙ୍କ ପାଇଁ ଆକର୍ଷଣ ସାଜିଛି।



ବାଣିଜ୍ୟ ମେଳାକୁ ଉଦ୍‌ଘାଟନ କରାଯାଉଛି ।